

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ମଇ ୨୦୨୫ ସଂସ୍କରଣ

IMAGE COURTESY : VECTEEZY.COM

କଥା ଓ କାହାଣୀ
ପଦ୍ୟ ଓ କବିତା
ହାସ୍ୟ ଓ ବ୍ୟଙ୍ଗ
ଇତିହାସ ଓ ପ୍ରବଂଧ
ଅନୁବାଦ ସାହିତ୍ୟ
ସମ୍ବଲପୁରୀ ଲେଖା
ଶିଶୁ କଥା
ଏବଂ
ଆହୁରି ଅନେକ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା ଓ ସଂପାଦକ, ଆହ୍ୱାନ ଇ-ପତ୍ରିକା

Magazine Downloaded from https://www.aahwaan.com

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା



**ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା**

ପ୍ରତିଷ୍ଠାତା - ସମ୍ପାଦକ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍

ଫ୍ଲାଟ୍ ସଂ: ୨୦୨, ଚିଦାନନ୍ଦ ଆବାସ, ବୀମା ନଗର, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ : ୯୦୪ ୦୯୮ ୫୪୬୩ | ଇମେଲ୍ : aahwaan@gmail.com


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସାର୍ବଜନୀନ ସ୍ପଷ୍ଟୀକରଣ

'ଆହ୍ୱାନ' ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ । ଲେଖା ପ୍ରକାଶନର ଅଧିକାର ସମ୍ପାଦକଙ୍କ ବିଚାର ଅଧୀନ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।




**ଅପରେସନ ସିନ୍ଦୂରର ସଫଳତା ପାଇଁ ଆହ୍ୱାନ ଓଡ଼ିଆ ପରିବାରର ସମସ୍ତ ସଦସ୍ୟଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା...**

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ସୂଚୀପତ୍ର


| | | |
|---|---|---|
| ସମ୍ପାଦକୀୟ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୧୦ |
| **ଗଳ୍ପ ବିଭାଗ** | | **୪୮** |
| ଅନେକ କଳାଛାଇ - ୨୭ | ଅଶୋକ ବିଶ୍ୱାଳ | ୪୯ |
| ନୀଳ ଆଖିର ମୋହ | ସୁନନ୍ଦା ମହାନ୍ତି | ୬୦ |
| ରାହା ଆଉ ସାହା | ଅଭିମନ୍ୟୁ ବେହେରା | ୬୫ |
| ମାଆ ମାନଙ୍କ ପାଇଁ ତିନୋଟି କ୍ଷୁଦ୍ର ଗଳ୍ପ | ସୁଧାଂଶୁ ଦ୍ୱିବେଦୀ | ୬୮ |
| ନିର୍ଜୀବ ସମୟ | ଭବାନୀ ଶଙ୍କର ଦାଶ | ୭୧ |
| ଏ ମୋତେ ଭୁଲିଯିବନି ତ ? | ସନ୍ତୋଷିନୀ ଦାଶ | ୭୬ |
| ସାହେବୀ ପନ୍ | ସୁନିଲ୍ କୁମାର ଅଗସ୍ତି | ୭୮ |
| **କବିତା ବିଭାଗ** | | **୮୯** |
| ଦେହାତୀତ | ଶିବନାରାୟଣ ଦାସ | ୯୦ |
| ସବୁଠି ସୁନ୍ଦରତା | କିରନ୍ ସ୍ୱାଇଁ | ୯୩ |
| ସନ୍ଧ୍ୟାସେ ସିନ୍ଦୂର | ଦଣ୍ଡାସି ପ୍ରଧାନ | ୯୪ |
| ସଂକ୍ଷେପରେ ମୋ ଗାଆଁ | ଲକ୍ଷ୍ମଣ ମହାନ୍ତି | ୯୬ |
| ଭାଗବତ ଜନ୍ମ | ବିଶ୍ୱ ରଞ୍ଜନ ମହାନ୍ତି | ୯୮ |
| କ୍ଷତାକ୍ତ ସିପାହୀ | ଅମୃତନାୟାରଣ ଶତପଥୀ | ୧୦୦ |
| ପ୍ରକୃତିର ତାଣ୍ଡବ | ଅଶୋକ କୁମାର ବାରୀକ | ୧୦୨ |
| ମମତାର ଅଖଣ୍ଡ ଡୋରି | ସଞ୍ଜୀବ କୁମାର ଦାସ | ୧୦୩ |


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com


| | | |
|---|---|---|
| ବନ୍ଧୁକ ମୁନରେ ସ୍ୱପ୍ନ ବୁଢୁଛି | ରଶ୍ମିରେଖା ସାହୁ | ୧୦୫ |
| ଉତ୍କଳ ଗୌରବ ମଧୁବାବୁ ସ୍ମୃତିରେ | ସ୍ନେହ ମିଶ୍ର | ୧୦୬ |
| ହୃଦୟ | ସରସ୍ୱତୀ ପଣ୍ଡା | ୧୦୮ |
| ଆଲୋ ସଖି ଆପଣା ମହତ ଆପେ ରଖି | ନିବେଦିତା ପଣ୍ଡା | ୧୧୦ |
| ଛାତିରେ ଲାଗିଛି ନିଆଁ | ସୁରେନ୍ଦ୍ର ନାଥ ଖଣ୍ଡୁଆଳ | ୧୧୨ |
| ଭୁଲି ଯିବନି ଏ ଦରଦୀ ବନ୍ଧୁକୁ | ବାସନ୍ତୀ ଲତା ଜେନା | ୧୧୪ |
| ଉତ୍କଳ ଗୌରବ ମଧୁସୂଦନ | ଡଃ ପ୍ରିୟଦର୍ଶିନୀ ମିଶ୍ର | ୧୧୬ |
| ମୋ ଗାଁ | ଅନଙ୍ଗ ପଟେଲ | ୧୧୮ |
| ଉତ୍କଳର ସ୍ୱାଭିମାନ | ମନ୍ଦାକିନୀ ପାଢ଼ୀ | ୧୧୯ |
| ଲଭିଛି ଉତ୍କଳ ସିଦ୍ଧି | ରଶ୍ମିତା ପାତ୍ର | ୧୨୦ |
| ମାଆ | ପ୍ରେମଲତା ଦେବୀ | ୧୨୨ |
| ମାଆ | ଋତୁ ମହାନ୍ତି | ୧୨୩ |
| ମାଆ | ଭାସ୍କର ରାଉତ | ୧୨୫ |
| ମାଆ | ଲକ୍ଷ୍ମୀ ବିଶ୍ୱାଳ | ୧୨୬ |
| ମାଆ | ଚନ୍ଦ୍ରକଳା ଦେବୀ | ୧୨୮ |
| ମାଆ | ନଳିନୀ ପ୍ରଭା ମିଶ୍ର | ୧୩୧ |
| ମୋ ମାଆ | କାହ୍ନୁ ଚରଣ ପାଣିଗ୍ରାହୀ | ୧୩୩ |
| ମାଆ | ସନ୍ତୋଷ କୁମାର ସାହୁ | ୧୩୪ |
| ମୋ ମାଆ | ରଞ୍ଜନ କୁମାର ମଲ୍ଲିକ | ୧୩୫ |
| ମାଆ | ରମେଶ ଟାକ୍ରୀ | ୧୩୬ |


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com


| | | |
|---|---|---|
| ମାଆ | ଡଃ ତାନଶ୍ରୀ ପାଣିଗ୍ରାହୀ | ୧୩୭ |
| ମାଆ | ଦେବେନ୍ଦ୍ର ନାୟକ | ୧୩୮ |
| ମାଆ | ସୁନିତା ମହାନ୍ତି | ୧୪୦ |
| ମାଆ | ରୀତାରାଣୀ ଦାଶ | ୧୪୨ |
| ମାଆ | କଳ୍ପନା ବିନ୍ଧାଣୀ | ୧୪୪ |
| ମାଆ | ରଶ୍ମିତା ନାୟକ | ୧୪୫ |
| ମାଆ | କଳ୍ପନା ରାୟ | ୧୪୭ |
| ମାଆ | ସଂଯୁକ୍ତା ସାହୁ | ୧୪୮ |
| ମାଆ | କବିତା ଦାଶ | ୧୫୦ |
| ମାଆ | ମନୋରମା ରାଉତରାୟ | ୧୫୧ |
| ମାଆର ବିକଳ୍ପ ନାହିଁ | ଛବିରାଣୀ ପତି | ୧୫୩ |
| ମମତାମୟୀ ବସୁମତୀ ମାଆ | ବେଣୁଧର ସୂତାର | ୧୫୪ |
| ପଚାକୁ ସୁହାଏ ନର୍ଦ୍ଦମାକୁଣ୍ଡ | ବିନୋଦିନୀ ଦାଶ | ୧୫୬ |
| ପଚାକୁ ସୁହାଏ ନର୍ଦ୍ଦମାକୁଣ୍ଡ | ଡଃ ନାରାୟଣ ଚନ୍ଦ୍ର ସେନାପତି | ୧୫୭ |
| ସ୍ୱର୍ଗଦ୍ୱାର | ଅଂଶୁମାନ ମହାପାତ୍ର | ୧୫୯ |
| ଅରଣ୍ୟକାଣ୍ଡରୁ ପଦେ.... | ରାମ ପ୍ରସାଦ ସିଂହ | ୧୬୦ |
| ଅକ୍ଷୟ ତୃତୀୟା | ପୁଷ୍ପଲତା ମିଶ୍ର | ୧୬୧ |
| ଜୀବନର ରାସ୍ତା ତ ସଂକ୍ଷିପ୍ତ | ବିଶ୍ୱନାଥ କର | ୧୬୨ |
| ସେତିକି ଥିଲା ସେ ବାଟ | ପୁରିତ ରଣା | ୧୬୪ |
| ଆରତୀ | ଆରତୀ ଗୌଡ଼ | ୧୬୬ |


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com


| | | |
|---|---|---|
| କାଳିଆ ରଜା | ନଳିନୀ ଦାଶ | ୧୬୭ |
| ଅଭିଯୋଗ | ଜିତେନ୍ଦ୍ର ସାହୁ | ୧୬୮ |
| ଭୂଲ | ନୂତନ କୁମାର ବେହେରା | ୧୭୦ |
| ନବଗୁଞ୍ଜର | ସ୍ନିଗ୍ଧାରାଣୀ ପଣ୍ଡା | ୧୭୨ |
| ପହିଲି ପ୍ରୀତିର ସ୍ପର୍ଶ | ଶୁଭସ୍ମିତା ପ୍ରଧାନ | ୧୭୪ |
| ବଦଲା ନିଅ | ଆକୁଳାନନ୍ଦ ପୃଷ୍ଟି | ୧୭୬ |
| ଇନ୍ଦ୍ରଧନୁ | ଅଭୟ କୁଣ୍ଡ | ୧୭୮ |
| ବୀର ଯବାନ | ସରୋଜ କୁମାର ସାହୁ | ୧୮୦ |
| କାଳବୈଶାଖୀ | ଆଶିଷ କୁମାର ସାହୁ | ୧୮୨ |
| ନିର୍ଦ୍ଧୟ | ଜୟନ୍ତ ଦାସ ପ୍ରଫୁଲ୍ଲ | ୧୮୩ |
| କା' ପାଇଁ ଲେଖିବି | ଦିବାକର ନାୟକ | ୧୮୪ |
| ସ୍ମୃତି | ମଧୁସ୍ମିତା ସାହୁ | ୧୮୫ |
| ସମାଜ | ଶିଳ୍ପାଲିପି ବେହେରା | ୧୮୭ |
| ପ୍ରତିହିଂସାର ନୂଆଫର୍ଦ୍ଦ | ସ୍ୱାଗତ ମିଶ୍ର | ୧୮୯ |
| ମୁଠାଏ ସ୍ୱପ୍ନଗୀତି | ସୁଜିତ କୁମାର ମିଶ୍ର | ୧୯୧ |
| ହେ ସମୟ ! | ନିରଞ୍ଜନ ସାହୁ | ୧୯୩ |
| ଅନୁଗାମିନୀ | ମନୋରଞ୍ଜନ ସୁରୁଜାଲ | ୧୯୪ |
| ଫୁଲ ନାଁ କୃଷ୍ଣଚୁଡ଼ା | ନୀଳମଣି ଚାନ୍ଦ | ୧୯୬ |
| ପ୍ରେମୀଙ୍କୁ ଜୁହାର | ଅଲେଖ ମେହେର | ୧୯୮ |
| ମାଆ ଦୁର୍ଗା | ସର୍ବେଶ୍ୱର ନନ୍ଦ | ୧୯୯ |


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com


| | | |
|---|---|---|
| ପାଦଚଲା ରାସ୍ତା | ଆଶୁତୋଷ ମେହେର | ୨୦୦ |
| ଅକୁହା ଯନ୍ତ୍ରଣା | ଗୁରୁ ଚରଣ ମହାକୁଡ଼ | ୨୦୨ |
| ସଂଘର୍ଷ ମୋର ପରିଚୟ | ପୂଜା ସା | ୨୦୪ |
| ଭୋକର ସନେଟ୍ | ମଧୁମିତା ମିଶ୍ର | ୨୦୬ |
| ସୁମତି ଦୁହିତା | ଗୋଲୋକବିହାରୀ ବେହେରା | ୨୦୭ |
| ଫଗୁଣ ଶେଷ ଚଇତ ଆସେ | ରାମ ଚନ୍ଦ୍ର ପ୍ରଧାନ | ୨୦୮ |
| ମଉଳା ଆଶା ସତେଜ ପ୍ରେମ | ସ୍ୱାତିଶ୍ରୀ ପରିଜା | ୨୦୯ |
| କହି ଜାଣିଲେ | ହରେରାମ ପଣ୍ଡା | ୨୧୧ |
| ହେ ମହାମାନବ | ବେଣୁଧର ସୁରୁଜାଳ | ୨୧୨ |
| ଆଜନ୍ମ ପ୍ରେମିକ | ସିଦ୍ଧେଶ୍ୱର ତ୍ରିପାଠୀ | ୨୧୪ |
| କଥା ସରେ | ବିନୟ କୁମାର ମିଶ୍ର | ୨୧୫ |
| କଳାଠାକୁର | ଅଭିଜ୍ଞାନ ମହାନ୍ତି | ୨୧୬ |
| ମୋର କଲିଜା ତୁ | ସନାତନ ମହାକୁଡ଼ | ୨୧୭ |
| ମୋର୍ ସୁନ୍ଦରୀ ମାଁ | ଅମରେସ୍ ଚନ୍ଦ୍ର ଭଇଁନା | ୨୧୮ |
| ପହେଲା ଦେଖା | ହରିଶ୍ ତାଣ୍ଡି | ୨୨୦ |
| ପ୍ରେମର୍ ବନ୍ଧନ୍ | ବବୁନ୍ ସାହୁ | ୨୨୨ |
| ଛି... ଛି... | ସୁନୀଲ କୁମାର ଅଗସ୍ତି | ୨୨୩ |


## ପ୍ରବନ୍ଧ ବିଭାଗ ୨୨୪


| | | |
|---|---|---|
| ନବ ଉତ୍କଳର ବିନ୍ଧାଣି ମହାରାଜା କୃଷ୍ଣଚନ୍ଦ୍ର ଗଜପତି | ନିହାର ରଞ୍ଜନ ସାବତ | ୨୨୫ |
| ପୁରୀର ରଥଯାତ୍ରା: ଜଗନ୍ନାଥଙ୍କର ମହା ଉତ୍ସବ | ଅଙ୍କିତ ସାହୁ | ୨୨୮ |


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com


| | | |
|---|---|---|
| ସାରଳା ମହାଭାରତରେ ଶିଳ୍ପ, ବାଣିଜ୍ୟ ଓ ସ୍ଥାପତ୍ୟ | ହିମାଦ୍ରି ତନୟା ମିଶ୍ର | ୨୩୧ |
| ଭ୍ରମଣ ସାହିତ୍ୟର ଜନକ - ରାହୁଲ ସାଂକୃତ୍ୟାୟନ | ଅସିତ ମହାନ୍ତି | ୨୪୯ |
| ଆତଙ୍କବାଦୀଙ୍କ ସମୂହ ବିନାଶ ଅପରିହାର୍ଯ୍ୟ | ଆଶୁତୋଷ ନାୟକ | ୨୫୩ |
| ହିନ୍ଦୁ ସମାଜ ଜାଗ୍ରତ ହୁଅ | ନିତ୍ୟ ରଞ୍ଜନ ନନ୍ଦ | ୨୬୦ |
| ପାକିସ୍ତାନକୁ ଧ୍ୱଂସ କରିବା କେମିତି ? | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୨୬୫ |
| ଉପାନ୍ତ ଅଞ୍ଚଳରେ ଶିକ୍ଷା ଓ ଜନଜାତି ସମ୍ପ୍ରଦାୟ | ଶଙ୍କର ବିଶ୍ୱାଳ | ୨୭୦ |
| ଅକ୍ଷିତୃତୀୟା | ବନ୍ଦନା ମହାପାତ୍ର | ୨୭୩ |
| ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନରେ ମଧୁବାବୁଙ୍କ ଭୂମିକା | ଚନ୍ଦ୍ରକଳା ଦେବୀ | ୨୭୫ |
| ପୁସ୍ତକ | ନଳିନୀ ପ୍ରଭା ମିଶ୍ର | ୨୭୯ |
| ପ୍ରାରବ୍ଧ | ପ୍ରେମଲତା ଦେବୀ | ୨୮୧ |
| ଲେଖକଙ୍କ ଦିନଚର୍ଯ୍ୟା | ମଧୁସ୍ମିତା ସାହୁ | ୨୮୫ |
| HOLY ହୋଲି ହୋରି | କୁଞ୍ଜବିହାରୀ ନାଏକ | ୨୮୮ |
| ନିର୍ଯାତିତ ଯୁବପୀଢ଼ି ଓ ସମାଜ | ଦେବାଶିଷ ମାଇତି | ୨୯୦ |
| **ବିଶେଷ ସୂଚନା** | | **୨୯୬** |


Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ସମ୍ପାଦକୀୟ



ନମସ୍କାର

ଆହ୍ୱାନ ଇ-ପତ୍ରିକାର ମଇ ୨୦୨୫ ସଂସ୍କରଣ ସହ ଅନେକ ଘଟଣା ଓ ଦୁର୍ଘଟଣାର ହିସାବ ନେଇ ମୁଁ ଆପଣଙ୍କ ସମ୍ମୁଖରେ ଉପସ୍ଥିତ । ଭାରତ ବର୍ତ୍ତମାନ ଏକ ଅପ୍ରତ୍ୟାଶିତ ପରିସ୍ଥିତିର ସମ୍ମୁଖୀନ ହୋଇଛି । ଅନାବଶ୍ୟକ ଭାବରେ ଭାରତ ଉପରେ ଯୁଦ୍ଧଭଳି ବିଭୀଷିକା ଥୋପି ଦିଆଯାଇଛି । ସାଂପ୍ରତିକ ସମୟରେ ଭାଜପା ସମର୍ଥିତ ଭାରତ ସରକାର ଅତି ସମ୍ଭ୍ରମତାର ସହ ଏହି ପରିସ୍ଥିତିକୁ ସମ୍ମୁଖୀନ ହେଉଛନ୍ତି । ଏହାକୁ ନେଇ ସମଗ୍ର ଦେଶରେ ଏକ ଜଟିଳ ପରିସ୍ଥିତି ସୃଷ୍ଟି ହୋଇଛି । ଆଶା କରୁଛି ଏହି ଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଆମେ ଆମ ସରକାରଙ୍କୁ ସମର୍ଥନ ଦେବା କାରଣ ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରିୟସି ।

ଗତ ମାସ ବାଇଶି ତାରିଖ ଦିନ କାଶ୍ମୀର ଉପତ୍ୟାକାର ପହଲଗାଓଁ ନାମକ ଏକ ପର୍ଯ୍ୟଟନ ସ୍ଥଳରେ ପାକିସ୍ତାନ ସମର୍ଥିତ ଆତଙ୍କବାଦୀମାନେ ଉପସ୍ଥିତ ପର୍ଯଟକମାନଙ୍କୁ ନାମ ଓ ଧର୍ମ ପଚାରିବା ପରେ ଗଣ ସଂହାର କରିଥିଲେ । ଏହି ଆକ୍ରମଣରେ ଛବିଶି ଜଣ ଭାରତୀୟ ନାଗରିକ ମୃତ୍ୟୁବରଣ କରିଥିବା ବେଳେ ଉଗ୍ରବାଦୀମାନେ ମହିଳାମାନଙ୍କୁ ଛାଡ଼ିଦେଇଥିଲେ ଏବଂ କହିଥିଲେ ଯାଅ ମୋଦୀଙ୍କୁ କହିବ । ଏହିଭଳି ବର୍ବରକାଣ୍ଡ ପରେ ସମଗ୍ର ଦେଶରେ ଅପ୍ରତ୍ୟାଶିତ ଭାବରେ କ୍ରୋଧର ବାତାବରଣ ଦେଖା ଦେଇଥିଲା । ଅନେକ ବର୍ଷରେ ଭାରତରେ ଏହା ପ୍ରଥମ ଆତଙ୍କବାଦୀ ଆକ୍ରମଣ ଥିଲା ଯେଉଁଠି ନିରୀହ ଜନ ସାଧାରଣ ହତ୍ୟାର ଶୀକାର ହୋଇଥିଲେ । ଏହାପରେ କେନ୍ଦ୍ର ସରକାରଙ୍କ ଉପରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଚାପ ପଡ଼ିବାକୁ ଆରମ୍ଭ ହୋଇଥିଲା ଏହି ମାମଲାରେ ପ୍ରତିଶୋଧ ନେବାପାଇଁ ।

ଆଉ ନାହିଁ । ବହୁତ ହୋଇଗଲା । କେତେଦିନ ଆମେ ଏହି ସୀମାପାର ଆତଙ୍କବାଦର ଶୀକାର ହେଉଥିବା । ଏଥର କେବଳ ସର୍ଜିକାଲ୍ ଷ୍ଟ୍ରାଇକ୍ ହିଁ ଯଥେଷ୍ଟ ନଥିଲା । ଏହି ଘଟଣା ବର୍ତ୍ତମାନ ସୁଦ୍ଧା ମସ୍ତିଷ୍କର କେଉଁ ଏକ କୋଣରେ ବାରମ୍ବାର ଆଘାତ ଦେଉଛି । ପୁଣିଥରେ ଏହି ଘଟଣା ନବେ ଦଶକର ଭୟଙ୍କର ସ୍ଥିତିକୁ ସ୍ମୃତିରେ ଆନ୍ଦୋଳିତ କରିଦେଲା । ଏହା କଣ ସେ ଘଟଣାର ପୁନରାବୃତ୍ତି କି ? ପୁଣିଥରେ ସୁନ୍ଦର କାଶ୍ମୀର ଉପତ୍ୟକା ରକ୍ତରଞ୍ଜିତ ହୋଇ ଦେଶ ଦୁନିଆରୁ ବାସନ୍ଦ ହୋଇ ରହିବା ଅବସ୍ଥାକୁ ଆସିଯିବ ? କେଉଁମାନେ ଏହି କାଣ୍ଡ କରୁଛନ୍ତି ? କାଶ୍ମୀର ଉପତ୍ୟକାରେ ହେଉଥିବା ଉନ୍ନତି କେଉଁମାନଙ୍କୁ ବିବ୍ରତ କରୁଛି ? କାହିଁକି, ସେଠାକାର ଅଧିବାସୀ ମାନଙ୍କ ଉନ୍ନତି ସେମାନେ ଦେଖି ପାରୁନାହାନ୍ତି ? ଏଭଳି କିଛି ହୋଇପାରେ ବୋଲି ଦୁଇ ଦିନ ପୂର୍ବରୁ ଲାଗୁଥିଲା ।

ଦେଶ ବିରୋଧୀ ତତ୍ତ୍ୱମାନେ ସୁଦୂର ଆମେରିକାରେ ଏକତ୍ରିତ ହୋଇ ଚିନ୍ତନ ବୈଠକ କରିବାର ଅର୍ଥ କଣ ? ଭାରତରେ ଏମାନେ ଏକାଠି ହେବାରେ ଅସୁବିଧା କଣ ଥିଲା ? କାହିଁକି ଦେଶବିରୋଧି ମାନେ ବାରମ୍ବାର ବିଦେଶ ଗସ୍ତ କରୁଛନ୍ତି ? ଏହା ତଦନ୍ତ କରାଯିବା ଉଚିତ । ଯେତେଥର ବିଦେଶରେ ଏମାନଙ୍କର ମେଳି ହୋଇଛି ସେତେବେଳେ ଦେଶରେ କୌଣସି ନା କୌଣସି ଦୁର୍ଘଟଣା ଘଟିଛି । ଦେଶକୁ ଅପମାନିତ କରିବା ପାଇଁ ଏମାନେ କୌଣସି ସୁଯୋଗ ହାତଛଡ଼ା କରିନାହାନ୍ତି । ଗତକାଲିର ଘଟଣା ମଧ୍ୟ ସେମାନଙ୍କୁ ଆହୁରି ଉତ୍ସାହିତ କରିବ ଏହା କହିବା ପାଇଁ ଯେ ଭାରତରେ ସବୁକିଛି ଠିକ୍ ନାହିଁ । ସେମିତିରେ ବି ବିଶ୍ୱ ଦରବାରରେ ବର୍ତ୍ତମାନ ଭାରତର ଉନ୍ନତିରେ ଅନେକ ଦେଶ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଓ ସରକାର ଇର୍ଷ୍ୟାନ୍ୱିତ ହୋଇ ରହିଛନ୍ତି, ସେମାନଙ୍କ ପାଇଁ ଏହା ଗୋଟିଏ ସୁବର୍ଣ୍ଣସୁଯୋଗ, ଯେତେବେଳେ ସେମାନେ ଭାରତକୁ ବିଶ୍ୱ ପଟଳରେ ଅପମାନିତ କରିପାରିବେ ।

ଗତ କାଲିର ଘଟଣାକୁ ଅନୁଧ୍ୟାନ କଲେ ମନେ ହେଉଛି ଏହା ଏକ ସୁପରକଳ୍ପିତ ଷଡ଼ଯନ୍ତ୍ର । ଭାରତର ଆଭ୍ୟନ୍ତରୀଣ ଶାନ୍ତ ବାତାବରଣକୁ ଅଶାନ୍ତ କରିବା, ସର୍ବ ସାଧାରଣଙ୍କ ମନରେ ଭୟ ସୃଷ୍ଟି କରିବା । ଏହି ଘଟଣା ପରେ ନିଶ୍ଚୟ ଏହାର ପ୍ରଭାବ ସୁଦୂରପ୍ରସାରୀ ହେବ। ଧାରା ୩୭୦ ଉଚ୍ଛେଦ ହେବା ପରେ ଜମ୍ମୁ କାଶ୍ମୀରରେ ସ୍ଥାପିତ ହୋଇଥିବା ଶାନ୍ତି ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ କଳୁଷିତ ହୋଇଛି । ବିଗତ କିଛି ବର୍ଷରେ କାଶ୍ମୀରରେ ଦେଖା ଦେଇଥିବା ପର୍ଯ୍ୟଟନର ଉନ୍ନତି ବର୍ତ୍ତମାନ ସ୍ଥାଣୁ ପାଲଟି ଯିବ । ଏବେ ସେଠାକୁ ଯିବାକୁ ଲୋକମାନେ ଭୟ କରିବେ ଏବଂ ଏହା ସ୍ୱାଭାବିକ ମଧ୍ୟ ।

ଏହିଭଳି ଘଟଣାରେ ଅତି ସହଜରେ ଆମେ ପଡୋଶୀ ଦେଶକୁ ଦୋଷୀ ସାବ୍ୟସ୍ତ କରିଦେଇ ଶାନ୍ତିରେ ରହିଯାଉ। ହେଲେ ଆମେ ଭୁଲିଯାଉ ଯେ ଏହିଭଳି ଆକ୍ରମଣ କରୁଥିବା ଆତଂକବାଦୀଂକୁ ଶରଣ କିଏ ଦେଉଛି ? ଆକ୍ରମଣ ପରେ ସେମାନେ ଉଭାନ ହେଇ ଯାଉଛନ୍ତି କିପରି ? ଆକ୍ରମଣ କାଳରେ ସେମାନେ କେଉଁଠି ଅବସ୍ଥାନ କରୁଥିଲେ ? ବର୍ତ୍ତମାନର ସରକାରଙ୍କ କାର୍ଯ୍ୟକାଳରେ ସୀମାର ସୁରକ୍ଷା କଡାକଡି ଭାବରେ ପାଳନ ହେଉଛି, ତେଣୁ ଏହି କଥା ସ୍ୱାଭାବିକ ଯେ ଆକ୍ରମଣକାରୀ ଦେଶ ବାହାରୁ ଆସିବା ସମ୍ଭବ ନୁହେଁ । ଅର୍ଥାତ୍ ସେମାନେ ସ୍ଥାନୀୟ ଅଧିବାସୀ ହୋଇପାରନ୍ତି। ସେମାନଙ୍କୁ ହାତହତିଆର କିଏ ଦେଲା ? ସେ ସବୁ କୋଉଠି ଥିଲା ? ବାହ୍ୟ ପ୍ରଭାବ ଅପେକ୍ଷା ଆଭ୍ୟନ୍ତରୀଣ ପ୍ରଭାବ ଏହି କ୍ଷେତ୍ରରେ ସ୍ପଷ୍ଟ ଭାବରେ ଅନୁମେୟ ହେଉଛି । ଘର ଭିତରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହିଁ କିଛି ଅରାଜକତା ସୃଷ୍ଟି କରୁଥିବା ତତ୍ତ୍ୱ ରହିଛନ୍ତି ।

ଏହିଭଳି ଘଟଣା ଆମ ଦେଶରେ ପ୍ରଥମ ଥର ହୋଇନାହିଁ । ଏହାର ଅନେକ ଉଦାହରଣ ଆଗରୁ ମଧ୍ୟ ଦେଖିବାକୁ ମିଳିଛି । ନବେ ଦଶକରେ କାଶ୍ମୀର ଉପତ୍ୟକାରେ ହୋଇଥିବା ନରସଂହାର ପରେ ଆଉ କୌଣସି ସନ୍ଦେହ ରହିବା ଉଚିତ ନୁହେଁ ଯେ ଏହି ଘଟଣା ପଛରେ କେଉଁ ମାନଙ୍କ ପ୍ରତ୍ୟକ୍ଷ ଓ ପରୋକ୍ଷ ଭୂମିକା ରହିଛି ।

ବିଗତ ଦଶନ୍ଧିରେ ଜମ୍ମୁ କାଶ୍ମୀରରେ ଅପ୍ରତ୍ୟାଶିତ ଭାବରେ ପର୍ଯ୍ୟଟନର ଉନ୍ନତିକରଣ ହୋଇଛି । ଏହା ଅନେକ ସମୟରେ ଗଣମାଧ୍ୟମରେ ପ୍ରସାରିତ ଖବର ଦେଖି ଜାଣି ହେଉଥିଲା । ସ୍ଥାନୀୟ ବ୍ୟବସାୟୀମାନେ ବହୁତ ଲାଭ ପାଇଛନ୍ତି। କିନ୍ତୁ ପହଲଗାଓଁ ଭଳି ଘଟଣା ପରେ ପର୍ଯ୍ୟଟନକୁ ଯଥେଷ୍ଟ କ୍ଷତି ସହିବାକୁ ହେବ । ହୁଏତ ପୁଣିଥରେ କାଶ୍ମୀରରେ ପର୍ଯ୍ୟଟକ ପାଦ ଦେବାପାଇଁ ଯୁଗଟିଏ ଲାଗି ଯାଇପାରେ । ନିଜର ସ୍ଥିତିରେ ସୁଧାର ଦେଖୁଥିବା କାଶ୍ମୀରୀ ପରିବାରମାନେ ପୁଣି ଥରେ ଗରୀବିର ସମ୍ମୁଖୀନ ହେବେ।

ଏହି ଘଟଣା ଯେ କେବଳ ପର୍ଯ୍ୟଟନ କ୍ଷେତ୍ରକୁ ପ୍ରଭାବ କରିବ ତା ନୁହେଁ, ସମଗ୍ର ଦେଶରେ ସନ୍ଦେହ ନାମକ ବୀଜ ବୁଣି ହୋଇ ସାରିଲାଣି । ଏବେ ପ୍ରତି ମୁହୂର୍ତ୍ତରେ ଭୟର ବାତାବରଣ ମଧ୍ୟରେ ଲୋକମାନେ ଅସ୍ଥିର ହେବେ । କିଏ କେତେବେଳେ କାହିଁକି କାହାକୁ ହତ୍ୟା କରିବ ତାହା ଭୟ ସମସ୍ତଙ୍କ ମନରେ ରହିବ ।

ଏତେ ବଡ଼ ଘଟଣା ଏବେ ଘଟିବା ଆଶ୍ଚର୍ଯ୍ୟର ବିଷୟ ନ ହୋଇପାରେ । କାରଣ ଦେଶରେ ଆହୁରି ଅନେକ ଘଟଣା ଘଟିଛି ଯାହାକୁ ନେଇ ଜନଅସନ୍ତୋଷ ଦେଖାଦେଇଛି । ସେସବୁ ଘଟଣାଠାରୁ ଧ୍ୟାନ ହଟେଇବାକୁ ଏହି ଆକ୍ରମଣ କରାଯାଇ ନାହିଁ ତ ?

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପଶ୍ଚିମବଙ୍ଗରେ ମୁର୍ଶିଦାବାଦ ଦଙ୍ଗା ରାଷ୍ଟ୍ରୀୟ ସ୍ତରରେ ନିନ୍ଦିତ ହେଉଥିବା ବେଳେ ନ୍ୟାସନାଲ ହେରାଲାଡ ମାମଲା ପୁଣି ଖୋଲିବା, ବାଡ୍ରା ଜମି ଆବଣ୍ଟନ ମାମଲା ଏବଂ ବକଫ ବୋର୍ଡ ସମ୍ବନ୍ଧିତ ବିଲ ପାସ ହେବା ।  ଏହି ସବୁ ମାମଲାରୁ ଧ୍ୟାନ ହଟାଇବା ପାଇଁ ଏହି ଆକ୍ରମଣ କରାଯାଇ ନାହିଁ ତ ?

ଏବେ କିଛି ବୁଦ୍ଧିଜୀବି ମତ ଦେଲେଣି ଯେ କାଶ୍ମୀରକୁ ତ୍ୟାଗ କରିଦିଆଯାଉ । ଏହା କେବଳ ଭାରତକୁ କ୍ଷତ ହିଁ ଦେଉଛି । କଥା ତ ଠିକ୍ କିନ୍ତୁ ସେହିଭଳି କିଛି ହେବ ବୋଲି ଅତୀତରେ ପାକିସ୍ତାନ ଏବଂ ବଙ୍ଗଳାଦେଶ ଦିଆଯାଇଛି । ଏବେ କାଶ୍ମୀର ଆଉ ଆଗକୁ ପଶ୍ଚିମବଙ୍ଗ, କେରଳ ଏହିଭଳି କଣ ଭାରତକୁ ଆମେ ଖଣ୍ଡ ଖଣ୍ଡ ହେଉଥିବାର ଦେଖିବା ? ନା, ଏଥିପାଇଁ ଦୃଢ଼ ପଦକ୍ଷେପ ନେବାର ସମୟ ଆସିଛି । ଆମେ ସରକାରଙ୍କୁ ବାଧ୍ୟ କରିଦେବା । ସେମାନେ ଯେଉଁଭଳି ହେଉନା କାହିଁକି, କାଶ୍ମୀର ଏବଂ ଏହାର ସୀମାବର୍ତ୍ତି ଅଞ୍ଚଳମାନଙ୍କର ଚାଲୁଥିବା ଆତଙ୍କବାଦୀ ଶିବିର ମାନଙ୍କୁ ଧ୍ୱଂସ କରନ୍ତୁ ।

ସୋସିଆଲ୍ ମିଡ଼ିଆରେ କିଛି ବନ୍ଧୁ ମତ ଦେଇଛନ୍ତି ଯେ କାଶ୍ମୀରକୁ ଏକ ଘରିକିଆ କରାଯାଉ । ଅର୍ଥାତ କେହି ବି କାଶ୍ମୀର ବୁଲି ଯାଆନ୍ତୁ ନାହିଁ । କାରଣ ଯେଉଁଠି ମୃତ୍ୟୁ ଆପଣଙ୍କୁ ଛପି ରହି ଅପେକ୍ଷା କରିଛି ସେ ସ୍ଥାନକୁ ଯିବା ଆଦୌ ଆବଶ୍ୟକ ନାହିଁ ବୋଲି ଅନେକେ ମତ ଦେଇଛନ୍ତି । କଥା ହେଉଛି, କଣ ପ୍ରଥମ ଥର କାଶ୍ମୀରରେ ଏଭଳି ନରସଂହାର ହୋଇଛି କି ? ନବେ ଦଶକରେ ଯାହା ହୋଇଥିଲା ତା ପରେ ମଧ୍ୟ କାଶ୍ମୀରକୁ ଯେଉଁମାନେ ପର୍ଯ୍ୟଟନ ପାଇଁ ଯାଇଥିଲେ ସେମାନେ କେଉଁ ଆଶାରେ ଯାଇଥିଲେ । ସରକାର ଆମକୁ ଭରସା ଦିଆଇଥିଲେ ଯେ ବର୍ତ୍ତମାନ କାଶ୍ମୀର ଶାନ୍ତ । ତେଣୁ ଲୋକମାନେ ଯାଇଥିଲେ । ଏବେ ପୁଣି ଏହିଭଳି ଘଟଣାକ୍ରମ ପରେ ଆମେ ଯଦି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କହିବା ଯେ ଆମେ ଆଉ କାଶ୍ମୀର ବୁଲି ଯିବା ନାହିଁ ତା ହେଲେ ଏହା ବିଚ୍ଛିନ୍ନତାବାଦୀଙ୍କୁ ସୁହାଇବ । ସେମାନେ ତ ଚାହାନ୍ତି ନାହିଁ ଯେ କାଶ୍ମୀରକୁ କେହି ଆସୁ । ଏଠାରେ ବିଶାଳ ମଲ୍, ହୋଟେଲ୍ ଆଦି ଖୋଲୁ । ଏ ସବୁ ହେଲେ ସ୍ଥାନୀୟ ଲୋକମାନେ ଆୟ କରିବେ ଆଉ ବଞ୍ଚିବା ଶିଖିଯିବେ । ସେମାନେ ଆଉ ଭୟ ଦେଖେଇ ପାରିବେ ନାହିଁ । ତେଣୁ ଏହିଭଳି କାଣ୍ଡ କରି ସେମାନେ ଭୟଙ୍କର ବାତାବରଣ କରିଦେଲେ, କାଶ୍ମୀର ପୁଣିଥରେ ଦୁର୍ବଳ ହେବ । ଲୋକମାନେ ଆଉ ଯିବେ ନାହିଁ । ପୁଣିଥରେ ଗରିବୀ ଓ କ୍ଷୁଧା ପିଡ଼ିତ କାଶ୍ମୀରର ଛବି ସେମାନେ ବିଶ୍ୱ ପଟଳରେ ଦେଖାଇ ପାକିସ୍ତାନର ଛଦ୍ମଯୁଦ୍ଧକୁ ଅଧିକ ଶକ୍ତିଶାଳୀ କରିବେ । ବିଗତ ଦଶନ୍ଧିରେ କାଶ୍ମୀରରେ ହୋଇଥିବା ଉନ୍ନତି ସେମାନଙ୍କୁ ଦୁର୍ବଳ କରୁଥିଲା । ଏଣୁ ସେମାନେ ଏହିଭଳି କାଣ୍ଡ ଭିଆଇଛନ୍ତି । କିନ୍ତୁ ସତରେ ଚିନ୍ତା କରି ଦେଖନ୍ତୁ ଯଦି ଆପଣଙ୍କ ଛୁଟି ଦିନର ମୁହୂର୍ତ୍ତ ଏଭଳି କିଛି ଘଟଣାରେ ପରିବର୍ତ୍ତିତ ହୋଇଯାଏ, ତାହେଲେ, କାହିଁକି ବା କିଏ କାଶ୍ମୀର ଯିବ ! ଯଦି ସେଇ ବିଶାଳ ପାହାଡ଼ ପର୍ବତ, ଥଣ୍ଡା, ଝରଣା ଓ ହ୍ରଦ ଦେଖିବାର ଅଛି, ଏହିଭଳି ଅସଂଖ୍ୟ ସ୍ଥାନ ଭାରତରେ ରହିଛି, ସେ ସବୁ ସ୍ଥାନକୁ ବି ତ ଯାଇ ହେବ । ମୋତେ ମୋ ପ୍ରାଣ ଅଧିକ ପ୍ରିୟ, ତେଣୁ ଏହିଭଳି କୌଣସି ସ୍ଥାନକୁ ମୁଁ କିମ୍ବା ମୋ ପରିବାର କିମ୍ବା ପରିଜନ ବା ବନ୍ଧୁମାନଙ୍କୁ ଯିବାର ପରାମର୍ଶ ଦେଇ ପାରିବି ନାହିଁ ।

କିଛି ବିଶେଷଜ୍ଞ ମତ ଦେଇଛନ୍ତି ଯେ ଏହି ଆକ୍ରମଣ ସମ୍ଭବତଃ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦ୍ୱାରା ଜମ୍ମୁକାଶ୍ମୀରକୁ ସିଧା ସଳଖ ରେଳ ଚଳାଚଳର ଉନ୍ମୋଚନ କାର୍ଯ୍ୟକ୍ରମ ସମୟରେ ହେବାପାଇଁ ଯୋଜନା ହୋଇଥିଲା ଏବଂ ଠିକ୍ ଏହି ସମୟରେ ଆମେରିକାର ଉପରାଷ୍ଟ୍ରପତିଙ୍କ ଭାରତ ଭ୍ରମଣ କାର୍ଯ୍ୟକ୍ରମ ପାଇଁ ମୋଦୀଙ୍କ କାଶ୍ମୀର ଗସ୍ତ ବନ୍ଦ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କରିଦିଆଗଲା । ତେଣୁ ଯେଉଁ ଆତଙ୍କବାଦୀ ସେହି ଦିନପାଇଁ ନିଜକୁ ପ୍ରସ୍ତୁତ କରୁଥିଲେ ସେମାନେ ହି ନରସଂହାର କରିଛନ୍ତି । ଏହିଭଳି ହୋଇପାରେ, କାରଣ ସାଂପ୍ରତିକ ସମୟରେ ଭାରତ ଓ ମୋଦୀ ଏକ ଓ ଅଭିନ୍ନ ବୋଲି ବିଶ୍ୱ ସ୍ତରରେ ଜଣାଯାଆନ୍ତି । ଯଦି ମୋଦୀଙ୍କୁ ହଟେଇ ଦିଆଯାଏ ତା ହେଲେ ଭାରତର ଅସ୍ତିତ୍ୱ ଦୋଳାୟମାନ ହେବ, ଦେଶରେ ଅସ୍ଥିରତା ଦେଖାଦେବ ଏବଂ ବିଦେଶୀ ଶକ୍ତିମାନେ ଭାରତରେ ପୁଣିଥରେ ନିଜର କୁକର୍ମ ସବୁ କରି ପାରିବେ । ଯାହା ବି ହେଉ ଭାରତରେ ଶାନ୍ତି ରହିବାକୁ ହେବନାହିଁ ।

ପହଲଗାମ୍ ଆକ୍ରମଣ ପରେ ସୀମାରେ ଉତ୍ତେଜନା ବଢ଼ିଥିବାବେଳେ ସୁରକ୍ଷା ଦୃଷ୍ଟିରୁ କଶ୍ମୀର ଉପତ୍ୟକାର ୪୮ଟି ପର୍ଯ୍ୟଟନ ସ୍ଥଳକୁ ବନ୍ଦ କରିଦିଆଯାଇଛି । ଜାତିସଂଘରେ ଭାରତର ଉପ-ସ୍ଥାୟୀ ପ୍ରତିନିଧି (ଡିପିଆର) ଯୋଜନା ପଟେଲ ପାକିସ୍ତାନକୁ କଡ଼ା ସମାଲୋଚନା କରିଛନ୍ତି।  ସେ କହିଥିଲେ ଯେ ପାକିସ୍ତାନ ଏକ 'ଦୁଷ୍ଟ ଦେଶ' ଯାହା ଆତଙ୍କବାଦକୁ ଆଶ୍ରୟ ଦିଏ ଏବଂ ସମଗ୍ର ଅଞ୍ଚଳରେ ଅଶାନ୍ତି ସୃଷ୍ଟି କରେ।

ଯୋଜନା ପଟେଲ ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫଙ୍କ ସାମ୍ପ୍ରତିକ ସାକ୍ଷାତକାରର ମଧ୍ୟ ଉଲ୍ଲେଖ କରିଥିଲେ, ଯେଉଁଥିରେ ସେ ସ୍ୱୀକାର କରିଥିଲେ ଯେ ପାକିସ୍ତାନରେ ଆତଙ୍କବାଦକୁ ପ୍ରୋତ୍ସାହିତ କରାଯାଇଛି।  ପଟେଲ କହିଥିଲେ ଯେ ଯେତେବେଳେ ମନ୍ତ୍ରୀ ନିଜେ ଏହାକୁ ଗ୍ରହଣ କରୁଛନ୍ତି, ସେତେବେଳେ ଆଉ କିଛି କହିବାର ଆବଶ୍ୟକତା ନାହିଁ। ଏହା ପାକିସ୍ତାନ ନିଜକୁ ପ୍ରକାଶ କରୁଛି।

ଜାତିସଂଘର ଆତଙ୍କବାଦ ବିରୋଧୀ ବୈଠକରେ ଭାଷଣ ଦେଇ ଯୋଜନା ପଟେଲ କହିଛନ୍ତି, 'ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ ସ୍ୱୀକାର କରିଛନ୍ତି ଯେ ପାକିସ୍ତାନ ଆତଙ୍କବାଦୀଙ୍କୁ ତାଲିମ ଦିଏ ଏବଂ ସେମାନଙ୍କୁ ଟଙ୍କା ମଧ୍ୟ ଦିଏ । ଏହା ସ୍ପଷ୍ଟ କରେ ଯେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପାକିସ୍ତାନ ବିଶ୍ୱରେ ଆତଙ୍କବାଦ ବିସ୍ତାର କରୁଥିବା ଏକ ଦେଶ । ଏବେ ବିଶ୍ୱ ଏହି ବିପଦରୁ ମୁହଁ ଫେରାଇବା ଉଚିତ ନୁହେଁ ।’

ଯୋଜନା ପଟେଲ ୨୨ ଏପ୍ରିଲରେ ଜାତିସଂଘରେ ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପ୍ରସଙ୍ଗ ଉଠାଇଥିଲେ, ଯେଉଁଥିରେ ୨୬ ଜଣ ଲୋକ ପ୍ରାଣ ହରାଇଥିଲେ । ସେ କହିଥିଲେ ଯେ ଏହି ଆକ୍ରମଣ ୨୦୦୮ ମୁମ୍ବାଇ ଆକ୍ରମଣ ପରେ ଭାରତରେ ସବୁଠାରୁ ବଡ଼ ଆତଙ୍କବାଦୀ ଆକ୍ରମଣ, ଯେଉଁଥିରେ ସର୍ବାଧିକ ଲୋକଙ୍କ ଜୀବନ ଯାଇଥିଲା ।

ସେ କହିଛନ୍ତି ଯେ ଭାରତ ଦୀର୍ଘ ସମୟ ଧରି ସୀମାପାର ଆତଙ୍କବାଦର ଶିକାର ହୋଇଆସୁଛି ଏବଂ ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ନିଜେ ସ୍ୱୀକାର କରିଛନ୍ତି ଯେ ତାଙ୍କ ଦେଶରେ ଆତଙ୍କବାଦୀମାନଙ୍କୁ ତାଲିମ ଦିଆଯାଇଛି, ଏହା କିଛି ନୂଆ ନୁହେଁ, ପାକିସ୍ତାନ ପୂର୍ବରୁ ଏହା କରିଆସୁଛି ଏବଂ ଆଜି ମଧ୍ୟ କରୁଛି ।

ଜାତିସଂଘ ବୈଠକରେ, ପାକିସ୍ତାନର ନାମ ନ ନେଇ, ଯୋଜନା ପଟେଲ କହିଥିଲେ ଯେ ଏକ ଦେଶର ପ୍ରତିନିଧିମାନେ ଏହି ମଞ୍ଚର ଅପବ୍ୟବହାର କରିଛନ୍ତି ଏବଂ ଭାରତ ବିରୁଦ୍ଧରେ ମିଥ୍ୟା ଅଭିଯୋଗ ଆଣିଛନ୍ତି । ପହଲଗାମ ଆକ୍ରମଣ ପରେ ଭାରତକୁ ସମର୍ଥନ କରିବା ପାଇଁ ଯୋଜନା ପଟେଲ ଜାତିସଂଘ ଏବଂ ଅନ୍ୟାନ୍ୟ ଦେଶଗୁଡ଼ିକୁ ଧନ୍ୟବାଦ ଜଣାଇଛନ୍ତି । ସେ କହିଥିଲେ ଯେ ଭାରତ ଆତଙ୍କବାଦର ପୀଡିତମାନଙ୍କୁ କେବେ ଭୁଲିବ ନାହିଁ ଏବଂ ସେମାନଙ୍କୁ ନ୍ୟାୟ ଦେବା ପାଇଁ ଯଥାସମ୍ଭବ ପ୍ରୟାସ କରିବ ।

ଅପ୍ରେଲ ମାସର ଘଟଣା ପରେ ଭାରତ ସରକାର ଯେଉଁଭଳି ଭାବରେ ନିରବ ରହି ନିଜର ରଣନୀତି ପ୍ରସ୍ତୁତ କରୁଥିଲେ ତାହା ଉଭୟ ଦେଶ ଓ ବିଦେଶରେ ଅନେକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଲୋକଙ୍କୁ ଅସ୍ୱସ୍ତିକର ମନେ ହୋଇଥିଲା । ଲୋକମାନଙ୍କ ଦାବି ଦିନକୁ ଦିନ ପ୍ରବଳ ହେବାକୁ ଲାଗୁଥିଲା । ପ୍ରତିରକ୍ଷା ମନ୍ତ୍ରୀ, ଗୃହମନ୍ତ୍ରୀ ସମେତ ଖୋଦ୍ ପ୍ରଧାନମନ୍ତ୍ରୀ ମଧ୍ୟ ଭିନ୍ନ ଭିନ୍ନ ମଞ୍ଚରୁ ଆଶ୍ୱାସନା ଦେଇଥିଲେ ଯେ ଏହି ଘଟଣାର ପ୍ରତିଶୋଧ ନିଆଯିବ ଏବଂ ଲୋକମାନେ ଯେଉଁଭଳି ଆଶା କରୁଛନ୍ତି ସେହିଭଳି ହିଁ ନିଆଯିବ । ଯୁଦ୍ଧ ଅବଶ୍ୟମ୍ଭାବୀ ହୋଇ ପଡ଼ିଥିଲା । ପୁଣି ଭାରତର ଗଣମାଧ୍ୟମ ଏହି ଉତ୍ତେଜନାକୁ ନେଇ ନିଜର ଟିଆରପି ବଢ଼ାଇବାର ସୁବର୍ଣ୍ଣ ସୁଯୋଗ ମିଳିଗଲା ତେଣୁ ସେମାନେ ଏହିଭଳି ଉପସ୍ଥାପନ ସବୁ କରିବାକୁ ଲାଗିଲେ ଯେ ଲୋକମାନେ ଟିଭି ଆଗରୁ ଘୁଞ୍ଚିବାକୁ ମନ କରିଲେ ନାହିଁ ।

ଏହି ସମୟରେ ସୀମା ସେପାଖରେ ପାକିସ୍ତାନ ସରକାର ମଧ୍ୟ ଶ୍ୱାସ ରୋକି ଅପେକ୍ଷା କରିଥିଲେ, ଭାରତର ପରବର୍ତ୍ତି ପଦକ୍ଷେପ କେଉଁଭଳି ହେବ ବୋଲି । ଏହି ସମୟରେ ଭାରତ ସରକାର ପାକିସ୍ତାନ ବିରୁଦ୍ଧରେ ଏକ ଐତିହାସିକ ଓ କଡ଼ା ନିଷ୍ପତ୍ତି ଘୋଷଣା କରିଛନ୍ତି । ସମସ୍ତ ପାକିସ୍ତାନୀ ନାଗରିକଙ୍କ ଭିସା ରଦ୍ଦ କରାଯାଇଛି ଏବଂ ଆଗାମୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ନୂଆ ଭିସା ଜାରି ଉପରେ ରୋକ ଲଗାଯାଇଛି । ଭାରତରେ ରହୁଥିବା ସମସ୍ତ ପାକିସ୍ତାନୀ ନାଗରିକଙ୍କୁ ୪୮ ଘଣ୍ଟା ମଧ୍ୟରେ ଦେଶ ଛାଡ଼ିବାକୁ ନିର୍ଦ୍ଦେଶ ଦିଆଯାଇଛି । ଅଟାରୀ-ୱାଘା ସୀମା ବନ୍ଦ କରାଯାଇଛି, ୧୯୬୦ର ସିନ୍ଧୁ ଜଳ ଚୁକ୍ତିନାମା ସ୍ଥଗିତ ରଖାଯାଇଛି, ଏବଂ ଭାରତରେ ଥିବା ପାକିସ୍ତାନୀ ହାଇ କମିଶନର କାର୍ଯ୍ୟାଳୟର କାର୍ଯ୍ୟକଳାପକୁ ବନ୍ଦ କରାଯାଇଛି । ଏହା ସହିତ ପାକିସ୍ତାନୀ ଦୂତାବାସର କର୍ମଚାରୀ ସଂଖ୍ୟାକୁ ୫୫ରୁ ୩୦କୁ ହ୍ରାସ କରାଯାଇଛି । ସିନ୍ଧୁ ଜଳ ଚୁକ୍ତିନାମା ଅନୁସାରେ, ସିନ୍ଧୁ ନଦୀ ବ୍ୟବସ୍ଥାର ଜଳକୁ ଭାରତ ଓ ପାକିସ୍ତାନ ମଧ୍ୟରେ ନିର୍ଦ୍ଦିଷ୍ଟ ଅନୁପାତରେ ବଣ୍ଟନ କରାଯାଏ । ଏହି ଚୁକ୍ତିନାମା ଦୁଇ ଦେଶ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ସହଯୋଗର ପ୍ରତୀକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଥିଲା । ତେବେ, ପହଲଗାମ୍ ହମଲାରେ ଅନେକ ନିରୀହ ଲୋକଙ୍କ ଜୀବନ ହାନି ହେବା ପରେ ଭାରତ ଏହି ଚୁକ୍ତିନାମାକୁ ସ୍ଥଗିତ କରି ଆତଙ୍କବାଦ ବିରୁଦ୍ଧରେ କଡ଼ା ଆଭିମୁଖ୍ୟ ପ୍ରଦର୍ଶନ କରିଛି ।

ଅଟାରୀ-ୱାଗାହ ସୀମାରେ ଏକ ବଡ଼ କୂଟନୈତିକ ସଙ୍କଟ ଉପୁଜିଛି କାରଣ ପାକିସ୍ତାନ ଭାରତରୁ ଫେରାଇ ଆସୁଥିବା ନିଜ ନାଗରିକମାନଙ୍କୁ ଗ୍ରହଣ କରିବାକୁ ମନା କରିଛି । ଭାରତୀୟ ଇମିଗ୍ରେସନ ଅଧିକାରୀମାନେ ନିଶ୍ଚିତ କରିଛନ୍ତି ଯେ ପାକିସ୍ତାନ ଆଜି ସକାଳ ୮:୦୦ ଟାରୁ ନିଜର ଗ୍ରହଣ କାଉଣ୍ଟର ବନ୍ଦ କରି ଦେଇଛି, ଯାହାଫଳରେ ଡଜନ ଡଜନ ପାକିସ୍ତାନୀ ନାଗରିକ ସୀମାରେ ଅଟକି ରହିଛନ୍ତି ।

ସୂତ୍ରରୁ ଜଣାପଡ଼ିଛି ଯେ ପାକିସ୍ତାନୀ ନାଗରିକମାନେ — ବୃଦ୍ଧ, ମହିଳା ଓ ଶିଶୁଙ୍କୁ ମିଶାଇ — ଏବେ ଅସ୍ଥିର ଅବସ୍ଥାରେ ଅଛନ୍ତି, ସେମାନଙ୍କ ପାଇଁ କୌଣସି ଆଶ୍ରୟ, ଖାଦ୍ୟ କିମ୍ବା ସ୍ଥିତି ସମ୍ପର୍କରେ ସ୍ୱଷ୍ଟତା ନାହିଁ । ପାକିସ୍ତାନ ପକ୍ଷରୁ ହଠାତ୍ ଓ ଅଜଣା କାରଣରୁ ମନା କରାଯିବା ପରେ ଅଟାରୀ ପୋଷ୍ଟରେ ସୁରକ୍ଷା ବଢ଼ାଇ ଦିଆଯାଇଛି ।

ଏହି ଘଟଣା ସାମାଜିକ ଗଣମାଧ୍ୟମରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି, ଅନେକେ ଏହାକୁ ପାକିସ୍ତାନ ପାଇଁ ଲଜ୍ଜାଜନକ ବୋଲି କହୁଛନ୍ତି ।

ପାକିସ୍ତାନର ଅବସ୍ଥାନ ବିପରୀତେ, ଭାରତ ସରକାର ପାକିସ୍ତାନୀ ନାଗରିକମାନଙ୍କୁ ଅଟାରୀ-ୱାଗାହ ସୀମା ଦେଇ ଘରକୁ ଫେରିବାକୁ ଅନୁମତି ଦେଇଛନ୍ତି, ଯାହା ପରବର୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଜାରି ରହିବ । ଗୃହ ମନ୍ତ୍ରଣାଳୟର ସାମ୍ପ୍ରତିକ ଆଦେଶ ଏହାର ପୂର୍ବ ନିର୍ଦ୍ଦେଶକୁ ପରିବର୍ତ୍ତନ କରିଛି, ଯେଉଁଥିରେ ଏପ୍ରିଲ ୩୦ ତାରିଖରୁ ସୀମା ବନ୍ଦ କରିବାକୁ କୁହାଯାଇଥିଲା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପହଲଗାମ ଆକ୍ରମଣ ପରେ ଭାରତୀୟ ସେନା ସର୍ଚ୍ଚ ଅପରେଶନକୁ ଜୋରଦାର କରିଛି । ଏନଆଇଏ ମଧ୍ୟ ଜମ୍ମୁ ଏବଂ କାଶ୍ମୀର ପୋଲିସ ସହିତ ମିଶି ଆକ୍ରମଣର ତଦନ୍ତ ଆରମ୍ଭ କରିଥିଲା । ପହଲଗାମ ଆକ୍ରମଣରେ ଆତଙ୍କବାଦୀ ଆସିଫ ଶେଖ ଏବଂ ଆଦିଲ ଗୁରିଙ୍କ ନାମ ମଧ୍ୟ ସାମ୍ନାକୁ ଆସିଥିଲା । ପୋଲିସ ଆସିଫ ଏବଂ ଆଦିଲଙ୍କ ଘରକୁ ସର୍ଚ୍ଚ ଅପରେଶନ କରିବାକୁ ଯାଇଥିଲା । ଏହି ସମୟରେ ତାଙ୍କ ଘର ବିସ୍ଫୋରଣରେ ଉଡ଼ାଇ ଦିଆଯାଇଥିଲା । ତାଙ୍କ ଘରେ ମଧ୍ୟ ସନ୍ଦେହଜନକ ଜିନିଷ ଥିଲା ବୋଲି ପୋଲିସ କହିଛି ।

ପୁଲଓ୍ୱାମା ଏବଂ ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣ ପଛରେ ସରକାରଙ୍କ ଷଡ଼ଯନ୍ତ୍ର ରହିଥିବା ମନ୍ତବ୍ୟ ଦେଇ ଆସାମର ଏଆଇୟୁଡିଏଫ୍ ବିଧାୟକ ଅମିନୁଲ ଇସ୍‌ଲାମ ଗିରଫ ହୋଇଛନ୍ତି । ଉଭୟ ଆକ୍ରମଣ ପଛରେ ସରକାରଙ୍କ ଷଡ଼ଯନ୍ତ୍ର ଥିବା ଅମିନୁଲ କହିଥିଲେ । ଉକ୍ତ ମନ୍ତବ୍ୟର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଆସାମ ପୋଲିସ ନିଜଆଡ଼ୁ ମାମଲା ରୁଜୁ କରିବା ସହ ଅମିନୁଲଙ୍କୁ ଗିରଫ କରିଛି ।

ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ, ଲସ୍କର କମାଣ୍ଡର ସୈଫୁଲ୍ଲା କସୁରୀ ଆକ୍ରମଣର ଦୋଷ ନେବାକୁ ମନା କରିଦେଇଛନ୍ତି । ଏହା ପରେ, ଦି ରେଜିଷ୍ଟାନ୍‌ସ ଫ୍ରଣ୍ଟ (TRF) ମଧ୍ୟ ଏକ ବିବୃତ୍ତି ଜାରି କରି ପହଲଗାମ ଆକ୍ରମଣରୁ ନିଜକୁ ଦୂରେଇ ରଖିଛି । ଏହି ଆତଙ୍କବାଦୀ ଗୋଷ୍ଠୀ ଏକ ପୋଷ୍ଟ ଜାରି କରି କହିଛି ଯେ, ଦ ରେଜିଷ୍ଟାନ୍‌ସ ଫ୍ରଣ୍ଟ (TRF) ପହଲଗାମ ଘଟଣାରେ କୌଣସି ସମ୍ପୃକ୍ତିକୁ ସ୍ୱଷ୍ଟ ଭାବରେ ଅସ୍ୱୀକାର କରୁଛି । ଆକ୍ରମଣ ପାଇଁ TRFକୁ ଦାୟୀ କରିବା ଭୁଲ । ଏହା ତରବରରେ ନିଆଯାଇଥିବା ଏକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନିଷ୍ପତ୍ତି । ଏହା କଶ୍ମୀର ପ୍ରତିରୋଧକୁ ବଦନାମ କରିବା ପାଇଁ ଏକ ସୁଚିନ୍ତିତ ଅଭିଯାନର ଅଂଶ ।

TRF ମୁଖ୍ୟ ପୋଷ୍ଟରେ ଲେଖିଛନ୍ତି, 'ପହଲଗାମରେ ଆକ୍ରମଣ ପରେ ଆମ ଡିଜିଟାଲ ପ୍ଲାଟଫର୍ମରୁ ଏକ ମିଥ୍ୟା ବାର୍ତ୍ତା ପୋଷ୍ଟ କରାଯାଇଥିଲା ।' ତଦନ୍ତ ପରେ ଜଣାପଡିଲା ଯେ ଏହା ଏକ ସାଇବର ଆକ୍ରମଣ ଯୋଗୁଁ ପୋଷ୍ଟ କରାଯାଇଥିଲା । ଉଲ୍ଲଂଘନ ନିର୍ଣ୍ଣୟ କରିବା ପାଇଁ ଆମେ ସମ୍ପୂର୍ଣ୍ଣ ତଦନ୍ତ କରୁଛୁ । କେବଳ ଏତିକି ନୁହେଁ, ଏହି ସାଇବର ଆକ୍ରମଣ ପାଇଁ ଆତଙ୍କବାଦୀ ସଂଗଠନ ଭାରତୀୟ ସୁରକ୍ଷା ଏଜେନ୍‌ସିଗୁଡ଼ିକୁ ମଧ୍ୟ ଦାୟୀ କରିଥିଲା ।

ଗୋଟିଏ ପଟେ, ଭାରତ ପହଲଗାମ ଆକ୍ରମଣର ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରସ୍ତୁତ ହେଉଛି । ଏହା ସହିତ, ଭାରତ ଏହାର ପ୍ରତିରକ୍ଷା ଶକ୍ତି ବୃଦ୍ଧି କରିବାରେ ମଧ୍ୟ ବ୍ୟସ୍ତ। ଭାରତ ଏବଂ ଫ୍ରାନ୍‌ସ ମଧ୍ୟରେ ସବୁଠାରୁ ବଡ଼ ପ୍ରତିରକ୍ଷା ଚୁକ୍ତି ହୋଇଛି । ଭାରତ ଫ୍ରାନ୍‌ସଠାରୁ ୨୬ଟି ରାଫାଲ ସାମୁଦ୍ରିକ ଯୁଦ୍ଧ ବିମାନ କ୍ରୟ ପାଇଁ ଚୁକ୍ତି ସ୍ୱାକ୍ଷର କରିଛି । ଏହି ଚୁକ୍ତି ପ୍ରାୟ ୬୩ ହଜାର କୋଟି ଟଙ୍କାର ରହିଛି । ଏହି ୨୬ଟି ରାଫାଲ ସାମୁଦ୍ରିକ ଯୁଦ୍ଧ ବିମାନ ଭାରତୀୟ ନୌସେନା ପାଇଁ ହେବ । ଏହି ଚୁକ୍ତିକୁ କିଛି ସମୟ ପୂର୍ବରୁ ପ୍ରତିରକ୍ଷା କ୍ୟାବିନେଟ କମିଟି ଅନୁମୋଦନ କରିଥିଲା । ଏହା ଅଧୀନରେ, ଫ୍ରାନ୍‌ସ ଭାରତକୁ ୨୨ଟି ସିଙ୍ଗଲ-ସିଟର ଏବଂ ୪ଟି ଟୁଇନ-ସିଟର ରାଫାଲ ଦେବ ।

ବିଶେଷ କଥା ହେଉଛି, ରାଫାଲ ଲଢୁଆ ବିମାନ ଭାରତୀୟ ନୌସେନାର ଶକ୍ତି ବୃଦ୍ଧି କରିବ । ସମସ୍ତ ରାଫାଲ ବିମାନ INS ବିକ୍ରାନ୍ତରୁ ପରିଚାଳିତ ହେବ । ବର୍ତ୍ତମାନ INS ବିକ୍ରାନ୍ତରେ MiG-29 ମୁତୟନ କରାଯାଇଛି । ରାଫାଲ ସାମୁଦ୍ରିକ ବିମାନଗୁଡ଼ିକ MiG-

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

୨୭କୁ ବଦଳାଇବ । ଭାରତର ଏହି ଚୁକ୍ତି ଯୋଗୁଁ ପାକିସ୍ତାନ ଭୟରେ ଅଛି । କାରଣ ପହଲଗାମ ଆକ୍ରମଣ ପରେ ଭାରତ ଆରବ ସାଗରରେ INS ବିକ୍ରାନ୍ତକୁ ମୁତୟନ କରିଛି । ଏହା ରାଫେଲ ସମ୍ପର୍କରେ ଫ୍ରାନ୍ସ ସହିତ ଭାରତର ଦ୍ୱିତୀୟ ଚୁକ୍ତି । ଏପର୍ଯ୍ୟନ୍ତ ଫ୍ରାନ୍ସ ଭାରତକୁ ୩୬ଟି ରାଫେଲ ଲଢୁଆ ଜେଟ ବିମାନ ଦେଇଛି ।

ଭାରତୀୟ ଜନତା ପାର୍ଟି (ଭାଜପା) ଏମପି ନିଶିକାନ୍ତ ଦୁବେ ଏକ ସୋସିଆଲ ମିଡିଆ ପୋଷ୍ଟ ମାଧ୍ୟମରେ ଏକ ବଡ଼ ପ୍ରଶ୍ନ ଉଠାଇଛନ୍ତି । ସେ ପାକିସ୍ତାନର ସେହି ଝିଅମାନଙ୍କ ବିଷୟରେ କହିଥିଲେ ଯେଉଁମାନେ ଭାରତରେ ବିବାହ କରିଛନ୍ତି । ତାଙ୍କ ଅନୁସାରେ, ପାଞ୍ଚ ଲକ୍ଷରୁ ଅଧିକ ପାକିସ୍ତାନୀ ଯୁବତୀ ବିବାହ ପରେ ଭାରତରେ ରହୁଛନ୍ତି ।

ଦୁବେ କହିଛନ୍ତି ଯେ ଏହି ଝିଅମାନଙ୍କୁ ଏପର୍ଯ୍ୟନ୍ତ ଭାରତୀୟ ନାଗରିକତା ମିଳିନାହିଁ । ସେ ସେମାନଙ୍କୁ ଆଭ୍ୟନ୍ତରୀଣ ଶତ୍ରୁ ବୋଲି କହିଥିଲେ ଏବଂ ସେମାନଙ୍କ ସହିତ ମୁକାବିଲା କରିବା ବିଷୟରେ କହିଥିଲେ ।

ନିଶିକାନ୍ତ ଦୁବେ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଲେଖିଛନ୍ତି, ପାକିସ୍ତାନୀ ଆତଙ୍କବାଦର ଏକ ନୂତନ ଚେହେରା ଏବେ ସାମ୍ନାକୁ ଆସିଛି, ପାଞ୍ଚ ଲକ୍ଷରୁ ଅଧିକ ପାକିସ୍ତାନୀ ଝିଅ ବିବାହ କରିବା ପରେ ଭାରତରେ ରହୁଛନ୍ତି, ଆଜି ପର୍ଯ୍ୟନ୍ତ ସେମାନଙ୍କୁ ଭାରତୀୟ ନାଗରିକତା ମିଳିନାହିଁ । ଭିତରେ ପ୍ରବେଶ କରିଥିବା ଏହି ଶତ୍ରୁମାନଙ୍କ ସହିତ କିପରି ଲଢ଼ିବେ ବୋଲି ସେ ପ୍ରଶ୍ନ କରିଛନ୍ତି ।

ପାକିସ୍ତାନୀ ମହିଳାଙ୍କୁ ବିବାହ କରିଥିବା ଘଟଣାକୁ ଲୁଚାଇ ରଖିଥିବା ସିଆର୍‌ପିଏଫ୍ କନ୍‌ଷ୍ଟେବଲ ମୁନିର ଅହମଦଙ୍କୁ ଶନିବାର ଚାକିରିରୁ ବହିଷ୍କାର କରାଯାଇଛି । ଭିଜା ବୈଧତା ଶେଷ ହେବା ପରେ ଜମ୍ମୁ ବାସିନ୍ଦା ଯବାନ ମୁନିର ଜାଣିଶୁଣି ସ୍ତ୍ରୀଙ୍କୁ ଆଶ୍ରୟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦେଇଥିଲେ ।

ତାଙ୍କ କାର୍ଯ୍ୟସେବା ନିୟମାବଳୀର ଉଲ୍ଲଂଘନ ଏବଂ ଜାତୀୟ ସୁରକ୍ଷା ପ୍ରତି କ୍ଷତିକାରକ ବୋଲି ସିଆର୍‌ପିଏଫ୍ କହିଛି । ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ସରକାର ପାକିସ୍ତାନୀଙ୍କ ଭିଜା ରଦ୍ଦ କରିଥିବାବେଳେ ସେମାନଙ୍କୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଦେଶ ଛାଡ଼ି ଚାଲିଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ମୁନିରଙ୍କ ସ୍ତ୍ରୀ ମିନାଲ ଖାନ୍ ପାକିସ୍ତାନୀ ହୋଇଥିବାବେଳେ ତାଙ୍କୁ ଦେଶ ଛାଡ଼ିବାକୁ ଗତ ୨୯ ତାରିଖରେ ଅଟ୍ଟାରୀ-ୱାଘା ସୀମାକୁ ନିଆଯାଇଥିଲା । ଶେଷ ମୁହୂର୍ତ୍ତରେ ଜମ୍ମୁ-କଶ୍ମୀର ହାଇକୋର୍ଟ ତାଙ୍କୁ ଆଶ୍ୱସ୍ତି ଦେଇ ଭାରତରେ ୧୦ ଦିନ ରହିବାକୁ ଅନୁମତି ଦେଇଥିଲେ ।

ଏଆଇଏମଆଇଏମ ମୁଖ୍ୟ ଅସଦୁଦ୍ଦିନ ଓୱାଇସି ପୁଣି ଥରେ ପାକିସ୍ତାନ ଉପରେ ବର୍ଷିଛନ୍ତି । ଓୱାଇସି ପାକିସ୍ତାନକୁ କହିଥିଲେ ଯେ ତୁମେ ଭାରତଠାରୁ ଅଧା ଶତାବ୍ଦୀ ପଛରେ ଅଛ । ପହଲଗାଂଓ ଆକ୍ରମଣ ପରେ ସେ ପୁଣି ଥରେ ପାକିସ୍ତାନକୁ ସମାଲୋଚନା କରିଛନ୍ତି । ୱାକଫ ବିଲ ସମ୍ପର୍କରେ ରବିବାର ମହାରାଷ୍ଟ୍ରର ପରଭାନୀରେ ସେ ଜନତାଙ୍କୁ ସମ୍ବୋଧିତ କରିଥିଲେ । ଏହି ସାଧାରଣ ସଭାରେ ସେ ପାକିସ୍ତାନ ଉପରେ ତାଙ୍କର ପ୍ରତିକ୍ରିୟା ପ୍ରକାଶ କରିଥିଲେ ।

ଅସଦୁଦ୍ଦିନ ଓୱାଇସି କହିଛନ୍ତି, 'ପାକିସ୍ତାନରେ ବସି ଯେଉଁମାନେ ବାଜେ କଥା କହୁଛନ୍ତି, ସେମାନଙ୍କୁ ମୁଁ କହିବାକୁ ଚାହୁଁଛି ଯେ ତୁମର ସମୟ ଭାରତଠାରୁ ଅଧ ଘଣ୍ଟା ପଛରେ ଅଛି, କିନ୍ତୁ ଅଧ ଘଣ୍ଟା ନୁହେଁ, ବରଂ ଭାରତଠାରୁ ଅଧା ଶତାବ୍ଦୀ ପଛରେ ଅଛି । ତୁମର ଦେଶର ବଜେଟ ଆମ ସାମରିକ ବଜେଟ ସହିତ ସମାନ ନୁହେଁ ।'

ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଘଟଣାକୁ ନେଇ ଭାରତ ସାମରିକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଅବଶ୍ୟମ୍ଭାବୀ ବୋଲି ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ମହମ୍ମଦ ଅସିଫ୍ ସୋମବାର କହିଛନ୍ତି । ଖୁବ୍‌ଶୀଘ୍ର ଭାରତ ଆକ୍ରମଣ କରିପାରେ । ସେଥିପାଇଁ ରଣକୌଶଳ ନିଷ୍ପତ୍ତି ସ୍ୱରୂପ ଆମେ ସୁରକ୍ଷା ବଳକୁ ମଜଭୁତ କରିଛୁ । ଆମ ସ୍ଥିତି ପ୍ରତି ବିପଦ ସୃଷ୍ଟି ହେଲେ ଅଣୁଅସ୍ତ୍ର ବ୍ୟବହାର କରିବୁ ବୋଲି ସେ କହିଛନ୍ତି । ନୂଆଦିଲ୍ଲୀର ସାମରିକ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ସରକାରଙ୍କୁ ଜଣାଇ ଦିଆଯାଇଥିବା ଅସିଫ୍ ସୂଚନା ଦେଇଛନ୍ତି ।

ପାକିସ୍ତାନୀ ସେନା ପାକ୍ ଅଧିକୃତ କଶ୍ମୀର (ପିଓକେ)ରେ ଥିବା ଆତଙ୍କବାଦୀଙ୍କ ଲଞ୍ଚ୍‌ପ୍ୟାଡ୍‌ଗୁଡ଼ିକୁ ଖାଲି କରିବାରେ ଲାଗିଛି । ଆତଙ୍କବାଦୀମାନଙ୍କୁ ସେନା ଆଶ୍ରୟସ୍ଥଳ ଏବଂ ବଙ୍କର ମଧ୍ୟକୁ ନିଆଯାଉଥିବା ଗୋଇନ୍ଦା ସୂତ୍ରରୁ ଜଣାପଡ଼ିଛି ।

ପିଓକେରେ ଆତଙ୍କବାଦୀଙ୍କର ଅନେକ ସକ୍ରିୟ ଲଞ୍ଚ୍‌ପ୍ୟାଡ୍ ରହିଛି, ଯେଉଁଠୁ ସେମାନେ ନିୟନ୍ତ୍ରଣ ରେଖା ଅତିକ୍ରମ କରି ଜମ୍ମୁ-କଶ୍ମୀରରେ ଅନୁପ୍ରବେଶ କରିଥାନ୍ତି । ସେହି ଲଞ୍ଚ୍‌ପ୍ୟାଡ୍‌ଗୁଡ଼ିକ ଭାରତୀୟ ସୁରକ୍ଷା ବଳ ଚିହ୍ନଟ କରିବା ପରେ ପାକ୍ ସେନା ତୁରନ୍ତ ସେମାନଙ୍କୁ ସ୍ଥାନାନ୍ତର କରିଛି । ପାକିସ୍ତାନ ଏହାର ଆତଙ୍କବାଦ ଭିତ୍ତିଭୂମିକୁ ଭାରତୀୟ ସର୍ଭିଲାନ୍‌ସଠାରୁ ଲୁଚାଇ ରଖିବାକୁ ଚାହୁଁଛି ।

ସୂତ୍ର ଅନୁଯାୟୀ, ପିଓକେରେ ୪୨ଟି ଆତଙ୍କବାଦୀ ଲଞ୍ଚପ୍ୟାଡ୍ ଏବଂ ପ୍ରଶିକ୍ଷଣ କେନ୍ଦ୍ର ରହିଥିବା ଭାରତୀୟ ସୁରକ୍ଷା ବଳ ଜାଣିବାକୁ ପାଇଥିଲା । ସେଠାରେ ୧୫୦ରୁ ୨୦୦ ତାଲିମପ୍ରାପ୍ତ ଆତଙ୍କବାଦୀ ରହି ଅନୁପ୍ରବେଶ ପାଇଁ ଉଦ୍ୟମ ଚଳାଇଥିଲେ । ଜମ୍ମୁ-କଶ୍ମୀରରେ ହିଜବୁଲ ମୁଜାହିଦ୍ଦିନ, ଲଶ୍କର-ଇ-ତୋଇବା ସମେତ ବିଭିନ୍ନ ସଂଗଠନର ମୋଟ ୬୦ ଜଣ ବିଦେଶୀ ଆତଙ୍କବାଦୀ ଜମ୍ମୁ-କଶ୍ମୀରରେ ସକ୍ରିୟ ରହିଥିବା ପୂର୍ବରୁ ପ୍ରକାଶ

Listen to Odia Podcast Original at https://youtube.com/@drjyotiprasad

ପାଇଥିଲା । ଗତ ୨୨ ତାରିଖ ଆକ୍ରମଣ ସହ ଲଷ୍କର-ଇ-ତୋଇବାର ପ୍ରକ୍ସି ସଂଗଠନ ଦି ରେଜିଷ୍ଟାନ୍‌ସ ଫ୍ରଣ୍ଟ (ଟିଆର୍‌ଏଫ୍)ର ୫ରୁ ୬ ଜଣ ଆତଙ୍କବାଦୀ ସମ୍ପୃକ୍ତ ଥିଲେ ।

ଏହି ଆକ୍ରମଣର ପ୍ରତିଶୋଧ ନେବାପାଇଁ ମଇ ମାସ ଛଅ ତାରିଖ ମଧ୍ୟରାତ୍ରୀରେ ପାକିସ୍ତାନ ଓ ପାକ ଅଧିକୃତ କଶ୍ମୀର ଉପରେ ଥିବା ଆତଙ୍କୀ ଆଡ୍ଡା ଉପରେ ଭାରତର ଆକ୍ରମଣ କରିଥିଲା । ବ୍ରହ୍ମୋସ ମିଶାଇଲ ମାଡ଼ କରି ଧ୍ୱଂସ କଲା ଆତଙ୍କବାଦୀଙ୍କ ଆଡ୍ଡା ସ୍ଥଳ । ପାକିସ୍ତାନ ଉପରେ ଏହି ଏୟାର ଷ୍ଟ୍ରାଇକ ପରେ ଦେଶରେ ଲୋକେ ଖୁସି ମନାବଇବା ସହ କହିଛନ୍ତି 'ଆମ ସହ ପଙ୍ଗା ନେଲେ, ଆମେ ଛାଡ଼ିବୁନି, ତମ ଦେଶ ଭିତରେ ପଶିକି ମାରିବୁ' । ପାକିସ୍ତାନରେ ଭାରତୀୟ ସେନାର ଏହି ରାତିଅଧିଆ ଆକ୍ରମଣ ପରେ ସବୁ ମହଲରେ ଭାରତକୁ ପ୍ରଶଂସା କରାଯାଉଛି ।

ପାକ ଅଧିକୃତ କାଶ୍ମୀରରେ ବି ପ୍ରଚଣ୍ଡ ହମଲା କରାଯାଇଥିବ ନେଇ ସୂଚନା ମିଳିଛି । ଲଢୁଆ ଯୁଦ୍ଧ ବିମାନ ଓ ମିଶାଇଲ ଯୋଗେ ଆତଙ୍କୀ ଶିବିରରେ ବି ଆକ୍ରମଣ କରିଛି ଭାରତୀୟ ସେନା । ମୋଟ ୯ଟି ସ୍ଥାନକୁ ଟାର୍ଗେଟ କରାଯାଇଥିଲା । ସେନାର ଏହି ଅପରେସନର ନାମ ରଖାଯାଇଛି 'ସିନ୍ଦୂର' । ସୂଚନାଯୋଗ୍ୟ, ପହଲଗାମରେ ୨୨ ଏପ୍ରିଲରେ ଧର୍ମ ପଚାରି ପୁରୁଷ ପର୍ଯ୍ୟଟକଙ୍କ ସେମାନଙ୍କ ପତ୍ନୀ ଓ ପରିବାର ଆଗରେ ହତ୍ୟା କରିଥିବା ଆତଙ୍କବାଦୀଙ୍କୁ 'ଅପରେସନ ସିନ୍ଦୂର' ମାଧ୍ୟମରେ କଡ଼ା ଜବାବ ଦେଇଛି ଭାରତୀୟ ସେନା ।

ପାକିସ୍ତାନ ଏବଂ ପାକିସ୍ତାନ ଅବୈଧ ଭାବରେ ଅଧିକୃତ କଶ୍ମୀରରେ ଭାରତୀୟ ସଶସ୍ତ୍ର ବାହିନୀ ଦ୍ୱାରା 'ଅପରେଶନ ସିନ୍ଦୂର' ଆକ୍ରମଣ ପରେ ସରକାର ଏବଂ ସେନା ଏକ ସାମ୍ବାଦିକ ସମ୍ମିଳନୀ କରିଥିଲେ । ଏହି ସମୟରେ କର୍ଣ୍ଣେଲ ସୋଫିଆ କୁରେଶୀ ଏବଂ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ୱିଙ୍ଗ କମାଣ୍ଡର ବ୍ୟୋମିକା ସିଂହ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ । ଏହି ସମୟରେ କୁହାଯାଇଥିଲା ଯେ 'ଅପରେଶନ ସିନ୍ଦୂର' ରାତି ୧.୦୫ ରୁ ୧.୩୦ ମଧ୍ୟରେ କରାଯାଇଥିଲା । ଏହି ସମୟରେ ଆତଙ୍କବାଦୀଙ୍କ ଆଡ୍ଡାଗୁଡ଼ିକୁ ଟାର୍ଗେଟ କରାଯାଇଥିଲା । ସେନା ପାକିସ୍ତାନ ଭିତରେ ୧୦୦ କିଲୋମିଟର ଭିତରକୁ କ୍ଷେପଣାସ୍ତ୍ର ଆକ୍ରମଣ କରିଥିଲା ଏବଂ ୯ଟି ଆତଙ୍କବାଦୀ ଆଡ୍ଡାକୁ ଧ୍ୱଂସ କରିଥିଲା । ଭାରତର ଆକ୍ରମଣରେ ପିଓକେରେ ପାଞ୍ଚଟି ଏବଂ ପାକିସ୍ତାନରେ ଚାରୋଟି ଆତଙ୍କବାଦୀ ଆଡ୍ଡା ଉପରେ ଆକ୍ରମଣ ହୋଇଥିଲା ।

ଭାରତ ଓ ପାକିସ୍ତାନ ମଧ୍ୟରେ ବଢୁଥିବା ସାମରିକ ଉତ୍ତେଜନା ଏବଂ ଯୁଦ୍ଧ ପରିସ୍ଥିତି ମଧ୍ୟରେ ଇଣ୍ଡିଆନ ପ୍ରିମିୟର ଲିଗ (ଆଇପିଏଲ) ୨୦୨୫ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ କରାଯାଇଛି । ବିସିସିଆଇ (ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ) ଏବଂ ଆଇପିଏଲ ପରିଚାଳନା ସଂସ୍ଥା ଦ୍ୱାରା ନିଆଯାଇଥିବା ଏହି ନିଷ୍ପତ୍ତି ଦେଶରେ ସୃଷ୍ଟ ଅସ୍ଥିର ସୁରକ୍ଷା ପରିସ୍ଥିତିକୁ ଦୃଷ୍ଟିରେ ରଖି ଘୋଷଣା କରାଯାଇଛି ।

ଭାରତ-ପାକିସ୍ତାନ ଅନ୍ତର୍ଜାତୀୟ ସୀମା ଏବଂ ନିୟନ୍ତ୍ରଣ ରେଖା (LoC) ନିକଟରେ ହଠାତ ବହୁ ସଂଖ୍ୟକ ଡ୍ରୋନ ଦେଖାଯାଇଛି । ପାକିସ୍ତାନ ଡ୍ରୋନ ମାଧ୍ୟମରେ ଲଗାତାର ଭାରତର ବାୟୁସୀମା ଉଲ୍ଲଂଘନ କରୁଛି । ଭାରତ-ପାକିସ୍ତାନ ସୀମାରେ ବାରାମୁଲ୍ଲାରୁ ଭୁଜ ପର୍ଯ୍ୟନ୍ତ ୨୬ରୁ ଅଧିକ ସ୍ଥାନରେ ସନ୍ଦେହଜନକ ଡ୍ରୋନ ଦେଖାଯାଇଛି । ଏହି ଡ୍ରୋନଗୁଡ଼ିକ ମଧ୍ୟରୁ ଅନେକ ଅସ୍ତ୍ରଶସ୍ତ୍ର ଥିବା ସନ୍ଦେହ କରାଯାଉଛି, ଯାହା ସାମରିକ ଏବଂ ବେସାମରିକ ଲକ୍ଷ୍ୟସ୍ଥଳ ପାଇଁ ଗମ୍ଭୀର ବିପଦ ସୃଷ୍ଟି କରିପାରେ ।

ସୂଚନାନୁସାରେ, ଯେଉଁଠାରେ ଡ୍ରୋନ ଦେଖାଯାଇଛି ସେହି ଅଞ୍ଚଳରେ ବାରାମୁଲ୍ଲା,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶ୍ରୀନଗର, ଅବାଣ୍ଟିପୋରା, ନାଗ୍ରୋଟା, ଜମ୍ମୁ, ଫେରୋଜେପୁର, ପଠାନକୋଟ, ଫାଜିଲ୍କା, ଲାଲଗଡ ଜାଟା, ଜୈସଲମେର, ବାରମର୍, ଭୁଜ, କୁଆରବେଟ ଏବଂ ଲାଖୀ ନାଲା ରହିଛି । ପଞ୍ଜାବର ଫିରୋଜପୁରରେ ସବୁଠାରୁ ଚିନ୍ତାଜନକ ଘଟଣା ସାମ୍ନାକୁ ଆସିଛି । ପାକିସ୍ତାନ ଏକ ଡ୍ରୋନ ସାହାଯ୍ୟରେ ଫିରୋଜପୁରର ଏକ ଆବାସିକ ଅଞ୍ଚଳରେ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲା ଯାହାକୁ ସେନା ଗୁଳି କରି ଖସାଇ ଦେଇଥିଲା । ଭାରତ ପକ୍ଷରୁ ସୀମାରେ ସମସ୍ତ ପ୍ରତିରକ୍ଷା ପ୍ରଣାଳୀକୁ ସକ୍ରିୟ କରାଯାଇଛି ।

ଫିରୋଜପୁରର ଆବାସିକ ଅଞ୍ଚଳ ମଧ୍ୟରୁ ଗୋଟିଏ ଖୋଇ ଗାଁ ଉପରେ ପାକିସ୍ତାନ ଏକ ଡ୍ରୋନ ସାହାଯ୍ୟରେ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲା । ରାତି ପ୍ରାୟ ୯ଟାରେ, ପାକିସ୍ତାନରୁ ଏକ ଡ୍ରୋନ ଦ୍ୱାରା ଏକ ସାଧାରଣ ଅଞ୍ଚଳକୁ ଟାର୍ଗେଟ କରାଯାଇଥିଲା । ଯେଉଁଠାରେ ସେନା ଦ୍ୱାରା ଡ୍ରୋନଟିକୁ ଗୁଳି କରି ଖସାଇ ଦିଆଯାଇଛି । ସେହି ସମୟରେ, ଏକ ଜଳନ୍ତା ଡ୍ରୋନ ପଡ଼ିଯିବାରୁ ଏକ ସ୍ଥାନୀୟ ପରିବାରର ସଦସ୍ୟ ଗୁରୁତର ଆହତ ହୋଇଛନ୍ତି ।

ଆନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମଏଫ)ର ପାକିସ୍ତାନକୁ ୨.୩ ବିଲିୟନ ଡଲାରର ନୂଆ ଋଣ ପ୍ରଦାନ ପ୍ରସ୍ତାବକୁ ବିରୋଧ କରିଛି । ଭାରତ କହିଛି ଯେ, ଏହି ଅର୍ଥ ରାଷ୍ଟ୍ରୀୟ ପୃଷ୍ଠପୋଷଣରେ ସୀମାପାର ଆତଙ୍କବାଦକୁ ଅର୍ଥଯୋଗାଣ କରିବା ପାଇଁ ଅପବ୍ୟବହାର ହୋଇପାରେ । ଏହି କାରଣରୁ ଭାରତ ଆଇଏମଏଫର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ପାକିସ୍ତାନକୁ ଋଣ ଅନୁମୋଦନ ପାଇଁ ହୋଇଥିବା ଭୋଟିଂରୁ ନିଜକୁ ଦୂରେଇ ରଖିଛି ।

ଭାରତର ଅର୍ଥ ମନ୍ତ୍ରଣାଳୟ ଏକ ବିବୃତିରେ କହିଛି, ଭାରତ ପାକିସ୍ତାନର ପୂର୍ବତନ ଆଇଏମଏଫ କାର୍ଯ୍ୟକ୍ରମର ଦୂର୍ବଳ ରେକର୍ଡ ଏବଂ ଋଣ ଅର୍ଥର ରାଷ୍ଟ୍ରୀୟ ପୃଷ୍ଠପୋଷଣରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସୀମାପାର ଆତଙ୍କବାଦ ପାଇଁ ଅପବ୍ୟବହାର ହେବାର ସମ୍ଭାବନା ଉପରେ ଗୁରୁତର ଚିନ୍ତା ପ୍ରକାଶ କରିଛି ।

ଭାରତୀୟ ସେନା ପାକିସ୍ତାନର ଆତଙ୍କବାଦୀ ଲଞ୍ଚପ୍ୟାଡକୁ ଧ୍ୱଂସ କରିଦେଇଛି । ଏହି କାର୍ଯ୍ୟାନୁଷ୍ଠାନ ୮ ଏବଂ ୯ ମଇ ୨୦୨୫ ରାତିରେ ନିଆଯାଇଥିଲା, ଯେତେବେଳେ ପାକିସ୍ତାନୀ ସେନା ଜମ୍ମୁ-କଶ୍ମୀର ଏବଂ ପଞ୍ଜାବର ଅନେକ ସହରରେ ଡ୍ରୋନ ଆକ୍ରମଣ କରିବାକୁ ଘୃଣ୍ୟ ପ୍ରୟାସ କରୁଥିଲା । ଭାରତୀୟ ସେନା ଆତଙ୍କବାଦୀ ଲଞ୍ଚପ୍ୟାଡ ଉପରେ ଏକ ସମ୍ଭାବ୍ୟ ଆକ୍ରମଣ କରିଥିଲା । ସେଗୁଡ଼ିକ ନଷ୍ଟ ହୋଇ ପାଉଁଶ ହୋଇଯାଇଛି । ନିୟନ୍ତ୍ରଣ ରେଖା ନିକଟରେ ଅବସ୍ଥିତ ଆତଙ୍କବାଦୀ ଲଞ୍ଚପ୍ୟାଡ ଅତୀତରେ ଭାରତୀୟ ନାଗରିକ ଏବଂ ସୁରକ୍ଷା ବାହିନୀ ବିରୁଦ୍ଧରେ ଆତଙ୍କବାଦୀ ଆକ୍ରମଣ ଯୋଜନା ଏବଂ କାର୍ଯ୍ୟକାରୀ କରିବାର କେନ୍ଦ୍ର ହୋଇଆସିଛି । ଭାରତୀୟ ସେନାର ଦ୍ରୁତ ଏବଂ ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ ଆତଙ୍କବାଦୀ ଭିତ୍ତିଭୂମି ଏବଂ କ୍ଷମତାକୁ ଏକ ବଡ଼ ଆଘାତ ଦେଇଛି ।

ଭାରତର ଆକ୍ରମଣାତ୍ମକ ମନୋଭାବ ପାକିସ୍ତାନରେ ଆତଙ୍କ ସୃଷ୍ଟି କରିଛି । ସୂତ୍ର ଅନୁସାରେ, ଭାରତ ପାକିସ୍ତାନରେ ଥିବା ଅତି କମରେ ୪ଟି ଏୟାରବେସ୍ ଉପରେ ଆକ୍ରମଣ କରିଛି । ରାୱଲପିଣ୍ଡିରେ ନୁର ଖାନ ଏୟାରବେସ୍, ସୋରକୋଟର ରଫିକି ଏୟାରବେସ୍, ଚକୱାଲରେ ମୁରିଦ ଏୟାରବେସ ଏବଂ ଚତୁର୍ଥ ଏୟାରବେସର ନାମ ବିଷୟରେ ଏପର୍ଯ୍ୟନ୍ତ ସୂଚନା ଉପଲବ୍ଧ ହୋଇନାହିଁ । ଏହା ସହ ଶ୍ରୀନଗର ନିକଟରେ ପାକିସ୍ତାନ ବାୟୁସେନାର ଦୁଇଟି ଯୁଦ୍ଧ ବିମାନକୁ ଗୁଳି କରି ଖସାଇ ଦିଆଯାଇଛି ।

ଏହା ବ୍ୟତୀତ, ଭାରତ ଶ୍ରୀନଗର ନିକଟରେ ପାକିସ୍ତାନୀ ବାୟୁସେନାର ଦୁଇଟି ଲଢ଼ୁଆ ବିମାନକୁ ଖସାଇ ଦେଇଥିବା ଖବର ମଧ୍ୟ ଅଛି । ଭାରତ ପିଓକେରେ ଏକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପାକିସ୍ତାନୀ ପୋଷ୍ଟକୁ ମଧ୍ୟ ଉଡ଼ାଇ ଦେଇଛି । ଜମ୍ମୁ କଶ୍ମୀରରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଯୁଦ୍ଧ ଭଳି ପରିସ୍ଥିତି ଦେଖାଯାଉଛି । ଭାରତର ଏହି ଆକ୍ରମଣାତ୍ମକ କାର୍ଯ୍ୟରେ ପାକିସ୍ତାନ ହତାଶ ହୋଇଯାଇଛି ଏବଂ ଲଗାତାର ଆକ୍ରମଣ କରୁଛି ।

ଅପରେଶନ ସିନ୍ଦୂର ଅଧୀନରେ ଭାରତ ଦ୍ୱାରା ନିହତ ପାକିସ୍ତାନୀ ଆତଙ୍କବାଦୀଙ୍କ ନାମ ପ୍ରକାଶ ପାଇଛି । ସୂତ୍ର ଅନୁସାରେ, ସେନାର ଆକ୍ରମଣରେ ୫ ଜଣ ବଡ଼ ଆତଙ୍କବାଦୀ ନିହତ ହୋଇଛନ୍ତି। ଏଥିମଧ୍ୟରେ ମୁଦାସର ଖାଦିଆନ, ଖଲିଦ, ହାଫିଜ ଜମିଲ, ୟୁସୁଫ ଅଜହର ଏବଂ ହାସନ ଖାନଙ୍କ ନାମ ରହିଛି । ଏହି ସମସ୍ତ ଆତଙ୍କବାଦୀ ଲସ୍କର ଏବଂ ଜୈଶ ସହିତ ଜଡିତ ଥିଲେ । ଯେଉଁମାନେ ହାଫିଜ ସଇଦ ଏବଂ ମାସୁଦ ଆଝାରଙ୍କ ନିର୍ଦ୍ଦେଶରେ ଆତଙ୍କବାଦୀ ଆକ୍ରମଣ କରୁଥିଲେ । ଏହି ପାଞ୍ଚଜଣଙ୍କ ସମେତ ପାଖାପାଖି ଶହେରୁ ଅଧିକ ଆତଙ୍କବାଦୀ ନିହତ ହୋଇଥିବା କଥା ସରକାରୀ ସୂତ୍ରରୁ କୁହାଯାଇଛି । ଚାଳିଶି ଜଣ ପାକିସ୍ତାନୀ ସୈନ୍ୟ ମଧ୍ୟ ପ୍ରାଣ ହରାଇଥିବା କଥା କୁହାଯାଉଛି ।

ଅତି ଆଶ୍ଚର୍ଯ୍ୟଜନକ ଭାବରେ ଭାରତ ଓ ପାକିସ୍ତାନ ମଧ୍ୟରେ ଚାଲିଥିବା ଯୁଦ୍ଧଭଳି ପରିସ୍ଥିତି ହଠାତ ମଇ ଦଶ ତାରିଖ ଅପରାହ୍ନ ପାଞ୍ଚଟାରେ ଉଭୟ ପକ୍ଷର ସହମତିରେ ଯୁଦ୍ଧ ବିରାମ ପାଇଁ ଘୋଷଣା କରାଗଲା । ଏହି ଘୋଷଣା ଭାରତୀୟ ସମୟ ସଂଧ୍ୟା ପାଞ୍ଚଟା ବେଳେ ଆମେରୀକିୟ ରାଷ୍ଟ୍ରପତି ଡୋନାଲ୍ଡ୍ ଟ୍ରମ୍ପଙ୍କ ଦ୍ୱାରା କରାଗଲା । ଏହି ଘୋଷଣା ସମସ୍ତଙ୍କୁ ଚକିତ କରିଦେଇଥିଲା । କାରଣ ଟ୍ରମ୍ପ ନିଜ ଟ୍ୱିଟରେ ଉଲ୍ଲେଖ କରିଥିଲେ ଯେ ଉଭୟପକ୍ଷ ସହ ପୁରା ରାତି ବିଚାରବିମର୍ଷ କରିବା ପରେ ଏହି ପଦକ୍ଷେପ ନିଆଯାଇଛି । କିନ୍ତୁ ନଅ ତାରିଖ ରାତିରେ ତ ଉଭୟ ପକ୍ଷ ପରସ୍ପର ଉପରେ ଆକ୍ରମଣ କରୁଥିଲେ, ତା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହେଲେ ବୁଝାମଣା କେତେବେଳେ ହେଲା ? ?

ଏହା ପରେ ପରେ ପାକିସ୍ତାନୀ ବିଦେଶ ବ୍ୟାପାର ମନ୍ତ୍ରୀ ନିଜ ଟ୍ୱିଟର୍ ଏକାଉଣ୍ଟରେ ଟ୍ରମ୍ପଙ୍କ ପ୍ରଶସ୍ତି ଗାନ କରି ଏକ ଲମ୍ବା ପୋଷ୍ଟ କରିଲେ ଏବଂ ବିଶ୍ୱବ୍ୟାପୀ ଗଣମାଧ୍ୟମ ମାନଙ୍କରେ ପ୍ରଚାର ହୋଇଗଲା ଯେ ଆମେରିକାର ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପଙ୍କ ମଧ୍ୟସ୍ଥତାରେ ଉଭୟ ପକ୍ଷ ଯୁଦ୍ଧ ବିରାମ ପାଇଁ ସହମତି ଦେଇଛନ୍ତି । ଟ୍ରମ୍ପଙ୍କ ପୋଷ୍ଟରେ ଆହୁରି ମଧ୍ୟ ଉଲ୍ଲେଖ ଥିଲା ଯେ ଉଭୟ ପକ୍ଷ ଏହା ପରେ ଏକ ନିରପେକ୍ଷ ସ୍ଥାନରେ ଏକତ୍ରିତ ହୋଇ ସେମାନଙ୍କ ମଧ୍ୟରେ ଥିବା ବିଭିନ୍ନ ସମସ୍ୟା ବିଷୟରେ ବିଷଦ ଭାବରେ ଚର୍ଚ୍ଚା କରିବେ ବୋଲି ରାଜି ହୋଇଛନ୍ତି । ଏହି ଟ୍ୱିଟ୍ ପଢ଼ିବା ପରେ ଭାରତର ଏକ ବିଶାଳ ଭାଗ ଲୋକଙ୍କ ମନ ଆମ୍ବିଳା ହୋଇଗଲା । ଯେଉଁମାନେ ଆଶା କରିଥିଲେ ଯେ ଏଇ ମଉକାରେ ପାକିସ୍ତାନକୁ ଏହିଭଳି ଅବସ୍ଥାରେ ନେଇ ପହଞ୍ଚାଇ ଦିଆଯାଇ ପାରିଥାନ୍ତା, ଯେଉଁଠୁ ପୁଣିଥରେ ପାକିସ୍ତାନ ସଭ୍ୟ ଦେଶ ଭାବରେ ଯୋଗ୍ୟ ହେବାପାଇଁ ଏକ ଶତାବ୍ଦୀରୁ ଅଧିକ ସମୟ ଲାଗିଥାନ୍ତା । କିନ୍ତୁ ଏହି ବୁଝାମଣା ହେଲା କାହିଁକି ?

ଛଅ ତାରିଖ ଦିନ ଯେତେବେଳେ ଭାରତ ରାତିରେ ଅପରେସନ୍ ସିନ୍ଦୁର ଅନ୍ତର୍ଗତ ପାକ୍ ଅଧିକୃତ କାଶ୍ମୀରରେ ଥିବା ନଅଗୋଟି ସ୍ଥାନରେ ବୋମାବର୍ଷଣ କରି ଆତଙ୍କବାଦୀ ଶିବିର ସବୁ ଧ୍ୱଂସ କରିଦେଇଥିଲା, ତା ପରେ ପରେ ପାକିସ୍ତାନ ମଧ୍ୟ ସକ୍ରିୟ ଭାବରେ ଏହି ଯୁଦ୍ଧରେ ଅବତରଣ କରିଥିଲା । ଯଦିଓ ଭାରତ ନିଜର ଆଭିମୁଖ୍ୟ ଆଗରୁ ହିଁ ଜଣାଇ ଦେଇଥିଲା ଯେ ଏହି ମିସନ୍ କେବଳ ଆତଙ୍କବାଦୀ ଶିବିରମାନଙ୍କୁ ଧ୍ୱଂସ କରିବା ପାଇଁ ହୋଇଛି, ତଥାପି ପାକିସ୍ତାନ ତରଫରୁ ଭାରତର ଜନବହୁଳ କ୍ଷେତ୍ର ତଥା ମିଲିଟାରୀ ଅଞ୍ଚଳ ମାନଙ୍କୁ ଲକ୍ଷ୍ୟ କରି ଆକ୍ରମଣ କରାଗଲା । ପାକିସ୍ତାନର ସମସ୍ତ ପ୍ରଚେଷ୍ଟାକୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭାରତୀୟ ପ୍ରତିରକ୍ଷା ବିଭାଗ ବିଫଳ କରିବାକୁ ସମର୍ଥ ହୋଇଥିଲା । ହେଲେ ସାତ ତାରିଖ ସନ୍ଧ୍ୟାରେ ପାକିସ୍ତାନ ତରଫରୁ ହୋଇଥିବା ଡ୍ରୋନ୍ ମାଧ୍ୟମରେ ଆକ୍ରମଣ ଅଧିକ ସମୟ ଧରି ହୋଇ ପାରିଲା ନାହିଁ । କାରଣ ସେ ପାଖରୁ ଆସୁଥିବା ସମସ୍ତ ଡ୍ରୋନକୁ ଭାରତ ଧରାଶାୟୀ କରିଦେବା ହେତୁ ଆସ୍ତେ ଆସ୍ତେ ଆକ୍ରମଣ ବନ୍ଦ ହୋଇ ଆସୁଥିବା ବେଳେ ଭାରତ ପକ୍ଷରୁ ପ୍ରତିଉତ୍ତର ଦେଇ ଆକ୍ରମଣ କରାଗଲା ଏବଂ ପାକିସ୍ତାନର ବାୟୁ ସୁରକ୍ଷା ବ୍ୟାବସ୍ଥାକୁ ଧ୍ୱସ୍ତ କରି ଦିଆଗଲା, ଯାହା ଫଳରେ ପାକିସ୍ତାନରେ ପ୍ରବେଶ କରୁଥିବା ଭାରତୀୟ ଡ୍ରୋନ୍ କିମ୍ବା ଜାହାଜକୁ ପାକିସ୍ତାନ ଧରିବାରେ ଅକ୍ଷମ ହେଲା ଏବଂ ଭାରତ ଏହାର ସୁଯୋଗ ନେଇ ପାକିସ୍ତାନର ଅନେକ ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ନଷ୍ଟ କରିବାକୁ ସକ୍ଷମ ହେଲା ।

ଆଠ ତାରିଖ ବେଳକୁ ପାକିସ୍ତାନର ଅନେକ ସହରରେ ଭାରତୀୟ ଜାହାଜମାନେ ଅବାଧ ପ୍ରବେଶ କରି ବ୍ୟାପକ କ୍ଷୟକ୍ଷତି କରିଥିଲେ ଏବଂ ସେଠାରେ ଥିବା ଅନେକ ବିମାନ ବନ୍ଦର ସମେତ ଆତଙ୍କବାଦୀ ଆଡ୍‌ଡାକୁ ଧ୍ୱସ୍ତ କରିଦେଇଥିଲେ । ପୁଣିଥରେ ସେହିଦିନ ରାତିରେ ପାକିସ୍ତାନ ତରଫରୁ ଡ୍ରୋନ୍ ଆକ୍ରମଣ ହୋଇଥିଲା କିନ୍ତୁ ସବୁ ବିଫଳ ହୋଇଥିଲା । ଏହି ଆକ୍ରମଣରେ ପାକିସ୍ତାନର ତିନୋଟି ବିମାନ ନଷ୍ଟ ହୋଇଥିଲା ଯାହା ପାକିସ୍ତାନ ଆର୍ମି ମୁଖପାତ୍ର ଜଣାଇଛନ୍ତି । ଗୋଟିଏ ବିମାନର ଚାଳକମାନଙ୍କୁ ଭାରତରେ ଗିରଫ ବି କରାଯାଇଥିଲା । ଏହି ଉତ୍ତେଜନାର ଫାଇଦା ନେଇ ତୁର୍କୀ ଓ ଆଜରବାଇଜାନ୍ ଭଳି ଦେଶ ପାକିସ୍ତାନକୁ ସବୁ ପ୍ରକାର ସହାୟତା ଯୋଗାଇଲେ । ତୁର୍କୀରେ ନିର୍ମିତ ଡ୍ରୋନ୍ ସବୁ ବିଫଳ ହେଉଥିବା ବେଳେ ଆମେରିକା ଓ ଚାଇନା ନିର୍ମିତ ଯୁଦ୍ଧ ଉପକରଣ ମଧ୍ୟ ପାକିସ୍ତାନକୁ କୌଣସି ସଫଳତା ଆଣି ଦେଇନଥିଲେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନଅତାରିଖ ବେଳକୁ ଭାରତ ତରଫରୁ ଆକ୍ରମଣ ଅଧିକ ହେଲା ଏବଂ ଏଥିରେ ପାକିସ୍ତାନର କିଛି ପ୍ରମୁଖ ବିମାନ ବନ୍ଦର ଧ୍ୱଂସ ହୋଇଗଲା, ଯେଉଁଥିରେ ଥିଲା ନୁର୍ ଖାନ୍ ଏୟାର୍ ବେସ୍ । କୁହାଯାଉଛି ଏହି ସ୍ଥାନରେ କାଳେ ପାକିସ୍ତାନର ଆଣବିକ ଅସ୍ତ୍ରଶସ୍ତ୍ର ସବୁ ରଖାଯାଇଥିଲା । ଏହି ବନ୍ଦର ଧ୍ୱଂସ ହେବା ପରେ ପାକିସ୍ତାନ ବସ୍ତୁତଃ ଦୁର୍ବଳ ହୋଇଗଲା । ତେଣେ ପାକିସ୍ତାନରେ ଥିବା ଦୁର୍ବଳ ଅର୍ଥନୀତି ଦେଶର ଅବସ୍ଥା ଏବଂ ଯୁଦ୍ଧ କରିବାର ଅକ୍ଷମତା ପାଇଁ ପାକିସ୍ତାନକୁ ସହାୟତା ଯୋଗାଇଥିଲା ଅନ୍ତରାଷ୍ଟ୍ରୀୟ ମୁଦ୍ରା କୋଷ । ହେଲେ ସେଇ ଅର୍ଥ ମଧ୍ୟ ଆଗାମୀ ଦିନେ କିମ୍ବା ଦୁଇ ଦିନରେ ସରିଯିବାର ଆଶଂକା ପାକିସ୍ତାନକୁ ଘାରୁଥିଲା । ତେଣେ ନିଜର ପରମାଣୁ ଯନ୍ତ୍ରାଂଶ ଅକାମୀ ହୋଇ ସାରିଥିଲା ଦେଖି ପାକିସ୍ତାନ ଯୁଦ୍ଧ ପ୍ରତି ବିମୁଖ ହେବାକୁ ଲାଗିଲା ।

କୁହାଯାଉଛି, ଆଇଏମଏଫ୍ ଦେଉଥିବା ଋଣ ପାଇଁ ଆମେରିକା କାଳେ ପାକିସ୍ତାନ ଉପରେ ଚାପ ପକାଇଥିଲା, ଯୁଦ୍ଧ ବିରାମ କରିବା ପାଇଁ, ଯାହାକୁ ପାକିସ୍ତାନର ସରକାର ମାନି ନେଇଥିଲେ । ହେଲେ ଆମେରିକା ଏଭଳି କାହିଁକି କରିଥିଲା ତାହା ଆମେ ବୁଝିବା ଆବଶ୍ୟକ । ବିଗତ ତିନିଦିନର କଳହରେ ପାକିସ୍ତାନର ସମସ୍ତ ଅସ୍ତ୍ରଶସ୍ତ୍ର ବିଫଳ ହୋଇଥିଲେ ଏବଂ ସେଥିରେ ଆମେରିକା ନିର୍ମିତ ଏଫ୍ ୧୬ ବିମାନ ଥିଲା । ଯଦି ଏହି ଯୁଦ୍ଧ ଅଧିକ ଦିନ ଧରି ଚାଲିଥାନ୍ତା, ତା ହେଲେ ଆହୁରି ଅଧିକ କ୍ଷୟକ୍ଷତି ହୋଇଥାନ୍ତା, ଆମେରିକା ନିର୍ମିତ ଏଫ୍ ୧୬ ବିଫଳ ବୋଲି ପ୍ରମାଣିତ ହୋଇଥାନ୍ତା । ତେଣୁ ସେ ତୁରନ୍ତ ଯୁଦ୍ଧ ବିରାମପାଇଁ ପରାମର୍ଶ ଦେଇଥିବେ ବୋଲି ଆମେ ମନେ କରୁ । ଏହା ଛଡ଼ା ରାଷ୍ଟ୍ରପତି ଟ୍ରମ୍ପ ବିଗତ ସମୟରେ ଋଷିଆ ଓ ୟୁକ୍ରେନ୍ ଯୁଦ୍ଧରେ ମଧ୍ୟ ଯୁଦ୍ଧ ବିରାମ କରିବା ପାଇଁ ଚେଷ୍ଟା କରିଥିଲେ, ଇସ୍ରାଏଲ୍ ଓ ହମାସ୍ ଯୁଦ୍ଧରେ ମଧ୍ୟ ସମାନୁରୂପ ଚେଷ୍ଟା

Listen to Odia Podcast Original at https://youtube.com/@drjyotiprasad

କରିଥିଲେ । ହୁଏତ ସେ ନିଜକୁ ବିଶ୍ୱ ଶାନ୍ତିପାଇଁ କର୍ତ୍ତବ୍ୟରତ ଦର୍ଶାଇ ନୋବେଲ୍ ଶାନ୍ତି ପୁରସ୍କାର ପାଇବା ଆଶାୟୀ ହୋଇ ପାରନ୍ତି ।

ସେ ଯା'ହେଉ ଦଶ ତାରିଖ ବେଳକୁ ପାକିସ୍ତାନ ପାଖରେ ଆଉ କୌଣସି ଉପାୟ ନଥିଲା, ତେଣୁ ପାକିସ୍ତାନର ଯୁଦ୍ଧ ପ୍ରମୁଖ ଭାରତୀୟ ଡିଜିଏମଓଙ୍କୁ ଫୋନରେ ଅନୁରୋଧ କରିଥିଲେ ଯୁଦ୍ଧ ବିରାମ କରିବା ପାଇଁ ।

ପୁଣି ପ୍ରଶ୍ନ ଉଠୁଛି, ଭାରତ ଏଥିରେ ସହମତ ହେଲା କେମିତି ?

ଏଠାରେ ଆମେ ଯାହା ଭାବୁଛୁ, ତାହା ହେଉଛି, ସମ୍ଭବତଃ ଭାରତର ଆକ୍ରମଣରେ ନୁର୍ ଖାନ୍ ଏୟାର୍ବେସ୍ ନିକଟରେ ଥିବା କିରାନା ପର୍ବତ ଉପରେ ମଧ୍ୟ ବୋମାବର୍ଷଣ ହୋଇଥିଲା । ଏବଂ ସେହି ପର୍ବତରେ ଛଅଗୋଟି ସୁଡ଼ଙ୍ଗ ରହିଥିବା ହେତୁ ଏହାକୁ ପାକିସ୍ତାନ ନିଜର ପରମାଣୁ ଶକ୍ତି ଗଚ୍ଛିତ କରି ରଖିବା ପାଇଁ ବ୍ୟବହାର କରୁଥିବା ସମ୍ଭବ ହୋଇପାରେ ଏବଂ ଭାରତର ଆକ୍ରମଣ ପରେ ଏଠାରେ ପରମାଣୁ ବିକିରଣ ଆରମ୍ଭ ହୋଇଥାଇ ପାରେ । ଯଦି ଏହାକୁ ତୁରନ୍ତ ବନ୍ଦ ନ କରାଯିବ ତା ହେଲେ ପାକିସ୍ତାନର ଏକ ବିଶାଳ ଅଞ୍ଚଳରେ ଲୋକମାନେ ଆନୁବଂଶିକ ରୋଗର ଶୀକାର ହେବେ ଏବଂ ଦେଶ ଧ୍ୱଂସାଭିମୁଖୀ ହୋଇଯିବ ବୋଲି ସେମାନେ ଅନୁଭବ କରି ଯୁଦ୍ଧକୁ ତୁରନ୍ତ ବନ୍ଦ କରି ପରମାଣୁ ବିକିରଣକୁ କିଭଳି ବନ୍ଦ କରିବା ସେଇ ବିଷୟରେ ସମୟ ପାଇବା ଆଶାରେ ହିଁ ଯୁଦ୍ଧ ବିରାମ ପାଇଁ ଭାରତକୁ ଅନୁରୋଧ କରିଥିବେ ।

କୁହାଯାଉଛି ଯେ ରବିବାର ଏଗାର ତାରିଖ ଦିନ ପାକିସ୍ତାନ ନିଜର ଆକାଶକୁ ବିମାନପାଇଁ ମୁକ୍ତ କରିବା ପରେ ପରେ ଆମେରିକାର ଏକ ବିଶେଷ ବିମାନ ସେଠାରେ ଓହ୍ଲାଇଛି ଯାହା ପରମାଣୁ ବିକିରଣକୁ ନିଷ୍କ୍ରିୟ କରିବା ଏବଂ ସୁରକ୍ଷିତ କରିବା ପାଇଁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବ୍ୟବହାର ହୋଇଥାଏ । ତା ହେଲେ କଣ ଭାରତ ପାକିସ୍ତାନର ପରମାଣୁ ବ୍ୟବସ୍ଥାକୁ ମଧ୍ୟ ଧ୍ୱସ୍ତ କରିଦେଇଛି କି ? ଏହାର ସମ୍ଭାବନା ନିଶ୍ଚୟ ରହିଛି କାରଣ ନୁର୍ ଖାନ୍ ଏୟାରବେସ୍ ନିକଟରେ ହିଁ ଏହି ପାହାଡ ରହିଛି ଏବଂ ଅନ୍ତରାଷ୍ଟ୍ରୀୟ ମିଡ଼ିଆ ଏହି ପାହାଡ଼ ନିକଟରେ ବୋମାମାଡ଼ ହୋଇଥିବା ଖବର ପ୍ରକାଶିତ କରିଛନ୍ତି ।

ଯେତେବେଳେ ପରମାଣୁ ବିକିରଣ କଥା ଉଠିଥିବ ସେତେବେଳେ ଭାରତ ସରକାର ଅନିଚ୍ଛା ସତ୍ତ୍ୱେ ଏହି ସର୍ଜିକାଲ୍ ଷ୍ଟ୍ରାଇକକୁ କିଛି ସମୟ ପାଇଁ ବନ୍ଦ କରିବା ପାଇଁ ରାଜି ହୋଇଥିବେ । କାରଣ ଭାରତ ପ୍ରଥମରୁ ହିଁ ନିଜର ଆଭିମୁଖ୍ୟ ସ୍ୱଷ୍ଟ କରିଦେଇଥିଲା ଯେ କୌଣସି ଜନଜୀବନକୁ ଆକ୍ରମଣ କରାଯିବ ନାହିଁ । ତେଣୁ ମାନବିକତା ଦୃଷ୍ଟିରୁ ଏହି ଆକ୍ରମଣକୁ କିଛି ସମୟ ପାଇଁ ବନ୍ଦ କରିବାକୁ ସହମତି ଦେଇଥିବ ।

ହେଲେ ଦଶ ତାରିଖ ସନ୍ଧ୍ୟାରେ ଯୁଦ୍ଧ ବିରାମ କଥା ହେଉଥିବା ବେଳେ ହିଁ ମାତ୍ର ଦୁଇଘଣ୍ଟା ପରେ ପୁଣିଥରେ ପାକିସ୍ତାନ ତରଫରୁ ଭାରତ ଆଡ଼କୁ ଡ୍ରୋନ୍ ଦ୍ୱାରା ଆକ୍ରମଣ କରାଗଲା । ଏହା ଆଶ୍ଚର୍ଯ୍ୟଜନକ ଥିଲା । ଭାରତ ସମସ୍ତ ଆକ୍ରମଣଙ୍କୁ ନିରସ୍ତ୍ର କରିଥିଲା ମଧ୍ୟ । କିନ୍ତୁ ଏହା କାହିଁକି ହେଲା ତାହା ବୁଝିବାକୁ ଆମେ ଅସମର୍ଥ । କାରଣ ପାକିସ୍ତାନ ତରଫରୁ ହିଁ ଯୁଦ୍ଧ ବିରାମ ପାଇଁ ଅନୁରୋଧ କରାଯାଇଥିଲା ।

ଏହାର କାରଣ ଏହିଭଳି ହୋଇପାରେ ଯେ, ଯେତେବେଳେ ପାକିସ୍ତାନ ଯୁଦ୍ଧ ବିରାମ ବିଷୟରେ ଭାରତକୁ ଜଣାଇଲା ଏବଂ ଭାରତ ଏଥିରେ ସହମତି ଦେଇଥିଲା ସେତେବେଳେ ଏହି ଖବର ଆମେରିକା ପାଇଥିଲା ଏବଂ ଡୋନାଲଡ୍ ଟ୍ରମ୍ପ୍ ତ୍ୱରିତ ଭାବରେ ଏହାକୁ ଟ୍ୱିଟରରେ ଘୋଷଣା କରିଦେଲେ । ଏହି ଖବର ଯେତେବେଳେ ଚାଇନା ପାଇଲା ସେ କ୍ରୋଧିତ ହେବା ସ୍ୱାଭାବିକ କାରଣ ପାକିସ୍ତାନକୁ ସବୁପ୍ରକାର ସହାୟତା ସେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯୋଗାଉଥିଲା ବେଳେ ପାକିସ୍ତାନ କିଭଳି ଚାଇନା ସହ ପରାମର୍ଶ ନ କରି ଆମେରିକାର ସହାୟତା ଲୋଡ଼ିଲା ? ତେଣୁ ଚାଇନା ପାକିସ୍ତାନକୁ ଧମକ ଦେବା ବି ସ୍ୱାଭାବିକ ।

ତେଣେ ପାକିସ୍ତାନରେ ସରକାର ଓ ଆର୍ମି ମଧ୍ୟରେ ତାଳମେଳର ଅଭାବ ରହିଛି । ଏହି ସମ୍ପୂର୍ଣ୍ଣ ପ୍ରକରଣର ମୁଖ୍ୟ କାର୍ପଟଦାର ହେଉଛନ୍ତି ଆସିମ୍ ମୁନୀର୍ । ସେ ନିଜକୁ ଏବେ ପାକିସ୍ତାନର ସର୍ବେସର୍ବା ବୋଲି ମନେ କରିବା କଥା ବି ଶୁଣିବାକୁ ମିଳୁଛି । ତେଣୁ ସେ ସରକାରୀ ନିର୍ଦ୍ଦେଶକୁ ଅବମାନନା କରି ଦଶ ତାରିଖ ସନ୍ଧ୍ୟାରେ ଡ୍ରୋନ୍ ଆକ୍ରମଣ ପାଇଁ ନିର୍ଦ୍ଦେଶ ଦେଇ ଥାଇ ପାରନ୍ତି ।

ପାକିସ୍ତାନର ପ୍ରଧାନମନ୍ତ୍ରୀ ଦେଶକୁ ସମ୍ବୋଧନ କରିବେ ବୋଲି କୁହାଯାଇଥିଲା । ସନ୍ଧ୍ୟା ଆଠଟାରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମ ରାତି ଏଗାରଟାରେ ପ୍ରସାରିତ ହେଲା । ଏହି ଭିଡ଼ିଓ ଯେଉଁମାନେ ଦେଖିଥିବେ ସେମାନେ ବୁଝି ପାରୁଥିବେ ଯେ ସେ ସ୍ୱେଚ୍ଛାରେ ଏହି ଭିଡ଼ିଓ କରି ନାହାନ୍ତି । ଅନେକ ସ୍ଥାନରେ ସେ ଏଣେତେଣେ ଚାହୁଁଥିବା ବେଳେ ତାଙ୍କୁ କେହି ଜଣେ ଇଙ୍ଗିତ କରୁଥିବା ଭଳି ମଧ୍ୟ ମନେ ହେଉଥିଲା । ତା'ହେଲେ କଣ ପାକିସ୍ତାନର ସେନା ସରକାରଙ୍କୁ ପଛକୁ ଠେଲିଦେଇ ନିଜେ ଶାସନକଳକୁ ଅକ୍ତିଆର କରି ସାରିଛନ୍ତି କି ? ଏହା ମଧ୍ୟ ଅସମ୍ଭବ ନୁହେଁ । ଏହିଭଳି ଅନେକ ଉଦାହରଣ ପାକିସ୍ତାନରେ ରହିଛି ।

ଗତ ସନ୍ଧ୍ୟାରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶକୁ ସମ୍ବୋଧନ କରି ଜଣାଇଛନ୍ତି ଯେ ଅପରେସନ୍ ସିନ୍ଦୁର ବର୍ତ୍ତମାନ ମଧ୍ୟ ବଳବତ୍ତର ରହିଛି ଏବଂ ପାକିସ୍ତାନର କୌଣସି ଦୁଃସାହସକୁ ଦୃଢ଼ତାର ସହ ମୁକାବିଲା କରିବା ପାଇଁ ଆମ ସେନାବାହିନୀ ତତ୍ପର ଅଛନ୍ତି । ରକ୍ତ ଓ ଜଳ ଏକ ସାଥିରେ ବହିବେ ନାହିଁ କହି ସେ ସିନ୍ଧୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜଳ ଚୁକ୍ତି ପ୍ରତ୍ୟାହାର ହୋଇଥିବା କଥାକୁ ଦୃଢ଼ତାର ସହ ଉପସ୍ଥାପନ କରିଥିଲେ ଏବଂ ସେ କହିଛନ୍ତି ଯେ ଭବିଷ୍ୟତରେ ପାକିସ୍ତାନ ଭାରତକୁ ଆଣବିକ ଆକ୍ରମଣର ଧମକ ଦେଇ ପାରିବ ନାହିଁ । କଣ ଏହାର ଅର୍ଥ ଭାରତ ପାକିସ୍ତାନର ପରମାଣୁ କାର୍ଯ୍ୟକ୍ରମକୁ ଧ୍ୱସ୍ତ କରି ଦେଇଛି ? ଗତ କିଛି ଦିନରେ ପାକିସ୍ତାନରେ ବାରମ୍ବାର ମୃଦୁ ଭୂମିକମ୍ପ ହେଉଥିବା ଖବର ପଢ଼ିବାକୁ ମିଳୁଥିଲା ଏବେ ଶୁଣାଯାଉଛି ଯେ ନୁର୍ ଖାନ୍ ଏୟାରବେସ୍ ନିକଟବର୍ତ୍ତି ଅଞ୍ଚଳରେ ଲୋକମାନଙ୍କୁ ନିଜର ଘରଦ୍ୱାର ଛାଡ଼ିଦେଇ ତୁରନ୍ତ ଦୂରକୁ ପଳାଇବାକୁ ନିର୍ଦ୍ଦେଶ ଦିଆଯାଇଛି । ଏଥିରୁ ସ୍ପଷ୍ଟହେଉଛି ପାକିସ୍ତାନ କାହିଁକି ତରବରିଆ ଭାବରେ ଯୁଦ୍ଧ ବିରାମ ପାଇଁ ନିବେଦନ କରିଥିଲା ।

ଯୁଦ୍ଧବିରାମ ଚାଲୁଥିବା ସମୟରେ କିନ୍ତୁ ସୀମା ସେପାଖରେ ପାକିସ୍ତାନରେ ଉତ୍ସବର ପରିବେଶ ଦେଖିବାକୁ ମିଳିଛି । କରାଚୀରେ ଅନୁଷ୍ଠିତ 'ବିଜୟ ରାଲି'ରେ ପୂର୍ବତନ ପାକିସ୍ତାନୀ କ୍ରିକେଟର ଶାହିଦ ଆଫ୍ରିଦି ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ତାଙ୍କର ଉପସ୍ଥିତିର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି ।

ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ସମେତ ଦେଶର ଅନେକ ରାଜନେତା ଏବଂ ଖେଳାଳୀମାନେ ମଧ୍ୟ ଆଉ ଏକ ମିଥ୍ୟା ଦାବି କରିଛନ୍ତି । ସେ କହିଥିଲେ, ପାକିସ୍ତାନ ଭାରତ ବିରୋଧରେ ଯୁଦ୍ଧରେ ବିଜୟୀ ହୋଇଛି । ପାକିସ୍ତାନ ଯୁଦ୍ଧବିରତି ଅନୁରୋଧ କରିନାହିଁ ।

ଅପରେସନ ସିନ୍ଦୂର ମାଧ୍ୟମରେ ଭାରତୀୟ ସେନା ପାକିସ୍ତାନକୁ ଏକ ଶିକ୍ଷା ଦେଇଥିଲା କିନ୍ତୁ ପାକିସ୍ତାନ ତଥାପି ତାର ପରାଜୟକୁ ହଜମ କରିପାରି ନ ଥିଲା । ଶାହିଦ ଆଫ୍ରିଦି ଭାରତ ବିରୋଧରେ ଗୋଟିଏ ପରେ ଗୋଟିଏ ବିଷ ଓଗାଳିବା ଆରମ୍ଭ କଲେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପାକିସ୍ତାନ ସେନାର ପ୍ରଶଂସା କରି ସେ କହିଛନ୍ତି,ଏହା ଭାରତୀୟ ଆକ୍ରମଣର ଏକ ନିର୍ଣ୍ଣାୟକ ଜବାବ ଥିଲା । ନୂଆଦିଲ୍ଲୀ ଇସଲାମାବାଦକୁ କମ ଆକଳନ କରିଛି ।

କରାଚୀର ସି ଭ୍ୟୁରେ ଆୟୋଜିତ "ୟୁମ-ଏ-ତାଶାକୁର" (କୃତଜ୍ଞତା ଦିବସ) ରାଲିରେ ଭାଷଣ ଦେଇ ଆଫ୍ରିଦି କହିଛନ୍ତି, ଭାରତୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ଯୁଦ୍ଧ ପ୍ରତି ଆଗ୍ରହ' ଭାରତକୁ ଏକ ସମସ୍ୟାରେ ପକାଇ ଦେଇଛି । ପ୍ରଧାନମନ୍ତ୍ରୀ ମୋଦି ଏବେ ଅନୁଭବ କରିଛନ୍ତି ଯେ ପାକିସ୍ତାନର ମୁକାବିଲା କରିବା କେତେ ମହଙ୍ଗା ପଡ଼ିପାରେ ।

ସୁପ୍ରିମକୋର୍ଟ ଶୁକ୍ରବାର କଂଗ୍ରେସ ନେତା ତଥା ଲୋକସଭାରେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀଙ୍କୁ ସ୍ୱାଧୀନତା ସଂଗ୍ରାମୀ ବୀର ସାଭରକରଙ୍କ ବିଷୟରେ ଦିଆଯାଇଥିବା ମନ୍ତବ୍ୟ ପାଇଁ କଡ଼ା ଭର୍ତ୍ସନା କରିଛନ୍ତି । ଅଦାଲତ ଏହାକୁ "ଦାୟିତ୍ୱହୀନ" ମନ୍ତବ୍ୟ ବୋଲି ଅଭିହିତ କରି ରାହୁଲ ଗାନ୍ଧୀଙ୍କୁ ଭବିଷ୍ୟତରେ ଏଭଳି ବୟାନ ଦେବାରୁ ବିରତ ରହିବାକୁ ଚେତାବନୀ ଦେଇଛନ୍ତି । ଅଦାଲତ ଆହୁରି କହିଛନ୍ତି ଯେ ଏଭଳି ମନ୍ତବ୍ୟ ଜାରି ରହିଲେ ସେ ନିଜ ପକ୍ଷରୁ ମାମଲା ଗ୍ରହଣ କରିପାରନ୍ତି ।

ରାହୁଲ ଗାନ୍ଧୀଙ୍କ ବିରୁଦ୍ଧରେ ଅଭିଯୋଗ ରହିଛି ଯେ ସେ ବିଭିନ୍ନ ଜନସଭା ଏବଂ ବୟାନରେ ବୀର ସାଭରକରଙ୍କ ସ୍ୱାଧୀନତା ସଂଗ୍ରାମରେ ଭୂମିକା ଉପରେ ପ୍ରଶ୍ନ ଉଠାଇଛନ୍ତି । ସେ ଅଭିଯୋଗ କରିଛନ୍ତି ଯେ ସାଭରକର ବ୍ରିଟିଶ ସରକାରଙ୍କୁ ଦୟାଯାଚନା ପତ୍ର ଲେଖିଥିଲେ ଏବଂ ସେମାନଙ୍କ ସହ ସହଯୋଗ କରିଥିଲେ ।

ଏହି ବୟାନକୁ ନେଇ ସାଭରକରଙ୍କ ପରିବାର ଏବଂ ଅନେକ ରାଜନୈତିକ ଗୋଷ୍ଠୀ ଆପତ୍ତି ଉଠାଇଥିଲେ । ସାଭରକରଙ୍କ ନାତୁଣୀ ସତ୍ୟାକୀ ସାଭରକର ପୁଣେର ଏକ ଅଦାଲତରେ କହିଥିଲେ ଯେ ରାହୁଲଙ୍କ ମନ୍ତବ୍ୟର ସାଭରକରଙ୍କ ସ୍ୱାଧୀନତା ସଂଗ୍ରାମରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯୋଗଦାନ ସହ କୌଣସି ସମ୍ପର୍କ ନାହିଁ । ଏହା ବ୍ୟତୀତ, ସାଭରକରଙ୍କ ପରିବାର ରାହୁଲଙ୍କ ବିରୁଦ୍ଧରେ ମାନହାନି ମାମଲା ଦାୟର କରିଥିଲେ ।

ଶୁକ୍ରବାର ଏକ ଶୁଣାଣି ସମୟରେ ସୁପ୍ରିମକୋର୍ଟ ରାହୁଲ ଗାନ୍ଧୀଙ୍କ ମନ୍ତବ୍ୟକୁ "ଅନୁଚିତ" ଏବଂ "ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଅବମାନନା" ବୋଲି ଅଭିହିତ କରିଛନ୍ତି । ଅଦାଲତ କହିଛନ୍ତି, "ଆମେ ଆମର ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଅବମାନନା କରିବାକୁ ଦେଇପାରିବୁ ନାହିଁ । ଏହା ଦେଶର ଇତିହାସ ଏବଂ ସମ୍ମାନର ପ୍ରଶ୍ନ ।"

ଅଦାଲତ ରାହୁଲଙ୍କୁ ଚେତାବନୀ ଦେଇ କହିଛନ୍ତି ଯେ ଭବିଷ୍ୟତରେ ଏଭଳି ମନ୍ତବ୍ୟ ଦେଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରେ । ଏହା ସହିତ, ଅଦାଲତ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ସାଭରକରଙ୍କ ଯୋଗଦାନ ଉପରେ ଐତିହାସିକ ତଥ୍ୟ ଆଧାରରେ ଆଲୋଚନା ହେବା ଉଚିତ, କିନ୍ତୁ ଏହା ଅବମାନନାକର ହେବା ଉଚିତ ନୁହେଁ ।

ରାହୁଲ ଗାନ୍ଧୀ ପୂର୍ବରୁ କହିଛନ୍ତି ଯେ ସେ ସାଭରକରଙ୍କ ବିଷୟରେ ଐତିହାସିକ ତଥ୍ୟ ଆଧାରରେ ମନ୍ତବ୍ୟ ଦେଇଛନ୍ତି । ସେ ଅଦାଲତରେ ଏହା ମଧ୍ୟ ଅନୁରୋଧ କରିଥିଲେ ଯେ ଏହି ମାମଲାର ସମ୍ପୂର୍ଣ୍ଣ ତଦନ୍ତ କରାଯାଉ ଯାହା ଦ୍ୱାରା ଐତିହାସିକ ଦସ୍ତାବିଜ୍‌ଗୁଡ଼ିକ ସାମ୍ନାକୁ ଆସିପାରିବ । ତଥାପି, ସୁପ୍ରିମକୋର୍ଟଙ୍କ ଏହି ଚେତାବନୀ ପରେ ରାହୁଲ ଗାନ୍ଧୀ ବା ତାଙ୍କ ଦଳ ତରଫରୁ ତୁରନ୍ତ କୌଣସି ସରକାରୀ ପ୍ରତିକ୍ରିୟା ମିଳିନାହିଁ ।

ନ୍ୟାଶନାଲ ହେରାଲ୍ଡ ମାମଲା ପୁଣି ଥରେ ଜାତୀୟ ରାଜନୀତିର କେନ୍ଦ୍ରବିନ୍ଦୁ ପାଲଟିଛି । କଂଗ୍ରେସ ନେତା ସୋନିଆ ଗାନ୍ଧୀ ଏବଂ ରାହୁଲ ଗାନ୍ଧୀଙ୍କ ବିରୋଧରେ ଏନଫୋର୍ସମେଣ୍ଟ ଡାଇରେକ୍ଟୋରେଟ (ଇଡି) ୫୦୦୦ କୋଟି ଟଙ୍କାର ସମ୍ପତ୍ତି ଅନୁଚିତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭାବେ ହସ୍ତାନ୍ତର ଅଭିଯୋଗ ଆଣିଛି । ଏହି ମାମଲାରେ ଇଡି ସୋନିଆ ଓ ରାହୁଲଙ୍କୁ ମୁଖ୍ୟ ଅଭିଯୁକ୍ତ କରି ଦିଲ୍ଲୀର ରାଉଜ ଆଭେନ୍ୟୁ କୋର୍ଟରେ ଏକ ଚାର୍ଜସିଟ ଦାଖଲ କରିଛି । ଏହାର ଶୁଣାଣି ଏପ୍ରିଲ ୨୫ରେ ହୋଇଥିଲା, କିନ୍ତୁ କୋର୍ଟ ଅଧିକ ପ୍ରମାଣ ମାଗି ମେ ୨ ପାଇଁ ପରବର୍ତ୍ତୀ ଶୁଣାଣି ପାଇଁ ସ୍ଥିର କରିଛି ।

ନ୍ୟାଶନାଲ ହେରାଲ୍ଡ ହେଉଛି ଜବାହାରଲାଲ ନେହେରୁଙ୍କ ଦ୍ୱାରା ୧୯୩୮ ମସିହାରେ ପ୍ରତିଷ୍ଠିତ ଏକ ଖବରକାଗଜ, ଯାହା ଆସୋସିଏଟେଡ ଜର୍ନାଲ୍ସ ଲିମିଟେଡ (ଏଜେଏଲ) ଦ୍ୱାରା ପ୍ରକାଶିତ ହେଉଥିଲା । ୨୦୦୮ ମସିହାରେ ଆର୍ଥିକ କ୍ଷତି ହେତୁ ଏହା ବନ୍ଦ ହୋଇଥିଲା ଏବଂ ଏଜେଏଲ ଉପରେ ୯୦.୨୧ କୋଟି ଟଙ୍କାର ଋଣ ରହିଥିଲା, ଯାହା କଂଗ୍ରେସ ପାର୍ଟି ପ୍ରଦାନ କରିଥିଲା । ୨୦୧୦ରେ କଂଗ୍ରେସ ଏହି ଋଣକୁ ମାତ୍ର ୫୦ ଲକ୍ଷ ଟଙ୍କାରେ ୟଙ୍ଗ ଇଣ୍ଡିଆନ ଲିମିଟେଡ (ୱାଇଆଇଏଲ) ନାମକ ଏକ ନୂଆ କମ୍ପାନୀକୁ ହସ୍ତାନ୍ତର କରିଥିଲା ।

ଇଡି ଅଭିଯୋଗ କରିଛି ଯେ ଏଜେଏଲର ୨୦୦୦ କୋଟି ଟଙ୍କାର ସମ୍ପତ୍ତି (ବର୍ତ୍ତମାନ ମୂଲ୍ୟ ୫୦୦୦ କୋଟି ଟଙ୍କା) ମାତ୍ର ୫୦ ଲକ୍ଷ ଟଙ୍କାରେ ୱାଇଆଇଏଲକୁ ହସ୍ତାନ୍ତର କରାଯାଇଥିଲା, ଯାହା ଏକ ଅପରାଧମୂଳକ ଷଡଯନ୍ତ୍ର । ଏହି ସମ୍ପତ୍ତି ମଧ୍ୟରେ ଦିଲ୍ଲୀର ହେରାଲ୍ଡ ହାଉସ, ମୁମ୍ବାଇ, ଲକ୍ଷ୍ନୌ, ପାଟନା ଓ ଭୋପାଳରେ ଥିବା ମୂଲ୍ୟବାନ ଅଚଳ ସମ୍ପତ୍ତି ରହିଛି । ଇଡି ଦାବି କରିଛି ଯେ ଏହି ହସ୍ତାନ୍ତର ମାଧ୍ୟମରେ ସୋନିଆ ଓ ରାହୁଲ ଏଜେଏଲର ସମ୍ପତ୍ତିର ଲାଭଦାୟୀ ମାଲିକ ହୋଇଛନ୍ତି ।

୨୦୧୨ରେ ଭାଜପା ନେତା ସୁବ୍ରମଣ୍ୟମ ସ୍ୱାମୀ ଏହି ମାମଲାରେ ଏକ ବ୍ୟକ୍ତିଗତ ଅଭିଯୋଗ ଦାୟର କରିଥିଲେ, ଯେଉଁଥିରେ ସୋନିଆ ଓ ରାହୁଲଙ୍କୁ ଠକେଇ, ଅନୁଚିତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସମ୍ପତ୍ତି ହସ୍ତାନ୍ତର ଓ ଅର୍ଥ ହେରଫେର ଅଭିଯୋଗ କରାଯାଇଥିଲା । ୨୦୧୪ରେ ଦିଲ୍ଲୀ କୋର୍ଟ ଏହି ମାମଲାରେ ସୋନିଆ, ରାହୁଲ, ସାମ ପିଟ୍ରୋଡା, ସୁମନ ଦୁବେ ଏବଂ ଅନ୍ୟମାନଙ୍କୁ ସମନ ଜାରି କରିଥିଲା । ୨୦୧୮ରେ ସୋନିଆ ଓ ରାହୁଲ ଜାମିନ ପାଇଥିଲେ ।

ଇଡି ୨୦୨୧ରେ ଏହି ମାମଲାରେ ଅର୍ଥ ହେରଫେର ତଦନ୍ତ ଆରମ୍ଭ କରିଥିଲା ଏବଂ ୨୦୨୩ରେ ୭୫୧.୯ କୋଟି ଟଙ୍କାର ସମ୍ପତ୍ତି ଜବତ କରିଥିଲା । ଏପ୍ରିଲ ୨୦୨୫ରେ ଇଡି ଏକ ଚାର୍ଜସିଟ ଦାଖଲ କରି ଅଭିଯୋଗ କରିଛି ଯେ ୱାଇଆଇଏଲ ଓ ଏଜେଏଲ ବ୍ୟବହାର କରି ୧୮ କୋଟି ଟଙ୍କାର ମିଛ ଦାନ, ୨୯ କୋଟି ଟଙ୍କାର ମିଛ ବିଜ୍ଞାପନ ମାଧ୍ୟମରେ ଅପରାଧମୂଳକ ଆୟ ସୃଷ୍ଟି କରାଯାଇଛି ।

ଭାଜପା ଏହି ମାମଲାକୁ କଂଗ୍ରେସର ଦୁର୍ନୀତି ଓ ବଂଶବାଦୀ ରାଜନୀତିର ଉଦାହରଣ ବୋଲି ଅଭିହିତ କରିଛି । ଭାଜପା ନେତା ରବି ଶଙ୍କର ପ୍ରସାଦ ଓ ଅନୁରାଗ ଠାକୁର ଦାବି କରିଛନ୍ତି ଯେ ଗାନ୍ଧୀ ପରିବାର ଏକ ଟଙ୍କା ଖର୍ଚ୍ଚ ନକରି ହଜାର କୋଟି ଟଙ୍କାର ସମ୍ପତ୍ତି ହାତେଇଛନ୍ତି । ଅନ୍ୟପକ୍ଷରେ, କଂଗ୍ରେସ ଏହାକୁ ରାଜନୈତିକ ପ୍ରତିହିଂସା ବୋଲି କହି ଦାବି କରିଛି ।

ଭାଜପା ଦାବି କରିଛି ଯେ ୧୯୫୦ ମସିହାରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ନେହେରୁଙ୍କୁ ନ୍ୟାଶନାଲ ହେରାଲ୍ଡର ଆର୍ଥିକ କାରବାର ନେଇ ଚେତାବନୀ ଦେଇଥିଲେ । ପଟେଲ ସନ୍ଦେହଜନକ ଉତ୍ସରୁ ଅର୍ଥ ଗ୍ରହଣ ନ କରିବାକୁ କହିଥିଲେ, କିନ୍ତୁ ନେହେରୁ ଏହାକୁ ଗୁରୁତ୍ୱ ଦେଇନଥିଲେ । ଭାଜପା କହୁଛି ଯେ ପଟେଲଙ୍କ ଏହି ଚେତାବନୀ ଆଜିର ଅଭିଯୋଗରେ ପ୍ରତିଫଳିତ ହେଉଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନର ଦରବାର ହଲ୍‌ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ୭୧ ଜଣ ବ୍ୟକ୍ତିଙ୍କୁ ପଦ୍ମ ପୁରସ୍କାର ସମ୍ମାନ ପ୍ରଦାନ କରିଛନ୍ତି । ୭୬ତମ ସାଧାରଣତନ୍ତ୍ର ଦିବସର ପୂର୍ବ ରାତ୍ରିରେ ପଦ୍ମ ବିଭୂଷଣ, ପଦ୍ମ ଭୂଷଣ ଓ ପଦ୍ମଶ୍ରୀ ସମ୍ମାନ ପାଇଁ ବିଭିନ୍ନ କ୍ଷେତ୍ରରେ ଉପଲବ୍ଧୀ ହାସଲ କରିଥିବା ୧୩୯ ଜଣଙ୍କ ନାମକୁ ଘୋଷଣା କରାଯାଇଥିଲା ।

ଏହି ଅବସରରେ ରାଷ୍ଟ୍ରପତି ଓଡ଼ିଶାର ଅଶୋକ କୁମାର ମହାପାତ୍ର, ଅଦ୍ୱୈତ ଚରଣ ଗଡ଼ନାୟକ ଏବଂ ଦୁର୍ଗା ଚରଣ ରଣବୀରଙ୍କୁ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ କରିଛନ୍ତି । ଚିକିତ୍ସା କ୍ଷେତ୍ରରେ ନିଜ ଅବଦାନ ପାଇଁ ଅଶୋକ କୁମାର ମହାପାତ୍ର ଏବଂ କଳା କ୍ଷେତ୍ରରେ ଅଦ୍ୱୈତ ଚରଣ ଗଡ଼ନାୟକ ଓ ଦୁର୍ଗା ଚରଣ ରଣବୀରଙ୍କୁ ସମ୍ମାନିତ କରାଯାଇଛି ।

ଓଟିଟି ଏବଂ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକରେ ଆପତ୍ତିଜନକ ଏବଂ ଅଶ୍ଲୀଳ ଭିଡିଓ ଆଦି ପ୍ରସାରଣକୁ ନିଷିଦ୍ଧ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ଉଦୟ ମହୁରକର ଜନସ୍ୱାର୍ଥ ମାମଲା ଦାଏର କରିଛନ୍ତି । ଅଶାଳୀନ ବିଷୟବସ୍ତୁଗୁଡ଼ିକର ଅବାଧ ପ୍ରସାର ସ୍ୱାଭାବିକ ଭାବେ ଚିନ୍ତାଜନକ ବୋଲି ମହୁରକରଙ୍କ ତରଫରୁ ଆଇନଜୀବୀ ବିଷ୍ଣୁଶଙ୍କର ଜୈନ ଅଦାଲତଙ୍କୁ କହିଛନ୍ତି ।

ଏଭଳି ଯୌନ ଶୋଷଣକାରୀ ଭିଡିଓ ଯୁବବର୍ଗ ଓ ଛୋଟ ପିଲାମାନଙ୍କ ମାନସିକତାକୁ ଦୂଷିତ କରିବା ସହ ବିକୃତ ପ୍ରବୃତ୍ତି ବଢ଼ାଉଛି ଏବଂ ଅପରାଧ ହାର ବୃଦ୍ଧି ପାଉଛି । ଏଭଳି ବିଷୟବସ୍ତୁ ପ୍ରସାରଣକୁ ରୋକା ନ ଗଲେ ସାମାଜିକ ମୂଲ୍ୟବୋଧ, ମାନସିକ ସ୍ୱାସ୍ଥ୍ୟ ଏବଂ ସର୍ବସାଧାରଣ ନିରାପତ୍ତା ଉପରେ ଗମ୍ଭୀର ପ୍ରଭାବ ପଡ଼ିପାରେ ବୋଲି ମହୁରକର ତାଙ୍କ ପିଟିଶନ୍‌ରେ ଦର୍ଶାଇଛନ୍ତି । ଜବାବରେ କେନ୍ଦ୍ର ସରକାରଙ୍କ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଛନ୍ତି, କେତେକ ନିୟମାବଳୀ କାର୍ଯ୍ୟକାରୀ ହୋଇଥିବାବେଳେ ଅନ୍ୟ କେତେକ ବିଚାରାଧୀନ ରହିଛି । କେତେକ ବିଷୟବସ୍ତୁ ଏତେ ବିକୃତ ଯେ, ୨ ଜଣ ସମ୍ମାନିତ ବ୍ୟକ୍ତି ଏକାଠି ବସି ଏହାକୁ ଦେଖିପାରିବେ ନାହିଁ ।

କେନ୍ଦ୍ର ସରକାର ଏକ ଐତିହାସିକ ନିଷ୍ପତ୍ତି ନେଇ ଆସନ୍ତା ଜନଗଣନାରେ ଜାତିଭିତ୍ତିକ ଜନଗଣନା କରିବାକୁ ନିଷ୍ପତ୍ତି ନେଇଛନ୍ତି । କେନ୍ଦ୍ରୀୟ ମନ୍ତ୍ରିମଣ୍ଡଳର ରାଜନୈତିକ ବ୍ୟାପାର ସମିତି (CCPA) ଏହି ନିଷ୍ପତ୍ତିକୁ ଅନୁମୋଦନ ଦେଇଛି । ୨୦୨୫ରୁ ୨୦୨୬ ମଧ୍ୟରେ ଆରମ୍ଭ ହେବାକୁ ଥିବା ଜନଗଣନାରେ ଜାତି ଆଧାରିତ ତଥ୍ୟ ସଂଗ୍ରହ କରାଯିବ ।

କେନ୍ଦ୍ରୀୟ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗଣମାଧ୍ୟମକୁ ସମ୍ବୋଧନ କରିବା ସମୟରେ ଏହା ସ୍ପଷ୍ଟ କରିଛନ୍ତି ଯେ, ଏହି ଜାତିଭିତ୍ତିକ ଜନଗଣନା ଦେଶରେ ସାମାଜିକ ନ୍ୟାୟ ଓ ସମାନତା ପାଇଁ ନୀତି ନିର୍ଦ୍ଧାରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ସେ ଆହୁରି କହିଛନ୍ତି ଯେ, କଂଗ୍ରେସ ପୂର୍ବରୁ ଏହାର ବିରୋଧ କରୁଥିଲା, କିନ୍ତୁ ମୋଦୀ ସରକାର ଏହି ପଦକ୍ଷେପ ନେଇ ଦେଶବାସୀଙ୍କୁ ଏକ ନୂଆ ଦିଗ ଦେବାକୁ ପ୍ରତିବଦ୍ଧ ।

ଜାତିଭିତ୍ତିକ ଜନଗଣନା ଦୀର୍ଘ ଦିନର ଏକ ଦାବି ରହି ଆସିଛି, ଯାହା ସାମାଜିକ ଓ ଅର୍ଥନୈତିକ ପଛୁଆବର୍ଗଙ୍କ ପାଇଁ ନୀତି ପ୍ରଣୟନରେ ସହାୟକ ହେବ ବୋଲି ବିଶ୍ୱାସ କରାଯାଉଛି । ଏହା ଦ୍ୱାରା ସରକାରୀ ଯୋଜନା ଓ ସୁବିଧାଗୁଡ଼ିକ ଅଧିକ ଯଥାର୍ଥ ଓ ଲକ୍ଷ୍ୟଭିତ୍ତିକ ଭାବେ ପହଞ୍ଚାଯାଇ ପାରିବ ।

ଏହି ନିଷ୍ପତ୍ତିକୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି । ତେବେ, ଏହାର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କାର୍ଯ୍ୟକାରୀତା ଓ ତଥ୍ୟ ସଂଗ୍ରହ ପ୍ରକ୍ରିୟାକୁ ନେଇ ମଧ୍ୟ ଆଲୋଚନା ଜାରି ରହିଛି । ସରକାର ଏହି ଜନଗଣନାକୁ ସଫଳ କରିବା ପାଇଁ ସମସ୍ତ ରାଜ୍ୟ ସରକାରଙ୍କ ସହ ମିଳିତ ଭାବେ କାର୍ଯ୍ୟ କରିବେ ବୋଲି ଜଣାପଡ଼ିଛି । ଏହି ପଦକ୍ଷେପ ଦେଶରେ ସାମାଜିକ ଗତିଶୀଳତା ଓ ନ୍ୟାୟ ବଣ୍ଟନକୁ ଆହୁରି ସୁଦୃଢ଼ କରିବ ବୋଲି ଆଶା କରାଯାଉଛି ।

କିଟ ବିଶ୍ୱବିଦ୍ୟାଳୟ(KIIT)ରେ ପୁଣି ଜଣେ ନେପାଳୀ ଛାତ୍ରୀ ଆତ୍ମହତ୍ୟା କରିଛନ୍ତି । ପୋଲିସ କମିଶନର ଏନେଇ ସୂଚନା ଦେଇଛନ୍ତି । ସେପଟେ ଏହି ଘଟଣାରେ ଉଦବେଗ ପ୍ରକାଶ କରିଛନ୍ତି ନେପାଳ ବୈଦେଶିକ ମନ୍ତ୍ରୀ ଆରଜୁ ରାଣା ଦେଉବା । ସେ ଟୁଇଟ୍ ଯୋଗେ ଘଟଣାକୁ ନେଇ ଦୁଃଖ ପ୍ରକାଶ କରିବା ସହ ଘଟଣାର ଯାଞ୍ଚ ପାଇଁ କହିଛନ୍ତି ।

ନେପାଳ ବୈଦେଶିକ ମନ୍ତ୍ରୀ ନିଜ ଟୁଇଟ୍‌ରେ କହିଛନ୍ତି,ଓଡ଼ିଶାର କଳିଙ୍ଗ ଇନଷ୍ଟିଚ୍ୟୁଟ ଅଫ ଇଣ୍ଡଷ୍ଟ୍ରିଆଲ ଟେକ୍ନୋଲୋଜି (KIIT) ବିଶ୍ୱବିଦ୍ୟାଳୟରେ ଅଧ୍ୟୟନରତ ନେପାଳୀ ଛାତ୍ରୀ ପ୍ରିସା ସାହଙ୍କ ତାଙ୍କ ହଷ୍ଟେଲ ରୁମ୍‌ରେ ମୃତଦେହ ମିଳିବା ଘଟଣା ଆମକୁ ଗଭୀର ଦୁଃଖ ଦେଇଛି । ପ୍ରିସାଙ୍କ ଆତ୍ମାର ସଦ୍‌ଗତି କାମନା କରୁଛୁ । ଏହି ଦୁଃଖଦ ମୁହୂର୍ତ୍ତରେ ମୁଁ ତାଙ୍କ ପରିବାର ପ୍ରତି ମୋର ସମବେଦନା ଜଣାଉଛି ।

ଘଟଣା ପରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ତୁରନ୍ତ କୂଟନୈତିକ ପ୍ରୟାସ ଆରମ୍ଭ କରିଛି, ଭାରତ ସରକାର, ଓଡ଼ିଶା ସରକାରଙ୍କ ବରିଷ୍ଠ ଅଧିକାରୀ ଏବଂ ଦିଲ୍ଲୀରେ ଥିବା ନେପାଳୀ ଦୂତାବାସ ସହିତ ସମନ୍ୱୟ ରଖି ଘଟଣାର ସତ୍ୟତା ଏବଂ ତଥ୍ୟ ତଦନ୍ତ କରିଛି ।

ସୂଚନାଯୋଗ୍ୟ, ଗୁରୁବାର କିଟ୍ ହଷ୍ଟେଲ ରୁମରୁ ନେପାଳ ଛାତ୍ରୀଙ୍କ ମୃତଦେହ ଉଦ୍ଧାର ହୋଇଥିଲା । ତେବେ କେଉଁ ପରିସ୍ଥିତିରେ ଛାତ୍ରୀଙ୍କ ମୃତ୍ୟୁ ହୋଇଛି ଏଯାଏ ସ୍ପଷ୍ଟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହୋଇନାହିଁ । ଗତ ଫେବୃଆରୀ ୧୬, ୨୦୨୫ରେ ଜଣେ ୨୦ ବର୍ଷୀୟ ନେପାଳୀ ଛାତ୍ରୀ ପ୍ରକ୍ରିତି ଲମସାଲଙ୍କ ଆତ୍ମହତ୍ୟା ପରେ ଏହା ଦ୍ୱିତୀୟ ଏଭଳି ଘଟଣା । ଘଟଣାର ପ୍ରାଥମିକ ତଦନ୍ତରୁ ଜଣାପଡିଥିଲା ଯେ, ଛାତ୍ରୀ ଜଣଙ୍କ ଜଣେ ସହପାଠୀଙ୍କ ଦ୍ୱାରା ନିର୍ଯାତନାର ଶିକାର ହୋଇଥିଲେ । ଏହି ଅଭିଯୋଗକୁ ନେଇ ସେ ବିଶ୍ୱବିଦ୍ୟାଳୟର ଇଣ୍ଟରନ୍ୟାଶନାଲ ରିଲେସନ୍ସ ଅଫିସ (IRO)ରେ ଅଭିଯୋଗ କରିଥିଲେ, କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିଲା । ଜାତୀୟ ମାନବାଧିକାର ଆୟୋଗ (NHRC) ତାଙ୍କ ରିପୋର୍ଟରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଏହି ଅବହେଳାକୁ ଗୁରୁତର ଅବହେଳା ବୋଲି କୁହାଯାଇଥିଲା ।

ଚଳିତ ସମୟରେ ଯେଉଁ ଘଟଣା ସର୍ବାଧିକ ଓଡ଼ିଆ ଜନମାନସକୁ ଆହତ କରିଥିଲା ତାହା ହେଉଛି ପଶ୍ଚିମବଙ୍ଗ ସରକାରଙ୍କ ଦ୍ୱାରା ନୂତନ ଜଗନ୍ନାଥ ମନ୍ଦିରର ନିର୍ମାଣ କାର୍ଯ୍ୟ ଏବଂ ଏହାକୁ ଜଗନ୍ନାଥ ଧାମ ବୋଲି ନାମକରଣ କରିବାର ଧୃଷ୍ଟତା ।

ହୁଏତ ଆପଣ ଶୁଣିଥିବେ କିମ୍ବା ପଢ଼ିଥିବେ, ଗତ କାଲି ଅର୍ଥାତ ଓଡ଼ିଆ ତିଥି ଅନୁସାରେ ଅକ୍ଷୟ ତୃତୀୟା ପର୍ବରେ ଓଡ଼ିଶାର ଉତ୍ତରରେ ଥିବା ପଶ୍ଚିମ ବଙ୍ଗର ଦୀଘା ନାମକ ସ୍ଥାନରେ ଗୋଟିଏ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା କରାଯାଇଛି । ହେଲେ ଜଗନ୍ନାଥ ମନ୍ଦିର କେବଳ ଭାରତ ନୁହେଁ ବରଂ ବିଶ୍ୱର ଅନେକ ସ୍ଥାନରେ ପ୍ରତିଷ୍ଠା ହୋଇଛି ଏବଂ ଲୋକପ୍ରିୟ ମଧ୍ୟ ହୋଇଛି । ଏହି ନୂଆ ମନ୍ଦିରରେ ବିଶେଷତ୍ୱ କଣ ରହିଛି ?

କୁହାଯାଉଛି ଏହି ମନ୍ଦିରକୁ କାଳେ ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିରର ଅବିକଳ ନକଲ ଭାବରେ ନିର୍ମାଣ କରାଯାଇଛି । ଭଲ କଥା । ଆମେ ଖୁସି ଯେ ଆମର ପୁରାତନ ଐତିହ୍ୟ ଓ ଶିଳ୍ପକଳାକୁ ସରକାର ମାନେ ବଞ୍ଚାଇ ରଖିବାକୁ ଚେଷ୍ଟା କରୁଛନ୍ତି । ଅବଶ୍ୟ ଏହି

Listen to Odia Podcast Original at https://youtube.com/@drjyotiprasad

ମନ୍ଦିରରେ ପ୍ରସ୍ତର ନିର୍ମିତ ମୂର୍ତ୍ତିମାନ ପୂଜା ପାଇବେ । ଅର୍ଥାତ ମୁଖ୍ୟ ଶ୍ରୀ ଜଗନ୍ନାଥ ମନ୍ଦିର ଭଳି ଏଠାରେ କାଷ୍ଠନିର୍ମିତ ମୂର୍ତ୍ତି ପୂଜାପାଇବେ ନାହିଁ । ପାଆନ୍ତେ ବା କେମିତି ? ମୁଖ୍ୟ ମନ୍ଦିରରେ କାଷ୍ଠପିତୁଳାରେ ପରା ବ୍ରହ୍ମପଦାର୍ଥ ରହେ । ପଥର ନିର୍ମିତ ମୂର୍ତ୍ତିରେ କେମିତି ରହିବେ ? ଆଉ ଯଦି ବା ରହିବେ, ଆସିବେ କୋଉଠୁ ? ସବୁକିଛି ନକଲ କରିହେବ ସିନା ବ୍ରହ୍ମ ପଦାର୍ଥ ତ ଆଉ ନକଲ କରି ହେବନି । ସେ ଯା'ହେଉ ଜଗନ୍ନାଥ ଧର୍ମର ପ୍ରଚାର ଓ ପ୍ରସାର ପାଇଁ ସମସ୍ତ ଜଗନ୍ନାଥପ୍ରେମୀ ଆନନ୍ଦିତ ହେବା କଥା, ହେଲେ ଏହି ମନ୍ଦିରକୁ ନେଇ ବର୍ତ୍ତମାନ ଜନ ଅସନ୍ତୋଷ ବ୍ୟାପିବାରେ ଲାଗିଛି ।

ପ୍ରଥମେ ଶୁଣାଯାଉଥିଲା ଯେ ଏହି ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଶ୍ରୀମନ୍ଦିରର କୌଣସି ଅଧିକୃତ କର୍ମଚାରୀ ବା ସେବକ ଯୋଗ ଦେଇ ପାରିବେ ନାହିଁ । ଆମେ ବୁଝି ପାରୁନଥିଲୁ ଯେ ଏହିଭଳି ନ୍ୟାୟନିଶାପ କାହିଁକି କରାଯାଇଛି । ହେଲେ ଗତକାଲି ଏହି ମନ୍ଦିର ସମ୍ବନ୍ଧରେ ଏକ ରାଷ୍ଟ୍ରୀୟ ସ୍ତରର ଖବରକାଗଜର ମୁଖପୃଷ୍ଠାରେ ପ୍ରକାଶିତ ଏକ ବିଜ୍ଞାପନ ଦେଖିବା ପରେ ଆମେ ବୁଝି ପାରିଲୁ ଯେ କାହିଁକି ଅନେକେ ଏହି ମନ୍ଦିର ପାଇଁ ଉତ୍ସାହିତ ନୁହନ୍ତି ।

ପ୍ରକାଶିତ ବିଜ୍ଞାପନରେ ଲେଖା ହୋଇଥିଲା, ଜଗନ୍ନାଥ ଧାମ, ଦୀଘା ।

ଧାମ ? ଏହି ମନ୍ଦିରକୁ ଧାମ ବୋଲି ପ୍ରମାଣିତ କରିଛନ୍ତି କିଏ ? ଶଙ୍କରାଚାର୍ଯ୍ୟ ହିଁ ଏହିଭଳି ଘୋଷଣା କରି ପାରନ୍ତି । ଆଦି ଶଙ୍କରାଚାର୍ଯ୍ୟ ଭାରତବର୍ଷରେ ଚାରିଗୋଟି ଧାମ ରହିଥିବା କଥା କହି ଯାଇଛନ୍ତି ଯାହା ଯାବତ୍‌ସୂର୍ଯ୍ୟଚନ୍ଦ୍ରାର୍କେ ସତ୍ୟ ଓ ଏହା ପରିବର୍ତ୍ତନ ହେବା ସମ୍ଭବ ନୁହେଁ । ତା ହେଲେ ଦୀଘାରେ ନିର୍ମିତ ଜଗନ୍ନାଥ ମନ୍ଦିରକୁ ଧାମ ବୋଲି କେମିତି ସେଇ ରାଜ୍ୟର ଶାସକ ଗୋଷ୍ଠୀ ଘୋଷଣା କରିଦେଲେ । ଏହିଭଳି ନାମକରଣ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କରି ସେ ଜନ ସାଧାରଣଙ୍କ ମନରେ ସଂଶୟ ସୃଷ୍ଟି କରୁନାହାନ୍ତି ତ ? ଯେଉଁଭଳି ପୁରୀ ଶ୍ରୀକ୍ଷେତ୍ର ସେହିଭଳି ଦୀଘା ମଧ୍ୟ ଜଗନ୍ନାଥଙ୍କ ଧାମ ବୋଲି ଧାରଣା ଜାଗ୍ରତ କରିବାକୁ ଚେଷ୍ଟା ହେଉ ନାହିଁ ତ ? ଯୁଗଯୁଗରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶରଣରେ ଆସୁଥିବା ବିଶାଳ ସନାତନ ହିନ୍ଦୁ ସମାଜକୁ ବିଭାଜିତ କରାଯିବା ପାଇଁ ପ୍ରଚେଷ୍ଟା ହେଉ ନାହିଁ ତ ?

ଜଗନ୍ନାଥଙ୍କ ମନ୍ଦିର ଓଡ଼ିଶାର ପ୍ରାୟ ସମସ୍ତ ଜିଲ୍ଲାରେ ରହିଛି । ସର୍ବାଧିକ ଗଞ୍ଜାମ ଜିଲ୍ଲାରେ ରହିଥିବା କଥା ସରକାରୀ ଦସ୍ତାବେଜ କହେ । ତଥାପି ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ସମଗ୍ର ଓଡ଼ିଆ ଜାତିରେ ପ୍ରାଣକେନ୍ଦ୍ର । ସେ ଶଙ୍ଖକ୍ଷେତ୍ରରେ ନୀଳଗିରିରେ ଉଭା ଜଗନ୍ନାଥଙ୍କ ନୟନ ଯୁଗଳର ଦର୍ଶନ କରିଲେ ଜୀବନ ଧନ୍ୟ ହୋଇଯାଏ । ଭାରତର ଅନେକ ପୌରାଣିକ ଗ୍ରନ୍ଥ, ଶାସ୍ତ୍ର, ବେଦ ଓ ବେଦାନ୍ତରେ ଜଗନ୍ନାଥ ଧାମର ମହାତ୍ମ୍ୟ ବିଷୟରେ ଉଲ୍ଲେଖ ରହିଛି । କେବଳ ଜଗନ୍ନାଥଙ୍କ ମନ୍ଦିର ନୁହେଁ, ବରଂ ଏହି କ୍ଷେତ୍ରରେ ଧୂଳିକଣାରେ ମଧ୍ୟ ରହିଛି ପବିତ୍ର ଆଧ୍ୟାତ୍ମିକତା । କୁହାଯାଏ ଏହି କ୍ଷେତ୍ରରେ ଯମ ପ୍ରବେଶ କରି ପାରନ୍ତି ନାହିଁ । ତେଣୁ କେବଳ ଜଗନ୍ନାଥ ମନ୍ଦିର ହିଁ ନୁହେଁ ବରଂ ସମଗ୍ର କ୍ଷେତ୍ରକୁ ହିଁ ଜଗନ୍ନାଥ ଧାମର ସମ୍ମାନ ପ୍ରାପ୍ତ ହୋଇଛି ।

ହେଲେ ସଦ୍ୟ ନିର୍ମିତ ମନ୍ଦିରଟିଏର ପ୍ରଚାର ହେତୁ କିଭଳି ଭାବରେ ଏହାକୁ ଧାମ ବୋଲି ଘୋଷଣା କରାଯାଇଛି ତାହା ପରିଚର୍ଚ୍ଚାର ବିଷୟ ହେଉ । ପର୍ଯ୍ୟଟନ ପାଇଁ ଏହା ପ୍ରକୃଷ୍ଟ ସ୍ଥାନ ହୁଏତ ହୋଇପାରେ । ସୁଦୂର ପଶ୍ଚିମବଙ୍ଗରୁ ଶ୍ରୀକ୍ଷେତ୍ରକୁ ଆସୁଥିବା ଭକ୍ତମାନେ ଏବେ ହୁଏତ ହାତ ପାହାନ୍ତାରେ ଜଗନ୍ନାଥ ମନ୍ଦିର ସହ ସମୁଦ୍ର ବେଳାଭୂମିର ଆନନ୍ଦ ନେବାପାଇଁ ଦୀଘା ଯାଇ ପାରନ୍ତି । ଶୁଣାଯାଉଛି ଏହି ମନ୍ଦିରରେ କାଳେ ଜାତିଧର୍ମ ନିର୍ବିଶେଷରେ ସମସ୍ତେ ପ୍ରବେଶ କରି ପାରିବେ ବୋଲି କୁହାଯାଇଛି । ଏହା ଏକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସ୍ୱାଗତଯୋଗ୍ୟ ପଦକ୍ଷେପ । ଯେଉଁମାନେ ଶ୍ରୀମନ୍ଦିରରେ ପ୍ରବେଶାଧିକାର୍ ପାଇନାହାନ୍ତି ସେମାନେ ସେଠାରେ ଯାଇ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରି ପାରିବେ । ମନ୍ଦିରର ଭବ୍ୟତାକୁ ଅନୁଭବ କରି ପାରିବେ ।

ଏହି ଆଲେଖ୍ୟକୁ ଲେଖିବା ସମୟରେ ମନରେ ପୂର୍ବରୁ ଲିଖିତ କବିତାର ପଂକ୍ତି ମନେ ପଡୁଛି, ସତରେ ଗ୍ରାମ ଶୁକରି ଗାଇ ହୋଇ ପାରିବ କି ? ଯାହା ଯେତେ ନକଲ କରି ନୀତିକାନ୍ତି କରିଲେ ସୁଦ୍ଧା ସେ କଣ ଜଗନ୍ନାଥ ଧାମ ହୋଇ ପାରିବ କି ?

ଜଗନ୍ନାଥ ଧାମ ହେଲା କେମିତି ?

ଆଶା କରୁଛି ଚଳିତ ମାସର ଆହ୍ୱାନ ଇ-ପତ୍ରିକା ଆପଣଙ୍କୁ ଭଲ ଲାଗିବ । ଦେଶ ଓ ଦୁନିଆରେ ଶାନ୍ତି ସୌହାର୍ଦ୍ଦ୍ୟ ତଥା ଆତଙ୍କବାଦର ସମୂଳ ବିନାଶ ପାଇଁ ପ୍ରାର୍ଥନା କରୁଛି । ଜୟ ଜଗନ୍ନାଥ ।

ଧନ୍ୟବାଦ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା-ସମ୍ପାଦକ, ଆହ୍ୱାନ ଇ-ପତ୍ରିକା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଗାଳ୍ପ ବିଭାଗ

ଯଦି ଆପଣ ଏହି ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଚାହୁଁଛନ୍ତି, ତା ହେଲେ ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର ଦ୍ୱାରା ଟାଇପ୍ କରନ୍ତୁ ଏବଂ ସେହି ଆଲେଖ୍ୟକୁ ଆମ ନିକଟକୁ ଇମେଲ୍ ଦ୍ୱାରା ପ୍ରେରଣ କରନ୍ତୁ । ଓଡ଼ିଆରେ ଆପଣ ଯେକୌଣସି ସଫଟ୍‌ୱେରରେ ଟାଇପ୍ କରି ପଠାଇ ପାରିବେ । ଧାରାବାହିକ କାହାଣୀ ପାଇଁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲ୍ କରି ଏକାଥରେ ପଠାଇବେ । ପ୍ରତ୍ୟେକ ଲେଖା ସହ ନିଜ ଛବି ଓ ଠିକଣା ଲେଖି ପଠାନ୍ତୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଅନେକ କଳାଛାଇ - ୨୬

ଅଶୋକ ବିଶ୍ୱାଳ



ରୌପ୍ୟ ବନ୍ଦୀଶାଳାର ଜେଲର-୭

ଡେଭିଡ ବେରୀ ମୁହଁରେ ହସ ଫୁଟଉଠିଲା । ତାଚ୍ଛଲ୍ୟରେ ଇନ୍ଦୁଭୂଷଣଙ୍କୁ ଅନାଇ ଜେଲର ଆଉ ତା'ର ଡେପୁଟି ହସି ହସି ସେ କୋଠରୀ ଛାଡି ଚାଲିଗଲେ । ସେମାନଙ୍କ ହାତରେ ସେ କାଗଜ । ଇନ୍ଦୁଭୂଷଣଙ୍କ ଦ୍ୱାରା ଲିଖିତ କାଗଜ । ତାଙ୍କ ଆତ୍ମା ବିଳପି ଉଠିଲା । ସେ କ'ଣ ଲେଖିଦେଲେ ? ତାଙ୍କ ଆଙ୍ଗୁଠି କ'ଣପାଇଁ ଛିଡିଗଲାଣି । ହାତ କ'ଣପାଇଁ ଅଥର୍ବ ହୋଇଗଲାନି । ଇନ୍ଦୁଭୂଷଣ ଡେଭିଡ ବେରୀର କୋଠରୀରରେ କଚାଡି ହୋଇପଡ଼ିଲେ । ଓ୍ୟାର୍ଡରମାନେ ତାଙ୍କୁ ନିଜ ସେଲକୁ ବୋହି ଆଣିଲେ ।

ଏ ହାତ, ଏ ଆଙ୍ଗୁଠିକୁ ଚିରଦିନ ପାଇଁ ଅଚଳ କରିଦେବାକୁ ପଡ଼ିବ । କାଲି ଭିତରେ ସବୁ କାମ ସରିବା ଦରକାର । ନହେଲେ ତାଙ୍କର ବିଳମ୍ବ ହୋଇଯିବ । ସେ ଆଉ କିଛି ଭାବିପାରିଲେନି । ଆସନ୍ତା କାଲିର ସୂର୍ଯ୍ୟୋଦୟ ପୂର୍ବରୁ ସବୁକିଛି ସରିଯିବା ଦରକାର । ଏ କାଗଜ ଉପରେ ପହୁଁଞ୍ଚିବାର ନୁହେଁ । ସେ ଯେ କାଳ କୋଠରୀ ଭିତରେ ବନ୍ଦ ଅଛନ୍ତି । କ'ଣ କରିବେ, କ'ଣ କରିବେ ? ଶେଷରେ ତାଙ୍କୁ ଉପାୟ ଦେଖାଗଲା ।

ଆତ୍ମା ଅମର । ଏ ଶରୀର ନଶ୍ୱର ।

ଇନ୍ଦୁଭୂଷଣ ତୁମେ ଭୂଲ ବାଖ୍ୟା କରୁଛ । ଏ ବାଖ୍ୟା ନୁହେଁ । ଶରୀର ନଶ୍ୱର ସତ । କିନ୍ତୁ ତୁମକୁ ସ୍ୱତ୍ୟାଗ କରିବାକୁ ଅଧିକାର ଦିଆଯାଇ ନାହିଁ । ତୁମେ ଆଉ କାହାର ନିର୍ଦ୍ଦେଶରେ କାମ କରୁଛ ?- ତାଙ୍କ ଭିତରେ କିଛି ଶବ୍ଦ ଖଇ ଫୁଟୁଥିଲା ।

ଇନ୍ଦୁଭୁଷଣ ମୃତ । ଏ ଖବର କାଲି ସକାଳେ ସମସ୍ତେ ଜାଣିବେ । ତାଙ୍କ ଲେଖା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କାଗଜ ବେରୀର ତଥାକଥିତ ମାନନୀୟଙ୍କ ଆଗରେ ପହଞ୍ଚିବା ଆଗରୁ ତାଙ୍କ ମୃତ୍ୟୁ ଖବର ସମସ୍ତେ ଜାଣିବେ । ଆଉ ତା'ପରେ ଏ କାଗଜର କିଛି ମୂଲ୍ୟ ନଥାଏ । ଡେଭିଡ ବେରୀର ଚୁକ୍ତି ଯାଉ ଗଡିଆକୁ ଗାଧୋଇ ବା ଶାଗ ଉପାଡି । ସେ ଆସନ୍ତାକାଲିର ସକାଳ ପୂର୍ବରୁ ଆତ୍ମହତ୍ୟା କରିବେ । – ସେ ନିଜକୁ ନିଜେ ବୁଝାଇଲେ । ତାଙ୍କୁ ଏ ଉପାୟ ଠିକ ଲାଗିଲା ।

ଏକ ଲମ୍ବ ଲମ୍ଫ । ଝରକା ପାଖକୁ ପହଞ୍ଚି ହେବା ସତରେ ସେ ପହଞ୍ଚିପାରିବେ । କିନ୍ତୁ ତାଙ୍କର ନିଜ ଉପରେ ସମ୍ପୂର୍ଣ୍ଣ ବିଶ୍ୱାସ ଥିଲା । ସେଇଠି ପହଞ୍ଚି ତାଙ୍କୁ ଝୁଲିଯିବାକୁ ପଡ଼ିବ । ଆଉ ସେ ଏକ ଲମ୍ବ ଲମ୍ଫ ଲଗାଇଲେ । ତା' ପୂର୍ବରୁ ନିଜ ଶାର୍ଟ ଚିରି ସେ ଏକ ରଶି ତିଆରି କରିନେଇଥିଲେ ଆଉ ତା'ର ଶକ୍ତି ପରୀକ୍ଷା କରିଥିଲେ ।

ମୃତ୍ୟୁ, ଏକ ସ୍ୱପ୍ନ କେବଳ । ଦୁନିଆ କେବେ ତ ସରେନି ସ୍ୱପ୍ନ ଆଉ ଥରେ ଜାଗ୍ରତ ହୁଏ । ନୂଆ ସ୍ୱପ୍ନ ରହିବ ।

ସେ ଆକାଶକୁ ଅନାଇଲେ । ତାଙ୍କ ସ୍କାଇଲାଇଟ ଦେଇ ଯେମିତି ଟିକେ ଜହ୍ନ ଆସିଲା ଭଳି ତାଙ୍କୁ ଲାଗିଲା । ଆକାଶରେ ଜହ୍ନ ଆତଯାତ କରୁଛି । କେମିତି କେହି ତାଙ୍କୁ ଅଟକାଇ ପାରେ ? ସେ ଆଶ୍ୱସ୍ତ ହେଲେ ।

ଭାଇମାନେ, ଦେଶପାଇଁ ଆମକୁ ଆତ୍ମବଳି ଦେବାକୁ ପଡ଼ିବ । – ସେଇ କେତେଟା ଶବ୍ଦ ମିଶାଇ ଏକ ବାକ୍ୟ ସୃଷ୍ଟି ହେଲା । ଏକ ଅଳ୍ପ ବାଡେଇ ହେବାର ଶବ୍ଦ । ସବୁ ରାଜନୈତିକ କଇଦୀଙ୍କ ଦେହରେ ଯେମିତି ଏକ ବିଦ୍ୟୁତର ସାମାନ୍ୟ ଝଟକା ଲାଗିଲା । କେହି କିଛି ଜାଣିପାରିଲେ ନାହିଁ । ଇନ୍ଦୁଭୂଷଣ ରୟ ଆଉ ଅପମାନ ସହିପାରିଲେନି । ସେ ୨୯ ଅପ୍ରେଲ ୧୯୧୨ ମସିହାରେ ଆତ୍ମହତ୍ୟା କଲେ ।

. . . . ଆଉ ତା'ପରେ ? ପରଦିନ ସକାଳେ ସେଲର ଦ୍ୱାର ଖୋଲିଗଲା । ସବୁ କଇଦୀ ବାହାରକୁ ଆସିଲେ । ଗୋଟାଏ ଓ୍ୟାର୍ଡର ପାଦ ଚିପଚିପ କରି ଚାଲି ଆସିଲା ଆଉ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଖବରଦେଲା ପୂର୍ବ ରାତିରେ ଇନ୍ଦୁ ଆତ୍ମହତ୍ୟା କରିଛନ୍ତି । ସବରକର ଆଉ ଅନ୍ୟମାନେ ହତବମ୍ବ ହୋଇଗଲେ । ସବରକର ତ ଗତକାଲି ସନ୍ଧ୍ୟାରେ ତାଙ୍କ ସହ କଥା ହୋଇଥିଲେ । ଆଉ ଆଜି ସକାଳେ ଉପର ଝରକାରୁ ତାଙ୍କ ଶରୀର ଝୁଲୁଛି । ସେ ନିଜ ଚିରା କପଡାକୁ ରଶି କରି ଗଳାରେ ଫାଶ ଲଗାଇ ଆତ୍ମହତ୍ୟା କରିଛନ୍ତି । ତାଙ୍କର ବେକ ହାଡ ଭାଙ୍ଗି ଯାଇଛି, ଜିଭ ବାହାରକୁ ବାହାରି ଆସିଛି ଆଉ ଗୋଡ ପବନରେ ଝୁଲୁଛି । ନବ ଯୁବକ ଜଣକ ନିଜର ଅପମାନ ଆଉ ସହିପାରିଲେନି । ଜେଲରେ ମୃତ୍ୟୁର ଲମ୍ବା ଛାଇ ଘେରିଗଲା ଆଉ ସବୁ ଚୁପ ହୋଇଗଲା । ଇନ୍ଦୁ ଭୂଷଣ ପ୍ରଥମ ରାଜନୈତିକ ବନ୍ଦୀ ଭାବରେ ଆତ୍ମହତ୍ୟା କଲେ ।

ବେରୀ ନିଜର ଦୋଷ ଘୋଡାଇବାକୁ ଏହି ଆତ୍ମହତ୍ୟାକୁ ଭୁଲ ଚିତ୍ରଣ କଲା । ନିଜର ପାଗଳଗୁଣ ଏବଂ ବ୍ୟକ୍ତିଗତ କନ୍ଦଳ ଯୋଗୁଁ ଇନ୍ଦୁ ଏକ ଆବେଗରେ ଆତ୍ମହତ୍ୟା କରିଛି ବୋଲି କହିବୁଲିଲା । ସେ ନିଜର ଜମାଦାର ଆଉ ପେଟି ଅଫିସର ଏହା କହିବା ପାଇଁ ଶିଖାଇଲା ।

"ମାନିକତାଲା ବୋମା କେଶର ଦୋଷୀ ହୋଇ ଦଶ ବର୍ଷ ସଜା ଭୋଗୁଥିବା ଯୁବକ ଇନ୍ଦୁଭୂଷଣ ଆତ୍ମହତ୍ୟା କରିଅଛି । ତା'କୁ ତେଲଘଣା ଇତ୍ୟାଦି କାମରେ ଉପେଯାଗ କରାଯାଇଥିଲା ଆଉ ପରେ ନିୟମ ମୁତାବକ ବାହାର କାମ ପାଇଁ ପଠାଯାଇଥିଲା । ତା'କୁ ବାହାର କାମ ଜେଲ ଭିତର କାମ ଠାରୁ କଠିନ ଆଉ ଅପମାନଜନକ ଲାଗିଥିଲା । ସେ ଭାବୁଥିଲା ଏପରି କିଛି ବାହାନା କଲେ ତା'କୁ କାମରୁ ରିହାତି ମିଳିବ । ଇନ୍ଦୁଭୂଷଣ ଏକ ସଂବେଦନଶୀଳ ଅଭିମାନୀ ଯୁବକ । ସେ କେଉଁ କାମ ଠିକ କରିପାରିଲାନି ।"- ବେରୀର ରିପୋର୍ଟ ଥିଲା । ବେରୀ ତା'କୁ ପାଗଳପଣିଆ ଯୋଗୁ ଆତ୍ମହତ୍ୟାର ରୂପ ଦେଲା ।

"ଇନ୍ଦୁ ଥିଓସଫି ବହୁତ ପଢିଥିଲା, ଫଳରେ ତା'ର ମାନସିକ ଦୁର୍ବଳତା ଦେଖାଦେଇଥିଲା । ଥିଓସଫି ଯୋଗ କରିବାକୁ ପ୍ରବର୍ତ୍ତାଏ । ଯୋଗରେ ନିଃଶ୍ୱାସ ପ୍ରଶ୍ୱାସ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନେବା ଉପରେ କିଛି ବ୍ୟାୟାମ ଅଛି ଯାହା ମସ୍ତିଷ୍କ ଉପରେ ଖରାପ ପ୍ରଭାବ ପକାଇଥାଏ । ଏଣୁ ସେ ମାନସିକ ସନ୍ତୁଳନ ବଜାୟ ରଖିପାରିଲା ନାହିଁ ।"-ପରେ ବେରୀ ଇନ୍ଦୁଭୂଷଣଙ୍କ ଆତ୍ମହତ୍ୟା ପାଇଁ ଆଉ ଏକ କାରଣ ଦର୍ଶାଇଲା । ଚିଫ କମିଶନର ମଧ୍ୟ କିଛି ସେଇ ପ୍ରକାର ଅଲଗା ରିପୋର୍ଟ ଦେଲେ । କେହି ପ୍ରକୃତ କାରଣ ଦର୍ଶାଇଲେ ନାହିଁ ।

ବେରୀ ସଂନ୍ଧ୍ୟାରେ ଇନ୍ଦୁଭୂଷଣ ଲେଖା କାଗଜଟା ନିଜ ଡ୍ରୟର ଭିତରେ ସାଇତି ଦେଲା । ତା' ମୁହଁରେ ଖୁସି ଫୁଟିଉଠିଲା ନାହିଁ । ଇନ୍ଦୁ କ'ଣ ଲେଖିଛନ୍ତି ଦେଖିବାକୁ ସେ ଚାହିଁଲା ନାହିଁ । ନିଜ କାମ ସରାଇବାକୁ ପଡ଼ିବ । ସେ ଇନ୍ଦୁଭୂଷଣଙ୍କ କାଗଜ ଦେଖିଲା । ଅକ୍ଷରର ଆକାର ବଡ଼ କି ଛୋଟ ହୋଇନି । କିଛି ଚମକୁଛି । ସେ ଡ୍ରୟର ବନ୍ଦ କଲା ଆଉ ସବୁଦିନ ଭଳି ଲେଖିଲା, "ମୁଁ ମୋତେ ଡରେନାହିଁ ।" କିନ୍ତୁ ତା' ହାତ କାହିଁକି ବହୁତ ଥରୁଥିଲା । ମାନନୀୟ ମଧ୍ୟ ତା' ପାଖକୁ ଆସିନଥିଲେ । ସେଦିନ ସେ ଆଗୁଆ ଲେଖି ଦେଇଥିଲା । ସେ ପ୍ରତୀକ୍ଷା କରିରହିଲା ।

ନାନୀ ଗୋପାଲ

ଶ୍ରୀ ନାନୀଗୋପାଲ । ରାଜଦ୍ରୋହ ଅପରାଧରେ ଧରାହୋଇ ସେଲୁଲାର ଜେଲ ଆସିଛି । ସେ ପ୍ରତିବନ୍ଧିତ ଯୁଗାନ୍ତର ଦଳରେ ସାମିଲ ଥିବା ଏକ ଭୟଙ୍କର ବାଳକ । ସେ ନିଜେ ୨ ମାର୍ଚ୍ଚ ୧୯୧୧ ମସିହାରେ ଏକ ପୁଲିସ ଅଫିସର ଉପରକୁ ବୋମା ଫୋପାଡିଛି ଆଉ ତା'କୁ ନ୍ୟାଳୟରେ ଉପଯୁକ୍ତ ବିଚାର ପରେ ୧୪ ବର୍ଷର ସଜା ମିଳିଛି ।- ଓ୍ୟାର୍ଡର କେନ୍ଦ୍ରୀୟ ଗମ୍ବୁଜ ଉପରେ ଘୋଷଣା କରୁଥିଲା । ଏକ ବଡ଼ କଇଦୀ ଆସିଲେ ଜୋର ଜୋରରେ ଯେମିତି ଘଣ୍ଟା ବାଜେ । ସେଇଟା ଅବିନାଶ ଶୁଣିପାରୁଥିଲା । ଏ ଘଣ୍ଟାଟା ପ୍ରକୃତରେ ବାଜେ କି ବାଜେନି ତାହା ଜଣାନାହିଁ । କିନ୍ତୁ ଗମ୍ବୁଜ ଉପରୁ ବଡ଼ ଘୋଷଣା ସବୁ ଓ୍ୟାର୍ଡରଙ୍କର ହୃତପିଣ୍ଡର ଗତି ବଢାଇଦିଏ । ନିଜର ପରିଚୟ ଡେଭିଡ ବେରୀ ଆଗଭଳି ଦେଲା ଆଉ କିଛି ବନ୍ଦୀ ବେରୀର ଆକାର ଆଉ ବ୍ୟବହାର ଦେଖି ଥରିଗଲେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଚିରାଚରିତ ପଦ୍ଧତିରେ ନାନୀଗୋପାଲ ଆଉ ଅନ୍ୟ କଇଦୀମାନଙ୍କୁ ଜେଲର ଡେଭିଡ ବେରୀ ଆଗରେ ଜେଲ ଭିତରେ ପଶିବା ଆଗରୁ ପେଶ କରାଗଲା । ଆଗକୁ ସେଲୁଲାର ଜେଲର ରୂପାକୋଠୀ ଭିତରେ ସେମାନେ ସମୟ ବିତାଇବେ । ଅବିନାଶ ମନେମନେ ଭାବୁଥିଲା ଜେଲଟା ଧଳା ରଙ୍ଗରେ ରଙ୍ଗେଇ ହୋଇଥିବା ଏକ ରୂପାକୋଠୀ । ଆଉ ନାନୀଗୋପାଲକୁ ଜହ୍ନ ରାତିରେ କେବେ ସେଲୁଲାର ଜେଲକୁ ଦେଖିଲା ଭଳି ମନେହେଉଥିଲା । ବାହାରେ, ଠିକ ତଳେ କଳା ସମୁଦ୍ରର ପାଣି କୁଳରେ କଚାଡି ହୋଇ ଧଳା ଫେଣ ତିଆରିକରେ । ସେତେବେଳେ ସେଲୁଲାର ଜେଲକୁ ଅନେଇଲେ ଲାଗେ ଏକ ରୂପା ବାହୁ ଥିବା ଦୁର୍ଗ । ବନ୍ଦୀମାନେ ସ୍ୱପ୍ନରେ ବିଳିବିଳେଇବେ ପଥର କାନ୍ଥ ପଛପଟେ ।

ମୁଁ ଡେଭିଡ ବେରୀ. . . . .

ମୋଟା ଇଟା କାନ୍ଥ ପଛପଟେ ତୁମେମାନେ ରୂପେଲୀ ସ୍ୱପ୍ନ ଦେଖିବ । ଭାବିବ ସେଲୁଲାର ଜେଲର କାନ୍ଥ କେମିତି ପ୍ରତିଟି ଜହ୍ନରାତିରେ ଜହ୍ନକୁ ଛୁଉଁଛି । ନିଜ ଆଖିରେ ତୁମେମାନେ ପାଚେରୀକୁ ବଡହେବା ଦେଖିବ । ଜହ୍ନ ଠିକ କାନ୍ଥ ଉପରୁ ଏକ ରୂପାଥାଳି ଭଳି ଉଦୟ ହେବ । ତୁମ ହାତ ପାହାନ୍ତକୁ ଛୁଇଁ ଚାଲିଯିବ । ତୁମେ ମୁକ୍ତ ପକ୍ଷୀ ଭଳି ମନରେ ଆକଶକୁ ଉଡିଯିବ ।- ଡେଭିଡ ବେରୀ ବାଳକ ନାନୀ ଗୋପାଲକୁ ଦେଖି କହିଲା । ନାନୀ ଗୋପାଳ ଏକ ସୁନ୍ଦର ସୁଠାମ ବାଳକ ଥିଲା । ସବୁ ବାଳକ ଭଳି ତା' ଆଖିରେ ମଧ୍ୟ ସ୍ୱପ୍ନ ଆଉ ଦୁଷ୍ଟାମୀ ଥିଲା ।

ଜହ୍ନକୁ ତାହା ହେଲେ ଧରିହେବ । - ନାନୀ ଗୋପାଲ ଭାବିଲା ।

ଯଦି ଏକଦମ ପାଖରେ ଯାଉଥିବ, ତେବେ ଡେଇଁଲେ ଆକାଶକୁ ଜହ୍ନ ସହ ଉଡିଯାଇହେବ । ଜହ୍ନ ସହ ଯାତ୍ରା ଆଉ ଜହ୍ନରେ ଚିହ୍ନ ସବୁବେଳ ପାଇଁ ରହିଯିବ । ଜହ୍ନରେ ଚିହ୍ନ କେତେଜଣଙ୍କର? ମଣିଷ ଏପର୍ଯ୍ୟନ୍ତ କେବଳ ଏକ ଶଶକର ଚିହ୍ନ ତ ଜହ୍ନରେ ଦେଖିଛି । ଜହ୍ନ ସବୁ ଠେକୁଆଙ୍କ ମାମୁଁ । ମଣିଷର ମଧ୍ୟ ପ୍ରିୟ ଜହ୍ନମାମୁଁ । -

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନାନୀ ଗୋପାଲ ମୁହଁରେ ହସ ଫୁଟି ଉଠିଲା ।

କିଶୋର ନାନୀ ଗୋପାଲ ନାକତଳେ ଭଲକରି ନିଶ ବି ଉଠିନଥିଲା । ମୁହଁ ସୁଢୌଳ, ମସୃଣ । ଟିକିଏ ଦାଗ ନାହିଁ । ମୁହଁରେ ପ୍ରଶାନ୍ତି ଭାବ । ଆଖିରେ ସ୍ୱପ୍ନ ଭାସିଯିବା ପାଇଁ । ସପନର ନଉକାର ଭାସିଯିବା ଚାଲ । ନଉକାରେ ଟିକିଟିକି ଫୁଲ ଭରିଥିବ । ଗଙ୍ଗଶିଉଳୀର ବାସ୍ନା । ଝରିପଡୁଥିବା ଫୁଲ ସପନର ନଉକାରେ । ଜହ୍ନ ଦେହରେ ସବୁ ନରମ ଫୁଲ ଭରି ଯେ ରହିଛି । ନଇଁ ଯାଉଥିବା ନାନୀ ଗୋପାଲର ମୁହଁରେ ଖୁସି ଆସିଗଲା ଆଉ ଆଖିରେ ଦୁଷ୍ଟାମୀ ।

ଏକ ରୂପେଲୀ ଘରେ ରହିବାକୁ ପଡ଼ିବ । ଆହା କି ଭାଗ୍ୟ । – ସେ ଭାବିଲା ।

କାନ୍ଥ ସବୁ ରୂପାରେ । ବାରଣ୍ଡା ରୂପାରେ । ସବୁଆଡେ ରୂପା । ଏକ ବିରାଟ ଅଭିଜ୍ଞତା ।- ନାନୀ ଗୋପାଲ ମନେମନେ ଶିହରିଗଲା ।

ନାନୀ ଗୋପାଲ ସେତେବେଳକୁ ନରମ କିଶୋର । ସେ ବୋମା ତ ଫୋପାଡିଥିଲା କିନ୍ତୁ ତା'ର ବୋମାଟା ଫୁଟି ନଥିଲା । ସେ ନିଜକୁ ରାଜନୈତିକ ବନ୍ଦୀ ଭାବରେ ବିବେଚନା କରୁଥିଲା ଆଉ ନିଜର ହକ୍ ପାଇଁ ଲଢେଇ କରୁଥିଲା । ଆଉ ନିଜକୁ ନିଜେ ଆକାଶକୁ ଦେଖି ଗୀତ ଗାଉଥିଲା ।

ମୁକ୍ତ ମୁଁ ପ୍ରଥମ ଦିନରୁ
ପବନ ସହ ଭାସିଯାଏ
ଏକ ମୋତି, କେହି ଛଡାଇ ନେବେନି
କାକରର ବିନ୍ଦୁ ମୁଁ ଘାସର ଉପରେ
ମୋ ପାଇଁ ଆକାଶରୁ ଝରି ପଡିଥାଏ ।

ଜେଲରେ ପହଂଚିବାର ପ୍ରଥମ ଦିନରୁ ନାନୀ ଗୋପାଲ ଜେଲର ନିୟମ ମାନିବାକୁ ପ୍ରସ୍ତୁତ ନଥିଲା । ସେ କେଉଁ ବେକାର କାମ କରିବନି । ତା' ବୟସରେ ପିଲାମାନେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବେକାର ଗଧ କାମ ମୋତେ କରନ୍ତିନି ।

ଏକ ଭୟଙ୍କର ବାଳକ । - ମିର୍ଜ୍ଜା ଖାନ କହିଲା ଆଉ ତା'କୁ ହାତକଡା, ଗୋଡ କଡା ପିନ୍ଧାଗଲା । ସେ ତେଲ ଘଣାରେ କାମ କରିବାପାଇଁ ମନାକଲା ।

ନାନୀ ଗୋପାଲ ସବୁଠାରୁ ଦଲ୍ଜ୍ଜନା କଇଦୀ ଥିଲା । ତା'କୁ ଅନ୍ୟ କଇଦୀଙ୍କ ଠାରୁ ଦୂରରେ ରଖାଗଲା । ତା'କୁ ଯେତେ ଲାଂଛନା ଦେଲେ ବି ସେ ଦୃଢ ରହୁଥିଲା । ଯେତେ ଅଧିକ ଦଣ୍ଡ ମିଳୁଥିଲା ସେ ସେତେ ବେଶି ଅମାନିଆ ହେଉଥିଲା । ହାତକଡି ଲଗାଇ ତା'କୁ ଠିଆ କରାଇ ଦିଆଯାଉଥିଲା । ତା'କୁ କାମ ନକରିବା ହେତୁ ଦଣ୍ଡ ମିଳୁଥିଲା । ଫଳରେ ସେ ଏମିତି ନିଜର କପଡା ସଫା କରିବା ବି ଛାଡିଦେଲା । ତା'କୁ ଅଖା ତିଆରି କପଡା ପିନ୍ଧିବାକୁ ଦିଆଗଲା, ଫଳରେ ସେ କପଡା ପିନ୍ଧିବା ବି ଛାଡିଦେଲା ।

ମୋତେ କେତେ ଶିଖାଇବ
ଖେଳିବି କିନ୍ତୁ ମୁଁ ନିଜ ହିସାବରେ
ମୁଣିରେ କୌତୁକକୁ ନେଇକି ଆସିଛି
ହସୁଥିବି, ଦୌଡୁଥିବି ତୁମ କଥାରୁ ଦୂରକୁ
ଓଲଟି କେତେ ଗୀତ ଗାଉଥିବି
ନାଚିବି କେବଳ ମୋ ହିସାବରେ ।

କି ଦୁଷ୍ଟ ବାଳକ । ଓ୍ୟାର୍ଡରମାନେ ତା'କୁ ମାଡିବସି କପଡା ପିନ୍ଧାଇ କପଡାକୁ ସିଇଁ ଦେଉଥିଲେ । କିନ୍ତୁ ରାତିରେ ସେ କପଡାକୁ ଚିରି ଫୋପାଡି ଦେଉଥିଲା । ତା'ପରେ ତା'କୁ ଚେନରେ ବାନ୍ଧି ରଖାଗଲା । କିନ୍ତୁ କେମିତି ରାତିରେ ସେ ଚେନ ଖୋଲି ଦେଉଥିଲା । ତା'ର ଏମିତି କାମପାଇଁ ତା'କୁ ଗାଳି ମିଳୁଥିଲା, କିନ୍ତୁ ସେ କିଛି ପ୍ରତିକ୍ରିୟା ଦେଖାଉ ନଥିଲା ଆଉ ଅଫିସରମାନେ ଆସିଲେ ଠିଆ ହେଉନଥିଲା କି କେଉଁ ପ୍ରଶ୍ନର ଉତ୍ତର ଦେଉନଥିଲା । ତେଣୁ ତା'କୁ ଏକୁଟିଆ ସେଲରେ ରଖିଦିଆଗଲା, ଫଳ ଏମିତି ହେଲା ଯେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେ ସେଲରୁ ମୋଟେ ବାହାରିଲା ନାହିଁ । ଏମିତିକି ଗାଧୋଇବା ପାଇଁ ବି ବାହାରୁ ନଥିଲା ।

ଓ୍ୟାର୍ଡରମାନେ ତା'କୁ ସଂମ୍ପୂର୍ଣ ଉଲଗ୍ନ ଅବସ୍ଥାରେ ଝରଣାରେ ଗାଧୋଇବା ପାଇଁ ଟେକି ନେଇଯାଉଥିଲେ । ତା' ଦେହକୁ ନଡିଆ କତାରେ ଘଷୁଥିଲେ, ଘଷା ଘଷିରେ ଦେହ ଜଳୁଥିଲା, କିନ୍ତୁ ତା'କୁ କେହି ଆଘାତ କରୁନଥିଲେ । ପଠାଣ ଓ୍ୟାର୍ଡରମାନେ ତା'କୁ ଅତି ଅଶ୍ଳୀଳ ଭାଷାରେ ଗାଳି ଦେଉଥିଲେ । ନାନୀ ଗୋପାଲ ଦିନରାତି ଲଙ୍ଗଳା ହୋଇ ବୁଲୁଥିଲା । ତେଣୁ ଓ୍ୟାର୍ଡରମାନେ ତା'କୁ ଶିକ୍ଷା ଦେବାପାଇଁ ତା'ର ଏକ କମ୍ବଳ ନେଇଗଲେ । ତେଣୁ ଆଉ ସେ ସବୁ ବିଛଣା ଫୋପାଡି ଦେଲା ।

ଲୁଚକାଳି ପାଇଁ କେତେ ଯେ କୋଠରୀ
ମୋତେ କେମିତି ଖୋଜିବ
ଆଲୁଅରେ ହଜିଯାଏ, ଅନ୍ଧାରରେ ଦେଖାଦିଏ
ମୋତେ କେହି ଛୁଇଁ ପାରିବେନି
ପଟ୍ଟୀ ତୁମର ଆଖିରେ
ମୋତେ କେବେ ଦେଖିପାରିବନି ।

ତା'ର ପ୍ରତିବାଦ ଥିଲା - ତା'କୁ ରାଜନୈତିକ ବନ୍ଦୀଭାବେ ବିବେଚନା କରାଯାଉ । ଶେଷରେ ଚିଫ କମିଶନର ଜଣାଇଦେଲେ ଯେ ତା'କୁ ରାଜନୈତିକ ବନ୍ଦୀର ମାନ୍ୟତା କେବେ ବି ମିଳିବ ନାହିଁ, ସେ ଯାହା କରୁଛି କରିପାରେ ।

ତୁମେ ଭାବୁଛ ଏମିତି କଲେ ଆମ ହୃଦୟ ବିଗଳିତ ହୋଇଯିବ । ତୁମେ ମରିଗଲେ ବି ଆମର କିଛି ପରିବର୍ତ୍ତନ ହେବନି । - ଚିଫ କମିଶନରଙ୍କ ଅଭିଭାଷା ଥିଲା ।

କିନ୍ତୁ ସେମାନେ ନାନୀ ଗୋପାଲର ଏମିତି ବ୍ୟବହାରରେ ବିଚଳିତ ଥିଲେ । ଶେଷରେ ଅଧିକାରୀମାନେ ତାଙ୍କୁ ସର୍ବ ସମ୍ମୁଖରେ ବେତ୍ରାଘାତ କରିବାକୁ ନିଷ୍ପତ୍ତି କଲେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତିନି ଚାରି ବେତ ଜୋରରେ ସର୍ବ ସମ୍ମୁଖରେ ପଡିଲେ, ବୁଦ୍ଧି ସିଧା ହୋଇଯିବ । ନାନୀ ଗୋପାଲ ସେତେବେଳକୁ ଯେ ଗୀତ ଗାଉଥିଲା-

ତୁମ କଥାରେ ରାଜି ହେବୁନାହିଁ
ଧୂଳିଆ ଆଲୁଅକୁ ଜମା ଦେଖିବୁନି
ଅଳନ୍ଧୁରେ ବନ୍ଧା ପବନକୁ
ଆମେ ଶ୍ୱାସରେ ନେବୁନି
ତୁମ ଅଭିଭାଷଣ କାନକୁ ଶୁଣାଯିବନାହିଁ
ଆଲୁଅ ଢାଳିପାରିବନି
ବାହୁରେ ତୁମ ଏତେ ଶକ୍ତି ନାହିଁ
ଆକାଶରୁ ଖୋଲା ଆଲୁଅ ଝରି ତ ଆସୁଛି
ସମୁଦ୍ରରୁ ଖୋଲା ପବନ ବୋହିତ ଆସୁଛି
ଡାଳରୁ ପକ୍ଷୀ ଗାଉଛନ୍ତି ଖୋଲା ହୃଦୟରେ
ଅନାବୃତ୍ତ ଆମେ ପ୍ରଥମ ଦିନରୁ
ଆମେ ମୁକ୍ତ, ଆମେ ସ୍ୱାଧୀନ
ଆମକୁ ତୁମେ ଢାଙ୍କି ପାରିବନି ।।

ଏହାର ଫଳ ବହୁତ ଖରାପ ହେବ । ନାନୀ ଗୋପାଲକୁ ଯଦି ବେତ୍ରାଘାତ କରାଯାଏ କାରାଗାରର ସ୍ଥିତି ଅତିମାତ୍ରାରେ ବିଗିଡିଯିବ । ସବୁ ରାଜନୈତିକ ବନ୍ଦୀମାନେ ବିଦ୍ରୋହ କରିବସିବେ । -ସବରକର କହିଲେ ।

ତେଣୁ ବେରୀକୁ ଶହେଥର ଏମିତି କରିବା ଆଗରୁ ଭାବିବାକୁ ପଡ଼ିବ । ଏହି ଲୋକମାନେ ଏଠିକି ଆସିବା ପୂର୍ବରୁ କି କି କାମ କରିଛନ୍ତି ଏ ବିଷୟ ବେରୀ ଭାବିନେଉ । ତା'ପରେ ଚିନ୍ତି କିଛି କରୁ । - ସବୁ କଇଦୀ ଏକା ସ୍ୱରରେ କହୁଥିଲେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବେରୀ ହସିବାକୁ ଚେଷ୍ଟା କରୁଥିଲା । କିନ୍ତୁ ହୃଦୟରେ ଅତି ବିଚଳିତ ଥିଲା । ଏଣେ ଦଣ୍ଡର ଘୋଷଣା ହୋଇଗଲା । ଆଉ ବେତମାଡର ତ୍ରିଭୂଜାକାର ଫ୍ରେମକୁ ଲଗାଇ ଦିଆଗଲା । ନାନୀ ଗୋପାଲକୁ ବେତ୍ରାଘାତ ହେବ । ସବୁ କଇଦୀଙ୍କୁ ସେଲ ଭିତରେ ବନ୍ଦ କରିଦିଆଗଲା । ନହେଲେ ଦଙ୍ଗା ଆଉ ବିଦ୍ରୋହ ହୋଇଯିବ । ସମସ୍ତଙ୍କ କାନ ନାନୀ ଗୋପାଲର କାନ୍ଦ ଶୁଣିବାକୁ ଠେକୁଆର କାନ ଭଳି ଠିଆହୋଇଥିଲା । ତା' ଦେହରୁ ଟପଟପ ରକ୍ତ ଝରି ପଡୁଥିବ ।

କିନ୍ତୁ ତାହା ହୋଇପାରିଲା ନାହିଁ । କିନ୍ତୁ ତା'କୁ କେହି ବେତମାଡ କରିବା ପାଇଁ ରାଜି ହେଲେନାହିଁ । ଏକଥା ଚିଫ କମିଶନରଙ୍କୁ ଜଣାଇଦିଆଗଲା । ତା'କୁ ଶେଷରେ ଫ୍ରେମରୁ ବାହାର କରିଦିଆଗଲା ।

ବାଦଲର ତେଜକୁ ଢାଙ୍କି ପାରିବନି
ଆକାଶରେ ରୂପହୀନ କଥାରେ
ଆଲୋକର ରେଖା ବଙ୍କିଯାଏ ନାହିଁ
ନୂଆ ବର୍ଣ୍ଣ କେହି ଦେଇପାରିବେନି
ସର୍ବ ସମାହିତ ସେଇଠାରେ
ସୂର୍ଯ୍ୟ ହୋଇ ଜଳୁଥିବ ଆକାଶରେ ।

ନାନୀ ଗୋପାଲର ସାହାସ ସୂର୍ଯ୍ୟଭଳି ଜ୍ୱଳନ୍ତ ଥିଲା, କେହି ତେଜକୁ ନିର୍ବାପିତ କରିପାରିନଥାନ୍ତେ । ତା'ର ଦୃଢ ନିଷ୍ଠାକୁ ଏମିତିକି ଜମାଦାରମାନେ ମଧ୍ୟ ପ୍ରଶଂସା କଲେ । ଶେଷରେ ତା'କୁ ଭାଇପର ଜେଲକୁ ସ୍ଥାନାନ୍ତରିତ କରାଗଲା । ସେ ଭାଇପର ଜେଲରେ ଭୋକ ହରତାଳ କଲା ଆଉ ତା'କୁ ସେଲୁଲାର ଜେଲକୁ ପୁଣି ଫେରାଇ ଅଣାଗଲା । ତା'କୁ ନାକଦେଇ ଦୁଧ ଦିଆଗଲା । ନାନୀ ଗୋପାଲ ରଜନୈତିକ ବନ୍ଦୀଙ୍କ ଅଧିକାର ପାଇଁ ନିଜର ଜିଦ ଜାରି ରଖିଲା । ଶେଷରେ ତା'କୁ ହାତକଡା ସହ ଝୁଲାଇ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦିଆଗଲା । କିନ୍ତୁ ତା'ର କିଛି ପରିବର୍ତ୍ତନ ହେଲାନି । ତା' ଦେହ କଙ୍କାଳସାର ହୋଇଯାଇଥିଲା ସେ ୭୨ ଦିନ ଭୋକ ହରତାଳ କରିଥିଲା । ଶେଷରେ ଅନ୍ୟ ସାଥିମାନଙ୍କ ଅନୁରୋଧରେ କିଛି ଖାଦ୍ୟ ନେଇଥିଲା ।

ସାତ ସମୁଦ୍ରର ଉର୍ମି ସ୍ପନ୍ଦନରେ
କେମିତି ମୁଁ ଯେ ଦୁର୍ବଳ
ଯଦି ନ ନିଏ ମୁଁ ଆଜି କେଇ ବିନ୍ଦୁ ଜଳ
ଆଉ କେଇ ମୁଠା ତିଳ
ପ୍ରବାହିତ ହେବ ଆଉ କେଉଁ ନିର୍ଝରିଣୀ
ଯେବେ ମୋ ଶରୀରରେ ହିମାଳୟର ପ୍ରବାହ
କେବେ ଶୁଖିବନି ନିଦାଘ ଗ୍ରୀଷ୍ମରେ
କେମିତି ହେଲି ମୁଁ ନିର୍ବଳ
ଅବାରିତ ବର୍ଷା ଝରେ ମୋ ଦେହରେ
ପ୍ରବଳ ବନ୍ୟାରେ ବାଧା ଭାଙ୍ଗିଯିବ ।।

ଆଃ । ବେତ୍ରାଗାତ ହୋଇଥିଲେ ସେ କିଶୋର କ'ଣ ସହ୍ୟ କରିପାରିଥାନ୍ତା ?- ଅବିନାଶ ଏବେ ନିଜକୁ ନିଜେ କହିହେଲା । ବହୁ ସମୟ ତା' ମନରେ ନିଜପାଇଁ ବା ଆଉ କାହାପାଇଁ ପ୍ରଶ୍ନ ଉଠିନଥିଲା ।

କ୍ରମଶଃ. . .

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ନୀଳ ଆଖିର ମୋହ

ସୁନନ୍ଦା ମହାନ୍ତି



ନୀଳ ନୀଳ ଆଖିର ଝିଅ ସ୍ନିଗ୍ଧା । ସୌମ୍ୟର ସ୍ତ୍ରୀ ହୋଇ ଆସିବା ପରେ ନୂଆବୋହୁର ମାଛ ଖୁବ ପସନ୍ଦ ବୋଲି ସମସ୍ତେ ଜାଣିଥିଲେ । ସବୁଦିନ ଶାଶୁମାଆଙ୍କ ବରାଦରେ ଘରକୁ ମାଛ ଆସୁଥିଲେ ବି ଶାଶୁମା କେବେ ଖାଆନ୍ତି ନାହିଁ । ବୋହୁର ସାହାସ ହୁଏନି ପଚାରିବାକୁ କାହିଁକି ବୋଲି କିନ୍ତୁ ସୌମ୍ୟ କହେ ସେ ତୁମ ଭଳି ବିଲେଇ ହୋଇକି ନାହିଁ । ଏ ଉତ୍ତର ଶୁଣି ସ୍ନିଗ୍ଧାକୁ ଲାଗେ ତେବେ ଆଗରୁ କଣ ମାଆ ବିଲେଇ ପରି ମାଛ ଖାଉଥିଲେ ? ଏବେ ତେବେ କାହିଁକି ଖାଉନାହାଁନ୍ତି ବୋଲି ଭାବେ କିନ୍ତୁ ପଚାରି ପାରେନା, ଯଦିଓ ମାମୁଁଘର ସମୁଦ୍ରକୂଳିଆ ଅଞ୍ଚଳରୁ ଆସୁଥାଏ ଋତୁ ଅନୁଯାଇ ଢେର ମାଛ ତା ପାଇଁ । ମାଆ କହନ୍ତି କାହିଁ ଏତେ କଷ୍ଟ କରି ଆସିଲ ଦାମ କକା ? ତ ମାମୁଁଘର ପ୍ରଜା ଦାମକକା କହନ୍ତି ତୁମେ ସିନା ଛାଡିଦେଲ ମାଛ ଖାଇବା ଦେଇ ହେଲେ ନୂଆବୋହୂ ମାଆ ପରା ମାଛ ପ୍ରିୟ । ଏଥର ସ୍ନିଗ୍ଧା କିନ୍ତୁ ଗୋଟେ କଥାରେ ନିଶ୍ଚିନ୍ତ ହୋଇଗଲେ ଯେ ଆଗରୁ ମାଆ ତେବେ ଖାଉଥିଲେ ମାଛ । ମାଛତ ମାଛ ରୋହି ଭାକୁର ମୁଣ୍ଡ ।

ସ୍ନିଗ୍ଧା ନୂଆରୁ ପୁରୁଣା ହୋଇ ଦୁଇ ଦୁଇଟା ଛୁଆର ମାଆ ହେଲେଣି । ଲାଜ ଭୟ ସଂଭ୍ରମ ବଦଳରେ ସାହାସୀ, ନିର୍ଭୟା ହେବା ସହ ପରିବାରର କର୍ତ୍ତୀ ନହେଲେ ମଧ୍ୟ ମୁକ୍ତପକ୍ଷୀଟିଏ ହୋଇପାରିଲେଣି ତ ସେଦିନ ଡ଼ଲଫିନ ଦେଖିବାକୁ ଯାଇ ପିଲାଦୁହିଁଙ୍କ ସହ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସ୍ୱାମୀଙ୍କ ସଙ୍ଗେ ଶାଶୁଙ୍କୁ ବାଧ୍ୟ କରି ଜୋର କରି ନେଇଯାଇଥିଲେ, ନୀଳ ସମୁଦ୍ରକୁଳିଆ ଅଞ୍ଚଳକୁ । ଆସନ୍ତୁ ମାଆ ସେତେବେଳର ଡଲଫିନ ଓ ଏବେର ଡଲଫିନଙ୍କ ମଧ୍ୟରେ ପ୍ରଭେଦ ଦେଖିବେ । ସତକୁ ସତ କେତେ ସମ୍ବେଦନଶୀଳ ସେମାନେ ! ଗ୍ରୁପ ପରେ ଗ୍ରୁପରେ ଯାଉଥିବା ଦର୍ଶକ ଭିତରେ ଥିବା ସମସ୍ତଙ୍କୁ କଥାରେ ନକହି ଠାରରେ ହାଲୋ ହାଏ କରିବା ଓ ସମସ୍ତଙ୍କୁ ଗେଲ କରିବା ଆଦି ସମ୍ବେଦନଶୀଳ କାର୍ଯ୍ୟକଳାପରେ ଅଭିଭୂତ ହେଉ ହେଉ ଫେରିଲା ବେଳେ ମାଆ କହୁଥିଲେ ଏ ତିମି, ଡଲଫିନମାନଙ୍କ ଭଳି ମାଛମାନେ ମଧ୍ୟ ଖୁବ ସମ୍ବେଦନଶୀଳ । ସ୍ନିଗ୍ଧା କିଛି ବୁଝି ବି ନବୁଝିବା ଆଖିରେ ଶାଶୁଙ୍କୁ ଚାହିଁ ଭାବୁଥିଲା ମାଛ ଖାଇବାକୁ ଡାକ୍ତର ମାଆଙ୍କୁ ପରାମର୍ଶ ଦେଲା ବେଳେ ମାଆଙ୍କର ମାଛମାନଙ୍କ ସମ୍ବେଦନଶୀଳତା ହୁଏତ ଅତୀତରେ କିଛି ଘଟଣା ଘଟିଛି ଯାହାଦ୍ୱାରା ମାଆ ମାଛ ଖାଇବାକୁ ରାଜି ନୁହଁ । ଏଣିକି ଗାଁ ଘରେ ପୋଖରୀ ଗାଧୁଆ ବନ୍ଦ ମାଆଙ୍କର, ନଈତୁଠରେ ବସି ଭାବନା ରାଇଜରେ ବୁଡିଯିବାରେ କଟକଣା ସ୍ନିଗ୍ଧାଙ୍କର, କାରଣ ଛୋଟ ବଡ଼ ମାଛଙ୍କ ସନ୍ତରଣ ଦୃଶ୍ୟ ଭିତରେ ହୁଏତ ଲୁଚିଛି ମାଆଙ୍କର ଏଇ ମାଛ ନଖାଇବାର କାରଣ ବୋଲି ମନେହୁଏ ସ୍ନିଗ୍ଧାଙ୍କୁ । କେମିତି ମନେଇ ମାଆଙ୍କୁ ମାଛ ଖୁଆଇବାକୁ ପଡିବ ବୋଲି ଚିନ୍ତିତ ରହୁଥିଲେ ସ୍ନିଗ୍ଧା । ହେମୋଗ୍ଲୋବିନ ପୁରା କମ, କେତେଥର ଝୁଙ୍କି ପଡିଲେଣି ମାଆ ଘରେ ଏ ଭିତରେ ।

ଲେଖାଲେଖି କରୁଥିବାରୁ କେବେ କେବେ କବି ସମ୍ମିଳନୀ ବା ସାହିତ୍ୟ ଆସରକୁ ଯିବାକୁ ହୁଏ ସ୍ନିଗ୍ଧାଙ୍କୁ ତ ସେଦିନ ଅଟୋରେ ଫେରିବାବେଳେ ସ୍କୁଲ ଫେରନ୍ତା ଛାତ୍ରୀମାନଙ୍କୁ ଦେଖି ବାନ୍ଧବୀ ଜଣେ କହୁଥାନ୍ତି ଆଜିକାଲି ବାଟ, ଘାଟ, ହାଟର ପରିବର୍ତ୍ତନ ଯୋଗୁଁ କେତେ ସୁବିଧା ! ଆମ ପିଲାବେଳେ ଏସବୁ ସୁବିଧା କୋଉଠି ଥିଲା ! କେତେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କଷ୍ଟରେ ଆମେ ପାଠ ପଢ଼ିବାକୁ ଯାଇ ଆସି କଷ୍ଟ କରି ପାଠ ପଢୁଥିଲୁ ଏ ଗାଁ ଗଣ୍ଡାରେ । ସହରରେ ବଢିଥିବା ସ୍ନିଗ୍ଧା ଏସବୁ ଅସୁବିଧାର ସମ୍ମୁଖୀନ ହୋଇନଥିଲେ ତ ସ୍ୱାମୀଙ୍କୁ ପଚାରିଥିଲେ କି କି ଅସୁବିଧା ଥିଲା ସେତେବେଳେ ଗାଁ ମାନଙ୍କରେ !

ସୌମ୍ୟଙ୍କ ଆଖି ଆଗରେ ଭାସି ଉଠିଲା ନିଜ ପିଲାଦିନକଥା । ବାପା ଥିଲେ ଶିକ୍ଷକ । ଅଳ୍ପ ଦରମାରେ ଜେଜେ ଜେଜେମା ତଥା ଦୁଇପିଇସୀ ଓ ମାଆ ସହ ସେ ଦୁଇ ଭାଇ ଭଉଣୀଙ୍କୁ ଚଳେଇବା ଭିତରେ ବାପା ଖୁବ କଷ୍ଟ କରୁଥିଲେ । ବାରି ବାଇଗଣ ଚକଟା ଲଗେଇ ଭାତ ଖାଇବା ଯେମିତି ଅଭ୍ୟାସ କରି ନେଇଥିଲେ ସେ । ସେଦିନ ଜେଜେ ମାଛଟିକେ ଖାଇବାକୁ ମନ କରିବାରୁ ବାପା ମାଛ ଆଣିଥିଲେ ଓ ବୋଉ ସବୁଥର ପରି ଖୁବ ସୁଆଦିଆ ରାନ୍ଧିବା ଆରମ୍ଭ କରିଦେଇଥିଲା ଭିତରେ ବାପା କହିଲେ ଦେହଟା ଟିକେ ଭଲ ଲାଗୁନି । ସଂସାରର ଦୁଃଖ କଷ୍ଟ କିଛି ବୁଝିବା ବୟସ ପୂର୍ବରୁ ଆମେ ଦୁଇଭାଇଭଉଣୀ ଜାଣିଥିଲୁ ବାପାଙ୍କ ଦେହ ଖରାପ ହେଲେ ଆମେ ଭାଇ ଭଉଣୀ ବାପାଙ୍କ ଉପରେ ଚଢି ଅଣ୍ଟାରୁ ପାଦ ଯାଏଁ ଘଷି ଦେଲେ ବାପା ଉଠି ବସିବେ । ଏଥର ମଧ୍ୟ ସେମିତି କରୁଥିଲୁ ହେଲେ ସବୁଥର ପରି ବାପା ଆମକୁ ଶହେରୁ ମୋର କେତେ ବା ମୋ ଭଉଣୀର କେତେ ନକହି ପଡି ରହିଥାଆନ୍ତି । ଜେଜେ ଓ ଜେଜେମାଆଙ୍କୁ ଖାଇବାକୁ ଦେଇସାରି ମାଆ ବାପାଙ୍କୁ ଡାକୁଥିଲା ଆଉ ସେ ଉଠୁନଥିଲେ । ମାଆ କହୁଥିଲା ଦୁଇ ଭଉଣୀଙ୍କ ବାହାଘର ପାଇଁ ହୋଇଥିବା କରଜ ଶୁଝିବାକୁ ଜମା ଡର ନାହିଁ । ମୋ ଭାଇଙ୍କୁ କହିଛି ଏ ସନ ଧାନ ବିକି ଆମକୁ ପଇସା ଦେଲେ ଆମେ ଆଗ କରଜ କରଜ ଶୁଝି ଦେବା । ପରେ ଆସ୍ତେ ସୁସ୍ତେ ତାଙ୍କୁ ଟଙ୍କା ଦେଇଦେବା କହି ଯେତେ ବାପାଙ୍କୁ ଡାକିଲେ ବି ସେ ଉଠୁନଥିଲେ । ହଲେଇ ଦେଇ ଛାତିରେ ହାତ ରଖି ମାଆ କଣ ବାରିଲା କେଜାଣି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭୋ ଭୋ କାନ୍ଦି ମୋ ସଂସାର ଭାସିଗଲା କହୁଥିଲା । ରାସ୍ତା ଘାଟ ଭଲ ନଥିବାରୁ ହସ୍ପିଟାଲ ନେଇ ହେଲାନି ବାପାଙ୍କୁ । ସ୍କୁଲ ହେଡ଼ମାଷ୍ଟରଙ୍କ ପୁଅ ସହରରେ ଡାକ୍ତରୀ ପଢୁଥାଆନ୍ତି । ଛୁଟିରେ ଗାଁରେ ଥିବାରୁ ସେ ଭାଇନା ବାପାଙ୍କୁ ଦେଖି କହିଲେ ପ୍ରଥମ ଷ୍ଟ୍ରୋକରେ ହାର୍ଟ ଆର୍ଟାକରେ ମଉସା ଆଉ ନାହାଁନ୍ତି । ସେହି ଚିନ୍ତାରେ ଜେଜେ ଓ ଜେଜେମା ଆଗ ପଛ ହୋଇଗଲେ । ଆଉ ମାମୁଁଘର ସହାୟତାରେ ଭଉଣୀ ବେବିନାର ପଢ଼ା ବାହାଘର ଇତ୍ୟାଦି ହେବା ସହ ମୁଁ ମଧ୍ୟ ଆଜି ଡାକ୍ତର । ହେଲେ ମାଆ .. କହି ଅଟକି ଯାଉଥିବା ସୌମ୍ୟଙ୍କ କଥା ସମ୍ପୂର୍ଣ୍ଣ କରି ସ୍ନିଗ୍ଧା କହିଲେ ସବୁଦିନ ପାଇଁ ମାଛ ଛାଡିଲେ । ଆଁ କରି ଅନେଇ ଥିଲେ ସୌମ୍ୟ ସ୍ନିଗ୍ଧାଙ୍କ ମୁହଁକୁ ।

ସେଦିନ ହଠାତ ସ୍ନିଗ୍ଧା କହିଲେ ତୁମେ ଡାକ୍ତର ପୁଅ ହୋଇ ମାଆଙ୍କୁ ମାଛ ଖୁଆଇବାକୁ କେତେ ଚେଷ୍ଟା କରିଛ ଶୁଣେ ? ସୌମ୍ୟ ସିନା ଚୁପ ରହିଲେ ହେଲେ ସ୍ନିଗ୍ଧା କିଛି ପରାମର୍ଶ କଲେ କୁଳ ପୁରୋହିତଙ୍କ ସହିତ ଗୁପ୍ତରେ ତ ସେ ଶଶୁରବାପାଙ୍କ ଶ୍ରାଦ୍ଧ ପୂର୍ବରୁ ଘରେ ପହଁଞ୍ଚି ମାଆଙ୍କ ଆଗେ କିଛି କହିଲେ । ଭିତରେ ଭିତରେ ସ୍ନିଗ୍ଧା ଖୁସି ଥିଲେ ତ ଶ୍ରାଦ୍ଧ ସରି, ପଞ୍ଜୁପତ୍ରରେ ଆମିଷ ବଢ଼ା ଯାଇଥିବା ଗୋଟେ ପତ୍ର ଭିଡ଼ିଆଣି ମାଆ ବସିବା ଦେଖି ସୌମ୍ୟ ବିସ୍ମିତ ହୋଇ ସ୍ନିଗ୍ଧାଙ୍କୁ ଚାହୁଁଥିବା ଦେଖି ପରେ ସ୍ନିଗ୍ଧା କହିଥିଲେ କୁଳ ପୁରୋହିତ କହିଗଲେ କି ଘରେ ଲାଗୁଥିବା ଆମିଷ ପଞ୍ଜୁପତ୍ରରେ ଯଦି ବର୍ତ୍ତମାନର ମୁରବୀ ବସି ମାଛ ନଖାଆନ୍ତି ତେବେ ପୁତ୍ର ଉପରେ ଶନି ଓ ମଙ୍ଗଳଙ୍କ ଅଶୁଭ ଦୃଷ୍ଟି ରହିବ । ହେଲେ ତୁମେ ଏତେ କଥା କେମିତି ଜାଣିଲ ! ମାଆ ମତେ ତ ଏ ବିଷୟରେ କିଛି କହିନି । ମତେ କହିଛନ୍ତି ନା କହି ଚୁପି ଚୁପି ହସୁଥିଲେ ସ୍ନିଗ୍ଧା ଆଉ ଆଜି ଏତେ ବର୍ଷ ପରେ ସକାଳୁ ସକାଳୁ ସୌମ୍ୟ ନେଇଯାଇଥିଲେ ନୀଳ ସମୁଦ୍ର ବେଳାଭୂମିକୁ ସ୍ନିଗ୍ଧାଙ୍କୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆଜି ଖୁବ ଖୁସି ଥିବା ସ୍ନିଗ୍ଧା ପଚାରୁଥିଲେ ଏ ମହାସମୁଦ୍ରର ନୀଳ ଜଳରାଶି ଭିତରେ ଥରେ ହଜିଗଲେ କେମିତି ହୁଅନ୍ତା । ସୌମ୍ୟ କହିଥିଲେ ତୁମ ନୀଳ ନୀଳ ଦୁଇ ଆଖିର ସମ୍ମୋହନ ସମୁଦ୍ରଠୁ ବି ଖୁବ ଆକର୍ଷଣୀୟ । ବାସ୍ତବବାଦୀ ମଣିଷ ତମେ । ଆଜି ଏ ନୀଳ ଜଳରାଶିର ଆକର୍ଷଣରେ ତୁମ ମନ ବିଭୋର ହେଉଛି ମାନେ ଏଇ ନୀଳ ଜଳରାଶି ଛୁଇଁ ଶପଥ କର ଆଜିଠୁ କିଛି କବିତା ଲେଖିଚାଲ । ଘରେ ମାଆ ତୁଳସୀ ମୂଳେ ପାରମ୍ପାରିକ ତଳପତ୍ର ଛାମୁଣ୍ଡିଆ କରି ପଣା ପ୍ରସ୍ତୁତ କରୁଥିବେ ଚାଲ ଆମେ ଏହି ସମୁଦ୍ରର ନୀଳ ଜଳ ରାଶି କିଛି ନେଇ ମାଆଙ୍କୁ ଦେବା ଦେଖିବ ସେ ଖୁବ ଖୁସି ହେବେ । ସତକୁ ସତ ସକାଳୁ ସକାଳୁ ମହାବିଷୁବ ସଂକ୍ରାନ୍ତିରେ ମହାସମୁଦ୍ରର ନୀଳ ଜଳରାଶି ବୋତଲ ପାଇ ଗଙ୍ଗାପାଣି ପରି ଦେହ ସାରା ସିଞ୍ଚନ କରି ତୁଳସୀ ମୂଳେ କିଛି ଦେଇ ଓଁ ଉଚ୍ଚାରଣ କରିବା ବେଳେ ସ୍ନିଗ୍ଧା ଘଣ୍ଟି ବଜେଇ ପଣା ସମର୍ପଣ କରୁଥିଲେ ସୂର୍ଯ୍ୟଙ୍କ ସହ ତେତ୍ରିସଶହ ଦେବଦେବୀଙ୍କୁ ।

ସାକ୍ଷୀଗୋପାଳ

ପୁରୀ

୯୦୪୦୯୭୭୩୨୭



Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ରାହା ଆଉ ସାହା

ଅଭିମନ୍ୟୁ ବେହେରା



କିଏ କହେ ତାଙ୍କୁ ସଙ୍କଟମୋଚନ, କିଏ କହେ ବଜରଙ୍ଗୀ ପୁଣି କିଏ କହେ ମାରୁତିନନ୍ଦନ, ପବନ ନନ୍ଦନ ପୁଣି ସିଏ ବୀର ହନୁମାନ । ରାମ ଚରିତ୍ରର ଗାଥା ରାମାୟଣରେ ହନୁମାନଙ୍କ ଭୂମିକା କେତେ ଗୁରୁତ୍ୱପୁର୍ଣ୍ଣ ଉଣା ଅଧିକେ ଏହା ସର୍ବଜନ ବିଦିତ । ପ୍ରଭୁ ଶ୍ରୀରାମଙ୍କ ପ୍ରତ୍ୟେକ ସଙ୍କଟ ସମୟରେ ସଙ୍କଟମୋଚନ ହନୁମାନଙ୍କ ଦାୟିତ୍ୱ ସର୍ବଦା ପ୍ରଶଂଶନୀୟ ଥିଲା । ଆଜିବି କୌଣସି ଅନୁଷ୍ଠାନର ପ୍ରାରମ୍ଭରେ ସନ୍ଥ ତୁଳସୀ ଦାସଙ୍କ ହନୁମାନ ଚାଳିସା ପାଠ କରାଯାଏ । ମନରେ ବିଶ୍ୱାସ ଅଛି ଏହା ପାଠ କଲେ ସର୍ବସଙ୍କଟ ଦୂର କରିବାର ବିଧାତା ବୀର ହନୁମାନ ତାଙ୍କ ହାତକୁ ନେଇଥାନ୍ତି । ସତରେ ପୌରାଣିକ କଥା ବସ୍ତୁର ବିଷୟ ବଳୟ ଭିତରୁ ମଣିଷ କେବେ ନିଜକୁ ଦୂରେଇ ପାରିବ ନାହିଁ । ବିଜ୍ଞାନର ଅଗ୍ରଗତି ହେଉ କି ଉନ୍ନତିର ଜୟଯାତ୍ରା ହେଉ ସବୁଥିରେ ଭଗବତ ବିଶ୍ୱାସକୁ ଗୁରୁତ୍ୱ ଓ ସମ୍ମାନ ମିଳିଛି ।

ଦୈନନ୍ଦିନ ଜୀବନରେ ପୌରାଣିକ କଥାବସ୍ତୁର ଅନେକ ଉଦାହରଣ ଆଜିବି ତଥାକଥିତ ସମାଜରେ ଅତି ସାଧାରଣ ସ୍ତରରୁ ରହି ଆସିଛି । ଏଇ ଯେମିତି ଲଙ୍କାର ରାଜା ରାବଣର ଗର୍ବ ରହିଲାନି ତୋର କଣ ରହିବ । ତୁ ମୋର ଏକୋଇର ବାଳା ବିସିକେସନ ।

ତୋ ଚରିତ୍ରରକୁ ନେଇ ଯେତେବେଳେ ତୋ ସ୍ୱାମୀ ସନ୍ଦେହ କରୁଛନ୍ତି ତୋତେବି ମାତା ସୀତାଙ୍କ ଭଳି ଅଗ୍ନି ପରୀକ୍ଷାର ସାମ୍ନା କରିବାକୁ ପଡିବ । ତୋ ଭାଗ୍ୟରେ ଭଲ ବରଟିଏ ମିଳୁନି ମାତା ପାର୍ବତୀଙ୍କ ପରି କେତେ ତପସ୍ୟା ବ୍ରତ କରିବାକୁ ପଡିବ । କଣ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କହିବ ବଡ ଆଶ୍ଚର୍ଯ୍ୟର କଥା, ସାବିତ୍ରୀଙ୍କ ପରି ଯମ ମୁହଁରୁ ସେ ତାର ସ୍ୱାମୀକୁ ଛଡେଇ ଆଣିଲା ଇତ୍ୟାଦି କେତେ କଣ ....... । ନାଟକ, ଉପନ୍ୟାସ, ଗଳ୍ପ, କବିତା ପ୍ରତ୍ୟେକରେ ପୌରାଣିକ କଥାବସ୍ତୁର ତର୍ଜମା କରାଯାଇଥାଏ । ଯାହା ସାହିତ୍ୟକୁ ତଥା ଏଂଟରଟେନମେଂଟକୁ ରୁଚିବନ୍ତ ଶ୍ରୁତି ମଧୁର କରିଥାଏ ।

ଏଠାରେ ରାମାୟଣର ବୀର ଲକ୍ଷ୍ମଣଙ୍କ ଶକ୍ତିଭେଦ କଥା ଉଦ୍ଧାର କଲେ ଦେଖିବାକୁ ମିଳେ ବୀର ହନୁମାନ ପୁରାଣ ବର୍ଣ୍ଣିତ ଗନ୍ଧମାର୍ଦନ ପର୍ବତରୁ ବିଶଲ୍ୟ କରଣୀ ଆଣିବାକୁ ଯାଇ ବିଶଲ୍ୟ କରଣୀ ଠାବ କରି ନପାରି ନିଜ ବୀରତ୍ୱର ପରାକାଷ୍ଠା ଦେଖାଇ ସମ୍ପୂର୍ଣ୍ଣ ପର୍ବତକୁ ହାତରେ ଧରି ଉଠାଇ ଆଣିଥିଲେ, କାଳେ ବିଶଲ୍ୟ କରଣୀ ପହଂଚିବାରେ ବିଳମ୍ବ ହେବ ଲକ୍ଷ୍ମଣଙ୍କ ଜୀବନ ପ୍ରତି ବିପଦ ପଡିବ । ଏଠାରେ କହିବାର କଥା ସେମିତି କିଛିଟା ଝଲକ ଦେଖିବାକୁ ମିଳିଥିଲା ଜି ଟିଭିରେ ସନ୍ଧ୍ୟା ୭ଘଟିକାରେ ପ୍ରସାରିତ ଏକ ହିନ୍ଦୀ ସିରିଏଲ – ଏକ କୁଡି ପଞ୍ଜାବକି ର ଗତ ୨୦୨୪ ଡିସେମ୍ବର ୯ ତାରିଖ ସନ୍ଧ୍ୟା ୭ଟାରେ ପ୍ରସାରିତ ଏପିସୋଡରେ ସେଇ ସ୍ୱତନ୍ତ୍ର ଅଧ୍ୟାୟକୁ ଦୃଶ୍ୟ ରାଜିକୁ । ଭୁଲିବାକୁ ଚାହିଁଲେ ବି ଭୁଲି ହୁଏନି । ଦୃଶ୍ୟଟିରେ ଏମିତି ଥିଲା ନାୟିକା ହୀରର ବାପାଙ୍କୁ ହାର୍ଟ ଆଟାକ୍ ଆସିଥିଲା । ସେ ହସ୍ପିଟାଲରେ ଆଡିମିଶ୍ନ ହୋଇଥିଲେ । ତାଙ୍କର ସମସ୍ତ ଆତ୍ମୀୟ ସ୍ୱଜନ ପର ନିଜର ହସ୍ପିଟାଲରେ ଉପସ୍ଥିତ ଥିବାବେଳେ ନାୟିକା ହୀରର ବନ୍ଧୁ ତଥା ସିରିଏଲର ନାୟକ ତେଜ୍ ନାୟିକାର ବାପାଙ୍କୁ ଡାକ୍ତର ଚେକ୍ ଅପ କରାଇଲା ପରେ ପ୍ରେସ୍କ୍ରିପ୍ସନ କରିଛନ୍ତି । ପ୍ରେସ୍କ୍ରିପ୍ସନଟିକୁ ନାୟିକା ହୀର ନିଜ ବନ୍ଧୁ ତେଜ୍ ହାତରେ ଧରାଇ ମେଡିସିନ୍ ଆଣିବାକୁ କହି ନିଜେ କେତେ ଲକ୍ଷ ଟଙ୍କା ଆଣିବା ପାଇଁ ଘରକୁ ଯାଇଥିବା ବେଳେ ଭୁଲ କ୍ରମେ ତେଜର ହାତରୁ ପ୍ରେସ୍କ୍ରିପ୍ସନ କାଗଜଟି ହାତରୁ ହଜିଯାଇଛି । ସେ ଯାଇ ଫାର୍ମସିଷ୍ଟଙ୍କୁ କହିଛି ଯେ - ଅଙ୍କଲକୁ ହାର୍ଟ ଆଟାକ୍ ହୋଇଛି ମେଡିସିନ୍ ଦିଅନ୍ତୁ । ମାତ୍ର ଫାର୍ମାସିଷ୍ଟ ପ୍ରେସ୍କ୍ରିପ୍ସନ ଦେଖେଇବାକୁ ବାଧ୍ୟ କରିଛନ୍ତି ଏବଂ ମେଡିସିନରେ ଭରା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗୋଟିଏ ଲମ୍ବା ଆଲମିରା ଦେଖାଇଛନ୍ତି ଓ ପ୍ରେସ୍କ୍ରିପ୍ସନ ନ ଦେଖିଲେ ମେଡିସିନ କେମିତି ଦେବେ କହିଛନ୍ତି । ଏଥିରୁ କୌଣସି ସମାଧାନ ନ ପାଇ ନାୟକ ତେଜ ଏକା ବେଳକେ ନିଜ ଶକ୍ତି ବଳରେ ମେଡିସିନ ଆଲମିରାଟିକୁ ଉଠାଇ ଅପରେସନ୍ ରୁମରେ ଡାକ୍ତରଙ୍କ ସମ୍ମୁଖରେ ନେଇ ଥୋଇ ଦେଇଛନ୍ତି ସତେ ଯେମିତି ହନୁମାନ ବିଶଲ୍ୟକରଣୀ ଠାବ ନ କରିପାରି ଗନ୍ଧମାର୍ଦନ ପର୍ବତକୁ ଉଠାଇ ଆଣିବା କାହାଣୀ ପରି । ସିରିଏଲର କାହାଣୀ ଲେଖକଙ୍କ ଅନୁସାରେ କାଳ୍ପନିକ ହୋଇପାରେ ମାତ୍ର ପୌରାଣିକ କଥାବସ୍ତୁ ବୀର ହନୁମାନଙ୍କ କାର୍ଯ୍ୟକଳାପକୁ ମନେ ପକାଇଦେଉଛି । ସେ ସବୁରୁ ମଣିଷ ମୁକୁଳି ପାରୁନି । ମୁକୁଳି ନ ପାରିବା ହିଁ ସମାଜ ପାଇଁ ମଣିଷ ପାଇଁ ମଙ୍ଗଳ ଦାୟକ ଅନୁକୂଳ ଦାୟକ । ସେ ରାମ ଚରିତ ହେଉକି କୃଷ୍ଣ ଚରିତ ଅବା ଶିବ ଚରିତ କି ଅବା ବୀର ହନୁମାନଙ୍କ ଚରିତ ସେ ସବୁ ଆମ ପାଇଁ ସାହା ଆଉ ରାହା । ସେ ସବୁକିଛି ଆମକୁ ସୁସ୍ଥ ସବଳ ଶୃଙ୍ଖଳିତ ସମାଜ ଗଢିବାରେ ସହାୟକ ହୋଇଚାଲିଛି ।

ସେ ଲୋକକଥା ହେଉ କି ଲୋକଗଳ୍ପ ହେଉ କି ଅବା ଢଗ ଢମାଳି ହେଉ କି ଉପମା ତର୍ଜମା ଅଳଙ୍କାର ହେଉ ପୌରାଣିକ କାହଣୀର ସଂଳାପ ଆଜିବି ମଣିଷ ସମାଜ ଭିତରେ ଜୀଇଁ ରହିଛି ଏବଂ ଆଗକୁ ଯୁଗ ଯୁଗକୁ ରହିଥିବ ।

ଅଧ୍ୟକ୍ଷ, ମାଇଁ ପ୍ଲାନେଟ୍ ପବ୍ଲିକ ସ୍କୁଲ
ସ୍ୱାମପାଟଣା, ଭୋଳବେଡା
କେନ୍ଦୁଝର – ୭୫୮୦୩୦
ମୋ – ୯୯୩୮୮୧୬୦୬୯

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମା'ମାନଙ୍କ ପାଇଁ ତିନୋଟି ଗଳ୍ପ

ସୁଧାଂଶୁ ଶେଖର ଦ୍ୱିବେଦୀ



## ।। ସ୍ୱର୍ଗ ।।

ପୂଜାର ସ୍କୁଲରେ ମଦର୍ସ ଡେ ପାଳନ ହେଉଥାଏ । ୫ ବର୍ଷୀୟ ପୂଜାର ମା' ବାପାଙ୍କୁ ମଧ୍ୟ ସ୍କୁଲ ତରଫରୁ ଆମନ୍ତ୍ରିତ କରା ହୋଇଥାଏ । ହଠାତ୍ ପୂଜା ନିଜ ସିଟ୍ ରୁ ଠିଆହୋଇ ଶିକ୍ଷୟତ୍ରୀଙ୍କୁ ପଚାରିଲା- ମାମ୍ ! ସ୍ୱର୍ଗ କଣ ? କୋଉଠି ଥାଏ ?

ଶିକ୍ଷୟତ୍ରୀ କିଛିକ୍ଷଣ ଚୁପ୍ ରହି ପୂଜା ଓ ତା' ମା'-ବାପାଙ୍କୁ ଷ୍ଟେଜ୍ ଉପରକୁ ଡାକିଲେ । ପୁଣି ପୂଜାକୁ ତା' ମା'ର କୋଳରେ ବସାଇ କହିଲେ-ଏଇ ମା'ର କୋଳ ହିଁ ସ୍ୱର୍ଗ ସୁଖ ଦିଏ । ମା' ହିଁ ତ ସାରା ଜଗତର ଭଗବାନ ।

ଶିକ୍ଷୟତ୍ରୀଙ୍କ କଥାରେ ପୂରା ହଲ୍ ତାଳି ମାଡ଼ରେ ଗୁଞ୍ଜିତ ହେଲା । କିନ୍ତୁ ପୂଜାର ମା' ବାପା ଆଶ୍ଚର୍ଯ୍ୟ ନେତ୍ରରେ କିଛି ନ ବୁଝିପାରିବା ଭଳି ଜଣେ ଜଣକୁ ଅନେଇ ରହିଥାନ୍ତି । କାର୍ଯ୍ୟକ୍ରମ ଶେଷ ହେବା ପରେ ପୂଜାର ମା' ବାପା ତୁରନ୍ତ ଯାଇ ବୃଦ୍ଧାଶ୍ରମରେ ପହଞ୍ଚିଲେ । ଦୁହେଁ ଅପରାଧୀ ଭଳି ମୁଣ୍ଡ ଝୁକେଇ ପୂଜାର ଜେଜେମାକୁ କ୍ଷମା ମାଗିଲେ ଓ ତାଙ୍କୁ ଘରକୁ ନେଇ ଆସିଲେ । ମା' କୋଳରେ ମୁଣ୍ଡ ରଖି ପୂଜାର ବାପା କହିଲେ-ସତରେ ମା'ର କୋଳ ଭଳି ସ୍ୱର୍ଗ ସୁଖ ଆଉ କୋଉଠି ମିଳିବ ନାହିଁ । ମୋତେ ଆଜି ମୋ ସ୍ୱର୍ଗ ମିଳିଯାଇଛି ।

## ।। ଏମିତି ବି ଜଣେ ମା' ।।

ମା' ହେବାପାଇଁ ଖ୍ୟାତି ବର୍ଷ ବର୍ଷ ଅପେକ୍ଷା କରି ନିରାଶ ହୋଇ ପଡିଥାଏ । ଦିନେ ଡାକ୍ତର ତାକୁ ଅପ୍ରିୟ ସତ ଶୁଣେଇଲେ-ତିନିବର୍ଷ ତଳେ ହୋଇଥିବା ଦୁର୍ଘଟଣା କାରଣରୁ ତୁମେ ଆଉ କେବେ ବି ମାତୃତ୍ୱର ପରିଚୟ ପାଇବ ନାହିଁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଡାକ୍ତରଙ୍କଠାରୁ ଏଭଳି ଅପ୍ରିୟ ସତ କଥା ଶୁଣି ଖ୍ୟାତିର ମନ ହୃଦୟ ଅସ୍ଥିର ହୋଇଗଲା । ହେଲେ ଉପାୟ କିଛି ନାହିଁ । ଡାକ୍ତରଙ୍କ କଥା ଅକାଟ୍ୟ ସତ । ନାରୀ ଜନ୍ମ ହୋଇ ମାତୃତ୍ୱ ହାସଲ କରିପାରିବ ନାହିଁ । ତାହେଲେ ବଞ୍ଚି ରହି ଲାଭ କଣ ? ମନେ ମନେ ଜୀବନ ହାରି ଦେବାକୁ ସ୍ଥିର କରି ନେଇଥାଏ । କିନ୍ତୁ ତା' ସ୍ୱାମୀର ପରାମର୍ଶରେ ପୁଣି ଥରେ ଜୀବନର ନୂଆ ରାହାରେ ଆଗେଇବାକୁ ମନ ବଳେଇଲା ।

ହଠାତ୍ ଦିନେ ସେ ଓ ତା ସ୍ୱାମୀ ଜଣେ ତିନି ମାସର ଶିଶୁ ପୁତ୍ରକୁ ଆପଣାର କରିନେଲେ । ଶିଶୁ ଖ୍ୟାତିର କୋଳରେ ରହି କୁରୁଳି କୁରୁଳି ହସିଉଠିଲା । ମାତୃତ୍ୱର ଏକ ଅଦ୍ଭୁତ ଅନୁଭୂତି ଖ୍ୟାତି ଭିତରେ ପ୍ରସାରିତ ହେଉଥାଏ । ତାକୁ ଜଣା ଯାଉଥାଏ ସାରାସଂସାରର ଖୁସି ଯେମିତି ପାଇଯାଇଛି । ମାତୃତ୍ୱର ଅପୂର୍ବ ଆନନ୍ଦରେ ସେ ପାଖ ପଡୋଶୀ, ବନ୍ଧୁ ପରିଜନ ସଭିଙ୍କୁ ମିଠେଇ ବାଣ୍ଟିଲା । ଶିଶୁ ପୁତ୍ରର ନାଁ ରଖିଲା ଆଲୋକ । ଠିକ୍ ଗୋଟିଏ ବର୍ଷ ପରେ ଆଲୋକ ଯେତେବେଳେ ଖ୍ୟାତିକୁ ପ୍ରଥମେ ମା'- ମା' ବୋଲି କୋମଳ କଣ୍ଠରେ ଡାକିଲା ଭାବରେ ବିହ୍ୱଳିତ ହୋଇ ତା' ଆଖିରୁ ଆନନ୍ଦାଶ୍ରୁ ଅବିରଳ ବହି ଚାଲିଲା । ସତରେ ସେ କେତେ ଭାଗ୍ୟବତୀ ! ଦିନେ ସ୍ଥିର କରିଥିଲା ଜୀବନ ହାରିଦେବ ହେଲେ ଆଜି ସେ ସଭିଙ୍କ ଠାରେ ଆଲୋକର ମା' ହୋଇ ପରିଚିତ ହୋଇପାରିଛି । ମା' ଶବ୍ଦରେ ତା ଜୀବନ ସାର୍ଥକ ହୋଇଛି ।

ଆଲୋକର ଅନ୍ନପ୍ରସନ୍ନଠାରୁ ଆରମ୍ଭ କରି ସ୍କୁଲ କଲେଜରେ ପ୍ରଥମ ନାମଲେଖା ଯାଏ ସବୁଥିରେ ଖ୍ୟାତି ସଭିଙ୍କୁ ମିଠେଇ ବିତରଣ କରେ । ଦିନେ ଆଲୋକ ବି ନିଜ ପାଠପଢ଼ା ସାରି ବାପାଙ୍କ ସହିତ ବିଜିନେସରେ ଲାଗିଗଲା । ସେଦିନ ବି ଖ୍ୟାତି ସଭିଙ୍କୁ ମିଠେଇ ବାଣ୍ଟିଲା । ପୁଅ ପ୍ରତି ଖ୍ୟାତିର ବାତ୍ସଲ୍ୟକୁ ଦେଖି କେତେକ ପରିଚିତ ପଡ଼ୋଶୀ କହିଲେ, ବାସ୍ତବିକ୍ ତୁମ ପୁଅର ପ୍ରତିଟି ପଦକ୍ଷେପରେ ଆମକୁ ମିଠା ଖୋଇବା ଭୁଲି ଯାଇନାହିଁ । ସତରେ ତୁମେ ଜଣେ ବିଚିତ୍ର ମା' ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

## ।। ମା' ।।

ଆରେ କବିତା ତୁମେ ସବୁବେଳେ ଶୁଭର ପକ୍ଷ ନେଇ ତାକୁ ମୁଣ୍ଡରେ ଚଢ଼େଇ ସାରିଲଣି । ପରୀକ୍ଷାରେ କମ୍ ନମ୍ବର ଆଣିଥିବାରୁ ମୁଁ ତାକୁ ଗାଳି କଲି ଅଥଚ ତୁମେ ତା' ସପକ୍ଷରେ ରହି କହୁଛ କଣ ନା ଆର ଥରକୁ ବେଶୀ ନମ୍ବର ଆଣିବ । ତା'ର ସବୁ ଦୋଷକୁ ନିଜ ଉପରକୁ ନେଇନେଉଛ କଣପାଇଁ ?

ସେ ବି ତ ତୁମକୁ ମନେଇବା ପାଇଁ ସାରା ଦିନ କ୍ଷମା ଯାଚନା କରୁଛି ।

ଆରେ ବାବା ଭୁଲଟା ତା'ର । ଦଣ୍ଡ ତ ତାକୁ ମିଳିବା ଦରକାର । ପାର୍କରେ ମର୍ନିଙ୍ଗ୍ ୱାକ୍ କରୁଥିବା ବେଳେ କବିତାଙ୍କର ସ୍ୱାମୀ ସୌମ୍ୟ କହିଲେ । ସ୍ୱାମୀଙ୍କ ବାକ୍ୟ ଶୁଣି କବିତା ଚୁପ୍ ରହିଲା । କିଛିକ୍ଷଣ ପରେ ଜଣେ ମହିଳା ନିଜର ଶିଶୁ ପୁତ୍ରକୁ ଚଲା ଶିଖେଇବା ଲାଗି ପୁଅର ହାତ ଧରି ନଇଁ ନଇଁ ଚାଲିଥାନ୍ତି । ତାଙ୍କୁ ଇଶାର କରି କବିତା କହିଲା-ଏଇ ଦେଖିପାରୁଛ ! ସେ ମହିଳା ଜଣକ ସିଧା ଚାଲିବା ବଦଳରେ କେମିତି ନଇଁ ନଇଁ ଚାଲୁଛି !

ସୌମ୍ୟ ମହିଳାଙ୍କ ଉପରେ ଦୃଷ୍ଟି ରଖି କହିଲେ- ସେ ନଇଁ ନଇଁ ଚାଲୁନାହିଁ । ତା ପୁଅକୁ ଚାଲିବା ଶିଖାଉଛି । ସୌମ୍ୟଙ୍କର ଏଇ ପଦିଏ କଥାରେ କବିତା ତାଙ୍କ ମୁହଁକୁ ଅନେଇ ହସିଦେଲେ । ସେ ହସ ଭିତରେ ହୁଏତ ଜଣେ ମା'ର ଅତୁଳନୀୟ ମମତାର ଧାରାକୁ ବୁଝିବା ଲାଗି ସୌମ୍ୟଙ୍କୁ ଆଉ ଅସୁବିଧା ହେଲାନାହିଁ ।

dwibedysudhansu@gmail.com

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ନିର୍ଜୀବ ସମୟ

ଭବାନୀ ଶଙ୍କର ଦାଶ



ଆଜିକୁ କିଛିଦିନ ହେଲା ମନଟା କାହିଁ ଭଲ ଲାଗୁନାହିଁ, ଭାରି ଅସ୍ତବ୍ୟସ୍ତ ଲାଗୁଛି, ରାତିରେ ନିଦ ଠିକରେ ହେଉନାହିଁ, କାହିଁକି କେଜାଣି ମନ ଭିତରେ ଅନୁଭବ ହଉଚି କେତେଦିନ ହେଲା ମୁଁ କୁଆଡ଼େ ଯାଇନାହିଁ, କିଛି ମନର ଅଭୁଲା ସ୍ମୃତି ଧୀରେ ଧୀରେ ମୋ ମନରୁ ଲିଭିବାକୁ ଗଲାଣି ।

ରବିବାର ଦିନ ମଧ୍ୟାହ୍ନ ଭୋଜନ ଖାଇ ସାରିବା ପରେ ରକିଙ୍ଗ ଚେୟାରରେ ବସି ପେପର ପଢ଼ିବା ସମୟରେ, ଏ ପରି ପ୍ରଶ୍ନ, ଚିନ୍ତା ଘାରି ବସିଛି ଡକ୍ଟର ମିଶ୍ରଙ୍କୁ । ହଁ ଆଜ୍ଞା ଡକ୍ଟର ଲଳିତ ମିଶ୍ର ଏବଂ ତାଙ୍କ ପତ୍ନୀ ଡକ୍ଟର ଅର୍ପିତା । ରୋଗୀଙ୍କ ଚିକିତ୍ସାରେ ଏମିତି ସଂଶ୍ଳିଷ୍ଟ ହୋଇଛନ୍ତି ନିଜ ଗ୍ରାମକୁ ବୁଲିଯିବାକୁ ଭୁଲି ଯାଇଛନ୍ତି ଦୀର୍ଘ ୨୫ ବର୍ଷ ହେଲା ।

ଡକ୍ଟର ମିଶ୍ର ଜଣେ ହୃଦ୍ ରୋଗୀ ବିଶେଷଜ୍ଞ ଏବଂ ତାଙ୍କ ଧର୍ମ ପତ୍ନୀ ଜଣେ ସ୍ତ୍ରୀ ରୋଗ ବିଶେଷଜ୍ଞ । ସହରରେ ତାଙ୍କ ଭଲ ନାଆଁ ଅଛି, ମିଶ୍ର ନର୍ସିଂହୋମ କହିଲେ ସମସ୍ତେ ଆଗ୍ରହ ସହିତ ଜାଗାର ଠିକଣା ଜଣେଇ ଦିଅନ୍ତି କାରଣ ଡକ୍ଟର ମିଶ୍ର ଚିକିତ୍ସା ଯେମିତି ଭଲ ତାଙ୍କ କଥା କହିବା ଶୈଳୀ ସେମିତି ମନ ଲୋଭା, କାହାକୁ କେବେ ବିରକ୍ତ ହେବା କେହିବି ଦେଖିନାହାନ୍ତି । ପିଲା ହଉ ଅବା ବୃଦ୍ଧ ତାଙ୍କ କଥାରେ ଅଧା ଭଲ ହେଇଯାଆନ୍ତି । ଡକ୍ଟର ମିଶ୍ର ନିଜ ନର୍ସିଂହୋମ ଉପରେ ରୁହନ୍ତି, ରାତି ହଉ କିମ୍ବା ବର୍ଷା ହଉ ଯେତେବେଳେ ନର୍ସିଂହୋମକୁ କିଏ ଆସିଲା ନର୍ସ ଯଦି ଡାକିବା ପାଇଁ ଗଲେ ସେ ନିଶ୍ଚିତ ଉପସ୍ଥିତ ହେବେ, ତେଣୁ ସମସ୍ତେ ତାଙ୍କର ଏଇ ଗୁଣ ପାଇଁ ବହୁତ ଭଲ ପାଆନ୍ତି ।

ଦେଖୁ ଦେଖୁ ୨୫ବର୍ଷ ବିତିଗଲାଣି ନିଜ ଗ୍ରାମକୁ ନଯିବାର, ବାପାଙ୍କ ମୃତ୍ୟୁ ପରଠାରୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେ ସହରରେ ଏମିତି ଚିକିତ୍ସାରେ ବ୍ୟସ୍ତ ହୋଇଗଲେ, ଯେ ଯିବାପାଇଁ ମନକୁ ଆସିନାହିଁ । ଏହାର ପଛରେ କାରଣ ହେଲା ଡକ୍ଟର ମିଶ୍ରଙ୍କର ଦୁଇ ପୁଅ । ଦୁଇଜଣ ଯାକ ଡକ୍ଟର ହୋଇ ବିଦେଶରେ ରହିଗଲେ । ନିଜ ବାପା ମାଁଙ୍କ କଥା ସେମାନେ କେବେ ଚିନ୍ତା କରିଲେ ନାହିଁ ଏବଂ ସମ୍ପର୍କ ରଖିବାକୁ ପ୍ରୟାସ କରିଲେ ନାହିଁ, ସେଠି ବିବାହ କରି ବସବାସ କରିଲେ, ପ୍ରତ୍ୟେକ ସପ୍ତାହରେ ନିଜ ଗ୍ରାମରୁ କିଏ ନା କିଏ ସହରକୁ ଆସନ୍ତି ଦେଖାକରି ଚାଲିଯାଆନ୍ତି ଏବଂ ଯଦି ଗ୍ରାମରେ କିଛି ପର୍ବପର୍ବାଣୀ ଥିଲେ ତାଙ୍କପାଇଁ ପିଠା, ମିଠା ଆଣିଥାନ୍ତି, ସେ ଗୁଡାକ ଖାଇବା ଏବଂ ସେମାନଙ୍କ ସହିତ କଥା ହେବାରେ ତାଙ୍କ ମନରୁ କେବେ ଗ୍ରାମର ସ୍ମୃତି ଦୂରେଇ ହେଇନି ।

ନିଜ ଗ୍ରାମର ସାଙ୍ଗ ସାଥିକୁ ଦେଖିଲେ ତାଙ୍କ ପିଲା ଦିନ କଥା ମନେ ପଡ଼ିଯାଏ, କେମିତି ସେ ଗାଁ ପୋଖରୀରେ  ପାଣିରେ ମାତି ଯାଉଥିଲେ, କେମିତି ପୂଜା ହେଲେ ରାତିରୁ ଫୁଲ ତୋଳିବା ପାଇଁ ଉଠିଯାଇ, ସାଙ୍ଗ ସାଥିଙ୍କ ଯାଇ ଫୁଲ ସଂଗ୍ରହ କରୁଥିଲେ, ଗ୍ରାମର ଅହିରା ପୋଡ଼ି ପାଇଁ ଚୋରିକରି ପାଳ, କାଠ ଆଣୁଥିଲେ । ପୌଷ ମାସରେ ଗ୍ରାମ ଠାକୁରାଣୀଙ୍କ ପାଖରେ ଯୋଉ ଯନ୍ତାଳ ହେଉଥିଲା ସେଠି ଯାଇ ଆଳୁ ଚାଖିବା, ମାଛ ବାଛିବା, ପତାକା ଉଡାଇବା, ଲତାବୁଦାରେ ନିଆ ଲଗେଇବା, ଖରା ଛୁଟିରେ ଖଳାମୂଳେ ରାମାୟଣ ନାଟକ କରିବା, ଦଶହରା ଛୁଟିରେ ପଇସା ଖେଳିବା, ଛୁଟି ହେଲେ ଗାଁ ମନ୍ଦିର ସଫା କରିବା, ଏମିତି କେତେ କଣ କାମ ନିଜର ସମୟ ବିତାଇବା ପାଇଁ କରୁଥିଲେ ।

ଆଜି ଏମିତି ବସିକରି ଥିବା ସମୟରେ ଏସବୁ କଥା ମନରେ ଆସିଗଲା, ସେ ଏ ସବୁ କଥା ନିଜ ଧର୍ମପତ୍ନୀଙ୍କୁ କହିଲେ ଏବଂ ଆଖିକୁ ଛଳ ଛଳ କରିଦେଲେ । ପୁରୁଣା କଥାକୁ ମନେ ପକେଇ । ତାଙ୍କ ଧର୍ମପତ୍ନୀ ଏ ସବୁ ଶୁଣିଲା ପରେ କହିଲେ ଚାଲ ଅନ୍ୟ ଡକ୍ଟରଙ୍କୁ କାମ ଦେଇ ଆମେ କିଛି ଦିନ ବୁଲି ଆସିବା ଗାଁକୁ ଯାଇ । ପତ୍ନୀଙ୍କର୍ ଏ କଥା ଶୁଣି ଡକ୍ଟର ମିଶ୍ରଙ୍କର ମନରେ ମାଡି ବସିଥିବା ନିର୍ଜୀବତା ହଜିଗଲା, ଅସୁମାର ଖୁସି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଖେଳିଗଲା ।

ସକାଳ ହେଲା ଡକ୍ଟର ମିଶ୍ର ଏବଂ ପତ୍ନି ନର୍ସିଂହୋମ ଯାଇ ନିଜ ସହ କାମ କରୁଥିବା ଅନ୍ୟ ଡକ୍ଟର ମାନଙ୍କୁ କାମ ଦେଇ ଆସି ନିଜ ବେଗ ସଜାଇ ବସିଗଲେ ।

ଡକ୍ଟର ମିଶ୍ର ଗାଁରେ ଥିବା ନିଜ ବନ୍ଧୁଙ୍କୁ ଫୋନ କରି ନିଜ ପାଇଁ ଖାଇବା ବନ୍ଦୋବସ୍ତ କରିଦେଲେ ଏବଂ ଗାଁର ଘର ସଫା କରିବା ପାଇଁ ପରାମର୍ଶ ଦେଲେ ।

କଥାରେ ଅଛି ମଙ୍ଗଳ ରାତି ବୁଧ ପାହାନ୍ତି ଯେଣେ ଯାଆନ୍ତି ଯଶ ପାଆନ୍ତି, ସେୟା ଭାବି ସେ ବାହାରି ଗଲେ ନିଜ ଗ୍ରାମ ଅଭିମୁଖେ, ରାସ୍ତା ଯାକ ତାଙ୍କ ପତ୍ନୀଙ୍କୁ ସେ ଗାଁର ବାଡି, ଗଛ, ପାହାଡ, ପୋଖରୀ, ସବୁଜତା ବିଷୟରେ ବର୍ଣ୍ଣନା କରିଆସୁଥିଲେ, ତାଙ୍କୁ ଅବା କଣ ଜଣା ଅଛି ସେ ସବୁଜତା ଆଉ ନାହିଁ, ସେଇ ଅଙ୍କାବଙ୍କା ରାସ୍ତା ଆଉ ନାହିଁ, ସେଇ ବାଉଁଶ ଲଟି ଆଉ ନାହିଁ, ଆଜି ଗ୍ରାମ ରାସ୍ତାରେ ନିର୍ଜିବତା ମାଡ଼ି ଆସିଛି । ଗୋଟିଏ ବି ଗଛ ନାହିଁ, ସୂର୍ଯ୍ୟଙ୍କର କ୍ଷୀପ୍ର କିରଣ ରାସ୍ତାରେ ବହୁ କଷ୍ଟ ଦେଉଛି, ଗ୍ରାମରେ ଥିବା ସମସ୍ତ ଗଛ ହଜିଯାଇଛି । ବିଭିନ୍ନ ପ୍ରକାରର ଫୁଲ ଗଛ ଆଉ ଦେଖିବାକୁ ନାହିଁ । ଏସବୁ ରାସ୍ତାରେ ସେ ଦେଖି ସତେ ଅବା ସକ୍ ହୋଇଗଲେ । ଏତେ ପରିବର୍ତ୍ତନ ହୋଇଛି ଯେ ରାସ୍ତାରେ ଏକପ୍ରକାର ଶୁନଶାନ୍ ଖେଳିଯାଇଛି । ଗ୍ରାମକୁ ଆସି ନିଜ ବନ୍ଧୁଙ୍କ ସହିତ ଭେଟ ହେଇ ଭୋଜନ କରିସାରିବା ପରେ ଗପ ମାରୁ ମାରୁ କେତେବେଳେ ଯେ ଦିନ ୪ଟା ବାଜିଗଲା ଜଣାପଡ଼ିଲା ନାହିଁ, ବାହାରେ ଆସି ବାରଣ୍ଡାରେ ଦେଖିଲେ ପିଲାମାନଙ୍କର ଖେଳର କୋଳହଳ ବି ଶୁଣା ଯାଉନାହିଁ । ପିଲାମାନେ ନିଜ ନିଜ ମୋବାଇଲ ଧରି ବ୍ୟସ୍ତ ।

ଏମିତି ଦେଖୁ ଦେଖୁ ସନ୍ଧ୍ୟା ମାଡ଼ି ଆସିଲା । ଭାବିଥିଲେ ଟିକିଏ ପକ୍ଷୀମାନଙ୍କର ଫେରିବା ଶବ୍ଦ ଏବଂ ଗାଇ ମାନଙ୍କର ହମ୍ବା ରଡ଼ି ଶୁଣିବେ ବୋଲି ସେଗୁଡ଼ାକ ମଧ୍ୟ ତାଙ୍କୁ ନା ଦେଖାଗଲା ନା ଶୁଣାଗଲା । ମନକୁ  ମାରି ସେମିତି ବସିରହିଲେ । ଭାବିଲେ ହଁ ହଉ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦୋଳ ଜାତ ଆରମ୍ଭ ହେଇଚି । ଚନ୍ଦ୍ର ଆଲୋକରେ ଗାଁ ଲୋକମାନେ ଏକାଠି ହେବେ ଘଣ୍ଟ, ମୃଦୁଙ୍ଗରେ ଗାଁ ପଡ଼ିବ ଉଠିବ । କିନ୍ତୁ ସେ ଦେଖିଲେ ଚନ୍ଦ୍ର ଆଲୋକ ବଦଳରେ ସହରର ଧବଳମୟ ଆଲୋକ ଭଳି ଗାଆଁରେ ବି ଆଜି ଏଲଇଡି ଲାଇଟ୍ ମାଡି ବସିଛି ରାସ୍ତା ଉପରେ । ଲୋକମାନଙ୍କର ଏକାଠି ବଦଳରେ କାହିଁ ୪ ଅବା ୫ଟା ଲୋକ ଛିଡ଼ା ହୋଇଛନ୍ତି, ଆଗ ବଜାଇବା ପାଇଁ ଘଣ୍ଟ ମିଳୁନଥିଲା, ନିଜ ଘଣ୍ଟ ଗିନି ଧରି ଘରୁ ଯିବାକୁ ପଡୁଥିଲା । କିନ୍ତୁ ଆଜି ଘଣ୍ଟ ବଜାଇବା ପାଇଁ ଲୋକର ଅଭାବ, ଦୋଳବିମାନକୁ ନେବା ପାଇଁ ବି ଲୋକର ଅଭାବ ଯେମିତି ଦୋଳ ପର୍ବରେ ଆଉ ସତେଜତା ନାହିଁ । ଚାରିଆଡ଼େ ଶୁନଶାନର ନିର୍ଜିବତା ମାଡ଼ି ବସିଛି । ଏ ସବୁ ଦେଖି ରାତ୍ର ଭୋଜନ ସାରିବା ପରେ ସାଙ୍ଗ ସହିତ କଥା ବାର୍ତ୍ତା ହଉ ହଉ ଜଣାପଡିଲା ଯେ ଆଉ କୋଉ ବି ପର୍ବପର୍ବାଣୀରେ ଲୋକ ମାନଙ୍କର ସହଯୋଗ ନାହିଁ କି କୋଉ ପିଲା ମାନଙ୍କର ଦେଖା ଦର୍ଶନ ମିଳୁନାହିଁ । ପଚାରି ବୁଝିଲି ସାଙ୍ଗ ଯନ୍ତାଳରେ ଲୋକ ମାନଙ୍କର ସହଯୋଗ ହେଉଥିବ ନିଶ୍ଚୟ, ସାଙ୍ଗ କହିଲା ନାହିଁ ଲୋକମାନଙ୍କ ପାଖରେ ସମୟ ନାହିଁ, ତେଣୁ ଏଇଠାରୁ ପନିପରିବା କାଟି ନେଇ ସେଠି ରୋଷେଇ କରୁଛୁ ।

ପୁଣି ପଚାରି ବୁଝିଲି ସାଙ୍ଗ ଶିବରାତ୍ରିରେ ଆଜି ବି କାକରା ହଉଛି କି, ଆଜିବି ନିଶାଯୁକ୍ତ କାକରା ବୟସ୍କ ମାନଙ୍କୁ ଦିଆଯାଉଛି । ତା ମୁହଁରୁ ସେଇ ନାହିଁ ଶବ୍ଦ ଶୁଣିଲି, ଆଛା ସାଙ୍ଗ ଦଶହରାରେ ନିଶ୍ଚୟ ଗାଁ ଝିଅ ମାନେ ଆସୁଥିବେ, ୫ ଦିନ ତାସ ଖେଳରେ ମଜୁଥିବ, ସାଙ୍ଗର ମୁହଁରୁ ଶୁଣିଲି କାହିଁ  ମାହିଁ କେତେ ଜଣଙ୍କର ଘର ଆସୁଛନ୍ତି, ଖେଳରେ ସେମିତି ଜୋର୍ ନାହିଁ , ପୂର୍ଣ୍ଣିମା ଦିନ ଯଦି ଅବା ଖେଳ ହଉଛି ସେଇଟା ମଧ୍ୟ ୨ କିମ୍ବା ୩ ଟା ହଉଛି ସକାଳ ନ ହଉନୁ ଭାଙ୍ଗି ଯାଉଛି । ଆଜି କାଲି ଲୋକମାନେ ନିଶାରେ ମାତି ରହିବା ପାଇଁ ଭାରି ବ୍ୟସ୍ତ, ପର୍ବ ପର୍ବାଣୀରେ କୌଣସି ଯୋଗଦାନ ନାହିଁ । ଯେମିତି ଏକ ପ୍ରକାରର ନିସ୍ତବତା ଲୋକ ମାନଙ୍କ ଉପରେ ଖେଳିଯାଇଛି । ରାସ୍ତାଘାଟରେ ଆଜି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶୁନଶାନର ନିର୍ଜୀବତା ମାଡ଼ି ବଡି ବସିଛି ।

ଏସବୁ ସାଙ୍ଗଠାରୁ ଶୁଣି ଡକ୍ଟର ମିଶ୍ରଙ୍କର ମନରେ ଏକ ଅଜଣା ନିର୍ଜୀବତା ମାଡ଼ି ବସିଲା, ମନକୁ ମାରି ଘରକୁ ଫେରି ଶୋଇଗଲେ । ସକାଳ ପାହିଲା ମନକୁ ମାରି ବସିବାର ଦେଖି ଡକ୍ଟର ଅର୍ପିତା ପଚାରିଲେ କଣ ହେଲା ଗାଁକୁ ଯାଇ ମନ ଖୁସି କରିବ କହୁଥିଲ ଏବେ କଣ ପାଇଁ ଏପରି ବସିଛ ? ଡକ୍ଟର ମିଶ୍ର ଧୀର ଶବ୍ଦରେ କହିଲେ ଆଉ ସେଇ ଗାଁ ନାହିଁ, ସବୁ ଆଡ଼େ ସହର ପରି ନିର୍ଜୀବତା ମାଡ଼ି ବସିଲାଣି ଚାଲ ଆମେ ଫେରି ଯିବା ଆମ ଗନ୍ତବ୍ୟସ୍ଥଳକୁ ।

ବଡ଼ କଷ୍ଟରେ ସେଇ ଦିନଟି କାଟି ଫେରି ଆସିଗଲେ ସହରକୁ ।

ହଁ ଏଇଆ ସତ ସମସ୍ତେ ଗାଁର ନିଜ ରୋଜଗାର ପାଇଁ ସହରକୁ ମାଡ଼ି ଆସିଲେ ଗ୍ରାମକୁ ଛାଡି, ସମସ୍ତେ ନିଜ ପିଲା ଛୁଆମାନଙ୍କର ଭବିଷ୍ୟତ ଚିନ୍ତାକରି ନିଜ ଜମିବାଡ଼ି ବିକ୍ରି କରି ସହରରେ ବସବାସ କଲେ । କିନ୍ତୁ ସେମାନେ ଜାଣି ନାହାଁନ୍ତି ସେଇ ଛୁଆମାନେ ପାଶ୍ଚାତ୍ୟ ସଂସ୍କୃତିକୁ ଆପଣେଇ ସେମାନଙ୍କ ଠାରୁ ଦୂରେଇ ଯାଉଛନ୍ତି । ଯୋଉ ଗ୍ରାମକୁ ସେମାନେ ନିର୍ଜୀବତା କରି ଭୂଲି ଯାଇଛନ୍ତି । ଆଜି ସେମାନଙ୍କର ଚାରିପାଖେ ଆଉ ସତେଜତା ହଜିଯାଇଛି । ଆଜି ବି କେତେ ବୃଦ୍ଧାମାନେ ନିଜର ମନକୁ ଗୁମରେଇ ଗୁମରେଇ କାନ୍ଦି କୋଉ ବୃଦ୍ଧାଶ୍ରମେ ନିର୍ଜୀବ ପାଲଟି ଯାଇଛନ୍ତି ।

ଠିକଣା-ଗୌରାଦେଇପୁର, କୋଦଳା, ଗଞ୍ଜାମ, ଓଡିଶା,

୭୬୧୦୩୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଏ ମୋତେ ଭୁଲିଯିବନି ତ ?

ସନ୍ତୋଷିନୀ ଦାଶ



ନୀଳିମା ଆକାଶ କଥା ଭାବୁଥିଲା । ଆକାଶ ଏଠାରେ ଥିଲା ବେଳେ ସମୟ କେତେ ଖୁସିରେ ବିତି ଯାଉଥିଲା । ପ୍ରତ୍ୟେକ କାମ ପାଇଁ ଉତ୍ସାହ ପ୍ରେରଣା ଦେଉଥିଲେ ଆକାଶ । ଆଜି କିନ୍ତୁ ଆକାଶ ବିନା କିଛି କାମ କରିବାକୁ ଇଚ୍ଛା ହେଉନାହିଁ ।

ଗୋଟିଏ ଶ୍ରେଣୀର ଛାତ୍ରଛାତ୍ରୀ ଥିଲେ ଆକାଶ ଓ ନୀଳିମା । ଆକାଶ ଏଇ ପାଖ ଗାଆଁର ପୁଅ । ପ୍ରତିଦିନ ସାଇକେଲରେ ସ୍କୁଲ ଆସନ୍ତି । ଉଭୟେ ଭଲ ପଢନ୍ତି । ଜଣେ ପ୍ରଥମ ହେଲେ ଅନ୍ୟ ଜଣକ ଦ୍ୱିତୀୟ । କେବେ ଆକାଶ ପ୍ରଥମ ହୁଏ ତ କେବେ ନୀଳିମା । ଯିଏ ପ୍ରଥମ ହେଲେ ବି କେହି ମନ ଦୁଃଖ କରନ୍ତିନି । ଉଭୟେ ଭଲ ବନ୍ଧୁ । ହାଇସ୍କୁଲର ଶେଷ ପାହାଚରେ ପହଞ୍ଚିବା ବେଳକୁ ଉଭୟେ ଉଭୟଙ୍କୁ ଭଲ ପାଇ ବସନ୍ତି । ଉଭୟେ ଭଲ ନମ୍ବର ରଖି ହାଇସ୍କୁଲ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୁଅନ୍ତି ।

ନୀଳିମା ଗାଁ ପଖ କଲେଜରେ ପଢ଼ିବା ପାଇଁ ସ୍ଥିର ହୁଏ । ଆକାଶ ଉଚ୍ଚଶିକ୍ଷା ପାଇଁ ବଡ଼ ସହରକୁ ଯିବାକୁ ପ୍ରସ୍ତୁତ ହୁଏ । ସେଠାରେ ହଷ୍ଟେଲରେ ରହି ସେ ପାଠ ପଢିବ । କାଲି ଆକାଶ ସହରକୁ ଚାଲିଯିବ, ନୀଳିମା ମନରେ ଗଭୀର ଦୁଃଖ । ଉଭୟଙ୍କର ସନ୍ଧ୍ୟାରେ ଭେଟ ହୁଏ । ଉଭୟେ ଉଭୟଙ୍କୁ ଚାହିଁ ରହନ୍ତି । କେହି କିଛି କହିପାରନ୍ତି ନାହିଁ । କିଛି ସମୟ ପରେ ନୀଳିମା ଆକାଶର ହାତକୁ ଧରି ପକାଇ ପଚାରେ, ଏ ମୋତେ ଭୁଲି ଯିବନି ତ ? ଉଭୟଙ୍କ ଆଖିରୁ ଝରି ପଡ଼େ ଅଶ୍ରୁ । ଆକାଶ ତାର ବାହୁ ବେଷ୍ଟନୀରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନୀଳିମାକୁ ବାନ୍ଧି ପକାଇ କହେ, ଆକାଶ କ'ଣ କେବେ ତାର ନୀଳିମାକୁ ଭୁଲିପାରେ ? ସତରେ ଏହି ବିଦାୟ ମୁହୂର୍ତ୍ତଟା କେବେ ନ ଆସନ୍ତା କି !

ପାଖ କଲେଜରୁ ବିଏ ପାସ କରି ନୀଳିମା ବି,ଇ,ଡି କରିଛି । ଆକାଶ ସହରରେ ପାଠ ପଢି ଆଇ.ଏ.ଏସ ପରୀକ୍ଷା ପାଇଁ ପ୍ରସ୍ତୁତ ହୋଇଛି । ସେଥିରେ ସଫଳତା ଲାଭ କରି ଉଚ୍ଚ ପଦବୀରେ ନିଯୁକ୍ତ ହୋଇଛି । କଲେଜ ଜୀବନରେ ଅନେକ ଝିଅ ତା ସହିତ ମିଶିବା ପାଇଁ ଆଗେଇ ଆସିଛନ୍ତି କିନ୍ତୁ ନୀଳିମାର ସ୍ଥାନ ସେ କାହାକୁ ବି ଦେଇନି । ତାର ଜୀବନର ପ୍ରଥମ ପ୍ରେମକୁ ସେ ଭୁଲି ପାରିନି । ଘରେ ସବୁକଥା କହିଛି । ବାପା ନୀଳିମା ଘରକୁ ବିବାହ ପ୍ରସ୍ତାବ ପଠାଇଛନ୍ତି । ଖୁସିରେ ଖୁସିରେ ଉଭୟଙ୍କ ବିବାହ ସମ୍ପନ୍ନ ହୋଇ ଯାଇଛି । ଆକାଶର ନୀଳିମା ଧୀରେ ଧୀରେ ଗାଢ଼ ହୋଇ ଆସୁଛି ।

ସନ୍ତୋଷିନୀ ଦାଶ

ବରଗଡ଼

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସାହେବୀ ପନ୍

ସୁନିଲ୍ କୁମାର ଅଗସ୍ତି



ଜୁନାହାଁ ଫରଦ୍ କେ ଯେନମାନେ ଟିକିନିଖି କରି ଗମି ନେଇଛନ୍ କି ଇହାଛିନ୍ ଗଲେ ଜୁନହା ଫରଦ୍ କେ ହନ୍ଦଲାବାର୍ କବାରେ ଅଛନ୍, ସମାନେ କାଁ'ଯେ ଗମି ଥିଲେ ଆର୍ ଇହାଛିନ୍ ହନ୍ଦଲଉଛନ ଯେ ଆମର୍ ଦେଶର୍ ଲୋକ୍ ଇହାଛିନ୍ ପତେକ୍ ନି' ଗମି ପାରବାର୍ ତାଏଲ୍ । ଆମର୍ ଦେଶର୍ ବାହାରନିଆ ଲୋକ୍ ଆମକେ ହେଲେ ନି ହେଲେ ଏକ୍ ହଜାର୍ ବଛର୍ ପତେ ତାଁକର୍ ଚାପେନର୍ ତଲେ ଆମକେ ରଖିଥିଲେ । ଗୋରାମାନେ ଆମକେ ପାଖାପାଖି ଦଶ୍ କୁଏର୍ ବଛର୍ ତାଁକର୍ ପାହାତଲେ ଚେପେଇ କରି ରଖଥିଲେ । ଜୁନହାଁ ଫରଦ୍ ଗମୁ ଆର୍ ହନ୍ଦଲଉ ମାନକଁର୍ ସନା ଚିଟକା କେ ଆଧାର୍ କରି ଇହାଛିନିର୍ ଗୁନୀ ଜ୍ଞାନୀ ମାନେ ଗୁଟେ ନିଦାନେ ପହଁଚିଛନ୍ ଯେ ଆମର୍ ଦେଶ୍ ରାଏଜର୍ ଲୋକ୍ ଇହାଛିନିର୍ ଘଡି ପତେକ୍ ନିଜକେ ନିଜ୍ ଚିହ୍ନି ନି' ପାରବାର୍ ତାଏଲ୍ । ଆମର୍ ସଂସ୍କୃତି, ଆମର୍ ଧରମ୍, ଆମର୍ ଉତରେନ୍ ହେଉଛେ ଆମର୍ ଅସଲ୍ ପେହେଚାନ୍ । ହେଲେ ଏତେତୁଡେ ଗୁଲା ହଜାର୍ ବଛର୍ ନୁ ଅଏଧକା ସେ ହେବା ବିଦେଶିଆ ମାନକର୍ ତଲେ ରହିକରି ଆମେ ଆମର୍ ପେହେଚାନ୍ ଗୁଲାମୁଲା ପାସରି ଦେଲୁଁ । ଆମର୍ ଧରମ୍ କାଏଁଟା ପାସରି ଦେଲୁଁ, ଆମର୍ ଉତରେନର୍ ମୋଲ୍ ନି'ରହେଲା, ଆମର୍ ସଂସ୍କୃତି ହଜିଗଲା ଆର୍ ଇ' ଧାରା ଆମେ ସ୍ୱାଧିନ୍ ହେବାର୍ ଚାଏର୍ କୁଏର୍ ବଛର୍ ଆ'ଦେ ହେସି'ନ ପଛକର୍ ଉତରି ଆସୁଛେ ତାଏଲ୍ । ଇ' ବୁଏଡ୍

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆମର୍ ଡରହର୍ ମାଡେଁ କି' ଆମେ ଶିକ୍ଷାର୍ କୁଶେ ଦୁରେ ଅଛୁଁ ତାଏଲ୍ ବଲିକରି ନରଦି ଆଉଛେ ଯେ ଇହାଛିନିର୍ ଗୁନୀ ଜ୍ଞାନୀ ଯେତେ ଗଲେ କେହେନସି କିସମର୍ ନିଦାନେ ଖେଟି ନି' ପାରୁଛନ୍ । କାଁ'ଯେ କି' ଇହାଛିନ୍ ଗଲେ ଆମେ ମାକର୍ କେ ସଁକାର୍ ବନଉଛୁଁ ତାର୍ ଗୁନ୍ ଗାଇ ପାହାତଲେ ପଡୁଛୁଁ ଆର୍ ମନ୍ କେ ଖାଲି ବୁଝଉଛୁଁ ଯେ ମାହାପୁରୁ ତ' ଗଧର୍ ପାଦ ଧରିଥିଲେ ଆମେ ମାକର୍ ଯେତେକେ ବୁଆ ବୁଆ ବଲବାର୍ ଥିଁ କାଏଁଟା ହି ଯାଉଛେ । ହେଲେ ଆମେ ଏନତା କିସମେ ଆର୍ ଏନତା ବେଭାରପାତି କରୁଛୁଁ ଯେନତା କି ଆମେ ଆମର୍ ଅସଲ୍ ପେହେଚାନ୍ କେ ଫିରଭି ନି' ଫିରି ପାରବାର୍ ତାଏଲ୍ ।

ଗୋରାମାନେ ଆମକେ ଦଶ୍ କୁଏର୍ ବଛର୍ ପାଖ୍ ପାଖ୍ ତାଁକର୍ ତଲେ ରଖିଥିଲେ, ଇଥିର୍ ଲାଗି ବଲିକରି ଆମେ କଥାକହି ଶିଖଲୁଁ ବଲି ଆମର୍ ଦେଶର୍ ବନେ ଗୁରଦୁ ଜ୍ଞାନୀ ଗୁନୀ ହଁ' ବଲସନ୍ । ଇ' କଥା କହି ଶିଖବାର୍ ଟା କେ ହଁ' ବଲମା କି' ନି ବଲମା ଯେ ସେଟା ଅଲଗ୍ କଥା ଆଏ । ହେଲେ ଆ'ଦେ ଗୋରା ମାନେ ଆମର୍ ଦେଶ୍ ଛାଡିକରି ପଲାବାର୍ ଚାଏର୍ କୁଏର୍ ବଛର୍ ହେସି ନ' ଆମେ ତାଁକର୍ ଦେଶ୍ ରାଏଜ୍ ଚଲାବାର୍ ନିତିନିଏ କେ ଆଏଜ୍ ପତେକ୍ ଗୁରୁ ଗଁଏଠ୍ କରିଛୁଁ ତାଏଲ୍ । ଇ'ଠାନୁନ୍ ବଢିକରି ଆମର୍ ଲାଗତି ଆର୍ କାଏଁ ଲାଜ୍ ଲଜନା କଥା ଅଛେ । ଗୋରା ମାନେ ଆମକେ ତାଁକର୍ ପାହା ତଲେ ଚେପେଇକରି ରଖବାର୍ କାଯେ ଯେତେ ନିତିନିଏ ବନେଇ ଥିଲେ, ଯେନଟା କି ଆମକେ ଡରେଇ ଧପେଇ କରି ରଖିଥିଲା ଆର୍ ଯେନ୍ ଗଲେ ଆଲ୍ ମାଲ୍ କେନ୍ ଠାନେ ମୁଡ଼ ଟେକୁଥିଲା ତାକେ ନିତିନିଏର୍ ଧାରାର୍ ନା'ଥିଁ ଅନ୍ଧାର୍ ଘର୍ କେ ପଠଉଥିଲେ ନାହେତ ବେଁକେ ରଶି ଲଗଉଥିଲେ ।

ଆମର୍ ଦେଶ୍ ସ୍ୱାଧିନ୍ ହେଲା, ଆମେ ଏତକର ମୁଡ୍ ଟେକିକରି ବାଟ୍ ଚାଲ୍'ଲୁଁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆମର୍ ଦେଶର୍ ଗୁନୀ ଜ୍ଞାନୀ ମାନେ ଆମର୍ ସମ୍ବିଧାନ ଲେଖଲେ, ଗୁଲା ଦେଶର୍ ଲୋକମାନକଁର୍ ସହମତିର୍ ଉଧେ ଆମେ ନିଜେ ଆମର୍ ଦେଶ୍ ରାଏଜ୍ ଚଲାଲୁଁ । ଶିକ୍ଷା ସ୍ୱାସ୍ଥ୍ୟ କଲ୍ କାରଖାନା ଚାଷ୍ ବେପାର୍ ହର୍ ଏକ୍ ଦିଗେ ଉଁଚା ଦରଜାର୍ କବାର୍ ହେଲା । ହେଲେ ଦେଶ୍ ଚଲାବାର୍ ଢାଁଚା ବିଦେଶିଆର୍ ନିଦାନେ ଖାପି ହେଲା ଏତେ ତୁଡେ ଯେ ଆଏଜ୍ ପତେକ୍ ସେନୁ ଆର୍ ମୁକଲି ନି' ହେବାର୍ ନ' । ଆମର୍ ଦେଶ୍ ଆମର୍ ଲୋକ୍ ଆମର୍ ଦରବାର୍ ଆମେ ନିଜେ ଦରବାର୍ ବନାମୁଁ ଫିରଭି ନିତିନିଏ କେନ୍ ଠାନୁନ୍ ଗେରଫାଲାଟା ବାଗିର୍ ଲାଗୁଛେ । ଆମର୍ ସମ୍ବିଧାନ୍ ଯେନ୍ ସମିଆଁନେ ଲେଖାଗଲା ସେ ସମିଆଁ ଆର୍ ଇହାଛିନିର୍ ସମିଆଁ ଭିତରେ ଆକାଶ୍ ପାତାଲ୍ ତଫାତ୍ ଅଛେ । ଫିରଭି ଆର୍ ନିତିନିଏ ନି' ବଦଲିବାର୍ ନ' ଯେନଟା କି' ଆମ୍ ଲୋକ ମାନକଁର୍ ହିତ୍ ନେ ଯାଏତା । ଗୁଟେ କଥା,'ସମ୍ବିଧାନ' କାଏଁଟା ଆଏ ଯେ ଆମର୍ ଦେଶ୍ ରାଏଜର୍ କେତେ ଲୋକ୍ ଜାନିଛନ ? ଇଥିନେ ଆମେ କାହାକେ ଦୋଷ୍ ଦେଇ ନି'ପାରୁଁ, କାଁ'ଯେ ବଏଲେ ଦରବାର୍ ଆମେ ଏକା ବନେଇଛୁଁ, ଗୋଡ୍ ଆମର୍ ଟା ଆଏ, ଟଙ୍ଗିଆ ବାରେସ୍ ଗଲେ ଆମର୍ ଟା ଆଏ ।

ଆମର୍ ଦେଶେ 'ସାହେବୀ ଶାସନ୍' ଗୋରାମାନକର୍ ଦେନ୍ ଆଏ । ଭରଦର୍ ଇଂରେଜ୍ ମାନେ ଆମର୍ ଦେଶେ ତାଉ ଦେଖଉଥିଲା ବେଲେ ଗୋରା ସାହେବ୍ ବଲି ଡାକ୍ ପଡୁଥିଲା । ଗୋରା ସାହେବ୍ ମାନେ ଆଏଲେ ସଭେଁ ମୁଡ୍ ଗାଜିକରି ରହୁଥିଲେ । ଇ' ମୁଡ୍ ତଲ୍ ଆର୍ ମୁଡ୍ ଗାଜବାର୍ ଉତରେନ୍ ଆଏଜ୍ ପତେକ୍ ଆମର୍ ଦେଶେ ଅଛେ ତାଏଲ୍ । 'ସାହେବ୍' ଶବଦ୍ ଗୁଟେ କାଏଁଟା ଆଏ ଯେ, ସତେ ଯେନତା କି ଇ'ଶବଦ୍ ବାଘ୍ କି ଭାଲୁ ଆଏ ଯେ ଆମର୍ ଦେଶ୍ ଗୁଲାର୍ ସଭେଁ ଇ'ଶବଦ୍ କେ ଡରି ମରସନ୍ । ଗୋରାମାନେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆମକେ ଡରେଇ ଧପେଇକରି ବଲ୍'ଲଟି ଆମର୍ ମୁଡ୍ ଗଜଉଥିଲେ । ହେଲେ ଇହାଛିନିର୍ ଗଖା ଆର୍ ଉଁଚା ଦରଜାର୍ ଦରବାରୀ ହଲିଆ ଯେତେ ଯେନ୍ ମାନକୁ କି ଆଘେ ସାହେବ୍ ବଲୁଥିଲେ ସେମାନେ ନିଜର୍ ପନ୍ ଦେଖାବାର୍ ଲାଗତି ତାଁକର୍ ବିନ୍ ମୋଲର୍ ତାଉ ଦେଖଉଛନ୍, ଯେନଟା କି ଆମର୍ ସମ୍ବିଧାନ୍ ର ଉଟାର୍ ଆଏ । ଶିକ୍ଷା ବିଭାଗ୍, ନିଏ ବିଭାଗ୍, ଜଙ୍ଗଲ୍  ବିଭାଗ୍, ଜିଲ୍ଲା ପର୍'ଶାସନ୍, ମରନ୍ ମହରା ପାଏନ୍ ବିଭାଗ୍, ଦରବାରୀ ଖଜନା ବିଭାଗ୍, ଜମିବାଡି ବିଭାଗ୍, ଟଁକା ପଏସା କାରବାର୍ ବିଭାଗ୍ ଏନତା କେତନି କେତେ ଦରବାରୀ ଠାନ୍ ଆମର୍ ଦେଶେ ରାଏଜେ ଅଛେ । ହର୍ ଏକ୍ ଦରବାରୀ କବାର୍ ନିପଟାବାର୍ ଠାନେ ଝନେ ଲେଖା ଦରବାରୀ ମୂଖିଆ ଥିସନ୍ ଆର୍ ଇମାନକେ ଦରବାରୀ ଭାଷାଥିଁ 'ଅଧିକାରୀ' ବଲସନ୍, ଯେନତା କି' ଜିଲ୍ଲା ଶିକ୍ଷା ଅଧିକାରୀ, ବ୍ଲକ୍ ଶିକ୍ଷା ଅଧିକାରୀ, ଜମିବାଡି ନିତିନିଏ ନିପଟାବାର୍ ମୂଖିଆ 'ତହସିଲଦାର୍', ଗୁଟେ ଜିଲ୍ଲାର୍ ଗଖା ମୂଖିଆ 'ଜିଲ୍ଲାପାଲ୍', ଇ' କିସମେ ଭିନ୍ ଭିନ୍ ଦରବାରୀ ଠାନର୍ ମୂଖିଆ ମାନକଁର୍ ଭିନ୍ ଭିନ୍ ଦରବାରୀ ନା' ଅଛେ । ଇ'ଯେତେ ଦରବାରୀ ଅଧିକାରୀ ଆର୍ ମୂଖିଆ ମାନକୁଁ ଦରବାର୍ ଲୋକ ମାନକଁର ଭଲ୍ ମନ୍ଦ୍ ନୁକୋ ଅସାର୍ ବୁଝାସୁଝା କରବାର୍ ଲାଗତି ଅଲଗ୍ ଅଲଗ୍ ବିଭାଗ୍ ଆକାରେ ଅଲଗ୍ ଅଲଗ୍ ମୂଖିଆ ରଖିଛେ । ହେଲେ ଇ'ମାନେ ଲୋକ ମାନକଁର୍ ନୁକୋ ଅସାର୍ ଖଂକେ ବଢେ ବୁଝାସୁଝା କଲେଗଲେ ଲୋକ ମାନକଁର୍ ଉପରେ ତାଁକର୍ ତାଉ ଦେଖାବାର୍ 'ସାହେବୀ ପନ୍' ଜାହିର୍ କରସନ୍ । ଇ' ସାହେବୀପନ୍ ର ନିଦାନ୍ ଭିନ୍ ଭିନ୍ ଠାନେ ଭିନ୍ ଭିନ୍ କିସମର୍ ଆଏ । କେନ୍ ଅଧିକାରୀ ନିଜର୍ ତାଉ ଦେଖା ଜାହିର୍ କରବାର୍ ଲାଗତି ସାହେବୀ ପନ୍ ଦେଖାସନ୍, କେନ୍ କେନ୍ ଅଧିକାରୀ ଭିତରିଆ ଗେରଫାବାର୍ ଲାଗତି ଜାନିଜାନି କରି ସାହେବୀ ପନ୍ ଦେଖାସନ୍ ଆର୍ କେନ୍ କେନ୍

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅଧିକାରୀ ସାମନାର୍ ଲୋକ କେ ବେଡା ଠାବ୍ କରି ନିଜର୍ ସାହେବୀ ପନ୍ ଜାହିର୍ କରସନ୍ । ଅସଲ୍ ଥିଁ ଜନମ୍ ଜାତ୍ ନୁକୋ ଲୋକ ଯେନ୍ କି ଅଧିକାରୀ ଅଛନ୍ ତାହାକୁଁ ଛାଡିକରି ଆର୍ କେନ୍ ଗଲେ ବିନ୍ ଲାଭ୍ ଲବଧିନେ କାହାର୍ ଭଲ୍ ମନ୍ଦ ଦରବାରୀ କବାର୍ ନିପଟାବାର୍ ଲାଗତି ମନ୍ ନି' କରବାର୍ ନ' । ହର୍ ଏକ୍ ସାନେ ସୁରୁ ଦରବାରୀ ହଲିଆ ଯେତେ ଗୁଟେ ଭାବନା ମନ୍ ଭିତରେ ରଖିଛନ୍ ଯେ 'ମାସକିଆ ଦରବାରୀ ଭୁତି' ଗୁଲାମୁଲା ଯେନତା କେ ହେନତା ଥିତା ନ' ଆର୍ ସାହେବୀପନର୍ ଉଧେ ଗେରଫା ଗୁରଫି ନେ କୁଟୁମ୍ ଚେଲେଇ ନେତୁଁ । ଗୋରା ମାନକର୍ ଦରବାର୍ ନେ ଗେରଫା ଗୁରଫି ସାମ୍ୱିଧାନିକ ଅଧିକାର୍ ଥିଲା ବଏଲେ ଗଲେ କିଛି ଅସାର୍ ନି' ହୁଏ,କାଁ'ଯେ କି' ଗୋରା ମାନେ ଆମକେ ଧପେଇକରି ତାଁକର୍ ପାହା ତଲେ ରଖବାର୍ ଲାଗତି ହରମିସା ବିଟାଲ୍ କବାର୍ ଯେତେ କରୁଥିଲେ । ତାହାବଲିକରି ଇ' କେଚକେଚା ସାହେବୀ ପନର୍ ଉଧେ ଭିଭିତରିଆ ଛିନାଛୁନି କାରବାର୍ ଆମର୍ ସ୍ୱାଧିନ୍ ଦେଶେ ରାଏଜେ କେନ୍ କିସମେ ଉତରେନ୍ ହି' ଗଲା ? ଇ'ଠାନେ ଗୋରା ଦରବାର୍ ଆର୍ ସ୍ୱାଧିନ୍ ଦରବାର୍ ଭିତରେ କାଏଁ ତଫାତ୍ ରହେଲା ? ହଁ, ଇଟା ସତ୍ ଆଏ ଯେ ଇହାଛିନ୍ ଗଲେ ଆମର୍ ଦେଶେ ରାଏଜେ କେତନି କେତେ ଲୋକ ଶିକ୍ଷାର୍ ଉକିଆ ନେ ହର୍ ଏକ୍ ଦରବାରୀ କବାରର୍ ନିଦାନେ ଖେଟି ନି' ପାରବାର୍, ଇତାର୍ ଜହକରି ଫାଏଦା ଘିଚି ନେଉଛନ୍ କମ୍ ପଢାଲିଖା ମଝାର୍ ଲୋକ ମାନେ । ଆର୍ ଇ'ମଝାର୍ ଲୋକ ମାନକୁ ଧରାବେଟା କଲେ ହର୍ ଏକ୍ ଦରବାରୀ କବାର୍ ଘଡେକେ ନିପଟି ଯାଉଛେ, କାଁ'ଯେ ବଏଲେ ଇ'ମଝାର୍ ଲୋକ୍ ଆର୍ ଅଧିକାରୀ ମାନକର୍ ଭିତରେ ଭିତର୍ ସାରି ଗେହେରା ଭାବ୍ ପେରେମ୍ ଥିସି ।

ଗୁଟେ କଥା ଆମକେ ନିଘା କରବାର୍ ଅଛେ ଯେ ଆମର୍ ଦେଶ୍ ରାଏଜର୍ ସବୁ

Listen to Odia Podcast Original at https://youtube.com/@drjyotiprasad

ଲୋକ କୁଁ ଯଦରବି ଚାଏର୍ ଭାଗ୍ କରମା, ତିନ୍ ଭାଗ୍ ସାଧା ଲୋକ୍ ନି' ଥିଲା ବାଲେ ଅଛନ୍ ଆର୍ ଭାଗେ ଥିଲାବାଲେ ଗଖା ଲୋକ୍ ଅଛନ୍ । ଦେଶ୍ ସ୍ୱାଧିନ୍ ହେଲା ଦିନୁ ଥିଲା ବାଲେକର୍ ହାତେ ଅଛେ ଆର୍ ସେମାନେ ନି' ଥିଲା ବାଲେକର୍ ନା' ଥିଁ ଏକା ଦେଶ୍ କେ ଚଲେଇ ଆନୁଛନ୍ । ଆର୍ ଗୁଟେ କଥା, ଆମର୍ ଲୋକର୍ ଦରବାରେ ନି'ଥିଲା ବାଲେ କଁର୍ ଜହକରି ଡାକ୍ ପଡସି । ଇ'କିସମର୍ ହୁଦାକେ ଯେହେନସି କିସମେ ଧରାବେଟା ନି' କଲେ ଦରବାର୍ କେ ଅକ୍ତିଆର୍ ଗେରମେଟାବାର୍ ବନେ କାଡର୍ ହେସି । ଇ' ଦରବାରୀ ସାଁକାର୍ ପଦ୍ ଗେରମେଟାବାର୍ ପାଲା ଥିଁ ଇହାଛନ୍ ଆମର୍ ଦେଶେ ରାଏଜେ ଭରଦର୍ ମାହାଲିଆ ବେପାର୍ ଚାଲିଛେ । ହର୍ ଏକ୍ ଦରବ୍ ମାହାଲିଆ, ସତେ ଯେନତା କି ତାଁକର୍ ବାପ୍ ଦାଦି କମେଇ କରି ରଖି ଦେଇଥିଲେ ଆର୍ ସେଟାକେ ଦରବାର୍ ବାଲେ ଦାନ୍ ଦପା ଦେଉଛନ୍ ନି' ଥିଲା ମାନକଁର୍ ସାହେଜ୍ ନା'ଥିଁ । ଏନତା ଥିଁ ଦେଶ୍ ଭିତରେ ମନ୍ କୁହୁଲୁ ଦଲ୍ ତାର୍ ସୁକେ ବନେଇ ହେଇ ଯାଉଛନ୍, ଯେନଟା କି ଆଏବାର୍ ଦିନେ ଦେଶ୍ କେ ନରକ୍ ଗାମୀ କରବାର୍ ବଡ୍ ବେଲ୍ ନି'ସେ । ଯାହାର୍ ନା' ଥିଁ ଦେଶ୍ ଚଲୁଛେ ସେମାନେ ସାହେବୀ ପନ୍ ଡରହେ ସେରପେଟି କରି ଥିବାର୍ ନିଦାନ୍ ହେଉଛେ ଇ' ମାହାଲିଆ ବେପାର୍ । ଦେଶର୍ ବନେ କେତନିକେତେ ଲୋକ୍ ଶିକ୍ଷାର୍ କୁଶେ ଦୁରେ ଥିବାର୍ ଲାଗତି ଇ' ମାହାଲିଆ ବେପାର୍ ବନେ ଯମକ୍ ଧରୁଛେ ଆର୍ ଇତାର୍ ଯବର୍ ଫାଏଦା ଘିଚି ନେଉଛନ୍ ଦେଶ୍ ରାଏଜର୍ ଠେଙ୍ଗା ଧରୁମାନେ । ଶିକ୍ଷାର୍ ମୋଲ୍ ଖାଲ୍ ମୁଁହାଁ ହେବାର୍ ଲାଗତି କେନ୍ ଠାନେ ଆମର୍ ଦୁରବଲ୍ ପନ୍ ଢାପି ହେଲା ସେଟାକେ ଶିକ୍ଷାର୍ ଗଖା ସାଁକାର୍ ଯେତେ ଇ'ବେଲା ବୁଲି ଠଁଅଁରାବାର୍ ଚାହି, ନାହେତ ଆମର୍ ଦେଶ୍ ରାଏଜ୍ ଖାଲ୍ ମୁଁହାଁ ହେବାର୍ ସାର୍ ଆଏ । ଯାହା ଦେଖା ଯାଉଛେ ଯେନ୍ ଗଲେ ଆଲ୍ ମାଲ୍ ଅବଗା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଖେପେକ୍ ଯେହେନସି କିସମେ ଆମର୍ ଦରବାର୍ ନେ ଠାନ୍ ପାଇଗଲା ତାର୍ ଆଏବାର୍ ସାତ୍ ପୁରଷା ଆର୍ ଭୁଖେ ନି'ରହେବାର ନ' ।

ହଁ ସାହେବୀ ପନ୍ ଆର୍ ସାହେବୀ ଗିରି ଇ'ସଧା ଲୋକ୍ ମାନକଁର୍ ଜୀବନ୍ କେ ବଢେ ଘାଏ ଅଚାବୁହା କରସି । ଇ, 'ପନ୍' ଆର୍ 'ଗିରି' ଆମର୍ ଦେଶେ ସାମ୍ବିଧାନିକ୍ କାଏଁ ? ଟରକ୍ ମାଡେଁ ଜଙ୍ଗଲ୍ ସଫା କରି ବେପାର୍ କଲା ଲୋକ୍ ସମାଜର୍ ଆଗ୍ ଧାଡିର୍ ଲୋକ୍ ଆଏ ଆର୍ ପେଟର୍ ଲାଗତି ଜଙ୍ଗଲ ନୁ କାଠି ଖଁଡ୍ ଦୁ' ଉରଲି ଆନି ବିକବାର୍ ଲୋକ୍ ଚୋର୍ କାଏଁ ? ଆମର୍ ଦେଶେ ସାଁକାର୍ କେନ୍ ଆଏ ଆର୍ ଚୋର୍ କେନ୍ ଆଏ ଯେ ଇତାର୍ ନିଦାନ୍ କେ ଆମର୍ ସମ୍ବିଧାନ୍ ଖେଟିଛନ୍ କାଏଁ ?

'ଶିକ୍ଷା' ଯେନଟା କି ଆମର୍ ଜୀବନ୍ କେ ଉକିଆ କରସି ସେଟା ତ' ଆମର୍ ଦେଶେ ରାଏଜେ ଇହାଛିନ୍ ମହା ବେପାର୍ ନେ ଖେଟିଗଲା ନ' । ହଁ ଇଟା ସତ୍ ଆଏ ଯେ ଶିକ୍ଷାର୍ ମହା ମୁନାଫାଖୋର ବେପାରୀ ମାନକୁଁ ଆମେ ଏକା ବନେଇଛୁଁ, ଇଥି ଦରବାର୍ କେ ଦୋଷ୍ ଦେଇକରି କିଛି ଲାଭ୍ ନି' । କାଁ' ଯେ ବଏଲେ ଆମେ ତ' ମୁନୁଷ୍ ସୁରେ ହେଉ କି ବିନ୍ ମୁନୁଷ୍ ସୁରେ ହେଉ ଦରବାର୍ କେ ନିଜେ ତ' ଠାଡ୍ କରିଛୁଁ । ଏଭର ଇହାଛିନିର୍ ଦରବାରୀ ଶିକ୍ଷା ନରକ୍ ଗାମୀ, ଚାରହିକୁତି ଚହଲ୍ ପଡିଛେ । ହଁ ଗଲା କେତେ ବଛର୍ ହେଲା ପାଠ୍ ପଢା ଠାନ୍ ଖାଲି ଚକ୍ ଚକେଇ ଯାଉଛେ, ହେଲେ ଶିକ୍ଷାର୍ ମୂଲ୍ ଆତ୍ମା ବଢେ ଘାଏ ବେମରିଆ ହେଇଗଲେ ନ' ବାଗିର୍ ଲାଗସି । ଇ' ଶିକ୍ଷାର୍ ଆତ୍ମା ବେମରିଆ ହେବାର୍ ପଛ୍ ଫାଲର୍ ଭେଦ୍ ଖୁଜଲେ ଗୁଟେ ନିଦାନେ ଖେଟି ହେଉଛେ ଆର୍ ସେଟା ହେଉଛେ କେଚ୍ କେଚା ଦରବାରୀ ଶିକ୍ଷା ର୍ ନିତିନିଏ । ଶିକ୍ଷାର୍ ଅସଲ୍ ନିଦାନ୍ ତ' କେଭର୍ ନୁ ଖତ୍ ଗଦା ନେ ପଡି ସାଏଲା ନ' । ଇ'କଥା ସବୁ ଦରବାର୍ ବାଲେକର୍ କାନେ ନି' ପଡବାର୍

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହେଟା ନି' ସେ, ସେମାନେ ଶିକ୍ଷା କେ ହରମିସା ନଜର୍ ଦେଇଛନ୍ ଆର୍ ତାର୍ ତାର୍ ଉପରେ ଖାଲି ଶିକ୍ଷାର୍ ନିତିନିଏ ବଦଲାବାର୍ କବାରେ ଲାଗିପଡି ନୂଆଁନୂଆଁ ଯୋଜନା କରତେଲ୍ ଆନୁଛନ୍, ବସ୍ତାର୍ ମାଡେଁ ଟଁକା ପଏସା ଗଲେ ସାରୁଛନ୍ । ଫିରଭି ଦରବାରୀ ଶିକ୍ଷା ପାତାଲ୍ ଗାମୀ, କାଁ ଯେ । ଆର୍ ଗୁଟେ କଥା ଦରବାର୍ ନେ ଯେନ୍ ଶିକ୍ଷାର୍ ସାଁକାର୍ ମାନେ ଅଛନ୍ ସେମାନେ ମାହାପୁରୁ କାଏଁ,ସେମାନେ ଯେନ୍ ଶିକ୍ଷାର୍ ସଂସ୍କାର୍ ଆନବେ ସେଟା ବେଦର ଗାର୍ ଆଏ କାଏଁ? ଆମର୍ ଦେଶ୍ ଗୁଲା ଉଁଚା ଦରଜାର୍ ଗୁନୀ ଜ୍ଞାନୀ ଆର୍ ଶିକ୍ଷାବିତ୍ ମାନକଁର୍ ଦୁକାଲ୍ ନେଇ ନ' । ହେଲେ ଲୋକର୍ ଦରବାର୍ ନେ ଇମାନକୁଁ ଅନ୍ ଦେଖେନ୍ କରି କେରେଇ ଦିଆ ଯାଉଛେ ଆର୍ ଇତାର୍ ବିଟାଲ୍ ନିଦାନ୍ ଇହାଛିନିର୍ ଦରବାରୀ ଶିକ୍ଷା ଭୁଗୁଛେ ।

'ଶିକ୍ଷା ଅଧିକାରୀ',ଶୁନବାର୍ ଲାଗତି କେଡେ ତିଆର୍ ଶବଦ୍ ଦୁଇଟା । ଇ'ଶବଦ୍ ଦୁଇଟାର୍ ମୂଲ୍ କେ ଯଦରବି ଆମେ ଖେଟବାର୍ କାଯେ ମୁଡ୍ କେ ବନେ ଝୁନି ଝାନି ଦେଇ ଅଁଟା ଥିଁ ବଫୁ ସଁକଲି ଆନମା ତେନେ ତାର୍ ସୁକେ ଆମେ ଜାନି ପାରମା ଯେ ଅସଲ୍ ଥିଁ ଝନେ ଶିକ୍ଷା ଅଧିକାରୀ କଁର୍ ଶିକ୍ଷା ଉପରେ କେତନିକେତେ ଅନୁଭୂତି ଥିସି, ତାଁକର୍ ଶିକ୍ଷା ଉପରେ କେତନିକେତେ ଜ୍ଞାନ୍ ଅଛେ, ଶିକ୍ଷା ଉପରେ କିସମ୍ କିସମ୍ ଭାଲ୍ ବିଚାରର୍ ନିଦାନେ ବନେ ଜଲଦି ଖେଟି ପାରସନ୍, ହର୍ ଏକ୍ ପାଠ୍ ପଢାର୍ ବହିର୍ ମୂଲ୍ ନିଦାନେ ଖେଟିଛନ୍ ଆର୍ ତାଁକର୍ ତଲେ ଯେତେ ଗଲେ ଦରବାରୀ କବାର୍ କରୁ ଅଛନ୍ ସମକିରର୍ ସଙ୍ଗେନେ ବନେ ଉଁଚା ଦରଜାର୍ ଭାବର୍ ଉଧେ ଶିକ୍ଷା ଉପରେ ଭାଲ୍ ବିଚାର୍ କରି ପାରସନ୍ । ଆଏଜ୍ କାଏଲ୍ ପଞ୍ଚାୟତ୍ ନୁ ଆରମ୍ କରି ରାଏଜ୍ ପତେକ୍ ଭିନେ ଭିନେ ନାଁ' ଥିଁ ଶିକ୍ଷା ଅଧିକାରୀ ମାନେ ଅଛନ୍ । ଇମାନେ ବନେ ଉଁଚା ଦରଜାର୍ ପଢାଲିଖା ମାନେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆ'ନ୍ । ଦରବାରୀ ଶିକ୍ଷା ନେ ଉଁଚା ଦରଜାର୍ ପଢାଲିଖା ପାଠ୍ ପଢଉ ମାନେ ଗଲେ ଅଛନ୍ । ତବଭି କାଁ'ଯେ ଦରବାରୀ ପାଠ୍ ପଢା ଖାଲ୍ କେ ନରଦୁଛେ । ଅସଲ୍ ଥିଁ ଯେତେ ଶିକ୍ଷା ଅଧିକାରୀ ଅଛନ୍ ସେମାନେ ଶିକ୍ଷା କେ ନେଇକରି କଭେଗଲେ ତାଁକର୍ ତଲେ କବାର୍ କରୁଥିବାର୍ ପାଠ୍ ପଢଉ ମାନକଁର୍ ସଙ୍ଗେନେ ଭାଲ୍ ବିଚାର୍ ନୁକୋ ଅସାର୍ ନି' ହୁଅନ୍ । ଆର୍ ଫାଲେକେ ଜାନଲେ ତ' କରବେ । ଆମର୍ ଦେଶେ ରାଏଜେ ତ' ହାତୀ ଘିଚବାର୍ ଗାଡିକେ ମାକର୍ ଘିଚୁଛେ ଆର୍ ମାକର୍ ଘିଚବାର୍ ଗାଡିକେ ମନ୍ ନି ଥାଇକରି ହାତୀ ଘିଚୁଛେ' । ଇ'ଫାଲେ ମାକର୍ ହୁଦା ଯେତେ ଶିକ୍ଷାର୍ ଅ'ଆ'ଇ' ଚିହ୍ନି ନି' ପାରିକରି ବନେ ଅଚାବୁହା ହେଲେଗଲେ ଦରବାରୀ ବିଟାଲ୍ ନିତିନିଏ ସେମାନକୁଁ ଉଁଚା ଦରଜାର୍ ଚୌକି ମାନକୁ ଥାପନା କରିଛେ । ଫେର୍ ଶିକ୍ଷାର୍ ସାଁକାର୍ ଯେତେ ନିଜର୍ ସାହେବୀ ପନ୍ ଦେଖାବାର୍ ଥିଁ ମାହିର୍ ଆ'ନ୍, ଯେନ୍ ପନ୍ କି' ଶିକ୍ଷାର୍ ବଢତି ଦିଗେ ଟିକେ ରଁଚେ ଗଲେ ମେଲ୍ ନି'ଖାଏ । ଶିକ୍ଷା ସଙ୍ଗେ ଜୁଡି ହେଇଥିବାର୍ ତଲର୍ ଲୋକ ମାନକଁର୍ ଆଘେ ନିଜର୍ ସାହବୀ ପନ୍ ଦେଖାବାର୍ ଏଭର୍ ଶିକ୍ଷା ଅଧିକାରୀ ମାନକଁର୍ ବଏସରା ହି' ଗଲାନ ବାଗିର୍ ଲାଗୁଛେ ଯେନଟା କି' ଶିକ୍ଷା କେ ପାତାଲ୍ କେ ଢେଗଲିବାର୍ ଲାଗତି ବତର୍ ହି'ଛେ । ଆମର୍ ଦେଶେ ଆମର୍ ରାଏଜେ ଲୋକର୍ ଦରବାର୍ ହିମାଲୟ୍ ଆଏ, ଗୁଲା ପୁରଥି ନେ ଆମର୍ ପେହେଚାନ୍ ଅଛେ । ଇ'ଦରବାର୍ ନେ ଦରବାରୀ ତାଉ ଆର୍ ବିନ୍ ମୋଲର୍ ସାହେବୀ ପନର୍ ଠାନ୍ ନି'ନ । ଇ'ଠାନେ ଗୁଟେ କଥାକେ ଆମେ ସୋର୍ କରମା, ଆ'ଦେ ଗଲା ଭରଦର୍ ଖରା ମାସର୍ କଥା ଆଏ, ଆମର୍ ରାଏଜର୍ ଲୋକ ବିଟାଲ୍ ସେହେବୀ ପନର୍ କଡା ଜବାବ୍ ଦେଇଛନ୍ । ଅବଗା ବିଟାଲ୍ ସାହେବୀ ପନ୍ ଏକା, ଗୁଟେ କୁଏର୍ ଆର୍ ଚାଏର୍ ବଛରର୍ ଦରବାର୍ କେ ଧସକେଇ କରି ମାଟି ମିଶେଇ ଦେଲା । ଇ'କିସମେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହର୍ ଏକ୍ ବିଭାଗ୍ ନେ ସେ ବିଭାଗର୍ ଅଧିକାରୀକଁର୍ ବିଟାଲ୍ ଆର୍ କେଢ୍ କେଚା ସାହେବୀ ପନ୍ ଯେ ସେ ବିଭାଗ୍ କେ ନରକ୍ ଗାମୀ ନି' କରବା ଇଟା କହି ନି'ହୁଏ । ହଁ'ଇଟା ଭିଲ୍ ସତ୍ ଆଏ ଯେ ଇହାଛିନିର୍ ଦରବାର୍ ଇ' ବିନ୍ ମୋଲର୍ ସାହେବୀ ପନ୍ ଉପରେ କଡା ନଜର୍ ଦେଇଛନ୍ ବାଗିର୍ ଲାଗସି ।

ହର୍ ଏକ୍ କିସମର୍  ବିଭାଗ୍ ନେ ଦରବାରୀ ମୂଖିଆ ମାନକୁଁ ଦରବାର୍ ଖଞ୍ଜିଛେ । ସେ ମାନକଁର୍ କବାର୍ ହେଲା ତାଁକର୍ ବିଭାଗର୍ ନୁକୋ ଅସାର୍ ଖଙ୍ଗ୍ ବଢ୍ କେ ଗମିକରି ସେ ହିସାବ୍ ନେ ତାର୍ ବତର୍ ଦେଖିକରି ବିଭାଗ୍ କେ ଚଲେଇ ନେବାର୍ ଅଛେ । ତଲ୍ ଫାଲର୍ ହର୍  କବାର୍ କରୁ ମାନକଁର୍ ଆଘେ ସାହେବୀ ପନ୍ ଜାହିର୍ କରବାର୍ ଟା ଆମର୍ ସମ୍ବିଧାନର୍ ଭଟେ ଆଏ । ଇ'ପନ୍ ଜାହିର୍ କରବାରଟା ଆମେ ଗୋରା ମନକଁର୍ ନୁ ଶିଖିଛୁଁ । ହେ ବିଦେଶିଆ ମାନେ ତ'ଆମକେ ନିଚା ଦେଖାବାର୍ ଲାଗତି ଭିନ୍ ଭିନ୍ ବିଟାଲ୍ ନିତିନିଏ ବନେଇକରି ତାଉ ଆର୍ ଭାଉର୍ ଲାଗତି ସାହେବୀ ପନର୍ ଆଶରା ନେଉଥିଲେ । ତାହା ବଲିକରି ଆମର୍ ସ୍ୱାଧିନ୍ ଦେଶେ ରାଏଜେ ଗଲେ ଇ' ସାହେବୀ ପନ୍ ଆର୍ ସାହେବୀ ଗିରି ଆର୍ ବଢେ ଘାଏ ତାଁକର୍ ତାଉ ଦେଖାବେ କାଏଁ? ଆର୍ ଆମର୍ ସ୍ୱାଧିନ୍ ଦେଶର୍ ସାହେବ୍ ମାନେ ଭାବି ନେଇଛନ୍ ଯେ ଇ' ପନ୍ ଆର୍ ଗିରି ତାଁକର୍ ଲାଗତି ସାମ୍ବିଧାନିକ ଆଏ । ଇହାଛିନିର୍ ଲୋକ୍ ଆର୍ ବେଡା ନି'ନ, ସେମାନେ ପନ୍ ଆର୍ ଗିରି କେ ଯବର୍ କରି ଚିହ୍ନି ପାରଲେ ନ' । କେନ୍ କିସମର୍ ଅଧିକାରୀ ସମ୍ମାନ୍ ପାଏବାର୍ ଲାଏକଦାର୍ ଇହାଛିନ୍ ଆର୍ ଲୋକ କେ ବତାବା କେ ନି' ପଡେ । ହେଲେ, ଦରବାରୀ ନିତିନିଏର୍ ଉଧେ ଦରବାର୍ ଯେନ୍ ଛୁଚା ମାକର୍ ଯେତେକେ ତାଁକର୍ ପେଟର୍ ଲାଗତି ଗୁଟେ ଗୁଟେ ଚୌକି ନେ ଥାପନା କରିଛେ ସେମାନକଁର୍ ବିନ୍ ମୋଲର୍ ସେହେବି ପନ୍

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆର୍ ଗିରି ଆମର୍ ଦେଶ୍ ରାଏଜ୍ କେ ନରକ୍ ଗାମୀ କରବାର୍ ଟା ସାର୍ ଆଏ ।

ହେଲେ ଆଖରୀ ନେ ଗୁଟେ କଥା, ଯେତେଦିନ୍ ପତେ ଆମର୍ ଲୋକର୍ ଦରବାର୍ ନେ ସାହେବୀ ପନ୍, ସାହେବୀ ଗିରି, ସାହେବୀ ତାଉ ମାନକଁର୍ ରାଜ୍ ଚାଲୁଥିବା ଆମେ ସେତେ ଦିନ୍ ପତେକ୍ ପରାଧୀନ୍ ଆଏ, କାଁ'ଯେ ବଏଲେ ପନ୍ ଗିରି ଆର୍ ତାଉ ମାନକଁର୍ ଶିକାର୍ ଜହକରି ସାଧା ଲୋକମାନେ ହେସନ୍ ଆର୍ ଆମର୍ ଦେଶେ ରାଏଜେ ସାଧାଲୋକ ତିନ୍ ଭାଗ୍ ଅଛନ୍ । ଇ' କଥା କେ କେନ୍ କାଟି ପାରବେ କାଏଁ ?

ସୁନୀଲ କୁମାର ଅଗସ୍ତି
ଟିଟିଲାଗଡ଼, ବଲାଙ୍ଗୀର
ମୋ/୯୪୩୭୨ ୧୦୮୮୭

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# କବିତା ବିଭାଗ

ଯଦି ଆପଣ ଏହି ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଚାହୁଁଛନ୍ତି, ତା ହେଲେ ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର ଦ୍ୱାରା ଟାଇପ୍ କରନ୍ତୁ ଏବଂ ସେହି ଆଲେଖ୍ୟକୁ ଆମ ନିକଟକୁ ଇମେଲ୍ ଦ୍ୱାରା ପ୍ରେରଣ କରନ୍ତୁ । ଓଡ଼ିଆରେ ଆପଣ ଯେକୌଣସି ସଫଟ୍‌ୱେରରେ ଟାଇପ୍ କରି ପଠାଇ ପାରିବେ । ଧାରାବାହିକ କାହାଣୀ ପାଇଁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲ୍ କରି ଏକାଥରେ ପଠାଇବେ । ପ୍ରତ୍ୟେକ ଲେଖା ସହ ନିଜ ଛବି ଓ ଠିକଣା ଲେଖି ପଠାନ୍ତୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଦେହାତୀତ

ଶିବନାରାୟଣ ଦାସ



ଉଡି ଉଡି ଆସୁଛନ୍ତି ପନ୍ତି ପନ୍ତି ଚଢେଇଙ୍କ ମାଳ -
ମରାଳ ମାଳିନୀ ଅବା
ଗେଣ୍ଡାଳିଆ, ସାରସ ପଟଳୀ,
ପାଖ ଦେଇ ଉଡିଯିବେ ଯେବେ
ଡେଣା ଝାଡ଼ି ଝାଡ଼ି
ଫେରିବାକୁ ନୀଡ଼ ମୁଖେ ଅସ୍ତ ଗୋଧୂଳିରେ,
ସୂକ୍ଷ୍ମ ମୋର କାୟା ମେଲି ତାଙ୍କ ଗହଣରେ
ମୁଁ ସତେକି ଉଡୁଥିବି ତେବେ
ଛାଡି ମୋର ଦେହର ନିରମୋକ,
ବିନ୍ଦୁଟିଏ ହୋଇ ଧୀରେ ଧୀରେ
ନିଷ୍କ୍ରାନ୍ତ ହେବାଯାଏ ଦୂର ଦିଗନ୍ତରେ ।

ସ୍ୱପ୍ନ ସବୁ ଅସୁମାରୀ ତାରା ହୋଇ ମିଟି ମିଟି କରୁଥିବେ
ଆକାଶର ଅନନ୍ତ ବକ୍ଷରେ,
ଆଉ ପୁଣି ଅନ୍ଧକାର ଆକାଶକୁ ଚାହିଁ
ତାରା ଗଣୁ ଗଣୁ
ଅଜାଣତେ କେତେବେଳେ ଅବା

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

ଫିଟିଯାଇଥିବି ମୁହିଁ
ମୋ ଦେହର ସ୍ଥୁଳ ବନ୍ଧନୀରୁ -
ଏକାକାର ହୋଇଯାଇଥିବି
ନକ୍ଷତ୍ର ପୁଞ୍ଜଙ୍କ ସାଥେ
ପରିବ୍ୟାପ୍ତ ଗଗନର ଶୁନ୍ୟତା ଭିତରେ

ଦ୍ୱାଦଶୀର ଚାନ୍ଦ ଯେବେ
ଉଠୁଥିବ ଧୀରେ ଧୀରେ
ଆକାଶର ମେଘମାଳା ପରଦା ଆଢ଼େଇ
ବେଳାଭୂମି ଝାଉଁବଣ ଫାଂକେ,
ଅଗଣନ ଊର୍ମିମାଳା କେତେ ଉତ୍ତାଳ ହେଉଥିବେ
ଏକ ପରେ ଆଉ ଏକ
ମଥା ପିଟି ସାଗରର ତଟେ ।
ଢେଉ ଗଣୁ ଗଣୁ କେବେ ଅତର୍କିତ ହଜିଯାଇଥିବି
ସୀମାହୀନ ଦରିଆ ଭିତରେ
ଅଥଳ ଗଭୀର ଜଳେ ସାଗରର ପ୍ରସାରିତ ବୁକେ ।

କିଛି ମୋର ମନେ ତ ନଥିବ -
ମୁଁ କେବେ ହସିଥିଲି ପ୍ରାଣ ଖୋଲି
ଜହ୍ନ ଆଲୁଅରେ,
ଅବା ପୁଣି ଅଶ୍ରୁପାତ କରିଥିଲି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦୂରଦିନର ଧାରା ବରଷାରେ,

ମୋ ସମସ୍ତ ଖୁସି ଆଉ ଯନ୍ତ୍ରଣାର

ବିହିତ ରାଗିଣୀ

ମୋ ଭିତରେ ସମାହିତ ହୋଇ

ମିଶିଯାଇଥିବେ କେଉଁ ଦୂର ଦିଗନ୍ତରେ ।

ନଥିବ ମୋ ବର୍ତ୍ତମାନ

ଅତୀତ ବା ଭବିଷ୍ୟତ,

ନଥିବ ବି ସ୍ଥିତି ଆଉ ରୂପର ବ୍ୟକ୍ତିତ୍ୱ,

ଜନ୍ମ-ଜନ୍ମାନ୍ତର ସବୁ ହଜିଯାଇଥିବ

ଦେହାତୀତ ବିଦେହୀ ସତ୍ତାରେ -

କାଳର ଅନନ୍ତ ସ୍ରୋତ ନିଶବ୍ଦ ପ୍ରବାହେ ।

Listen to Odia Podcast Original at https://youtube.com/@drjyotiprasad

# ସବୁଠି ସୁନ୍ଦରତା

କିରନ୍ ସ୍ୱାଇଁ



ସୁନ୍ଦରତା ପତ୍ରରେ ଫୁଲରେ
ସୁନ୍ଦରତା ଆକାଶେ ତାରାରେ
ସୁନ୍ଦରତା ସାଗରେ ମେଘରେ
ସମୁଦ୍ରର ଢେଉ ସାଥେ
ପବନର ପ୍ରତିଧ୍ୱନି
ସୁନ୍ଦରତା ମିଳେଇ ଯାଏ
ବେଳାଭୂମିରେ
ଛାଡ଼ି ଆସିଥିବା
ମୋ ପାଦ ଚିହ୍ନକୁ ଲିଭେଇ ।

ସୁନ୍ଦରତା ଛୁଇଁ ଯାଏ
ସୂର୍ଯ୍ୟର ଉପସ୍ଥିତି ଓ ଗଙ୍ଗାର ଧାରାରେ
ସୁନ୍ଦରତା ଚିକମିକ୍ କରେ
ବର୍ଷା ଓ ବିଜୁଳିର ମିଳନରେ
ସୁନ୍ଦରତା ସମାନ୍ତରାଳ
ଏଠି ସେଠି ସବୁଠି
ସୁନ୍ଦରତା ତୀବ୍ର ବେଗେ
ଗତିଶୀଳ ମନ ଓ ଅନୁଭବରେ ।

ବହିଆପଦର, ବରପାଲି, ବରଗଡ଼

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସନ୍ତ୍ରାସେ ସିନ୍ଦୂର

ଦଣ୍ଡାସି ପ୍ରଧାନ



ସନ୍ତ୍ରାସବାଦୀର କାପୁରୁଷ ପଣ
ଭାରତ ଦେଇଛି ଭାଙ୍ଗି
ଧୂଳି ଧୂସରିତ ପାକିସ୍ତାନୀ ଆଡା
ଅନ୍ତର୍ ସୀମାରେଖା ଲଙ୍ଘି ।।
ବିଧ୍ୱସ୍ତ ବିପ୍ଳୁତ ପାକିସ୍ତାନ ମାଟି
ଦେଖିଲା ଜଗତ ବହ୍ନି
ପ୍ରତିକାର ନେଇ ପାମର ଶକ୍ତିକୁ
ସୁଧାର ଉଦ୍ଧାର ଚିହ୍ନି ।।
ଘରେ ବଳେ ପଶି ଅଗ୍ନିକାଣ୍ଡ ଫେଇ
ଫେରିଲେ ନିର୍ବିବାଦେ
ତଟସ୍ଥ ସମଗ୍ର ପାକିସ୍ତାନ ସେନା
ଆଶଙ୍କିତ ପରମାଦେ ।।

ମୋର ମାତୃଭୂମି ମୋ ବୀର ସୈନିକ
ମୋ ଦେଶ ଜନତା ନେତା
ଜଗତ କଲ୍ୟାଣେ ଅଭିମନ୍ତ୍ରିତ ସେ
ଯୁଗଯୁଗାନ୍ତରେ ଜିତା ।।
ଧୈର୍ଯ୍ୟ ଶୌର୍ଯ୍ୟ ବୀର ସଙ୍ଗ୍ରାମି ପ୍ରବର
ସତ୍ୟ ଧର୍ମ ନ୍ୟାୟ୍ୟ ମୂର୍ତ୍ତି
ଦୁସାହସ ପଣେ ମାନି ରଣ ନୀତି
ବିବୃଦ୍ଧ ଜଗତେ ଖ୍ୟାତି । ।
ବୃଥା ଅହମିକା ମୃତ୍ୟୁଭୟ ଶଙ୍କା
ଶ୍ୱାନ ଶୃଗାଳ ସମାନ
ତ୍ରାସିତ ଚିତ୍କାରେ ତ୍ରାହି ତ୍ରାହି ସ୍ମରି
ହୀନବଳ ଅନ୍ୱେଷଣ ।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଲଜ୍ଜାହୀନ ନଗ୍ନ ମନୋବଳ ଭଗ୍ନ
ଖୋଜିବାରେ ପରିତ୍ରାଣ
କେଉଁ ଯଶ ନେଇ ଭିଆଇ ଆତଙ୍କ
ବାର ବାର ଆକ୍ରମଣ ?।।

ଡ୍ରାଗେନ୍ ଡ୍ରୋନ ବେଲୁନ୍ ସମାନ
ଆକାଶେ ଉଡାଇ ସେନା
ଏଇରବାସ୍ ତୋର ଧରା ଶାୟୀ ହେଲା
ବାରୁଦେ ବାରୁଦ ଚୁନା ।।

ନାଗ ବାଘ ଲାଙ୍ଗେ ହାତ ଦେଲୁ କିଆଁ
ଧସି ଧ୍ୱଂସିଲେ ରାତି ଅଧିଆ
ମିଥ୍ୟା ଭଣ୍ଡ ତୋର ଦେଖିଲା ଜଗତ
ପଙ୍ଗୁ ଅଥର୍ବ ପଣିଆ । ।

ଅପପ୍ରଚାର ଓ ଶୂନ୍ୟ ସିଂହ ନାଦ
ଫୁଲେଇ ଦୋହଲା ବଳ
କାଟି କୁଟି ଫିଙ୍ଗି କଲେ ଧରା ଶାୟୀ
ବିକଳାଙ୍ଗ ଅଥୟ କୁଳ । ।

ଦୂର ଦୃଷ୍ଟି ହୀନ ଅପଣ୍ଡିତ ଜନ
କାଳେ କାଳେ ଅପଦସ୍ତ
ଅସ୍ତ୍ର ନୁହେଁ ସିଏ ଖେଳନା ଗୁଡିକ
ମାଗଣା ମାରଣା ଅସ୍ତ୍ର ।।

କାଳସର୍ପ ପ୍ରାୟ ଉସୁକାଇ ତୋତେ
ଗଡାଣିଆ ହୀନ ବଳେ
ଅର୍ଥ ଆତ୍ମସାତେ ଅସ୍ତ୍ରାଘାତ ସୂତ୍ରେ
ଆରେ ମୂର୍ଖ ହେଜ ତିଳେ ।।

ସିନ୍ଦୂର ସୁନ୍ଦର ସଂସାର ସୁନ୍ଦର
ଅସାର ସନ୍ତ୍ରାସ ବାଦୀ
ମାତା ମାତୃଭୂମି ସବୁଠୁଁ ସୁନ୍ଦର
ହେଜ ମୂର୍ଖ ପ୍ରତିବାଦୀ ।।

ବଳ ଥିଲେ ତୋର ମହତ କର୍ମରେ
ଦେଶକୁ ସୁନ୍ଦରେ ଗଢ
ଛାଡ ଦ୍ୱେଷ ବୁଦ୍ଧି ରଖି ସୁସମ୍ପର୍କ
ହୃଦୟେ ହୃଦୟ ଯୋଡ ।।***

ସାହିତ୍ୟ ସମ୍ପାଦକ,
ଉପାନ୍ତ ସାହିତ୍ୟ ସାଂସ୍କୃତିକ ସେବା ସଂସଦ
ପାତ୍ରପୁର ଗଞ୍ଜାମ ।
ଭ୍ରାମ୍ୟଭାଷ : ୮୭୬୦୧୯୪୯୬୭

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ସଂକ୍ଷେପରେ ମୋ ଗାଆଁ

ଲକ୍ଷ୍ମଣ ମହାନ୍ତି



ଶ୍ୟାମଳ ସୁଷମା ମଧ୍ୟେ ଅବସ୍ଥିତ
ମୋ' ଗାଆଁ ସୌରୀପାଲି
ମନ ମୋହିନିଏ ପ୍ରାକୃତ ସୌନ୍ଦର୍ଯ୍ୟ
ମାତୃଭାଷା ମୋ କୋଶଳୀ ।।
ଦ୍ୱିଜ ଡାକ ଶୁଣି ଦିନପତି ଉଠେ
ପ୍ରାଚୀ-ତଟ ନଭ ଚିରି
ଅମିୟ-ମୟୁଖ ମୃଦୁ ସମୀରଣେ
ବଦନ ଯାଏ ଶିହରୀ ।।
ମୋ' ଗ୍ରାମ ସମ୍ମୁଖେ ସୁଉଚ୍ଚ ଅଚଳ
ନୀରଦ ଭାସଇ ଚୁଳେ
ଭିନ୍ନ ଭିନ୍ନ ତରୁ, ପ୍ରସୂନ ସହିତ
ଅମୂଲ୍ୟ ରତନ ମିଳେ ।।
ହିଂସ୍ର, ତୃଣଭୋଜି ଯେତେ ଜୀବଜନ୍ତୁ
ଏକତ୍ର କରନ୍ତି ବାସ
ଗିରିମଧ୍ୟେ ସ୍ଥିତ ପୁଣ୍ୟ ଦେବାଳୟେ
କୀର୍ତ୍ତନେ ଝରେ ପୀୟୂଷ ।।
ବାରିବାହ ଯେବେ ଗଗନେ ଭାସଇ
ଶିଖଣ୍ଡୀ ନାଚେ ଶିଖରେ
କୋକିଳ ପୁଲକେ ପାଷାଣ ହୃଦୟ
ବଶ କରେ ମଧୁସୂରେ ।।
ଶୈଳ ପାଦଦେଶେ ପାଠସାଳା ମୋର
ଦେଖାଏ ଜୀବନ ପନ୍ଥା
ଆଦିତେୟ ସମ ମୋ ଗୁରୁ ଚରଣେ
ସର୍ବଦା ମୁଁ ନତମଥା ।।
ବୁଢ଼ା ବରଗଛ ଦେହେ ତା ଧରିଛି
କେତେ ବିହଙ୍ଗମ ବସା
ଝଡ ବତାସର ପ୍ରତିକୂଳ କାଳେ
ତ୍ରିଦଶ ସାହା ଭରଷା ।।
ଏକାକ୍ଷ ସୂଚାଏ ଅତିଥି ଆଗମ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶୁକ କରେ ଗୁଣଗାନ

ଧେନୁ ବକ୍ଷଚିରି ଦୁଗ୍ଧ ଟେକିଦିଏ

ରଖେ ଜନନୀର ମାନ ।।

ଗ୍ରାମ ଅନ୍ତେ ରହି ସକଳ ବୁଝନ୍ତି

ଗ୍ରାମ ଇଷ୍ଟ ଦେବାଦେବୀ

ବାରମାସେ ତେର ପରବେ ଝଲସେ

ମୋ ଗ୍ରାମର ପ୍ରତିଛବି ।।

ଅଟେ ପ୍ରକୃତିର ଗନ୍ତାଘର ଗ୍ରାମ

ନାହିଁ ନାମ ମାନଚିତ୍ରେ

ରଖିବି ପ୍ରମାଣ ବିଶ୍ୱ ଦରବାରେ

ଅଛି ଗ୍ରାମ କ୍ଷିତି କ୍ଷେତ୍ରେ ।।

ପଶ୍ଚିମ ଉତ୍କଳ ପ୍ରଦେଶ କୋଶଳ

ବୌଦ୍ଧ ଜିଲ୍ଲା ଅନ୍ତର୍ଗତ

ମନମୁଣ୍ଡା ଥାନା, କଣ୍ଟାମାଳ ଖଣ୍ଡ

ଖଟାଖଟିଆ ପଞ୍ଚାୟତ ।।

ବଖାଣିଲେ ଯେତେ ମୋ ଗ୍ରାମ ଗୌରବ

ସମାପ୍ତ ହେବନି କେବେ

ଲୀନ ହେବି ଶେଷେ ମୋ ଗ୍ରାମ ଶ୍ମଶାନେ

ସରିଗଲେ ବେଳ ଭବେ ।।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଭାଗବତ ଜନ୍ମ

ବିଶ୍ୱ ରଞ୍ଜନ ମହାନ୍ତି



ଘରେ ଆଜି ବାପା ନ ଥିବା ହିଁ
ଖୁସିର ପ୍ରଧାନ କାରଣ
ନଖାଇଲେ ଚଳିବ ଭାତ ଆଉ ରୁଟି
ଅଣ୍ଡାର ବି ନାହିଁ ବାରଣ ।

ନାହିଁ ପ୍ରୟୋଜନ ହସ୍ତାକ୍ଷରର
କାଲି ଦୁଇପୃଷ୍ଠା ଲେଖିଲେ ଚଳିବ
ମନଦୁଃଖରେ ଖାଇବନି କୁକୁର ପପି
ତାଙ୍କୁ ମନେ ପକାଇ ଝୁରିବ ।

ଔଷଧ ଖାଇବାକୁ ଭୁଲିଯିବ ବୋଉ
ସୋରିଷ ରାଇରେ ନଥିବ ଆଗ୍ରହ
ଘରକୁ କରି ଛିନ ଛତର
ବାହାରିବ ଆମ ରୋଷଇର ମୋହ ।

ସନ୍ଧ୍ୟାରେ ଘରକୁ ଡେରିରେ ଫେରିଲେ
ମନେ ପଡିବ ବୋଉର ତାଗିଦା
ଭାଗବତ ପଢିବାକୁ ପଡିବ
ଆଉ ଆଣିବାକୁ ପଡିବ ସଉଦା ।

ବର୍ଷକ ମଧ୍ୟରେ ଭାଗବତ
ପୁରା ପଢ଼ାହେବ ଖଣ୍ଡ ଅଠର
ଯେଉଁଦିନ ଥାଏ ବଡ ଅଧ୍ୟାୟ
ହୁଏ ଖାଇବା ଡେରି ବାପାଙ୍କର ।


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯଦି ରାତିରେ କିଛି ଉତ୍ସବ ଥାଏ
ପଢ଼ା ହୁଏ ହୋଇ ରାତ୍ର ଉଜାଗର
ଆଉ ଯୋଉଦିନ ନଥାନ୍ତି ବାପା
ପଢିବା ପାଳି ପଡେ ଉପରେ ମୋର ।

ଭାଗବତ ସହିତ ଗୋଟିଏ ଅଧ୍ୟାୟ
ଗୀତା, ଲକ୍ଷ୍ମୀପୁରାଣ ଦାଢ଼୍ୟତା ଭକ୍ତି
ଅଧାରେ ଭାଗବତ ଛାଡିବାକୁ ପଡିବ
କବି ଜଗନ୍ନାଥ ଦାସଙ୍କ ଉକ୍ତି ।

ଜଣାନଥିଲା ଅଧାପଢ଼ାର ଇତିହାସ
ଅନୁବାଦିତହେଲା ଓଡ଼ିଆରେ ସଂସ୍କୃତ
ଗଡିଯିବ ଜଗନ୍ନାଥଙ୍କ ରଥଚକ ପରି
ଓଡ଼ିଆ ଭାଗବତ ଏକ ବୃତ୍ତ ।

ଏହାର ଆଦି ନାହିଁ ଅନ୍ତ ନାହିଁ
ସର୍ବେ ଲାଗିଥାନ୍ତି ନିଜ କାମେ
ଭାଗବତ ଲେଖା ଆରମ୍ଭ ଦିନ
ପୂଜାହୁଏ ଭାଗବତ ଜନ୍ମ ନାମେ ।

ଚାଟାର୍ଡ ଆକାଉଣ୍ଟାଣ୍ଟ
ୟୁନିଟ ୮, ଭୁବନେଶ୍ୱର



Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କ୍ଷତାକ୍ତ ସିପାହୀ

ଅମୃତନାରାୟଣ ଶତପଥୀ



ଆଉ କିଛି କ୍ଷଣ ମୃତ୍ୟୁ ଆସିବାକୁ ସମୟ ପୁଣି ଆସନ୍ନ,

କେଉଁ ମୁହୂର୍ତ୍ତରେ ଗୁଳିଗୋଳା ବାଜି ଶରୀର ହେବ ଯେ ଛିନ୍ନ । (୧)

ଗୋଡ ହାତ ପୁଣି ହୋଇଛି ଅବଶ ଉଠି ଚାଲିବାକୁ ପାଉନି ଶକ୍ତି,

ତଥାପି କ୍ଷତାକ୍ତ ସିପାହୀ ସୀମାସୁରକ୍ଷା କରେ ଧରି ବନ୍ଧୁକଟି।(୨)

ବିନ୍ଦୁ ବିନ୍ଦୁ ଅବା ଧାର ଧାର ହୋଇ ଶରୀରରୁ ଝରେ ଉଷ୍ମ ରୁଧିର,

ତଥାପି ଖାତିର ନକରି ତା'କୁ ତ୍ୟାଗ କରେ ନାହିଁ ବୀରତ୍ୱ ତା'ର।(୩)

ଦେଶର ସୁରକ୍ଷା ରଖେ ସେ ସର୍ବାଗ୍ରେ ତା'ପରେ ନିଜ ସାଥୀ ସୁରକ୍ଷା,

କେତେ ବଳିଦାନ ଦିଏ ସେ ସିପାହୀ ସ୍ୱୟଂ ପଛେ ମୃତ୍ୟୁରୁ ନପାଉ ରକ୍ଷା।(୪)

ସେହି ସିପାହୀଙ୍କ ବୀରତ୍ୱ ସାହସରେ ବିଜୟୀ ହୁଏ ଦେଶ ଯେ ଯୁଦ୍ଧ,

ଏପରି ତ୍ୟାଗ ବଳିଦାନ ପୁଣି କରିଥାଏ ସର୍ବଦା ଶତ୍ରୁକୁ ଅବରୋଧ।(୫)

କ୍ଷତାକ୍ତ ସିପାହୀ ସମ ବେଳେବେଳେ ଅନ୍ତର ମଧ୍ୟରେ ଚାଲେ ଅର୍ନ୍ତଦ୍ୱନ୍ଦ,

ଭଲ ଓ ଖରାପ ଲଢ଼ାଇ ଭିତରେ ଥାଏ ମସ୍ତକ କବନ୍ଧ।(୬)

କେତେବେଳେ ପୁଣି ମନ ବିବେକର ହୁଅଇ ବନ୍ଧୁ ଲଢାଇ,

ଷଡରିପୁ ସହ ଈର୍ଷାତୁର ପୁଣି ଆନର ଦେଖି ବଡାଇ।(୭)

କ୍ଷତାକ୍ତ ସିପାହୀ ସମ ଯେ ସର୍ବଦା ନେବାକୁ ହେବ ନିର୍ଣ୍ଣୟ,

ଯେକୌଣସି ପରିସ୍ଥିତିରେ ନୈତିକତା ସାଧୁତାକୁ କରିବାନାହିଁ ବିଲୟ।(୮)

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତ୍ୟାଗ ବଳିଦାନ ଉଦ୍ ବୁଦ ପୁଣି ସର୍ବଦା ହୋଇଲେ ପ୍ରାଣ,

ତେବେ ମନୁଷ୍ୟ ସଂସାରରେ ତ୍ରାଣକର୍ତ୍ତା ହୋଇପାରେ ଜାଣ।(୯)

ଏପରି କିଛି ବିଚାର ଧାରାରେ ଜଗତେ ନବ ପଲ୍ଲବ,

କ୍ଷତାକ୍ତ ସିପାହୀ ଚେତନା ମନରେ ସତରେ ଅଟେ ଦୁର୍ଲଭ।(୧୦)

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପ୍ରକୃତିର ତାଣ୍ଡବ

ଅଶୋକ କୁମାର ବାରୀକ



କଳକାରଖାନା   କରି ଆବର୍ଜନା
ପ୍ରକୃତି ସାଙ୍ଗରେ ଖେଳୁ
ପାଶ୍ଚାତମନାରେ   ପଶ୍ଚାତାପ ସାରୁ
ମରୁଭୂମି ମାଟି ଖୋଳୁ ।
ଝରଣା ଝରିଲେ   ତୃଷା ତୋ ମେଣ୍ଟିଲେ
ଝରିଲା ନାହିଁ ତୋ ସ୍ନେହ
ବିପଦପଥରେ   ଶପଥ ଆଜିରେ
ଚିତ୍କାର କରୁ କି କହ।
ନବୀନ ଝାସରେ   ପ୍ରକୃତି ସଂହାରେ
ଭିନ୍ନ ଭିନ୍ନ ଅବତାର
ଅବୁଝା ମନରେ   ବାନ୍ଧୁ ତୁ ବନ୍ଧରେ
ତନ୍ନ ତନ୍ନ ପ୍ରତିକାର ।
ଜନ୍ମ ମୃତ୍ୟୁମଧ୍ୟେ   ପ୍ରକୃତି ତୋ ସାଥେ
ତା ସ୍ନେହ ଜାଣିଲୁ ନାହିଁ
ସ୍ୱପରିବର୍ତ୍ତନେ   ସ୍ୱାର୍ଥର ସାଧନେ
ତାର ପ୍ରେମ ମନେ କାହିଁ ।

ତାଣ୍ଡବ ଦେଖିବୁ   ତୁଣ୍ଡ ତୁ ଖୋଲିବୁ
ତୁଣ୍ଡି ହବ ସିନା ସାର
ପାଖଣ୍ଡ ପାଖଣ୍ଡି   ଭଣ୍ଡିବେ ଶ୍ରୀ ଖଣ୍ଡି
ମୁଣ୍ଡ ନ ଥିବା ଧାର ।
ସୂର୍ଯ୍ୟ ଚନ୍ଦ୍ର ତାରା   ଶୀତ ବର୍ଷା ଖରା
ପ୍ରକୃତି ଝୁଲେ ଧବଳା
ନ କର ତୁ କ୍ଷତି   ରଖ ତାର ଖ୍ୟାତି
ଆଉ ତାଣ୍ଡବ ନ ବଳା ।

ବେରୁଆଁବାରି (ଦେଉଳସାହି)
ନୟାଗଡ଼,
ଯୋଗାଯୋଗ - ୮୭୩୭୨୩୫୭୧୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମମତାର ଅଖଣ୍ଡ ଡୋରି

ସଞ୍ଜୀବ କୁମାର ଦାସ



ସେ ଆମ ମା, ଅବତାର ନିରପେକ୍ଷ ପ୍ରେମର,
ଧୈର୍ଯ୍ୟ ଏବଂ ବୁଝାମଣାର, ସମର୍ଥନ ଏବଂ ଉତ୍ସାହର,
ତ୍ୟାଗ, ପ୍ରେରଣା, ଜ୍ଞାନ, ପଥଦର୍ଶନର ।
ସର୍ବୋତ୍ତମ ବନ୍ଧୁ ସେ, କଠିନ ପରିଶ୍ରମ କରି
ବାର୍ତ୍ତା ଦିଏ ଜୀବନବ୍ୟାପୀ ପ୍ରତିବଦ୍ଧତାର ।
ସନ୍ତାନର ଖୁସି ସଫଳତା ପାଇଁ ବଳିଦାନ ତା'ର
ନିଦର୍ଶନ ଅପାର ପ୍ରେମର ।
ମା ଡାକରେ ଅପୂର୍ବ ପୁଲକ ।
ସବୁ ଦୁଃଖ ସବୁ କ୍ଲେଶ ମିଳେଇ ଯାଆନ୍ତି ଅଚିରେ,
ତା କାନିରେ ମୁହଁ ଗୁଞ୍ଜିଦେଲେ ।
ହାତରୁ ତାହାର ସୁଆଦିଆ ଖାଇବାଟାକୁ ନେବା ଆଗରୁ
ପୁରିଯାଏ ପେଟ, ମେଣ୍ଟି ଯାଏ ଶୋଷ ।
ନିର୍ଝରଣୀ ସମ ବହି ଚାଲିଛି ।
ତଟିନୀ କୂଳେ କୂଳେ ତାର ସମ୍ପର୍କର ବୃକ୍ଷରାଜି ସର୍ବଦା ସତେଜ ।
ତା ଝରରୁ କେହି ହୋଇନାହିଁ କେବେବି ବଞ୍ଚିତ ।
ସେ ଅନ୍ନପୂର୍ଣ୍ଣା, ଅସୀମ ଭଣ୍ଡାର ।
କେଉଁଠୁ ନିଏ, କେଉଁଠି ଥୁଏ;

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବୁଝି ହୁଏନି, ହେଲେ ଅହରହ ଲାଗି ରହିଥିବା ତା ପ୍ରବନ୍ଧନର ଭାଷା,

ଉଦ୍ଦେଶ୍ୟ ଏକାବେଳେ ନିଆରା, ବ୍ୟବସ୍ଥିତ ।

ସକାଳୁ ସଞ୍ଜ ଯାଏ, ଏମିତିକି ବିଶ୍ରାମ ନେବା ଯାଏ ଘରର ନିତିଦିନ ସାରଣୀ

ଚାଲିଥାଏ ଠିକ୍ ହୋଇ, ଘଣ୍ଟାର କଣ୍ଟା ଭଳି ।

କେବେ କେବେ ସେ ଗୁମୁରିବାକୁ ଦୁଃସାହସ କରେ; ହାରି ଯାଏ ।

କେହି କେବେ ଦୈବାତ ତା ଭଲମନ୍ଦ କଥା ପଚାରିଲେ,

ମୁରୁକି ଦିଏ ପଣତ ଆଢୁଆଳେ,

ନ ଥକୁ ଥିବା ପାଦ ତାର ବଢ଼ି ଚାଲେ ଆଗକୁ,

ଯେମିତି ଚାଲିଛି ସେ କଳସୀ ଗଡ଼େଇ ଏ ଘରେ ପଶିବା ଦିନଠୁଁ ।

ଏ ମା 'ର ମମତା ସିନ୍ଧୁରେ ଅଥଳ ଜଳ ରାଶି, କେବେ ଶାନ୍ତ କେବେ ବିବ୍ରତ ।

କାହିଁକି ନା... !

ଅଗଣିତ ମା ଆଖିରୁ ଝରି ଆସିଥିବା ଲୁହମାନେ ଏଠି ଏକାଠି;

କିଏ ଜାଣେ, ବା କିଏ ଜାଣିବାକୁ ସାହସ ବାନ୍ଧିଛି ।

ଆଉ,ଲୁହ ଯା'ର କିଏ ବା ଦେଖିଛି !

ସଞ୍ଜୀବ କୁମାର ଦାସ

ମର୍କତ ନଗର

କଟକ

୬୩୭୬୧୬୧୯୦୦୫



Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବନ୍ଧୁକ ମୁନରେ ସ୍ୱପ୍ନ ବୁଡୁଛି

ରଶ୍ମିରେଖା ସାହୁ



ବିଦେଶୀ ପ୍ରବେଶ କେମିତି ହେଉଛି
କେଉଁ ବାଡ଼ରେ ବା ଫାଙ୍କ ରହିଛି,
ବର୍ଷ ବର୍ଷ ଏଠି ବିଦେଶୀ ରହିକି
ଛୁଆ, ପିଲା କରି ପିଢ଼ି ବାନ୍ଧୁଛି ।

ଭୋଟ ଦେଉଛି, ରେସନ ପାଉଛି
ବସତି ବାନ୍ଧିକି ଘର କରୁଛି,
ନେତା ଆଜ୍ଞା ଖାଲି ଲଢ଼େଇ ଲାଗିକି
ପାର୍ଲ୍ୟାମେଣ୍ଟ ରେ ଖେଳ କରୁଛି ।

ଭାରତୀୟଙ୍କର ଜୀବନ ତାଲିକା
ବନ୍ଧୁକ ମୁନରେ ସ୍ୱପ୍ନ ଭାଙ୍ଗୁଛି,
ଭାରତ  ମା' ର କପାଳ ରେ ପୁଣି
କେତେକେତେ ଆଉ ଦୁଃଖ ରହିଛି ।

ପିଶାଚ ଗଣ ସେ ଶିକ୍ଷା ହୀନ ହୋଇ
ନିରୀହ ଜୀବନ ନେଇଯାଉଛି,
ଭାରତୀୟ ତା'ର କଲମ ମୁନରେ
କାଗଜରେ ସ୍ୱପ୍ନ ଲେଖିଯାଉଛି ।

ମୁରୁଖ ମଣିଷ ଆତତାୟୀ ହୋଇ
କ୍ଷଣକରେ ସେ ମୃତ୍ୟୁ ଲେଖୁଛି,
ଶତରୁ କହୁଛି ମରିବା ପାଇଁକି
ନା ସିଏ କେବେ ଡରିଥରିଛି ।

ମରିବାକୁ ଆମେ ଡରୁଛନ୍ତି ବୋଲି
ଡରାଇ ବନ୍ଧୁକେ ଚାଲି ଯାଉଛି,
କେଉଁ ଭବିଷ୍ୟ ବା ଲେଖେ ଭାରତୀୟ
କ୍ଷଣକରେ ଦେଖ ଆଖି ବୁଜୁଛି ।

ଦଙ୍ଗା, ଆତଙ୍କର ଆତତାୟୀ ଖେଳ
ଆଉ କେତେ ଦିନ ବସି ଭାବୁଛି,
ବିଶ୍ୱାସଘାତଙ୍କୁ ଖୋଜି ଧରିବାକୁ
ସମୟ ଆଜି ଦାବି କରୁଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଉତ୍କଳଗୌରବଙ୍କ ସ୍ମୃତିରେ

ସ୍ନେହ ମିଶ୍ର



ଯୁଗ ପ୍ରବର୍ତ୍ତକ  ପଗଡି ପୁରୁଷ
ବାନ୍ଧି ପଗଡି ଜାତିର
ଜୀବନ ତର୍ପଣେ ସ୍ୱତନ୍ତ୍ର ଉତ୍କଳ
ଧ୍ୱଜା ଉଡେ ଫର ଫର ।।୧।।

ତୁଳସୀର ବାସ୍ନା ଦୁଇ ପତରରୁ
ଅବଧାନଙ୍କର ବାଣୀ
ଜୀବନ ଦର୍ଶନେ ତା' ପ୍ରତିଫଳନ
ମାଟିମା'ନାମକୁ ଗୁଣି ।।୨।।

ଜାତିପ୍ରେମ ବହ୍ନି ଜଳାଇଲ ତୁମେ
ସୁପ୍ତ ଓଡିଆ ପ୍ରାଣେ
ପୂରୁବ ଗୌରବ ପୂରୁବ ମହିମା
ଜଗାଇଲ  ତନୁମନେ ।।୩।।

ସ୍ୱାଭିମାନୀ ବୋଲି ଜାତିର ସମ୍ମାନେ
ଆପଣା ମହତ ପଣେ
ଉତ୍କଳ ଟ୍ୟାନେରୀ ଜୋତା କାରଖାନା
ଜାଳିଦେଲ ତତକ୍ଷଣେ ।।୪।।

ପ୍ରଥମ ଓଡିଆ ବି.ଏ ,ଏମ.ଏ ହେଲ
ଧର୍ମର ଆହୁତି ଦେଇ
ଇଂରେଜ ବିରୁଦ୍ଧେ ଜଗନ୍ନାଥ କୀର୍ତ୍ତି
ଧର୍ମ ସଂସ୍କୃତିକୁ  ବହି ।।୫।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଛିନ୍ନ ବିଚ୍ଛିନ୍ନ ମୋ ଓଡିଶା ପ୍ରଦେଶ
ଉଚ୍ଚାଟ କରେ ସେ ପ୍ରାଣ
ଚାଣକ୍ୟ ସମାନ ଚିନ୍ତନେ ମଗନ
ଉତ୍କଳ ମାତାର ମାନ ||୬||

ବିଶ୍ୱ ଦରବାରେ କଳା ଓ ସ୍ଥାପତ୍ୟ
ସଂସ୍କୃତିର କୀର୍ତ୍ତି ନାଦ
ଭାଷା ସାହିତ୍ୟରେ ସ୍ୱତନ୍ତ୍ର ପ୍ରଦେଶ
ଗଠନେ ମାନ୍ୟତା ପ୍ରାପ୍ତ ||୭||

ମଧୁସୂଦନରୁ ମଧୁବାରିଷ୍ଟର
ମଧୁବାବୁ ନାମେ ଖ୍ୟାତ
କୁଳବୃଦ୍ଧ ତୁମେ ପ୍ରଗତିବାଦୀ ହେ
ସମାଜର ସୁଧାରକ ||୮||

ଉତ୍କଳ ଗୌରବ ଚାଣକ୍ୟ ହେ ତୁମେ
କବିତାରେ ଜାତିପ୍ରାଣ
ଉତ୍କଳ ଆକାଶେ ସୂରୁଜର ଭାତି
ତୁମେ ହେ ଜାଜ୍ଜ୍ୱଲ୍ୟମାନ ||୯||

ବିଚ୍ଛିନ୍ନାଞ୍ଚଳର ଦୁର୍ଦ୍ଦଶାକୁ ଦେଖି
ମାଟି ମା' କାନ୍ଦୁଛି ଆଜି
ଫେରି ଆସି ଥରେ ହସ ଭରିଦିଅ
ତା' ଆଖିର ଲୁହ ପୋଛି ||୧୦||

ଧନ୍ୟ ଜନ୍ମ ମାଟି ସତ୍ୟ ଭାମାପୁର
ପିତାମାତା ତୁମ ଧନ୍ୟ
ଉତ୍କଳ ମାଟିର ଅମୃତ ସନ୍ତାନ
ଜନ୍ମ ତୁମର ହେ ଧନ୍ୟ ||୧୧||

ଜନ୍ମ ଜୟନ୍ତୀରେ ଜୟ ମଧୁ ନାମ
ଅମ୍ଳାନ ଯଶ କୀରତି
ମାଟି ମା'ଝୁରୁଛି ଝୁରୁଥିବ ସଦା
ସୁମରଣେ ଜାତିପ୍ରୀତି ||୧୨||

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ହୃଦୟ

ସରସ୍ୱତୀ ପଣ୍ଡା



ହୃଦୟଟେ ଅଛି ବୋଲି ତ
ଦରଜ ହୁଏ
ଭୟ ମାଡ଼ିବସେ ଭୂତ ପରି
ଇର୍ଷା ଉତୁରି ଆସେ
ଚୁଲିରୁ କ୍ଷୀର ଉତୁରିବା ପରି ।

ପାଇବା ନ ପାଇବା
ହାରିବା କି ହରେଇବାର
ହିସାବ ଖାତାରେ
କେତେବେଳେ ଶହେ ତ କେବେ ଶୂନ ।

ଲୁହରେ କେବେ ଛାତି ଓଦା ହୁଏ ତ
ଖୁସିରେ ଓଦାହୁଏ ଓଠ
ଆଖିରେ ଗଢ଼ାହୁଏ
ଅକ୍ଷରର ତାଜମହଲ
ଅଠାକାଠିରେ ବନ୍ଧାପଡ଼େ
ଦୁଇଶହ ଛ'ଖଣ୍ଡ  ହାଡ଼ର ଅସ୍ତିତ୍ୱ ।

କେତେବେଳେ ଝର ଝର ଝରଣା ତ
କେତେବେଳେ ମରୁକଣ୍ଟା ପରି ଭାଗ୍ୟ
ବଢିଚାଲେ କରଜ'
ଦ୍ୱିଗୁଣ ହୁଏ ଦରଜ '

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆଶା ମରେ '

ସ୍ୱପ୍ନର ଚିତାଜଳେ

କିନ୍ତୁ ପାଉଁଶ ତଳୁ

ହୃଦୟର ଡାକ ଶୁଭୁଥାଏ ।

ଡାକ ମରେନା

ଇଚ୍ଛିବାର ଇଚ୍ଛା ମରେନା

କିନ୍ତୁ,

ଇଚ୍ଛାର ଅମରାବତୀ

ଭୁତକୋଠି ସାଜି ଡରାଏ...

ତା'ର ଲାଲ ଟହ ଟହ ଆଖିରୁ

ନିଆଁ ଫୁଲ ଖସେ ମାଟିକୁ ନୁହଁ

ଅତଳ ତଳକୁ...।।


ଶ୍ରୀରାମପୁର, ମଙ୍ଗଳପୁର, ଯାଜପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଆଲୋ ସଖି ଆପଣା ମହତ ଆପେରଖି

ନିବେଦିତା ପଣ୍ଡା



ନିଜର ମହତ ନିଜ ହାତେ ନ୍ୟସ୍ତ
ସ୍ୱାଭିମାନର ଭାବରେ,
ଅକ୍ଷୂର୍ଣ୍ଣ ରୁହଇ ସେହି ସ୍ୱାଭିମାନ
ନିଜ ନିଜ ପ୍ରଯତ୍ନରେ ।

ଥିଲେ ଥାଉ ପଛେ  ଅକଳନ୍ତି ଧନ
ମହତ ନଥାଏ ଯା'ର,
ମଣିଷ ଭିତରେ ଗଣା ହୁଏ ନାହିଁ
ସବୁ ଥାଇ ବି ବେକାର ।

ବ୍ୟବହାର ଅଟେ ମଣିଷ ଜୀବନ
ମହତର ପୂର୍ବାଭାଷ,
ଲଜ୍ୟା ଶାଳିନତା ତା' ଅଂଶ ବିଶେଷ
ବ୍ୟକ୍ତିତ୍ୱ କରେ ପ୍ରକାଶ ।

ବ୍ୟକ୍ତିତ୍ୱ ଦ୍ୱାରା ହିଁ ମଣିଷ ପହଞ୍ଚେ
ଅପହଞ୍ଚ ଇଲାକାରେ,
ସବୁ ହୃଦୟରେ ପୂଜା ପାଇଥାଏ
ବଞ୍ଚେ ବି ସୁଖ ଶାନ୍ତିରେ ।

ବ୍ୟକ୍ତିତ୍ୱ ଯେଉଁଠି ଅସ୍ତିତ୍ୱ ହରାଏ
ଲଜ୍ଜ୍ୟାହୀନତା ଭାବରେ,
ନିନ୍ଦା ଅପବାଦ ଡେଙ୍ଗୁରା ବାଜଇ
ସେହି ବ୍ୟକ୍ତିର ନାମରେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରଖିଯାଅ ନାହିଁ ନିଜ ଜୀବନରେ
କଳଙ୍କର କଳାଛାଇ,
ବରଂ ଜୟକର ସବୁରି ହୃଦୟ
ସୁନ୍ଦର ବ୍ୟକ୍ତିତ୍ୱ ହୋଇ ।

ଅନିଶ୍ଚିତ ଏଇ ମଣିଷ ଜୀବନ
ନିଃଶ୍ୱାସେ ବିଶ୍ୱାସ ନାହିଁ,
କିଏ ଜାଣେ କାଲି ସୂର୍ଯ୍ୟୋଦୟଟି
କି ବାର୍ତ୍ତା ଆସିବ ନେଇ ।

ସାରି ଦିଅ ନାହିଁ ଦୁର୍ଲଭ ଜୀବନ
ଏମିତି ଅକାରଣରେ,
ମିଳିବନି ଜମା କେଉଁ ଜନ୍ମେ ଶାନ୍ତି
ଅତୃପ୍ତ ପରପାରିରେ ।

ଜୀବିକାନିର୍ବାହେ ଶିକ୍ଷା ଆବଶ୍ୟକ
ଚରିତ୍ର ଗଠନ ଭିନ୍ନ
ଶିକ୍ଷା କେବେ ନୁହେଁ ପୂର୍ଣ୍ଣାଙ୍ଗ ପ୍ରତୀକ
ନ ଥିଲେ ମହତ ଚିହ୍ନ ।

ଶିକ୍ଷା ଓ ସଂସ୍କାର ଉଭୟେ ଅଲଗା
ଗ୍ରନ୍ଥ ଗର୍ଭେ ଶିକ୍ଷା ଲିପିବଦ୍ଧ ,
ସଂସ୍କାର ପାଇଁକି ପରିବେଶ ଆଉ
ଅଭିଜ୍ଞତା ହୁଏ ବିଧିବଦ୍ଧ !

ଆପଣା ହସ୍ତରେ ଜିହ୍ୱାକୁ ଛେଦିଲେ
ପ୍ରତିବାଦୀ କିଏ ଅଛି ?
ଆପଣା ମହତ ଆପେ ନରଖିଲେ
ମଣିଷତ୍ୱ ନାହିଁ କିଛି ।

ରାଉରକେଲା

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଛାତିରେ ଲାଗିଛି ନିଆଁ

ସୁରେନ୍ଦ୍ର ନାଥ ଖଣ୍ଡୁଆଳ



କରିବା ନିଶ୍ଚିହ୍ନ ଆତଙ୍କୀର ସ୍ଥାନ
ଛାତିରେ ଲାଗିଛି ନିଆଁ ,
ଜଳେ ଅବା ସ୍ଥଳେ ଆକାଶ ବକ୍ଷରେ
ଯୁଦ୍ଧେ ହୋଇବେ ଛାନିଆଁ ।।୧।

କମାଣ ଗର୍ଜନେ ହୃଦ କମ୍ପମାନେ
ଛାତି ଯାଉଅଛି ଥରି ,
ଭାରତ ସୀମାରେ ସମର ଭୂଇଁରେ
ସୈନିକ ଅଛନ୍ତି ଘେରି ।।୨।

ପାତାଳପୁରରେ ଅବା ଲୁଚି ଥିଲେ
ଆତଙ୍କୀ କରି ନିଃଶେଷ ,
ଆତଙ୍କୀ ରକତେ କରିଦେବା ଧୌତ
ବାନ୍ଧିବା ଜନନୀ କେଶ ।।୩।

ବୀର ପ୍ରସବିନୀ ଭାରତ ଜନନୀ
ରହିଅଛି ଅବା ଚାହିଁ ,
ପୁତ୍ର ହରା ମାଆ ସର୍ବେ ହେବା ସାହା
ଶାନ୍ତି ଆଣିବା ଫେରାଇ ।।୪।

ସତ୍ୟ ଧର୍ମ ପଥେ ଚାଲି ଅବିରତେ
ସହିବା କେତେ କଷଣ ,  ?
ଭାଇଚାରା ଆମ କରିଛି ବିଚ୍ଛିନ୍ନ
ଆମେ କି ଭୀରୁ ସନ୍ତାନ  ? ।୫।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଉଠରେ ଉଠରେ ସଭିଏଁ ଜାଗରେ
ଭାରତ କୋଟି ସନ୍ତାନ ,
ମାଆର ଚିତ୍କାର କରୁଣର ସ୍ୱର
ବଢାଏ ହୃଦେ ସ୍ପନ୍ଦନ ।।୬।

ପାକିସ୍ତାନ ଦେଶ ବିଶ୍ୱେ ଉପହାସ୍ୟ
ପୋଷିଛି ଆତଙ୍କବାଦୀ ,
ଘୃଣ୍ୟ ଅପବାଦ ଆଣଇ ପ୍ରମାଦ
ଆପଣା ଜିହ୍ୱାକୁ ଛେଦି ।।୭।

ଆପଣା କରମେ ଭୋଗଇ ମରମେ
ଗୁଳିର ଜବାବ ଗୁଳି ,
ତ୍ରିରଙ୍ଗା ଉଡ଼ାଇ ଯିବା ସର୍ବେ ମାଡ଼ି
ଚଟାଇବା ପାଦ ଧୂଳି ।।୮।

ଶିକ୍ଷକ, ନୂଆଗାଁ ବ୍ଲକ, ନୟାଗଡ଼
ମୋ - ୯୯୩୭୦୧୫୧୭୫

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଭୁଲିଯିବନି ଏ ଦରଦୀ ବନ୍ଧୁକୁ

ବାସନ୍ତୀ ଲତା ଜେନା



ହୃଦ ଲଫାପାରେ ଅଦେଖା ସାଇରେ
ବନ୍ଧୁ ନାମ ଲେଖି ଥିଲି
ବାଲ୍ୟ ସାଥୀ ମୋର ସିଏ ହୋଇ ଥିଲା
ତା' ସାଥେ ମୁଁ ଖେଳୁ ଥିଲି ।୧।

ସମୟ ବିତିଲା ବଡ଼ ହେଲୁ ଆମେ
ଦେଇ ଦେଲୁ ମନ ପ୍ରାଣ
ସହଯୋଗ ହାତ ପରସ୍ପର ମଧ୍ୟେ
ସୁଖରେ କଟିଲା ଦିନ ।୨।

ସ୍କୁଲ କଲେଜରେ ସାଙ୍ଗରେ ପଢ଼ିଲୁ
ସୁଖ ଦୁଃଖ ବାଣ୍ଟୁ ଥିଲୁ
ମନ ହୃଦୟରେ ବନ୍ଧୁତ୍ୱର ସ୍ଥାନ
ପରସ୍ପର ଦେଇ ଥିଲୁ ।୩।

ବନ୍ଧୁଟି ମୋହର ସ୍ୱଚ୍ଛ ସରଳ
ମଧୁର ତାହାର ବାଣୀ
ସ୍ନେହ ଶ୍ରଦ୍ଧା ପ୍ରେମେ ଆପଣାଇ ନେଲା
ଅତୁଟ ଆମ କାହାଣୀ ।୪।

କପଟ ଛଳନା ତା ପାଖେ ନଥିଲା
ନିଃସ୍ୱାର୍ଥର ଭାବ ଧାରା
ବିପଦେ ଆପଦେ ପାଖରେ ଥାଏ ସେ
କରୁଣାର ପ୍ରେମ ଝରା ।୫

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆନ୍ଦୋଳିତ ମନ ଶାନ୍ତ କରି ଦିଏ
ଦୁଇ ପଦ କଥା କହି
ସେ ବାଣୀରେ ଥାଏ ସାନ୍ତ୍ୱନାର ସୁଧା
କଳୁଷ ଯାଏ ଦୂରେଇ ।୬।

ଯାହା ପାଖେ ଅନ୍ତରଙ୍ଗ ବନ୍ଧୁ ଥାଏ
ତା'ର ବା କାହାକୁ ଡର
ପାଖେ ପାଖେ ଥାଏ ସାହସକୁ ଦିଏ
ସୁନ୍ଦର ତା ବ୍ୟବହାର ।୭।

ଅନାବିଳ ଦାନ ବନ୍ଧୁତ୍ୱର ପ୍ରେମ
ମମତା ପ୍ରୀତି ବନ୍ଧନ
ଭୁଲି ଯିବନି ଏ ଦରଦୀ ବନ୍ଧୁକୁ
ପ୍ରାଣ ଥିବ ଯେତେ ଦିନ ।୮।

ପ୍ରଥମ ବନ୍ଧୁ ମୋ ସ୍ୱୟଂ ନାରାୟଣ
ଜଗତର ନାଥ ହରି
ନୀଳାଚଳେ ବିଜେ କାଳିଆ ସାଆନ୍ତ
ଶଙ୍ଖ ଚକ୍ର ଗଦା ଧାରୀ ।୯।

ଗାନ୍ଧୀନଗର, ପୋଷ୍ଟ / ଜିଲ୍ଲା : ନବରଙ୍ଗପୁର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଉତ୍କଳ ଗୌରବ ମଧୁସୂଦନ

ଡଃ ପ୍ରିୟଦର୍ଶିନୀ ମିଶ୍ର



ଜାଗିଛି ଗରବେ ଗଉରବେ ଆଜି
ତବ ଗଉରବ ରଚିବି ବୋଲି...
'ଉତ୍କଳ ଗୌରବ' ହେ !ମଧୁସୂଦନ
ତବପାଦେ ଭକ୍ତି ଅର୍ଘ୍ୟ ଢାଳି ।(୧)

ସୁବର୍ଣ୍ଣବେଳାରେ ଅତୀତ କାଳରେ
ଅଠରଶହର ଅଠଚାଳିଶ
ଏପ୍ରିଲ୍ ର ଅଠେଇଶି ତାରିଖରେ
ଜନମୀ ଥିଲ ହେ !ମହାପୁରୁଷ ।(୨)

ପିତା ରଘୁନାଥ ମାତା ପାରବତୀ
ଦ୍ୱିତୀୟ ପୁତ୍ର ଯେ ଭେଟି ପାଇଲେ
ହେ ମହାପୁରୁଷ ! ଉତ୍କଳବାସୀ
ତବ ଆଗମନେ ଗର୍ବିତ ହେଲେ ।(୩)

ସତ୍ୟଭାମାପୁରେ କଟକ ଜିଲ୍ଲାରେ
ତବ ପଦରଜ ପଡିଲାପରେ
ଶିକ୍ଷା ବିସ୍ତାରିତ ହେଲା ସେ ସମୟେ
'ରେଭେନ୍ସା' କଲେଜିଏଟ ଠାରେ.. (୪)

ଓଡ଼ିଆ, ବଙ୍ଗଳା ଭାଷା ବିଦୁଷକ
ଇଂରାଜୀ, ଫାରସୀ ବହୁ ଭାଷାରେ
ମାନ-ପ୍ରତିଷ୍ଠାତା ଯଶସ୍ୱୀ ନାୟକ
ଅବଦାନ ଲେଖା ଆଜି ସ୍ମୃତିରେ । (୫)

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବହୁମୁଖୀ ତୁମେ ପ୍ରତିଭାବାନ ହେ !
'ଉତ୍କଳ ଗୌରବ' ଓଡ଼ିଶା ପ୍ରାଣ
ପ୍ରଥମ ଓଡ଼ିଆ ଭାବରେ ଯେ କେତେ
ଗଢ଼ି ଦେଇଅଛ ଜାତି ସମ୍ମାନ । (୬)

ଓଡିଆ ଜାତିର ପ୍ରଥମ ଏମ୍.ଏ
ପ୍ରଥମ ଓଡ଼ିଆ ' ବିଲାତ ଯାତ୍ରୀ'
ପରିଚିତ କଲ ଓଡ଼ିଶା ମାଟି ଏ
ବିଲାତ ଭୂମିରେ ଗଢ଼ିଲ ମୈତ୍ରୀ ।(୭)

ପ୍ରଥମ ଓଡ଼ିଆ ଓକିଲ ଭାବରେ
ଲଭିଲ ତୁମେ ହେ ! ଅଲିଭା ଖ୍ୟାତି
'ଉତ୍କଳ ଗୌରବ' ଆଖ୍ୟା ଲଭି ତୁମେ
'କୁଳବୃଦ୍ଧ' ହେଲ ମାନ୍ୟତା ପାଇ ।(୮)

ସମାଜ କଲ୍ୟାଣ ଆର୍ଥିକ ଦାନ
କିବା ନ କରିଛ ଦୀନଙ୍କ ପାଇଁ
ନିଃସ୍ୱାର୍ଥ ନୀତିରେ ରାଜନୀତି କରି
ବିଧାନସଭାରେ ସଦସ୍ୟ ହୋଇ ।(୯)

'ଉତ୍କଳ ସମ୍ମିଳନୀ'ଠାରୁ ଆହୁରି
'ଉତ୍କଳ ଟ୍ୟାନେରୀ' ପ୍ରତିଷ୍ଠା ନେଇ
'ଓଡ଼ିଆ ଆର୍ଟ୍ ୱାର୍କ୍ସ' ବିଖ୍ୟାତ କରି
ବିଲାତେ ଲଢ଼ିଲ ଓଡ଼ିଆ ପାଇଁ ।(୧୦)

ରଚିଥିଲ କେତେ ଜାଗୃତି କବିତା
ଓଡିଆ ଜାତିର ଚେତନା ପାଇଁ
'ଉତ୍କଳ ସନ୍ତାନ', ' ଜ୍ଞାନୀର ଉକ୍ତି'
'ଜାତି ଇତିହାସ' ରଚନା ପୁଣି ।(୧୧)

'ଜାତିର ଗୀତିକା' ଗାଉଥିବୁ ସଦା
ଓଡ଼ିଆ ହେବାର ଗୌରବ ବହି
ହେ ମହାପୁରୁଷ ! 'ଉତ୍କଳ ଗୌରବ'
ତବ ଗଉରବ ମହିମା ଗାଇ ।(୧୨)

ଡ. ପ୍ରିୟଦର୍ଶିନୀ ମିଶ୍ର  ମଣ୍ଡଳ(ବଲାଙ୍ଗୀର)

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମୋ ଗାଁ

ଅନଙ୍ଗ ପଟେଲ



ଯେଉଁ ଗାଆଁରେ ଜନମ ମୋର,
ସେଇଠି ହେଲା ମୋ ଷଠୀଘର,
ଗାଆଁ ଘର ମୋର ଅତି ସୁନ୍ଦର,
ମୋ ଗାଆଁ ମୋ ପାଇଁ ସରଗ ପୁର । ୧

ଶୀତୁଆ ସକାଳ ସୁନେଲି ଖରା,
ମନୋରମ ଦୃଶ୍ୟ ଆହାକି ତୋରା,
ସୁନ୍ଦର ଦିଶେ ଜହ୍ନ ସଙ୍ଗେ ତାରା,
ସ୍ନେହ ପ୍ରେମେ ଭରା ମା'ମାଟି ପରା । ୨

ମୋ ଗାଆଁ ସାଥେ ନୁହେଁ କେ ସରି,
ପାଳୁଅଛି ମତେ ମାଆଙ୍କ ପରି,
ଶିଖିଲି ଚାଲିବା ମା' ହାତ ଧରି,
ଘର ପଛ ପଟେ ଆମରି ବାରି । ୩

ଗ୍ରାମ ଦେବତୀ ଆମ ରକ୍ଷାକାରୀ,
ଆମ ଗାଆଁ ନାରୀ ଆମରି ଶିରୀ,
କେହି ନାହିଁ ଏଠି ରାଜକୁମାରୀ,
ସମସ୍ତେ ଅଟନ୍ତି ଗାଆଁ କସ୍ତୁରୀ । ୪

ବେସର ବାଟନ୍ତି ମାଆ ଆଗରୁ,
ବର୍ଷା ଛାଡ଼ିଗଲେ ଘରୁ ବାହାରୁ,
ଭାଇ ଡାକିଦେଲେ ମତେ ପଛରୁ,
ବିଲ ପଟେ ଯାଇ ମାଛ କୁ ଧରୁ । ୫

ଚାଲିବା ଶିଖିଲି ଗାଆଁ ମାଟିରେ,
ଖେଳିଛି ମୁଁ କେତେ ଦଣ୍ଡ ଧୂଳିରେ,
ଗାଆଁ ଠାରୁ ଅଛି ମୁଁ ବହୁଦୂରେ,
ମନ କିନ୍ତୁ ଅଛି ମୋ ଗାଆଁ ଠାରେ । ୬

ଆମ ଗାଆଁ ଝିଅ ନାମ ତା ପାରୋ,
ସବୁ ଜିନିଷରେ ଅଟଇ ଥରୋ,
ବରଷା ବରଷଇ ଦରୋ ଦରୋ,
ଚଢେଇ ଲୁଚି ଗଲେ ଗଛ ଖଖରୋ । ୭


ସୁନ୍ଦରଗଡ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଉତ୍କଳର ସ୍ୱାଭିମାନ

ମନ୍ଦାକିନୀ ପାଢ଼ୀ



ଯୁଗଜନ୍ମା ପୁରୁଷ ଉତ୍କଳ ଗୌରବ
ସିଏ ଶତାବ୍ଦୀର ସୂର୍ଯ୍ୟ
କୁଳବୃଦ୍ଧ ଜାତିପ୍ରାଣ ସ୍ୱାଭିମାନ
ସାରଥୀ ଉତ୍କଳ ବୀର୍ଯ୍ୟ ।।

ତାଙ୍କ ଦେଶପ୍ରୀତି ଚିନ୍ତାଧାରା ସବୁ
କଳିଙ୍ଗରେ ଉଜ୍ଜୀବିତ
ମ୍ଳାନ ନିଷ୍ପ୍ରଭ ଓଡ଼ିଆ ଆମ ଭାଷାକୁ
କରାଇଥିଲେ ଜୀବିତ ।।

ଓଡ଼ିଆ ବିଛିନ୍ନାଞ୍ଚଳକୁ ଏକତ୍ର
ଆଜୀବନ ସଂଗ୍ରାମ
ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ
କର୍ଣ୍ଣଧାର ମଧୁସୂଦନ ।।

ଉତ୍କଳର ଗୌରବ ବୃଦ୍ଧି କରିଲେ
ସ୍ୱାଭିମାନର ସାରଥୀ
ପାଇଥିଲେ ଆଖ୍ୟା ଉତ୍କଳଗୌରବ
ରଖି ମାତୃଭାଷା ପ୍ରୀତି ।।

ଓଡ଼ିଆ ଜାତିର କାନେକାନେ
କହି ଅଭୟ ଓଡ଼ିଆ ବାଣୀ
ଉତ୍କଳୀୟ ମାନଙ୍କପାଇଁ
ଗଢ଼ିଲେ ଉତ୍କଳର ସମ୍ମିଳନୀ ।।

କଟକରେ ଅଛି ଉତ୍କଳ ଟ୍ୟାନେରୀ
ଜୋତା କାରଖାନା ଶିଳ୍ପ
ପ୍ରସାରର ଅଦମ୍ୟ ପ୍ରୟାସ ପାଇଁ
ଓଡ଼ିଆ ଚେତନା କଳ୍ପ ।।

ରାଜନୀତି ବିଜ୍ଞାନ ବିଭାଗ
ଏଲ୍.ଜି.ଏସ୍.ମହାବିଦ୍ୟାଳୟ
ପଦ୍ମପୁର, ବରଗଡ଼

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଲଭିଛି ଉତ୍କଳ ସିଦ୍ଧି

ରଶ୍ମିତା ପାତ୍ର



ପୁଣ୍ୟ ତିଥି ଶୁଭ ଲଗ୍ନ ଅବସରେ
ଉଜ୍ଜ୍ୱଳ ହୀରକ ସମ
ଉତ୍କଳ ମାଟିର ଦାୟଦ ସନ୍ତାନ
ଗୋବିନ୍ଦ ବଲ୍ଲଭ ଜନ୍ମ ।।

ଚାଟଶିକ୍ଷା ବଳେ ବିଦ୍ୟା ବୁଦ୍ଧିମତ୍ତା
ଆଦର୍ଶ ନୀତି ମହାନ
ମଧୁ ବାରିଷ୍ଟର ପୁଣି ଉତ୍କଳର
ଗୌରବ ମଧୁସୂଦନ ।।

ଆମ ଜାତି ଯେବେ ଘୋର ସଂକଟରେ
ହୋଇଥିଲା ସମ୍ମୁଖୀନ
କୋଟି ଓଡିଆଙ୍କ ଜୀବନ ବୁକୁରେ
ଉତ୍କଳର ସ୍ୱାଭିମାନ ।।

କେତେ ଯେ ଯାତନା ସହି ନିର୍ଯାତନା
ହୋଇ ଯେବେ ଭୂଲୁଣ୍ଠିତା
ବିକଳ ରୋଦନେ ବିଳାପିତ ପ୍ରାଣ
ଆମ ଏ ଉତ୍କଳ ମାତା ।।

ସେଲାଗି ଯୋଗାଇ ଜାତିପ୍ରାଣ ମନ୍ତ୍ର
ଜାଗ୍ରତ ଚେତନା ବୁଣି
ଦେଇ ଉତ୍କଳକୁ ନବ ଜୀବନର
ନବ ଜାଗରଣ ଆଣି ।।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

ସର୍ବାଗ୍ରେ ଅଗ୍ରଣୀ ସାଜି ଅଗ୍ରଦୂତ
ଝରାଇ ନିର୍ଝର ଧାରା
ସୃଜିଲେ କଲମ ମୁନରେ ତୁରିତେ
ଭାଷାର କୁସୁମେ ଭରା ।।

କୋଟିଏ ଓଡିଆ ଗୋଟିଏ ସ୍ୱରରେ
ଡାକ ତ୍ରାହି ଜଗନ୍ନାଥ
ସୁଦର୍ଶନ ଚକ୍ର ଉଠିବ ଗରଜି
ହୋଇବ ସୁଗମ ପଥ ।।

ଜାତି ପ୍ରାଣ ମନ୍ତ୍ରେ ହୋଇ ଉଦ୍ଧବୋଧିତ
ଏ ମାଟି ଦାୟଦ ସର୍ବେ
ମିଳାଇଲେ ଏକତ୍ୱର ମହାସୁରେ
ମହତ୍ୱର ମହାପର୍ବେ ।।

ସମ୍ଭାବନାମୟ ସ୍ୱାଧୀନ ଉତ୍କଳେ
ସପନ ହୋଇ ସାକାର
ଉତ୍କଳ ଆକାଶେ ଉଇଁଲା ସୂରୁଜ
ନୂଆ ଏକ ସକାଳର ।।

ଯାହାଙ୍କ ଲେଖନୀ ଦକ୍ଷତାର ବଳେ
ଏ ଜାତି ହୋଇ ସମୃଦ୍ଧି
ଯାହାଙ୍କର ତ୍ୟାଗ ନିଷ୍ଠା ବଳିଦାନେ
"ଲଭିଛି ଉତ୍କଳ ସିଦ୍ଧି" ।।

ହେ ମହା ନାୟକ ଜାତି ମହାବୀର
ଯୁଗେ ଯୁଗେ ଜନ୍ମ ନେଇ
ଫେରିବା ବାଟକୁ ଆତୁର ଆକୁଳେ
ଏ ଜାତି ରହିଛି ଚାହିଁ ।।

ଜାତି ହିତ କଳ୍ପେ ହୋଇ ଉତ୍ସର୍ଗୀକୃତ
ସଭିଁଏ କରିବା ପଣ
ଆଜି ପୁଣ୍ୟ ମହା ଜୟନ୍ତୀ ଦିବସେ
କୋଟିଏ ପ୍ରଣତି ଘେନ ।।

ବାରିପଦା, ମୟୂରଭଞ୍ଜ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମାଆ

ପ୍ରେମଲତା ଦେବୀ



ମାଆ ଆଉ ଇଶ୍ୱର
ଦୁହେଁ ସୃଷ୍ଟିର ମୂଳ
ଏବେ ପ୍ରଶ୍ନ ହେଲା
କିଏ ପ୍ରଥମ,କିଏ ବଡ ?
ଈଶ୍ୱର ମାଆଙ୍କୁ ସୃଜନ୍ତିନି
ମାଆ ସୃଜେ ଈଶ୍ୱର
ମାଆ ଅଟନ୍ତି ମହାନ୍
ସେ ଈଶ୍ୱରଙ୍କୁ ଚିହ୍ନାନ୍ତି
ଶିଖାନ୍ତି ଈଶ୍ୱରୀୟ ଗୁଣ
ଆଯୋନିଜ୍ ଭଗବାନ
ମାଆର ମମତା ଶୂନ୍ୟ
ଅବତାର ନେଇ ଆସନ୍ତି
ପାଇବାକୁ ମାତୃ ପ୍ରେମ
ଦୁଃଖ ସମୟର ଡାକ
ଦୁଇଟି ଅକ୍ଷରର ନାଆ
ଦ୍ୱିତୀୟ ନାମଟି ହରି
ତ ପ୍ରଥମଟି ମାଆ

ଆନ୍ଧ୍ରପ୍ରଦେଶ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମାଆ

ଋତୁ ମହାନ୍ତି



ମାଆ ପରି କିଏ ହେବରେ
ଅଡ଼ି ବସିଥିଲେ ବୁଝାଇ ସୁଝାଇ
ମନ ମୋହି କିଏ ନେବରେ ।
ମାଆ ପରି କିଏ ହେବରେ
ମାଆର ଡାକରେ କେତେ ଯେ ମମତା
ତା ' ସ୍ଥାନ କିଏ ସେ ନେବରେ ।
ମାଆ ପରି କିଏ ହେବରେ
ଦେହେ ପଡ଼ିଥିଲେ ବାଲି ଧୂଳି ଦେଖି
ଝାଡି ଝାଡୁ କିଏ ଦେବରେ ।
ମାଆ ପରି କିଏ ହେବରେ
ବିପଦ ଆପଦେ ପଡ଼ିଥିଲେ କିଏ
ଆମ ଶୁଭ ମନାସିବରେ ।
ମାଆ ପରି କିଏ ହେବରେ
ପାଠ ନ ଆସିଲେ କୋଳରେ ବସାଇ
ବତାଇ କିଏ ସେ ଦେବରେ ।
ମାଆ ପରି କିଏ ହେବରେ
ରୋଗରେ ପଡିଲେ ରାତିଦିନ ବସି
ଉଜାଗର ରହି ଥିବରେ ।
ମାଆ ପରି କିଏ ହେବରେ
ମୁହଁ ଶୁଖିଗଲେ ଆଉଁସି ଦେଇ ସେ
ପଣତରେ ପୋଛି ଦେବରେ ।
ମାଆ ପରି କିଏ ହେବରେ
ଭୋକିଲା ପେଟର ଦରଦ ବୁଝି
ମୁହଁରେ ହସ କେ ଦେବରେ ।
ମାଆ ପରି କିଏ ହେବରେ
ପାଷାଣ ପରି ଦୁଃଖ କଷ୍ଟ ସହି
ଧରା ସମ ସ୍ନେହ ଦେବରେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମାଆ ପରି କିଏ ହେବରେ
ବାର ବ୍ରତ କରି ଦିଅଁ ଦେବତାଙ୍କୁ
ପ୍ରାଣେ ଶୁଭ ମନାସିବରେ ।
ମାଆ ପରି କିଏ ହେବରେ
ସୁନ୍ଦର ହେଉ ବା ଅସୁନ୍ଦର ହେଉ
ସମାନ ସ୍ନେହ କେ ଦେବରେ ।
ମାଆ ପରି କିଏ ହେବରେ
ଆମ ଖୁସି ଯା ' ର ଜୀବନର ଲକ୍ଷ୍ୟ
ତା ' ସରି କିଏ ସେ ହେବରେ ।

ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମାଆ

ଭାସ୍କର ରାଉତ



ଗରଭେ ଧରିଣ ଧରାକୁ ଆଣିଣ
କୋଳେ ବଢ଼ାଇଲା ଯେହି,
ତା ଅଙ୍ଗ ରକତ କରାଇ ଅମୃତ
ପିଆଇ ଦେଇଛି ସେହି ।।୦।।
ମାଆ ନାମ ତାର ସଂସାରରେ ସାର
ତାପରି ନୁହନ୍ତି କେହି,
ଆଦ୍ୟ ଗୁରୁ ସେହି ଭାଷାକୁ ଶିଖାଇ
ମୋ ଓଠେ ଭରିଛି ସେହି ।
ହାତ ଧରି ହାତେ ଚଲାଇଛି ମୋତେ
ସଳଖି ଚାଲିଛି ମୁହିଁ ।।
ପଡ଼ିଲେ ମୁଁ ଝୁଣ୍ଟି ନପାରିଲେ ଉଠି
ଉଠାଇ ନେଇକି ସେହି,
ପଣତେ ତାହାର ଝାଡ଼ି ମୋ ଶରୀର
ସ୍ନେହ ବୋଳା କଥା କହି ।
ବେଦନାକୁ ମୋର କରିଅଛି ଦୂର
ବେଦନା ଭୁଲିଛି ମୁହିଁ ।।
ମୋ ଜୀବନେ ସେହି ଛାଇ ପରି ରହି
ଅନେକ ଯାତନା ସହି,
ମୋ ଶୁଭ ମନାସି ଉଜାଗରେ ବସି
ରାତି ବିତାଇଛି ରହି ।
ମୋ ଦେହରେ ଯେବେ ଫୁଲ ପଡ଼େ କେବେ
ପଥର ମଣଇ ସେହି ।।
କୋଳ ଝୁଲଣାରେ ଝୁଲାଇ ସେଥିରେ
ଆଇ ମା କାହାଣୀ କହି,
କପୋଳେ ଚୁମ୍ବନ ଦେଇ ଘନ ଘନ
ଦୁଃଖ ଶୋକ ଭୁଲେ ସେହି ।
ମାଆର ଚୁମ୍ବନ ଅମୃତ ସମାନ
ଜୀବନେ ଭୁଲିବି ନାହିଁ।।

ଦେବମାୟା ଭବନ , ଶେରଗଡ଼, ଗଞ୍ଜାମ
୯୭୭୬୪୮୬୬୨୮

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ମାଆ

ଲକ୍ଷ୍ମୀ ବିଶ୍ୱାଳ



ଜୀବ ସୃଷ୍ଟିର ପିତା ମାତା ଅଟନ୍ତି
ଆତ୍ମା ଓ ପରମାତ୍ମା
ମାଆର ମମତା ପିତାର ମମତା
ପିଲା ଶରୀରର ଆତ୍ମା

ମାଆ ପାଖେ ପିଲା ସବୁବେଳେ ଥାଏ
ବାପା ପାଖେ ରହେ ଦୂରେ
ସେଥିପାଇଁ ମା'ର କରୁଣା ମମତା
ଅଧିକ ରହେ ମନରେ ।

ମା' ପରି ମମତା ବାପାର ବି ଅଛି
ପିଲା ମାନଙ୍କ ଉପରେ
ସବୁ ମାଆ ବାପା ନୁହଁନ୍ତି ସମାନ
କହୁଅଛି ମୁଁ ସତରେ ।

ପିଲାଙ୍କୁ ଛାଡ଼ି ଦେଇ ବହୁତ ମାଆ
ମମତା ମୂଲ୍ୟକୁ ଜାଳି
କାନ୍ଦେ ନାହିଁ ତାର ହୃଦୟର କୋହ
ପିଲା ଭବିଷ୍ୟତ ଭୂଲି ।

ବହୁତ ବାପା ବି ଅଛନ୍ତି ସଂସାରେ
ମାଆ ମମତାକୁ ଦେଇ
ସ୍ନେହ ମମତାର ଗେଲ ବସରରେ
ପିଲାଙ୍କୁ ବଡ଼ କରଇ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମାଆର ସେନେହ ଏତେ ଯେ ସୁ ଶକ୍ତ
ପିଲାଙ୍କୁ ଧରେ ଜାବୁଡ଼ି
ମମତାର ମୂଲ୍ୟ ନ ବୁଝନ୍ତି ପିଲା
ବାପା ମା'ଙ୍କୁ ଯାଏ ଛାଡ଼ି ।

ମାଆର ମମତା ଯିଏ ସେ ବୁଝିଛି
ହୁଏ ତା ଜୀବନ ଧନ୍ୟ
ସେହ୍ନ ମମତାର ଆଶିଷ ବସ୍ତୁଟି
ରହିଥାଏ ଶିରେ ପୂର୍ଣ୍ଣ ।

ମା' ମମତା ଋଣ ଶୁଝି ପାରିବନି
ସାତ ଜନ୍ମ ଜନମିଲେ
ଏବେ ଠାରୁ ଭାବ ମାଆର ଯେ ଋଣ
କେମିତି ଶୁଝିବ ପିଲେ ।

ସୋର, ବାଲେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମାଆ

ଚନ୍ଦ୍ରକଳା ଦେବୀ



ମାଆ - ମୋ - ମାଆ

ମାଆ - ମୋ -ମାଆ

ତୋର ଅବଦାନ ମୋ ପାଇଁ ମହାନ

ସଫଳତା ପଛେ ତୁହି

ତୁହି ସେହି ନାରୀ ଥିଲୁ ଛାଇ ପରି

ଯହିଁ ଡର ଭୟ ନାହିଁ ।

ମାଆ - ମୋ - ମାଆ

ତୁହି ଅଟୁ ମୋର ସାହା

ମାଆ - ମୋ - ମାଆ ॥

ଦଶ ମାସ ଗର୍ଭେ ଧାରଣ କରିଣ

ଜନମ ଦେଲୁତୁ ମୋତେ

ସ୍ନେହ ଶରଧାରେ ପାଳନ କରିଲୁ

କେମିତି ଭୁଲିବି ତୋତେ ।

ମାଆ - ମୋ - ମାଆ

ଦେଖାଉ ତୁ ନୂଆ ରାହା

ମାଆ - ମୋ - ମାଆ ॥

ତୋହର କୋଳରେ ଜନମ ଲଭିଣ

ଦେଖିଲି ଏଇ ସଂସାର

ତୋ କାନି ପଣତ ସୁରକ୍ଷା କବଚ

ଆଖିଏ ସପନ ଯା'ର ।

ମାଆ - ମୋ - ମାଆ

ଦୁଃଖେ ସୁଖେ ହେଉ ସାହା

ମାଆ - ମୋ - ମାଆ ॥

ବକ୍ଷରୁ ଅମୃତ ପାନ କରାଇଣ

ମେଣ୍ଟୁଥିଲୁ ତୃଷ୍ଣା ମୋର

କପାଳେ ମୋହର ତୋଆଖି କଜ୍ଜଳ

ମୋ ଗାଲେ ଚୁମା ତୋହର ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମାଆ - ମୋ - ମାଆ

ନଲାଗୁ ନଜର କାହା

ମାଆ - ମୋ - ମାଆ ॥

ମୋ ଅଳି ଅଝଟ ସବୁ ସହୁଥିଲୁ

ତୁପରା ମୋର ନିଜର

ହାତଧରି ତୋର ଚାଲିମୁଁ ଶିଖିଲି

ଲୋରିଶୁଣି ଶୋଇବାର ।

ମାଆ - ମୋ - ମାଆ

ତୋଗୀତ କରେ ବାଇଆ

ମାଆ - ମୋ -ମାଆ ॥

କଥା କହିକହି କଥା ଶିଖାଇଲୁ

ଭୋକହେଲେ ଖୁଆଇଲୁ

ରୋଗହେଲେ ମୋର ସେବାକରୁଥିଲୁ

ଝୁଣ୍ଟିଗଲେ ତୋଳିନେଲୁ ।

ମାଆ - ମୋ - ମାଆ

ମମତା ଯା' ଅନ୍ୟ ନାଆଁ

ମାଆ - ମୋ - ମାଆ ॥

ଅବୁଝା ହୋଇଲେ ସରଗ ଚାନ୍ଦକୁ

ଦେଖାଉ ତୁ ହାତ ଟେକି

ମୋକୁନି ହାତରେ ଖସିପଡ଼ ତୁରେ

ଖୁସି ହେଉ ତୋତେ ଦେଖି ।

ମାଆ - ମୋ - ମାଆ

ବସୁମତୀ ପରି ସାହା

ମାଆ - ମୋ - ମାଆ ॥

ସରଗଠୁ ବଳି ସିନା ସୁଖସ୍ଥଳୀ

ମୋ ଜନନୀ ଅଙ୍କସ୍ଥଳ

ବସିଥିଲେ ଯହିଁ ଭୋକଶୋଷ ନାହିଁ

ନଲାଗେ ସଂସାର ଡୋର ।

ମାଆ - ମୋ - ମାଆ

ଦେଖାଉ ସୁପଥ ରାହା

ମାଆ - ମୋ - ମାଆ ॥

ଶିକ୍ଷାଦୀକ୍ଷା ଦେଇ ମଣିଷ କରିଲୁ

ହୃଦେ ଶୃଙ୍ଖଳା ଭରିଲୁ

ଦୁନିଆଁରେ ମୁହିଁ ବଡ଼ହେବା ଲାଗି

ଶୁଭତୁ ମନାସୁ ଥିଲୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମାଆ - ମୋ - ମାଆ

ତୁ ପରା ଶୀତଳ ବାଆ

ମାଆ - ମୋ - ମାଆ ॥

ପଥ ପ୍ରଦର୍ଶକ ପ୍ରଥମ ଶିକ୍ଷକ

ଶ୍ରେଷ୍ଠ ଚିକିତ୍ସକ ମାଆ

ସେବାର ସାରଥୀ ତ୍ୟାଗର ମୂରତି

ଗେଲରେ ଡାକଇ ଆ-ଆ ।

ମାଆ - ମୋ - ମାଆ

ମମତାମୟୀ ଯା'ନାଆଁ

ମାଆ - ମୋ - ମାଆ ॥

ଛାଡି ଚାଲିଗଲ ଅନାଥ କରିଲ

ଆଜିବି ଝୁରେ ତୁମକୁ

ତୋତେ ନଦେଖିଣ କେମିତି ବଂଚିଛି

ଆସ ଥରେ ଦେଖିବାକୁ ।

ମାଆ - ମୋ - ମାଆ

ଥରୁଟେ ମୋପାଖେ ଆ-ଆ

ମାଆ - ମୋ - ମାଆ ॥

ମାଆମୋ କୌଶଲ୍ୟା ମାଆମୋ ଦେବକୀ

ମାଆ ମୋର ବସୁମତୀ

ମାଆମୋ କୈକେୟୀ ମାଆମୋ ଯଶୋଦା

ମାଆ ମୋର ମହାଲକ୍ଷ୍ମୀ ।

ମାଆ - ମୋ - ମାଆ

ଜଗତକୁ ହୁଅ ସାହା

ମାଆ - ମୋ - ମାଆ ॥

ବନ୍ଧୁଗାଁ, କୋରାପୁଟ ।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ମାଆ

ନଳିନୀ ପ୍ରଭା ମିଶ୍ର



ମାଆ ନାମେ ଯେଉଁ ଦୁଇଟି
　　ଅକ୍ଷର ବିକଳ୍ପ ତାହାର ନାହିଁ
ସଂସାର ସର୍ଜନା ଲାଗି ସେ
　　ଜନନୀ ସୃଷ୍ଟିରେ ଗଢିଛି ବିହି ।
ଗରଭେ ସନ୍ତାନ କରିଣ ଧାରଣ
　　ମାତୃତ୍ୱ ହୋଇଲେ ପ୍ରାପ୍ତ
ଜନନୀ ନାମଟି ହୁଅଇ ସାର୍ଥକ
　　ଜନ୍ମ ଦେଇ ସୁତା, ସୁତ ।
ଅମୃତ ସମାନ ତା' ସ୍ତନର
　　କ୍ଷୀର ଜୀବନ ବଞ୍ଚାଇ ରଖେ
ନିରିଭୟ ସ୍ଥଳ ତା' କୋମଳ
　　କୋଳ ସନ୍ତାନ ସନ୍ତତି ପାଇଁ
ପଣତର ତଳେ ଢାଙ୍କି ଦେଇଥାଏ
　　ବିପଦ ସବୁ ଏଡାଇ ।

ରୋଗ ଶଯ୍ୟା ପାଶେ ଆତୁରତା
　　ତା'ର ଲୁହ ହୋଇଯାଏ ଧାର
ନିରାମୟ ପାଇଁ ଈଶ୍ୱରଙ୍କ ପାଶେ
　　ଜଣାଏ ସେ ବାରମ୍ବାର ।
ପ୍ରଥମ ଶିକ୍ଷିକା ମାଆ ଅଟେ
　　ସେହି ଶିଖାଏ କହିବା କଥା
ଦୃଢ଼ ମନୋବଳ ମନେ ଦିଏ
　　ଭରି ଟେକି ଚାଲିବାକୁ ମଥା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦିଏ ଉପଦେଶ ସଂସ୍କାର ସଂସ୍କୃତି

ସଂସାର ଚଳଣି ପାଇଁ

ମାଆ ଠାରୁ ବଳି ଅତି ଆପଣାର

ଦୁନିଆରେ କେହି ନାହିଁ ।

ପିଲାଙ୍କ ମଙ୍ଗଳ ପାଇଁ ରତ ସଦା

ନିଜ ସ୍ୱାର୍ଥ ଦେଇ ବଳି

ଜନନୀ ନାମଟି କରି ସାର୍ଥକ

ଦୀପ ପରି ଜଳି ଜଳି ।

ମାଆ ନାମେ ଯେଉଁ ଦୁଇଟି

ଅକ୍ଷର ଅସୀମ ତା' ଅବଦାନ

ଜନନୀ ଜନ୍ମ ଭୂମି ସିଏ

ସଦା ହୋଇଛି ରହି ମହାନ୍ ।

ମୁକୁନ୍ଦ ପୁର, ଆସ୍କା, ଗଞ୍ଜାମ

ମୋ-୯୭୭୭୮୮୭୯୪୨

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ମୋ ମାଆ

କାହ୍ନୁ ଚରଣ ପାଣିଗ୍ରାହୀ



ଫୁଲଠୁଁ ସୁନ୍ଦର ମହୁଠୁଁ ମଧୁର
ଅଟଇ ଯାହାର କଥା
ତା କୋମଳ ପରଶ ଛୁଇଁ ଦେଲେ
ହରିନିଏ ସବୁ ବ୍ୟଥା

ମଥାପରେ ଥରେ ଆଉଁଶି ଦେଲେ
ଯନ୍ତ୍ରଣା ଲାଘବ ହୁଏ
ପରଶମଣି ସେ ପରଶେ ତାହାର
ସ୍ୱର୍ଗ ସୁଖ ମିଳିଯାଏ

ମମତା ଖୋଜୁଛି ମାଆର ପଣତ
ସ୍ନେହ ଖୋଜୁଥାଏ ମନ
ଆଖି ଖୋଜୁଥାଏ ମାଆର ମୁହଁ
ମିଠା କଥା ସମ୍ମୋହନ

ବସୁଧା ପରି ଯିଏ ସହିପାରେ ସବୁ
ସିଏ ତ ମୋର ମାଆ
କୋମଳ ଭାବନା କୋମଳ ହୃଦୟ
ସିଏ ମୋର ଅଟେ ସାହା ।

ସତ୍ୟବିହାର, ରସୁଲଗଡ଼, ଭୁବନେଶ୍ୱର



Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମାଆ

ସନ୍ତୋଷ କୁମାର ସାହୁ



ତୁମେ ଗୋ ଜନନୀ କରୁଣାମୟୀ ଗୋ
ଜୀବନ ମମତା ଡୋରି
ଅନ୍ଧାର ଦେଖିଲେ ଡର ଲାଗେନାହିଁ
ମାଆ ହାତ ଥିଲେ ଧରି...
କଳିକା ରୂପକୁ କୁସମିତ କଲ
ହସାଇ ଜୀବନ ଧାରା
ତୁମରି କୋଳରେ ଉଙ୍କି ହସୁଥିଲି
ହୋଇ ଛୋଟ ଛୋଟ ତାରା...
ତୁମେ ଗୋ ଜନନୀ ଅନନ୍ତ ଆକାଶ
ସେନେହ ମମତା ସିନ୍ଧୁ
ସମ୍ପୂର୍ଣ୍ଣ ଶରୀର ତୁମରି ହିଁ ଦାନ
ମୋ ଜୀବନ ପ୍ରାଣ ବିନ୍ଦୁ...
ମୋ ପେଟର ଭୋକ ବୁଝି ମନ ତୃଷା
ଆହାର ଯୋଗାଅ ଖୋଜି
ମୋ ଦୁଃଖ ଦେଖିଲେ ନୟନେ ତୁମର
ଲୁହରେ ରହୁଛି ଭିଜି...
ମାଆ କୋଳ ମୋର ଲକ୍ଷେ ବାହୁବଳ
ମୋ ପାଇଁ ଆଶ୍ରୟ ସ୍ଥଳୀ
ମାଆର ହୃଦୟେ ନାହିଁ ଆବିଳତା
ମା'ପାଦ ଚନ୍ଦନ ଧୂଳି...
ସେବା ବଦଳରେ ମାଗନ୍ତିନି କିଛି
ନିଃସ୍ୱାର୍ଥ ନିର୍ଲୋଭ ମନ
କୋମଳ ଅନ୍ତରେ ଶ୍ରଦ୍ଧା ପରିପୂର୍ଣ୍ଣ
ସନ୍ତାନ ହିତରେ ଧ୍ୟାନ....
ସର୍ବସହା ମାଆ କୃପାଳୁ ଦୟାଳୁ
ତ୍ୟାଗର ପ୍ରତୀକ ହୋଇ
ମାଆର କଥାରେ ଝରୁଥାଏ ସୁଧା
ସ୍ନେହର ମହକ ଦେଇ...
ଥିଲେ ଥାଉ ପଛେ ସବୁକିଛି ମୋର
ମାଆ ପରି ହେବ କିଏ
ଆଶିଷ ତାଙ୍କର ସକଳ ବିଭବ
ଚଳନ୍ତି ଦେବୀଟେ ସିଏ...

ଗାନ୍ଧୀ ନଗର, କୋରାପୁଟ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ମୋ ମାଆ

ରଞ୍ଜନ କୁମାର ମଲ୍ଲିକ

ସକାଳେ ଉଠାଏ ମୋତେ,
ଧନ ସୁନା ବୋଲି କହିକି ଡାକେ ।
ଛୋଟ ହାତରେ ଖବର ଦିଏ,
ସେନେହରେ ଗେଲ କରି ପକାଏ ।

ମାଆ ହସିଲେ ଘର ହସେ,
ଦୁଃଖ ଆସିଲେ ଦୂରେ ଭାସେ ।
ତାଙ୍କ ଆଖିରେ ଲୁଚିଥାଏ,
ସପନ ଆଶା ଆଲୋକ ହାଏ ।

ଥକିଲେ ମୋ ପାଖେ ବସେ,
ମିଠା ଗଳାରେ ଗୀତ ଗାଏ ।
ମୋ ଜୀବନର ଶ୍ରେଷ୍ଠ ଧନ,
ମୋ ମାଆ — ମୋର ପ୍ରାଣ ପରାଣ ।

ନିମାପଡ଼ା, ପୁରୀ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ମାଆ

ରମେଶ ଟାକ୍ରୀ



ମାଆ ମାଟି ବୋଲି ଯାହାକୁ ଜାଣିଛି
ସିଏ ମୋ ମାଆର ଗାଆଁ
ବାରମାସୀ ଯହିଁ ଚଇତାଳି ବହେ
ଅଣ୍ଟାସର ଯା'ର ନାଆଁ ।୦।

ସୁନା ବଂଶୀୟଙ୍କ ରକତୁ ଜନମି
ମାଆ ସୁନାଫୁଲ କଢ଼ି
ସମୟ ସାଥିରେ ଫୁଟି ମହକିଲା
ଚନ୍ଦ୍ରକଳା ପ୍ରାୟ ବଢ଼ି,
ବିଧି ଲେଖିଥିଲା ତାହାରି କପାଳେ
ମୋ ବାପାଙ୍କର ନାଆଁ ।୧।

ଅଳପ ବୟସେ ବୋହୁ ସାଜିଲା ସେ
ତା'ର କେଡ଼େ ଅବଦାନ
ଆମରି କୁଳର ସୁନାମ ବଢ଼ାଇ
ରଖିଲା ଘରର ମାନ
ଜୀବନକୁ ମୋର ଆଲୋକିତ କରି
ପଦେ ପଦେ ହେଲା ସାହା ।୨।

ତା'ଭଳି ଜନନୀ ଜନମେ ଜନମେ
ମୋ ଭାଗ୍ୟରେ ମିଳୁଥାଉ
ଜିଇଁଥିବା ଯାଏଁ ତା'ର ଗୁଣ ଗାଇ
ଏ ଜୀବନ ବିତିଯାଉ,
ସେବା ମମତାର କରୁଣାମୟୀ ସେ
ସେବତୀ ତାହାର ନାଆଁ ।୩।

ଏ ବି ଇ ଓ ତେନ୍ତୁଳିଖୁଣ୍ଟି
ନବରଙ୍ଗପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମାଆ

ଡଃ ଡାନଶ୍ରୀ ପାଣିଗ୍ରାହୀ



ମଧୁଠାରୁ ମିଠା ଫୁଲଠୁ କୋମଳ
ମାଆ ଡାକଟି ମଧୁର
ତ୍ୟାଗ ତପସ୍ୟାର ମନ୍ଦାକିନୀ ଧାର
ମାଆର ସ୍ନେହ ଆଦର...

ତା ପାଇଁ ଦେଖିଲି ପ୍ରଥମ ଆଲୋକ
ତା କୋଳ ସ୍ୱର୍ଗ ସମାନ
ତା ବକ୍ଷର ସୁଧା ଅମୃତ ସମାନ
ତା ପାଇଁ ଜୀବନ ଧନ୍ୟ...

ମାଆର ପରଶ ସ୍ୱର୍ଗୀୟ ପୀୟୂଷ
ଖୁଆଏ କେତେ ଆଦରି
ଦିନ ଠାରୁ ରାତି ସେବା ଯତ୍ନ ନିଏ
ମନେ ମାନସିକ କରି...

ମାଆ ଉପଦେଶ ଗୀତା ଭାଗବତ
ସ୍ନେହବୋଳା ତା ବଚନ
ହୃଦୟ ତାହାର ହିମାଳୟ ପରି
ବିଶାଳ ଅଟେ ତା ମନ...

ମାଆ ପାଇଁ ଲାଗେ ଘର ଦେବାଳୟ
ମରତେ ସାକ୍ଷାତ ଦେବୀ
ସଂସାରେ ମାଆ ଆଦ୍ୟ ଗୁରୁ ମୋର
ତା ପାଦ ପୂଜିବି ସେବି...

ଅନାବିଳ ସ୍ନେହ ତା ହୃଦେ ସଞ୍ଚିତା
ମାଆ ଯେ ମମତାମୟୀ
ମାଆଠାରୁ ବଡ଼ ଜଗତେ କେ ନାହିଁ
ଗଙ୍ଗୋତ୍ରୀ ସେ ପୁଣ୍ୟମୟୀ ॥

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ମାଆ

ଦେବେନ୍ଦ୍ର ନାୟକ



ବିନା ଦରମାରେ ସେବା ଦେଇ ଥାଏ
ବଞ୍ଚିଥିବା ଯାଏ ଯିଏ
କୋଟି ଦଣ୍ଡବତ ତା ଚରଣ ତଳେ
ଜନ୍ମଦାତ୍ରୀ ମୋର ସିଏ ।
ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ
ସନ୍ତାନ ତା ପାଇଁ ବଡ଼
ନିଜେ ନ ଖାଇ ସେ ସଦା ବୁଝୁଥାଏ
ବଦଳେନି ତାର ମୋଡ଼ ।
ସନ୍ତାନର ସୁଖ ପାଇଁ ସବୁବେଳେ
ଈଶ୍ୱରଙ୍କୁ ଡାକିଥାଏ
ଜୀବନର ସାଥୀ ଯେତେ ଭଲ ହେଉ
ପ୍ରକୃତରେ ମାଆ ସିଏ ।

ଶରୀର ଅସୁସ୍ଥ ରୋଗବାଗ ହେଲେ
ପାଶେ ଜଗି ରହିଥାଏ
ଦିଅଁ ଦେବତାଙ୍କୁ କେତେ ଭୋଗରାଗ
ଅକୁଣ୍ଠରେ ଯାଚିଦିଏ ।
ସନ୍ତାନ ଠାରୁ ସେ ଆଶା କରେନାହିଁ
ନିଜ ଭବିଷ୍ୟତ ପାଇଁ
ଆଜି ସମାଜରେ ବାପା ମାଆ ଦୁଃଖ
ଯାଉଛି ଅସହ୍ୟ ହୋଇ ।
ମାଆର ମମତା ଭୁଲ ନାହିଁ କେହି
ବୁଝ ତା ମନକୁ ଥରେ
ତୁମେ ଦିନେ ନିଶ୍ଚେ ମାଆ ବାପା ହେବ
ପଡନି କାହା କଥାରେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯେତେ ଭୁଲ୍ ଥାଉ ପଛେ ସନ୍ତାନର
ତା ବିପଦ ସମୟରେ
ଶତ୍ରୁର ଆଗକୁ ଛାତି ପାତି ଦିଏ
ଡରେ ନାହିଁ ଜୀବନରେ ।
ମାଆର ମମତା ତାର ମହାନତା
ପାଖରେ ସଭିଏଁ ଋଣୀ
କାହାଣୀ ହୋଇବ ରାତି ପାହି ଯିବ
ସରିବନି ତା କାହାଣୀ ।

ଦେବେନ୍ଦ୍ର ନାୟକ
ମିଟୁଆଣୀ,ଠାକୁରମୁଣ୍ଡା,ମୟୂରଭଞ୍ଜ।

Listen to Odia Podcast Original at https://youtube.com/@drjyotiprasad

# ମାଆ

ସୁନିତା ମହାନ୍ତି



କେତେ ଦୂରେ ଅଛୁ କେଉଁଠି ତୁ ଅଛୁ
କି ଗାଇବି ମା' ତୋ ଗୁଣ
ରାତି ପାହି ସଞ୍ଜ ହୋଇଯିବ ମାଆ
ଲେଖା ସରିବନି ଜାଣ ।

ଜୀବନ ଗଢ଼ିଛୁ ମମତା ଭରିଛୁ
ସେନେହଁ ଦେଇଛୁ ଯେତେ
ଅଳି ଅରଦଳୀ ଯେତେ ତୁ ସହିଛୁ
ମହାନ ତୁ ମାଆ କେତେ ।

କଢ଼ ଟିଏ ଥିଲି ଫୁଲ ଟିଏ କଲୁ
ଆଦର ଯତ୍ନରେ ମୋତେ
ଏମିତି ଗଢ଼ିଲୁ ଆଜି ମୁଁ ଭାବୁଛି
ତୋ କୋଳର ମୂଲ୍ୟ ସତେ ।

ଯେତେ କଷ୍ଟ ତତେ ଗର୍ଭ ରେ ଦେଇଛି
ସହିଛୁ ସବୁ ତୁ ମାଆ
ସାରା ରାତି ଚେଇଁ ତୋ ଅମୃତ ପେଇ
ତୋ କୋଳେ ପାଇଛି ରାହା ।

ସେବା ମମତା ଓ ଦୟାର ପ୍ରତୀକ
ଆଦର୍ଶେ ଗଢ଼ିଛୁ ମାଆ
ତୋର ଅନୁକମ୍ପା ସ୍ୱାଭିମାନ ପାଇଁ
ଜୀବନେ ଦେଇଛି ସାହା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତୋ ମନର ଦୁଃଖ ତୁହି ଏକା ଜାଣୁ
ସୁଖ ବାଣ୍ଟୁ ପରିବାରେ
ଆଖିର ଲୁହ କୁ ଛାତିରେ ଚାପି ତୁ
ହସ ଥାଏ ତୋ ମୁହଁରେ ।

ଏମିତି ଗୁଣର ଲାବଣ୍ୟମୟୀ ତୁ
ତୋ  କଥାରେ ପ୍ରୀତି ଝରେ
କୋମଳ ହୃଦୟ ଅନାବିଳ ସ୍ନେହଁ
ପ୍ରତିକ୍ଷଣେ ତୋତେ ଝୁରେ  ।

କୋଟିଏ ଦେବତା ତୁହି ମାଆ ମୋର
ତୁହି ମୋ ପୂଣ୍ୟତୋୟା
ତୁହି ମୋ ଗଙ୍ଗା ତୁହି ଗୋଦାବରୀ
କୋଟି ଜୁହାର ପାଦେ "ମାଆ"  ।

ସୁନିତା ମହାନ୍ତି.. ଆଳି.. କେନ୍ଦ୍ରାପଡ଼ା.

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ମାଆ

ରୀତାରାଣୀ ଦାଶ



ଦଶ ମାସ ନିଜ ଗରଭେ ସାଇତି
ଗଣଇ ଆନନ୍ଦେ ଦିନ
କେବେ ଜନମିବ ଗଣ୍ଠିଧନ ତାର
କୁଆଁ କୁଆଁ  ଯେ କାନ୍ଦିଣ ।
ମାଆ ର ପଣତ ସ୍ନେହରେ ଆବୃତ
ଛାତିରେ ଅମୃତ ଧାର
କେଡେ ଯେ ମଧୁର ସେ ଦୁଇ ଅକ୍ଷର
ସବୁ ଦୁଃଖ ହୁଏ ଦୂର  ।
କେତେ ଆଶ୍ୱାସନା ମମତା ବନ୍ଧନ
କେଡେ ମିଠା ନାମ ମାଆ
ମିଛ ବନ୍ଧନରେ କଷଣରୁ ତ୍ରାହି
ଡାକିଦେଲେ ଥରେ ମାଆ  ।
ବିକଳାଙ୍ଗ ଅବା ଅସୁନ୍ଦର ହେଉ
ମା ପାଇଁ ମୋତି ମାଣିକ
ଗେଲ ବସରରେ  ଅତି ଯତନରେ
ପାଳଇ ସନ୍ତାନ ସେ ତ ।

ଆଖିର ପଲକ ହଜି ଯାଏ ତାର
ଟିକେ ଦେହ ଖରାପରେ
ଅସ୍ଥିର ଚିତ୍ତରେ ଫୁଙ୍କ ଝାଡ କରେ
କହେ କାହା ନଜରରେ ।
ବିଗି ଡ଼ିଲା ମୋର ଧନର ଶରୀର
କଳା କାଠ ପଡ଼ିଲାଣି
ଯେତେ ଔଷଧ ତ ଆଣେ ଡାକ୍ତର ଠୁ
ତା ମନ କେବେ ବୁଝେନି  ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମମତା ପାଗଳି ଅନ୍ଧ ମାଆ ଅଟେ
ଆଖିରୁ ହୋଇଲେ ଦୂର
ଚାହିଁ ବସିଥାଏ ଫେରିବା ପଥକୁ
ଝରାଏ ନୟନ ନୀର ।
କିଏ ବା ବୁଝୁଛି ତାହାର ବେଦନା
ମା ତ୍ୟାଗ ଅମୂଲ୍ୟ ମୂଲ
କେହି ନାହିଁ ଏହି ଦୁନିଆଁରେ ଭାଇ
ମାଆ ପରି ସମତୁଲ ।
ସରଗ ଠୁ ବଳି ମହିୟସୀ ସିଏ
ଧରଣୀ ଠାରୁ ମହାନ
ମାତୃ ଋଣ କେହି ସୁଝିପାରେ ନାହିଁ
ଜୀବନ କଲେ ବି ଦାନ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମାଆ

କଳ୍ପନା ବିନ୍ଧାଣୀ



ମାଆ ବୋଲି ଯେଉଁ ଦୁଇଟି ଅକ୍ଷର
ସଂସାର ମଧ୍ୟରେ ସେ ତ ଅଟେ ସାର।
ଭୂମିରୁ ଭୂମା ଅଟେ ଯାର ପରିବ୍ୟାପ୍ତି
ସେ ମାଆର ସମ ନୁହେଁ ହୀରା, ମୋତି ।
ଓଠରୁ ତା' ଝରୁଥାଏ ମିଠା ମିଠା କଥା
ଦିଏନା ସେ କେବେ କା ମନରେ ବ୍ୟଥା ।
ଯା ମନଟି ଗଙ୍ଗା ସମ ଅଟଇ ପବିତ୍ର
ହୃଦୟ ତା' ଦୟା, କ୍ଷମା, ସ୍ନେହ ପ୍ରେମେ ସିକ୍ତ
ମାଆର ପଣତ ସତେ ଶ୍ରୀମନ୍ଦିର ନେତ
ସେ ପଣତ ତଳେ ଦୁଃଖ ହୁଏ ପରାହତ ।
ଆଖିରେ ତା ଭରିଥାଏ ଆଖିଏ ସପନ
ସନ୍ତାନର ସୁଖ ପାଇଁ କରଇ ଯତନ ।
ହସି ହସି ପିଉଥାଏ ସଂସାର ଗରଳ
ବର୍ଷି ଦିଏ ସୁଖଭରା ଅମୃତର ଜଳ ।
ମାଆର ଗୁଣକୁ ଅବା କେ ବର୍ଣ୍ଣି ପାରିବ
ଏ ସଂସାର ତା ପଦରେ ପ୍ରଣାମ କରିବ ।
ମାଆର ବିକଳ୍ପ ଆଉ ଏ ସୃଷ୍ଟିରେ ନାହିଁ
ମାଆ ପାଇଁ ସଂସାରର ସୃଷ୍ଟି ଅଛି ରହି ।


ମୟୂରଭଞ୍ଜ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମାଆ

ରଶ୍ମିତା ନାୟକ



ଜଠରେ ଧାରଣ କରିଥାଉ ତୁହି
ଗରଭ ଯନ୍ତ୍ରଣା ସହି
ପ୍ରସବ ବେଦନା ଅତିବ କଷଣ
ସହି ଯାଉ ଲୁହ ପିଇ ।।

ଜନ୍ମ ଦେଇ ପାରୁ  ବୋଲି ତୁ ଜନନୀ
ପଦବୀରେ ବବେଚିତ
ସନ୍ତାନର ତୁହି  ସର୍ବ ଶ୍ରେଷ୍ଠ ଗୁରୁ
ତୋତେ କୋଟି ଦଣ୍ଡବତ ।।

କଲ୍ୟାଣକାରିଣୀ  ସନ୍ତାନ ନିମନ୍ତେ
ତପସ୍ୱୀନି ସାଜିଥାଉ
ଶହେଟି କଙ୍କଡା ବିଛାର ଦଂଶନ
ବେଦନା ତୁ ସହି ଯାଉ ॥

କ୍ଷୁଧା ନିବାରିଣୀ ମମତାମୟୀ ଲୋ
ତୁ ଅମୃତ ନିର୍ଝରିଣୀ
ତୁ ମାନଭଂଜନି ତୁ ମୁଗ୍ଧା କାରିଣୀ
ସର୍ବଂସହା ତୁ ଜନନୀ ।।

ଆକାଶଠୁ ବଡ ମହୀଠୁ ବିଶାଳ
କୋଳ ତୋର ସୁରକ୍ଷିତ
ସେପରି ନିର୍ଭୟା  ଶୀତେ ଉଷ୍ମ ଛାଇ
ତୋହରି ଚିରା ପଣତ ।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସଂସାରକୁ ଆଣି ଚିହ୍ନାଇ ଦେଲୁତୁ
କେତେ ଯେ ଦେବତା ଦେବୀ
ହେ ଦେବୀ ତୋଠାରୁ ଶ୍ରେଷ୍ଠରେ କାହାକୁ
ପାରୁନାହିଁ ଆଜିଭାବି ॥

ଅମୂଲ୍ୟ ଅତୁଲ୍ୟ ଅଭେଦ୍ୟ କବଚ଼
ଅନିନ୍ଦ୍ୟ ମଧୁଭାଷିନୀ
ମୋ ହୃଦ ବହିର ବର୍ଣ୍ଣମାଳା ତୁହି
ନମସ୍ୟା ତୁହି ଜନନୀ ।।

ଜଗତସିଂହପୁର




Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମାଆ

କଳ୍ପନା ରାୟ



ଆଜି ବି ବିଛଣାରେ ଥାଇ ମାଆ
ସବୁ କଥା ଜାଣିବା ଇଚ୍ଛା କରେ
ଭଲରେ ଆଶୀର୍ବାଦ କରି ଚାଲେ
ଅନ୍ୟର ଦୁଃଖ ଶୁଣି କାନ୍ଦି ପକାଏ

ପ୍ରତି କଷ୍ଟରେ ମାଆ ମନେପଡେ
କହିଦେଲେ ମନ ହାଲୁକା ହୁଏ
ଶୁଣି ପାରୁ ବା ନ ପାରୁ ସିଏ
କଥାକହି ମନକୁ ନିୟନ୍ତ୍ରଣକୁ ଆଣେ

ଛୋଟବେଳୁ ଦେଖିଆସିଛି ତାର ତ୍ୟାଗ
କାହିଁକି କଷ୍ଟ ପାଉଛି ଭାବି ପାରୁନି
ସେଥିପାଇଁ ମନେ ପଡୁଛି ପ୍ରାରବ୍ଧର
ମାଆ ଠୁ ପୁଣ୍ୟ ଆଉ କିଛି ବି ନାହିଁ

ମାଆର ପ୍ରତିଟି କଥା କହେ କିଛି
ତାକୁ ନେଇ ଦିନ ତ କଟିଯାଏ
ଛୋଟରୁ ଅନ୍ୟ ପାଇଁ ସେ କରିଛି
କଷ୍ଟରୁ ମୁକ୍ତିଦିଅ ପ୍ରଭୁଙ୍କୁ ଡାକୁଛି

ଲଇଡା, ସମ୍ବଲପୁର

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ମାଆ

ସଂଯୁକ୍ତା ସାହୁ



ଭଗବାନଙ୍କ ସୃଷ୍ଟିରେ ସାରା ସଂସାରରେ
ଅନେକ ସମ୍ପର୍କ ଅଛି ଅଭିଧାନରେ
କିନ୍ତୁ ଏଇ ମାଆ ଡାକଟିରେ କଣ ଅଛି ଯେ
ସେ ଡାକରେ ଆଖି ଭରେ ଲୁହରେ ।
ଅନ୍ତରରୁ କୋହ ଉଠେ ଆଉ ଆପେ ଆପେ
ତା ସ୍ମରଣରେ ମୁଣ୍ଡ ନଇଁଯାଏ
ଏଇ ଦୁନିଆରେ ତା ଠାରୁ କେହି ନୁହେଁ ନିଜର
ଯେବେ ସବୁଦିନ ପାଇଁ  ହଜିଯାଏ ।
ନାହିଁ ତାହାର ବର୍ଣ୍ଣନା ପରିଭାଷା ନେଇ
ସଂସାରର କେଉଁ ଅଭିଧାନରେ
କେତେ ରୂପ, ଗୁଣ, ଧୈର୍ଯ୍ୟ, ସହନଶୀଳତା
ଭରିରହିଛି ତା ଚରିତ୍ରରେ  ।
ତା ହୃଦୟ ସାଗରର ଗଭୀରତାଠାରୁ ଆଉ
ସୀମାହୀନ ଆକାଶର ଉର୍ଦ୍ଧରେ
କେହି ତା ସହିତ ସରି ହେବ ନାହିଁ ସାରା
ପୃଥିବୀର ପ୍ରଭୁଙ୍କ ଏହି ସୃଷ୍ଟିରେ ।
ସିଏ କେଉଁଥିରେ ଗଢ଼ା ବୁଝି ହୁଏନାହିଁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତା ମାତୃତ୍ୱର ଅମୂଲ୍ୟ ପ୍ରେମ
ଆଉ ସଦାବେଳେ ତା'ର ତ୍ୟାଗର ମହିମା
ପୁଣି କରୁଥାଏ ନିଃସ୍ୱାର୍ଥ ପରିଶ୍ରମ ।
ସେଇ ମାଆର ଅସୀମ ଭଲପାଇବା ତା'ର
ବାତ୍ସଲ୍ୟ ମମତାର ନିଦର୍ଶନ
ତାହାରି ପାଦତଳେ ଆଶ୍ରୟ ନେଇଥାଆନ୍ତି
ସବୁ ଦେବାଦେବୀ ଭଗବାନ ।
ମୋ ମାଆର ପଣତ ଜଗନ୍ନାଥଙ୍କ ନେତ
ଆଶୀର୍ବାଦ ପୂର୍ଣ୍ଣ ତା ପାଦର ଧୂଳି
ଜମା ମନ କଷ୍ଟ ହୁଏ ନାହିଁ ସିଏ ଆମକୁ
ଯେତେ ଦେଉଥାଏ ଗାଳି ।
ଜୀବନରେ କେବେହେଲେ ସେଇ ମାଆର
ମନରେ ଦୁଃଖ କଷ୍ଟ ଦେବା ନାହିଁ
ତା ଋଣ କେବେ ଜୀବନରେ ଶୁଝି ପାରିବାନି
ତା ସେବା କରିବା ମନପ୍ରାଣ ଦେଇ ।

ରାହାମା, ଜଗତସିଂହପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମାଆ

କବିତା ଦାଶ



ଜନମ ଦେଇ କଷଣ ସହି
ଦେଲା ସେନେହ ଛୁଆଁ
ହାତ ଧରାଇ ବାଟ ଦେଖାଏ
ସିଏ ତ ଆମ ମାଆ ।

ସକାଳୁ ସଞ୍ଜ  ଥାଏ ସେ ଖଟି
ବିରତି ନାହିଁ ତାର
ଛୁଆର ଟିକେ ଦେହ ଖରାପେ
ଢାଳଇ ଲୁହ ଧାର ।
ରାତି ଅନିଦ୍ରା ହୋଇ ସେବଇ
ହୃଦୟେ କହି ଆହା ।
ସିଏ ତ ଆମ ମାଆ ।

ମାଆ ପାଖରେ ଥିବାଟି ଯେବେ
ଯିବାନି କେବେ ହାରି
ସବୁଠୁ ବଡ ମାଆଟି ଆମ
ନାହିଁ କେହି ତା ସରି ।

ସବୁ ବିପଦ ଯାଏ ଉଭେଇ
ମାଆ ହୋଇଲେ ସାହା ।
ସିଏ ତ ଆମ ମାଆ ।

ମାଆ ପାଦରେ କରିବା ଭକ୍ତି
କେବେ ଭୁଲିବା ନାହିଁ
ସେବାରେ ତାର ଜୀବନ ଦେବା
ହେଳା କରିବା ନାହିଁ ।
ମନେ ରଖିବା ମାଆଟି ଆମ
ପୂଜ୍ୟା ଓ ବନ୍ଦନୀୟା ।
ସିଏ ତ ଆମ ମାଆ ।


ନିରାକାରପୁର, ଖୋର୍ଦ୍ଧା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମାଆ

ମନୋରମା ରାଉତରାୟ



ମାଆ ଶବ୍ଦଠାରୁ ପବିତ୍ର ଶବଦ
ନାହିଁ କିଛି ଜଗତରେ,
କ୍ଷୁଦ୍ର ହେଲେ ମଧ୍ୟ ବ୍ୟାପକ ତା ଅର୍ଥ
ସାର୍ଥକତା ମାତୃତ୍ୱରେ ।

ଦଶମାସ ଦଶ ଦିନ ଗରଭରେ
ଧାରଣ କରଇ ମାଆ,
ନୂତନ ସୃଷ୍ଟିକୁ ସଂସାରକୁ ଆଣେ
କେଡେ ମହାନ ତା ହିଆ ।

ଯନ୍ତ୍ରଣା ଗରଳ ନିତି ପାନକରି
ସାଜଇ ସେ ନୀଳକଣ୍ଠ,
ସବୁ ଦୁଃଖ କଷ୍ଟ ମଥାପାତି ସହେ
ତେଣୁ ସେ ସଂସାରେ ଶ୍ରେଷ୍ଠ ।

ମାଆ ଶିକ୍ଷାଦୀକ୍ଷା ସଂସ୍କାରରେ ଶିଶୁ
ଚଢେ ସଫଳତା ସିଡି,
ଆଦ୍ୟଗୁରୁ ହୋଇ ଶରଧା ବାରୀରେ
ସନ୍ତାନକୁ ଥାଏ ଗଢି ।

ତ୍ୟାଗ ତିତିକ୍ଷାର ପ୍ରତିମୂର୍ତ୍ତି ମାଆ
ବାଣ୍ଟଇ ସ୍ନେହର ସୁଧା,
ତା ନାମରେ ଅଛି ଏତେ ଆତ୍ମୀୟତା
ଘୁଞ୍ଚିଯାଏ ସବୁ ବାଧା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରେରଣା ଦାୟିନୀ କଲ୍ୟାଣମୟୀ ସେ
ପୃଥିବୀଠୁ ମହୀୟାନ,
ଦିବସ ରଜନୀ ଏକାକାର କରେ
ପୀଡିତ ଥିଲେ ସନ୍ତାନ ।

କେତେ ଉପବାସ ବାରବ୍ରତ କରି
ନିତି ପିଟୁଥାଇ ମଥା,
ମାନସିକ ରଖି ଦେବଦେବୀ ପାଶେ
ଜାଳଇ ସଞ୍ଜ ସଳିତା ।

ଯୁଗେ ଯୁଗେ ମାଆ ସ୍ୱାର୍ଥର ଊର୍ଦ୍ଧ୍ୱରେ
କରେ ନିରପେକ୍ଷ ବିଚାର,
ସବୁ ସନ୍ତାନକୁ ଆପଣାର କରି
ପରଷଇ ସ୍ନେହ ଆଦର ।


କୋରାପୁଟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମାଆର ବିକଳ୍ପ ନାହିଁ

ଛବିରାଣୀ ପତି



ମାଆ ନାମେ ଯୋଉ ଦୁଇଟି ଅକ୍ଷର
ଅସୀମ ତା' ଅବଦାନ
ଜନ୍ମଭୂମି ଠୁଁ ବି ଗରୀୟସି ସେହି
ଦେବାଦେବୀ ଠୁଁ ମହାନ ।

ତ୍ୟାଗ ତପସ୍ୟାର ପ୍ରୀତି ମନ୍ଦାକିନୀ
ମଧୁଠୁ ମଧୁର କଥା
ଫୁଲଠୁ ବି ତାର କୋମଳ ହୃଦୟ
ଦେଖାଏନି ନିଜ ବ୍ୟଥା ।

ତା ସ୍ନେହ ଆଦର ପୀୟୂଷ ପରସ
ତା ବକ୍ଷର ସୁଧା ମଧୁ
ଅମୃତ ସମ ସେ ମମତାମୟୀର
ହୃଦୟ ବିଶାଳ ସିନ୍ଧୁ ।

ମର୍ତ୍ତ୍ୟର ଚଳନ୍ତି ଦେବୀ ପ୍ରତିମା ସେ
ଘର କୁ ମନ୍ଦିର କରେ
ବଞ୍ଚିଥିବା ଯାଏ ସେବା ଦେଇଚାଲେ
ମନ ଜାଣି ପେଟ ଭରେ ।

ସବୁଠୁ ସୁନ୍ଦର ନିରାପଦ ସ୍ଥଳ
କେବଳ ତ ମାଆ କୋଳ
ନିଃସର୍ତ୍ତ ନିଃସ୍ୱାର୍ଥ ଶ୍ରଦ୍ଧା ବାଢ଼ିଦିଏ
ନଥାଏ ତା ପ୍ରେମେ ଛଳ ।

ସକଳ ବିଭବ ତା ଆଶିଷ ତଳେ
ନ'ଥାଏ ଡର ଅନ୍ଧରେ
ସର୍ବଂସହା ସେହି ମାଆର ବିକଳ୍ପ
କୋଉଠି ନାହିଁ ସଂସାରେ ।

ମଧ୍ୟଶାସନ, ବିରିଡ଼ି, ଜଗତସିଂହପୁର ।
ଫୋନ୍ -୯୩୩୭୯୬୦୦୬୦

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ମମତାମୟୀ ବସୁମତୀ ମାଆ

ବେଣୁଧର ସୂତାର



ନୀଳ ନୀଳିମାର ମଗ୍ନ ମାଧୁରୀ
କୋଟି ମାଧୁର୍ଯ୍ୟର ଐଶ୍ୱର୍ଯ୍ୟ ପୁରୀ
କୃପାମୟୀ ମାଆ ସେ ଅନ୍ନପୂର୍ଣ୍ଣା
ଓଁକାର ଝଙ୍କାର ମୟୀ ଧରିତ୍ରୀ
ନିର୍ବିକଳ୍ପ ଭାବ ମମତା ପ୍ରୀତି
ଚାରୁ ହାସ୍ୟମୟୀ ସ୍ୱୟଂ ସମ୍ପୂର୍ଣ୍ଣା ।।

ବିବିଧବର୍ଣ୍ଣା ଏ ଧରା ପ୍ରକୃତି
ମଧୁଛନ୍ଦେ ଗାଏ ଜୀବନ ଗୀତି
ଶାଶ୍ୱତର ଅନୁଭବ ନିଆରା
ମହକ ଭରା ଯା ସୃଷ୍ଟି ସ୍ୱାକ୍ଷର
ପ୍ରାଣବନ୍ତ ପରିପୂର୍ଣ୍ଣ ସମ୍ଭାର
ଶାନ୍ତିର ଆସ୍ୱଦ ପ୍ରାଣ ପସରା ।।

ନଦୀ ବନ ଗିରି ପାଦପ ଲତା
ରତ୍ନ ବିଭୁଷିତା ଚାରୁ ଶୋଭିତା
ପ୍ରକୃତି ସୁନ୍ଦରୀ ରୂପ ମାଧୁରୀ
ସ୍ନେହମୟୀ ମାଆ ଅମୃତମୟୀ
ତ୍ୟାଗ ତିତିକ୍ଷାର ବିକଳ୍ପ ନାହିଁ
ପ୍ରାଣ ପ୍ରାଚୁର୍ଯ୍ୟର ସୁଧା ମଞ୍ଜରୀ ।।

ତା ଉଷା ଉଷସୀ ଚମକ ଶୋଭା
ଅୟି ପ୍ରକୃତିର ଲାବଣ୍ୟ ବିଭା
ଶାଶ୍ୱତର ବିରଚନ ମଧୁର
ଶ୍ୟାମଳ କେଦାର ହସ କୁହୁକ
ପ୍ରୀତି ପ୍ରସୂନର ସ୍ନିଗ୍ଧ ମହକ
ଲୁବ୍ଧପଣେ ମୁଗ୍ଧ ମନ ଅଧୀର ।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମଧୁ ଚନ୍ଦ୍ରିକାର ଜ୍ୟୋତ୍ସ୍ନା ଯାମିନୀ
ବନ ଫୁଲ ମଧୁ ମହକ ଘେନି
ପ୍ରାଣେପ୍ରାଣେ ଭରେ ଚାରୁ ଚୁମ୍ବନ
ତନ୍ଦ୍ରା ବିଜଡ଼ିତ ନୟନ ଫାଙ୍କେ
ମୋହ ମୂର୍ଚ୍ଛନାରେ ସପନ ଆଙ୍କେ
ଶାରଲ୍ୟ ଶୋଭିତ ଜୀବନାୟନ ।।

ଭୂମିରୁ ଅମ୍ବର ରୂପ ସମ୍ଭାର
ଉଦଧି ବୁକୁରେ ଉର୍ମି ଅଧୀର
ବୟସ ଢେଉର ମାଦକେ ମାତି
ଅଳି କେଳି ରଚେ ସୁମନ ଅଙ୍ଗେ
ସୁମଧୁର ଗାନେ ଚାରୁ ବିହଙ୍ଗେ
ବିଭାବରୀ ବାଢେ ପ୍ରୀତି ପ୍ରଣତି ।।

ଜଳମଧ୍ୟେ ପୁଣି ସ୍ଥଳେ ଜୀବନ
ଅନୁକମ୍ପାମୟୀ ଅନୁସୃଜନ
ବିଶ୍ୱ କଲ୍ୟାଣୀର ଅନନ୍ତ ଲୀଳା
ଅନ୍ନ ଜଳ ବାସ ଦେଇଛି ଭରି
ସୁଧା ସଞ୍ଜୀବନୀ ପ୍ରାଣ ଲହରି
ଛଳଛଳ ମଧୁ ମମତା ବୋଳା।।

ଚିର ଉଦାର ଏ ଧରଣୀ ମାତା
ଯା, ପାଇଁ ମଧୁର ଜୀବନ ସତ୍ତା
ରଙ୍ଗ ଭୂମି ଏଇ ଭବ ଶୟଳେ
ସବୁଜ ସ୍ୱପ୍ନରେ ପ୍ରାଣ ସଙ୍ଗୀତ
ଗାଉଛି ନିଖିଳ ଜୀବନ ଜଗତ
କୃପମୟୀ ଦିବ୍ୟ ଆଶିଷ ବଳେ ।।

କେଶଦୁରାପାଳ କେନ୍ଦୁଝର
ଦୂରଭାଷ-୯୧୭୮୫୬୮୨୪୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପଚାକୁ ସୁହାଏ ନର୍ଦ୍ଦମାକୁଣ୍ଡ

ବିନୋଦିନୀ ଦାଶ



ଫିଙ୍ଗି ଦିଆଯାଏ ପଚାସଢ଼ା ଚିଜ
ତାହା ପାଇଁ ଲୋଡ଼ା କୁଣ୍ଡରେ
ସେହିଠାରେ ପଚି ଦୁରୁଗନ୍ଧ ଦେଇ
ପରିଣତ ନରଦ୍ଦମାରେ ।

ଘୁଷୁରୀକୁ ମଳ ଲାଗେ ସୁଆଦିଆ
ଅରୁଚି ପାଚିଲା କଦଳୀ
ସୁହାଏ ଗୋଳିଆ ପାଣି କଙ୍କଡ଼ାକୁ
ସମ୍ପର୍କ ନ ପାରେ ବଦଳି ।

ଚୋରୀ କରିବାକୁ ଭଲପାଏ ଚୋର
ଖୋଜଇ ଅନ୍ଧାର ଯାମିନୀ
ଶାଗୁଣା ଖୋଜଇ ନିତି ପଚାମଢ଼ା
ଭୋକିଲା ଆଖିର ଚାହାଣି ।

କଳିହୁଡ଼ୀ ଖୋଜି ଗୋଟିଏ କଥାକୁ
କରି ଦିଅଇ ଦୁଇ କଥା
ଯେପରି ସେକଥା ହୋଇ ପ୍ରସାରିତ
ଭରି ଦେବ ଆନଠି ବ୍ୟଥା ।

ଲମ୍ପଟକୁ ଭଲ ଲାଗଇ ଗଣିକା
ପତ୍ନୀ ଆଖିରୁ ଝରେ ଲୁହ
ଏହିପରି ଯେତେ ସୁହାଇଲା କଥା
ଅଶାନ୍ତିର ବାରତାବହ ।

କୁରୁଆଁ, ମୁଗପାଳ, ଯାଜପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପଚାକୁ ସୁହାଏ ନର୍ଦ୍ଦମାକୁଣ୍ଡ

ଡଃ ନାରାୟଣ ଚନ୍ଦ୍ର ସେନାପତି



ନର୍ଦ୍ଦମା କୁଣ୍ଡଟି ଚାହିଁ ରହିଥାଏ ପଚାକୁ
ଆକୁଳ ନୟନରେ
ରଖିଥାଏ ଦୂଷିତ ଅର୍ଘ୍ୟ ବନ୍ଦାଇବ
ତା ଅପରିଷ୍କାର ଅଗଣାରେ ଶୁଆଇବ
ଆଲିଙ୍ଗନ କରି ଏମିତି ପ୍ରେମ ଢ଼ାଳିଦେବ ଯେ
ସଭିଏଁ କହିବେ
ଚୋର ପରା ଚିହ୍ନି ଦିଏ ଚୋରକୁ
କିଟି କିଟା ଘନ ଅନ୍ଧକାରେ ।

ପଚାକୁ ଦେଖି ସଭିଏଁ ନାକ ଟେକିଲେ ବି
ନର୍ଦ୍ଦମା କୁଣ୍ଡ ସରାଗେ ରଖିଥାଏ ତା ପାଇଁ
ଏକ ସ୍ୱତନ୍ତ୍ର ସ୍ଥାନ
କିଏ କହେ ଘୁଷୁରୀକୁ ଭଲ ଲାଗେ ମଳ
କିଏ କହେ କଙ୍କଡାକୁ ଗୋଳି ପାଣି ନିର୍ମଳ
ହେଲେ ଦୁହିଁଙ୍କ ନିବିଡ଼ତା ଲାଗେ
ଅନାର୍ଯ୍ୟଙ୍କ ହେଉଛି କି ମଧୁ ମିଳନ ।
ପଚା ରହି ପାରେନା ତଟକା ମେଳରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଖୋଜେ ଦୁର୍ଗନ୍ଧର ନିବିଡ ସ୍ପର୍ଶ

ନର୍ଦ୍ଧମା କୁଣ୍ଡ ବି ମାଛି ମଶାଙ୍କୁ ଧରାଇ ମଇଳା

ପଚା ସଢାଙ୍କୁ କରେ ସ୍ୱାଗତ କହି ଆସ ଆସ

ଦୁହିଁଙ୍କ ପରସ୍ପରର ପ୍ରଶଂସାରେ

ପ୍ରକୃତି କରେ ଉପହାସ

ସୃଷ୍ଟି ନଷ୍ଟ ହୁଏ

ମାଧୁର୍ଯ୍ୟ ଲୁହ ଝରାଏ

ଯେବେ ଦୁହିଁଙ୍କ ଆସ୍ଫାଳନରେ

ଉଡୁରୁ ଥାଏ ଅବୈଧ ରାହାସ ।

ଜମ୍ପରା, କେନ୍ଦୁଝର



Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସ୍ୱର୍ଗଦ୍ୱାର

ଅଂଶୁମାନ ମହାପାତ୍ର

ବିନା କାନ୍ଥରେ ଘର ଏକ କରି ତାର ଛାତ ଉପରେ ମୁଁ ବସିଛି
ଚତୁର୍ପାର୍ଶ୍ୱରେ ମୋର ମଞ୍ଜରୀ ବର୍ଣ୍ଣର ଲହରୀ ସବୁ ଉଠୁଛି
ପୂର୍ଣ୍ଣ ନିଦ୍ରାରେ ଦାହ ହେବା ଲାଗି ମର ଶରୀର ଗୁଡା ପଡ଼ିଛି
ସମୀର ସ୍ୱର୍ଶରେ ଏକି ଶିଥିଳତା ସ୍ୱର୍ଗ ଦ୍ୱାର ପରି ଲାଗୁଚି
ଗେରୁଆ ରଙ୍ଗର ଲହରୀରୁ ଆଜି ଏକି ଧୁମ ବାହାରୁଛି
ନୀଳ ଆକାଶରେ କଳା ରଙ୍ଗ ମିଶି ମଳିନ ମଳିନ ଦିଶୁଛି ।
ଘିଅ ସଳିତା ପରି ପାଞ୍ଚଭୂତର ଶରୀର ଅଗ୍ନିର ବାହୁରେ ଲୀନ ହେଇଛି
ଚାରିଆଡେ ଖାଲି ଓମ୍ ଶାନ୍ତି ଓମ୍ ଶାନ୍ତି ଶୁଭୁଛି ।
ଅଚିହ୍ନ ଆତ୍ମ ପାଇ ଅଜଣା ଲୋକରେ ସ୍ୱର୍ଗକୁ ପ୍ରସ୍ଥାନ ପଞ୍ଛିଛି ।
କିଶୋର କିଶୋରୀ ବୃଦ୍ଧ ଯୁବକ କେଜାଣେ କାହାର ବୟସ
ଶ୍ୱେତ ରଂଗ ପରିଧାନ ସଭିଏ ସୋଇଛନ୍ତି ନୟନ ଦେଖୁଛି ଏ ଦୟସ
ରଖିଥିବେ କେତେ ଧନ ଦୌଲତ ରଖିଥିବେ କେତେ ଯଶ
ରହିନାହିଁ କିଛି ରହିବ ବି ନାଇ ଧୁଆରେ ଉଦେଇ ପାଉଁଶ କରିବା ଏ ନିଆର ଧାସ
କିଏ କରିଥିବା କେତେ କୁମାମ ଆଉ
କରିଥିବା କିଏ କେତେ ମହତ କାମ
ଶ୍ୱେତ ବସ୍ତ୍ର ଧରି ଶୋଇଛନ୍ତି ଯୁଇରେ ଶୁଭୁଚି କେବଳ ସତ୍ୟ ହେଲା ରାମ ନାମ
ଏଇତ ସେଇ ସରଗ ଦୁଆର କେତେ ଗରିମା ଯାହାର
ଜୁଇ କାଠ ଉପରେ ସୋଇ ରହି ଆଜି ଗାଉଛି ତ ଗୁଣ ହଜାର

କୋରେଇ, ଯାଜପୁର, ଓଡ଼ିଶା, ୯୯୩୭୦୩୨୫୬୦

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଅରଣ୍ୟକାଣ୍ଡରୁ ପଦେ...

ରାମ ପ୍ରସାଦ ସିଂହ



ରାକ୍ଷସ ବିନାଶ ଉଦ୍ଦେଶ୍ୟ,

ପ୍ରଭୁଙ୍କ କର୍ତ୍ତବ୍ୟ ଅବଶ୍ୟ....

ଦଣ୍ଡକାରଣ୍ୟ ସାଜେ ନର୍କ

ରାକ୍ଷସ ଗଢୁଥନ୍ତି ତର୍କ...

ଋଷିଙ୍କ ଯଜ୍ଞରେ ବିରୋଧ,

ରାକ୍ଷସ ଦିଅନ୍ତି ଦରଦ...

ସଂହାର ଅନେକ ପାପୀଙ୍କ

ଧର୍ମର ବୃଦ୍ଧିରେ ତ ଅଙ୍କ...

ସ୍ଥାନେ ସ୍ଥାନେ ଋଷି ଆଶ୍ରମ

ଯଜ୍ଞର ଧ୍ୱନିରେ କମ୍ପର୍ଣ୍ଣ....

ସୁତିକ୍ଷଣ, ଅଗସ୍ତ୍ୟ ଋଷି

ଧର୍ମର ପ୍ରତିକ ପ୍ରକାଶି....

ସୀତାରାମ...

ସୁକରପଡ଼ା, କଟକ

୯୫୭୪୫୬୦୫୬୪

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଅକ୍ଷୟ ତୃତୀୟା

ପୁଷ୍ପଲତା ମିଶ୍ର



ବଇଶାଖ ମାସ ଶୁକଳ ତୃତୀୟା
ଅକ୍ଷୟ ତୃତୀୟା ଜାଣ,
ସବୁ ଶୁଭାଶୁଭ କରାଯାଇଥାଏ
ତିଥିରେ ସେହି ସମ୍ପୂର୍ଣ୍ଣ ।।
କୃଷକ ଭାଇ ଟି ଅଖି ମୁଠି ନେଇ
କ୍ଷେତକୁ ସେ ଯାଇ ଥାଇ ,
ନୂଆ ବସ୍ତ୍ର ପିନ୍ଧି ସୁବର୍ଣ୍ଣରେ ଧୋଇ
କ୍ଷେତରେ ଶସ୍ୟ ବୁଣଇ ।।
ଅକ୍ଷୟ ତୃତୀୟା ଦିନରେ ଆରମ୍ଭ
ଚନ୍ଦନ ଯାତ୍ରାର ବିଧି ,
ନାବରେ ଖେଳନ୍ତି ମଦନ ମୋହନ
ଶୁଭ ଅନୁକୂଳ ରଖି ।।
ନୂତନ ଗୃହର ଶୁଭାରମ୍ଭ ହୁଏ
ବ୍ରତ ବିବାହର ଘର,
ଅକ୍ଷୟ ତୃତୀୟା ତିଥି ଶୁଭଙ୍କର
ଶୁଭ ହୁଅଇ ବିଚାର ।।

ମହାଭାରତର ଧରମର ଯୁଦ୍ଧ
ହୋଇଥିଲାଟି ସମ୍ପୂର୍ଣ ,
ସତ୍ୟର ବିଜୟ ଅସତ୍ୟ ବିନାଶ
ବିଶ୍ୱାସରେ ବନ୍ଧା ପୁଣ ।।
ରଥ ଅନୁକୂଳ ହୁଏ ଏହି ଦିନ
ପ୍ରଭୁଙ୍କର ଆଜ୍ଞା ପାଇ,
ପ୍ରଭୁ ଜଗନ୍ନାଥ କରିବେ ଯାତରା
ଗୁଣ୍ଡିଚାରେ ବେନି ଭାଇ ।।

ଭୁବନେଶ୍ୱର
୯୩୩୮୨୯୪୬୫୭

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଜୀବନର ରାସ୍ତା ତ ସଂକ୍ଷିପ୍ତ

ବିଶ୍ୱନାଥ କର



ଜୀବନର ରାସ୍ତା ତ ସଂକ୍ଷିପ୍ତ
କାଲି ଓ ଆଜିର ମାୟାର ଆବର୍ତ୍ତ
ଆଜି ସରିଗଲେ କାଲିତ ଅଚିହ୍ନା
ଆଖିର ଲୁହ ଓ ଓଠର ହସକୁ ମିଶେଇଦେଲେ ଯାଏ ।
ଜୀବନର ଚଲା ପଥରେ
ସମୟର ପାଖେ ସିଇଁଲେ ଆରପାଖ ଦରକି ଯାଏ
ପ୍ରତିଦିନ ମରିବାକୁ ପଡେ  ମଉଳା ଖରାରେ
ଘରସାରା ଖେଳୁଥିବା ସକାଳ ଆଲୁଅ
ଅନ୍ଧାରରେ ମିଶିଯାଏ ଦିନେ ।

ଜୀବନର ସବୁ ସ୍ୱପ୍ନ ନିଜର ଆୟତ୍ତ ହୀନ
ଯୌବନ ମଳୟ ଦିନେ ରଙ୍ଗ ହୀନ ଗନ୍ଧହୀନ
ହୁଏ ଶ୍ରୀହୀନ ପବନ
ସ୍ୱାଦହୀନ ଜୋଛନା ଅମୃତ
ଟିକେ ବୁଝିଗଲେ ଯାଏ
ଜୀବନର ରାସ୍ତା ତ ସଂକ୍ଷିପ୍ତ
ଆଖିର ଲୁହକୁ ଓଠରେ ଶୋଷିନେଲେ ଯାଏ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରାସ୍ତାର ଖାଲ ଢିପକୁ ବୁଝିଗଲେ ଯାଏ ।

ଫଗୁଣର ଖୋଲା ଜହ୍ନ
କେବଳ ରାତିଟିଏ ତା'ର
ଆଉ ମୁଠାଏ ଆୟୁଷ ମାଗିଲେ ବି
ପର ସକାଳର ଅପେକ୍ଷାରେ ତମାମ ରାତିଟା ମରେ
ସମୟର ବାଲିରେ ପଦଚିହ୍ନ
କିଛି ଯାଏ କିଛି ରହେ
ସମୟର ଦୁର୍ବୋଧ୍ୟ ଭାଷାକୁ ଟିକେ ବୁଝିଗଲେ ଯାଏ ।
ମୁଖା ଖସିଯିବ ଦିନେ
ଫେରିବାକୁ ପଡିବ ଅସଲ ମୁହଁରେ
ଅହମିକା ଭୁଲି
ମୁଦା ଲଫାପାରୁ ସବୁ ଋତୁଙ୍କୁ କାଢି
ଅଧା ଛାଇ ଅଧା ଖରାକୁ ଅଙ୍ଗେ ନିଭେଇଦେଲେ ଯାଏ
ମରି ମରି କେମିତି ବଞ୍ଚିବ ମିଛ ଭରସା ଦୋଳାରେ
ଟିକେ ବୁଝିଗଲେ ଯାଏ
ଜୀବନ ଏକ ସଂକ୍ଷିପ୍ତ ରାସ୍ତାର ନଉକା
ଟିକେ ହେଜିଗଲେ ଯାଏ ।

ସାଇ କଲୋନୀ, ଦେଉଳ ସାହି, ତୁଳସୀ ପୁର, କଟକ ୭୫୩୦୦୮
ସମ୍ପର୍କ : ୯୭୭୬୩୩୨୭୩୯ ମେଲ୍ biswanathkar1956@gmail.com



Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସେତିକି ଥିଲା ସେ ବାଟ

ପୁରିତ ରଣା



ବାଟ ଚାଲୁ ଚାଲୁ ପଛକୁ ଯେବେ ଚାହେଁ
କିଛି ଆଉ ଦେଖାଯାଏ ନାହିଁ କେବଳ ଶୂନ୍ୟ
ଏ ଜନ୍ମରେ ତମ ସହ ଏ ବାଟ ବାସ୍ ଏତିକି ...
ଏ ଜନ୍ମରେ କେବେ ଯେମିତି
ଆମର ଦେଖା ଆଉ ନହେଉ
ଭେଟାଭେଟି ହେବାର ପ୍ରଶ୍ନ ତ ଉଠୁନି ?
ସେଦିନର ବିଶ୍ୱାସ ହାତ
ଯେମିତି ମଉଳି ଗଲାଣି
ଆଜି କାଲି ପ୍ରତିଦିନ
ଯେମିତି ବହୁଦୂର ହେଇ ଗଲାଣି ।

ସମୟ ଏହି ଚକ୍ରବ୍ୟୁହରେ
କେବଳ ଯେ ତୁମେ ଏକା ଛନ୍ଦି ହୋଇଛି ତାହା ନୁହେଁ
ମୋ ଅବସ୍ଥା ବି ଠିକ୍ ଅଭିମନ୍ୟୁ ପରି
ଏହି ଜୀବନ ରୂପକ ଚକ୍ରବ୍ୟୁହକୁ
ଭେଦି ନପାରିଲେ ସବୁ ଅସ୍ତିତ୍ୱ
ସତେ ଯେମିତି ନିଖୋଜ ହେଇଯିବ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତୁମ ପାଇଁ ନିର୍ମାଣ କରିଥିବା

ସେ ପ୍ରେମ ମନ୍ଦିର କ୍ରମଶଃ ଭାଙ୍ଗିଯିବ

ଏ କଥାଟା କୁ ହୁଏତ ଏ ମନ

କେବେ ଗ୍ରହଣ କରି ପାରୁନ ଥିଲା,

ଦୁଇହାତ ଦିନେ

ଏକୁଟିଆ ହୋଇ ବାଟ ଚାଲିବ

ହୁଏତ ତାହା ମୋ ପାଇଁ

ଏତେ ସହଜ ନଥିଲା

କିନ୍ତୁ ଧୀରେ ଧୀରେ

ଏକା ଚାଲିବାର ରାସ୍ତାକୁ ଯେ

ମୁଁ କେବେ ନିଜର କରିନେଲି ତାହା ମୁଁ ମଧ୍ୟ ଜାଣିନି ।

ବାସ୍ ଏତିକି... ଜୀବନର ଏ ବେଳାଭୂମିରେ

ପାରୁ ପର୍ଯ୍ୟନ୍ତ ଚାଲୁଥିବା...

କିନ୍ତୁ ମୋ ସହ ହାତ ବଢେଇବାର ଆଶା

କେବେ ଯେମିତି

ତୁମ ପଥଭ୍ରାନ୍ତ ମନରେ ନ ଆସୁ ?

କାହିଁକି ନା ଏ ପାଦ ଆଉ

ପଛକୁ ଫେରିବାର ବାଟ ଭୁଲି ସାରିଛି।

ନାମ - ପୁରିତ ରଣା , ଗ୍ରାମ - ଜାମପଡ଼ା , ଜିଲ୍ଲା - ବଲାଙ୍ଗୀର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଆରତୀ

ଆରତୀ ଗୌଡ଼

ଈଶ୍ୱରଙ୍କ ନାମ ଗାନ କରିବାକୁ ।
ଆରତୀ ସର୍ବେ କୁହନ୍ତି ।
ଆରତ ଜନ ଯେ ତୁମ ସ୍ପର୍ଶ ପାଇବାକୁ ।
ଆତୁର ନିତି ହୁଅନ୍ତି
ପ୍ରତି ସଞ୍ଜ ଧ୍ୟାନ ପ୍ରାତଃ ସମୟେ ।
ଜଳେ ଈଶ୍ୱର ଙ୍କ ପାଶେ ।
ଈଶ୍ୱର ଙ୍କ ପାଶେ ନିତି ଜଳିବାକୁ ।
ମନେ ମୋ କୃତଜ୍ଞ ଆସେ ।
ଧନ୍ୟ ଅଟେ ମୁଁହିଁ ଏହି ନାମ ପାଇ ।
ଧନ୍ୟ ମୋର ମାତା ପିତା ।
ତୁମରି ଜଗତ ସେବା କରିଗଲେ ।
ହେବି ମୁଁ ଜଗତ ଜିତା ।
ନୀତି ଜନସେବା କରିବି ହେ ପ୍ରଭୁ ।
ଦିଅ ଏହି ସଦବୁଦ୍ଧି ।
ତୁମରି ଭଜନ କରୁଥିବି ନିତି ।
ମୁଁ ପରା ଅଟେ ଆରତୀ ।
ମୁଁ ପରା ଅଟେ ଆରତୀ ।

ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ,
ବ୍ରହ୍ମପୁର ଗଞ୍ଜାମ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# କାଳିଆ ରଜା

ନଳିନୀ ଦାଶ



ଶିରୀକ୍ଷେତ୍ର ଧାମେ ରତ୍ନ ସିଂହାସନେ
ବସିଛି କାଳିଆରଜା
ରତନ ମୁକୁଟ ପିନ୍ଧିଛି ମୁଣ୍ଡରେ
ଫୁଲରେ ହୋଇଛି ସଜା ।
ଆହା କି ସୁନ୍ଦର ଠାଣି ମାଣି ତାର
ତା ରଙ୍ଗ ଅଧର ହସ
ସେ ହସରେ ପରା ଜଗତ ଜନଙ୍କୁ
କରି ଦେଉଅଛି ବଶ ।
କଳାବଦନକୁ ନଦେଖିଲେ ଥରେ
ମନରେ ବିରସ ଲାଗେ
ଆଖି ସାଥେ ଆଖି ମିଶିଗଲେ ଥରେ
ଅପୂର୍ବ ଆନନ୍ଦ ଜାଗେ ।
ତୁଳସୀ ଦୟଣା ପିନ୍ଧିବା ପାଇଁକି
ଜଗାର ଶରଧା ଭାରି
ଷାଠିଏ ପଉଟି ଖଞ୍ଜା ହୋଇଅଛି
ଖାଇଥାଏ ମନ ଭରି ।

ରତନ ବେଦୀରେ କାଳିଆ ବସିଛି
ଭାଇ ଭଉଣୀଙ୍କୁ ଧରି
ଜଗତଜନଙ୍କ ଦୁଃଖ ବୁଝୁଅଛି
ସିଏ ପରା ଦୁଃଖ ହାରି ।
କୋଟି ଓଡ଼ିଆଙ୍କ ଠାକୁର କାଳିଆ
ଡାକନ୍ତି ଭକତ ନିତି
ଭକ୍ତିରେ ଡ଼ାକିଲେ ଦୁଃଖ ବୁଝିଥାଏ
ଦୂରେଇ ଯାଏ ଦୁର୍ଗତୀ ।

ଭିକାରିପଡା, ଶରଣକୁଳ, ନୟାଗଡ଼ ।
ମୋ—୯୨୩୮୯୯୬୬୪୯

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଅଭିଯୋଗ

ଜିତେନ୍ଦ୍ର ସାହୁ



ଘୋର ଅନ୍ଧକାର ଘଟିଛି ଜଗତେ
ତୋତେ କାହିଁ ଦିଶୁ ନାହିଁ
ରତ୍ନ ସିଂହାସନ ଉପରେ ବସିଚ
କାହିଁକି ଜଗତ ଗୋସାଇଁ ।

ତୋତେ ଦେଖିବାକୁ ଭକତ ମାନଙ୍କ
ଧାଡ଼ି ବଡି ବଢ଼ି ଯାଏ
ଧନ ଥିବା ଲୋକ ଅତି ସହଜ
ତୋର ଦର୍ଶନ ପାଏ ।

ତୋ ପାଇଁ ପଣ୍ଡା ଯେ ବାଢ଼ି ଦେଇଛନ୍ତି
ଷାଠିଏ ପଉଠି ଭୋଗ
ମା ର ମମତା ମାରିଗଲାଣି କି
ଦିଶୁନି ଛୁଆର ଭୋକ ।

ରକ୍ଷକ ଏଠି ରାକ୍ଷସ ସାଜିଛି
ଶୁଣେନି ଜନତା ଦୁଃଖ
ତୋରି ଆଗରେ ଦୁଃଖୀ ଦୁଃଖ ପାଏ
ଧନୀ ର ସରେନି ସୁଖ।

ଧନ ବଳେ ଏଠି ଦୋଷୀ ମୁକ୍ତ ହୁଏ
ନିର୍ଦ୍ଦୋଷୀ ପାଉଛି ଦଣ୍ଡ
ପର ପୁରୁଷଙ୍କ ପିରତି ନିଶାରେ
ସ୍ୱାମୀ ଥାଉ ଥାଉ ରାଣ୍ଡ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜଗତ ଠାକୁର ତୁମେ ମହାପ୍ରଭୁ
କଳ୍କୀ ରୂପ କେବେ ନେବ
ପାପ ଭାର ବଢ଼ି ଯାଉଛି ପ୍ରଭୁହେ
ଜଗତ ଉଦ୍ଧାର ହେବ ।

ଘୋର ଅରଣ୍ୟରୁ ଗଜ ଡ଼ାକ ଶୁଣି
ତୁମେ କରିଛ ଉଦ୍ଧାର
ଅର୍ଜୁନ ରଥରେ ସାରଥୀ ସଜିଲ
ରଚି କୁରୁକ୍ଷେତ୍ର ସମର ।

ଭଦ୍ର ମୁଖା ପିନ୍ଧା ଅଭଦ୍ର ମଣିଷ
କହୁଛି ନିଜକୁ ସାଧୁ
ଅଭିଯୋଗ ମୋର ଲେଖି ପଠାଉଛି
ଶୁଣ ଆହେ କୃପାସିନ୍ଧୁ।

ତୁମେ ପରା କୁହ ଜାତି, ଧର୍ମ ,ବର୍ଣ୍ଣ
ତୁମ ପାଖେ କିଛି ନାହିଁ
ନିରୀହ ଜୀବନ ଯାଏ ଧର୍ମ ନାମେ
ତୁମକୁ କି ଜଣା ନାହିଁ ।

ଧଳା ଘୋଡ଼ା ଚଢ଼ି ଆସ ହେ ଠାକୁର
ବାରହାତ ଖଣ୍ଡା ଧରି
ପାପୀ ନାଶ କର ଏ ଘୋର୍ ଜଗତୁ
ଜଗତ ଯିବ ଉଧାରି ।

ଏହି ଅଭିଯୋଗ ତୋ ପାଦ ପଦ୍ମରେ
ଦେଉଳ ବାହାରେ ରହି
ଦେଉଳ ବାହାରୁ ଡାକୁଛି ବୋଲିକି
ତୋତେ କିମ୍ବା ସୁଗୁ ନାହିଁ ।
ହେ କଳା ଠାକୁର  ତୋତେ କିମ୍ବା ଶୁଗୁ ନାହିଁ

ପାଇକ ଯମୁନା,ଗଞ୍ଜାମ
୯୦୨୫୨୭୧୩୯୬

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଭୁଲ

ନୂତନ କୁମାର ବେହେରା



ଜାଣୁ ଜାଣୁ ଅବା ନିଜର ଅଜଣାତରେ
କେବେ କେବେ କେମିତି ହୋଇଯାଏ ଭୁଲ୍
କଥା କଥାରେ..ଭାବ ବିନିମୟ ମଧ୍ୟରେ
ବୁଝିବାରେ ବୁଝାଇବାରେ କି ପଢ଼ା ଲେଖାରେ
ସନ୍ତୁଳିତ ମନର ବିଚାରରେ ହୁଏ ଅବକ୍ଷୟ
ସୁସ୍ଥ ମସ୍ତିଷ୍କରେ ନେଇ ହୁଏ ନାହିଁ ଠିକ୍ ନିଷ୍ପତ୍ତି
ଯା' ଲାଗି ଜଣେ ସହେ ବହୁ ମୂଲ୍ୟର କ୍ଷତି
ପରିଣାମର ପ୍ରତିକୂଳରେ କରେ ଅନୁତାପ
ମଣିଷ ମାତ୍ରକେ ସାଧାରଣତଃ ହୋଇଥାଏ ଭୁଲ୍
ମାତ୍ରାଧିକ ଭୁଲ୍ ଟାଣି ନିଏ ବିବଶତାକୁ
ହଜେ ମାନସିକ ଶାନ୍ତି ନଷ୍ଟ ହୁଏ ଆତ୍ମମର୍ଯ୍ୟାଦା
ବ୍ୟକ୍ତିତ୍ୱର ବିକାଶରେ ଚରିତ୍ର ଗଠନରେ
ଆସେ ନାନା ପ୍ରକାର ଅନିଚ୍ଛାକୃତ ଅନ୍ତରାୟ
ସେ ଖାପ୍ ଖୁଆଇ ଚଳିବାକୁ ସମାଜରେ
ବାରମ୍ବାର ଝୁଣ୍ଟି ପଡ଼େ ଜୀବନର ବାଟରେ
ସଂକଳ୍ପ ରଖି ପାରେନା କରେ ପ୍ରବଞ୍ଚନା
ସଂପର୍କ ଭାଙ୍ଗେ ରହେ ଆଶଙ୍କା ସନ୍ଦେହରେ
ନିଜ ଭୁଲ୍ ନିଜେ ଧରି ଯିଏ ସୁଧାରି ନିଏ
ଅଭ୍ୟାସ କ୍ରମରେ ଆଗକୁ ହୁଏନା ବେଶି ଭୁଲ୍

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେ ସଚେତନ ହୁଏ କରେ ଯା' ଭାବି ଚିନ୍ତି
କେହି ଶୁଭାକାଂକ୍ଷୀ ଆତ୍ମୀୟ ଦର୍ଶାଇଲେ ଭୁଲ୍
ଉଦାର ହୃଦୟବାନ ଗ୍ରହଣ କରି ସୁଧାରେ
ଅନୁସରଣ କରେ ନ୍ୟାୟ ନୀତି ଆଦର୍ଶକୁ
କେହି କେହି କରିଥାନ୍ତି ଅସ୍ୱୀକାର ଅହମିକାରେ
ଯୁକ୍ତି କରନ୍ତି ନିଜକୁ ଠିକ୍ ପ୍ରମାଣିତ କରିବା ପାଇଁ
ଭୁଲ୍ ତ ଭୁଲ୍...ଠିକ୍ ହୁଏନା କା'ର ଯୁକ୍ତି ତର୍କରେ
ଭୁଲ୍ କରିଥିବା ବ୍ୟକ୍ତିଟି ସୁଧୁରି ଗଲେ ନିଜେ
ସବୁଠାରୁ ବେଶି ଉପକୃତ ହୋଇଥାଏ ସେ
ଏ ଭୁଲ୍ ର ତର୍ଜମାରେ ହୁଏ କେତେ ବିଭ୍ରାଟ
ଭୁଲ୍ ତ ଆପେ ଆପେ ହୁଏନା କେବେ ଠିକ୍
ଦୁଇ ବା ଅଧିକଙ୍କ ସହିତ ବୁଝାମଣା ରହେ ଭୁଲ୍
ନିଜର ଭୁଲ୍ ବୃକ୍ଷ ପରି ଶାଖା ପ୍ରଶାଖା ମେଲେ
ତାର ସାଙ୍ଗସାଥୀ ହୁଅନ୍ତି ଈର୍ଷା ହିଂସା ଘୃଣା
ମନ ତାର ପ୍ରଭାବିତ ହୁଏ ନକରାତ୍ମକ ଦିଗକୁ
ଗଠନାତ୍ମକ ଉତ୍ତମ ଚିନ୍ତାଧାରା ହୁଏ ଭଙ୍ଗୁର
ଅଧୋପତନ ଆଡ଼କୁ ଗତି କରି ଚାଲିଥାଏ ସେ
ନିଜକୁ ଆଉ କରି ପାରନା ନିୟନ୍ତ୍ରଣ ସହଜରେ
ଅମୀମାଂସିତ ରହିଯାଏ ତାର ଭିତରର ଭୁଲ୍
ଶେଷରେ ନିଜେ ନିଜକୁ ବି କରି ପାରେନା କ୍ଷମା
ଭୁଲ୍ ସୁଧାରି ଚାଲିବା ହିଁ ଜୀବନର ସାଧନା ।

କୋହି, ବାରିପଦା, ମୟୂରଭଞ୍ଜ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ନବଗୁଞ୍ଜର

ସ୍ନିଗ୍ଧାରାଣୀ ପଣ୍ଡା



ନବଗୁଞ୍ଜର ଯେ ଭିନ୍ନ ଏକ ରୂପ ମହାପ୍ରଭୁ ବିଷ୍ଣୁଙ୍କର,
ଦେଖାଇଥିଲେ ସେ ମହାଭାରତରେ ଅର୍ଜୁନଙ୍କୁ ଯେ ସତ୍ୱର ।।

ଶିରରେ କୁକ୍କୁଟ, ମୟୂରର ବେକ ଦିଶେ ଯେ ଅତ୍ୟନ୍ତ ଶୋଭା;
ହସ୍ତୀ, ବ୍ୟାଘ୍ର, ମୃଗ ପଦ ନେଇ ପୁଣି ପ୍ରଭୁ ଯେ ହୋଇଲେ ଉଭା ।।

ମନୁଷ୍ୟର ହସ୍ତ ଧାରିତ ଯେ ଏକ ପିଠିରେ ବୃଷଭ କୁବ୍ଜ,
ଅଣ୍ଟାରେ ଯେ ସିଂହ, ସର୍ପର ଲାଙ୍ଗୁଡ଼ ରୂପ କରିଲା ସହଜ ।।

ପ୍ରଭୁ ଅନ୍ତର୍ଯ୍ୟାମୀ ଧରି କେତେ ରୂପ କରୁଛନ୍ତି ଲୀଳାଖେଳା,
ନବଗୁଞ୍ଜର ଯେ ଅପୂର୍ବ ସେ ରୂପ ଧନ୍ୟ ହୋଇଗଲା ଧରା ।।

ଶକ୍ତି ଓ ସାହସ ପୁନଶ୍ଚ ଜାଗୃତି ସୂଚନା କୁକ୍କୁଟ ଦିଏ,
ମସ୍ତକେ ଧାରଣ କରି ତାକୁ ପ୍ରଭୁ ଧନ୍ୟ ପୁଣି କରିଦେଲେ ।।

ହସ୍ତୀ ପଦେ ପୁଣି ରହିଛି ଯେ ଶକ୍ତି, ବ୍ୟାଘ୍ର ଦେଉଛି ସାହସ;
ମୃଗ ହେଲେ ଗତି; ମଣିଷ ହେଉଛି ବୁଦ୍ଧି, ଜ୍ଞାନର ପ୍ରତୀକ ।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମୟୂର ଯେ ପ୍ରେମ ଆଉ ଆକର୍ଷଣ ପୁଣି ସୁନ୍ଦରତା ଶୋଭା,
ବୃଷଭ ହେଉଛି ଶକ୍ତି, ସ୍ଥିରତା ଓ ଧୈର୍ଯ୍ୟର ଗୁଣରେ ଉଭା ।।

ସିଂହ ପୁଣି କରେ ଶକ୍ତି, ସାହସ ଓ ଗର୍ବରେ ଯେ ପରିପୂର୍ଣ୍ଣ;
ନାଗସର୍ପ କରେ ଜ୍ଞାନ, ସୁରକ୍ଷା ଓ ସଂରକ୍ଷଣ ଯେ ଧାରଣ ।।


ସେ ନବଗୁଞ୍ଜର ଅତି ଚମତ୍କାର ପ୍ରଭୁଙ୍କର ଯେ ଭୂଷଣ,
ସର୍ବ ପ୍ରାଣୀଙ୍କୁ ଯେ ଧାରଣ କରିଣ କରିଛନ୍ତି ଆଭୂଷଣ ।।

ସ୍ନିଗ୍ଧାରାଣୀ ପଣ୍ଡା
ନରସିଂହପୁର, କଟକ, ଓଡ଼ିଶା

Listen to Odia Podcast Original at https://youtube.com/@drjyotiprasad

# ପହିଲି ପ୍ରୀତିର ସ୍ପର୍ଶ

ଶୁଭସ୍ମିତା ପ୍ରଧାନ



ପହିଲି ପ୍ରେମର ପହିଲି ଏ ଛୁଆଁ
ପହିଲି ପ୍ରୀତିର ସ୍ପର୍ଶ,
ଅନୁଭୂତି ସବୁ ଲାଗେ ନୂଆ ନୂଆ
ଚତୁଃପାର୍ଶ୍ୱେ ତୁମେ ଦିଶ ।

ସପନରେ କେବେ ଆସି ମୋର ସାଥୀ
ଚୁପି ଚୁପି କହିଗଲ,
ପ୍ରେମର ରଙ୍ଗରେ ଭିଜେଇବ ବୋଲି
ଭାବରେ ହଜେଇ ଦେଲ ।

ଫଗୁର ଅବିରେ ରଙ୍ଗ ବୋଳି ଦେଇ
ଚାଲିଗଲ ଛୁଇଁ ଦେଇ,
ସେଇ ଦିନରୁ ମୁଁ ଅପେକ୍ଷାରେ ଅଛି
ବାଟକୁ ତୁମର ଚାହିଁ ।

ସାଜିବନି ସାଥୀ କେବେ ଅନ୍ତରୀକ୍ଷ
ଧରିତ୍ରୀ ଯିବି ମୁଁ ହୋଇ,
ଦିବା ରଜନୀ ମୁଁ କେମିତି ରହିବି
ଏତେ ଦୂରତାରେ ଥାଇ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭୁଲ ଯଦି କେବେ ଅଜାଣତେ ହୁଏ
ହେବ ନାହିଁ କ୍ରୋଧାନ୍ୱିତ,
କାନ ଧରି ମୋର ବୁଝାଇବ ସାଥୀ
ମୋ ହାତରେ ରଖି ହାତ ।

କଣ୍ଟକିତ ପଥ ପ୍ରେମ ଜାଣିଥିଲି
ଦୁନିଆ ଦିଅଇ ବାଧା,
ଯେଉଁ ପ୍ରେମ ପାଇଁ ରାଧାରାଣୀ ଦିନେ
ପାଇଥିଲେ ଲୋକ ନିନ୍ଦା ।

ଭାବିଥିଲି କେବେ ସାଜିବିନି ରାଧା
କାନ୍ଦିବିନି କେବେ ମୁହିଁ,
କଳାକାହ୍ନୁ ହୋଇ ଚିତ୍ତ ଚୋରେଇଲ
ସବୁକିଛି ତୁମ ପାଇଁ ।

ଧରିଛ ଯଦି ଏ ହାତ ଛାଡ଼ିବନି
କଥା ଦିଅ ମଥା ଛୁଇଁ,
ସାରା ଜୀବନ ମୋ ସାଥେ ରହିଥିବ
ମୋ ଦେହର ଛାଇ ହୋଇ ।

ଢେଙ୍କାନାଳ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ବଦଲା ନିଅ

ଆକୁଳାନନ୍ଦ ପୃଷ୍ଟି



ରାମ ରାଇଜରେ ଭ୍ରମ ସୃଷ୍ଟି କରି
ଶାସନ ଗାଦିରେ ଚାଚା ବସିଲେ
ଜିନ୍ନା ତାଙ୍କ ଭାଇ ପାକିସ୍ତାନ ନେଇ
ଭାଇରୁ ଭଗାରି ଜିନ୍ନା ବନିଲେ ।

ଅବିଚ୍ଛେଦ୍ୟ ଅଙ୍ଗ ଜମ୍ମୁ କାଶ୍ମୀରକୁ
ଶେଖ୍ ଅବଦୁଲାକୁ ଦେଲେ ଧରାଇ
ବିଷ ମଞ୍ଜି ପୋତି ସିନ୍ଧୁ ଜଳ ସିଞ୍ଚି
ଧାରା ୩୭୦ ଦେଲେ ଲଗାଇ ।

ବଲୁଚିସ୍ଥାନକୁ ଦାନ କରି ଦେଲେ
ଏହା ଥିଲା ଆମ ଅଂହିସା ମନ୍ତ୍ର
ଅଂହିସାରୁ ଅ ହେଲାଣି ଅନ୍ତର
ଏବେ ଘଟିଚାଲେ ରକ୍ତପାତ ।

ପିଇବାକୁ ପାଣି ଖାଇବାକୁ ରୁଟି
ପିନ୍ଧିବାକୁ ନାହିଁ ଖଣ୍ଡିଏ ବସ୍ତ୍ର
ଭାରତରେ ପଶି ଆତଙ୍କ ରଚୁଛି
ମରିବା ଆଗରୁ ଚଳାଇ ଅସ୍ତ୍ର ।

ନୋବେଲ ବିଜେତା ଇଉନିସ ମିଆଁ
ସଇତାନ ସହ ମିଳାଇ ହାତ
ହିନ୍ଦୁ ନର ମେଧ ଯଜ୍ଞ ରଚିଲାଣି
ହାଣ୍ଡିରେ ନାହିଁ ତା ପଖାଳ ଭାତ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପହଲଗାଓଁ ରେ ଯାହା ଘଟାଇଲେ
ଧର୍ମ ପଚାରି ମାରିଲେ ଗୁଳି
ପୁତ୍ର ପତ୍ନୀ ଆଗେ ତୀର୍ଥଯାତ୍ରୀ ସବୁ
ପୋକ ମାଛି ପରି ପଡ଼ିଲେ ଟଳି ।

କେତେ ଦିନ ହିନ୍ଦୁ ଅଂହିସା ଘୋଷିବ
ପୋଷିବ ସାପଙ୍କୁ କ୍ଷୀର ପିଆଇ
ବିଷଧର କଣ ବିଷହୀନ ହୁଏ
ଭୋଳାଶଙ୍କରଙ୍କ ଗଳାରେ ଥାଇ ।

ହିନ୍ଦୁ ବିରୋଧୀ ଯେତେ ନରାଧମ
ହୁଅନ୍ତୁ ସେ ନେତା ଅବା ଜନତା
ହଟାଅ ଦେଶରୁ ଯେତେ ଶୀଘ୍ର ପାର
ଘଟିବା ଆଗରୁ ଅରାଜକତା ।

ଇସ୍ରାଏଲ ପରି ବଦଲା ନିଅ
ରକ୍ତ ବଦଲରେ ରକ୍ତ ବୁହାଇ
ଗୁଳିର ଜବାବ ବୋମାରେ ଦିଅ ।

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
ମହାଲପଡ଼ା କଖଡି କଟକ
ମୋ ୯୪୩୭୮୭୪୫୭୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଇନ୍ଦ୍ରଧନୁ

ଅଭୟ କୁଣ୍ଡ



କହ୍ନେଇ ମଥାରେ ମୟୂର ଚନ୍ଦ୍ରିକା
ସାତ ରଙ୍ଗେ ରଙ୍ଗାୟିତ
କଳା ମେଘ ଦେହେ ଇନ୍ଦ୍ରଧନୁ ଶୋହେ
ସାତ ରଙ୍ଗ ଚାରୁଚିତ୍ର ।

ଅଜଣା ଶିଳ୍ପୀର ତୂଳୀରେ ଅଙ୍କିତ
କମନୀୟ ରୂପ କାନ୍ତି
କବି ଭାବୁକର ଚିନ୍ତା ଚେତନାର
ରଙ୍ଗୀନ୍ ପରଜାପତି ।

ସାତଟି ରଙ୍ଗର ମଧୁର ସଂଯୋଗ
ସରଜେ ଧନୁର ଭ୍ରମ
ମାଟିରୁ ଆକାଶ ସୁନ୍ଦର ସୁବେଶ
ମଞ୍ଜୁଳ ମନୋରମ ।

ସାତସୁରେ ବନ୍ଧା ମଣିଷ ଜୀବନ
ସପ୍ତାହକ ସାତ ବାର
ସମୟ ସହିତ ରଙ୍ଗର ସଂଯୋଗ
ଇନ୍ଦ୍ରଧନୁ ଚମତ୍କାର ।

ସାତ ରଙ୍ଗ ତାର ସାତ କଥା କହେ
ଜୀବନ ଜୀବିକା ପାଇଁ
ଆମେ ତ ମଣିଷ ବାଣ୍ଟିବା ହରଷ
ଆତ୍ମ ପର ଭୁଲିଯାଇ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅନ୍ତର୍ମୁଖୀ ଚିନ୍ତା ବାଇଗଣୀ ରଙ୍ଗ
ଘନନୀଳ ଶ୍ରଦ୍ଧା ଭକ୍ତି
ତ୍ୟାଗର ମହତ୍ତ୍ୱ ନୀଳରେ ସୂଚିତ
ସବୁଜ ଜଗାଏ ଶାନ୍ତି ।

ହଳଦିଆ ରଙ୍ଗ ଖୁସି ଆନନ୍ଦର
ସାହସ ପ୍ରତୀକ ଲାଲ୍
ନାରଙ୍ଗୀ କହୁଛି ମମତାର କଥା
ସଂସାରର ହାଲଚାଲ୍ ।

ବରଷା ସହିତ ତୁମ ଆଗମନ
ଖୁସିର ସନ୍ଦେଶ ନେଇ
ବରଷା ଝରିବ ଉତ୍ତାପ କମିବ
ସବୁଜ ଦିଶିବ ମହୀ ।

ଧନ୍ୟ ତୁମେ ଇନ୍ଦ୍ରଧନୁ
ଯିଏ ବି ଦେଖିବ ଘଡିଏ ଚାହିଁବ
ପାସୋରି ଯିବନି ମନୁ ।

ସହକାରୀ ଶିକ୍ଷକ
ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ
ପଡ଼ିଆଭଙ୍ଗା ତାଳଚେର ଅନୁଗୋଳ
ମୋ ୯୫୫୬୯୮୯୭୨୩

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବୀର ଯବାନ

ସରୋଜ କୁମାର ସାହୁ



ମରିବୁ ପଛେ ଡ଼ରିବୁ ନାହିଁ
ଶତ୍ରୁ ଦେଶର ଆଗେ
ରକତ ଆମ କମାଣ ସାଜି
ଛାତିରେ ନିତି ଜାଗେ ।

ବୀର ମାଟିର ବୀର ସୈନିକ
ଆମରି ବଂଶ ଧର
ଶତ୍ରୁ ଯୋଜନା ମିଳିତ ହୋଇ
କରିବୁ ଧ୍ୱଂସ ତାର ।

ନୁହଇଁ ଭୀରୁ ରଣ ଭୁଇଁରେ
ରକତ ନଦୀ ଦେଖି
ଆସୁଛୁ ରଣେ ମାଆ ମାଟିର
ଆଶିଷ ଧୂଳି ମାଖି ।

ଜନମ ହୋଇ ମରିବୁ ଦିନେ
ମନରେ କିଆଁ ଆଶା
ମାଟିର ଦେହ ମାଟିରେ ମିଶୁ
ହେଉ ସର୍ଭିଙ୍କ ଦିଶା ।

ଜନମ ମାଟି ଆସିଛୁ ତେଜି
ପୁତ୍ର ପତ୍ନୀର ମୋହ
ମାଟି ମାଆର ସୁରକ୍ଷା ବିନା
କିଛି ବି ଲକ୍ଷ୍ୟ ନୁହଁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବିଜୟ ବାନା ଦେଶ ତ୍ରିରଙ୍ଗା
ଉଡାଇ ଛାତି ପରେ
ସାହସ କରି ଲଙ୍ଘିବୁ ପାଦ
ଥିଲେବି ଯେତେଦୂରେ ।

ଥରାଇ ଦେବୁ ଶତ୍ରୁର ଗଡ଼
ରଣରେ ସିଂହ ସାଜି
ନାରୀ ପୁରୁଷ ଯୁବକ ଗଣ
ହୋଇଛୁ ଏକ ଆଜି ।

ଆଠଗଡ କଟକ
୯୩୪୮୫୭୫୨୨୪

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କାଳବୈଶାଖୀ

ଆଶିଷ କୁମାର ସାହୁ



ବୈଶାଖ ମାସରେ ପ୍ରଖର ଖରା
ତାତି ଯାଏ ଦେହ ଭାଇ,
ଗ୍ରୀଷ୍ମ ଦେଖାଏ ତା ପ୍ରଚଣ୍ଡ ରୂପ
ଅଗ୍ନି ବର୍ଷା ହୁଏ ଭାରି,
କିନ୍ତୁ କେବେ କେବେ ପାଗ ବଦଳିଲେ
ମେଘ ଘୋଟି ଆସେ ଆକାଶରେ,
ଘଡଘଡି ବିଜୁଳି ମରୁଥାଏ
ସେହି କଳା ବାଦଲ ଘେରା ଅମ୍ବରରେ,
ଝଡ଼ ତୋଫାନ ନେଇକି ଆସଇ
ଗାଁଗହଳି ଓ ସହରରେ,
କୁଆପଥର ସହ କିଛି ଜଳ
ଆଣି କଚାଡିଦିଏ ଏହି ଧରିତ୍ରୀରେ,
ଚାଲ ଛପର ଯେତେ ଘର ଥାଏ
ଉଡାଇନିଏ ପବନରେ,

ସୁଖ ସଂସାରର କେତେ ଘର ଭାଙ୍ଗେ
କାଳବୈଶାଖୀର ପ୍ରକୋପରେ,
ଦୁର୍ବଳ ଯେତେ ବନସ୍ପତି ଥାଏ
ଲୋଟିଯାଏ ଏହି ଭୂମି ତଳେ,
ଚଢେଇର ବସା ଆଉ ତାକୁ ମାରେ
ବଢୁଥିବା ସେହି ଅଣ୍ଡା ଭିତରେ,
ଅଚାନକ ଆସି ଧୀରେ ଚାଲିଯାଏ
ତାଣ୍ଡବ ରଚି ଏ ପୃଥିବୀରେ,
ସୁନା ସଂସାର କେତେ ଭାଙ୍ଗିଦିଏ
କାଳବୈଶାଖୀର ପ୍ରଭାବରେ ।

ଭବାନୀପାଟଣା, କଳାହାଣ୍ଡି
ଆଳାପ - ୮୧୪୪୧୧୫୨୬୩

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ନିର୍ଭୟ

ଜୟନ୍ତ ଦାସ ପ୍ରଫୁଲ୍ଲ



ଧର୍ମ ନିରପେକ୍ଷ ରାଷ୍ଟ୍ର ବୋଲି ପରା
ସଭିଙ୍କୁ ମିଳିଛି ଆଶ୍ରୟ,
ତେବେ ଗୋଟେ ଧର୍ମ କାହିଁ ଅନ୍ୟ ଧର୍ମ ପ୍ରତି
ହେଉଅଛି ନିରିଦୟା ।

ସୀମା ମଧ୍ୟେ ସିନା ତୁମେ ଲଢୁଅଛ
ବର୍ଣ୍ଣ, ଲିଙ୍ଗ ଜାତି ନେଇ,
ସୀମାରେ ମୃତ୍ୟୁର ଶିକାର ହେଉଛି
ଧର୍ମ ପରିଚୟ ଦେଇ ।

ଯେଉଁ ରାଷ୍ଟ୍ର ଏଠି ସଭିଙ୍କୁ ଦେଇଛି
ବାସ ଠାରୁ ଖାଦ୍ୟ ପେୟ,
ସେଇ ରାଷ୍ଟ୍ରେ ଆଜି ନିବସ୍ତ୍ର ସଜେଇ
ମଗା ଯାଏ ଧର୍ମ ପରିଚୟ ।

ସାହସ ନଥିଲା ସେ ଭୀରୁ ଶତ୍ରୁର
ଅସ୍ତ୍ର ଘେନି କଲା ହତ୍ୟା,
ସବୁର ହିସାବ ନେବ ଆମ ସେନା
ଆମ ଜନଙ୍କ ଜୀବନ ନଥିଲା ଶସ୍ତା ।

ଯୁଦ୍ଧର ହୁଙ୍କାର ଶୁଭିଲାଣି ଧୀରେ
ସାବଧାନ ଶତ୍ରୁ ସେନା,
ଜୀବନ ବଦଳେ ଜୀବନେ ନେବା ହିଁ
ଆମକୁ ବି ବେଶ୍ ଜଣା ।

ହିନ୍ଦୁ ରାଇଜରେ ହିନ୍ଦୁ ପରିଚୟେ
ଯଦି ମିଳେ ମୃତ୍ୟୁ ଉପହାର,
ତେବେ ଏହି ରାଇଜରେ ହିନ୍ଦୁ ହିଁ ହେଇ
ଜନମିବି ବାରମ୍ବାର ।

ଥାଲସଡା, ବାଲେଶ୍ୱର
ମୋ -୮୪୫୫୮୬୭୨୭୬

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# କା' ପାଇଁ ଲେଖିବି

ଦିବାକର ନାୟକ



କା ପାଇଁ ଲେଖିବି କେମିତି ଲେଖିବି
କାହାଠୁ ପାଇବି ଭାବ
ଅଧାବାଟେ ହାତ ଛାଡି ଚାଲିଗଲ
ପାଉନି ତୁମରି ଠାବ ||୦||

ଅଭୁଲା ଅତୀତ ଅନ୍ଧ ଭବିଷ୍ୟତ
ବର୍ତ୍ତମାନ ବାଟବଣା
ମନକୁ ନ ଚିହ୍ନି ଧନ ପାଗଳିନୀ
ଦେଇଗଲ ପ୍ରତାରଣା

ମୋ କାଳିରେ ଆଉ କବିତା ହେବନି
ଖାତା ସିନା ଭିଜିଯିବ...
କା ପାଇଁ ଲେଖିବି କେମିତି ଲେଖିବି
କାହାଠୁ ପାଇବି ଭାବ ||୧||

ବାଲିଘର ଭଳି ଇଟା ପଥରର
ଘରକୁ ମୋ ଭାଙ୍ଗିଦେଲ
ଭଅଁରଠୁ ବଳି ବଡ଼ ଦଗାଦିଆ
ଏମିତିକା ତୁମେ ଫୁଲ

ଜାଣି ନ ଥିଲି ମୁଁ ଯବ କାଚ ଭଳି
ଦିନେ ମୋତେ ଜାଳିଦେବ...
କା ପାଇଁ ଲେଖିବି କେମିତି ଲେଖିବି
କାହାଠୁ ପାଇବି ଭାବ ||୨||

ପାଟପୁର, କନିସି, ଗଞ୍ଜାମ
ମୋ:୯୯୩୮୬ ୧୯୯୮୧


Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ସ୍ମୃତି

ମଧୁସ୍ମିତା ସାହୁ



ସ୍ମୃତି ସିନ୍ଧୁକ ରେ ସାଇତି ରହିଛି
ମିଠା ମିଠା ଅନୁଭୂତି
ସ୍ମୃତି ଫରୁଆରେ ସତେଜ ଦିଶଇ
ଅଭୁଲା ମୂହୁର୍ତ୍ତ ପ୍ରୀତି ।।
ଅମଳିନ ବନ୍ଧନର ଭାବନାରେ
ଛନ୍ଦି ହୋଇ ବନ୍ଦିକରେ
ପ୍ରେମର ସନ୍ତକ ମଧୁର ପଲକ
ଅଖଣ୍ଡ ଦୃଢ଼ ରଜ୍ଜୁରେ ।।
ପାଟଶାଢ଼ୀଟିକୁ ସାଇତି ରଖିଲେ
ଦିନେ ହେଲେ ଚିରିଯାଏ
ସ୍ନେହ ପ୍ରେମଟିକୁ ସଯତ୍ନ କରିଲେ
ଚିରଦିନ ସ୍ଥିରହୁଏ ।।
କିଛି ହୃଦୟକୁ ବିଦାରକ କରେ
କିଛି ଲୁହ ଭିଜିବାରେ
କିଛି ଶିଖିବାର ପ୍ରଣାଳୀ ବୁଝାଏ
କିଛି ନୂଆ ପ୍ରେରଣାରେ ।।
ସ୍ମୃତିକୁ ସାଉଁଟି ଖୁସିରେ ପାଗଳି
ଅଭିନବ ପ୍ରୟାସରେ
ସ୍ମୃତିର ଆବେଗ ଗମ୍ଭୀରତା ଭାବ
ନୂତନତ୍ୱ ଭାବଧାରେ ।।
ସ୍ମୃତିର ଫଗୁଣ ସପ୍ତରଙ୍ଗ ରଙ୍ଗେ
ସମୟ ସ୍ରୋତ ପ୍ରବାହେ
ପ୍ରୀତିର ଲଗ୍ନରେ ସ୍ମୃତି ଆଙ୍କି ଦିଏ
ମଧୁରସ ଭାସି ବହେ ।।
ସ୍ମୃତିର ଅମୂଲ୍ୟ ସମ୍ପଦ ରୁପକ
ଜୀବନ ରାହା ଶିଖାଏ
ସ୍ମୃତି କନ୍ଦରରେ  ମହକ ଭରିଲେ
ପ୍ରାଣ ପଲ୍ଲବିତ ହୁଏ ।।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

ସ୍ମୃତି ପରିଣତି ବୟସରେ ଜ୍ୟୋତି
ଦୀପ ଶିଖା ହୋଇ ଜଳେ
ଆଲୋକିତ କରି ଉଜ୍ଜ୍ୱଳ ସ୍ୱରୂପେ
ବନ୍ଧୁଟିଏ ଭୂମଣ୍ଡଳେ ।।
ସ୍ମୃତି ସିନା ଏକ ଅଭୁଲା ଅତୀତ
ଧରି ସିନା ହୁଏ ନାହିଁ
ନୟନ ଯୁଗଳେ ଝକ ଝକ ଦିଶେ
ମନ ଝୁରେ ସ୍ମୃତି ପାଇଁ ।।

ବ୍ରହ୍ମା ନଗର ପ୍ରଥମ ଗଳି
ବ୍ରହ୍ମପୁର
ଜିଲ୍ଲା-ଗଞ୍ଜାମ
ଓଡ଼ିଶା
ମୋ—୯୩୪୮୨୮୫୪୧୬


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସମାଜ

ଶିଲ୍ପାଲିପି ବେହେରା

ତୁମ କଟାକ୍ଷ କରେ ନବବଧୂର ଚିର ହରଣ
ପ୍ରତିଦିନ ସେ ଅଗ୍ନି ପରୀକ୍ଷା ଦିଏ,
ବଂଚିଥିବା ଯାଏ ନିତି ପିଏ ସମାଜର ବିଷ
ଆଉ ସାଜିଯାଏ ପାଷାଣୀ ସିଏ ।

ଭୁଲିଯାଏ ନିଜ ଲଜ୍ଜ୍ୟାକୁ ଘରର କୋଣରେ
ପାଦଦିଏ ସମାଜ ତୁମ ସୁଦୃଢ଼ ଛାତିରେ,
ତୁମେ ତାକୁ ଦିଅ କୁଳଟାର କୁତ୍ସିତାର ଉପାଧି
ହୁଏ ସିଏ ଚର୍ଚ୍ଚାର ବିଷୟ ପୁଣି ନିଜ ଘରେ ।

ହେ ସମାଜ..
ନାରୀ ପାଇଁ ମୋର୍ଚ୍ଚା ଧରିଥିବା ଲୋକେ
ଘରେ ଯାଇ କରେ ନାରୀ ଅତ୍ୟାଚାର,
ଆଜି ନାରୀ ସବୁକ୍ଷେତ୍ରରେ ଆଗୁଆ ହୋଇ
ବି ରହିଯାଏ ସେହି ଶେଷ ପ୍ରାନ୍ତର.. ।

ଦିନେ ସହୁଥିଲା ନିଜ ଘରେ ଝିଅ ବୋଲି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦିନେ ପ୍ରେମ ପାଇଁ ନିଜ ସ୍ୱାମୀକୁ,
ଦିନେ ସହିବ ସନ୍ତାନର ଜନ୍ମକଷ୍ଟ
ଆଉ ଦିନେ ସନ୍ତାନର ଅଳିକୁ ।

ସହିବା ସରିବ କେବେ ହେ ସମାଜ
ମୁକ୍ତ କେବେ ହେବ ନାରୀ ?
ନିଜର ଜୀବନକୁ ଘୃଣ୍ୟ ମନେ କରି
ଦିନେ ଏ ଜୀବ ଯିବ କି ସରି ?

+୩ ଦ୍ୱିତୀୟ ବର୍ଷ ଛାତ୍ରୀ
ସ୍ୱାମୀ ବିବେକାନନ୍ଦ ସ୍ମାରକ ସ୍ୱୟଂଶାସିତ ମହାବିଦ୍ୟାଳୟ
ଜଗତସିଂହପୁର
୮୦୯୩୫୨୨୯୨୪

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପ୍ରତିହିଂସାର ନୂଆଫର୍ଦ୍ଦ

ସ୍ୱାଗତ ମିଶ୍ର



କେହି କ'ଣ କେବେ ଭାବିଥିଲା
ଏମିତି ଘଟିଯିବ ଅକସ୍ମାତ୍
ମୃତ୍ୟୁ ଆସି ଦିନେ ଡାକି ନେଇଯିବ
ବିଧାତାର ଉଲ୍ଲିଖିତ ଶେଷ ଠିକଣାରେ,
ସ୍ୱପ୍ନର ଘର ସବୁ କରି ଧୂଳିସାତ୍
ମଧୁ ଚନ୍ଦ୍ରିକାକୁ ରଖି ଅଧାରେ
ମନର ମଣିଷ ହାତ ଛାଡ଼ି ଦେବ
ସ୍ୱର୍ଗର ଭୂମିରେ ଭୋଗିବାକୁ ନର୍କର ଯନ୍ତ୍ରଣା ।

ଚାହୁଁ ଚାହୁଁ ଆଖି ସାମ୍ନାରେ
କାଶ୍ମୀର ଧଳା ବରଫରେ ଲାଗେ ରକ୍ତର ଛିଟା
ରକ୍ତ ସବୁ ଜମାଟ ବାନ୍ଧି ବରଫ ହୋଇଯାଏ
ସାତ ଜନ୍ମର ସାଥିଟା ଶବ ପାଲଟିଲା ପରେ,
ପାଇନ୍ ସବୁଜ ଉପତ୍ୟକାର ଶାନ୍ତ ପରିବେଶରେ
ଅଶାନ୍ତିର ଦୂତ ମାନେ ରଚିଥିଲେ ମୃତ୍ୟୁର ଆତଙ୍କ
ରକ୍ତର ହୋଲି ଖେଳୁଥିଲେ ବନ୍ଧୁକର ଗୁଳିରେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅତି ନିଷ୍ଠୁର ସୈତାନ୍ ସେମାନେ
ନବବଧୂ ହାତରୁ ମେହେନ୍ଦି ଲିଭିବା ଆଗରୁ
ଧର୍ମ ପାଇଁ ପୋଛିଦେଲେ ସୀମନ୍ତରୁ ସିନ୍ଦୂର,
ଅହିଂସାର ପୂଜାରୀଙ୍କ ଜନ୍ମିତ ମାଟିରେ
ଯୋଡ଼ିଦେଲେ ନୂଆ ଏକ ଫର୍ଦ୍ଦ ପ୍ରତିହିଂସାର,
ଆମ ଧର୍ମନିରପେକ୍ଷ ରାଷ୍ଟ୍ରର ସରକାର
ଇଟାର ଜବାବ ପଥରରେ ଦେବା ପାଇଁ ହେଲେଣି ତତ୍ପର ।

ଏମିତି ଦୁର୍ଭାଗ୍ୟ ନମିଳୁ କାହାକୁ
ଜୀବନର ନୂତନ ଅଧ୍ୟାୟ ଲେଖା ହେବା ପୂର୍ବରୁ
ପୂର୍ଣ୍ଣଚ୍ଛେଦ ଟାଣି ହୋଇଗଲା ବନ୍ଧୁକ ମୁନରେ,
ରହିଗଲା ଅନେକ ସ୍ୱପ୍ନ ଅପୂରଣୀୟ ହୋଇ
ଧୋଇଗଲା ସବୁକିଛି ଲୁହରେ ଓ ଲହୁରେ,
ଗୁଳି ବର୍ଷଣରେ ଗଗନ ପବନ ସ୍ତମ୍ଭୀଭୂତ
ପର୍ଯ୍ୟଟନ ସ୍ଥଳୀ ପରିଣତ ହେଲା ରଣ ଭୂମିରେ,
ଲୋଟି ପଡ଼ିଥିଲା ସବୁ ସମ୍ପର୍କୀୟଙ୍କ ଭଗ୍ନାବଶେଷ
ଫାଟି ପଡୁଥିଲା ବରଫର ଖଣ୍ଡ କରୁଣ ଚିତ୍କାରରେ ।

▯ ସ୍ୱାଗତ ମିଶ୍ର
ପଦ୍ମାଦେଇପୁର,ନୟାଗଡ଼
୯୯୩୮୭୬୧୨୨୪


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମୁଠାଏ ସ୍ୱପ୍ନଗୀତି

ସୁଜିତ କୁମାର ମିଶ୍ର



ଜହ୍ନରାତି ପରି  ଦେଖୁଛୁ ନିଇତି
ଜୀବନେ ମଧୁର ସ୍ୱପ୍ନ,
ସେଇ ସ୍ୱପ୍ନ କଣ  ନିସ୍ୱାର୍ଥୀ ଜହ୍ନର
ଭାବାବେଗେ ପରିପୂର୍ଣ୍ଣ  ?

ନିଶବ୍ଦ ରାତିର ଭିଜିଲା ସପନ
ସକାଳକୁ ସିନା ନାହିଁ,
ପୁଣି ଆକାଶକୁ  ସପନ ଫେରିବ
ପ୍ରଣୟ ବରଷା ହୋଇ ।

ଚାଲ ଦେଖୁଥିବା ଜୀବନେ ସପନ
ତାରାଫୁଲ ପରି ନିତି,
ଦିନେ ହୋଇବା ସେ  ମିଞ୍ଜିମଞ୍ଜିରୁ ଯେ
ଅସରନ୍ତି ଜହ୍ନରାତି ।

ସପନ କଅଣ  ଅଳିକ ଜୀବନେ
ଆଖିର ପିୟାସୀ ଠାର,
ସେ ତ ନୀରବରେ  ସୁରିଲା ଶ୍ରାବଣ
ନିସ୍ୱ ପାଇଁ ନିରନ୍ତର ।

ହୀନମନ୍ୟତାର  ତାତିରେ ତୁମେ କି
କାହାର ହସିଲା ସ୍ୱପ୍ନ,
ଯଦି ମନ ତୁମ  ପକ୍ଷପାତିତାରେ
ପଙ୍କମାଟି ପରିପୂର୍ଣ୍ଣ ।

Listen to Odia Podcast Original at https://youtube.com/@drjyotiprasad

କୁଆଁରୀ ଆଖିରେ ମଧୁର ସପନ
ହସୁଥାଏ କିରିକିରି,
ଯେମିତି ଆକାଶ ବୁକୁରେ ହସଇ
ତାରାଫୁଲ ମନଭରି ।

ସପନ ଜୀବନେ ଆସେ ଘନଘନ
ଭେଦିବାକୁ ଅନ୍ଧକାର,
ଜୀବନ ହୋଇଲେ  ସଭିଙ୍କ ସପନ
ମରଣକୁ କାହିଁ ଡର  ?

ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର
୭୬୮୩୮୬୭୭୪୨

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ହେ ସମୟ !

ନିରଞ୍ଜନ ସାହୁ



ସମୟ ତ ସବୁ ଗଢ଼ଇ ଭାଙ୍ଗଇ
ଓଲଟପାଲଟ କରେ
ସବୁ କାରଣର କାରଣ ସମୟ
ସମୟରେ ସବୁ ସରେ ।

ସମୟ ଗତିକୁ ବୁଝିବା କଠିନ
କିଏସେ ପାରିଛି ବୁଝି
ଶକ୍ତିବାନ ନାହିଁ ସମୟ ସହିତ
କିଏସେ ପାରିବ ଯୁଝି
ସମୟ ତ ଦିଏ ସମୟ ବି ନିଏ
ସମୟକୁ ଜାଣ ଥରେ ।

ସମୟ କହିବ ତା'ର ଇତିହାସ
ଭବିଷ୍ୟତ କହିପାରେ
ବର୍ତ୍ତମାନ କଥା ଆମ ପାଇଁ ଯାହା
ଆମେ ତହିଁ କାଳ ସାରେ
ସମୟର ଚକ୍ର ଅବିରାମ ଘୁରେ
ସବୁକିଛି ପୁଣି ହରେ ।

ସମୟ ସହିତ ତାଳ ଦେଇ ଯିଏ
ଆଗକୁ ପାରୁଛି ଧାଇଁ
ନିଜକୁ ବହୁତ ଦକ୍ଷ ବୋଲି ଭାବେ
ସେ ସମୟ ତାହା ପାଇଁ
ସମୟ ପାଖରୁ ପଛେଇ ଯେ ଗଲା
ତା ଆଖିରୁ ଲୁହ ଝରେ ।

ସମୟକୁ ନିଜ ଆୟତ୍ତେ ରଖିବା
ବଡ଼ କାଠିକର ପାଠ
ସମୟ ଗଡିଲେ ସବୁ ସରିଯାଏ
ଯେତେ ମାଠୁଅଛ ମାଠ
ସମୟ ପ୍ରକୃତ ଭଗବାନ ଅଟେ
ଭଲଭାବେ ବୁଝ ନରେ ।

ନିହଲ ପ୍ରସାଦ, ଗଁଦିଆ ପାଟଣା, ଢେଙ୍କାନାଳ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଅନୁଗାମିନୀ

ମନୋରଞ୍ଜନ ସୁରୁଜାଳ



ରାଗ :: ରସକୁଲ୍ୟା

ଘୋଟିଛି ବାଦଲ କାଳିମା ଟାଣି
ଅପସରି ଯିବ ମେଘ ଉଜାଣି
ବ୍ୟଥିତ ହୃଦୟ ପୁତ୍ର ଶୋକରେ
ତନ୍ଦ୍ରା ମରି ଯାଏ ଆଖି କୋଣରେ
କେବଳ ଅଶ୍ରୁର ଜଳ,
କଉଶଲ୍ୟା ରାଣୀ ପୁତ୍ର ପୁତ୍ର ଗୁଣି
ରୋଦନେ କାଟନ୍ତି କାଳ ।୧।

ରାଜ ପ୍ରାସାଦର ଛାତ ଉପରୁ
ରୁଣୁଝୁଣୁ ଶବ୍ଦ ଶୁଭେ ତହିଁରୁ
ଅନ୍ଧକାରେ ଛାୟା ଅସ୍ପଷ୍ଟ ଦିଶେ
ଦିବ୍ୟାଙ୍ଗନା ନାରୀ ଚାହେଁ ଆକାଶେ
ପହୁଡ଼ ନେଲେ କି ସତେ,
ନନ୍ଦିଗ୍ରାମେ ଏକା ପତି ଯତି ବେଶ
ନିରେଖଇ ଅବିରତେ ।୨।

ଭରତ ଖାଇବା ପରେ ଭୋଜନ
ପତିଶ୍ରୀ ଶୋଇବା ପରେ ଶୟନ
ଅତି ନିକଟରେ ଅଛନ୍ତି ସାଇଁ
ତ୍ରୁଟି ହେଲା କି ସେବାରେ କାହିଁ
ମଣ୍ଡବୀ ଭାଳଇ ମନେ,
ସୂର୍ଯ୍ୟମୂଖୀ ଯେହ୍ନେ ସୂର୍ଯ୍ୟକୁ ଅନାଇଁ
ବଞ୍ଚିଥାଏ ପ୍ରତିକ୍ଷଣେ ।୩।

ଦେଖି କି ପାରଇ ଦୁଃଖିନୀ ମାତା
କୁଳବଧୂ ହୃଦେ ଜଳୁଛି ଚିତା
ବିଧାତା ଦୁର୍ଯୋଗ କପାଳେ ଏକା
ଜହ୍ନ ବିନେ ରାତି ଯେମିତି ଫିକା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯାଆ ତୁ ଭରତ ପାସେ,
ହାୟରେ ବିଧାତା  କୁମୁଦିନୀ ମନ
ତା' ବିନେ ବଞ୍ଚଇ କି 'ସେ  ? (୪)

ବନବାସେ ସୀତା ପତି ନିକଟେ
ବହୁ ଦୂରେ ସ୍ୱାମୀ ଉର୍ମି ଏ ପଟେ
ମୋ ଭାଗ୍ୟରେ ସିନା ସିଏ ମୋ ପାସେ
ନ ଉଇଁଲେ ଅଂଶୁ ପଦ୍ମକି ହସେ
କାହାକୁ କହିବି କୁହ
ସେ ସିନା ପାଖରେ        ମୁଁ କେତେ ଦୂରରେ
ଭିଜି ଯାଏ ଆଖି ଲୁହ ।(୫)

ଚାହିଁଦେଲା ସତୀ ପତି ରତନ
ରମ୍ଭା ତରୁ ପତ୍ରେ ଫଳ ଭୋଜନ
ଆହାର ବିହାର ବେଶ ଯତିର
ଭୂମିରେ ଶୟନ ପର୍ଣ୍ଣ କୁଟୀର
ରଘୁକୁଳ ଚକ୍ରବର୍ତ୍ତୀ,
ରାଜ ବେଶ ତ୍ୟାଗୀ
ତାପସ ବୈରାଗୀ
କର୍ତ୍ତବ୍ୟ ପାଳନେ ଗତି  । (୬)

ଏକ ଧ୍ୟାନ ମଗ୍ନେ ଦର୍ଶନ ଯୋଗୀ
ପଥ୍ୟ ସେବନରେ ଯେମନ୍ତ ରୋଗୀ
ଆହାର ବିହାର ଏକାନ୍ତ ମନ
ରେଶମ କୀଟର ମନୋବିଜ୍ଞାନ
ସେପରି ଭରତ ଶ୍ରେଷ୍ଠ,
କୋଷ ମଧ୍ୟେ ସ୍ଥିତ       ଖୋଳପା ବେଷ୍ଟିତ
ଚଉଦ ବରଷ କଷ୍ଟ  ।(୭)

ଭାଷିଲେ ଭରତ ମାଣ୍ଡବୀ ଚାହିଁ
ନନ୍ଦିଗ୍ରାମେ କିମ୍ପା ଆସିଲ ଧାଇଁ
ଶୋକାତୁର ମାତା କରେ ରୋଦନ
ମାଆ ସେବା ବ୍ରତେ ନିବେଶି ମନ
ମୋ କର୍ତ୍ତବ୍ୟ କରି ଯାଅ
ପୁତ୍ର ପୁତ୍ରବଧୂ      ଦୁହେଁ ବନସ୍ତରେ
ଆଉ କେ କରିବ କୁହ ?(୮)

ମନ ଥୋଇଅଛି ଶ୍ରୀରାମ ପାଦେ
ଆହେ ! ପ୍ରାଣପ୍ରିୟା ତୁମେ ମୋ ଅଧେ
ଦୁଃଖ ସୁଖ ସିନା ଦୁହେଁ ଯୁଆଳି
ଯେମନ୍ତ ସଂସାରେ ବଗ ବଗୁଲି
ପରିବାର ପାଇଁ ତ୍ୟାଗ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜଣେ ଜଗେ ଘର ଆରେକ ବାହାର

ବିହିତ କର୍ମ ଯୋଗ ।(୯)

କରମ କରତା ବିଧାତା ସାହା

କର୍ତ୍ତବ୍ୟ କରଣେ ମିଳଇ ତାହା

ଅପସରି ଯିବ ଦୁଃଖର ବେଳ

ଟାକିଥାଅ ପ୍ରିୟେ ସେ ଶୁଭ ବେଳ

ତ୍ୟାଗୀ ଶ୍ରେଷ୍ଠା ସାନ୍ୟାସିନୀ,

ସାଧ୍ୱୀ ଶିରୋମଣି ହୁଅ ବାରେ ସାହା

ତୁମେ ମୋ ଅନୁଗାମିନୀ ।(୧୦)

ଆଇଁଲାପାଲି, ଧମା, ସମ୍ବଲପୁର

Listen to Odia Podcast Original at https://youtube.com/@drjyotiprasad

# ଫୁଲ ନାଁ କୃଷ୍ଣଚୁଡ଼ା

ନୀଳମଣି ଚାନ୍ଦ



ଏ ଗ୍ରୀଷ୍ମରେ କିଏ ଡାକେ
ଠିଆ ହୋଇ ରାସ୍ତା ପାଖେ
ଆସ  ପିଲା ଆସ ବୁଢ଼ା
ଡାକେ ଫୁଲ କୃଷ୍ଣଚୂଡ଼ା
ତା ରଙ୍ଗ ନାଲିଆ
ପାଖକୁ ଚାଲିଆ ।

କୃଷ୍ଣଙ୍କ ନାମରେ ଫୁଲ
କିଏ ହେବ ତା'ର ତୁଲ
ଆଖି ହୁଏ ଝଲମଲ
କିଏ ଚାହେଁ ବଲବଲ
ବାସ ତା ନ ଥାଉ
ତା'କୁ ତୋଳା ଯାଉ ।

ଖରାରେ ବାଟୋଇ ପାଇଁ
ସିଏ ରହିଥାଏ ଚାହିଁ
ଖରା ମାରେ ଟାଇଁ ଟାଇଁ
ଝାଞ୍ଜି ତାକୁ କାଟେ ନାହିଁ
ସୁନ୍ଦର ସେ ଭାରି
ସିଏ ବେଶଧାରୀ ।

ମିଳିବନି ଗ୍ରୀଷ୍ମ ପରେ
ବରଷକେ ଫୁଟେ ଥରେ
ଆଦର ତ ସିଏ ପାଏ
ଝିଙ୍କାରି ତା ପାଇଁ ଗାଏ
ଛୁଇଁ ଥରେ ଦେବି
ତାର ପ୍ରିୟ ହେବି  ।

୨୭, ମନ୍ତ୍ରମାନୋର,ଗୋଠପାଟଣା
ଭୁବନେଶ୍ୱର,ମୋ:୯୫୮୩୨୦୨୩୫୭

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପ୍ରେମିଙ୍କୁ ଜୁହାର

ଅଲେଖ ମେହେର



ପ୍ରେମୀ ପ୍ରେମିକାଙ୍କ  ହୃଦେ ରାଧା କୃଷ୍ଣ
  ସଦା କରନ୍ତି ବିହାର ,
ସେ ଚାରି ନୟନ  ମିଳନ ସ୍ଥଳୀକୁ
  ସଦା ମୋର ନମସ୍କାର ।
ପବିତ୍ର ଭାବନା  ଶୁଦ୍ଧ ମନ୍ଦାକିନୀ
  ଝରେ ଯହିଁ  ଅବିରଳ,
ଅନାବିଳ ସ୍ନେହ ମମତା ମାଧୁରୀ
  ଶବ୍ଦ କରେ କଳକଳ।
ଏକର ଆଘାତେ ଆରେକ ଈକ୍ଷଣୁ
  ବହେ ଶ୍ରାବଣର ଧାର,
କଳଙ୍କ କାଳିମା  ନିଦାଘେ ଚନ୍ଦନ
  ପ୍ରୀତିର ଅଲିଭା ଗାର।
ଜହ୍ନରୁ ଜୋଛନା  ପତତ୍ରୀ କାକଳି
  ଯଥା ଗନ୍ଧବହ ଗତି,
ପ୍ରେମର ସରାଗ ବନ୍ଧନ ଉର୍ଦ୍ଧ୍ୱରେ
  ବସ୍ତ୍ରରେ ରୁହେ ସାଇତି ।

ଅର୍ବୁଦ ଯୋଜନ ନିମିଷକେ ଘୁରି
  ସାଜେ ରୂପର ସମ୍ଭାର,
ତେଣୁକରି ସିନା କୁମୁଦିନୀ କରେ
  ଚନ୍ଦ୍ରକୁ ଗଳାର ହାର।
ହଜିଯାଏ ଯହିଁ  ନିଶି କାଳେ ନିଦ
  ଉଭାନ ମାରଇ  ଭୋକ,
ମାନ ଅଭିମାନ  ଭାସେ ପିକ ସ୍ୱନ
  ଅଢେଇ ଅକ୍ଷର ଶ୍ଳୋକ ।
ଦଶନବାସରୁ ମଙ୍ଗଳ କାମନା
  ଭାଷି ମଣେ ଦାସ ଛାର,
ଜମୁନା କୂଳର ସେ  କୁଞ୍ଜ ବନକୁ
  ତୀର୍ଥ ଭାବେ  ଯାଯାବର ।

ଅଲେଖ ମେହେର (ଯାଯାବର )

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ମାଆ ଦୁର୍ଗା

ସର୍ବେଶ୍ୱର ନନ୍ଦ



ଗରବ ଗଞ୍ଜନ ବାନା
ଅଟେ ମାଆ ତୋର
ଯେ ଗର୍ବ କରଇ ତାର
ଗର୍ବ କରୁ ଚୁର ।

ଯୁଗେ ଯୁଗେ ଅବତରି
ଦନୁଜ ସଂହାରୁ
ତୋହରି ପ୍ରସାଦେ ମାତ
ଦୁବ ହୁଏ ଦାରୁ ।

ଭକ୍ତଙ୍କ ଜୀବନ ତୁହି
ଭକ୍ତ ତୋ ଜୀବନ
ଭକତ ହିତରେ ମାତ
ସଦା ତୋର ମନ ।

ଏ କଲି କାଳରେ ଦୁଷ୍ଟ
ହୋଇଲେ ପ୍ରବଳ
ଦୁଷ୍ଟ ମାନଙ୍କୁ ସଂହାରି
ସନ୍ଥକୁ ମାଆ ପାଳ ।

ଅଭାଗ୍ୟର ଭାଗ୍ୟଦାତ୍ରୀ
ଅଟୁ ମାଲୋ ତୁହି
ଭାଗ୍ୟରେ ନଥିଲେ ମାତ
ଯାଚି ଦେଉ ତୁହି ।

ଖଳି ପଲ୍ଲୀ, କେନ୍ଦୁପଲ୍ଲୀ
କଳା ପଥର, କଟକ
୭୫୪୦୦୯

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପାଦଚଲା ରାସ୍ତା

ଆଶୁତୋଷ ମେହେର



ଏଇ ପଦଚଲା ରାସ୍ତା ପଡିଅଛି
କିଏ ଜାଣେ କେତେ ଦିନୁ ,
କେତେ ଲୋକ ଗଲେ ଆସିଛନ୍ତି କେତେ
ଲିଭିନି କାହାର ମନୁ ।।

ତା'ରି କଡେକଡେ କେତେ ଗଛଲତା
ଅଜଣା ଫୁଲର ବାସ ,
ବୁଢା ବରଗଛ ଓହଳ ଝୁଲାଇ
ପଥଚାରୀଙ୍କର ଆଶ ।।

ଏଇ ବାଟ ଦେଇ ସ୍କୁଲକୁ ଯାଆନ୍ତି
ଆମ ଗାଆଁ ଛୋଟପିଲା,
ବଡ ହୋଇ ପୁଣି ବିଦେଶ ମୁହାଁ ସେ
କରିବାକୁ ଲିଳା ଖେଳା ।।

ଏଇ ବାଟ ଦେଇ ଝିଅ ପିଲାଙ୍କର
ସବାରୀ ଆଗକୁ ଯାଏ ,
ପାଖ ଗାଆଁ ପାଇଁ ଭୁଆଶୁଣୀ ସାଜି
ଆମ ଗାଆଁ ଟେକ ରଖେ ।।

ପାଖ ଗାଆଁ ଝିଅ ଏଇ ବାଟ ଦେଇ
ସବାରୀ ନେଇକି ଆସେ,
ଜନମ ମାଟିର ମୋହ ପରକରି
ଏ ମାଟି ମହକେ ବାସେ ।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏଇ ବାଟ ଦେଇ ଚାଷୀ ବାପୁଡା ତା'

ନଙ୍ଗଳ ମୁଣ୍ଡାଇ ବଢେ ,

ମାଟି ଚାଷକରି ସୁନାର ଫସଲ

ଜଗତ ପାଇଁକି କାଢେ ।।

ଏଇ ଚଲାରାସ୍ତା ଦେଖେ କେତେ ବେଳେ

କାହାର କୋକେଇ ଉଠେ,

ରାମ ନାମ ସତ୍ୟ ଜୁଇ ଦହନରେ

ଜୀବନ କାହାଣୀ ତୁଟେ ।।

ଏଇ ପଦଚଲା ରାସ୍ତା ଶୁଣିଅଛି

କଥା କେତେ ସୁଖ ଦୁଃଖ,

ଧୂଳିକଣା ତା'ରି ଇତିହାସେ ସାକ୍ଷୀ

କୀର୍ତ୍ତି ଅବା ଆପବାଦ ।।

୫୪, ଆର୍ଯ୍ୟପଲ୍ଲୀ

କିଟଛକ ପଟିଆ

ଭୁବନେଶ୍ୱର ୭୫୧୦୨୪

ଦୂରଭାଷ : ୯୪୩୭୦୮୫୩୯୭

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଅକୁହା ଯନ୍ତ୍ରଣା

ଗୁରୁ ଚରଣ ମହାକୁଡ଼



ତୁମେ କି ଜାଣ ?
କେତେ କଷ୍ଟ କେତେ ଯେ ଯାତନା
ଏକା ଏକା ସହିଛି ମୁଁ ଏକାନ୍ତରେ
ତୁମେ ଗଲ ଦୂର କରିଦେଇ ପର
ବନ୍ଦୀ ମୁଁ ମୌନତାର କାରାଗାରେ ।

ପଶ୍ଚାତାପର ଅବକାଶ କାହିଁ ?
ଯାହା ପାଇଛି ସବୁ ତୁମରି ପାଇଁ
ଜାଣେନା ତୁମେ ମୋର ହେବକି ନାହିଁ
ମୋ ଆଖି ଲୁହ ନୀରବରେ ଝରିବ
ତୁମକୁ ଖୁସିରେ ଦେଖିବା ପାଇଁ ।

ବ୍ୟର୍ଥ ସବୁ ପ୍ରୟାସ ମୋର
ମନ ବି ଗଲାଣି ଅଧାରେ ଥକି
ବୋଧେ କେଉଁ କାଳରୁ ଅଭିଶପ୍ତ
ସହିବାକୁ ହେବ ଯେତେ ଦୁଃଖ ବାକି ।।

ଦୁଃଖ ଯନ୍ତ୍ରଣାକୁ ପାଥେୟ କରି
ଜୀଉଁଥିଲି କିଛି କାଳ
ଆଜି ସେ ଜୀବନ ପିତା ଲାଗେ ମତେ
ସଂଘର୍ଷକୁ କାହିଁ ବଳ ?

ସ୍ୱପ୍ନକି ସତ ହୁଏ ?
ରାତି ରାତି ଶୋଇଥିଲେ
ନଗ୍ନ ସତ୍ୟତା ଦେହକୁ ନ ଛୁଇଁ
କଳ୍ପନାରେ ଭିଜିଥିଲେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏମିତି କେତେ ରାତି ବିତେ
ବିତେ ବର୍ଷ ମାସ
ଅତୀତର ସବୁ ଅସଜଡା ସପନ
ମନେ ଦିଏ ଅବଶୋଷ ।

ସ୍ୱପ୍ନର ମହଲ ଭାଙ୍ଗିଲା ଗଲା ପରେ
କେମିତି ବା ଜଣେ ଜୀଁଇପାରେ
ସେ ସ୍ୱପ୍ନର ଦହନ ଉଜାଡେ ଜୀବନ
ଅସରନ୍ତି ଲୋତକର ଉହାଡରେ ।

ପ୍ରେମ ପାଇଁ କାନ୍ଦିବି ମୁଁ ଏକା
ତୁମକୁ କାନ୍ଦିବାର ନାହିଁ,
ତୁମେ ମୋ ପାଇଁ କାନ୍ଦିବ ଯେ
ସେ ଭାଗ୍ୟ ଅବା ମୋର କାହିଁ ? ?

ଟିକରପଡା, କେନ୍ଦୁଝର
ମୋ- ୯୯୩୮୫୫୩୮୨୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସଂଘର୍ଷ ମୋର ପରିଚୟ

ପୂଜା ସା



ଏ ଆଖିରେ ଅନେକ ସ୍ୱପ୍ନ
ଆଉ ଏ ସ୍ୱପ୍ନକୁ ନେଇ
ଅନେକ ବାଧା, ଅନେକ ବ୍ୟଙ୍ଗ
ତଥାପି ବି ମୁଁ ହାରି ନାହିଁ
କରୁଛି ମୁଁ ସଙ୍ଘର୍ଷ ଆଜି
ସେହି ସ୍ୱପ୍ନକୁ ପାଇବା ପାଇଁ ।

ଚାହେଁ ନାହିଁ ମୁଁ କାହାର ମିଛ ପ୍ରଶଂସା
ଆଉ ଚାହେଁ ନାହିଁ ମୁଁ ମିଛ ଆଶ୍ୱାସନା ।
କେବଳ ଚାହେଁ ମୁଁ ମୋ ସଂଘର୍ଷର ଫଳ
ଏ ସଂଘର୍ଷ ହେଉ ମୋ ଶକ୍ତିର ପରିଚୟ ।

ନ ମିଳିଲେ ନ ମିଳୁ ମୋତେ କାହାର
ଆଗକୁ ବଢ଼ିବା ପାଇଁ ପ୍ରେରଣା
କାରଣ ମୁଁ ନିଜେ ହିଁ ସାଜିଛି ଆଜି
ନିଜ ପାଇଁ ଗୋଟିଏ ପ୍ରେରଣା ।

କେମିତି ତ୍ୟାଗ କରିଦେବି ମୁଁ
ମୋର ସେହି ଦୀପ୍ତିମାନ ସ୍ୱପ୍ନକୁ
ଯେଉଁ ସ୍ୱପ୍ନ ମୋତେ ବଞ୍ଚିବା ଶିଖେଇଛି
ଏ ସ୍ୱପ୍ନ ହିଁ ତ ଅନ୍ଧକାର ଜୀବନରେ
ମୋ ପାଇଁ ଆଜି ଆଲୋକ ସାଜିଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସଂଘର୍ଷ ହିଁ ମୋର ସାଥୀ

ସଂଘର୍ଷ ହିଁ ମୋର ପରିଚୟ

ସଂଘର୍ଷ ହିଁ ମୋର ଅସ୍ତିତ୍ୱ

ଏ ସଂଘର୍ଷ ବିନା ଏ ଜୀବନ

ସଂପୂର୍ଣ୍ଣ ଅନ୍ଧକାରମୟ ।

ସେହି ସମୟ ନିଶ୍ଚୟ ଆସିବ ଦିନେ

ସଂଘର୍ଷର ଦୀପ ଜଳିବ ଭବିଷ୍ୟତେ

ମୁଁ ଜିତିବି ମୋ ସ୍ୱପ୍ନର ଯାତ୍ରାରେ।

ସଂଘର୍ଷ ହେବ ମୋ ବିଜୟର ଗାଥା,

ସ୍ୱପ୍ନର ଯାତ୍ରାରେ ମୁଁ ହେବି ଅଜୟ ଯୋଦ୍ଧା ।

ସ୍ନାତକୋତ୍ତର ଓଡ଼ିଆ ବିଭାଗ ପ୍ରଥମ ବର୍ଷ

ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ

ଭବାନୀପାଟଣା,କଳାହାଣ୍ଡି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଭୋକର ସନେଟ୍

ମଧୁମିତା ମିଶ୍ର



ପେଟର ଭୋକକୁ ଖାଦ୍ୟ ହିଁ ମିଟାଏ ଜ୍ୱଳନ ଯେ ଶାନ୍ତହୁଏ
ପଡ଼ିଗଲେ ଗଣ୍ଡେ ପଖାଳ ପେଟରେ ତୃପ୍ତି କେତେ ଆସିଥାଏ
ପେଟର ଜ୍ୱାଳାକୁ କିଏ ସହେ କୁହ ପଶୁ ହେଉ କି ମାନବ
କ୍ଷୁଧାତୁର ହେଲେ ଭୁଲେ ପେଟଧାରୀ ଆପଣା ପରର ଭାବ

ଖରା ଗରମରେ ଶୁଖିଗଲେ ଓଠ ଆଖି ପାଣି ଖୋଜୁଥାଏ
ଓଦା ହେଇଗଲେ ତଣ୍ଟି ସେତେବେଳେ ଆର୍ତ୍ତ ମନ ଖୁସିହୁଏ
ଖୋଜେନା ସର୍ବତ ଲେମ୍ବୁ ଦହିପଣା ଶୋଷ ହେଉଥିଲା ବେଳେ
ଟୋପାଏ ଜଳରେ ଜୀବନ ବଞ୍ଚାଇ ବଞ୍ଚେ କଳେ କଉଶଳେ

ଦେହର ଭୋକ ତ ଜାଣେନାହିଁ କିଛି ବିବେକ ଶୂନ୍ୟ କରାଏ
ସ୍ଥାନ କାଳ ପାତ୍ର ସବୁ ଭୁଲିଯାଇ ଲୋକହସା ହୋଇଥାଏ
ଜ୍ୱାଳା ପ୍ରଶମନ ନ ଜାଣି ପାରିଲେ ମଣିଷ ପଶୁ ହୁଅଇ
ବିବେକ ହରେଇ ଜଳି ଓ ଜଳେଇ ନର୍କ ଯନ୍ତ୍ରଣା ଭୋଗଇ

ମନର ଭୋକ ଯେ ପ୍ରେମ ସ୍ନେହ ଖୋଜେ ଦି ପଦ ମିଠା କଥାକୁ
ବିବେକର ଭୋକ ଜ୍ଞାନ ବୁଦ୍ଧି ଖୋଜେ ଈଶ୍ୱରଙ୍କର ସତ୍ତାକୁ

ଭୁବନେଶ୍ୱର
୯୪୩୮୪୭୦୮୦୭

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସୁମତି ଦୁହିତା

ଗୋଲୋକବିହାରୀ ବେହେରା



ତୁ ମୋର ହୃଦ ଚନ୍ଦନ
ସୁମତି ଦୁହିତା
ସୁନାମ ଅର୍ଜୁ ମୋ' ଝିଅ
ଲୋଡ଼େ ତୋର ପିତା ।

କହୁ ବା ନ କହୁ କେହି
ଘର କାର୍ଯ୍ୟ କର
ଚାକିରି କଲେ ବି ଏହା
କର୍ତ୍ତବ୍ୟ ତୋହର ।

ରୋଷ କଥା କହି ମନେ
ଦେବୁ ନାହିଁ କଷ୍ଟ
ମଧୁର ବଚନେ ସର୍ବେ
ହୁଅନ୍ତି ସନ୍ତୁଷ୍ଟ ।

କଲେ କେହି ଅପକାର
ପାସୋରି ତୁ ଦେବୁ
କେବେ କାହା ଉପକାର
ଭୁଲି ତୁ ନ ଯିବୁ ।

ଗୁରୁଜନମାନଙ୍କର
କଥା ଥିବୁ ମାନି
ମତି ରଖି ରୀତି ପଥେ
ଚାଲିବୁ ନନ୍ଦିନୀ ।

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ
ସରକାରୀ ଉଚ୍ଚ ବିଦ୍ୟାଳୟ
ଷଡ଼ଙ୍ଗୀ, ଢେଙ୍କାନାଳ
ମୋ : ୯୯୩୮୩୦୩୦୪୬

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଫଗୁଣ ଶେଷ ଚଇତ ଆସେ

ରାମ ଚନ୍ଦ୍ର ପ୍ରଧାନ



ଫଗୁଣ ଶେଷେ ଚଇତ ଆସେ
ଉହ ଉହ ଖରା ସାଥେ
ବୁହଇ ଝାଳ ଶୁଖଇ ତାଳ
ଶୁନଶାନ୍ ଲାଗେ ପଥେ ।

ଫାଟଇ ଭୂଇଁ ଶୁଖଇ ନଇ
ତାତି ବଢ଼େ ଅସମ୍ଭାଳ
ଟିକେ କାମରେ ଥକା ମନରେ
ଦେହ ଲାଗେ ଦୁରୁବଳ ।

ପଥିକ ଭାଇ ଖୋଜଇ ଛାଇ
ପାଇବାକୁ ଟିକେ ରାହା
ସୁରେଇ ଜଳ ଲାଗେ ଶୀତଳ
କହୁ ଥାଉ ଯିଏ ଯାହା ।

ଦହି ପଖାଳ କାକୁଡ଼ି ଫାଳ
ପାଟିକୁ ଲାଗଇ ଭଲ
ନିଦାଘ କାଳେ ପ୍ରକୃତି କୋଳେ
ହସଇ ସୁନାରୀ ଫଳ ।

ବନ ଦହନେ ଗଛ ବିହୁନେ
ହୁଏନାହିଁ ବୃଷ୍ଟିପାତ
ସଞ୍ଚିତ ପାଣି ନିଅଇ ଟାଣି
ଊଷର ଦିଶଇ କ୍ଷେତ ।

ଚଇତି ମେଳା ଭକତ ଭେଳା
ମନକୁ ମୋହିତ କରେ
ନିମ ଚକୁଳି ରୋଗକୁ ଟାଳି
ଦେହରେ ଶକତି ଭରେ ।

ଶୋଷରେ ତଣ୍ଟି ଦିଅଇ ଘାଣ୍ଟି
ମନକୁ କରି ଅଥୟ
ଖର ପବନ ନିଏ ଜୀବନ
ଦେଇ ଅଂଶୁଘାତ ଭୟ ।

ଶିକ୍ଷକ, ଟେକ୍ନିକାଲ୍ ହାଇସ୍କୁଲ୍ ଆସିକା, ଗଞ୍ଜାମ
ମୋ:୯୮୬୧୬୩୮୭୩୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମଉଳା ଆଶା ସତେଜ ପ୍ରେମ

ସ୍ୱାତିଶ୍ରୀ ପରିଜା

ମଉଳା ଆଶା, ଯେହ୍ନେ ଶୁଖିଲା ପତ୍ର ଖସି ପଡ଼େ,
ଜୀବନର ଗତିପଥେ ଧୀରେ ଧୀରେ ଝଡ଼େ ।
ହୃଦୟର କୋଣେ କୋଣେ ନିରାଶାର ଛାଇ,
କାନ୍ଦୁଛି ମନ ମୋର, ନାହିଁ କିଛି ବାଟ କେହି ନାହିଁ ସାହା ।

ହଠାତ୍ ଆସିଲ ତୁମେ, ବସନ୍ତ ପରି ବହି,
ମଉଳା ଡାଳରେ ଦେଲ ନୂଆ ପଲ୍ଲବ ଖେଳାଇ ।
ମୋ ହୃଦୟରେ ଭରିଦେଲ ସତେଜ ପ୍ରେମର ଧାରା,
ଭୁଲିଗଲି ସବୁ ଦୁଃଖ, ନୂଆ ସ୍ୱପ୍ନ ଦେଖିଲି ପୁଣି ଆଉଥରେ ସଜାଇ ।

ତୁମେ ଆସିଲ ଯେମିତି, ବର୍ଷା ଋତୁ ଆସେ ଧରା,
ଶୁଖିଲା ମାଟିରେ ଭରେ ସତେ ନୂଆ ଜୀବନର ସ୍ପର୍ଶ ଧରା ।
ମୋ ଆଖିରେ ଦେଖିଲି ନୂଆ ଆଶାର ଆଲୋକ,
ତୁମ ପ୍ରେମରେ ମୁଁ ହେଲି ପୁଣି ସତେ ବେଦାଗ ।

ମଉଳା ଆଶା ହୋଇଗଲା ଏବେ ସତେଜ ଫୁଲ,
ତୁମ ପ୍ରେମ ମୋ ପାଇଁ ଅମୃତ ତୁଲ୍ୟ ମୂଲ୍ୟବାନ କେବେ ନୁହେଁ ତୁଚ୍ଛ ।

Listen to Odia Podcast Original at https://youtube.com/@drjyotiprasad

ଜୀବନର ପ୍ରତିଟି ମୁହୂର୍ତ୍ତ ତୁମ ସହ ବାଣ୍ଟି,
ଖୁସିରେ ହସିବି ମୁଁ ସବୁ ଦୁଃଖ କରିବି ଶାନ୍ତି ।

ତୁମ ହାତ ଧରି ମୁଁ ଚାଲିବି ସଦା,
ପ୍ରେମର ଆଲୋକ ଦେଖାଇବ ମୋତେ ନୂଆ ବାଟ ।
ତୁମେ ମୋ ଜୀବନର ସବୁଠାରୁ ବଡ଼ ଉପଲବ୍ଧି,
ମଉଳା ଆଶାକୁ ସତେଜ କରିବା ପାଇଁ ତୁମେ ହିଁ ଏକମାତ୍ର ସାଥୀ ।

ବାଲିଚନ୍ଦ୍ରପୁର, ଯାଜପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କହି ଜାଣିଲେ

ହରେରାମ ପଣ୍ଡା



ମୁଖରେ ଆମର ରହିଛି ଅମୃତ
ରହିଅଛି ପୁଣି ବିଷ ,
କଥାରେ ଆମର ନିଜ ହୁଏ ପର
ବନ୍ଧୁତାର ହୁଏ ଶେଷ ।
ଛୋଟ ଛୋଟ କଥା ବଢ଼ିଲେ ଆଗକୁ
ଭାଙ୍ଗି ଯାଇପାରେ ମନ ,
କଥାର ମାଧୁରୀ ଛୁଇଁ ଯାଏ ମନ
ବୁଝିଛନ୍ତି କେତେ ଜଣ ?
ବନେଇ ଚୂନେଇ କଥା କହି କେହି
ବିକଇ ପଚା ଦରବ ,
ହତଭାଗା କେହି ପଦେ କଥା ପାଇଁ
ଭୋଗିଥାଏ ପରାଭବ ।

କିଏ ପାଏ ନିନ୍ଦା ଅଥବା ପ୍ରଶଂସା
ପଦୁଟିଏ କଥା ପାଇଁ ,
ଠିକଣା ଜାଗାରେ କହି ନ ପାରି କେ
ଦୋଷୀଟିଏ ଯାଏ ହୋଇ ।
ପଦେ କଥା ଥରେ ପାଟିରୁ ଖସିଲେ
ଆଉ ଆସେନାହିଁ ଫେରି ,
କହି ଜାଣିଥିଲେ କଥାଟି ସୁନ୍ଦର
ଯିବା ନାହିଁ କେବେ ଭୁଲି ।

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ।
କୁଆଁସ , ମେରଦା କାଟିଆଛକ, ଯାଜପୁର ।
ମୋ : ୯୪୩୮୦୬୫୧୯୫

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ହେ ମହାମାନବ

ବେଣୁଧର ସୁରୁଜାଲ



ଜ୍ଞାନର ପ୍ରତୀକ ହେ ମହାମାନବ !
ବିଶ୍ୱ-ସମାନତା ଶିରୋମଣି ,
ଆଧୁନିକ ଭାରତର ରାଷ୍ଟ୍ରନିର୍ମାତା
ତୁମେ ସର୍ବ -ସୁଗୁଣର ଖଣି ।   (୧)

ଗୁଣଜ୍ଞ-ପଣ୍ଡିତ, ପ୍ରତିଭା-ମଣ୍ଡିତ
ସାହିତ୍ୟିକ ବାଗ୍ମୀବର ,
ଜାତିର ଗୌରବ, ଜାତିର ସୌରଭ
ବାଣୀଗର୍ଭ-ଯଶସ୍କର ।   (୨)

ତୁମରି ଲେଖନୀ ଛିଣ୍ଡାଏ ଧମନୀ
ଜଳାଏ ବିପ୍ଲବ ବହ୍ନି ,
ଦୁର୍ନୀତି, ଶୋଷଣ, ପାଖଣ୍ଡବାଦକୁ
ବିନାଶ କରିବା ପାଇଁ ।   (୩)

ଗଣତାନ୍ତ୍ରିକ ମୂଲ୍ୟବୋଧ ଆଧାରିତ
ସମ୍ବିଧାନ କଲ ସଂରଚନା ,
ସମତା, ବନ୍ଧୁତା, ନ୍ୟାୟ,ସ୍ୱତନ୍ତ୍ରତା
ପ୍ରମାଣ କରେ ଯା'ର ପ୍ରସ୍ତାବନା ।   (୪)

ଆୱାଜ୍ ଦେଲ ହେ ମହାନ ସଂଗ୍ରାମୀ
ବିପ୍ଲବର ନୂଆ ସ୍ୱର ,
ମୈତ୍ରୀ ପତାକା ଉଡ଼ି ଫରଫର
ବିବିଧତା ହେଲା ଦୂର ।   (୫)

ବହୁଜନ ସମାଜର ତ୍ରାଣକର୍ତା
ନାରୀ-ଜାତି ମୁକ୍ତିଦାତା ,
ମାନବତାବାଦ କଲ ପ୍ରତିଷ୍ଠା
ତୁମେ ହେ ରାଷ୍ଟ୍ରନିର୍ମାତା ।   (୬)

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭାରତ ମାଟିର ପାଣି ପବନ
ପ୍ରତି ଭାରତୀୟ ହୃଦସ୍ପନ୍ଦନ,
କାଳର ବକ୍ଷରେ ଜାଜ୍ଜ୍ୱଲ୍ୟମାନ
ତୁମେ ହେ ଅମର ସନ୍ତାନ ।   (୭)

ବାସ୍ତବବାଦୀ ହେ ଜନ-ନାୟକ
ପୃଥିବୀର କ୍ରାନ୍ତି ଜ୍ୟୋତି ,
ସ୍ୱର୍ଣ୍ଣାକ୍ଷରେ ଲେଖା ଅଛି ଇତିହାସେ
ତୁମରି ଅମ୍ଲାନ କିର୍ତ୍ତି ।   (୮)

ତୁମକୁ କା' ସଂଗେ ତୁଳନା କରିବି
ନିଜର ତୁଳନା ନିଜେ ,
ରାଜ ଅଧିରାଜ ରୁପରେ ଆଜି ହେ
କୋଟି ହୃଦୟରେ ବିଜେ ।   (୯)

ହେ ମହାମାନବ ଦରଦୀ ହୃଦୟ
ପ୍ରଣତି ଜଣାଏ ଜାତି,
ପ୍ରେରଣା ଦାୟକ ତୁମ୍ଭ ଶୁଭାଶିଷ
ମାଗୁଅଛୁ ମଥାପାତି ।    (୧୦)

ସ.ଶିକ୍ଷକ, ଉଲୁଣ୍ଡା, ସୁବର୍ଣ୍ଣପୁର
ଦୂରଭାଷ : ୯୭୭୮୮୧୭୭୪

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଆଜନ୍ମ ପ୍ରେମିକ

ସିଦ୍ଧେଶ୍ୱର ତ୍ରିପାଠୀ



ମୁଁ  ଜାଣିନି
ଆଉ କେବେ ସତରେ
ଦେଖିବି ଅବା
ଅତି ପାଖରୁ ସରୁ ଲମ୍ବା
କଳା ଚିକିଲି ମଖା
ତୋର ସେଇ ଗୋରା ମୁହଁକୁ

ଗାଢ଼ ଆଲିଙ୍ଗନରେ
ଆଉ କିବା ପାଇବି ମୁଁ ସେଇ ଅନୁଭବ
ଏ ପାପ ପଙ୍କିଳ ଭାବନାରୁ
ଊର୍ଦ୍ଧ୍ୱରେ ରହି
ତୋ ଓଠ ରୁ ଚାଖିବି ମୁଁ ମହୁ
ମୁକୁଳା ଛାତିରୁ ସାଉଁଟିବି ସୁଖ ।

ତୋର ଠିକଣା ସେସବୁର ସଂଜ୍ଞା ପ୍ରକୃତି
ପରିସରକୁ ଭୁଲି
ତୁ ଆଉ ଆସିବୁନି ଯମା
ଯବନିକା ପଡିଯିବ
ଆମ ସେଇ ଚୋରା ପୀରତିରେ ।

ତଥାପି ସେ ସବୁକୁ ଭୁଲି
ମୁଁ ତୋତେ ହିଁ ଖୋଜୁଥିବି
ଭିଜୁଥିବି ତୋରି ସ୍ମୃତିରେ
ତୋ ପ୍ରତିଛବି ଫୁଟି ଉଠୁଥିବ
ମୋ ପ୍ରତିଟି ଶବ୍ଦରେ ପ୍ରତି ଭାବନାରେ
ଶେଷ ଯାଏଁ ଜୀବନ ବାଟରେ ।

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# କଥା ସରେ

ବିନୟ କୁମାର ମିଶ୍ର



ଭ୍ରମ ନୁହେଁ ତାହା ଆବେଗ ମୋହର
ଆଶକ୍ତିର ଗୁଚ୍ଛ ଭାବ,
ତ୍ୟାଗ ତପସ୍ୟାର କର୍ତ୍ତବ୍ୟ କର୍ମର
ପ୍ରତିରୂପ ପରାଭବ,
ଛାଇ ବି ନୁହେଁ ନିଜର,
ଅନ୍ଧାରରେ ଥିଲେ ଛାଇ ଚାଲିଯାଏ
କରିଦେଇ ସାତପର ।

ନିଜର ଭାବିବା ଭାବି କରୁଥିବା
ବଦ୍ଧ ଜୀବର ଏ ଗୁଣ,
ନିଃଶ୍ୱାସ ତୁଟିଲେ ସବୁ ପର ହେବେ
ଆପଣାର ଯେତେ ଜନ,
ଛାଇ ବି ପଡିବ ନାହିଁ,
ନା କୋକେଇରେ ନା ସେ ଯୁଇରେ
ଛାଇ କେ ଦେଖିଚି କେହି ?

ମିଛ ମିଛ ସବୁ ମିଛ ଦୁନିଆରେ
ଭାବ ଅଳିକ କ୍ଷଣିକ,
ଅସହାୟ ଏଇ ମଣିଷର ମନ ଖୋଜେ
ଆପଣାର ଲୋକ,
ଭ୍ରମେ ପଡି ସବୁ ଥାଏ,
ସତ କଣ ତାହା ବୁଝିବା ବେଳକୁ
ସବୁ କଥା ସରିଥାଏ ।

କବିକେଶରୀ କର୍ମକାଣ୍ଡରତ୍ନ ପଣ୍ଡିତ ବିନୟ କୁମାର ମିଶ୍ର
ମଲ୍ଲିପୁର ଗଡ ନିଆଳ ଖୋର୍ଦ୍ଧା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କଳାଠାକୁର

ଅଭିଜ୍ଞାନ ମହାନ୍ତି

ରତ୍ନ ସିଂହାସନରେ ବିଜେ ହେ ଠାକୁର
ଖିଲି ଖିଲି ତା ହସରେ
ସେହି କାଳିଆ ସାଆନ୍ତର ହସ ଦେଖିଲୋକ
ହୋଇଯାଆନ୍ତି ବସରେ ।

ହାତ ତ ପାଇନି, ଗୋଡ଼ ତ ପାଇନି
ଶୁଣୁ ନାହିଁ ସେ କାନରେ
ଅଗଢ଼ା ଅପୂରା ମୂରତି ହେଲେ ବି
ଆମ ସମସ୍ତଙ୍କ ଗଣ୍ଠିଧନରେ ।

ଛପନ ଭୋଗରେ ରଖିନି ଲୋଭ
ନାହିଁ ଲୋଭ ପୋଡ଼ପିଠାରେ
ଭକତି ଭାବର ବନ୍ଧା ଠାକୁର ସେ
ଲୋଭ ରଖିଥାଏ ଭକତି ଠାରରେ ।

ଆସେ ନବଦିନାତ୍ମକ ଯାତ୍ରା ରଚିବାକୁ
ଭକ୍ତଙ୍କ ସମାଗମରେ
ବାହୁ ମେଲାଇ ସର୍ଭି ଭକ୍ତଙ୍କୁ ସେ
ନିଜର କରି ନିଏରେ ।

ନାହିଁ କିଛି ଆଉ ପାଖରେ ଶବ୍ଦ
ତା' ବିଷୟରେ କହିବା ପାଇଁରେ
ଚାଲ ଟିକିଏ ନତମସ୍ତକ ହେବା
ତା' ଶ୍ରୀଚରଣ ତଳେରେ ।

ଦଶମ ଶ୍ରେଣୀ ଛାତ୍ର
ଜେଏନଭି - ବାଲେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମୋର କଲିଜା ତୁ

ସନାତନ ମହାକୁଡ଼



ମୂଳ ରଚନା ବଙ୍ଗଳା - ଆଗନ୍ତୁକ

ଓଡ଼ିଆ ଭାଷାନ୍ତର - ସନାତନ ମହାକୁଡ଼

ସଦାବେଳେ ମନେ ହୁଏ
ଖାଲି ଯେମିତି ତୋତେ ଛୁଏଁ
ଏଇ ଜୀବନରେ
ମୋ କଲିଜା ତୁ ।

ତୁ ହସିଲେ ମୁଁ
ହୁଏ ଯେ ଖୁବ୍ ଖୁସି
ତୋ ଆଖିର ଜଳେ
ମୁଁ ହୁଅଇ ଦୁଃଖୀ ।

ଗ୍ରାମ/ପୋ.ଅ- ବେରୁଆଁବାରୀ ୭୫୨୦୮୨
ଜିଲ୍ଲା- ନୟାଗଡ଼, ଓଡ଼ିଶା।
ଦୂରଭାଷ: ୯୩୩୯୭୧୦୧୬୮
ଇମେଲ: sanmahakud@gmail.com

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ମୋର୍ ସୁନ୍ଦରୀ ମାଁ

ଅମରେସ୍ ଚନ୍ଦ୍ର ଭଇଁନା



ସରଗ ଠାନୁ ସୁନ୍ଦର
ମହୁ ଠାନୁ ଭି ମଧୁର୍,
ଏନ୍ତା କିଏ ହେବାରେ ଏତେ
ସେଟା ଆଉ କିହେ ନୁହେଁ
ମୋର୍ ସୁନ୍ଦରୀ ମାଁ ସତେ ।

ଗର୍ଭେ ଧରି ଦଶ୍ମାସ୍ ପେଟେ ବୁହିକରି
ମୁଇଁ ଗୁର୍ଦ୍ଦୁ ଟେ ଲାତ୍ ମାରୁଥିଶି ଯେ,
ତାପ୍ନେ ଉସତ୍ ମନ୍ ଥି ଲୋକ୍କୁ କହୁଥିବା
ମୋର୍ ଛୁଆ ଲାତ୍ ମାରୁଛେ କେତେ,
ସେଟା ଆର୍ କିହେ ନୁହେସେ
ମୋର୍ ସୁନ୍ଦରୀ ମାଁ ସତେ ।

ମୋର୍ ଲାଗି କେତେ ଦୁଃଖ୍ ସହିକରି
ଅନ୍ଧାର୍ ଦୁନିଆଁ ନୁ ଉଜୁର୍ କେ ଆନିକରି
ତାର୍ ସବୁ ଦୁଃଖ କେ ଭୁଲି ଯାଏସି,
ଆର୍ କଲା ଗୁରା ବି ନେ ଦେଖେ

ମତେ ଛାତିନ ଲଗାସି ଆଉ
ଚୁମା ଦେସି ଯେ କେତ୍ନି କେତେ
ସେଟା ଆର୍ କିହେ ନୁହେସେ
ମୋର୍ ସୁନ୍ଦରୀ ମାଁ ସତେ ।

କହେବାର୍ ଚାଲ୍ବାର୍ ସେ ସିଖାସି
ହିଟି ପଡ୍ବାର୍ ଆଘୋରୁ ଧରି ପକାସି
ଆଉ ମୁଇଁ ଯଦି କାହାର୍ ନୁ ଲାଗେ
ସେ ମୋର୍ ଭୁଲ୍ କେ ଆଉ ନେ ଦେଖେ
ଉଲ୍ଟା ସେମାନଙ୍କର୍ ନୁ ଗାଳି ଲାଗ୍ବା କେତେ
ସେଟା ଆଉ କିହେ ନୁହେସେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମୋର୍ ସୁନ୍ଦରୀ ମାଁ ସତେ ।

ଘରେ ଯଦି ଅଢିଆ କମ୍ ଥିବା
ବାଢ଼ିକରି ଘରର୍ ସମ୍‌କୁ ଦେବା
ଯଦି ମୋର୍ ଥାଳି ଖାଲି ହେବାର୍ ଦେଖେ
ନିଜେ ପଛେ ପାଏନ୍ ପିଇବା ପେଟେ,
ସେନୁ ମତେ କହେବା ବାବୁରେ
ପେଟ ପୁର୍‌ଲା କି ଆର୍ ବାଢ଼ି ଦେମି ତତେ
ସେଟା ଆର୍ କିହେ ନୁହେସେ
ମୋର୍ ସୁନ୍ଦରୀ ମାଁ ସତେ ।

ଦୁନିଆର୍ ସବୁ ଦୁଃଖ କେ ଛାତିତଳେ ଚାପି
ଭିତ୍‌ରେ ଭିତ୍‌ରେ କାନ୍ଦୁଥିବା ପଛେ
ଆର୍ ମୁଇଁ ଯଦି ଘର୍‌କେ ଆଏଲି ,
ମୁଁହୁ କେ ତାର୍ ପୁଛିକରି
ମତେ ପଚ୍‌ରାବା ଧନରେ କାଣାହେଲା ତତେ
ସେଟା ଆର୍ କିହେ ନୁହେସେ
ମୋର୍ ସୁନ୍ଦରୀ ମାଁ ସତେ ।

ମାଁ କେ କେଭେ ନାଇ କହେବ ବେକାର୍
ମାଆର ଲୁନ୍ ଚାହିଁକରି ଭି ସୁଝି ନେ ପାର୍
ବାଲ୍ ପାଚିକରି ବୁଢ଼ାବୁଢ଼ୀ ହେଇ ଯାଇଥିବ ତମେ ପଛେ
ବାକି ମାଁ ଯଦି ବଁଚିଥିବା
ପାଚ୍‌ଲା ମୁଡ଼ା ବୁଢ଼ା କେ ଭି ଡାକୁଥିବା
ବାବୁରେ..... ବାବୁରେ.... କେତ୍‌ନି କେତେ
ସେଟା ଆର୍ କିହେ ନୁହେସେ
ମୋର୍ ସୁନ୍ଦରୀ ମାଁ ସତେ ।

ବର୍‌ଗାଁ , ଡେଣ୍ଟଲିଟିକ୍ରା, ବରଗଡ଼
ମୋ - ୯୩୩୭୦୫୦୩୮୪

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପହେଲା ଦେଖା

ହରିଶ୍ ତାଣ୍ଡି



ମାଏକି ମୁଇଁ ସତ୍ କହୁଛେଁ ହୋ
ସେଟା ମୋର୍ ପହେଲା ଦେଖା,
ବନ୍ଧଘାଟେ ବସି ମାଜୁଥିଲା ରେଢ଼ି
ମୁହେଁ ତାର୍ ହଲ୍‌ଦି ମଖା ।

ଯେତେ ଦେଖୁଥାଏଁ ମନ୍ ନାଇଁ ଭରେ
ତର୍କି ଗଲାଗା ଗା ଗୁରି,
ଲାଏଜ୍ କୁରି ଲତା ବାହାରି ଆଏଲା
ଝଟ୍‌ପଟ୍ ଗାଧୁଆ ସାରି ।

ପାହା ଚିନ୍‌ହା ତାର୍ ଧୂଳି ପଡୁଥାଏ
ଖାକେ ଧରିଥିଲା ଗରିଆ,
ତୁଲ୍‌ସୀ ବୁଟାନ ପାଏନ୍ ଗଢ଼େ ଢାଲି
ମାର୍‌ଲା ଗୁଟେ ସେ ମୁଡିଆ ।

ଗାଁଆର୍ ଟୁକେଲ୍ ଗୁନ୍ ଚଲନ୍ ବେଭାର୍
ମନ୍ କେ ନେଲା ମୋର୍ ଘିନି,
ଯାହା ହେଲେ ଫେର୍ ଦେଖା ଯିବାନ
ତାର୍ ଆଘେ ଠିଆ ହେଲି ।

ଥରୁଥିଲା କେତେ ଏତ୍‌କି ଡରେଇ
ଖାକୁ ଛାଡ଼ି ଦେଲା ଗରିଆ,
କହେଲା କେଯେ ଆଘେ ଠିଆ ହେଲ
ବାଟ୍ ଛାଡ଼ ଯ ଦୂରିଆ ।

ଲୁକାଚୁରା ଇ ପ୍ରେମ୍ ପିର୍‌ତି
ଗଢ଼ି ସପନର୍ ମହଲ୍,
ସହରିଆ ପିଲା ଛାଡ଼ି ପଲାସନ୍
ଗାଁ ଥି ପଡ଼ିଛେ ଚହଲ୍ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କେନ୍‌ତା ବୁଝାମି ଗଅଁଲିଆ ମୁଇଁ
ସହରେ କରିଛେ ଘର୍,
କ୍ଷେତ୍ ଖଲା ଜଙ୍ଗଲ୍ ବଳଦ୍ ଗାଏ
ସାଗଂ ସାଥି ଆନ୍ ମୋର୍ ।
ବାଟ୍ ଭାଗିଂ ସେ ଆଘେ ବଢ଼ିଗଲା
କହେଲା ମୁଲ୍‌କି ହଁସି,
ଗୁଆ ନଢ଼ିଆ ଧରି ଆସ୍‌ବ ଯ ସଭେ
ଭାବ୍‌ବେ ସବ୍ ଘରେ ବସି ।
ଭାବର୍ ବନ୍ଧନ୍ ସାତ୍ ଜନମର୍
ପ୍ରେମ୍ ନୁହେଁ ଦୁଇ ଦିନିଆଁ,
ମାଁ ବୁଆ ମୋର୍ ହଁ କହେଲେ ଗୋ
ହେମା ଦୁହେଁ ବର୍ କନିଆଁ ।


ସାଲେପାଲି, ଗଜବନ୍ଧ, ସୁବର୍ଣ୍ଣପୁର
ମୋ-୯୧୦୯୪୨୦୪୮

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପ୍ରେମର୍ ବନ୍ଧନ୍

ବବୁନ୍ ସାହୁ



ପ୍ରେମ୍ ନାଇଁ ଦେଖେ ଛୋଟ୍‌ବଡ଼ ଜାଏତ୍
କଳା ଗୁରା ଭେଦ୍ ଭାବ୍
ତମ୍‌କୁ ନେଇ କେତେ ଦେଖିଛେ ସପନ୍
ନାଇଁ ଛାଡ଼ି ଦେବ ହାତ୍ ।୧।

ତମ୍‌କୁ ପାଏଲେ ଜିବନ୍ ଟା ମୋର୍
ହଁସି ହଁସି ଯିବା ସରି
ତୁମର୍ ବିନା ମୋର୍ ଅନ୍ଧାର୍ ଦୁନିଆଁ
ବଁଚ୍‌ମି ମରିମରି ।୨।

କପାଳର୍ ଲେଖା ହାତ୍ ପାପୁଲିର୍
ତମେ ଆଏ ମୋର୍ ଭାଗ୍ୟ
ମୋର୍ କଲମର୍ କବିତା,କଥାନୀ
ତମ୍‌କୁ ଦେଖି ଲେଖେ କାବ୍ୟ ।୩।

ତମେଥିଲେ ପାଖେ ଲଢ୍‌ମି ଯେ ମୁଇଁ
ସମାଜ୍ ଆଘେ ହୋଇ ଠିଆ
ତମ୍‌କୁ ପାଏବାର୍ ଶେଷ୍ ଇଛା ମୋର୍
ଖାଉଛେଁ ଆଜି କିରିଆ ।୪।

ପ୍ରେମର୍ ବନ୍ଧନ୍ ସାତ୍ ଜନମର୍
ପ୍ରେମ୍ ନୁହେଁ ଦୁଇ ଦିନିଆଁ
ଯିଏଯାହା କହୁ ହାତେହାତ୍ ଦେଇ
ହେମା ଦୁହେ ବର୍ କନିଆଁ ।୫।

ସାଲେପାଲି , ଗଜବନ୍ଧ, ସୁବର୍ଣ୍ଣପୁର
ମୋ- ୮୪୫୭୯୮୩୩୨୬

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଛି... ଛି...

ସୁନୀଲ କୁମାର ଅଗସ୍ତି



ଆଏ ଇଟା କଲି ଯୁଗ୍
ମୁନୁଷ୍ 'ମୁନୁଷ୍' ଆଏ
ଇ'ନେ କେନ୍ ନି'ସେ  ମାହାପୁରୁ,
ପାର୍'ବ କାଏଁ କହି ଇନେ
କେନ୍ ବେଇମାନ୍
ଆର୍ କେନ୍ ସାଧୁ,,
ହର୍ ଏକ୍ ମୁନୁଷ୍
ଠାବ୍ କରୁଛେ ନିଜକେ
ରାମ୍ ମାହାପୁରୁକଁର୍ ଚେଲା,
କେନ୍ ମୁନୁଷ୍ ରଖୁଛେ କାଏଁ
ତାର୍ ହିସାବ୍ କିତାବ୍ ଜୀବନେ
ଜୀବନ୍ ଗୁଲା ବୁଡେଇଛେ
କେତେ ଲୋକର୍ ଭେଲା,,

ପେଟ୍ ପୁର୍'ଲା ଲୋକର୍
ଯହକିରି ଜ୍ଞାନ୍ ଇ'ଠାନେ
ନା' ପାଏସନ୍ ଇମାନେ
ମହା ଜ୍ଞନୀ ମହା ମାନୀ,
ଅଁଡି ପୁଟା ଶୁଖଲା ମୁନୁଷ୍
ଉଦା ଲେକରି କା'ଯେ ବାଇ,
ଇ'ଲେକରି ଦୁକାଲର୍ ଯେତେକୁଁ
କଲି ଯୁଗିଆ ମହା ଜ୍ଞାନୀ ଯେତେ
ପାଲେ ସକାଲ୍ ବଲି ଆନ୍'ସନ୍
ଛି !. ଛି ! ଛି ! ଛି !,,

ଟିଟିଲାଗଡ଼, ବଲାଙ୍ଗୀର
ମୋ ୯୪୩୭୨ ୧୦୮୮୭

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ପ୍ରବନ୍ଧ ବିଭାଗ

ଯଦି ଆପଣ ଏହି ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଚାହୁଁଛନ୍ତି, ତା ହେଲେ ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର ଦ୍ୱାରା ଟାଇପ୍ କରନ୍ତୁ ଏବଂ ସେହି ଆଲେଖ୍ୟକୁ ଆମ ନିକଟକୁ ଇମେଲ୍ ଦ୍ୱାରା ପ୍ରେରଣ କରନ୍ତୁ । ଓଡ଼ିଆରେ ଆପଣ ଯେକୌଣସି ସଫଟ୍‌ୱେରରେ ଟାଇପ୍ କରି ପଠାଇ ପାରିବେ । ଧାରାବାହିକ କାହାଣୀ ପାଇଁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲ୍ କରି ଏକାଥରେ ପଠାଇବେ । ପ୍ରତ୍ୟେକ ଲେଖା ସହ ନିଜ ଛବି ଓ ଠିକଣା ଲେଖି ପଠାନ୍ତୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ନବଉତ୍କଳର ପ୍ରମୁଖ ବିନ୍ଧାଣୀ : ମହାରାଜା କୃଷ୍ଣଚନ୍ଦ୍ର ଗଜପତି

ନିହାର ରଞ୍ଜନ ସାବତ



ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ, ଜଣେ ପ୍ରମୁଖ ବ୍ୟକ୍ତିତ୍ୱ ଥିଲେ, ଯିଏ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ସୃଷ୍ଟିରେ ସାହାଯ୍ୟ କରିଥିଲେ । ସେ ପାରଳାଖେମୁଣ୍ଡି ଜମିଦାରୀର ପୂର୍ବତନ ରାଜା ତଥା ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ ଥିଲେ । ତାଙ୍କ ପରିବାର ମହାନ ପୂର୍ବ ଗଙ୍ଗ ରାଜବଂଶର ଥିଲେ । କୃଷ୍ଣଚନ୍ଦ୍ର ୨୬ ଏପ୍ରିଲ ୧୮୯୨ରେ ପିତା ପାରଳାଖେମୁଣ୍ଡିର ଜମିଦାର ଗୌରଚନ୍ଦ୍ର ଗଜପତି ଏବଂ ମାତା ରାଧାମଣି ଦେବୀଙ୍କ କୋଳମଣ୍ଡନ କରିଥିଲେ । ସେ ପାରଳାଖେମୁଣ୍ଡିର ସ୍ଥାନୀୟ ମହାରାଜା ହାଇସ୍କୁଲରେ ତାଙ୍କର ପ୍ରାଥମିକ ଶିକ୍ଷା ଗ୍ରହଣ କରିଥିଲେ ଏବଂ ତା'ପରେ ଉଚ୍ଚଶିକ୍ଷା ପାଇଁ ମାଡ୍ରାସର ନ୍ୟୁଇଂଟନ୍ କଲେଜକୁ ଯାଇଥିଲେ । ମାଡ୍ରାସରେ ପାଠପଢ଼ା ସମୟରେ, ସେ ତାଙ୍କ ପିତାଙ୍କୁ ହରାଇଥିଲେ । ଶିକ୍ଷା ସମାପ୍ତ ହେବା ପରେ ସେ ପାରଳାଖେମୁଣ୍ଡିକୁ ଫେରି ଆସିଲେ ଏବଂ ୧୯୧୩ ମସିହାରେ ଖରସୁଆଁ ରାଜ୍ୟର ରାଜକୁମାରୀଙ୍କୁ ବିବାହ କଲେ । ସେହି ବର୍ଷ ସେ ୨୬ ଏପ୍ରିଲ ୧୯୧୩ରେ ଜମିଦାରୀର ପରବର୍ତ୍ତୀ ଜମିଦାର ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ ।

ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ଫକୀର ମୋହନ ସେନାପତି ଏବଂ ଉତ୍କଳ ସମ୍ମିଳନୀର ଅନ୍ୟାନ୍ୟ ବିଶିଷ୍ଟ ସଦସ୍ୟମାନଙ୍କ ସହିତ ମହାରାଜା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତତ୍କାଳୀନ ଓଡ଼ିଶା-ବିହାର-ବଙ୍ଗ ପ୍ରଦେଶରେ ଥିବା ଓଡ଼ିଆ ଭାଷାଭାଷୀ ଅଞ୍ଚଳଗୁଡ଼ିକୁ ମିଶ୍ରଣ କରି ଏକ ସ୍ୱତନ୍ତ୍ର ଓଡ଼ିଶା ରାଜ୍ୟ ଦାବି କରିଥିଲେ । ଶେଷରେ, ଏହି ଉତ୍କଳ ସମ୍ମିଳନୀର ପ୍ରୟାସରେ, ୧ ଏପ୍ରିଲ ୧୯୩୬ ରେ ସ୍ୱତନ୍ତ୍ର ଓଡ଼ିଶା ରାଜ୍ୟ ଗଠନ ହୋଇଥିଲା । ୧୯୩୭ ମସିହାରେ, ଓଡ଼ିଶାର ପ୍ରଥମ ରାଜ୍ୟପାଳ ସାର୍ ଜନ୍ ଅଷ୍ଟିନ୍ ହବାକ ମହାରାଜା କୃଷ୍ଣଚନ୍ଦ୍ରଙ୍କୁ ସରକାର  ଗଠନ କରିବାକୁ ଆମନ୍ତ୍ରଣ କରିଥିଲେ । ସେ ୧ ଏପ୍ରିଲ ୧୯୩୭ରୁ ୧୮ ଜୁଲାଇ ୧୯୩୭ ପର୍ଯ୍ୟନ୍ତ ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ ହୋଇଥିଲେ, ଏବଂ ୨୪ ନଭେମ୍ବର ୧୯୪୧ରୁ ୩୦ ଜୁନ୍ ୧୯୪୪ ପର୍ଯ୍ୟନ୍ତ ଦ୍ୱିତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ଭାବେ ନିର୍ବାଚିତ ହୋଇଥିଲେ ।

ଉତ୍କଳ ବିଶ୍ୱବିଦ୍ୟାଳୟ, ଏସସିବି ମେଡିକାଲ କଲେଜ, କଟକର ବିଦ୍ୟାଧରପୁରରେ ପ୍ରସିଦ୍ଧ କେନ୍ଦ୍ରୀୟ ଧାନ ଗବେଷଣା ପ୍ରତିଷ୍ଠାନ ଏବଂ ପରେ ବ୍ରହ୍ମପୁରରେ ଏମକେସିଜି ମେଡିକାଲ କଲେଜ ଏବଂ ହସ୍ପିଟାଲ ପ୍ରତିଷ୍ଠାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା । ସେ ଅନେକ ହସ୍ପିଟାଲ, ସ୍କୁଲ, କଲେଜ, ଶିଳ୍ପ ପ୍ରତିଷ୍ଠାନ, ଏବଂ ଆଧୁନିକ କୃଷି ଫାର୍ମ ସ୍ଥାପନ କରିଥିଲେ । ଗଜପତିଙ୍କ ତତ୍ତ୍ୱାବଧାନରେ, କଳା, ବିଜ୍ଞାନ, କୃଷି, ଡାକ୍ତରୀ ଏବଂ ଇଞ୍ଜିନିୟରିଂ ଆଦି କ୍ଷେତ୍ରରେ ଅନେକ ଗରିବ ଏବଂ ମେଧାବୀ ଛାତ୍ରଙ୍କୁ ଛାତ୍ରବୃତ୍ତି ପ୍ରଦାନ କରାଯାଇଥିଲା । ଏହା ବ୍ୟତୀତ, ମହାରାଜା ବିଭିନ୍ନ କଳା ଏବଂ ସାହିତ୍ୟର ପୃଷ୍ଠପୋଷକ ଥିଲେ । କୃଷ୍ଣଚନ୍ଦ୍ର ପ୍ରଥମ ବିଶ୍ୱଯୁଦ୍ଧରେ କ୍ୟାପ୍ଟେନ୍ ଭାବରେ କାର୍ଯ୍ୟ କରିଥିଲେ । ମହାଯୁଦ୍ଧ ସମୟରେ ଭାରତୀୟ ସେନାକୁ ପ୍ରଦାନ କରାଯାଇଥିବା ସେବାର ସ୍ୱୀକୃତି ଏବଂ ପ୍ରଶଂସା ସ୍ୱରୂପ ସେ ୧୯୨୦ ମସିହାରେ ତତ୍କାଳୀନ ଭାଇସରାୟ ଏବଂ ଭାରତର ଗଭର୍ଣ୍ଣର ଜେନେରାଲଙ୍କଠାରୁ ସନନ୍ଦ ପାଇଥିଲେ । ସେ ଲର୍ଡ ଲିନଲିଥଗୋଙ୍କ ଅଧ୍ୟକ୍ଷତାରେ କୃଷି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଉପରେ ରାଜକୀୟ କମିଶନର ସଦସ୍ୟ ଥିଲେ । ସେ ମାଡ୍ରାସ ବିଧାନସଭା ପରିଷଦର ସଦସ୍ୟ ମଧ୍ୟ ଥିଲେ । ତାଙ୍କୁ ଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଦ୍ୱାରା ସମ୍ମାନଜନକ ଡକ୍ଟରେଟ୍ ପ୍ରଦାନ କରାଯାଇଥିଲା, ଏବଂ ୧୯୪୬ ନବବର୍ଷ ସମ୍ମାନରେ ତାଙ୍କୁ ନାଇଟ୍ କମାଣ୍ଡର ଅଫ୍ ଦି ଅର୍ଡର ଅଫ୍ ଦି ଇଣ୍ଡିଆନ୍ ଏମ୍ପାୟାର (KCIE) ଉପାଧିରେ ସମ୍ମାନିତ କରାଯାଇଥିଲା । କୃଷ୍ଣଚନ୍ଦ୍ରଙ୍କର ମୃତ୍ୟୁ ୨୫ ମଇ ୧୯୭୪ରେ ୮୨ ବର୍ଷ ବୟସରେ ହୋଇଥିଲା । ଓଡ଼ିଶା ସରକାର ମହାରାଜାଙ୍କୁ ରାଷ୍ଟ୍ରୀୟ ସମ୍ମାନ ପ୍ରଦାନ କରିଥିଲେ ଏବଂ ପାରଳାଖେମୁଣ୍ଡିରେ ପୂର୍ଣ୍ଣ ସମ୍ମାନର ସହିତ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା । ଜନ ମଙ୍ଗଳକାରୀ କାର୍ଯ୍ୟ, ଓଡ଼ିଶା ପ୍ରଦେଶ ଗଠନ ଏବଂ ବିକାଶରେ ନିଜର ଉଲ୍ଲେଖନୀୟ ଅବଦାନ ନିମନ୍ତେ ମହାରାଜା ଚିର ସ୍ମରଣୀୟ ହୋଇ ରହିବେ । ଜୟନ୍ତୀ ଅବସରରେ ତାଙ୍କର ଅମର ଆତ୍ମା ପ୍ରତି ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ।

ସଂଗଣନ ବିଜ୍ଞାନ ଏବଂ ପ୍ରୟୋଗ ବିଭାଗ

ସୂଚନା ପ୍ରୌଦ୍ୟୋଗିକ ତଥା ପ୍ରବନ୍ଧନ ଶିକ୍ଷା ମହାବିଦ୍ୟାଳୟ (ସାଇମ)

ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର - ୭୫୧୦୧୦


ଭ୍ରାମ୍ୟଭାଷ - +୯୧ ୯୭୭୭୦୧୧୯୬୮

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପୁରୀର ରଥଯାତ୍ରା : ଜଗନ୍ନାଥଙ୍କ ମହୋତ୍ସବ

ଅଙ୍କିତ ସାହୁ



ପୁରୀର ରଥଯାତ୍ରା ଓଡ଼ିଶାରେ ଏକ ପ୍ରସିଦ୍ଧ ଧାର୍ମିକ ଉତ୍ସବ, ଯାହା ପ୍ରତିବର୍ଷ ଲକ୍ଷ ଲକ୍ଷ ଭକ୍ତମାନେ ଭାଗ ନେଇ ପାଳନ କରନ୍ତି । ଏହି ଉତ୍ସବର ମୂଳ କେନ୍ଦ୍ରବିନ୍ଦୁ ହେଉଛି ଲୋର୍ଡ ଜଗନ୍ନାଥ, ତାଙ୍କର ଭାଇ ବଳଭଦ୍ର ଏବଂ ଭଉଣୀ ସୁଭଦ୍ରାଙ୍କ ସହିତ ତିନିଟି ବଡ଼ ରଥରେ ଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରିବା । ଏହି ରଥଯାତ୍ରା କେବଳ ଧାର୍ମିକ ମାନ୍ୟତା ନୁହେଁ, ଏହା ଓଡ଼ିଶାର ସଂସ୍କୃତି, କଳା, ସାହିତ୍ୟ ଏବଂ ଜନ ସାଧାରଣଙ୍କର ଜୀବନର ଏକ ଅବିଚ୍ଛେଦ୍ୟ ଅଂଶ ।

ରଥଯାତ୍ରା ପ୍ରାଚୀନ କାଳରୁ ଚାଲିଆସୁଥିବା ଏକ ଧାର୍ମିକ ଉତ୍ସବ । ପୁରାଣ ଓ ଐତିହ୍ୟରେ ଏହି ଉତ୍ସବର ଉଲ୍ଲେଖ ମିଳେ, ଯାହା ଦ୍ୱାରା ଏହାର ଐତିହ୍ୟ ହଜାର ବର୍ଷରୁ ଅଧିକ ପୁରୁଣା ବୋଲି ଧାରଣା କରାଯାଏ । ରଥଯାତ୍ରାର ମୂଳ କାରଣ ହେଉଛି ଭଗବାନ ଜଗନ୍ନାଥଙ୍କର ଗୁଣ୍ଡିଚା ମନ୍ଦିରକୁ ଯାତ୍ରା, ଯାହା ତାଙ୍କର ଦର୍ଶନ ଏବଂ ଭକ୍ତମାନଙ୍କ ସହ ସମ୍ପର୍କ ସ୍ଥାପନ କରିବାର ଏକ ମାଧ୍ୟମ । ଏହି ଯାତ୍ରା ଭଗବାନଙ୍କ ମହାଦେବ ଓ କୃଷ୍ଣ ପରମ୍ପରା ସହ ଜଡିତ ଅତୁଟ ଧାର୍ମିକ ମୂଲ୍ୟ ରଖେ ।

ରଥଯାତ୍ରାରେ ତିନିଟି ବଡ଼ ରଥ ଥାଏ - ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ପାଇଁ । ପ୍ରତ୍ୟେକ ରଥର ନିଜସ୍ୱ ରୂପ, ଆକୃତି ଓ ଅଳଙ୍କାର ଥାଏ । ଏହି ରଥଗୁଡିକୁ ସୁନାର କାମ, ରତ୍ନ ଚାନ୍ଦୁଆ ଓ ଅନ୍ୟାନ୍ୟ ଶିଳ୍ପକଳା ଦ୍ୱାରା ସଜାଯାଇଥାଏ । ଭକ୍ତମାନେ ଏହି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରଥଗୁଡିକୁ ହାତରେ ଟାଣି ଗୁଣ୍ଡିଚା ମନ୍ଦିରକୁ ନେଇଯାନ୍ତି, ଯାହା ଏକ ଅତ୍ୟନ୍ତ ଭକ୍ତିମୟ ଦୃଶ୍ୟ ହୁଏ ।

ରଥଯାତ୍ରା ମାତ୍ର ଏକ ଉତ୍ସବ ନୁହେଁ, ଏହା ଭକ୍ତମାନଙ୍କ ପାଇଁ ଭଗବାନ ସହ ସମ୍ପର୍କ ସ୍ଥାପନର ଏକ ଅବସର । ଏହି ଉତ୍ସବ ଭକ୍ତମାନଙ୍କୁ ନିଜ ଜୀବନର ସମସ୍ତ ଦୁଃଖ ଓ କଷ୍ଟ ଭୁଲି ଭଗବାନଙ୍କ ପାଖରେ ଆସିବାର ଅବସର ଦିଏ । ଲୋକମାନେ ଏହି ଦିନରେ ମନ ଓ ଆତ୍ମାର ପବିତ୍ରତା ପାଇଁ ପ୍ରାର୍ଥନା କରନ୍ତି, ଯାହା ତାଙ୍କର ଜୀବନରେ ଶାନ୍ତି ଓ ସମୃଦ୍ଧି ଆଣିଥାଏ ।

ରଥଯାତ୍ରା କେବଳ ଧାର୍ମିକ ଉତ୍ସବ ନୁହେଁ, ଏହା ସାମାଜିକ ଏବଂ ସାଂସ୍କୃତିକ ଦୃଷ୍ଟିରୁ ବି ବହୁତ ମହତ୍ତ୍ୱପୂର୍ଣ୍ଣ । ଏହି ଉତ୍ସବରେ ଭିନ୍ନ-ଭିନ୍ନ ଜାତି, ଧର୍ମ ଓ ସମାଜର ଲୋକମାନେ ଏକସାଥି ହୋଇ ଭଗବାନଙ୍କ ପୂଜା କରନ୍ତି, ଯାହା ସମାଜରେ ଏକତା ଓ ସହଯୋଗର ଦୃଢ଼ ସନ୍ଦେଶ ପଠାଏ । ଏହି ଉତ୍ସବ ଓଡ଼ିଶାର କଳା, ସଙ୍ଗୀତ, ନୃତ୍ୟ ଓ ହସ୍ତଶିଳ୍ପକୁ ବିକାଶ କରିଥାଏ ।

ରଥଯାତ୍ରା ପରେ ଗୁଣ୍ଡିଚା ମନ୍ଦିରରେ ରହିଥିବା ଭଗବାନଙ୍କର ରହିବାକୁ ଏକ ସ୍ୱତନ୍ତ୍ର ଉତ୍ସବ ହୁଏ, ଯାହାକୁ ଗୁଣ୍ଡିଚା ପୂଜା ବୋଲି କୁହାଯାଏ । ଏହି ସମୟରେ ଭକ୍ତମାନେ ମନ୍ଦିର ଭିତରେ ଭଗବାନଙ୍କ ସମ୍ମୁଖରେ ପ୍ରାର୍ଥନା କରନ୍ତି ଏବଂ ତାଙ୍କର ଆଶୀର୍ବାଦ ନେଇ ଘରକୁ ଫେରନ୍ତି ।

ପୁରୀର ରଥଯାତ୍ରା ଲୋକମାନଙ୍କର ଆଧ୍ୟାତ୍ମିକ ଜୀବନରେ ଏକ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଉତ୍ସବ । ଏହା ଭଗବାନ ଜଗନ୍ନାଥଙ୍କ ପ୍ରତି ଭକ୍ତି, ସମ୍ପ୍ରଦାୟ ଏବଂ ସାମାଜିକ ସମ୍ମିଳନର ପ୍ରତୀକ । ରଥଯାତ୍ରା ମାଧ୍ୟମରେ ଭକ୍ତମାନେ ନିଜ ଆତ୍ମାକୁ ପବିତ୍ର କରି,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏକତା ଓ ଭାଇଚାରାର ସନ୍ଦେଶ ପ୍ରସାର କରନ୍ତି । ଏହି ଉତ୍ସବ ଓଡ଼ିଶାର ସଂସ୍କୃତିର ଏକ ଅମୂଲ୍ୟ ଧାରା ଭାବେ ରହିଛି ଓ ପୃଥିବୀର ଅନେକ ଲୋକଙ୍କୁ ଆକର୍ଷିତ କରୁଛି ।

ପ୍ରତିବର୍ଷ ରଥଯାତ୍ରା ଦେଖିବାକୁ ଯିବା ଭକ୍ତମାନେ ଏକ ଅନନ୍ୟ ଅନୁଭୂତି ଅନୁଭବ କରନ୍ତି, ଯାହା ତାଙ୍କର ଆଧ୍ୟାତ୍ମିକ ଜୀବନରେ ଏକ ନୂତନ ଆଲୋକ ଆଣିଥାଏ । ଏହି ଉତ୍ସବ ଓଡ଼ିଶାର ଗର୍ବ ଓ ଭାରତୀୟ ସଂସ୍କୃତିର ଏକ ଅମୂଲ୍ୟ ସମ୍ପଦ ।

ଦଶମ  ଶ୍ରେଣୀ ଛାତ୍ର,

ଗ୍ଲୋବାଲ୍ ଇଣ୍ଡିଆନ ମଡେଲ ସ୍କୁଲ,

ବିଦ୍ୟାଧରପୁର,କଟକ

ଠିକଣା: -ରାଜେନ୍ଦ୍ର ନାଗର, କଟକ ।

ମୋ:-୮୨୪୯୬୮୪୫୯୯

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସାରଳା ମହାଭାରତରେ ଶିଳ୍ପ, ବାଣିଜ୍ୟ ଓ ସ୍ଥାପତ୍ୟ

ହିମାଦ୍ରି ତନୟା ମିଶ୍ର

ଜୀବିକା ନିର୍ବାହ ନିମନ୍ତେ ଶିଳ୍ପ ହେଉଛି ପ୍ରମୁଖ ପନ୍ଥା । ବିଶ୍ୱକର୍ମା ହେଉଛନ୍ତି ଶିଳ୍ପର ସ୍ରଷ୍ଟା । ମନୁଙ୍କ ମତରେ – ଶିଳ୍ପ ଶୁଦ୍ରଜାତିର ବୃତ୍ତି । ସଂସ୍କୃତ ରାମାୟଣରେ କୁମ୍ଭକାର, ଲୋହୁକାର, ଶସ୍ତ୍ରୋପଜୀବୀ ଓ ମାୟୁରକ ଆଦି ଶିଳ୍ପଜୀବୀମାନଙ୍କର ଉଲ୍ଲେଖ ରହିଛି । ପ୍ରାଚୀନ କାଳରେ ଭାରତୀୟଗଣ କାଷ୍ଠ ହସ୍ତୀଦନ୍ତ ଅସ୍ଥି, ଧାତୁ ଓ ଚମ ଆଦି ଶିଳ୍ପରେ ସୁନିପୁଣ ଥିଲେ । ସେହିପରି ବାଣିଜ୍ୟ କ୍ଷେତ୍ରଟି ଜୀବନଧାରଣ ନିମିତ୍ତ ନିତ୍ୟାନ୍ତ ଜରୁରୀ । ସବୁ ଯୁଗରେ ବାଣିଜ୍ୟ ଓ ବିକାଶ ଶାସକମାନଙ୍କର ଧ୍ୟାନ-ଧାରଣାର ବିଷୟ ହୋଇଆସିଛି । ରାଜ୍ୟର ଅର୍ଥନୈତିକ ବ୍ୟବସ୍ଥାରେ ବାଣିଜ୍ୟ ଓ ଶିଳ୍ପ ପରସ୍ପର ପରିପୂରକ । ଶିଳ୍ପର ପ୍ରସାର ବାଣିଜ୍ୟ ମାଧ୍ୟମରେ ହିଁ ହୋଇଥାଏ । ବସ୍ତୁର ଆଦାନ ପ୍ରଦାନ ଆବଶ୍ୟକୀୟ ସାମଗ୍ରୀ ବାଣିଜ୍ୟ ମାଧ୍ୟମରେ ହିଁ ଲୋକଙ୍କ ହିତ ସାଧନ ନିମନ୍ତେ ଯୋଗାଇ ଦିଆଯାଇଥାଏ । ପ୍ରାଚୀନ ଭାରତରେ ଦଶବିଧ ବୃତ୍ତିସହ ଶିଳ୍ପ-ବାଣିଜ୍ୟ ପରିଗଣିତ ହେଉଥିଲା । ଭାରତୀୟ ସମାଜରେ ବାଣିଜ୍ୟ ବୈଶ-କର୍ମ ରୂପରେ ଗୃହୀତ । ସ୍ଥାପତ୍ୟ କର୍ମ ଜୀବିକାର୍ଜନର ଅନ୍ୟତମ ଦିଗ । ପାତଞ୍ଜଳିଙ୍କ ଭାଷାରେ- ନରଗକାରକ, କୂପଖନନ ପ୍ରାସାଦ ଓ କୁଟୀର (ଏକତଳ ବିଶିଷ୍ଟ ଗୃହ)ର ଉଲ୍ଲେଖ ରହିଛି । ସଂସ୍କୃତ ମହାଭାରତରେ ଜତୁଗୃହ, ସ୍ୱୟଂମ୍ବର ସଭା, ଯଜ୍ଞମଣ୍ଡପ, ପୁଷ୍କରିଣୀ ଆଦି ଖନନକୁ ନିଆଯାଇଛି ।

ମଧ୍ୟଯୁଗରେ ଶିଳ୍ପ ଓ ବାଣିଜ୍ୟର ବିକାଶ ହୋଇଛି । ମଧ୍ୟଯୁଗୀୟ ସମୟରେ ବୈଦେଶିକ ବଣିକମାନେ ଭାରତକୁ ବହୁ ସଂଖ୍ୟାରେ ଆସି ସୁନାରୂପା ବିନିମୟରେ ହସ୍ତୀଦନ୍ତ ନିର୍ମିତ ଦ୍ରବ୍ୟ ନେଉଥିଲେ । ସେ ସମୟରେ କୃଷିରେ ବହୁ ଲୋକ ଜୀବିକା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନିର୍ବାହ କରୁଥିଲେ ମଧ୍ୟ ଶିଳ୍ପର ବହୁବିଧ ପ୍ରଚଳନ ରହିଥିଲା । ସେ ସମୟରେ ଲୋକେ କାର୍ପାସ, ରେଶମ, ପଶମ, ଲୌହ ଓ ତାମ୍ର ଆଦିର ବାଣିଜ୍ୟ କାରବାର କରୁଥିଲେ । ସେତେବେଳେ ଭାରତ ସହ ଚୀନ, ମାଳୟ, ଭୁଟାନ, ତିବ୍ବତ, ଆଫଗାନିସ୍ଥାନ, ପାରସ୍ୟ, ଏସିୟା ଓ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ସହ ଭଲ ଯୋଗାଯୋଗ ରହିଥିଲା । କାଲିକଟ୍ ବନ୍ଦରଠାରୁ ଲୋହିତ ସାଗର ଅଭିମୁଖେ ଭାରତୀୟ ବାଣିଜ୍ୟ-ତରୀମାନ ଯାତ୍ରା କରୁଥିଲା । ସେ ସମୟରେ ବସ୍ତ୍ର, ଧାତୁ ଓ ସ୍ୱର୍ଣ୍ଣାଦି ଶିଳ୍ପର ପ୍ରଭୃତ ପ୍ରଚଳନ ରହିଥିଲା । ସେ ସମୟରେ ଭାରତର ସ୍ଥାପତ୍ୟ, ବୈଦେଶିକମାନଙ୍କର ଦୃଷ୍ଟିଆକର୍ଷଣ କରିଥିଲା । ଭାରତର ତୀର୍ଥସ୍ଥାନମାନଙ୍କରେ ଥିବା ପୁଷ୍କରିଣୀମାନ ଦେଖି ବିସ୍ମୟ ପ୍ରକାଶ କରୁଥିଲେ । ହିନ୍ଦୁମାନଙ୍କର ପୁଷ୍କରିଣୀ ଖନନ କରିବାର କଳା-କୌଶଳ ଅତି ଉଚ୍ଚକୋଟୀର ଥିଲା ବୋଲି ବିଦେଶୀ ପର୍ଯ୍ୟଟକଙ୍କ ମତ । ଏହି ଶିଳ୍ପ ବାଣିଜ୍ୟ ଓ ସ୍ଥାପତ୍ୟର ନୈପୁଣ୍ୟତା ସାରଳା ଦାସଙ୍କ ମହାଭାରତରେ କାବ୍ୟିକ ସାକ୍ଷୀ ।

ବିଭିନ୍ନ ଶିଳ୍ପ :

ସେ କାଳରେ ପ୍ରତିଷ୍ଠିତ ଥିବା ବିଭିନ୍ନ ଶିଳ୍ପମାନଙ୍କର ପରିଚୟ ସାରଳା ଦାସଙ୍କ କୃତିରେ ଅତ୍ୟନ୍ତ ସୁନ୍ଦର ଭାବରେ ଦର୍ଶାଇଛନ୍ତି ।

୧. ଅଳଙ୍କାର :

ଭାରତବର୍ଷରେ ପ୍ରାଚୀନ କାଳରୁ ଏଯାବତ୍ ଅଳଙ୍କାରର ପ୍ରସିଦ୍ଧି ରହିଛି । ମହାଭାରତ, ରାମାୟଣ, ଭାଗବତ, ବିଷ୍ଣୁପୁରାଣ ଆଦିରେ ବିଭିନ୍ନ ଅଳଙ୍କାରର ବର୍ଣ୍ଣନା ରହିଛି । ଯଥା – ସୁବର୍ଣ୍ଣ ହାର, କୁଣ୍ଡଳ, କେୟୁର, ମୁକୁଟ ଓ ନିଷ୍କହାର, ମେଖଳା, ଅଙ୍ଗୁରୀୟ, ନୁପୁର, କଙ୍କଣ, କେୟୁର (ବାଜୁବନ୍ଧ) କିରୀଟ, କର୍ଣ୍ଣାଳଙ୍କାରର ଉଲ୍ଲେଖ ରହିଛି ।

ସାରଳା ଦାସଙ୍କ 'ମହାଭାରତ'ର ବର୍ଣ୍ଣନାରେ ରହିଛି ଉତ୍କଳୀୟ ନାରୀମାନେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବହୁବିଧ ଅଳଙ୍କାର ବ୍ୟବହାର କରିଥାନ୍ତି । କୁହାଯାଇଛି ଦ୍ରୌପଦୀ ସ୍ୱୟଂମ୍ବର ସମୟରେ ବହୁ ଅଳଙ୍କାର ପରିଧାନ କରିଥିଲେ । ତାଙ୍କର ଦାସୀମାନେ ମଧ୍ୟ ବହୁ ଅଳଙ୍କାର ଧାରଣ କରିଥିଲେ ।

“ମୁକୁତା ଜାଲି ଉପରେ ସୀମନ୍ତିନୀ ମଣି
ଲଲାଟ ପଟରେ ହୀରା ରତନ ଖଞ୍ଜିଣୀ
ନାସାରେ ଅଷ୍ଟରତ୍ନର ଫୁଲି ଯେ ବସଣୀ
ସୂର୍ଯ୍ୟପାଖେ ଚନ୍ଦ୍ରମା ଉଇଁଲାକ ପୁଣି
ଭୁଜରେ କଙ୍କଣ ଦିବ୍ୟ ରପ୍ୟ ବେନିଚୂଡ଼ା
ଅଷ୍ଟରତନ ଖଚିତ ବିଦ ମୁଦି ଯୋଡ଼ି
ବଳା ପସରି ଦଶ ଅବତାର ମାଳ
ସୁବର୍ଣ୍ଣର ଚୂଡ଼ୀ କଟୀ କିଙ୍କଣୀ ମେଖଳ
ବିଦମୁଦି ବାହୁଟି ଯେ ସୁନାପାଣି ଦ୍ରବ୍ୟ
ରୁଣୁଝୁଣୁ ନୂପୁର ଯେ ତରଣେ ଆରମ୍ଭ ।”

ସେ କାଳରେ ପୁରୁଷମାନେ ନାରୀମାନଙ୍କ ଭଳି ଅଳଙ୍କାର ପରିଧାନ କରୁଥିଲେ । ସ୍ୱୟଂମ୍ବର, ଯୁଦ୍ଧଯାତ୍ରା ସମୟରେ ସେମାନେ ଅଳଙ୍କାର ପିନ୍ଧୁଥିଲେ ।

“ଶିରରେ ରତନମଣି ମକୁଟ ଉଜ୍ଜ୍ୱଳ
ଭୁଜରେ ତାଡ ତୋଡର କଣ୍ଠେ କର୍ଣ୍ଣାଞ୍ଚଳ
ତାଡଝୁମ୍ପା ବାହୁଟି ଯେ ପାଦବଳା
ଶିରକୁ ସୀମନ୍ତ ହାର ହୃଦୟକୁ ମାଳା
ରତ୍ନମଣି ମୁକୁଟ ଯେ ବିରାଜଇ ଶିରେ
ବିଦମୁଦି କଙ୍କଣ ଯେ ଶୋଭଇ ବାହୁରେ ।”

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପଞ୍ଚଦଶ ଶତାବ୍ଦୀର ବହୁ ପୂର୍ବରୁ ଉଭୟ ନାରୀ ଓ ପୁରୁଷ ଅଳଙ୍କାର ପରିଧାନ କରିବାର ପରମ୍ପରା ରହିଥିଲା ।

୨. ବସ୍ତ୍ର :

ଋକବେଦରେ ଏହା ସମ୍ପର୍କରେ ଉଲ୍ଲେଖ ରହିଛି । ସଂସ୍କୃତ ମହାଭାରତରେ ଶୁକ୍ଳବସ୍ତ୍ର, ପୀତବସ୍ତ୍ର ଓ ନୀଳବସ୍ତ୍ରର ଉଲ୍ଲେଖ ରହିଛି । ମାହାଭାଷ୍ୟରେ ଧୋତି, ପାଟବସ୍ତ୍ର ଆଦିର ଉଲ୍ଲେଖ ରହିଛି । ସାରଳା ମହାଭାରତରେ କୁହାଯାଇଛି ଯେ, ସେ ସମୟରେ ରାଜକୁମାରୀମାନେ ଝିନ୍ନବସ୍ତ୍ର ଓ ପଟବସ୍ତ୍ର ଧାରଣ କରୁଥିଲେ । କୁମାରମାନେ ସୁଝୀନ ପୀତାମ୍ବର ପରିଧାନ କରୁଥିଲେ । କେହି କେହି ବଳୁ, ରେଶମରବସ୍ତ୍ର ମଧ୍ୟ ପିନ୍ଧୁଥିଲେ ।

୧. ଦ୍ରୌପଦୀ ଝୀନବସ୍ତ୍ର ପିନ୍ଧି ସ୍ୱୟଂମ୍ବର ସଭାକୁ ଆସିଥିଲେ ।

୨. ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କ ସୁଝୀନ ପୀତାମ୍ବର ପିନ୍ଧାଇଥିଲେ ।

୩. ଜରାଶବର ନାଲି ରଙ୍ଗର ଦୁକୂଳ ପିନ୍ଧି ଅସ୍ତ୍ରଶିକ୍ଷା ନିମିତ୍ତ ଦ୍ରୋଣାର୍ଯ୍ୟଙ୍କ ପାଖକୁ ଯାଇଥିଲା ।

ବିଭିନ୍ନ ବର୍ଣ୍ଣର ବସ୍ତ୍ର ସେତେବେଳେ ବ୍ୟବହାର ହେଉଥିଲା । ଖନିକାର ପରିଧାନ ନିମିତ୍ତ କଳାବସ୍ତ୍ର, ଗଣେଶ ନାଲିରଙ୍ଗରେ ଶୋଭିତ ହୋଇଥିଲେ, ଶ୍ରୀକୃଷ୍ଣଙ୍କ ପୀତବାଦ ଓ ସନ୍ୟାସୀଙ୍କୁ କଷାୟବସ୍ତ୍ର ଧାରଣ କରୁଥିଲେ ।

ଅତି ପ୍ରାଚୀନ କାଳରୁ ଅଷ୍ଟାଦଶ ଶତାବ୍ଦୀ ପର୍ଯ୍ୟନ୍ତ ଉତ୍କଳରେ ବସ୍ତ୍ରଶିଳ୍ପର ଭୂୟୋବିକାଶ ଘଟିଥିଲା । ଉଦୟଗିରିର ରାଣୀଗୁମ୍ଫା ଓ ଗଣେଶଗୁମ୍ଫାରେ ଥିବା ନାରୀ ଚରିତ୍ରରେ ସୂକ୍ଷ୍ମବସ୍ତ୍ରର କାରୁକାର୍ଯ୍ୟକୁ ଦେଖିଲେ ବସ୍ତ୍ରର ସୌନ୍ଦର୍ଯ୍ୟତା ଫୁଟିଉଠେ । ସେ ସମୟରେ ସାଧାରଣତଃ ପୁରୁଷମାନେ ଧୋତି ଓ ଉତ୍ତରୀୟ ଓ ନାରୀମାନେ ଲୁଗା ପରିଧାନ କରୁଥିଲେ ।

"ଦଦରା ଛତା ଖଣ୍ଡିଏ କାନ୍ଧରେ ଗାମୁଛା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଧୋତି ମଳିନ ଉତ୍ତରୀ ପଇତା ହିଁ ଲୋ

ପାଟପତନୀ ଖଣ୍ଡୁଆ ନାନା ଜାତି ଶାଢ଼ୀ ।"

ପରିଧେୟ ଛଡ଼ା ଅନ୍ୟ ବ୍ୟବହାର୍ଯ୍ୟ ଜିନିଷ ଲୋକେ ବ୍ୟବହାର କରୁଥିଲେ । ପତାକା, ବିଛଣା, ଦର, ମଶାରୀ, ଆଲମ୍ବ ଓ ମୁଚୁଳି । ଏହିପରି ଭାବରେ ସେତେବେଳେ କଳିଙ୍ଗର ବସ୍ତ୍ର ରାଜଯୋଗ୍ୟ ଭୂଷଣ ଭାବରେ ପ୍ରତିଷ୍ଠିତ ହୋଇଥିଲା ।

୩. ରୌପ୍ୟଦ୍ରବ୍ୟ :

ସେ ସମୟରେ ରାଜକୀୟ ବଂଶାବଳୀର ବମାନରେ ସୁନା, ରୂପା ଓ ମଣିମାଣିକ୍ୟ ଖଞ୍ଜା ଯାଉଥିଲା । ରାଜପ୍ରାସାଦଗୁଡିକ ନିର୍ମାଣ କାଳରେ ରୌପ୍ୟ ଓ ଅଷ୍ଟଧାତୁର ବ୍ୟବହାର ରହିଥିଲା । କବିଙ୍କ ଲେଖନୀରୁ ଯାହା ଜଣାପଡେ –

୧. ଅଭିମନ୍ୟୁଙ୍କ ବିବାହ ମଣ୍ଡପରେ ଉପବେଶନ କରିବା ନିମନ୍ତେ ତା'ର ପାବଛ ଗୁଡ଼ିକ ରୌପ୍ୟରେ ନିର୍ମିତ ଥିଲା ।

୨. ଯୁଧିଷ୍ଠିରଙ୍କ ଯଜ୍ଞଶାଳା ମଧ୍ୟ ରୂପାରେ ଛାଉଣି କରାଯାଇଥିଲା ।

୩. ପାଣ୍ଡବମାନେ ଇନ୍ଦ୍ରପ୍ରସ୍ଥ ନଗରୀକୁ ଗମନ କଲାବେଳେ ଅନୁକୂଳ ପୂର୍ବକ ରୂପାଘଡ଼ିରେ ଦଧିର ଯୋଗାଡ଼ କରାଯାଇଥିଲା ।

ମଧ୍ୟ ଯୁଗରେ ରୂପା ବ୍ୟବହାରର ପ୍ରମାଣ ପର୍ଶୁରାମ ମନ୍ଦିରଗାତ୍ରରୁ ମିଳେ ।

୪. ସୁବର୍ଣ୍ଣ ଉପକରଣ :

ଅଳଙ୍କାର ବ୍ୟତୀତ ନାନାବିଧ ବ୍ୟବହାର୍ଯ୍ୟ ବସ୍ତୁ ମଧ୍ୟ ସୁନା ଦ୍ୱାରା ପ୍ରସ୍ତୁତ କରାଯାଇଛି । ସୁବର୍ଣ୍ଣଘଟ, ଆସନ, ପଲଙ୍କ ଇତ୍ୟାଦି । ସାରଳା ଦାସଙ୍କ ସମୟରେ ସୁବର୍ଣ୍ଣର ନାନା ଉପରକରଣ ଓଡ଼ିଆ ଶିଳ୍ପୀମାନେ ପ୍ରସ୍ତୁତ କରିଥିଲେ । ଯଥା – ସୁବର୍ଣ୍ଣ ରଥ, ହାନ୍ଦୋଳା ପଲଙ୍କ, ଥାଳି, ଘଡ଼ି, ଅର୍ଘ୍ୟଥାଳୀ, ଦୀପ, ରୁଖା, କୁମ୍ଭ, ନୌତି, ପଞ୍ଜୁରୀ ଓ ଗଙ୍ଗଡ଼ା କୋଦଣ୍ଡ, ଧନୁ, ନାରାଚ, ଗଦା ଇତ୍ୟାଦି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

"ସୁବର୍ଣ୍ଣ ରଥେ ଶାର୍ଦ୍ଦୁଳ ଚର୍ମ ଯତ୍ନେ ଛାଇ
ସୁବର୍ଣ୍ଣ ହାନ୍ଦୋଳ ମଧ୍ୟେ ବିଜୟ ପାଥଞ୍ଜଳୀ
ସୁବର୍ଣ୍ଣ ପିଞ୍ଜରାରେ ଅନ୍ନ ଦେଉଥିଲେ ନିତି
ସୁବର୍ଣ୍ଣ ଙ୍ଗଡାମାନ ଘେନିଣ କାମିନୀ ।"

୫. ଲୌହ ଶିଳ୍ପ :

ସାରଳା ମହାଭାରତରେ ପଞ୍ଚଦଶ ଶତାବ୍ଦୀର ଉତ୍କଳରେ ଲୌହ ଶିଳ୍ପ ପ୍ରବାହମାନ ଥିବା କଥା ବର୍ଣ୍ଣନା କରାଯାଇଛି । ସେ ସମୟରେ ଓଡ଼ିଶାରେ ଗ୍ରାମୀଣ କମାରଶାଳ ଥିଲା ଯାହା ଲୌହ ଶିଳ୍ପର କେନ୍ଦ୍ର ଥିଲା ଓ କମାନମାନେ ସେଠାରେ କାମ କରୁଥିଲେ । ସାରଳା ମହାଭାରତର ଖନିକାର ଜନ୍ମ ବୃତ୍ତାନ୍ତ ଉପାଖ୍ୟାନରେ ବର୍ଣ୍ଣିତ ରହିଛି ।

"ରାତ୍ରେ ହୋଇଲେ ଯତନେ ଶାଳପୂଜା କରି
ନୂତନ ଅଗ୍ନି ଉତ୍ତାରି ଚମକ କି ଧରି
ରାତ୍ର ତିନିପ୍ରହରେ କୃଷ୍ଣଛାଗ ନେଇ
ଚଣ୍ଡୀ ଦେବୀଙ୍କୁ ରକତ ଭାତ ବଳିଦେଇ ।"

ସେହିପରି ମହାଭାରତରେ ଦୁର୍ଯ୍ୟୋଧନ ଜତୁଗୃହ ନିର୍ମାଣ କଲାବେଳେ ଲୌହ କର୍ମରେ ନିଯୁକ୍ତ ବିନ୍ଧାଣୀମନେ ଯେଉଁ ଲୌହ ଦ୍ରବ୍ୟର ବ୍ୟବହାର କରିଥିଲେ ତା'ର ବର୍ଣ୍ଣନା ରହିଛି ।

"ହାଣନ୍ତେ ପାଷାଣେ ଯାଇ ଲାଗିଲାକ କୋଡି
ଲେଖନୀ ଧରି ବସିଲେ ତାଳପତ୍ର ଘେନି
ଲୁହାଣସ୍ତ୍ର ଦେଉଅଛି ତୋତେ ବନମାଳୀ
ନାରାୟଣ ଚକ୍ର କୁନ୍ତ ସୁଷଳ ଭୂଷଣ୍ଡୀ
ଲୁହା ଚଟୁରେ ପିଠଉ ଲୁଚି ଏ ଯେ ଦେଇ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭୁଜେ ବାଜି ଲୌହଗଦା ଚୂର୍ଣ୍ଣଗଲା ହୋଇ ।”

ଗଙ୍ଗ ଓ ସୂର୍ଯ୍ୟବଂଶର ରାଜତ୍ୱ କାଳରେ ଲୌହ ଶିଳ୍ପର କାରଖାନାମାନ ରହିଥିଲା ଐତିହାସିକଙ୍କ ମତ ।

୬. ତାମ୍ର ଶିଳ୍ପ :

ପ୍ରାଚୀନ କାଳରେ ରାଜାନୁଶାସନର ବ୍ୟବସ୍ଥା, ବଂଶାବଳୀର ଗାଥା ଓ ସନନ୍ଦ ସବୁ ତମ୍ବାଫଳକରେ ଲେଖାଯାଉଥିଲା । ମହାଭାରତ, ମନୁସ୍ମୃତି ଓ ମହାଭାଷ୍ୟରୁ ତମ୍ବା ବ୍ୟବହାରର ପ୍ରାଚୀନତା ଉପଲବ୍ଧ । ମହାଭାରତରେ ଉଲ୍ଲେଖ ଅଛି ଯୁଧିଷ୍ଠିରଙ୍କ ଯଜ୍ଞଶାଳା ନିର୍ମାଣ ସମୟରେ ତମ୍ବାର ବିନ୍ଧାଣିମାନେ ତାମ୍ର ଯୋଗାଡ଼ କରିଥିଲେ । ଆହୁରି ମଧ୍ୟ ଲେଖା ଅଛି କ୍ରମିଳା ନାମକ ବାଉରୀକୁ ଶାସନଦାନ କରାଯିବା ଉଦ୍ଦେଶ୍ୟରେ ତମ୍ବାପଟିଆ ସନନ୍ଦ ପ୍ରଦତ୍ତ ହୋଇଥିଲା ।

“ବାଉରୀ ଶାସନ ବୋଲି ଏହା ନାମ ହେଉ

ଆମ୍ଭର ଏ କଥା ଯୁଗେ ଯୁଗେ ରହିଥାଉ

ତମ୍ବାପଟରେ ସମସ୍ତ କଥା କୃଷ୍ଣ ବଜ୍ରଧାରୀ ।”

ଇତିହାସରୁ ଜଣାଯାଏ ସେ ସମୟରେ ତମ୍ବାରେ ବହୁବିଧ ଶିଳ୍ପର ପ୍ରସ୍ତୁତ ଓ ପ୍ରସାର ମଧ୍ୟ ହୋଇଥିଲା । ସେ ସମୟରେ କପିଳେନ୍ଦ୍ର ଦେବ ବ୍ରାହ୍ମଣମାନଙ୍କୁ ଜାଗେଶ୍ୱର ପୁର, ବେଲମାପୁର ଓ ପ୍ରତାପ କପିଳେଶ୍ୱର ପୁର ଗ୍ରାମମାନ ଦାନ କରି ତାଙ୍କ ରାଜତ୍ୱର ୨୮ ଅଙ୍କ ତାମ୍ରପଟା ସନନ୍ଦ ପ୍ରଦାନ କରିଥିବା କଥା ଉଲ୍ଲେଖ ରହିଛି । ତମ୍ବାରେ କୁଣ୍ଡଳ, ନୌକା, ପାତ୍ରୀ ଓ କୁଣ୍ଡ ଭଳି ବ୍ୟବହାର୍ଯ୍ୟ ବସ୍ତୁ ମଧ୍ୟ ତିଆରି ହୋଇଥିବା କଥା ବର୍ଣ୍ଣନା କରାଯାଇଛି ।

୭. କାଂସ୍ୟ ଶିଳ୍ପ :

କାଂସ୍ୟଶିଳ୍ପ ଭାରତରେ ବହୁକାଳରୁ ପ୍ରସିଦ୍ଧ । ପାଣ୍ଡୁଙ୍କ ଶୁଦ୍ଧିକ୍ରିୟାବେଳେ କାଂସ୍ୟ-

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବାସନ ଦାନ କରାଯିବା କଥା, ଦୁର୍ଯ୍ୟୋଧନ ଗାନ୍ଧାରସେନକୁ ବନ୍ଦୀଗୃହରେ କଂସା ଥାଳିରେ ଅନ୍ନ ଦେଉଥିବା କଥା ମହାଭାରତରେ ବର୍ଣ୍ଣିତ ହୋଇଛି । କବିଙ୍କ ବର୍ଣ୍ଣନାରେ ବାଦ୍ୟଯନ୍ତ୍ର କଂସାଳ, ମର୍ଦ୍ଦଳ ଓ ଝାଞ୍ଜ କାଂସ୍ୟରେ ତିଆରି ।

"ଦେ ବେଶ କଂସାଳ ନେଲେ ପବନ କାହାଳ
ଝାଞ୍ଜ ମୃଦଙ୍ଗ ମର୍ଦ୍ଦଳେ ପୃଥ୍ୱୀ କମ୍ପମାନ
ମର୍ଦ୍ଦ, କଂସାଳ ତୁରୀ ତାଳର ବିଧାନେ ।"

ଇତିହାସକୁ ଅନୁଧ୍ୟାନ କଲେ ଜଣାଯାଏ ସେ ସମୟରେ କଣ୍ଟିଲୋ ଓ ବାଲେଶ୍ୱର କଂସାବାସନର ପ୍ରଧାନ କେନ୍ଦ୍ର ଥିଲା ଏବଂ ସେହିଠାରୁ ବହୁ କଂସାବାସନ ବିଦେଶକୁ ରପ୍ତାନି ହେଉଥିଲା ।

୮. ମୃଣ୍ମୟ ଶିଳ୍ପ :

ସାରଳା ମହାଭାରତରେ କୁମ୍ଭାରମାନେ କୁମ୍ଭାର ଶାଳରେ ମୃଣ୍ମୟ ଶିଳ୍ପ ପ୍ରସ୍ତୁତ କରିଥାନ୍ତି ବୋଲି ଉଲ୍ଲେଖ ରହିଛି । ମହାଭାରତରେ ବର୍ଣ୍ଣିତ ଅଛି ଯୁଧିଷ୍ଠିରଙ୍କ ଯଜ୍ଞକୁ ହାଣ୍ଡି ଯୋଗାଇବା ପାଇଁ ବତିଶଲକ୍ଷ କୁରାଳଶାଳ ପ୍ରତିଷ୍ଠା କରାଯାଇଥିଲା । ପାଣ୍ଡବମାନେ ବନବାସ କାଳରେ କୁରାଳଶାଳାରେ ଆଶ୍ରୟ ନେଇଥିବା କଥା ଉଲ୍ଲେଖ ରହିଛି । ତାହା ଶୁଦ୍ଧସ୍ଥାନ ଓ ପାପନାଶକ ବୋଲି କହିଛନ୍ତି ।

"ଯୁଧିଷ୍ଠି ବୋଇଲେ ବାବୁ କହନ୍ତି ପଣ୍ଡିତ
ସେ ସ୍ଥାନ ଗୋଟି ଅଟଇ ଅତ୍ୟନ୍ତ ପବିତ୍ର
ଗୋରୁ ଗୁହଳେ ଅଥବା କୁରାଳର ଶାଳ
ଏଥି ଯେ ରହେ ତା ପାପ ଖଣ୍ଡେଇ ସକଳ ।"

ଏବେ ମଧ୍ୟ ପୁରୀରେ ଓ ଭୁବନେଶ୍ୱର ମନ୍ଦିରମାନଙ୍କରେ ମାଟି କୁଡୁଆ ବ୍ୟବହୃତ ହୋଇଥାଏ । ମାଟିର ବିଭିନ୍ନ ପାତ୍ର ତିଆରି ହୁଏ । ଯଥା- ମାଟିହାଣ୍ଡି, ଘଟ, କଳସୀ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନଉତି, କୁଡୁଆ, ଦୀପ ପ୍ରଭୃତି ଏସବୁର ବ୍ୟବହାର ଭାରତର ଅନ୍ୟ ସ୍ଥାନରେ ବିରଳ ।

୯. କାଷ୍ଠଶିଳ୍ପ :

ଋକବେଦରେ ବର୍ଣ୍ଣିତ ରହିଛି । ଏହି ମନ୍ତ୍ର ଉଚ୍ଚାରଣ କରି ବିଶ୍ୱକର୍ମା କାଠଚକ୍ର ନିର୍ମାଣ କରି ସୁଦୃଢ ରଥ ଗଠନ କରିଥିଲେ ।

"କବାଟେ କର ଦିଅନ୍ତେ ମଥାରେ କିଳିଣୀ
ପାଦରେ କଠଉ ପୁଣ ମଥାରେ ଖୋଲରି
ନେଲ କାଷ୍ଟେ ପୁଣି ଷଣ୍ଢେ କରନ୍ତି ସେହଳ
କୁଳ ଫରୁଆ କାଞ୍ଚିଲା ବିଦ୍ୟେ ବକ୍ଷସ୍ଥଳେ ।"

ସାରଳା ଦାସଙ୍କ ସମୟରେ ଉତ୍କଳରେ ବଢ଼େଇମାନେ କାଠର ନାନାବିଧ ଶିଳ୍ପ କରି ଜୀବିକା ନିର୍ବାହ କରୁଥିଲେ । ହିନ୍ଦୋଳ, ବିମାନରଥ, ପଲଙ୍କ, କବାଟ, କଠଉ, ଧନୁ, ହଳ, ଫରୁଆ, କାଠପେଡ଼ି, ଲଙ୍ଗଳ, ପିଢ଼ା ଇତ୍ୟାଦି ।

୧୦. ଗୌଣଶିଳ୍ପ :

ସାରଳା ଦାସଙ୍କ ସମୟରେ ଚମଡ଼ା, ହାତୀଦାନ୍ତ, ଅସ୍ଥି ଓ କାଚ ଶିଳ୍ପର ପ୍ରଚଳନ ରହିଥିଲା । ମହାଭାରତରେ ବର୍ଣ୍ଣିତ ଅଛି ଗଙ୍ଗାଦେବୀ ରାଜା ଗାନ୍ଧାରସେନଙ୍କୁ ହାତର ଅସ୍ଥିରେ ପଶାକାଠି ଗୋଟିଏ ପ୍ରସ୍ତୁତ କରବାକୁ ଦେଇଥିଲେ । ଶକୁନି ମଧ୍ୟ ନିଜ ପିତାଙ୍କ ହାତର ଅସ୍ଥିକୁ ଘୋରି ଘୋରି କାଠି ତିଆରି କରିଥିଲେ । କବି, ଦର୍ପଣରେ ଦେଖିବା ଓ ରଥରେ ଦର୍ପଣ ଖଞ୍ଜା ହେବାକଥା ଉଲ୍ଲେଖ କରିଛନ୍ତି । ଚମଡ଼ା ଶିଳ୍ପର ଅସ୍ତିତ୍ୱ କବି-ବର୍ଣ୍ଣନା କରିଛନ୍ତି ମୃଦଙ୍ଗ, ଢୋଲ ଇତ୍ୟାଦି ।

"ମୃଦଙ୍ଗ ତାଳ, କଂସାଳ ଶଙ୍ଖ ତନ୍ତ୍ର ବୀଣା
ବଜାନ୍ତି ଦୁନ୍ଦୁଭି ଯେ ମହୁରୀ ଢୋଲ ଭେରୀ
ଖଞ୍ଜି ହୀରା ନୀଳ ଗଜଦନ୍ତ ପୀଢ଼ା ପାରି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବସାଇଲେ ଗଜବନ୍ତ ପଲ୍ୟଙ୍କ ଉପରେ

ହାତୀଦାନ୍ତ ପାନିଆରେ କେଶ ତା ହସମାଳି ।"

କେତେକ ବେତକାମର ମଧ୍ୟ ଚିତ୍ର ଦେଖାଯାଏ ଓଡ଼ିଶାରେ । ପାଣ୍ଡବମାନେ ବେତଛତ୍ର ନିର୍ମାଣ କରି ଭିକ୍ଷା ପାଇଁ ଯାଉଥିବା କଥା କବି ଲେଖିଛନ୍ତି ମହାଭାରତ ଗ୍ରନ୍ଥରେ । ବାଉଁଶରେ କେତେକ ସାମଗ୍ରୀ ତିଆରି ହେଉଥିବା କଥା ଉଲ୍ଲେଖ ରହିଛି । ରମ୍ଭା ଓ ଉର୍ବଶୀ ଆଦି ବାଳିକାମାନେ ଧୂଳିଖେଳ ପ୍ରସଙ୍ଗରେ ଟୋକେଇ ଓ କୁଲେଇର ବ୍ୟବହାର କଥା କବି ଲେଖିଛନ୍ତି ।

ବାଣିଜ୍ୟ :

ଶିଳ୍ପ ସହ ବାଣିଜ୍ୟର ଘନିଷ୍ଠ ସମ୍ପର୍କ ରହିଛି । ବାଣିଜ୍ୟ ଓ ବ୍ୟବସାୟ ମାଧ୍ୟମରେ ଶିଳ୍ପଜାତ ଦ୍ରବ୍ୟର ବଣ୍ଟନ ବା ବିତରଣ ସମ୍ଭବ ହୁଏ । ବାଣିଜ୍ୟ ମୁଖ୍ୟତଃ ୨ଟି ଭାଗରେ କରାଯାଇଥାଏ । ଅନ୍ତର୍ବାଣିଜ୍ୟ ଓ ବର୍ହିବାଣିଜ୍ୟ ଯାହା ସାରଳା ଦାସଙ୍କ ଗ୍ରନ୍ଥରେ ଉଲ୍ଲେଖ ରହଛି ।

ଅନ୍ତର୍ବାଣିଜ୍ୟ :

ଋକବେଦରେ ଋଷି ଅଗ୍ନିଙ୍କୁ ବାଣିଜ୍ୟ କର୍ମ ପ୍ରବର୍ତ୍ତନ କରିବା ନିମିତ୍ତ ପ୍ରାର୍ଥନା କରିଛନ୍ତି । ସେହିପରି ମହାଭାରତରେ ବାଣିଜ୍ୟର ଯତ୍ନ ନେବା ଓ ସୁରକ୍ଷା କରିବା ରାଜାର କର୍ତ୍ତବ୍ୟ କୁହାଯାଇଛି । କୌଟିଲ୍ୟଙ୍କ ମତରେ ରାଜା ଲୋକ ନିଯୁକ୍ତି କରି ବାଣିଜ୍ୟିକ ଦ୍ରବ୍ୟର ମଣ୍ଟନ ଓ କ୍ରୟ ବିକ୍ରୟାଦିର ନୀତି ନିର୍ଦ୍ଧାରଣ କରିବେ । ପଞ୍ଚଦଶ ଶତାବ୍ଦୀରେ ଉତ୍କଳରେ ଆଭ୍ୟନ୍ତରୀଣ ବାଣିଜ୍ୟ ସାରଳା ଦାସଙ୍କ ମହାଭାରତରେ ପର୍ଯ୍ୟାପ୍ତ ମୁଦ୍ରାଙ୍କ ବହନ କରେ । ସେ ଲେଖିଛନ୍ତି –

୧. କୃଷ୍ଣାବେଣୀ ନଦୀ ତୀରରେ ଲୋକେ କାଠର ବ୍ୟବସାୟ କରୁଥିଲେ ।

୨. ମରହଟ୍ଟା ନଗରର ସୁଜାଣେଶ୍ୱର ଶବର ମାଂସ ବିକ୍ରୟ କରୁଥିଲେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

୩. ଯାଜପୁରର ବୈଶ୍ୟ ହରିସାହୁ ସୁନା ରୂପାର ବ୍ୟବସାୟ କରୁଥିଲେ ।

୪. ବିରାଟ ରାଜ୍ୟର ଲୋକେ ଦୁଗ୍ଧ ବ୍ୟବସାୟ କରୁଥିଲେ ।

୫. ଗୋପାଳୁଣୀମାନେ ମୁଣ୍ଡରେ ଦହିପସରା ଧରି ରାସ୍ତା ଉପରେ ବିକାକିଣା କରୁଥିଲେ ।

୬. ବଳଦ ଉପରେ ଜିନିଷ ଲଦି ବାଣିଜ୍ୟ ଉଦ୍ଦେଶ୍ୟରେ ଯାତ୍ରା କରୁଥିଲେ ।

ବହିର୍ବାଣିଜ୍ୟ :

ବହିର୍ବାଣିଜ୍ୟ ଭାରତରେ ସୁପ୍ରାଚୀନ ଋଗ୍ୱେଦରେ ବରୁଣଙ୍କୁ ସାମୁଦ୍ରିକ ମାର୍ଗର ଜ୍ଞାତା ବୋଲି କୁହାଯାଇଛି । ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ସମୟରେ ଭାରତର ବାଣିଜ୍ୟତରୀମାନେ ବାବିଲୋନ୍, ଚୀନ୍ ଓ ବ୍ରହ୍ମଦେଶ ଅଭିମୁଖେ ଯାତ୍ରା କରୁଥିଲେ । ଏଥିସହିତ ସିଂହଳ, କାମ୍ବୋଡ଼ିଆ, ଶ୍ୟାମ, ଗ୍ରୀସ୍, ରୋମ, ଆରବ ପ୍ରଭୃତି ଦେଶମାନଙ୍କ ସହ ବାଣିଜ୍ୟିକ ସମ୍ପର୍କ ସମୁଦ୍ର ପଥରେ ଗଢ଼ି ଉଠିଥିଲା । ସାରଳା ଦାସଙ୍କ ସମୟର ଚିତ୍ର ଏହା ହୋଇଥିବାରୁ ସମୁଦ୍ର ପଥର ବାଣିଜ୍ୟ କାରବାର ସାରଳା ମହାଭାରତରେ ପ୍ରଦତ୍ତ ରହିଛି । 'ଶ୍ରୀକୃଷ୍ଣଙ୍କ ଗୁରୁପୁତ୍ରମାନଙ୍କ ଅନ୍ୱେଷଣ ନିମିତ୍ତ ସମୁଦ୍ରରେ ପ୍ରବେଶ କରିବା ଚିତ୍ର ଅବଧାରିତ ହୋଇଛି । ସେହିପରି ସାଧବପୁଅମାନେ ବୋଇତ ନେଇ ଦେଶ ବିଦେଶ ବାଣିଜ୍ୟ କରୁଥିବା କଥା କବି ମଳୟାନିଳ ବୃତ୍ତାନ୍ତରେ ଅବଧାରିତ କରିଛନ୍ତି ।

"ଉଜାଣି ବୋଲି କରିବା ଏକଇ ନଗରୀ
ମଳୟା ନୀଳ ହିଁରେ ଅଟେ ଅଧିକାରୀ
ବଡ଼ ସାଧୁସମ୍ପଦେ ସେ ଅଟେ ଲକ୍ଷ୍ମୀଧର
ଅନେକ ବୋଇତ ସେହୁ କରଇ ବେଭାର ।"

ଖ୍ରୀଷ୍ଟୀୟ ଷୋଡଶ ଓ ସପ୍ତଦଶ ଶତାବ୍ଦୀ ଉତ୍କଳୀୟ ବହିର୍ବାଣିଜ୍ୟର ସମୃଦ୍ଧତମ ଏବଂ ଅନ୍ତିମକାଳ ଥିଲା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନୌବାଣିଜ୍ୟ :

ସାରଳା ଦାସଙ୍କ ଯୁଗରେ ଓଡ଼ିଶାର ନଦୀପଥରେ ବାଣିଜ୍ୟ କରିହୁଏ । କବିଙ୍କ ଲେଖନୀରେ ଏହାର ସ୍ୱରୂପ ଆକଳନ କରିହୁଏ । ଶ୍ରୀକୃଷ୍ଣ ମହ୍ଲାର ଦେଶର ରାଜାଙ୍କୁ ରାଜସୂୟ ଯଜ୍ଞ ପାଇଁ ନାବରେ ତଣ୍ଡୁଳ ପ୍ରେରଣ କରିବା ନିମିତ୍ତ ଆଦେଶ ଦେଇଥିବା କଥା ସାରଳାଙ୍କ ମହାଭାରତରେ ଉଲ୍ଲେଖ ରହିଛି । ପ୍ରଚଳିତ ଢ଼ଗଢ଼ମାଳୀରେ ମଧ୍ୟ ନୌଚାଳନାର କଥା ପ୍ରଚଳନ ରହିଥିବାର ଦେଖାଯାଏ । ଯେମିତି, "ଏଇ କଥାକୁ ନାବ ପେଲିଦେଲି କଲିକତାକୁ ।"

ମୁଦ୍ରାର ସ୍ୱରୂପ :

ପ୍ରାଚୀନ କାଳରେ ଭାରତରେ ବହୁ ମୁଦ୍ରାର ପ୍ରଚଳନ ରହିଥିଲା । ସଂସ୍କୃତ ମହାଭାରତରେ ନିଷ୍କ ନାମକ ମୁଦ୍ରାର ଉଲ୍ଲେଖ ରହିଛି । ମନୁସ୍ମୃତିରେ ନିଷ୍କା, ଶତମାଣ, କର୍ଷାପଣ ଆଦି ମୁଦ୍ରାର କଥା କୁହାଯାଇଛି । ମାତ୍ର ଷୋଡଶ ଶତାବ୍ଦୀ ବେଳକୁ ରୌପ୍ୟ, ସ୍ୱର୍ଣ୍ଣ ଓ ତାମ୍ର ମୁଦ୍ରାର ପ୍ରଚଳନ ହୋଇଥିଲା । ପଞ୍ଚଦଶ ଶତାବ୍ଦୀରେ ଉତ୍କଳରେ ମାଢ, କର୍ଷ ଓ ଚିନାର ବ୍ୟବହାର ହୋଇଥିବା କଥା କୁହାଯାଇଛି ଯାହା ସାରଳା ଦାସଙ୍କ ମହାଭାରତରେ ଲେଖିଛନ୍ତି, ଯେ ରାଜା ସମ୍ୱରଣ ଏହି କର୍ଷ ଓ ମାଢର ସୃଷ୍ଟି କରିଥିଲେ । ରାଜା ଯଯାତି କେଶରୀ ଚିନାର ପ୍ରଚଳନ କରିଥିଲେ । କଉଡ଼ିର ପ୍ରଚଳନ ମଧ୍ୟ ରହିଥିଲା ସାରଳା ମହାଭାରତର ସ୍ୱର୍ଗାରୋହଣ ପର୍ବରେ ଯମ ଓ ହରିସାହୁ ବୃତ୍ତାନ୍ତରୁ ଜଣାଯାଏ ।

"ଗଣ୍ଡାକେ କଡ଼ା ବୋଡ଼ି କେ
ଘେନିବ ଗଣ୍ଡାଏ
ପଣକେ ବୋଡ଼ି କାହାଣେ
ଲାଭ ପଦିକାଏ
ଗଣ୍ଡାକ ମାଂସକୁ ପାଞ୍ଚ କଡ଼ାରେ ବିକଇ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବେଶୀ ଲାଭପାଇଁ କେବେ

ମିଛ ନ କହଇ ।"

ସେହିପରି ମାଦାଳାପାଞ୍ଜିରେ କଉଡ଼ି, ଗଣ୍ଡା ଓ ବୋଡିର ଉଲ୍ଲେଖ ରହିଛି । ଗଙ୍ଗବଂଶୀୟ ରାଜାମାନେ ମାଢ ନାମକ ମୁଦ୍ରା ପ୍ରଚଳନ କରାଇଥିଲେ । କପିଳେନ୍ଦ୍ର ଦେବଙ୍କ କାଳରେ ଗଜପତି ମୁଦ୍ରା ପ୍ରଚଳିତ ହୋଇଥିଲା ।

ଓଜନ ବିଧି :

ଶସ୍ୟାଦିର ଓଜନ କରିବା ରୀତି ଭାରତରେ ଏକ ପ୍ରାଚୀନ କଥା । ସିନ୍ଧୁ ସଭ୍ୟତାରେ ଓଜନ ସମ୍ବନ୍ଧରେ ବଟକରା ଓ କାଷ୍ଠ ନିର୍ମିତ ତରାଜୁ ବ୍ୟବହୃତ ହୋଇଥିଲା ।

ସାରଳା ମହାଭାରତ ରଚନା ସମୟରେ ତତ୍କାଳୀନ ଉତ୍କଳରେ ବିଶା ଓ ପଳାର ପ୍ରଚଳନ ରହିଥିଲା ବୋଲି ଅନୁମାନ କରାଯାଏ । କବିଙ୍କ ମତରେ – ରାଜା ସମ୍ବରଣ ବିଶା ପଳର ସୃଷ୍ଟି  କରିଥିଲେ ।

"ଅଜାମୀଢର ନନ୍ଦନ ହେଲା ସମ୍ବରଣ

ବିଶା ପଳ ମାଢ଼ କର୍ଷ କଲେ କ ଭିଆଣ ।"

ପ୍ରାଚୀନ ଯୁଗରେ ଗ୍ରାମାଞ୍ଚଳରେ ଏହାର ପ୍ରଚଳନ ରହିଛି । ସଂସ୍କୃତ ବିଶ୍ୱା ଶବ୍ଦରୁ ବିଶାର ସୃଷ୍ଟି । ବିଶାର ପରିମାଣ ଅଠର, ଅର୍ଥାତ୍ କୋଡ଼ିଏ ବା ବାଇଶି ପଳ ବୋଲି ଧରାଯାଏ ।

ବଳଦ ପ୍ରଥା :

ଧାନ ଅଥବା ଚାଉଳ ଦେଇ ଦ୍ରବ୍ୟ କିଣିବା କଥାକୁ ବୁଝାଏ । ମଧ୍ୟ ଯୁଗରେ ଏହି ପ୍ରଥାର ପ୍ରଚଳନ ରହିଥିଲା । ପାର୍ବତୀଙ୍କ ଦହିବିକା ଦୃଶ୍ୟରେ ଧାନ ଦେଇ ଦହି ନେବା କଥା ବର୍ଣ୍ଣିତ ରହିଛି ସ୍ୱର୍ଗାରୋହଣ ପର୍ବରେ ।

"ତହୁଁ ଦେବୀ ବୋଇଲେ ମୁଁ କୁଳ ଭୁଆସୁଣୀ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଧାନ ପୁଳାଏ ପାଇଲେ ବଞ୍ଚୁ ଦୁଇପ୍ରାଣୀ

ଶୁଣି ବୋଇଲେ ଦାନବେ ଛାର ଧାନ ନେବୁ

ହୀନା ନଉତିଏ ଆଣି ତୋ ଭାଣ୍ଡରେ ଦେବୁ ।"

ସ୍ଥାପତ୍ୟ :

ବେଦ କଳରୁ ଭାରତରେ ସ୍ଥାପତ୍ୟର କ୍ରମବିକାଶ ହୋଇଥିଲା । ଋକ୍ ବେଦରେ ବହୁ ସ୍ତମ୍ଭଯୁକ୍ତ ସଭା ମଣ୍ଡପ ପ୍ରାଚୀନ କାଳରୁ ରହିଛି ସୂଚନା ମିଳେ । ବୈଦିକ ଋଷି ପ୍ରାସାଦ ବା ହର୍ମ୍ୟ ଓ ତ୍ରିତଳ ବିଶିଷ୍ଟ ଗୃହର ଉଲ୍ଲେଖ ପ୍ରାଚୀନ ଗ୍ରନ୍ଥରେ ରହିଛି । ସଂସ୍କୃତ ମହାଭାରତରେ ଜତୁଗୃହ, ସ୍ୱୟଂବର ସଭା, ଶିବିର, ଯଜ୍ଞ ମଣ୍ଡପ ଏସବୁ ନିର୍ମାଣର ବର୍ଣ୍ଣନା ମିଳେ । ରାମାୟଣରେ ମଧ୍ୟ ଏପରି ବର୍ଣ୍ଣନା ରହିଛି । ଭାଗବତରେ ପୃଥୁ ରାଜା ପ୍ରଥମେ କିପରି ଗ୍ରାମ, ନଗର ଓ ଦୁର୍ଗର ସୃଷ୍ଟି କରିଥିଲେ ତା'ର ଉଲ୍ଲେଖ ରହିଛି । ସେହିପରି ବିଷ୍ଣୁପୁରାଣରେ ଶ୍ରୀତୋଷ୍ଣ ନିରୋଧକ ଗୃହ, ଦୁର୍ଗ, ସ୍ଫଟିକ ଓ ଅଭ୍ରଶିଳା ନିର୍ମିତ ସୁନ୍ଦର ଗୃହର ବର୍ଣ୍ଣନା ରହିଛି । ସାରଳା ଦାସଙ୍କ ମହାଭାରତରେ ମଧ୍ୟ ଏପରି ଅନେକ ସ୍ଥାପତ୍ୟର ବର୍ଣ୍ଣନା ରହିଛି ଯାହା ଓଡ଼ିଶାର ଐତିହ୍ୟ ଓ ସଂସ୍କୃତିକୁ ଦ୍ୱିଗୁଣିତ କରିପାରିଛି ।

୧. ଗୃହ, ପ୍ରାସାଦ :

କବିଙ୍କ ଭାଷାରେ, ଦୁର୍ଯ୍ୟୋଧନ ଗାନ୍ଧାରସେନଙ୍କ ପାଇଁ ଯେଉଁ ବନ୍ଦୀଶାଳା ନିର୍ମାଣ କଲେ ତା'ର ବିସ୍ତାର ଏକ ଯୋଜନ ଓ ଉଚ୍ଚତା ତିନିଶହ ହାତ ଥିଲା । ସେହିପରି କବି ଉଲ୍ଲେଖ କରିଛନ୍ତି ଯୁଧିଷ୍ଠିରଙ୍କ ଶୟନ କକ୍ଷର ଦୈର୍ଘ୍ୟ ଚାରିକ୍ରୋଶ ଥିଲା । ସେ କାଳର ପ୍ରାସାଦ ନିର୍ମାଣବେଳେ ପାହାଚ, କବାଟ, କିକିଣୀ ଓ ଜଳା କବାଟ ତିଆରି କରା ଯାଇଥିଲା । ସାଧାରଣ ଘରଗୁଡ଼ିକ ଚାଳ ରହୁଥିଲା । ସ୍ତମ୍ଭଗୁଡ଼ିକ ଉପରେ ଚାଳ ରଖାଯାଉଥିଲା । ସେଥିରେ ଓରା, ଶେଣି ଓ ବତାର ବ୍ୟବହାର ହେଉଥିଲା । ଉଦାହରଣ ସ୍ୱରୂପ -

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

"କାନ୍ଥ ଚାଳ ରୁଅ ବତା ଶେଣୀ ଆଦି କରି
ଜଉ ସଜଳସ ଘୃତ ଛଣପଟେ ଜଡି
ସୁବର୍ଣ୍ଣର ସ୍ତମ୍ଭ ହୋଇବ ସୁବର୍ଣ୍ଣର ଚାଳ
ସ୍ଫଟିକର ସ୍ତମ୍ଭରେ ଯେ ଚନ୍ଦନର ଶେଣି ।"

ପ୍ରାଚୀନ ଉତ୍କଳରେ ବହୁ ପ୍ରାସାଦ ନିର୍ମାଣ କରାଯାଇଥିଲା । ସାରଳା ଦାସଙ୍କ ଯୁଗରେ ମଣ୍ଡପ, ଅଟାଳିକା ନିର୍ମିତ ହେଉଥିଲା । ଯାହାର ଚିତ୍ର ତାଙ୍କ ରଚିତ ମହାଭାରତ ଗ୍ରନ୍ଥରେ ପରିସ୍ଫୁଟ ।

"ହାଟବାଟ ଦେଉଳ ଯେ ମଣ୍ଡପ ଜଗତୀ
ସବୁଠାରେ ଲୋକ ରହି ପାର୍ଥକୁ ଦେଖନ୍ତି
ମେଢ଼ ମଣ୍ଡପ ଦେଉଳ ଆବର ଅଟାଳି
ନୀଳ ମେଘେ ଦିଶେ ଯେହ୍ନେ ଶରତ ବିଜୁଳୀ ।"

୨. ଯଜ୍ଞଶାଳା ଓ ସଭାଗୃହ :

ସାରଳାଙ୍କ ମହାଭାରତରେ ସ୍ୱୟଂମ୍ବର ସଭାର ବର୍ଣ୍ଣନା ରହିଛି । ଏଥିରୁ ସ୍ପଷ୍ଟ ହୁଏ ସଭାଗୃହର ଆକାର ସୁବିଶାଳ । ପୁଣି ପ୍ରାସାଦ ମଧ୍ୟରେ ଗଜଶାଳ ଓ ଅଶ୍ୱଶାଳ ମଧ୍ୟ ରହିଥାଏ ।

"ଛାୟାମଣ୍ଡପେ କି ଭିଆଇଲେ ଶୁଭ ଯୋଗେ
ଅକ୍ଷତ ଅର୍ଘ୍ୟ ଯେ ଭିଆଇଲେ ଆଗେ
ଅଶ୍ୱଶାଳ ଗଜଶାଳ କଲେ ନଦୀ କୂଳେ
ସୁବର୍ଣ୍ଣ କଳସ ଘରେ ଥାପି ଅନୁକୂଳେ ।"

ସେଥିରେ ବହୁ କୋଠରୀ ରହୁଥିଲା, ଶହେ ବଖରାରେ ପ୍ରତିଷ୍ଠିତ ହୋଇଥିଲା । ପ୍ରତି ବଖରା ପଞ୍ଚନଳ ଆୟତନ ବିଶିଷ୍ଟ କରାଯାଇଥିଲା । ରନ୍ଧନ, ଗଜଶାଳ, ଅଶ୍ୱଶାଳ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରାଜାଙ୍କ ନବର ସହିତ ଋଷି ଓ ରାଜାଙ୍କ ପାଇଁ ଭିନ୍ନ ଭିନ୍ନ ଆସ୍ଥାନର ବ୍ୟବସ୍ଥା ରହିଥିଲା ।

୩. ଦୁର୍ଗ :

ମଧ୍ୟ ଯୁଗରେ ଉତ୍କଳ ପ୍ରକୃତ ପକ୍ଷରେ ଦୁର୍ଗମୟ ଥିଲା । ବାରବାଟୀ ଦୁର୍ଗ ଅନଙ୍ଗ ଭୀମଦେବଙ୍କଠାରୁ ମୁକୁନ୍ଦଦେବଙ୍କ କାଳ ପର୍ଯ୍ୟନ୍ତ ଉତ୍କଳୀୟ ସ୍ଥାପତ୍ୟର ପରାକାଷ୍ଠା ଦେଖାଇଥିଲା । ସାରଳାଙ୍କ ମହାଭାରତରେ ରଚିତ ଅଛି ବ୍ରହ୍ମାଙ୍କ ଆଦେଶରେ ରଣଭକ୍ଷ ନାମ ଦୈତ୍ୟ ମହାକମରୂପୀ ଗଡ ସ୍ଥାପନ କରି ଚିତ୍ରୋତ୍ପଳା ନଦୀତଟରେ କଳକଳା ଗଡରେ ଅର୍ଜ୍ଜୁନ ଯମଙ୍କୁ ବାନ୍ଧି ରଖିଥିଲେ । ସ୍ତମ୍ଭନଗଡରେ ପାଣ୍ଡବମାନେ ହିଙ୍ଗୁଳା ଦେବୀଙ୍କୁ ଦର୍ଶନ କରିଥିବା କଥା ମଧ୍ୟ ଉଲ୍ଲେଖ ରହିଛି ।

"ବଡ଼ଯନ୍ତ୍ର କବାଟ ହୋଇବ କିଳିଣି
ପାଚେରୀ ଉଚ୍ଚ ହୋଇବ ବଡ଼ ସଞ୍ଜାଜାଣି
ଗଡ଼ଖାଇମାନ କରି ଭିଆଇଲେ ପୁର
ଖଞ୍ଜିଲେ ପାତ୍ର ସାମନ୍ତ ନିଜ ପରିବାର ।"

୪. ପୁଷ୍କରିଣୀ :

ସେ ସମୟରେ ପୁଷ୍କରିଣୀମାନ ମଧ୍ୟ ଖୋଦନ କରାଯାଉଥିଲା ସାରଳା ଦାସଙ୍କ ମହାଭାରତରୁ ଜଣାଯାଏ । ତାଙ୍କ ଲେଖା ମଧ୍ୟରେ ପୁରୀର ଶ୍ୱେତଗଙ୍ଗା, ଭୁବନେଶ୍ୱରର ବିନ୍ଦୁସାଗର ଉଲ୍ଲେଖ ରହିଛି । କବି ସୁଦେନ ଗିରି ନିକଟରେ ଅକ୍ଷକ ନାମକ ବିଶାଳ ସରୋବର ଥିବା କଥା ବର୍ଣ୍ଣନା କରିଛନ୍ତି ।

"ଅକ୍ଷକ ସରୋବର ସୁଦେବ ଗିରିତଳ
ପନ୍ଦର କ୍ରୋଶ ବିସ୍ତାରେ ରହିଅଛି ଜଳ
ସେ ସରୋବର ଅଟଇ ଯୋଜନେ ବିସ୍ତୀର୍ଣ୍ଣ
ଅଛଇ ଶିମ୍ବଳୀ ବୃକ୍ଷ ମଧ୍ୟେ ବିଦ୍ୟମାନ ।"

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

୫. ଉପକରଣ :

ସେ ସମୟରେ ମାଟି, ପଥର ଓ କାଠରେ ଗୃହଗୁଡ଼ିକ ନିର୍ମାଣ କରାଯାଉଥିଲା । କବି ଲେଖିଛନ୍ତି - ଯୁଧିଷ୍ଠିରଙ୍କ ରାଜସୂୟ ଯଜ୍ଞକାଳରେ ସମସ୍ତ କୋଠିମାନ ମାଟିରେ ଗଢ଼ା ଯାଇଥିଲା । ଗାନ୍ଧାରସେନଙ୍କ ପାଇଁ ଦୁର୍ଯ୍ୟୋଧନ ପଥରରେ ବନ୍ଦୀଶାଳା ନିର୍ମାଣ କରିଥିଲେ । ରାଜକୀୟ ଗୃହଗୁଡ଼ିକରେ ହୀରା, ଲୀଳା, ମାଣିକ୍ୟ, ପ୍ରବାଳର ସ୍ତମ୍ଭଗୁଡ଼ିକରେ ରତ୍ନଦ୍ୱୀପ, ପାଟବସ୍ତ୍ରର ପ୍ରଭୃତି ଶୋଭା ପାଉଥିଲା । କବିଙ୍କ ଭାଷାରେ–

"ବାଡ଼େ ଚିତ୍ର ଯେ ହୋଇବ ଲେଖନ
ଜଡ଼ି ସ୍ଫଟିକରେ ହୋଇବ ଏକବର୍ଣ୍ଣ
ଗଜଳେ ଥଳେ ହାଦେ ହୋଇବ ଏକ ଜଳ
ସୁବର୍ଣ୍ଣର ସ୍ତମ୍ଭ ହୋଇବ ସୁବର୍ଣ୍ଣର ଳ ।"

୬. ଯୋଜନା :

ବିଭିନ୍ନ ଗୃହନିର୍ମାଣ ସମୟରେ ଯୋଜନାମାନ ପ୍ରସ୍ତୁତ ହେଉଥିଲା । ଲଙ୍କାଗଡ଼ ନିର୍ମାଣ ପୂର୍ବରୁ ଏକ ଚିତ୍ରକଟ ପ୍ରସ୍ତୁତ ହୋଇଥିଲା । ଯୁଧିଷ୍ଠିରଙ୍କ ରାଜସୂୟ ଯଜ୍ଞ ମଣ୍ଡପ ନିମିତ୍ତ ଶ୍ରୀକୃଷ୍ଣ ବିଶ୍ୱକର୍ମାଙ୍କୁ ଏକ ଚିତ୍ରପଟ ଦେଇଥିଲେ । ପୁରୀ ମନ୍ଦିର ନିର୍ମାଣ ସମୟରେ ବିଶ୍ୱାବସୁ ମାପଚୁପ ପରେ ମନ୍ଦିର ଗଠନ ଆରମ୍ଭ କରିଥିଲେ । ପ୍ରଭୃତିର ସମ୍ୟକ ଚିତ୍ର କବି ବର୍ଣ୍ଣନା କରିଛନ୍ତି ।

"ଯାଗକୁ ପର ସଜ୍ଞା ବ୍ରହ୍ମବେତ
ଅଶ୍ୱମେଧ ଘୃତ ଯଜ୍ଞକୁ ତିଳ ନିର୍ମିତ
ରାଜାଙ୍କ ନବର ଅଶ୍ୱଶାଳ ଗଜଶାଳ
ଭାଗମାପ କରିଣ ନେଇ ପାତିଲେକ ନଳ ।"

ଉପରୋକ୍ତ ଆଲୋଚନାରୁ ପଞ୍ଚଦଶ ଶତାବ୍ଦୀର ଶିଳ୍ପର ପ୍ରସାର ହୋଇଥିବା କଥା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜଣାପଡ଼େ । ଦେଶରେ ଅନ୍ତର୍ବାଣିଜ୍ୟ, ବହିର୍ବାଣିଜ୍ୟ, ନୌବାଣିଜ୍ୟ ପ୍ରଚଳନ ଥିଲା । ଲୌହ, ତାମ୍ର, କାଂସ୍ୟ, ସ୍ୱର୍ଣ୍ଣ, ରୌପ୍ୟ, କାଷ୍ଠ, ବସ୍ତ୍ର ଓ ମୃଣ୍ମୟାଦିର ପ୍ରଚଳନ ସହିତ ହସ୍ତୀଦନ୍ତ, ଅସ୍ଥି, ବାଉଁଶ ଓ ବେତର ପ୍ରଚଳନ ରହିଥିଲା । ମୁଦ୍ରା ଓ କଉଡ଼ିର ପ୍ରଚଳନ ରହିଥିଲା । ବିଶା ଓ ପଳଦ୍ୱାର ଓଜନମପା ହେଉଥିଲା । ବିଭିନ୍ନ ଗୃହ, ମନ୍ଦିର, ପ୍ରାସାଦ, ଯଜ୍ଞ ମଣ୍ଡପ, ସଭାଗୃହ, ଦୁର୍ଗ ପ୍ରଭୃତି ସାଜସଜ୍ଜାରେ ପରିପୂର୍ଣ୍ଣ ଥିଲା । ଶୁଭ ଅନୁକୂଳ ଧରି ଯୋଜନା ପୂର୍ବକ ସମସ୍ତ ନିର୍ମାଣ କାର୍ଯ୍ୟ ସମାପନ କରାଯାଉଥିଲା ।

ସହାୟକ ଗ୍ରନ୍ଥସୂଚୀ

୧. ମହାପାତ୍ର, ପ୍ରେମାନନ୍ଦ : ଓଡ଼ିଆ ସାହିତ୍ୟର ଇତିହାସ, ସତ୍ୟନାରାୟଣ ବୁକ୍ ଷ୍ଟୋର, ବିନୋଦବିହାରୀ, କଟକ-୨, ପ୍ରଥମ ସଂସ୍କରଣ, ୨୦୧୫

୨. ମହାରଣା, ସୁରେନ୍ଦ୍ର କୁମାର : ସାରଳା ସାହିତ୍ୟର ପରିକ୍ରମା

୩. ରଥ, ଦୀନବନ୍ଧୁ : ସାରଳା ମହାଭାରତରେ ସାମାଜିକ ଜୀବନ

ସହଯୋଗୀ ଗବେଷିକା

ଶାସ୍ତ୍ରୀୟ ଓଡିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର, ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଭ୍ରମଣ ସାହିତ୍ୟର ଜନକ : ରାହୁଲ ସାଂକୃତ୍ୟାୟନ

ଅସିତ ମହାନ୍ତି



ରାହୁଲ ସାଂକୃତ୍ୟାୟନ (୨ ଏପ୍ରିଲ ୧୮୯୩ -୧୪ ଏପ୍ରିଲ ୧୯୬୩) ଭାରତୀୟ ସାହିତ୍ୟର ଜଣେ ମହାନ ବ୍ୟକ୍ତିତ୍ୱ ଥିଲେ, ଯାହାଙ୍କୁ ଅନେକ ସମୟରେ ହିନ୍ଦୀ ଭ୍ରମଣ ସାହିତ୍ୟର ଜନକ ଭାବେ ଅଭିହିତ କରାଯାଏ । ତାଙ୍କର ଅବଦାନ ଇତିହାସ, ଦର୍ଶନ, ବୌଦ୍ଧ ଧର୍ମ, ବିଜ୍ଞାନ ଏବଂ ମାର୍କ୍ସବାଦ ସମେତ ଏକାଧିକ ବିଭାଗରେ ବ୍ୟାପ୍ତ ଥିଲା । ସେ ଜଣେ ସଫଳ ଲେଖକ ଥିଲେ, ବିଭିନ୍ନ ବିଷୟ ଉପରେ ୧୦୦ରୁ ଅଧିକ ପୁସ୍ତକ ରଚନା କରିଥିଲେ । "ଭୋଲଗା ସେ ଗଙ୍ଗା" ଏବଂ "ମେରୀ ଜୀବନ ଯାତ୍ରା" ଭଳି ତାଙ୍କର ସାହିତ୍ୟ କୃତିଗୁଡ଼ିକ ତାଙ୍କର ଗଭୀର ବୌଦ୍ଧିକ ଯୋଗଦାନ ଏବଂ କାହାଣୀ କହିବାର ଦକ୍ଷତାକୁ ପ୍ରଦର୍ଶିତ କରିଥାଏ ।

ଭାରତର ମହାନ ବୁଦ୍ଧିଜୀବୀ ରାହୁଲ ସାଂକୃତ୍ୟାୟନଙ୍କ ମୃତ୍ୟୁକୁ ୬୨ ବର୍ଷ ହେଲାଣି । ସେ ୩୦ରୁ ଅଧିକ ଭାଷା ଜାଣିଥିଲେ କିନ୍ତୁ ମୁଖ୍ୟତଃ ହିନ୍ଦୀରେ ଲେଖୁଥିଲେ । ପ୍ରାୟ ୧୨୫ଟି ପୁସ୍ତକର ଲେଖକ-ଅନୁବାଦକ-ସମ୍ପାଦକ ତଥା ଜଣେ ମହାନ ବିଦ୍ୱାନ ଭାବରେ ଜଣାଶୁଣା ରାହୁଲ ସମାଜ, ଧର୍ମ ଏବଂ ରାଜନୀତିର ସମ୍ପର୍କ ଉପରେ ଅତି ସୂକ୍ଷ୍ମ ଭାବରେ ଲେଖିଛନ୍ତି । ତାଙ୍କର ମୂଳ ନାମ ଥିଲା କେଦାର ପାଣ୍ଡେ । ସେ କାଶୀ, ଆଗ୍ରା ଏବଂ ଲାହୋରରେ ଶିକ୍ଷା ଲାଭ କରିଥିଲେ । ୧୯୩୦ ମସିହାରେ ସେ ଶ୍ରୀଲଙ୍କା ଯାଇଥିଲେ ଏବଂ ବୌଦ୍ଧ ଧର୍ମ ଗ୍ରହଣ କରିଥିଲେ । ସେବେଠାରୁ ତାଙ୍କ ନାମ ରାହୁଲ ରହିଛି । ବେଦାନ୍ତ ଅଧ୍ୟୟନ କରିବା ଉଦ୍ଦେଶ୍ୟରେ ସେ ହରିଦ୍ୱାର, ଋଷିକେଶ, ବଦ୍ରିନାଥ ଏବଂ କେଦାରନାଥ ଯାତ୍ରା କରିଥିଲେ । ତାଙ୍କ ଜେଜେବାପା ତାଙ୍କ ଯାତ୍ରା ବିଷୟରେ ଜାଣିବାକୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପାଇଲେ ଏବଂ ତାଙ୍କୁ ଫେରାଇ ଆଣିବାକୁ ଚେଷ୍ଟା କରିଥିଲେ କିନ୍ତୁ ଅଳ୍ପ ସଫଳତା ପାଇଥିଲେ । ଏହା ପରେ, ସାଂକୃତ୍ୟାୟନ ବାରାଣସୀ ଯାଇଥିଲେ ଏବଂ ସେଠାରେ ୧୯୧୧ରେ ତାଙ୍କର ଅଧ୍ୟୟନ ଆରମ୍ଭ କରିଥିଲେ । ପାଲି ଏବଂ ସଂସ୍କୃତ ଅଧ୍ୟୟନ ଦ୍ୱାରା ରାହୁଲ ସାଂକୃତ୍ୟାୟନ ସାହିତ୍ୟ ଲେଖିବା ପାଇଁ ଅନୁପ୍ରାଣିତ ହୋଇଥିଲେ । ସେ ତିବ୍ବତ, ଶ୍ରୀଲଙ୍କା, ରୁଷ, ଜାପାନ, ଚୀନ୍ ଇତ୍ୟାଦି ଗସ୍ତ କରିଥିଲେ ଏବଂ ବୌଦ୍ଧ ସାହିତ୍ୟକୁ ଗଭୀର ଭାବରେ ଅଧ୍ୟୟନ କରିଥିଲେ । ସେ ଅନେକ କବିତା, ଉପନ୍ୟାସ, ଗୀତ, କ୍ଷୁଦ୍ର କାହାଣୀ, ନାଟକ, ପ୍ରବନ୍ଧ, ପ୍ରବନ୍ଧ ଇତ୍ୟାଦି ଲେଖିଥିଲେ । ସେ ଅନେକ କାହାଣୀ, ଉପନ୍ୟାସ, ଗୀତ, କ୍ଷୁଦ୍ର କାହାଣୀ, ନାଟକ, ପ୍ରବନ୍ଧ, ପ୍ରବନ୍ଧ ଇତ୍ୟାଦି ଲେଖିଥିଲେ । ପାଲି ଏବଂ ସଂସ୍କୃତ ଅଧ୍ୟୟନରୁ ରାହୁଲ ସାହିତ୍ୟ ଲେଖିବା ପାଇଁ ପ୍ରେରଣା ପାଇଥିଲେ । ସାଂକୃତ୍ୟାୟନଙ୍କ ଆଦର୍ଶଗତ ଯାତ୍ରା ଚିତ୍ତାକର୍ଷକ ଥିଲା-ସେ ବୌଦ୍ଧ ଧର୍ମରୁ ମାର୍କ୍ସବାଦକୁ ପରିବର୍ତ୍ତିତ ହୋଇଥିଲେ, ଦୁଇଟି ଦର୍ଶନ ମଧ୍ୟରେ ଏକ ସମନ୍ୱୟ ଖୋଜୁଥିଲେ । ସାମାଜିକ ପରିବର୍ତ୍ତନ ପ୍ରତି ତାଙ୍କର ପ୍ରଗତିଶୀଳ ଦୃଷ୍ଟିକୋଣ ଏବଂ ପ୍ରତିବଦ୍ଧତା ତାଙ୍କ ଲେଖାରେ ପ୍ରତିଫଳିତ ହୋଇଥିଲା, ଯାହା ପ୍ରାୟତଃ ଏକ ଶ୍ରେଣୀହୀନ, ସମତାବାଦୀ ସମାଜ ପାଇଁ ଓକିଲାତି କରୁଥିଲା । ହିନ୍ଦୀ, ଭୋଜପୁରୀ, ତିବ୍ବତୀୟ, ସଂସ୍କୃତ ଏବଂ ରୁଷୀୟ ସମେତ ୩୦ରୁ ଅଧିକ ଭାଷାରେ ଦକ୍ଷତା ହାସଲ କରିବା ତାଙ୍କ ସାହିତ୍ୟ ଏବଂ ବିଦ୍ୱାନ ଅବଦାନକୁ ଆହୁରି ସମୃଦ୍ଧ କରିଥିଲା । ହିନ୍ଦୀ ସାହିତ୍ୟ ଉପରେ ତାଙ୍କର ପ୍ରଭାବ ଗଭୀର ଥିଲା, ଯାହା ତାଙ୍କୁ ୧୯୫୮ରେ ସାହିତ୍ୟ ଏକାଡେମୀ ପୁରସ୍କାର ଏବଂ ୧୯୬୩ରେ ପଦ୍ମ ଭୂଷଣ ପରି ସମ୍ମାନଜନକ ପ୍ରଶଂସା ଅର୍ଜନ କରିଥିଲା । ତାଙ୍କର ରଚନାଗୁଡ଼ିକ ବିଦ୍ୱାନ ଏବଂ ପାଠକମାନଙ୍କୁ ସମାନ ଭାବରେ ପ୍ରେରଣା ଦେଇ ଚାଲିଛି, ଯାହା ତାଙ୍କୁ ଭାରତୀୟ ଇତିହାସର ଅନ୍ୟତମ ପ୍ରଭାବଶାଳୀ ସାହିତ୍ୟିକ ବ୍ୟକ୍ତିତ୍ୱରେ ପରିଣତ କରିଛି । ରାହୁଲ ସାଂକୃତ୍ୟାୟନଙ୍କର ବିଶେଷତା ହେଉଛି: ସେ ପ୍ରାୟ ୩୫ଟି ଭାଷାରେ ଲେଖି ପଢି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପାରୁଥିଲେ । ତାଙ୍କ ଭାଷା ସରଳ, ପ୍ରବାହ ଏବଂ ଇଣ୍ଟରାକ୍ଟିଭ୍ ଥିଲା । ସେ ହିନ୍ଦୀ ସାହିତ୍ୟରେ ନୂଆ ଭୋକାବୁଲାରି ଏବଂ ଶୈଳୀ ମଧ୍ୟ ଯୋଡିଥିଲେ । ତାଙ୍କର ଭାଷା ଶୈଳୀ ସାମାଜିକ ପ୍ରସଙ୍ଗର ଗଭୀରତା ପ୍ରଦାନ କରେ । ସାହିତ୍ୟ ବ୍ୟତୀତ ସେ ଦର୍ଶନ, ଧର୍ମ, ରଜନୀତି, ଇତିହାସ ବିଜ୍ଞାନ ଇତ୍ୟାଦି ବିଭିନ୍ନ ବିଷୟରେ ଅନେକ ଲେଖ ଲେଖିଛନ୍ତି । ରାହୁଲ ସାଂକୃତ୍ୟାୟନଙ୍କ ପ୍ରମୁଖ କାର୍ଯ୍ୟ ଥିଲା: ମୋର ଜୀବନ ଯାତ୍ରା (ଆତ୍ମଜୀବନୀ), ଭୋଲଗାରୁ ଗଙ୍ଗା ପର୍ଯ୍ୟନ୍ତ, ଘୁମକ୍କଡ ଶାସ୍ତ୍ର, ବହୁରଙ୍ଗୀ ମଧୁପୁରୀ, ଦର୍ଶନ - ଦିଗ ଦର୍ଶନ, ବିଂଶ ଶତାବ୍ଦୀ, ପଳାୟନ କରନ୍ତୁ ନାହିଁ ଦୁନିଆକୁ ବଦଳାନ୍ତୁ । ମାନସିକ ଦାସତ୍ୱ । –କାହାଣୀ - ସତ୍ମୀଙ୍କ ସନ୍ତାନ, କର୍ନୈଲାଙ୍କ କିମ୍ବଦନ୍ତୀ । ଉପନ୍ୟାସ ଦ୍ୱାଦଶ ଶତାବ୍ଦୀ, ବଞ୍ଚିବାକୁ, ସିଂହସେନାପତି, ଜୟ୍ ଯୌଧେୟା, ଦୌଡ଼ନ୍ତୁ ନାହିଁ, ଦୁନିଆ ବଦଳାନ୍ତୁ । ଜୀବନୀ - ସର୍ଦ୍ଦାର ପୃଥ୍ୱୀ ସିଂ, ନୂତନ ଭାରତର ନେତା, ପିଲାଦିନର ସ୍ମୃତି, ଅତୀତରୁ ବର୍ତ୍ତମାନ ପର୍ଯ୍ୟନ୍ତ, ଷ୍ଟାଲିନ୍, ଲେନିନ୍, କାର୍ଲ ମାର୍କ୍ସ, ମାଓ-ସେ-ତୁଙ୍ଗ, ଯାଯାବର ଗୁରୁ, ମୋର ଅସହଯୋଗ ସାଥୀ ଇତ୍ୟାଦି । ଭ୍ରମଣ ସାହିତ୍ୟ ଶ୍ରୀଲଙ୍କା, ଜାପାନ, ଇରାନ, ନପୁଂସକ ଦେଶ ଆଡକୁ, ମୁଁ ଚୀନରେ ଯାହା ଦେଖିଲି, ଲଦାଖ ଯାତ୍ରା, ତିବ୍ଵତ ଯାତ୍ରା, ତିବ୍ଵତରେ ଦେଢ଼ ବର୍ଷ, ରୁଷରେ ପଚିଶ ମାସ ଇତ୍ୟାଦି ।

ରାହୁଲ ସାଂକୃତ୍ୟାୟନଙ୍କ ପରମ୍ପରା ବୌଦ୍ଧିକ ଜିଜ୍ଞାସା ଏବଂ ନିରନ୍ତର ଅନ୍ୱେଷଣର ଶକ୍ତିର ଏକ ପ୍ରମାଣ । ହିନ୍ଦୀ ସାହିତ୍ୟ, ଇତିହାସ, ଦର୍ଶନ ଏବଂ ଭ୍ରମଣ ଲେଖାରେ ତାଙ୍କର ଅବଦାନ ଭାରତୀୟ ଚିନ୍ତାଧାରା ଏବଂ ସଂସ୍କୃତି ଉପରେ ଏକ ଅବିସ୍ମରଣୀୟ ଛାପ ଛାଡିଛି । ଜଣେ ବହୁବିଜ୍ଞାନୀ, ଭାଷାବିଜ୍ଞାନୀ ଏବଂ ସମାଜ ସଂସ୍କାରକ ଭାବେ ସେ ଜ୍ଞାନକୁ ସଶକ୍ତିକରଣ ଏବଂ ପ୍ରଗତିର ଏକ ମାଧ୍ୟମ ଭାବେ ଗ୍ରହଣ କରିଥିଲେ । ତାଙ୍କର ଆଦର୍ଶଗତ ବିବର୍ତ୍ତନ-ବୌଦ୍ଧ ଧର୍ମରୁ ଆରମ୍ଭ କରି ମାର୍କ୍ସବାଦ ପର୍ଯ୍ୟନ୍ତ -ସତ୍ୟ ଏବଂ ନ୍ୟାୟ ପାଇଁ ତାଙ୍କର ଅତୁଟ ଅନ୍ୱେଷଣକୁ ପ୍ରତିଫଳିତ କରେ । ଆଜି ମଧ୍ୟ, ତାଙ୍କର ରଚନା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗୁଡ଼ିକ ବିଦ୍ୱାନ ଏବଂ ଚିନ୍ତାନାୟକମାନଙ୍କୁ ପ୍ରେରଣା ଦେଇ ଚାଲିଛନ୍ତି, ଯାହା ଆମକୁ ସ୍ମରଣ କରାଇ ଦେଉଛି ଯେ ଶିକ୍ଷା ଏବଂ ଆବିଷ୍କାର ହେଉଛି ଆଜୀବନ ସାଧନା । ସାଂକୃତ୍ୟାୟନ କେବଳ ଜଣେ ଲେଖକ ନଥିଲେ-ସେ ଏକ ଆନ୍ଦୋଳନ ଥିଲେ, ଏକ ଶକ୍ତି ଯାହା ଆଧୁନିକ ଭାରତୀୟ ସାହିତ୍ୟ ଏବଂ ଦାର୍ଶନିକ ଆଲୋଚନାକୁ ରୂପ ଦେଇଥିଲା ।

ରାହୁଲ ସାଂକୃତ୍ୟାୟନଙ୍କୁ ପଢିବା ଅତ୍ୟନ୍ତ ଆବଶ୍ୟକ, ବିଶେଷ କରି ଯୁବ ପିଢିଙ୍କୁ, କାରଣ ତାଙ୍କ ଜୀବନରେ ସେ ଭାରତ ସହିତ ବିଶ୍ୱର ଯେତେ ଗୁଡିଏ ସ୍ଥାନ ଭ୍ରମଣ କରିଛନ୍ତି । ସେହି ସ୍ଥାନ ଗୁଡିକର ପରମ୍ପରା, ଐତିହ, ଜ୍ଞାନ ବିଜ୍ଞାନ ଏବଂ ସେଠାକାର ଇତିହାସ ବିଷୟରେ ଅସୀମ ତଥ୍ୟ ସଂଗ୍ରହ କରି ତାଙ୍କ ରଚନାରେ ଲିପିବଦ୍ଧ କରିଯାଇଛନ୍ତି । ତାଙ୍କର ଭ୍ରମଣ ଜଣେ ସାଧାରଣ ମନୁଷ୍ୟ ଭଳି ନଥିଲା ବରଂ ଏକ ସାମାଜିକ ଆନ୍ଦୋଳନ ଥିଲା । ଦେଶ ବିଦେଶର ଚାରିକୋଣ ଭ୍ରମଣ କରି ସେ ସମାଜ ଭିତରେ କିପରି ଶାନ୍ତି ମୈତ୍ରୀ ପ୍ରତିଷ୍ଠା ହୋଇପାରିବ ସେ ବିଷୟରେ ଏକ ଆନ୍ଦୋଳନ ସୃଷ୍ଟି କରିବାକୁ ଚେଷ୍ଟା କରିଥିଲେ । ସେହି ହିସାବରେ ତାଙ୍କ ସାହିତ୍ୟ ସମ୍ପୂର୍ଣ୍ଣ ଭାବେ ସାମାଜିକ ପରିବର୍ତ୍ତନ ଦିଗରେ ଏକ ମହତ୍ୱପୂର୍ଣ୍ଣ ଭୂମିକା ଥିଲା । ତାଙ୍କର ରଚନାରେ ଜଣେ ଭ୍ରମଣକାରୀର ଉଦ୍ଦେଶ୍ୟ କଣ ହେବ ଉଚିତ, ତାହା ପରିଲକ୍ଷିତ ହୁଏ । ଯଦି ଜଣେ ସାହିତ୍ୟକାର ତାଙ୍କ ରଚନାରେ ବିଶ୍ୱ ସମ୍ବଧିତ ଜ୍ଞାନକୁ ସଂଯୋଜିତ କରି ପାଠକ ସାମ୍ନାରେ ପହଞ୍ଚାଇପାରନ୍ତି, ତେବେ ଏହାଠାରୁ ଅଧିକ ଜଣେ ସାହିତ୍ୟିକାର କରିପାରନ୍ତି ।

ଆବାହକ , ଓଡ଼ିଆ ଭାଷା ସୁରକ୍ଷା ଅଭିଯାନ

ସୁଜନପୁର , ଯାଜପୁର

୯୪୩୭୭୨୮୦୨୮

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଆତଙ୍କବାଦୀଙ୍କ ସମୂହବିନାଶ

ଆଶୁତୋଷ ନାୟକ



ଆତଙ୍କବାଦୀଙ୍କ ସମୂହ ବିନାଶ ଅପରିହାର୍ଯ୍ୟ

ଏକବିଂଶ ଶତାବ୍ଦୀରେ ଆତଙ୍କବାଦ ଏକ ଗମ୍ଭୀର ସମସ୍ୟା ଭାବେ ଦଣ୍ଡାୟମାନ । ବିଶ୍ୱବ୍ୟାପୀ ସମସ୍ୟା ଭାବେ ଏହା ଉଭା ହୋଇଛି । ଆନ୍ତର୍ଜାତୀୟ ଶାନ୍ତି ଏବଂ ନିରାପତ୍ତା ପାଇଁ ଏହା ମୁଖ୍ୟ ପ୍ରତିବନ୍ଧକ । ଆତଙ୍କବାଦୀଙ୍କ ମୁଖ୍ୟ ଲକ୍ଷ୍ୟ ନିଜର ସଂକୀର୍ଣ୍ଣ ସ୍ୱାର୍ଥ ହାସଲ ପାଇଁ ଧ୍ୱଂସର ତାଣ୍ଡବଲୀଳା ରଚିବା ଏବଂ ହିଂସା ମାଧ୍ୟମରେ ବର୍ବରତା ଓ ନିଷ୍ଠୁରତାର ସହ ନିରୀହ ମନୁଷ୍ୟଙ୍କୁ ହତ୍ୟା କରିବା । ଆତଙ୍କବାଦୀମାନେ ସମଗ୍ର ମାନବ ଜାତି ପାଇଁ କଳଙ୍କ । ସେମାନଙ୍କ ପାଖରେ ମନୁଷ୍ୟତ୍ୱ ନଥାଏ । ଆତଙ୍କବାଦୀଙ୍କ ପାଖରେ କୌଣସି ମାନବୀୟ ଗୁଣ ନଥାଏ । ଦୟା, କ୍ଷମା, ସହନଶୀଳତା, ସାଧୁତା, ନମ୍ରତା, ଭଳି ମହନୀୟ ଗୁଣ ତାଙ୍କ ପାଖରେ ଆଶା କରିବା ସୈତାନର ବେଦପାଠ ସଦୃଶ । ଆତଙ୍କବାଦର ଫରାସୀ ଶବ୍ଦ "ଟେରୋରିଜମେ" ଯାହା ଲାଟିନ କ୍ରିୟା ଟେରେରେରୁ ଆସୁଅଛି । ଏହାର ଅର୍ଥ ଭୟ ଦେଖାଇବା । ଆତଙ୍କବାଦ ଏକ ପନ୍ଥା ଯାହାଦ୍ୱାରା ଏକ ସଂଗଠିତ ଗୋଷ୍ଠୀ ବା ଦଳ ନିଜର ଲକ୍ଷ୍ୟ ସାଧନ ପାଇଁ ହିଂସାର ପଦ୍ଧତି ଅବଲମ୍ବନ କରନ୍ତି । "ହାନସ ଯେ ମୋର୍ଗେଥାଉ" ମତରେ "ଖରାପ ଲୋକମାନେ ଯାହା କରନ୍ତି ତାହା ହେଉଛି ଆତଙ୍କବାଦ ।" ଜଣେ ଚୀନ ଦାର୍ଶନିକଙ୍କ ମତରେ ଆତଙ୍କବାଦର ମୁଖ୍ୟ ଲକ୍ଷ୍ୟ ହେଉଛି ଜଣକୁ ହତ୍ୟା କରି ଅନେକଙ୍କୁ ଭୟଭୀତ କରାଇବା ।

ଈଶ୍ୱରଙ୍କ ସୁନ୍ଦର ସୃଷ୍ଟିରେ ମନୁଷ୍ୟ ଶ୍ରେଷ୍ଠ ଜୀବ । ମାନବ ଜନ୍ମର ସାର୍ଥକତା ଥାଏ ସୁନ୍ଦର ସମାଜ ଗଠନରେ । ମାତ୍ର ଅନେକ ସମୟରେ ନିର୍ବୋଧ ସ୍ୱାର୍ଥପର ମାନବ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପରିବେଶ ଓ ପରିସ୍ଥିତିର ପ୍ରଭାବରେ ପାଶବିକ ଆଚରଣ କରିଥାଏ ଏବଂ ନିଜ ପ୍ରାଣରେ ଭରିଦିଏ ପଶୁତ୍ୱ । ଏହି ପଶୁତ୍ୱରୁ ଜନ୍ମ ହୁଏ ଆତଙ୍କବାଦ । ମନୁଷ୍ୟ ନିଜର ସଂକୀର୍ଣ୍ଣ ସ୍ୱାର୍ଥବାଦୀ ଅଭିଳାଷା ଚରିତାର୍ଥ କରିବା ନିମନ୍ତେ ବାଛିନିଏ ଆତଙ୍କର ପଥ, ଖେଳେ ରକ୍ତର ପୈଶାଚିକ ହୋଲି । ସେ କେବଳ ବୁଝେ ବନ୍ଧୁକ ଗୁଳିଗୋଳା ଓ ରକ୍ତର ପରିଭାଷା । ହିଂସା ହୁଏ ତାର ଅଳଙ୍କାର । ଏହି ଆତଙ୍କବାଦ ଭାରତବର୍ଷ ତଥା ସମଗ୍ର ବିଶ୍ୱର ଅନେକ ଦେଶକୁ କବଳିତ କରିଛି । ଏହିଭଳି ପରିସ୍ଥିତିକୁ ଲକ୍ଷ୍ୟ କରି କୁହାଯାଇଛି "ମାନବ ପିଶାଚ କରିଅଛି ଆଜି ଭାରତ ମା'କୁ ବନ୍ଦୀ କେତେ ନରହନ୍ତା କରନ୍ତି ତାଣ୍ଡବ ନେତ୍ରରେ ପୁଟୁଲୀ ବାନ୍ଧି" । ମୁମ୍ବାଇର ୨୬/୧୧ ଆତ୍ମଘାତୀ ଆକ୍ରମଣରେ ୨୫୦ରୁ ଅଧିକ ନିରୀହ ବ୍ୟକ୍ତିଙ୍କ ଜୀବନ ପ୍ରଦୀପ ଲିଭିଯାଇଥିଲା ।

ଆତଙ୍କବାଦୀମାନେ ଜାମ୍ମୁକାଶ୍ମୀରର ପହଲଗ୍ରାମରେ ଧର୍ମ ପଚାରି କେବଳ ହିନ୍ଦୁମାନଙ୍କୁ ଅତ୍ୟନ୍ତ ନିର୍ମମ ନୃଶଂସ ଭାବରେ ହତ୍ୟା କଲେ ଏହା କୌଣସି ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ ।

ଏହା ସମଗ୍ର ମାନବସମାଜ ପାଇଁ କଳଙ୍କିତ ଅଧ୍ୟାୟ ସୃଷ୍ଟି କରିଛି । ଆତଙ୍କବାଦୀମାନେ ଯେପରି ଧର୍ମ ପଚାରି ହିନ୍ଦୁମାନଙ୍କୁ ଟାର୍ଗେଟ କରି ଅତ୍ୟନ୍ତ ନିଷ୍ଠୁର ଭାବେ ବଳପୂର୍ବକ ଗୋଡ଼ାଇ ଗୋଡ଼ାଇ ହତ୍ୟା କଲେ ଏହା ଅତ୍ୟନ୍ତ ହୃଦୟବିଦାରକ ଏବଂ ଅମାନବୀୟ । ପାକିସ୍ତାନ ଦ୍ୱାରା ପ୍ରାୟୋଜିତ ଆତଙ୍କବାଦୀଙ୍କ ମୁଖ୍ୟ ଲକ୍ଷ୍ୟ ଆମ ଦେଶର ବିଭିନ୍ନ ଧର୍ମ ସମ୍ପ୍ରଦାୟ ମଧ୍ୟରେ ବିଭାଜନ ସୃଷ୍ଟି କରିବା ଏବଂ ଆମ ଦେଶର ଅର୍ଥନୀତିକୁ ଦୁର୍ବଳ କରିଦେବା । ବିଧର୍ମୀ ନରପିଶାଚ କାପୁରୁଷ ଆତଙ୍କବାଦୀମାନେ ୨୭ଜଣ ନିରୀହ ପ୍ରଯ୍ୟଟକଙ୍କୁ ଯେପରି ନିର୍ମମ, ବର୍ବର ଭାବରେ ଗୋଡ଼ାଇ ଗୋଡ଼ାଇ ଅମାନବୀୟ ଭାବେ ହତ୍ୟା କଲେ ଏହାର ପ୍ରତିଶୋଧ ଭାରତ ନିଶ୍ଚିତ ଭାବେ ନେବ । ଆତଙ୍କବାଦୀମାନଙ୍କୁ ଆମର ପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚରମବାଣୀ ଶୁଣାଇ ସାରିଛନ୍ତି ପୃଥିବୀର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯେକୌଣସି ସ୍ଥାନରେ ଲୁଚିଲେ ମଧ୍ୟ ସେମାନଙ୍କୁ ସମୂହ ବିନାଶ କରାଯିବ ଏବଂ ଅତିଶୀଘ୍ର ଦୃଢ଼ ହସ୍ତରେ ଦମନ କରାଯିବ । ଆତଙ୍କବାଦୀମାନେ ଯେପରି କାପୁରୁଷ ଭାବରେ ରାତ୍ରିର ଅନ୍ଧକାରରେ ଆମ ଦେଶର ସୀମା ଭିତରକୁ ପ୍ରବେଶ କରି ନିରୀହ ବ୍ୟକ୍ତିଙ୍କ ରକ୍ତରେ ହୋଲି ଖେଳିଲେ ଏବଂ ଧ୍ୱଂସର ତାଣ୍ଡବଲୀଳା ରଚିଲେ ଏହାକୁ ଆମ ଦେଶ କେବେବି ବରଦାସ୍ତ କରିବନି । ରକ୍ତର ଜବାବ ରକ୍ତରେ ଦିଆଯିବ ଏଥିରେ ସନ୍ଦେହର କୌଣସି ଅବକାଶ ନାହିଁ ।

ଆତଙ୍କବାଦ ଭାରତ ତଥା ବିଶ୍ୱ ପାଇଁ ପ୍ରମୁଖ ସମସ୍ୟା ଭାବେ ଦଣ୍ଡାୟମାନ । ଆତଙ୍କବାଦ କୌଣସି ଏକ ରାଷ୍ଟ୍ରର ଉନ୍ନତିର ପ୍ରତିବନ୍ଧକ । ଆମ ରାଷ୍ଟ୍ର ଭାରତ ସଦାସର୍ବଦା ଶାନ୍ତିପ୍ରିୟ । ଅନ୍ୟ ରାଷ୍ଟ୍ର ପାଇଁ ଭାରତ ପ୍ରେରଣାର ଉତ୍ସ । ବିଶ୍ୱର ଅନେକ ରାଷ୍ଟ୍ର ଭାରତକୁ ଆଦର୍ଶ ମନେ କରନ୍ତି । ଆମ ରାଷ୍ଟ୍ର ଭାରତ ଦେବଭୂମି, ପୁଣ୍ୟଭୂମି, ଅନେକ ମହାପୁରୁଷଙ୍କ ଆବିର୍ଭାବ ହେଇଚି ଏଠାରେ । ରକ୍ତାକ୍ତ ସଂଘର୍ଷକୁ ଭାରତ ନାପସନ୍ଦ କରେ । ଅହିଂସା ଓ ଭାତୃତ୍ୱ ଆମ ରାଷ୍ଟ୍ର ଭାରତର ନୀତି ଓ ଆଦର୍ଶ । "ବସୁଧୈବ କୁଟୁମ୍ବକମ୍ " ଅର୍ଥାତ ସାରା ବିଶ୍ୱକୁ ଆମେ ନିଜର ପରିବାର ମାନିଥାଉ । ବନ୍ୟା, ବାତ୍ୟା, ମରୁଡ଼ି, ଭୂସ୍ଖଳନ, ଭୂମିକମ୍ପ, ସୁନାମି ପରି ପ୍ରାକୃତିକ ବିପତ୍ତି ସମୟରେ ପଡୋଶୀ ରାଷ୍ଟ୍ରମାନଙ୍କୁ ସଦାସର୍ବଦା ସାହାଯ୍ୟ ଓ ସହଯୋଗର ହାତ ବଢ଼ାଇଛି ଆମ ରାଷ୍ଟ୍ର ଭାରତ । ଅତିଥି ଦେବୋ ଭବ ନୀତି ଓ ଆଦର୍ଶରେ ଭାରତ ପରିଚାଳିତ ।

ଇତିହାସର ପୃଷ୍ଠାକୁ ଆଲୋଚନା ଏବଂ ପ୍ରତ୍ୟାଲୋଚନା କଲେ ଏହା ସ୍ପଷ୍ଟ ଭାବେ ପ୍ରତୀୟମାନ ହୁଏ ଯେ ଆମ ଦେବଭୂମି, ପୁଣ୍ୟଭୂମି, ମାତୃଭୂମି ଭାରତ ସର୍ବଦା ଶାନ୍ତିପ୍ରିୟ, ନୀତି, ଆଦର୍ଶ, ନୈତିକତାକୁ ପ୍ରାଧାନ୍ୟ ଦିଏ । ସେଥିପାଇଁ ଆମ ରାଷ୍ଟ୍ର ଶ୍ରେଷ୍ଠ ଓ ମହାନ । ଆମେ ଭାରତବାସୀ ସେଥିପାଇଁ ଗର୍ବିତ । ଭୟଙ୍କର ମହାମାରୀ କରୋନା ସମୟରେ ଉଭୟ ବିକଶିତ ଏବଂ ବିକାଶଶୀଳ ରାଷ୍ଟ୍ରକୁ ସହାୟତା କରି ଉଦାହରଣ ସୃଷ୍ଟି କରିଥିଲା



Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆମ ରାଷ୍ଟ୍ର ଭାରତ । ଏହାକୁ କୌଣସି ରାଷ୍ଟ୍ର ଅସ୍ୱୀକାର କରିପାରିବ ନାହିଁ । ଭାରତର ପଡୋଶୀ ରାଷ୍ଟ୍ର ଯେପରି ଚୀନ, ପାକିସ୍ତାନ, ଆଫଗାନିସ୍ଥାନ, ନେପାଳ, ବାଂଲାଦେଶ, ଭୁଟାନ ପରି ଅନେକ ରାଷ୍ଟ୍ରଙ୍କ ବିପତ୍ତି ସମୟରେ ଆମ ରାଷ୍ଟ୍ର ଭାରତ ଯଥାସମ୍ଭବ ସାହାଯ୍ୟ କରି ବନ୍ଧୁତ୍ୱର ଶ୍ରେଷ୍ଠ ଉଦାହରଣ ସୃଷ୍ଟି କରିଛି । ସେଥିପାଇଁ ଆମ ରାଷ୍ଟ୍ର ଭାରତ ସର୍ବଶ୍ରେଷ୍ଠ । ଅନ୍ୟ ରାଷ୍ଟ୍ର ପାଇଁ ଭାରତ ପ୍ରେରଣାଦାୟୀ ।

ଆମ ରାଷ୍ଟ୍ର ଭାରତ କୌଣସି ପରିସ୍ଥିତିରେ ଆମର ପଡୋଶୀ ରାଷ୍ଟ୍ରମାନଙ୍କ ସହ ବିଶ୍ୱାସଘାତ କରିନଥାଏ । କିନ୍ତୁ ଚୀନ, ପାକିସ୍ଥାନ, କାନାଡ଼ା ପରି ରାଷ୍ଟ୍ର ନିଜର ସଂକୀର୍ଣ୍ଣ ସ୍ୱାର୍ଥସାଧନ ପାଇଁ ଭାରତ ବିରୁଦ୍ଧରେ ଆତଙ୍କବାଦୀଙ୍କ ଦ୍ୱାରା ଷଡଯନ୍ତ୍ର କରୁଛନ୍ତି । ଆତଙ୍କବାଦୀଙ୍କ କ୍ଷମତା ଏବଂ କାର୍ଯ୍ୟବିସ୍ତାର ପାଇଁ ସେମାନଙ୍କୁ ପାଣ୍ଠି ଯୋଗାଉଛନ୍ତି ଏବଂ ଭାରତ ବିରୁଦ୍ଧରେ ବିଭିନ୍ନ ଅସାମାଜିକ କାର୍ଯ୍ୟ, ଦେଶବିରୋଧୀ ଗତିବିଧି ଚାଲୁରଖିଛନ୍ତି । ବନ୍ଧୁତ୍ୱ ପରି ପବିତ୍ର ଶବ୍ଦକୁ ଏହିପରି ରାଷ୍ଟ୍ର କଳଙ୍କିତ କରୁଛନ୍ତି ।

ଏହିପରି ରାଷ୍ଟ୍ର ଆତଙ୍କୀ ସଙ୍ଗଠନ ମାନଙ୍କୁ ବିପୁଳ ପାଣ୍ଠି ଯୋଗାଉଛନ୍ତି ଯେପରି ଆତଙ୍କବାଦୀମାନେ ଆମ ଦେଶରେ ବିପୁଳ କ୍ଷତି ଘଟାଇବେ ଏବଂ ଆମ ଅର୍ଥନୀତିକୁ ଦୁର୍ବଳ କରିବେ । ଏହା ହିଁ ସେମାନଙ୍କ ମୁଖ୍ୟ ଲକ୍ଷ୍ୟ ।

କ୍ଷମତା ମୋହରେ ଅନ୍ଧ ହୋଇ ପାକିସ୍ଥାନର ମନ୍ତ୍ରୀମଣ୍ଡଳ, ଶାସନ ବ୍ୟବସ୍ଥା, ସରକାର ସମସ୍ତେ ନିଜ ସେନାର ଗୁଲାମୀ କରିଥାନ୍ତି । ପ୍ରକୃତ କ୍ଷମତା ପାକିସ୍ଥାନର ସେନା ହାତରେ ରହିଥାଏ । ରିମୋଟ କଂଟ୍ରୋଲ ସେନା ହାତରେ ରହିଥାଏ । ସେନାର ଇସାରାରେ ସବୁକିଛି ହୋଇଥାଏ ପାକିସ୍ଥାନରେ । ପାକିସ୍ଥାନ ସରକାର ନିଜ ସେନାର ପ୍ରରୋଚନାରେ ଆତଙ୍କବାଦୀଙ୍କୁ ନିଜ ଦେଶରେ ପ୍ରଶୟ ଦିଏ ଏବଂ ତାଙ୍କର ହର୍ତ୍ତା କର୍ତ୍ତା ଦୈବ୍ୟ ବିଧାତା ସାଜିଥାଏ । ବଡ଼ ବଡ଼ ପ୍ରମୁଖ ଆତଙ୍କବାଦୀ ସଙ୍ଗଠନ ପାଇଁ ବିଶ୍ୱଦରବାରରେ ଓକିଲାତି କରେ ପାକିସ୍ଥାନ । ଏହା ଆମ ପଡୋଶୀ ରାଷ୍ଟ୍ର ପାକିସ୍ଥାନର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅସଲ ଚରିତ୍ର ।

ମୁମ୍ବାଇ ଆକ୍ରମଣରେ ଧରାପଡିଥିବା ମୁଖ୍ୟ ଖଳନାୟକ କସାବକୁ ଭାରତ ସରକାର ଫାଶୀ ଖୁଣ୍ଟରେ ଝୁଲାଇ ଦେଇଥିଲେ ।

ପୁଲୱାମାରେ ହୋଇଥିବା ଆତ୍ମଘାତୀ ବିସ୍ଫୋରଣରେ ୪୦ରୁ ଉର୍ଦ୍ଧ ଆମ ଦେଶର ଲଢୁଆ ସାହସୀ ବୀର ଯବାନ ସହୀଦ ହୋଇଥିଲେ । ଏହାର ପ୍ରତିଶୋଧ ସ୍ୱରୂପ ଭାରତୀୟ ବାୟୁସେନା ଆତଙ୍କବାଦୀଙ୍କ ଉପରେ ସର୍ଜିକାଲ ଷ୍ଟ୍ରାଇକ କରି ୧୪୦କୋଟି ଭାରତୀୟଙ୍କ ଦୁଃଖ ଓ କ୍ରୋଧ ଜର୍ଜରିତ ହୃଦୟରେ ଆନନ୍ଦର ଲହରୀ ସୃଷ୍ଟି କରିଥିଲେ । "ସେଣ୍ଟର ଫୋ୍ର ରିସର୍ଚ୍ଚ ଷ୍ଟଡି" ପାକିସ୍ଥାନ ପକ୍ଷରୁ ଆସିଥିବା ରିପୋର୍ଟ ଅନୁସାରେ ଆତଙ୍କବାଦୀଙ୍କ ପୋଷ୍ଟପୋଷାକତା ଓ ହର୍ତ୍ତାକର୍ତ୍ତା ଦୈବ୍ୟବିଧାତା ସାଜିଥିବା ପାକିସ୍ଥାନରେ ଆତଙ୍କବାଦୀଙ୍କ ଆକ୍ରମଣ ଯୋଗୁଁ ୨୦୨୩ରେ ୭୦୦ରୁ ଉର୍ଦ୍ଧ ନିରୀହ ବ୍ୟକ୍ତିଙ୍କ ଜୀବନ ପ୍ରଦୀପ ଲିଭିଯାଇଛି । ଭାରତ ସରକାରଙ୍କ ତଥ୍ୟ ଅନୁସାରେ ୧୯୭୦ରୁ ୨୦୧୫ ମଧ୍ୟରେ ଭାରତରେ ୯୯୮୨ଟି ଆତଙ୍କବାଦୀ ହମଲା ହୋଇଥିଲା ବେଳେ, ୧୮,୮୪୨ରୁ ଉର୍ଦ୍ଧ ନିରୀହ ଜନତାଙ୍କ ମୃତ୍ୟୁ ହୋଇଥିଲା । ୨୦୧୬ ସେପ୍ଟେମ୍ବର ୧୮ରେ କାଶ୍ମୀରର ଉରୀରେ ସବୁଠୁ ଭୟାନକ ହମଲା ହୋଇଥିବା ବେଳେ ଆମ ଦେଶର ୧୯ଜଣ ସାହସୀ ବୀର ଯବାନ ସହୀଦ ହୋଇଥିଲେ । ୨୦୧୯ ଫେବୃଆରୀ ୧୪ରେ ବିଶ୍ୱ ଭାଲେଣ୍ଟାଇନସ ଦିବସ ପାଳୁଥିବା ବେଳେ ଆମ ଦେଶର ବୀର ଯବାନ ୪୨ଜଣ ସହୀଦ ହୋଇଥିଲେ ।

ପାକିସ୍ଥାନ ଓ କାନାଡ଼ା ଭଳି କିଛି ରାଷ୍ଟ୍ର ନିଜର ରାଜନୈତିକ ସ୍ୱାର୍ଥ ପାଇଁ ଆତଙ୍କବାଦୀ ମାନଙ୍କୁ ନିଜ ଦେଶରେ ପ୍ରଶୟ ଦେଉଛନ୍ତି । ଆତଙ୍କବାଦୀ ମାନଙ୍କୁ ନିଜ ଦେଶରେ ପ୍ରଶୟ ଦେବା ଅର୍ଥ ବିଷଧର ସର୍ପକୁ ଦଂଶନ ପାଇଁ ଆମନ୍ତ୍ରଣ କରିବା ସଦୃଶ । ଭସ୍ମାସୁର ପରି ପରିସ୍ଥିତି ସୃଷ୍ଟି ହେବ, ରକ୍ଷା କରିବା ପାଇଁ କେହି ନଥିବେ । ସେଥିପାଇଁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆମ ଭାଗବତ ରେ କୁହାଯାଇଛି

"ଆପଣା ହସ୍ତେ ଜିହ୍ୱା ଛେଦି,
କେ ଅଛି ତାର ପ୍ରତିବାଦୀ "

ଭାରତରେ କ୍ରମାଗତ ଭାବେ ହେଉଥିବା ଆତଙ୍କବାଦୀ ଆକ୍ରମଣକୁ ପ୍ରତିରୋଧ କରିବା ପାଇଁ ଏକ ସୁଚିନ୍ତିତ ରଣନୀତି ଭାରତୀୟ ସେନା ଦ୍ୱାରା ପ୍ରସ୍ତୁତ କରାଯାଇଥିଲା । ଏହାର ମୁଖ୍ୟ କାରଣ ଥିଲା ଆତଙ୍କବାଦୀଙ୍କ ଉରି ଆକ୍ରମଣ ଘଟଣା । ୨୦୧୬ମସିହା ୧୮ସେପ୍ଟେମ୍ବର ବିଳମ୍ବିତ ରାତିରେ ଉରି ଉତ୍ତର କାଶ୍ମୀରର ବାରମୂଳା ଜ଼ିଲ୍ଲାରେ ଭାରତୀୟ ଯବାନଙ୍କ ସେନା ଶିବିର ଉପରେ ଆତ୍ମଘାତୀ ଆକ୍ରମଣ କରିଥିଲେ ପାକିସ୍ଥାନର ଆତଙ୍କବାଦୀ । ସୈତାନ ଅମାନବୀୟ ପିଶାଚ ଆତଙ୍କବାଦୀ ମାନେ ନିଦରେ ଶୋଇଥିବା ଭାରତୀୟ ଯବାନଙ୍କୁ ହତ୍ୟା କରିଥିଲେ । ଏହି ଆକ୍ରମଣର ପ୍ରତିଶୋଧ ନେବା ପାଇଁ ଭାରତୀୟ ସେନା ନିଜର ରଣକୌଶଳ ପ୍ରସ୍ତୁତ କରିଥିଲା ଯେତେବେଳେ ଆମର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆହ୍ୱାନ ଦେଇଥିଲେ ଏବଂ କହିଥିଲେ ବ୍ୟର୍ଥ ଯିବନି ଆମର ବୀର ଯବାନଙ୍କ ବଳିଦାନ ।

ଶତ୍ରୁପକ୍ଷ ସୀମାରେ ପଶି ନିର୍ଦ୍ଦିଷ୍ଟ ଅଞ୍ଚଳରେ ସାମରିକ କାର୍ଯ୍ୟାନୁଷ୍ଠାନ ହେଉଛି ସର୍ଜିକାଲ ଷ୍ଟ୍ରାଇକ । ଏହି ପଦ୍ଧତିରେ ସର୍ବଦା ଇସ୍ରାଏଲ ପରି ରାଷ୍ଟ୍ର ନିଜ ଶତ୍ରୁକୁ ଦମନ କରିଥାଏ । ୨୦୧୬ ମସିହା ସେପ୍ଟେମ୍ବର ୨୪ ତାରିଖରେ ପ୍ରଥମ ସର୍ଜିକାଲ ଷ୍ଟ୍ରାଇକ ପାଇଁ ରଣନୀତି ରଚିଥିଲା ଆମ ଭାରତୀୟ ସେନା । ଆଉ ସେତେବେଳେ ପାକିସ୍ଥାନ ଅଧିକୃତ କାଶ୍ମୀରରେ ଥିବା ଆତଙ୍କୀ ଶିବିରକୁ ସଂପୂର୍ଣ୍ଣ ଧ୍ୱଂସଂ କରିବାକୁ ଭାରତର ଘାତକ କମାଣ୍ଡୋମାନେ ୨୦୧୬ମସିହା ସେପ୍ଟେମ୍ବର ୨୮ଏବଂ ୨୯ ମଧ୍ୟରାତ୍ରିରେ କରିଥିଲେ ଭୟଙ୍କର ଆକ୍ରମଣ ।

ଆଖି ପିଛୁଳାକେ ଆତଙ୍କୀ ଶିବିରକୁ ଧ୍ୱଂସଂ କରିଦେଇଥିଲେ ଆମ ଭାରତୀୟ ସେନା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏବଂ ଏହି ଅପେରସନରେ ଅନେକ ଆତଙ୍କବାଦୀ ମୃତାହତ ହୋଇଥିଲେ । ସାରା ବିଶ୍ୱ ଦେଖିଥିଲା ଭାରତର ସାମରିକ ଶକ୍ତି । ରକ୍ତର ପ୍ରତିଶୋଧ ରକ୍ତରେ ନେଇଥିଲେ ଆମ ଦେଶର ଲଢୁଆ ବୀର ସାହସୀ ଯବାନ । ସର୍ବଦା ଶାନ୍ତିରେ ବିଶ୍ୱାସ ରଖୁଥିବା ଭାରତକୁ ଉସକାଇଥିଲେ ଆତଙ୍କବାଦୀମାନେ । ଅନେକ ଆତଙ୍କୀ ଶିବିର ନିଜର ଅସ୍ତିତ୍ୱ ହରାଇଥିଲା । ଭାରତର ଲଢୁଆ ବୀର ଯବାନଙ୍କ ପ୍ରତିରୋଧ କରିବାର ସାମର୍ଥ କାପୁରୁଷ ଆତଙ୍କବାଦୀଙ୍କର ନଥିଲା । ପାଖାପାଖି ୩ଘଣ୍ଟାର ସର୍ଜିକାଲ ଷ୍ଟ୍ରାଇକ ପରେ ପାକିସ୍ଥାନ ଅଧିକୃତ କାଶ୍ମୀରର ସମସ୍ତ ଆତଙ୍କୀ ଶିବିର ଜଳିପୋଡି ପାଉଁଶ ହୋଇ ଯାଇଥିଲା । ଭାରତୀୟ ଯବାନଙ୍କ ବୀରତ୍ୱର ଅମର ଗାଥା ଇତିହାସର ସୁନେଲି ଅକ୍ଷରରେ ଲିପିବଦ୍ଧ ହୋଇରହିବ

୩୨ ମାସ ଭିତରେ ଜମ୍ମୁଅଞ୍ଚଳରେ ସହିଦ ହୋଇଥିବା ଯବାନଙ୍କ ସଂଖ୍ୟା ୪୮କୁ ବୃଦ୍ଧି ପାଇଛି । ଆମ ଦେଶର ଲଢୁଆ ବୀର ସାହସୀ ଯବାନଙ୍କ ବଳିଦାନ ଯେପରି ବ୍ୟର୍ଥ ନଯାଉ ସେଥିପାଇଁ ଆତଙ୍କବାଦୀଙ୍କୁ ଦୃଢ଼ ହସ୍ତରେ ଦମନ କରିବାକୁ ପଡ଼ିବ ଏବଂ ଆଉ ଥରେ ସର୍ଜିକାଲ ଷ୍ଟ୍ରାଇକ ପରି ବଡ଼ ଅପେରସନ କରିବାକୁ ପଡ଼ିବ । ଏହା ହୋଇପାରିଲେ ଆମର ସହିଦ ଯବାନଙ୍କ ପାଇଁ ହେବ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ।

ଆଶୁତୋଷ ନାୟକ

ମୋବାଇଲ-୭୦୨୦୬୧୧୩୦

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ହିନ୍ଦୁସମାଜ ଜାଗ୍ରତ ହୁଅ

ନିତ୍ୟ ରଞ୍ଜନ ନନ୍ଦ



ଜଣେ ସାଧୁଙ୍କୁ ତାଙ୍କର ଜଣେ ଅନୁଗାମୀ ପଚାରିଲା ଯେ ଭାରତରେ ଶାନ୍ତି ସୌହାର୍ଦ୍ଦ୍ୟ ରଖିବାପାଇଁ ମୁସଲମାନଙ୍କ ସହିତ ଭାଇଚାରା ରଖିବାତ ନିହାତି ଜରୁରୀ । ହେଲେ ଏ ଧନ ଜୀବନ ନଷ୍ଟ କରୁଥିବା ଜିହାଦୀ ମାନସିକତାକୁ ବଢାଉଥିବା ତତ୍ତ୍ୱକୁ କିପରି କମ୍ କରାଯାଇପାରିବ ? ସେଥିପାଇଁ ହିନ୍ଦୁ ମାନେ କିଭଳି ଅଂହିସା ଉପାୟରେ ମୁସଲମାନ୍ ମାନଙ୍କ ସହିତ ସହବସ୍ଥାନ କରି ପାରିବେ, ଦୟାକରି କୁହନ୍ତୁ ।

ସାଧୁ ଜଣକ କହିଲେ - ତୁମର ପ୍ରଶ୍ନ ହିଁ ତୁମର ନିର୍ବୋଧତାର ମାତ୍ରା ଦର୍ଶାଉଛି । ମୋତେ ଲାଗୁଛି ଇତିହାସରୁ ତୁମେ କିଛି ଶିଖିନାହଁ । ଯେତେବେଳେ ମହମ୍ମଦ ଗଜନି ସୋମନାଥ ମନ୍ଦିର ଘେରାଉ କରି ଆକ୍ରମଣ କରିଥିଲା । ସେତେବେଳେ ସୋମନାଥ ମନ୍ଦିର ଭାରତର ସବୁଠାରୁ ଧନୀ ଓ ବଡ଼ ସୁନ୍ଦର ମନ୍ଦିର ଥିଲା । ୧୨୦୦ ପୂଜାରୀ ସେଠାରେ ପୂଜା କରୁଥିଲେ । ସେମାନେ ଜପ, ଧ୍ୟାନ ଓ ପୂଜାମନ୍ତ୍ର ଇତ୍ୟାଦିରେ ପାରଙ୍ଗମ ଏବଂ ଦିନରାତି ମହାଦେବଙ୍କ ସେବା ଭକ୍ତିରେ ବୁଡ଼ି ରହୁଥିଲେ । ଦୈବୀଶକ୍ତି ମନ୍ତ୍ର ବଶ ଓ ମନ୍ତ୍ର ବ୍ରାହ୍ମଣ ଅଧୀନର ବଦ୍ଧମୂଳ ଧାରଣା ଥିଲା । ସର୍ବଶକ୍ତିମାନ ଇଶ୍ୱର ଯେ ସେମାନଙ୍କ ରକ୍ଷା କରିବେ ଏବଂ ଆରାଧ୍ୟ ଠାକୁର ସେମାନଙ୍କୁ ସବୁ ବିପଦରୁ ରକ୍ଷା କରିବେ ଏହା ସେମାନଙ୍କ ନିଶ୍ଚିତ ଭରସା ଥିଲା । ସେଠାକାର ରାଜବଂଶ ଓ କ୍ଷତ୍ରିୟ ମାନେ ମଧ୍ୟ ଏହିଭଳି ଧାରଣାର ବଶବର୍ତ୍ତୀ ଥିଲେ । ସେମାନେ ମନ୍ଦିରର ସୁରକ୍ଷା ତଥା ପ୍ରଜାମାନଙ୍କ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରକ୍ଷାର ବ୍ୟବସ୍ଥା କରିନଥିଲେ । ବ୍ରାହ୍ମଣ ମାନଙ୍କ ଆଧ୍ୟାତ୍ମିକ ଜ୍ଞାନ ପୁଷ୍ଟ ଏହି କ୍ଷତ୍ରିୟ ମାନେ ନିଜେ ନିଜର ରକ୍ଷା ବ୍ୟବସ୍ଥାକୁ ମଧ୍ୟ ଅଦୃଶ୍ୟ ଭଗବାନଙ୍କ ଉପରେ ଛାଡ଼ି ଦେଇଥିଲେ । ଏହାର ଫଳ ଏହା ହେଲା ଯେ ମହମ୍ମଦ ଗଜନି ହଜାର ହଜାର ହିନ୍ଦୁ ଶ୍ରଦ୍ଧାଳୁଙ୍କୁ ହତ୍ୟା କଲା, ସମସ୍ତ ପୂଜାରୀ ଯେଉଁମାନେ ସୋମନାଥଙ୍କର ଶରଣ ପଶିଥିଲେ ସେମାନଙ୍କୁ ଟିକିଟିକି କରି ହାଣିଲା । ମୂର୍ତ୍ତି ଗୁଡିକୁ ଭାଙ୍ଗିଲା । ମୂଖ୍ୟ ଲିଙ୍ଗକୁ ସ୍ୱହସ୍ତରେ ଚୂର୍ଣ୍ଣ କଲା । କେବଳ ଏୟା ପ୍ରମାଣ କରିବାପାଇଁ ଯେ ଏ ଦୂନିଆରେ ଆଲ୍ଲା ଶ୍ରେଷ୍ଠ, ତାଙ୍କ ଛଡା ଆଉ କେହି ଭଗବାନ ନାହିଁ । ସେ ଲୁଣ୍ଠନ କରି ବହୁ ସୁନାରୁପା ଧନରତ୍ନ ନିଜ ସାଥିରେ ନେଇଗଲା । ଦଶ ହଜାର ହିନ୍ଦୁ ମହିଳାମାନଙ୍କୁ ବଳାତ୍କାର କଲା । ନଅଶହ ସୁନ୍ଦରୀ ରମଣୀଙ୍କୁ ଯୌନଦାସୀ କରି ନିଜ ସାଥିରେ ଗଜନୀ ନେଇଗଲା ।

ଭଗବାନଙ୍କର ଭକ୍ତି, ଆରାଧନା, ଜପ, ଧ୍ୟାନ ସେମାନଙ୍କ ରକ୍ଷା କରି ପାରିଲା ନାହିଁ । ଏବେ ଶହଶହ ବର୍ଷ ପରେ ବି ହିନ୍ଦୁମାନଙ୍କର ଧାରଣା ବଦଳିନାହିଁ । ସେଇ ମୁଢ଼ତାର ଶିକାର ଏ ହିନ୍ଦୁ ଜାତି ।

ଶାନ୍ତି, ସୌହାର୍ଦ୍ଦ୍ୟ ଉତ୍ତମ କର୍ମ ନମନୀୟ ଆଚାର ବ୍ୟବହାର ମାଧ୍ୟମରେ ଜେହାଦୀ ମାନସିକତାରେ ପରିବର୍ତ୍ତନ ହେବ ବୋଲି ଦୁରାଶା କରିଛି । ଶାସ୍ତ୍ର ବାକ୍ୟର ଭୁଲ୍ ତର୍ଜମାକରି ସମାଜକୁ ନଂପୁସକ କରିଛି । ଲାଗୁଛି ଇତିହାସରୁ ଏ ଜାତି କିଛି ଶିକ୍ଷାଲାଭ କରିନି । ଯଦି ବିନୟ ବଚନ, ପର ଉପକାର, ସତ୍ କର୍ମ, ଉଦାରବାଦୀତା ଦୁଷ୍ଟମାନଙ୍କ ହୃଦୟ ପରିବର୍ତ୍ତନ କରି ପାରୁଥାନ୍ତା । ତେବେ ପୁରାଣର ରାମଚନ୍ଦ୍ର କାହିଁକି ନିଜ କାନ୍ଧରେ ଧନୁ ଓ ତୀର ଭରା ତୃଣୀ ବହନ କରିଥାନ୍ତେ ? ? ସେ ନିଜ ଯୋଗଶକ୍ତି, ଅଲୌକିକ ଶକ୍ତି ବଳରେ ରାକ୍ଷସ, ଦୁଷ୍ଟମାନଙ୍କ ହୃଦୟ ପରିବର୍ତ୍ତନ କରିଦେଇଥାନ୍ତେ । ସେମାନଙ୍କ ସହିତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବିବାଦର ପ୍ରଶ୍ନ ହିଁ ଉଠିନଥାନ୍ତା । ରାମଚନ୍ଦ୍ର ଉଦାର ହୃଦୟର ପରିଚୟ ଦେଇ ବହୁଥର ରାବଣକୁ ନିଜର ପତ୍ନୀକୁ ସମ୍ମାନର ସହ ଫେରାଇ ଦେବାକୁ ଅନୁରୋଧ କଲେ । ହେଲେ ରାବଣ ମାନିଲା ? ଯେଉଁଠି ତୁମର ଆରାଧ୍ୟ ଶ୍ରୀ ରାମଚନ୍ଦ୍ର ଦୁଷ୍ଟଙ୍କୁ ବୁଝାଇ ପାରିଲେନି । ଶେଷରେ ଶାସ୍ତ୍ର ନୁହେଁ ଶସ୍ତ୍ର ହିଁ କାମରେ ଆସିଲା । ଆଧ୍ୟାତ୍ମିକତାରେ ଯଦି ଏତେ ଶକ୍ତିଥାନ୍ତା ଯେ ଏହା ଅନ୍ୟର ମସ୍ତିଷ୍କକୁ ଭଲ ପାଇଁ ପ୍ରଭାବିତ କରି ପାରୁଥାନ୍ତା ତେବେ ପୂର୍ଣ୍ଣ ଅବତାର ଶ୍ରୀକୃଷ୍ଣ କାହିଁକି ବା କଂସ ଓ ଜରାସନ୍ଧକୁ ମାରିଥାନ୍ତେ ? ଯଦି ଆଧ୍ୟାତ୍ମିକ ଶକ୍ତି ବା ଯୋଗେଶ୍ୱର କୃଷ୍ଣ ଯୋଗଶକ୍ତି ବଳରେ ସେ କୌରବଙ୍କ ମନ ପରିବର୍ତ୍ତନ କରିପାରିଥାନ୍ତେ ତେବେ ମହାଭାରତ ପରି ଭୀଷଣଯୁଦ୍ଧର ଆବଶ୍ୟକତା ବା କାହିଁକି ପଡିଥାନ୍ତା ? ସେ ଶକୁନୀ, ଦୁର୍ଯ୍ୟୋଧନ ସମେତ ସମସ୍ତ କୌରବ ପକ୍ଷର ମନକୁ ପରିବର୍ତ୍ତନ କରିଦେଇଥାନ୍ତେ । ସେକଥା ଛାଡ ଅଧିକନ୍ତୁ ବିଷାଦ ଗ୍ରସ୍ତ ହୋଇ ତପସ୍ୟା ପାଇଁ ବରଂ ବନକୁ ଚାଲିଯିବି । କୁଟୁମ୍ବ ନାଶର ପାପ ମୁଣ୍ଡାଇ ପାରିବି ନାହିଁ କହୁଥିବା ବିଷାଦ ଯୋଗରେ ମଜ୍ଜିତ ମୋହାବିଷ୍ଟ ଅର୍ଜୁନକୁ ଯୁଦ୍ଧ ପାଇଁ ଉତ୍ପ୍ରେରିତ କରିଥିଲେ । କୋଟି କୋଟି ଲୋକଙ୍କର ଜୀବନ ହାନି ହେଲା ସେତେବେଳେ ! ! ସେ ସମୟରେ ହଜାର ପାଖାପାଖି ସିଦ୍ଧ ସନ୍ୟାସୀ ଥିଲେ ସେମାନଙ୍କ ଆଧ୍ୟାତ୍ମିକ ଶକ୍ତି ହିଂସାକୁ ରୋକିପାରିଲା ନାହିଁ କାହିଁକି ? ଗଲା ଚଉଦ ଶହ ବର୍ଷ ଭିତରେ କେତେ ସାଧୁ ମହାତ୍ମା ଏଠାରେ ଅବତୀର୍ଣ୍ଣ ହେଲେ । ଗୋରଖ ନାଥ, କବୀର, ନାନକ, ହରିଦାସ, ରାମଦାସ, ଗୁରୁ ଗୋବିନ୍ଦ ସିଂହ ଏ ସମସ୍ତଙ୍କର କଣ ଆଧ୍ୟାତ୍ମିକ ଶକ୍ତି ନଥିଲା ? ? ପୂଣ୍ୟବଳ ନଥିଲା କିନ୍ତୁ କାହିଁକି ମୁସଲମାନ ମାନଙ୍କ ଅତ୍ୟାଚାର ରୋକି ପାରିଲେନି ? ? ଗୋବିନ୍ଦ ସିଂହ କାହିଁକି ଗୋଟିଏ ଶାନ୍ତି ପ୍ରିୟ ଭକ୍ତିଭାବାପ୍ଲୁତ ଶିଖ୍ ଜାତିକୁ ଯୋଦ୍ଧା ଜାତିରେ ପରିଣତ କଲେ ?.. କେବଳ ହିନ୍ଦୁ ସନାତନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଧର୍ମର ରକ୍ଷା ପାଇଁ ଶିଖ୍ ମାନେ ମୁସଲମାନ ମାନଙ୍କ ସହ ପ୍ରବଳ ସଂଘର୍ଷ କରିଥିଲେ । ସାଧୁ ସନ୍ୟାସୀ ଥାଉଥାଉଁ ପୁଣି ଇରେଂଜ ମାନେ କିପରି ଭାରତ ଭୂମି ରେ ଆଧିପତ୍ୟ ଜମାଇଲେ ??

ଯୋଗ, ଆଧ୍ୟାତ୍ମିକତା, ପୂଣ୍ୟକର୍ମ କେବଳ ନିଜ ଭିତରର ଆତ୍ମାକୁ ଉଜ୍ଜ୍ୱଳତର କରେ ଅନ୍ୟର ନୁହେଁ । କିନ୍ତୁ ଆମକୁ ଆପଣା ଶରୀରର ରକ୍ଷା କରିବାକୁ ହେବ ନା ନାହିଁ । ସେଥିପାଇଁ ସ୍ୱାସ୍ଥ୍ୟରକ୍ଷା, ବିଜ୍ଞାନ, ପ୍ରଦ୍ୟୌଗିକୀ ବିଦ୍ୟାର ସାହାଯ୍ୟ ନେବାକୁ ହିଁ ହେବ ।

ଦେଶରେ ପରିଦୃଷ୍ଟ ସତୁରୀ ପ୍ରତିଶତ ସମସ୍ୟାର ସମାଧାନ ଲୋକମାନଙ୍କ ହାତରେ ଅଛି । ଦେଶକୁ ଚଳାଉଥିବା ରାଜ ନେତାଙ୍କ ଉପରେ ଲୋକଙ୍କ ଚାପ ପଡିଲେ ଯାଇ ସେମାନେ ଦେଶ ବା ଜାତି ହିତରେ କିଛି କରନ୍ତି ନଚେତ୍ କେବଳ କ୍ଷମତା ରେ ରହି ସୁଖ ଅନୁଭବ ଓ ସମ୍ପତ୍ତି ବର୍ଦ୍ଧନ କରିବା ଛଡ଼ା ଆଉ କିଛି କରନ୍ତି ନାହିଁ । ସ୍ୱାର୍ଥପର ଭାବରେ କେବଳ ନିଜକୁ ସମୃଦ୍ଧ କରିଥାନ୍ତି ।

ଯେମିତି ଶ୍ରୀକୃଷ୍ଣ କୌରବ ରାଜା ଦୁର୍ଯ୍ୟୋଧନଙ୍କୁ ମାତ୍ର ପାଞ୍ଚଟି ପଡା ମାଗିଥିଲେ । ସେମିତି ଆମେ ଆମର ଶୀର୍ଷ ନେତୃତ୍ୱକୁ ପାଞ୍ଚଟି ଆଇନ୍ ମାଗିବା । (୧)ସମାନ ଶିକ୍ଷା (୨) ସମାନ ନାଗରିକ ସଂହିତା (୩) ଧର୍ମାନ୍ତରୀକରଣ ନିୟନ୍ତ୍ରଣ କାନୁନ୍ (୪) ଅନୁପ୍ରବେଶ ନିରୋଧ (୫) ଜନସଂଖ୍ୟା ନିୟନ୍ତ୍ରଣ

ଯଦି ବେଳଥାଉଁ ଥାଉଁ ଏଦିଗରେ କାର୍ଯ୍ୟ ନକରା ଯାଏ ତେବେ ଦେଶ ସଂକଟରେ ପଡ଼ିବ । ତୁରନ୍ତ ଏ କାନୁନ୍ ନକଲେ ଅଳ୍ପ ଦିନରେ ସନାତନୀ ହିନ୍ଦୁ ସମାପ୍ତ ହୋଇଯିବେ ।

ବର୍ତ୍ତମାନ ନଅଟି ରାଜ୍ୟରେ ହିନ୍ଦୁ ଅଳ୍ପସଂଖ୍ୟକ ହୋଇ ସାରିଲେଣି । ପରିବାର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସୀମିତ ରଖିବାର ବିଭିନ୍ନ ଉପାୟ ଆଧୁନିକ ଯୁଗରେ ଉପଲବ୍ଧ ଥିବା ବେଳେ ମୁସଲମାନ ମାନେ ଗଲା କୋଡିଏ ବର୍ଷରେ ତିନିଗୁଣ ହେଲେ କେମିତି ଓ କାହିଁକି ?? ଏ କଥା ବିଚାରଣୀୟ । ସେମାନଙ୍କ ଉଦ୍ଦେଶ୍ୟ ଓ ହିନ୍ଦୁ ନିଜପ୍ରତି ଥିବା ସଙ୍କଟ ଯଦି ବୁଝି ପାରୁନାହାନ୍ତି ତେବେ ଯେତେ ବିଦ୍ୟା, ପାଠପଢ଼ି ଥିଲେବି ଆପଣ ଅଧମ ଶ୍ରେଣୀର ବୋଲି ଜାଣନ୍ତୁ ।

ଭାରତ ବଞ୍ଚାଅ ଅଭିଯାନରେ ଆପଣ ଜଡ଼ିତ ନହେଲେ ଆପଣଙ୍କ ଝିଅ ବୋହୂ ଆଉ ସୁରକ୍ଷିତ ନୁହନ୍ତି ବୋଲି ବୁଝନ୍ତୁ । ସଂଗଠିତ ନହେଲେ କାନୁନ୍/ନିୟମ କ'ଣ କରିପାରିବ ? ଦେଶ ବିଭାଜନ ଦଙ୍ଗା ସମୟରେ ବି ସେନା, ପୁଲିସ ଆଇନ୍ କାନୁନ୍ ସବୁ ଥିଲା କି ନାହିଁ ? ଷୋହଳ ଲକ୍ଷ ହିନ୍ଦୁ ହତ୍ୟା ହୋଇଥିଲେ । ଥରେ ଇଜ୍ଜତ ଗଲେ ଆଉ ଫେରେନି । ଅପରାଧୀ ଯଦିବା ଦଣ୍ଡିତ ହୁଅନ୍ତି ତଥାପି ନିତ୍ୟ ନୁତନ ଅପରାଧୀ ବାହାରନ୍ତି । ଅପରାଧକୁ ରୋକିବାକୁ ହେଲେ ଅପରାଧ ହେବା ପୂର୍ବରୁ ତାକୁ ପ୍ରତିହତ କରିବା, ସତର୍କ ରହିବା ନିହାତି ଆବଶ୍ୟକ ।

ନିତ୍ୟ ରଞ୍ଜନ ନନ୍ଦ

ଡ଼ି ଏଲ ଏ -୧୨

ଭି ଏସ ଏସ ନଗର, ଭୁବନେଶ୍ୱର -୭୫୧୦୧୦

ମୋ -୯୪୩୭୬୧୭୮୪୨୪

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପାକିସ୍ତାନକୁ ଧ୍ୱଂସ କରିବା କେମିତି ?

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ



ଯେଉଁ ବନ୍ଧୁମାନେ ମନ ଉଣା କରୁଛନ୍ତି ଯେ ଭାରତ କାହିଁକି ଏହି ଯୁଦ୍ଧବିରାମକୁ ପ୍ରଶ୍ରୟ ଦେଲା, କାହିଁକି ପାକିସ୍ତାନକୁ ଧୂଳିସାତ୍ କରିଲା ନାହିଁ, ସେମାନଙ୍କ ପାଇଁ ମୋର ଏହି ପ୍ରଶ୍ନ ।

ପାକିସ୍ତାନକୁ ଧ୍ୱଂସ କରିବା ଅର୍ଥ ଆପଣ କଣ ବୁଝୁଛନ୍ତି ?

ଦ୍ୱିତୀୟ ବିଶ୍ୱଯୁଦ୍ଧ ଭଳି ଆମେ ପାକିସ୍ତାନକୁ ଘେରିଯାଇ ଏହାର ସମସ୍ତ ସୈନ୍ୟଙ୍କ ମୁଣ୍ଡକାଟ କରିବାକୁ ଆପଣ ବିଜୟ ବୋଲି ବିବେଚନା କରିଥାନ୍ତେ କି ? କିନ୍ତୁ ଏହା କାହିଁକି ଆମେ କରିବା ? ଭାରତ ପୁର୍ବରୁ ହିଁ ସୂଚେଇ ଦେଇଛି ଯେ ଆମର ଆଭିମୁଖ୍ୟ କେବଳ ଆତଙ୍କବାଦୀ ଓ ସେମାନଙ୍କ ଶିବିର ଧ୍ୱସ୍ତ କରିବା ।

ଆପଣ ଚାହୁଁଛନ୍ତି କି ପାଖାପାଖି କୋଡିଏ କୋଟି ଏହିଭଳି ଲୋକଙ୍କୁ ନିରାଶ୍ରୟ କରି ଛାଡ଼ି ଦିଆଯାଇଥାନ୍ତା, ଯେଉଁମାନେ ନିଜ ଦେହରେ ବୋମା ବାନ୍ଧିଦେଇ ଅନ୍ୟକୁ ହତ୍ୟାକରିବା ମାତ୍ର ଏକ ଜନ୍ନତ ପ୍ରାପ୍ତିର ମାର୍ଗ ବୋଲି ବୁଝନ୍ତି । ସେମାନଙ୍କୁ କିଭଳି ଭାବରେ ସମ୍ଭାଳିଥାନ୍ତେ ? ଯଦି ଭାରତ ବିଜୟୀ ହୁଅନ୍ତା ତା ହେଲେ ସେ ସବୁ ମଧ୍ୟ ଭାରତ ଅକ୍ତିଆରରେ ଆସନ୍ତା, ଏହିଭଳି ଏକ ସମାଜକୁ ସମ୍ଭାଳି ହୁଅନ୍ତା ତ ?

କଣ, ଏହିଭଳି ଭାବରେ ପାକିସ୍ତାନକୁ ଧ୍ୱଂସ କରିବା ?

କିମ୍ବା ପରମାଣୁ ବୋମା ପକାଇ ସମ୍ପୂର୍ଣ୍ଣ ଦେଶକୁ ହିଁ ନିଶ୍ଚିହ୍ନ କରିଦେବା ?

କାରଣ ଆମେ ସେହିଭଳି କରିବା ନାହିଁ, କୌଣସି ଭାରତୀୟ ଏହିଭଳି ନାରକୀୟ କାଣ୍ଡ ପାଇଁ ମାନସିକ ସ୍ତରରେ ନିଜକୁ ପ୍ରସ୍ତୁତ କରି ପାରିବ ନାହିଁ । ଜୀବେଦୟାର ଶ୍ଳୋକକୁ ଆଜୀବନ କଣ୍ଠସ୍ତ କରି ଆସିଥିବା ଶାନ୍ତିପ୍ରିୟ ଭାରତୀୟ ସମାଜ ଏହାର ଅନୁମତି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆଦୌ ଦିଅନ୍ତା ନାହିଁ ।

କେହି କେହି ମତ ଦେଉଛନ୍ତି ଯେ, ପାକିସ୍ତାନକୁ ଖଣ୍ଡ ଖଣ୍ଡ କରିଦିଆଯାଉ ।

ପାକିସ୍ତାନ ଏକ ଦେଶ ଏହାକୁ ଖଣ୍ଡ ଖଣ୍ଡ କରିବାର ଅଧିକାର ବା ସାମର୍ଥ୍ୟ ଆମର ନାହିଁ । ହଁ ଯଦି ସେହି ଅଞ୍ଚଳର ଅଧିବାସୀମାନେ ଚାହିଁଲେ ତା ହେଲେ ହୁଏତ ସେମାନେ ପାକିସ୍ତାନଠାରୁ ଅଲଗା ହୋଇ ପାରିବେ । ଯେଉଁଭଳି ବର୍ତ୍ତମାନ ବଲୋଚିସ୍ତାନ ଚାହୁଁଛି । କିନ୍ତୁ ପୁଣି ଭବିଷ୍ୟତରେ ସେମାନେ ଏକତ୍ରିତ ହୋଇ କିମ୍ବା ଅଲଗା ଅଲଗା ଭାରତ ଉପରେ ଆକ୍ରମଣ କରିବେ ନାହିଁ ବୋଲି କିଏ କହିବ? ଅତୀତରେ ପାକିସ୍ତାନର ଶାସନରେ ଅସହ୍ୟ ହୋଇ ଅଲଗା ହୋଇଥିବା ବଙ୍ଗଳାଦେଶ ଏବେ ପାକିସ୍ତାନର ଭାଷା କହିବାକୁ ଲାଗିଲାଣି । ତାହେଲେ ଭବିଷ୍ୟତରେ ସେମାନେ ସମସ୍ତେ ଏକ ହେବେନାହିଁ ବୋଲି କହି ପାରିବେ କି ?

ଯଦି ବା ଭାରତ କୂଟନୈତିକ ସ୍ତରରେ ସଫଳ ହୋଇ ପାକିସ୍ତାନରୁ ଗୋଟିଏ ଭାଗ ଅଲଗା କରିଦିଏ, ସେଇଥିପାଇଁ ଅଜସ୍ର ଆର୍ଥିକ ସମ୍ବଳ ଓ ଶକ୍ତିର ଆବଶ୍ୟକତା ରହିବ ଏବଂ ଅନେକ ବର୍ଷ ଲାଗିଯିବ । ଧୈର୍ଯ୍ୟ ଧରନ୍ତୁ ସେହିଭଳି କିଛି ହେବାର ସମ୍ଭାବନା ଖୁବ୍ ଶୀଘ୍ର ଜଣା ପଡ଼ିପାରେ ।

କିଛି ଲୋକ ମତ ଦେଇଛନ୍ତି ଯେ ଭାରତ ପ୍ରଚଣ୍ଡ ଭାବରେ ସେମାନଙ୍କର ସମସ୍ତ ସୈନ୍ୟ ଠିକଣା, ବନ୍ଦର, ବିମାନ ଅଡ୍‌ଡ଼ା, ସୈନ୍ୟ ପ୍ରଶିକ୍ଷଣ ଶିବିର ଆଦିକୁ ଧ୍ୱଂସ କରିଦେଇ ସେମାନଙ୍କ ଅସ୍ଥିତ୍ୱକୁ ପ୍ରଶ୍ନବାଚୀ କରିଦେଉ ।

ହୁଏତ ସିନେମାରେ ଏହା ଦେଖିବାକୁ ଭଲ ଲାଗିବ ।

ଯଦି ସତରେ ଏହିଭଳି କିଛି କରାଯାଏ, ତା ହେଲେ ଶେଷ ପଦକ୍ଷେପ ସ୍ୱରୂପ ପାକିସ୍ତାନ ଭାରତର ପ୍ରମୁଖ ସହର ଯଥା ମୁମ୍ବାଇ, ଦିଲ୍ଲୀ ଆଦି ଉପରେ ପରମାଣୁ ବୋମା ନିକ୍ଷେପ କରିବ, କାରଣ ଏହା ବ୍ୟତୀତ ସେମାନଙ୍କ ପାଖରେ ଆଉ କୌଣସି ବିକଳ୍ପ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରହିବ ନାହିଁ ।

ନିଶ୍ଚୟ ଆମେ ସେମାନଙ୍କୁ ଧ୍ୱଂସ କରିବାକୁ ଚାହୁଁ କିନ୍ତୁ କଣ ଆମେ ଆମର ଦେଶର ଅଭ୍ୟନ୍ତରୀଣ ଶାନ୍ତ ପରିବେଶକୁ ନଷ୍ଟ କରିବା କି? ବଡ଼ ବଡ଼ ସହର ସବୁକି ନିଶ୍ଚିହ୍ନ ହେବାକୁ ଦେବା କି?

ମୁଁ ଏହା କଦାପି ଚାହିଁବି ନାହିଁ ।

ଶେଷରେ, ଯୁଦ୍ଧ କଣ? ଯୁଦ୍ଧ ରାଜନୀତିର ହିଁ ଏକ ପରିବର୍ତ୍ତିତ ସ୍ୱରୂପ । ବିନା ଲକ୍ଷ୍ୟରେ ଯୁଦ୍ଧ ଅନାବଶ୍ୟକ ।

ଯେଉଁ କାରଣରୁ ହେଉ ନା କାହିଁକି, ପ୍ରତ୍ୟେକ ଯୁଦ୍ଧ କିଛି ନା କିଛି ଲକ୍ଷ୍ୟ ନେଇ ଆରମ୍ଭ ହୋଇଥାଏ । ଆମର ଲକ୍ଷ୍ୟ ଏହି ଯୁଦ୍ଧରେ ଥିଲା;

୧. ଯଦି ତୁମେ ଭାରତରେ ଜଣେ ବି ନିରୀହ ବ୍ୟକ୍ତିର ପ୍ରାଣ ନିଅ ତା ହେଲେ ଭାରତ ଏହାର ଶହେ ଗୁଣ ଅଧିକ ଆତଙ୍କବାଦୀଙ୍କୁ ନିପାତ କରିବ । ସେମାନଙ୍କୁ ଦେଶରେ ଯେଉଁଠି ବି ଲୁଚେଇ ରଖିଥାଅ ଆମେ ତାଙ୍କୁ ଖୋଜି ଆଣିବୁ ଏବଂ ହତ୍ୟା କରିବୁ ।

୨. ଯଦି ପାକିସ୍ତାନ ସାମାନ୍ୟତମ ଧୃଷ୍ଟତା ବି ଦେଖାଏ ତା ହେଲେ ଏହାର ଦୁଇଗଣା ପ୍ରଭାବରେ ଭାରତ ପ୍ରତିଆକ୍ରମଣ କରିବ ।

ଆମେ ଏହାକୁ ସାଧ୍ୟ କରି ସାରିଛୁ ଏବଂ ପାକିସ୍ତାନରେ ବିଚରଣ କରୁଥିବା ଆତଙ୍କବାଦୀମାନେ ମଧ୍ୟ ଭାରତର ଭୟ କଣ ବୁଝି ସାରିଥିବେ । ତଥାପି ସେମାନେ ଆକ୍ରମଣ କରିବେ କିନ୍ତୁ ଏବେ ସେମାନେ ଜାଣି ସାରିବେଣି ଯେ ଗୋଟିଏ ଆତଙ୍କବାଦୀର କାର୍ଯ୍ୟପାଇଁ ସମଗ୍ର ଦେଶ ଭାରତର କ୍ରୋଧର ଶିକାର ହେବ ।

ପାକିସ୍ତାନକୁ ଭଲ ଭାବରେ ଜଣାଇ ଦିଆଯାଇଛି ଯେ ଆମେ ଚାହିଁଲେ ଏହାର ଏଗାରଶହ କିଲୋମିଟର ଭିତରେ ପ୍ରବେଶ କରି ଆକ୍ରମଣ କରିବାକୁ ସମର୍ଥ । ସେମାନଙ୍କ ସମସ୍ତ ପ୍ରଚେଷ୍ଟାକୁ ଆକାଶରେ ହିଁ ଧ୍ୱଂସ କରିବାର କ୍ଷମତା ଆମର ରହିଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କିଛି ଲୋକ କହୁଛନ୍ତି ଯେ ଏହିଭଳି ମୁହୂର୍ତ୍ତରେ ଭାରତର ସହାୟତା ପାଇଁ କୌଣସି ଦେଶ ଆଗେଇ ଆସିଲେ ନାହିଁ । କେନ୍ଦ୍ର ସରକାରଙ୍କ ବୈଦେଶିକ ନୀତି ଯୋଗୁଁ ଏହା ହୋଇଛି ।

କଥାରେ ଅଛି, କୁକୁର ମାନେ ଦଳରେ ଆସନ୍ତି କିନ୍ତୁ ସିଂହ ଏକା ଶିକାର କରେ । ଠିକ୍ ସେହିଭଳି ଭାରତ ସରକାର ଏହି ସମୟରେ ଯେମିତି ଭାବରେ ଦୃଢ଼ ଭାବରେ ମୁକାବିଲା କରିଛନ୍ତି ଏବଂ ଆମ ଦେଶରେ ନିର୍ମିତ ଅସ୍ତ୍ରଶସ୍ତ୍ରର ସଫଳତା ପୂର୍ବକ ବ୍ୟବହାର କରିଛନ୍ତି, ତାହା ଅକଳ୍ପନୀୟ ଥିଲା । ବାସ୍ତବରେ ଯଦି କେହି ଏକ ଘରକିଆ ହୋଇଥିଲା ସେ ଥିଲା ପାକିସ୍ତାନ । ଅର୍ଥ ଓ ଶସ୍ତ୍ର କେହି ବି ଦେଇ ପାରିବେ କିନ୍ତୁ ଲଢେଇ କରିବା ସମୟରେ ନୈତିକ ସମର୍ଥନ କେହି ଦେବେ ନାହିଁ । ଯେଉଁଥିପାଇଁ ପାକିସ୍ତାନ ମାତ୍ର ଚାରିଦିନରେ ହିଁ ଯୁଦ୍ଧ ବିରାମ ପାଇଁ ଅନୁରୋଧ କରିବାକୁ ବାଧ୍ୟ ହେଲା ।

ମନେ ପକାନ୍ତୁ ଅତୀତରେ ଯେବେ ବି ଭାରତ ଉପରେ କୌଣସି ଆକ୍ରମଣ ହେଉଥିଲା, ଭାରତକୁ ହିଁ ଶାନ୍ତି ବଜାୟ ରଖିବା ପାଇଁ ଉପଦେଶ ଦେବାପାଇଁ ସବୁ ଦେଶ ଆଗେଇ ଆସୁଥିଲେ । ହେଲେ ଚଳିତ ସମୟରେ ସେହିଭଳି କିଛି ହେଲାନି । ଭାରତକୁ ନିଜର ସଂପ୍ରଭୂତାକୁ ରକ୍ଷା କରିବାପାଇଁ ଯାହା ବି ଆବଶ୍ୟକ ତାହା କରିବା ପାଇଁ ଛାଡ଼ି ଦିଆଗଲା । ଯାହା ଫଳରେ ପାକିସ୍ତାନ ଏବଂ ଏହାର ସେନାବାହିନୀ ମନରେ ଭୟ ସୃଷ୍ଟି କରିବାକୁ ଆମେ ସଫଳ ହେଲୁ ।

ପରିସ୍ଥିତି ଏଭଳି ହେଲା ଯେ ଯୁଦ୍ଧ ବିରାମ ଭିକ୍ଷା ମାଗିବାକୁ ପଡ଼ିଲା ।

ବୈଶ୍ୱିକ ସ୍ତରରେ କେବେ ବି କୌଣସି ଦେଶ ଆଗେଇ ଆସି ଆପଣଙ୍କୁ କହିବ ନାହିଁ, ଯେ ଆପଣ ଅମୁକ କି ସମୁକ ଦେଶକୁ ଆକ୍ରମଣ କରନ୍ତୁ ଆମେ ଆପଣଙ୍କ ସହ ଅଛୁ । ଯେତେବେଳେ ଆପଣ ଯୁଦ୍ଧରେ ଦୁର୍ବଳ ହୋଇ ଉଠିବେ କେବଳ ସେତେବେଳେ ହିଁ ସେମାନେ ସହାୟତା ପାଇଁ ଆଗେଇ ଆସି ପାରନ୍ତି । ଆମେ ପାକିସ୍ତାନ ଉପରେ ଆକ୍ରମଣ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କରୁଥିବା ସମୟରେ ସମସ୍ତେ ପାକିସ୍ତାନକୁ ସାହାଯ୍ୟ ଦେବାକୁ ଆଗେଇ ଆସୁଥିଲେ କାରଣ ସେମାନେ ଜାଣିଥିଲେ ଭାରତ ଭଳି ଏକ ଶକ୍ତିକୁ ସାମନା କରିବା କେତେ ଅସମ୍ଭବ କାର୍ଯ୍ୟ ।

ସର୍ବୋପରି ଏହି ଅପରେସନ୍ ସିନ୍ଦୁରରୁ ଆମକୁ ଯାହା ମିଳିଲା;

୧. ଶତାଧିକ ଆତଙ୍କବାଦୀ ନିହତ ହେଲେ

୨. ଆତଙ୍କବାଦୀ ଶିବିର ଗୁଡ଼ିକୁ ଧୂଳିସାତ କରି ଦିଆଗଲା

୩. ପାକିସ୍ତାନର ସମସ୍ତ ପ୍ରମୁଖ ବିମାନବନ୍ଦର ଧ୍ୱସ୍ତ କରିଦିଆଗଲା

୪. ସେମାନେ ବାୟୁରକ୍ଷା ପ୍ରଣାଳୀକୁ ନଷ୍ଟ କରିଦିଆଗଲା

୫. ଯୁଦ୍ଧ ବନ୍ଦ କରିବାପାଇଁ ସେମାନଙ୍କୁ ଭିକ୍ଷା କରିବାକୁ ପଡ଼ିଲା

୬. ସିନ୍ଧୁନଦୀ ଜଳ ବୁଝାମଣା ବର୍ତ୍ତମାନ ଆଉ ନାହିଁ

ଭାରତର ଏହି ଅପରେସନ ଦ୍ୱାରା ଭବିଷ୍ୟତ ପାକିସ୍ତାନ ପାଇଁ କଣ ସବୁ ନେଇ ଆସିବ ତାହା ଆଗାମୀ କେଇ ମାସରେ ଆପଣ ନିଶ୍ଚୟ ଜାଣି ପାରିବେ ।

ସୌଜନ୍ୟ : ସୋସିଆଲ୍ ମିଡ଼ିଆରୁ ଗୃହୀତ ଏବଂ ଓଡ଼ିଆରେ ଅନୁବାଦିତ

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଉପାନ୍ତ ଅଞ୍ଚଳରେ ଶିକ୍ଷା ଓ ଜନଜାତି

ଶଙ୍କର ବିଶ୍ୱାଳ



ଉପାନ୍ତ ଅଞ୍ଚଳରେ ଶିକ୍ଷା ଓ ଜନଜାତି ସମ୍ପ୍ରଦାୟ

ଶିକ୍ଷାକୁ ଏକ ଜାତିର ଆର୍ଥିକ ଅଭିବୃଦ୍ଧିର ସ୍ତମ୍ଭ ଭାବରେ ବିବେଚନା କରାଯାଏ । ପର୍ଯ୍ୟାପ୍ତ ଶିକ୍ଷା ସମାଜ ଏବଂ ସମଗ୍ର ଦେଶର ସାମଗ୍ରିକ ବିକାଶରେ ସାହାଯ୍ୟ କରେ । ମୁଁ ନିଶ୍ଚିତ ଯେ ସମସ୍ତେ ଏହି ସତ୍ୟ ବିଷୟରେ ଜାଣନ୍ତି ଏବଂ ଏହା କୌଣସି ନୂତନ ଶବ୍ଦ ନୁହେଁ, ଯେତେବେଳେ ଆମେ ଭାରତ ବିଷୟରେ କଥା ହେଉ, ସେତେବେଳେ ବହୁତ ସଂଖ୍ୟକ ପିଲା ମୌଳିକ ଶିକ୍ଷାରୁ ମଧ୍ୟ ବଞ୍ଚିତ ହୁଅନ୍ତି । ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ ଅନୁଯାୟୀ ଭାରତର ସାକ୍ଷରତା ହାର ୭୭.୭ ପ୍ରତିଶତ, ଯାହା ସ୍ୱାଧୀନତା ପରଠାରୁ ଯଥେଷ୍ଟ ଉନ୍ନତ ହୋଇଛି କିନ୍ତୁ ତଥାପି, ଜଣେ ସାକ୍ଷର ବ୍ୟକ୍ତି ଅର୍ଥ ହେଉଛି ଯିଏ ଅତି କମରେ ଗୋଟିଏ ଭାଷା ପଢ଼ିପାରିବେ ଏବଂ ସଠିକ୍ କରିପାରିବେ । ଏହା ଏକ ସ୍ଥିର ଜୀବିକା ହାସଲ କରିବା ପାଇଁ ଆବଶ୍ୟକ ଶିକ୍ଷାର ସ୍ତର ସୁନିଶ୍ଚିତ କରେ ନାହିଁ ।

ଆସନ୍ତୁ ଆମେ ଗ୍ରାମୀଣ ଯୁବପିଢ଼ିଙ୍କ ଶୈକ୍ଷିକ ବିକାଶରେ ବାଧା ସୃଷ୍ଟି କରୁଥିବା କିଛି କାରଣ ଖୋଜିବା । ଗ୍ରାମୀଣ ଭାରତରେ ଶିକ୍ଷା ସୁଯୋଗ ଭାରତ, ଗୋଟିଏ ପଟେ, କେବଳ ଚାକିରି ପାଇବା ପାଇଁ ନୁହେଁ ବରଂ ସ୍ରଷ୍ଟା, ଉଦ୍ଭାବକ ଏବଂ ବିଭ୍ରାନ୍ତକାରୀ ସୃଷ୍ଟି କରିବା ପାଇଁ ନୂତନ ଶିକ୍ଷା ଧାରଣା ଗ୍ରହଣ କରିବାକୁ ଯାଉଛି ଯେଉଁଠାରେ ଛାତ୍ରଛାତ୍ରୀମାନଙ୍କୁ ବାକ୍ସ ବାହାରେ ଚିନ୍ତା କରିବାକୁ ଏବଂ ପ୍ରତ୍ୟେକ ଧାରଣାକୁ ସମାଲୋଚନାମୂଳକ ଭାବରେ ପରୀକ୍ଷା କରିବାକୁ ଉତ୍ସାହିତ କରାଯାଏ । ଅନ୍ୟପକ୍ଷରେ, ସମାଜର ଏକ ବର୍ଗ ଅଛି ଯିଏ ସେମାନଙ୍କର ପ୍ରାଥମିକ ଶିକ୍ଷା ସମାପ୍ତ କରିବାକୁ ମଧ୍ୟ ସକ୍ଷମ ହେଉନାହିଁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭାରତର ଗ୍ରାମାଞ୍ଚଳ ଜନସଂଖ୍ୟାର ଏକ ବଡ଼ ଭାଗ ସରକାରୀ ସହାୟତା ପ୍ରାପ୍ତ ସ୍କୁଲ ଏବଂ ଏନଜିଓ ଉପରେ ଅତ୍ୟଧିକ ନିର୍ଭରଶୀଳ । କିନ୍ତୁ ଗ୍ରାମାଞ୍ଚଳଗୁଡ଼ିକ ଏବେ ବି ଦେଶର ସାକ୍ଷରତା ହାରକୁ ପ୍ରଭାବିତ କରୁଥିବା ବିଭିନ୍ନ ପ୍ରତିବନ୍ଧକର ସମ୍ମୁଖୀନ ହେଉଛନ୍ତି । ଭାରତର ପ୍ରାୟ ୭୦% ଲୋକ ଏବେ ବି ଗାଁରେ ବାସ କରନ୍ତି ଏବଂ ଗ୍ରାମାଞ୍ଚଳର ଅନୁଷ୍ଠାନଗୁଡ଼ିକରେ ଶିକ୍ଷିତ ହୁଅନ୍ତି । ସମ୍ବଳର ଅଭାବ ଏବଂ ସୀମିତ ଶିକ୍ଷା ସୁଯୋଗ ଯୋଗୁଁ ଛୋଟ ଗ୍ରାମାଞ୍ଚଳର ଛାତ୍ରଛାତ୍ରୀମାନେ ଅନେକ ଚ୍ୟାଲେଞ୍ଜର ସମ୍ମୁଖୀନ ହୁଅନ୍ତି ।

ଶିକ୍ଷା କେବଳ ଜନଜାତିର ଆର୍ଥିକ ବିକାଶ ପାଇଁ ନୁହେଁ ବରଂ ଜନଜାତି ସମ୍ପ୍ରଦାୟର ସର୍ବାଙ୍ଗୀନ ବିକାଶ ପାଇଁ ଏକ ପ୍ରେରଣା ଭାବରେ କାର୍ଯ୍ୟ କରେ ଯାହା ସେମାନଙ୍କୁ ଜୀବନର ନୂତନ ଚ୍ୟାଲେଞ୍ଜର ସମ୍ମୁଖୀନ କରିବାରେ ସାହାଯ୍ୟ କରେ । ଭାରତରେ ଶିକ୍ଷାର ଗୁରୁତ୍ୱ । ଶିକ୍ଷା ବ୍ୟକ୍ତିମାନଙ୍କୁ ଜ୍ଞାନ ସହିତ ସଶକ୍ତ କରି ସେମାନଙ୍କ ପାଇଁ ସମ୍ଭାବନାର ଏକ ବିଶ୍ୱ ଖୋଲିଥାଏ । ଏହା ବିଭିନ୍ନ ଉପାୟରେ ଶିକ୍ଷାର ଚାଷ । ଶିକ୍ଷା ପାଇବାର ସବୁଠାରୁ ସାଧାରଣ ଉପାୟ ମଧ୍ୟରୁ ଗୋଟିଏ ହେଉଛି ଏକ ଆନୁଷ୍ଠାନିକ ବିଦ୍ୟାଳୟକୁ ଯାଇ ଶିକ୍ଷକଙ୍କଠାରୁ ଶିକ୍ଷା ଗ୍ରହଣ କରିବା, କିନ୍ତୁ ଏହା କେବଳ ସେତିକିରେ ସୀମିତ ନୁହେଁ । ଏକ ଜାତିର ଅନନ୍ୟ ସଂସ୍କୃତି ଅନ୍ୟ କୌଣସି ଜାତିଠାରୁ ଭିନ୍ନ ଏହାର ନାଗରିକଙ୍କୁ ଏକତା କରିଥାଏ । ବହୁସାଂସ୍କୃତିକ ଏବଂ ବିବିଧ ଦେଶ ମଧ୍ୟରେ ମଧ୍ୟ, ସାଂସ୍କୃତିକ ଶିକ୍ଷା ଏକ ଜାତୀୟ ପରିଚୟ ନିର୍ମାଣ କରିବାରେ ସାହାଯ୍ୟ କରେ । ଏହା ନାଗରିକମାନଙ୍କର ନିଜର ଭାବନାକୁ ବୃଦ୍ଧି କରେ ଏବଂ ଏହିପରି ସଦ୍ଭାବ ଏବଂ ଆଭ୍ୟନ୍ତରୀଣ ସୁରକ୍ଷା ସୃଷ୍ଟି କରେ । ଜନଜାତି ଜ୍ଞାନ ପ୍ରଣାଳୀ ଶତାବ୍ଦୀର ଅଭିଜ୍ଞତା ଏବଂ ଶିକ୍ଷା ମାଧ୍ୟମରେ ବର୍ତ୍ତମାନ ସମୟକୁ ପ୍ରବାହିତ ଆଦିବାସୀ ଲୋକଙ୍କ ଆନ୍ତଃ-ପିଢ଼ିଗତ ଜ୍ଞାନକୁ ପ୍ରତିନିଧିତ୍ୱ କରେ । ସାମାଜିକ-ସାଂସ୍କୃତିକ ଭାବରେ, ଜନଜାତିଙ୍କ ମଧ୍ୟରେ ଜାତି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପଦାନୁକ୍ରମର କୌଣସି ସ୍ଥାନ ନାହିଁ କାରଣ ସେମାନେ କୌଣସି ଜାତି ସମାଜର ନୁହଁନ୍ତି । ସେମାନଙ୍କ ସାମାଜିକ ଗଠନରେ ସମାନତା, ଧାର୍ମିକ ଦୃଷ୍ଟିକୋଣରେ ଧର୍ମନିରପେକ୍ଷ ମନୋଭାବ ଏବଂ ସେମାନଙ୍କର ଋତୁକାଳୀନ ଏବଂ ସାମୁଦାୟିକ ଗୀତ ଏବଂ ନୃତ୍ୟରେ ପ୍ରକାଶିତ ଏକ ଲୋକାଭିମୁଖୀ କଳା ଅଛି । ଯଦିଓ କର୍ଣ୍ଣାଟକ ରାଜ୍ୟ ଦ୍ରୁତ ଗତିରେ ସାର୍ବଜନୀନ ସାକ୍ଷରତା ହାସଲ କରିବା ପାଇଁ ପ୍ରୟାସ କରୁଛି, କିନ୍ତୁ ଏପର୍ଯ୍ୟନ୍ତ ଅନୁସୂଚିତ ଜାତି ଜନସଂଖ୍ୟାର ୩୫% ଏବଂ ଅନୁସୂଚିତ ଜନଜାତି ଜନସଂଖ୍ୟାର ୩୮% ଏପର୍ଯ୍ୟନ୍ତ ନିରକ୍ଷର (ଜନଗଣନା ୨୦୧୧) । ଏହା ବ୍ୟତୀତ, ଶିକ୍ଷା ମଧ୍ୟ ଦଳିତଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ । ସ୍ୱାଧୀନତାରୁ ବଞ୍ଚିତ କୌଣସି ଜୀବନ ନାହିଁ କିନ୍ତୁ ଦଳିତମାନେ ଶତାବ୍ଦୀ ଧରି ସେମାନଙ୍କ ଭୂମିରେ ଦାସତ୍ୱ ଅବସ୍ଥାରେ ବଞ୍ଚୁଛନ୍ତି । ଶିକ୍ଷା ମାଧ୍ୟମରେ, ସ୍ୱାଧୀନତା ବୁଝାଯିବ ଏବଂ ସମାଜରେ ଏହାକୁ ଅଭ୍ୟାସ କରାଯିବ । ଜନଜାତି ଶିକ୍ଷା ପଦ୍ଧତି (TEM): ଐତିହ୍ୟ ଏବଂ ପ୍ରଦର୍ଶନ ମାଧ୍ୟମରେ ସ୍ଥାୟୀ ଶିକ୍ଷା ଭାରତରେ ଏକ ପର୍ଯ୍ୟାୟ ୨ ବଡ଼ ଅନୁଦାନ ପ୍ରକଳ୍ପ ଥିଲା । ଏହି ପ୍ରକଳ୍ପର ଲକ୍ଷ୍ୟ ଥିଲା ଭାରତର କେରଳର ୱାୟାନାଡ ଜିଲ୍ଲାର ଆଦିବାସୀ ଜନଜାତି (ଆଦିବାସୀ) ର ଯୁବକ (୧୦-୧୬ ବର୍ଷ ବୟସ) ପାଇଁ ଏକ ସ୍ଥାୟୀ ପାଠ୍ୟକ୍ରମ ବିକଶିତ କରିବା ।

ଆଞ୍ଚଳିକ ଶିକ୍ଷା ଗବେଷଣା ଓ ଅନୁସନ୍ଧାନ କେନ୍ଦ୍ର
ଭୋପାଳ ବିଶ୍ୱବିଦ୍ୟାଳୟ
shankarbiswal2319@gmail.com

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଅକ୍ଷିତୃତୀୟା

ବନ୍ଦନା ମହାପାତ୍ର



ବୈଶାଖ ମାସର ଶୁକ୍ଳ ପକ୍ଷ ତୃତୀୟ ଦିନକୁ ଅକ୍ଷିତୃତୀୟା କୁହାଯାଏ । ଏହା କୃଷକ ଦିବସ ରୂପେ ପାଳନ କରାଯାଏ । କୃଷକ ଏହି ଦିନ ଅମୃତ ବେଳା ଦେଖି ଅକ୍ଷି ମୁଠି (ଅକ୍ଷୟ ମୁଠି) ଅନୁକୂଳ କରି କୃଷି କାର୍ଯ୍ୟ ଆରମ୍ଭ କରିଥାଏ । ଏହି ଦିନ ଶୁଭ ଦିନ ଭାବେ ଗୃହନିର୍ମାଣ, ନିର୍ବନ୍ଧ, ବିଭାହ, ବ୍ରତ, ଆଦି ଶୁଭ କର୍ମ ହୋଇଥାଏ । ଚାଷୀ ନିଜ ସ୍ତ୍ରୀ ଠାରୁ ଚନ୍ଦନ, ସିନ୍ଦୁର, ହଳଦୀ, ବୋଳା ଧାନ ବିହନ ଭରା ନୂଆ ଗଉଣିକୁ ଶଙ୍ଖ, ହୁଳହୁଳି ଦେଇ ମୁଣ୍ଡରେ ଥୋଇ ଏବଂ ଆଉ ଗୋଟେ ନୂଆ ଟୋକେଇରେ ପିଠା ନେଇ ହଳଲଙ୍ଗଳ ଧରି କ୍ଷେତକୁ ଯାଏ, ସେଠାରେ ଲକ୍ଷ୍ମୀ ଠାକୁରାଣୀଙ୍କୁ ଭୋଗ ଦେଇ ଉକ୍ତ ନୈବେଦ୍ୟ କିଆରୀର ଇଶାଣ କୋଣରେ ପୋତି ହଳ ବୁଲାଏ ଓ ମୁଠା ମୁଠା ବିହନ କିଆରୀରେ ବୁଣିନିଏ, ଏହାକୁ "ଅକ୍ଷି ମୁଠି" କହନ୍ତି । ସଧବା ସ୍ତ୍ରୀମାନେ ଏହି ଦିନ ଷଠିଦେବୀଙ୍କୁ ପୂଜା କରନ୍ତି ।

ଏହି ତିଥିରେ ଜୀଉମାନଙ୍କ ରଥ ନିର୍ମାଣ ପାଇଁ ଅନୁକୂଳ କରାଯାଏ । ତନ୍ତ୍ର ବିଧି ଅନୁସାରେ ମହାକାଳୀ ମନ୍ତ୍ରେ ପୂଜିତ କୁରାଢ଼ୀ ଲଗାଇ ବନଯୋଗ ହୋମର ଦେଉଳ ପୁରୋହିତ ରଥ ନିର୍ମାଣରେ ଶୁଭାରମ୍ଭ କରିଥାନ୍ତି । ତାଳଧ୍ୱଜ, ଦେବଦଳନ, ନନ୍ଦିଘୋଷ ରଥ ପାଇଁ । ରଥ ସଂହିତା ଓ ଶିଳ୍ପଶାସ୍ତ୍ର ଅବଲମ୍ବନରେ ରଥ ନିର୍ମାଣ କରାଯାଏ । ଏହି ଦିନ ଠାରୁ ଶ୍ରୀ କ୍ଷେତ୍ରରେ ଚନ୍ଦନ ଯାତ୍ରା ଆରମ୍ଭ ହୋଇଥାଏ, ଓଡିଶାରେ ବହୁ ମନ୍ଦିରରେ ଏହି ଯାତ୍ରା ପ୍ରାୟ ବୟାଳିଶି ଦିନ ପର୍ଯ୍ୟନ୍ତ ହୁଏ ।

ସବୁ ଠାରୁ ବଡ଼ ପର୍ବ ନାମେ ଖ୍ୟାତ ଅକ୍ଷିତୃତୀୟା ବଳଦେବ ରେବତୀଙ୍କ ବିବାହ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଚନ୍ଦନ ଯାତ୍ରା, ପର୍ଶୁରାମ ଓ ଜୟଦେବଙ୍କ ଜନ୍ମଦିନ, ସତ୍ୟ ଶେଷ ତ୍ରେତୟା ଆରମ୍ଭ ।

ବୈଶାଖ ମାସ ଶୁକ୍ଳ ପକ୍ଷ ତୃତୀୟା ସହ ରୋହିଣୀ ନକ୍ଷତ୍ର ଯୁକ୍ତ ହେଲେ ମହାଫଳ ପ୍ରାପ୍ତି ହୁଏ, ଏହାକୁ ବ୍ରତ ରୂପେ ପାଳନ କରାଯାଏ । ଏହି ବ୍ରତ କରୁଥିବା ସ୍ତ୍ରୀ ମାନେ ଏହି ଦିନ ଆରମ୍ଭ କରି ଆଠ ବର୍ଷରେ ଉଦଯାପନ କରନ୍ତି । ଏହି ଦିନ ଜଳଦାନ କଲେ ପୁଣ୍ୟ ଫଳ ମିଳେ । ଏହି ସମ୍ପର୍କରେ ଏକ ସୁନ୍ଦର କାହାଣୀ ଅଛି;

ଜଣେ ବ୍ରାହ୍ମଣ ବଡ଼ ପାପୀ ନିଷ୍ଠୁର ଥିଲା, ତା ଜୀବନରେ କିଛି ଧର୍ମ କାର୍ଯ୍ୟ କରିନି । ଦିନେ ତା ଘରକୁ ଆଉ ଜଣେ ଶୋଷିଲା ବ୍ରାହ୍ମଣ ଆସି ପାଣି ମାଗିଲା, ପାପୀ ବ୍ରାହ୍ମଣ ପାଣି ନ ଦେଇ ଘରୁ ବହାର କରିବା ସମୟରେ ତା ସ୍ତ୍ରୀ ସୁଶୀଳା ଧାଇଁ ଆସି ସେ ଶୋଷିଲାକୁ ପାଣି ଦେଲା । କିଛି ଦିନ ପରେ ପାପୀ ବ୍ରାହ୍ମଣର ମୃତ୍ୟୁ ହେଲା, ଯମ ପୁରେ ଥାଇ ଥରେ ଶୋଷିଲା ଅବସ୍ଥାରେ ଯମ ଦୂତଙ୍କୁ ପାଣି ମାଗିଲା, ସେମାନେ କହିଲେ, ନିଜ ଜୀବନରେ କେବେ କାହାକୁ ପାଣି ଟୋପେ ନଦେଇ ଏବେ ପାଣି ମାଗୁଛ କିପରି ପାପୀ ? ଏ ସମୟରେ ଯମରଜା ଆସି ନିଜ ହାତରେ ତାକୁ ପାଣି ପିଆଇଲେ, ଯମଦୂତମାନେ ଆଶ୍ଚର୍ଯ୍ୟ ହୋଇ କାରଣ କଣ ପଚାରିଲେ । ଯମରାଜ କହିଲେ ବ୍ରାହ୍ମଣ ସାରା ଜୀବନ ପାପ କରିଛି ହେଲେ ଅକ୍ଷିତୃତୀୟା ଦିନ ଏହାଙ୍କ ପତ୍ନୀ ଶୋଷିଲା ବ୍ରାହ୍ମଣଙ୍କୁ ପାଣି ଦେଇଥିଲା, ସେହି ସ୍ତ୍ରୀର ପୁଣ୍ୟବଳରୁ ଏହାର ପାପ ଧୋଇ ହୋଇ ଯାଇଛି । ତେଣୁ ଏହାର ଆଉ ନର୍କ ଭୋଗ ନାହିଁ ।

ମହର୍ଷି ଜନକ କୃଷିଜୀବିକୂଳର ପ୍ରତିନିଧି ରୂପେ ନିଜେ ଭୂମିପୂଜା କରି ବୀଜବପନ କରୁଥିଲେ, ଭୂମି କର୍ଷଣ ସମୟରେ ସୀତାଙ୍କୁ ପାଇଥିଲେ । ଋକବେଦରେ ସୀତା ଉତ୍କୃଷ୍ଟ ବୀଜଦାତ୍ରୀ ରୂପେ ବର୍ଣ୍ଣିତ ହୋଇଛନ୍ତି । ଅକ୍ଷିତୃତୀୟା ଏକ ପବିତ୍ର ପର୍ବ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସ୍ୱତନ୍ତ୍ର ଓଡ଼ିଶା ଗଠନରେ ମଧୁବାବୁ

ଚନ୍ଦ୍ରକଳା ଦେବୀ



"ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନରେ ମଧୁବାବୁଙ୍କ ଭୂମିକା"

"ଜାତି ଇତିହାସ ଜାତିର ନିର୍ଝର
ସଦା ବହେ ତହୁଁ ଜାତି ପ୍ରାଣଧାର
ସେ ଧାରରୁ ନୀର ପିଇଛିଯେ ନୀର
ନିଶ୍ଚୟ ହେବ ସେ ଜାତି କର୍ମବୀର"

ଖଣ୍ଡ ବିଖଣ୍ଡିତ ଓଡିଶା ପ୍ରଦେଶର ଏକତ୍ରିକରଣ ପାଇଁ ଗଢି ଉଠିଥିବା ଉତ୍କଳ ସମ୍ମିଳନୀ ପ୍ରତି ସୁପ୍ତ ଉତ୍କଳୀୟ ଜନତାକୁ ଆକୃଷ୍ଟ କରିବା ପାଇଁ ଏହା ଥିଲା କୁଳବୃଦ୍ଧ ମଧୁସୂଦନଙ୍କର ଏକ ଭାବ ପ୍ରବଣ ଉକ୍ତି ।

ପଲ୍ଲୀମାଳିନୀ, ପ୍ରକୃତିଶାଳିନୀ ବୈଚିତ୍ରମୟୀ, ରତ୍ନଗର୍ଭା ବୀର ପ୍ରସବିନୀ ଆମ ପୁଣ୍ୟ ଉତ୍କଳଭୂମି, ଉତ୍କଳ ମାତାର ଗୌରବ ରକ୍ଷା କରିବା ପ୍ରତ୍ୟେକ ଓଡ଼ିଆ ସୁପୁତ୍ରର କର୍ତ୍ତବ୍ୟ । ଯେତେବେଳେ ଏ ଉତ୍କଳ ଭୂମି ବିଦେଶୀ ଶାସନରେ କବଳିତ, ପରାଧୀନତା ଶୃଙ୍ଖଳାରେ ଆବଦ୍ଧ, ଛିନ୍ନମସ୍ତା ଉତ୍କଳ ଜନନୀର ନବ କଳେବରର ସ୍ରଷ୍ଟା ସାଜି ତଥା ଯାହାଙ୍କୁ ନେଇ ଓଡିଶା ଇତିହାସ ଋଦ୍ଧିମନ୍ତ, ସମୃଦ୍ଧ, ଦୀପ୍ତିମନ୍ତ, ଗର୍ବୋନ୍ନତ ନିଜଜୀବନକୁ ଜଳାଞ୍ଜଳି ଦେଇଛନ୍ତି, ଭାବନା, କଳ୍ପନାର ଅଭିବ୍ୟକ୍ତିକୁ ନିଜ ଲେଖନୀ ମୁନରେ ନବଚେତନା, ଦିଗଦର୍ଶନ ତଥା ନବ ଜାଗରଣ ଆଣିଛନ୍ତି, ଓଡ଼ିଆ ଭାଷା ଆନ୍ଦୋଳନର ସାରଥୀ ସାଜିଛନ୍ତି । ସେହିଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ନେତୃତ୍ୱ ନେଇଥିଲେ କୁଳବୃଦ୍ଧ ମଧୁସୂଦନ । ନିଜସ୍ୱ ଲେଖନୀ ମୁନରୁ ପଦେ-

'ହୃତ ଗଉରବ ଲୁପ୍ତ ଗଉରବ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଫେରାଇ ଆଣିବା ପାଇଁ

ଓଡ଼ିଶାର କୁଳବୃଦ୍ଧ ମଧୁବାବୁ

ଅଣ୍ଟା ଭିଡି ଥିଲେ ତହିଁ ।'

ଓଡ଼ିଶାର କଟକ ଜିଲ୍ଲା ଅନ୍ତର୍ଗତ ସତ୍ୟଭାମାପୁର ଗ୍ରାମରେ ୧୮୪୮ ମସିହା ଏପ୍ରିଲ ୨୮ ତାରିଖରେ ପିତା ରଘୁନାଥ ଚୌଧୁରୀ ମାତା ପାର୍ବତୀ ଦେବୀଙ୍କ କୋଳ ମଣ୍ଡନ କରିଥିଲେ । ଗାଁ ଗହଳିରେ ମଧୁବାବୁଙ୍କ ନାଆଁ ଶୁଣିଲେ ପ୍ରତ୍ୟେକ ଓଡ଼ିଆ ଭିତରେ ସ୍ୱାଭିମାନର ଏକ ଦୃଢ଼ଭାବ ସଞ୍ଚରିତ ହେଉଥିଲା । ପ୍ରତ୍ୟେକ ଓଡ଼ିଆଶିଶୁ ଗାଇଉଠେ-

"ମନ ଦେଇ ପାଠ ପଢ଼ିବି

ମଧୁବାବୁ ସଙ୍ଗେ ଲଢ଼ିବି

କାଳିଆ ଘୋଡାରେ ଚଢ଼ିବି"

ମଧୁବାବୁ ଓଡ଼ିଶାର ଏକ ବିରଳ ବ୍ୟକ୍ତିତ୍ୱ । ଯିଏ କି ସବୁରେ ପ୍ରଥମ ଥିଲେ । ସେ ଓଡ଼ିଶାର ପ୍ରଥମ ପଦାଧିକାରୀ, ପ୍ରଥମ ଗ୍ରାଜୁଏଟ, ପ୍ରଥମ ଏମ.ଏ, ପ୍ରଥମ ବିଲାତଯାତ୍ରୀ, ପ୍ରଥମ ଆଡ଼ଭୋକେଟ, ପ୍ରଥମ ମନ୍ତ୍ରୀ ଥିଲେ । ମଧୁ ବାରିଷ୍ଟର ସେ ଓଡ଼ିଶାର କୋଣେ ଅନୁକୋଣେ ସୁପରିଚିତ ।

ମାତୃଭୂମି, ମାତୃଭାଷା ପାଇଁ ନିଜର ଜୀବନକୁ ଉତ୍ସର୍ଗ କରେ ସେହିଁ ଜଣେ ମହାନ ବ୍ୟକ୍ତିତ୍ୱ । ସେତେବେଳେ ଓଡିଶା ପ୍ରଦେଶ ବୋଲି କିଛି ନଥିଲା । ଓଡ଼ିଶାର କେତେକ ଅଂଶ ମାନ୍ଦ୍ରାଜରେ, କେତେକ ମଧ୍ୟପ୍ରଦେଶରେ, କେତେକାଂଶ ବେଙ୍ଗଲ ପ୍ରେସିଡେନସିରେ ଯୋଡି ହୋଇ ରହି ଯାଇଥିଲା । ଓଡିଶା କହିଲେ କଟକ, ପୁରୀ, ବାଲେଶ୍ୱର, ଅନୁଗୁଳକୁ ବୁଝାଉଥିଲା । ଛିନ୍ନବିଛିନ୍ନ ଓଡ଼ିଆ ଭାଷାଭାଷୀ ଅଂଚଳକୁ ଏକ ଶାସନଧୀନ କରିବା ପାଇଁ ମଧୁବାବୁ ଅକ୍ଲାନ୍ତ ଉଦ୍ୟମ କରିଥିଲେ । ଏଥିପାଇଁ ୧୯୦୩ ମସିହାରେ ସେ ଉତ୍କଳ ସମ୍ମିଳନୀ ପ୍ରତିଷ୍ଠା କରିଥିଲେ । ଉତ୍କଳ ସମ୍ମିଳନୀର ବିଭିନ୍ନ ଅଧିବେଶନରେ ସେ ଯେଉଁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅଭିଭାଷଣମାନ ଦେଉଥିଲେ ସେଗୁଡିକ ଯେପରି ଜ୍ଞାନଗର୍ଭକ ସେହିଭଳି ଉପାଦେୟ ଥିଲା । ଉତ୍କଳ ଜନନୀଙ୍କ ଦୁଃଖରେ କାତର ହୋଇ ମଧୁସୂଦନ ଦାସ ଯେଉଁ କେତୋଟି କବିତା ଲେଖି ଯାଇଛନ୍ତି ସେଗୁଡିକ ତାଙ୍କ ଅଭିଭାଷଣ ଭଳି ଓଡ଼ିଆ ସାହିତ୍ୟର ଗୋଟିଏ ଗୋଟିଏ ଅମୂଲ୍ୟ ରତ୍ନ । ମହାତ୍ମାଗାନ୍ଧୀ ୧୯୨୧ ମସିହାରେ ଖଦଡ଼ ବସ୍ତ୍ର ପରିଧାନ ପାଇଁ ଜନସାଧାରଣଙ୍କୁ ଉପଦେଶ ଦେଇଥିଲେ । କିନ୍ତୁ ମଧୁବାବୁ ତାହାର ବହୁବର୍ଷ ପୂର୍ବରୁ ଉତ୍କଳବାସୀଙ୍କୁ ହାତକଟା ସୂତାରେ ଲୁଗାବୁଣି ପିନ୍ଧିବା ପାଇଁ ଉପଦେଶ ଦେଇଥିଲେ । ଏ ଦିଗରେ ସେ ଯଥା ସମ୍ଭବ ପଦକ୍ଷେପ ନେଇଥିଲେ । ତେଣୁ ଏହି ଲୁଗାକୁ 'ମଧୁବାବୁ ଲୁଗା' ବୋଲି ନାମ ଦେଇଥିଲେ ।

ମଧୁବାବୁ ଭାରତୀୟ ଜାତୀୟ କଂଗ୍ରେସର ଜଣେ ଉଚ୍ଚକୋଟୀର ନେତା ଥିଲେ । କଂଗ୍ରେସ ମଧ୍ୟରେ ରହି ମଧୁବାବୁ ଓଡିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ କରିବା ପାଇଁ ଉଦ୍ୟମ ଜାରି ରଖିଥିଲେ । କିନ୍ତୁ ଓଡିଶା ପ୍ରତି ଅନ୍ୟମାନଙ୍କର ସହାନୁଭୂତି ନଥିବାରୁ ସେମାନେ ମଧୁବାବୁଙ୍କ ପ୍ରସ୍ତାବକୁ ଗ୍ରହଣ କରିପାରି ନଥିଲେ । ତେଣୁ ମଧୁବାବୁ କଂଗ୍ରେସକୁ ଚିରକାଳ ପାଇଁ ପରିତ୍ୟାଗ କରି ଓଡ଼ିଶାରେ ଉତ୍କଳ ସମ୍ମିଳନୀ ପ୍ରତିଷ୍ଠା କରିଥିଲେ । ଏ ଦିଗରେ ଅନେକ ସ୍ୱାଧୀନତା ସଂଗ୍ରାମୀଙ୍କ ଅବଦାନ ନିହିତ । ସେମାନେ ହେଲେ କର୍ମବୀର ଗୌରୀ ଶଙ୍କର, କୃଷ୍ଣଚନ୍ଦ୍ର ନାରାୟଣ ଦେବ, ରାମଚନ୍ଦ୍ର ମର୍ଦ୍ଦରାଜ, ହରେକୃଷ୍ଣ ମହତାବ, ବିଦ୍ୟାରତ୍ନ ଇତ୍ୟାଦି । ଏହି ଉତ୍କଳ ପ୍ରଦେଶ ଗଠନରେ ଅନେକ କବି ଲେଖକଙ୍କର ଅବଦାନ ନିହିତ ସେମାନେ ହେଲେ ଫକୀର ମୋହନ, ରାଧାନାଥ, ଲକ୍ଷ୍ମୀକାନ୍ତ, ଗଙ୍ଗାଧର, ଗୋଦାବରୀଶ ଓ ଗୋପବନ୍ଧୁ ଦାସ । ଉତ୍କଳ ସମ୍ମିଳନୀ ନିମନ୍ତେ ଅକ୍ଳାନ୍ତ ପରିଶ୍ରମ, ଅଦମ୍ୟ ଚେଷ୍ଟା ସର୍ବବ୍ୟାପୀ ଆନ୍ଦୋଳନ ଫଳରେ ୧୯୩୬ ମସିହା ଏପ୍ରିଲ ୧ ତାରିଖରେ ଓଡିଶା ଏକ ସ୍ୱତନ୍ତ୍ର ପ୍ରଦେଶରୂପେ ଗଠିତ ହେଲା । କିନ୍ତୁ ସେତେବେଳକୁ ମଧୁବାବୁ ଜୀବିତ ନଥିଲେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଓଡ଼ିଆ ଜାତି ଓ ଓଡିଶାକୁ ସେ କେତେ ଭଲ ପାଆନ୍ତି, ସେ ଲେଖିଥିବା କବିତା ଗୁଡିକୁ ପଢିଲେ ଜାଣିହୁଏ । ତାଙ୍କର ଜାତୀୟ ବୋଧ ଓ ଦେଶପ୍ରୀତି ଲେଖାଗୁଡିକ ଭିତରେ 'ସନ୍ତାନର ଉକ୍ତି', ଜାତି ଇତିହାସଓ ଉତ୍କଳ ସନ୍ତାନ ପ୍ରଭୃତି ପ୍ରଧାନ । ମଧୁବାବୁ ଓଡ଼ିଶାର ଅର୍ଥନୈତିକ ଉନ୍ନତିପାଇଁ ଉତ୍କଳ ଟ୍ୟାନେରୀ ଜୋତା କାରଖାନା ଓ ଓଡ଼ିଶାର ତାରକସି ଏହି ଦୁଇ ଶିଳ୍ପ ଅନୁଷ୍ଠାନ ପ୍ରତିଷ୍ଠା କରିଥିଲେ । ମଧୁବାବୁ ଆଜି ନାହାଁନ୍ତି ସତ ଆମ ଦେଶ ପାଇଁ, ଆମ ଜାତି ପାଇଁ ଯାହା କରି ଯାଇଛନ୍ତି ସେଥିପାଇଁ ସେ ଆଜି ଚିର ଅମର ଓ ସ୍ମରଣୀୟ ମଧ୍ୟ । ମୋ ନିଜସ୍ୱ ଲେଖନୀରୁ ପଦେ-

'ଅକ୍ଳାନ୍ତ ଉଦ୍ୟମେ ବହୁ ପରିଶ୍ରମେ
ଗଠନ ଆମ ରାଜ୍ୟର
ସ୍ୱତନ୍ତ୍ର ପ୍ରଦେଶ ପାଇଲା ମାନ୍ୟତା
ଧ୍ୱଜା ଉଡେ ଫରଫର ।'

ବନ୍ଧୁଗାଁ, କୋରାପୁଟ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପୁସ୍ତକ

ନଳିନୀ ପ୍ରଭା ମିଶ୍ର



A room without books is like a body with out soul.

ପୁସ୍ତକ ବିହୀନ କୋଠରୀଟିଏ ଆତ୍ମାହୀନ ଶରୀର ସଦୃଶ । ପୁସ୍ତକ ହିଁ ଆଳୟର ସୌନ୍ଦର୍ଯ୍ୟ ବର୍ଦ୍ଧନ କରିଥାଏ । ଆବାଳ ବୃଦ୍ଧ ବନିତାଙ୍କ ପାଇଁ ପୁସ୍ତକ ପଠନ ଏକାନ୍ତ ଆବଶ୍ୟକ ହୋଇଥାଏ । ଶିଶୁ, କୈଶୋର, ଯୁବକ, ଯୁବତୀ, ପ୍ରୌଢ ବୃଦ୍ଧ, ବୃଦ୍ଧା ପ୍ରତ୍ୟେକଙ୍କ ପାଇଁ ସେମାନଙ୍କ ବୟସ ଅନୁପାତରେ ପୁସ୍ତକ ରଚିତ ହୋଇଥାଏ । ସେଗୁଡିକ ପଢ଼ିବା ଦ୍ୱାରା ଜ୍ଞାନର ଅଭିବୃଦ୍ଧି ଘଟିଥାଏ । ପୁସ୍ତକ ଆମକୁ ଜ୍ଞାନ ବିତରଣ କରେ । ପୁସ୍ତକ ହେଉଛି ମଣିଷର ପରମ ବନ୍ଧୁ । ପୁସ୍ତକ ପଠନ ମଣିଷର ନିତ୍ୟ ନୈମିତ୍ତିକ ଅଭ୍ୟାସ କହିଲେ ଅତ୍ୟୁକ୍ତି ହେବ ନାହିଁ । ରାମାୟଣ, ପୁରାଣ, ମହାଭାରତ, ଗୀତା, ବେଦ, ଉପନିଷଦ ଆଦି ପୁସ୍ତକର ପଠନ ମଣିଷକୁ ଆଧ୍ୟାତ୍ମିକ ମାର୍ଗକୁ ନେଇ ଯାଇଥାଏ ।

ଛାତ୍ର ଛାତ୍ରୀଙ୍କ ନିମନ୍ତେ ପଠନ ପୁସ୍ତକ ଠାରୁ ଆରମ୍ଭ କରି ଗୃହ, ପାଠାଗାର ପ୍ରତ୍ୟେକ ସ୍ଥାନରେ ପୁସ୍ତକ ପଠନର ଆବଶ୍ୟକତା ରହି ଆସିଛି । ମଣିଷର ପଠନ ଚାହିଦାକୁ ଆଖି ଆଗରେ ରଖି ପୁସ୍ତକାଳୟ ଗୁଡିକରେ ବିଭିନ୍ନ କିସମର ବହି ବିକ୍ରୀ ହୋଇଥାଏ । ମାଗାଜିନ୍, ପକେଟ୍ ବୁକ୍, ପାଞ୍ଜି, କ୍ୟାଲେଣ୍ଡର ପିଲାଙ୍କ ପାଠ ପଢା ଗାଇଡ୍ ଏଭଳି ବିଭିନ୍ନ କିସମର ପୁସ୍ତକରେ ବହି ଦୋକାନଟି ସୁନ୍ଦର ଦେଖାଯାଉଥାଏ ।

ସମଗ୍ର ପୃଥିବୀରେ ବାସ କରୁଥିବା ବିଭିନ୍ନ ଭାଷାଭାଷୀମାନେ ନିଜ ନିଜର ଭାଷାରେ ପୁସ୍ତକ ରଚନା କରି ପାଠକ ସମାଜକୁ ଯୋଗାଇଥାନ୍ତି । ପୁସ୍ତକ ପ୍ରକାଶନ ନିମନ୍ତେ ବର୍ତ୍ତମାନ ଅନେକ ନାମକରା ପୁସ୍ତକ ପ୍ରକାଶନ ସଂସ୍ଥାମାନ ପୁସ୍ତକ ପ୍ରକାଶନ ଦିଗରେ ରତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅଛନ୍ତି । ପୁସ୍ତକ ପଠନର ଅଭିବୃଦ୍ଧି ଏବଂ ଯୋଗ ସୂତ୍ର ସ୍ଥାପନ ପାଇଁ ପ୍ରତ୍ୟେକ ବର୍ଷ ଏକ ନିର୍ଦ୍ଦିଷ୍ଟ ସ୍ଥାନ ମାନଙ୍କରେ ପୁସ୍ତକ ମେଳାର ଆୟୋଜନ କରାଯାଇ ବିକ୍ରୟ ଦିଗରେ ପଦ କ୍ଷେପ ନିଆଯାଉଛି, ଫଳରେ ପାଠକ ପାଠିକାମାନେ ବହି ଉପଲବ୍ଧର ସମସ୍ୟାରୁ ମୁକ୍ତ ହୋଇ ପୁସ୍ତକ କ୍ରୟ କରିବାର ସୁଯୋଗ ପାଇ ପାରୁଛନ୍ତି । ଅତୀତ ଏବଂ ବର୍ତ୍ତମାନକୁ ତୁଳନା କଲେ ସଂପ୍ରତି ପୁସ୍ତକର ପ୍ରଣୟନ ଯଥେଷ୍ଟ ମାତ୍ରାରେ ବୃଦ୍ଧି ହୋଇଛି । ବର୍ତ୍ତମାନ ଉପାଦେୟ ପୁସ୍ତକମାନ ସମାଜର ମାଇଲ ଖୁଣ୍ଟ ହୋଇ ମଣିଷ ଜ୍ଞାନର ବାର୍ତ୍ତାବହ ରୂପେ ଲୋକପ୍ରିୟ ତା ଅର୍ଜନ କରିଛନ୍ତି । ପୁସ୍ତକ ହେଉଛି ଦେଶ ଦେଶ ମଣିଷ ମଣିଷ ମଧ୍ୟରେ ସମ୍ପର୍କର ସେତୁ, ପରସ୍ପର ଭାବର ଆଦାନ ପ୍ରଦାନ ଦିଗରେ ପୁସ୍ତକ ହିଁ ଏକ ମାତ୍ର ମାଧ୍ୟମ । ପୁସ୍ତକ ଛାତ୍ରକୁ କରେ ସୁମଣିଷ, ଲେଖକକୁ କରେ ପ୍ରତିଷ୍ଠିତ, ପାଠକକୁ ଦିଏ ଆନନ୍ଦ । ଦୁର୍ବିସହ ଜୀବନର ପ୍ରତିଟି ମୂହୁର୍ତ୍ତକୁ ବିନିଯୁକ୍ତ କରାଏ ପଠନର ଚିନ୍ତାଧାରା ନେଇ ।

ମୁକୁନ୍ଦ ପୁର, ଆସ୍କା, ଗଞ୍ଜାମ

ମୋ-୯୭୭୭୮୭୯୪୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପ୍ରାରବ୍ଧ

ପ୍ରେମଲତା ଦେବୀ



ଆମର ପୂର୍ବ ଜନ୍ମର କର୍ମ ହିଁ ଆମକୁ ପ୍ରାରବ୍ଧ ରୂପେ ଏହି ଜନ୍ମରେ ଭୋଗ କରିବାକୁ ପଡ଼ିଥାଏ । ଆମେ ଯେପରି ସଞ୍ଚୟ କରିଥିବା ଧନ ଭବିଷ୍ୟତରେ ଖର୍ଚ୍ଚ କରିଥାଉ ସେହିପରି ଆମର କୃତ୍ ପୁଣ୍ୟ କର୍ମ ହିଁ ଆମର ପ୍ରାରବ୍ଧ ।

ପ୍ରାରବ୍ଧକୁ କେହିହେଲେ ଏଡ଼ାଇବା ସମ୍ଭବ ନୁହଁ । ଏପରିକି ସେ ଜଗତ ସ୍ରଷ୍ଟା ଭଗବାନ ମଧ୍ୟ ୟା ଠାରୁ ବାଦ୍ ଯାଆନ୍ତି ନାହିଁ ।

ଆମର ଭାଗ୍ୟକୁ କେବଳ ଆମର କର୍ମ ହିଁ ନିର୍ଦ୍ଦେଶ କରିଥାଏ । ଆମେ ଯେପରି କାର୍ଯ୍ୟ କରୁ ସେପରି ଫଳ ଭୋଗ କରୁ । ଯେପରିକି ଆମ୍ବ ଚାରା ରୋପଣ କଲେ ଆମ୍ବ ଫଳ ହିଁ ପାଇଥାଉ । ଅନ୍ୟ କୌଣସି ଫଳ ନୁହେଁ । ସେହିପରି ଆମେ ଭଲ କାମ କଲେ ଭଲ ଫଳ ଓ ମନ୍ଦ କର୍ମ କଲେ ମନ୍ଦ ଫଳ ମିଳିଥାଏ । ତେଣୁ ଆମେ ସବୁ ଯେଉଁ ସବୁ କର୍ମ କରୁଛୁ କିଂବା କରିବାକୁ ଯାଉଛୁ ଭାବି ଚିନ୍ତି କରିବା ଉଚିତ୍ ।

ପୂର୍ବ ଜନ୍ମାର୍ଜିତ ବିଦ୍ୟା

ପୂର୍ବାଜନ୍ମାର୍ଜିତ ଧନମ

ପୂର୍ବ ଜନ୍ମାର୍ଜିତ ପୁଣ୍ୟ ମଗ୍ରେ ଧାବତି ଧାବତି "।

ଅର୍ଥାତ୍ ମନୁଷ୍ୟ ପୂର୍ବ ଜନ୍ମରେ ଯାହା ଯାହା ଉପାର୍ଜନ କରିଛି, ବିଦ୍ୟା ହେଉ କି ଧନ ହେଉ ସେ ସବୁ ଖାଲି ଆମର ଇହଜନ୍ମରେ ଭୋଗ ହେଉଛି । ତେଣୁ ପରା ଆମେ ଲକ୍ଷ୍ୟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କରିଥାଉ ଗୋଟିଏ ବାଳକ କେତେ ବୁଝାଇଲେ ମଧ୍ୟ ବିଦ୍ୟା ଶିକ୍ଷା କରିପାରେ ନାହିଁ । ଆଉ କେତେ ଜଣ କହୁ କହୁ ସେ ବିଦ୍ୟାଟିକୁ ସାଉଁଟି ନିଅନ୍ତି । ଆହୁରି ଏକ କଥା ଆମେ କାହାରି ଋଣରେ ଥିଲେ ହିଁ ତାର ସହ କିଛି ସମ୍ବନ୍ଧ ସ୍ଥାପନ ହୋଇଥାଏ । ନଚେତ୍ ଯେତେ ଚେଷ୍ଟା କଲେ ବି ଆମେ କାହା ସହ ସତ୍ ସମ୍ବନ୍ଧ ସ୍ଥାପନ୍ କରିପାରି ନ ଥାଉ ।

ଆମ କୃତ କର୍ମ ଅନୁଯାୟୀ ଆମେ ଜନ୍ମାନ୍ତର ମଧ୍ୟ ନିର୍ଣ୍ଣୟ ହୋଇଥାଏ । ସ୍ୱର୍ଗ ଆଉ ନର୍କ ବୋଲି ଆମେ ଯାହାକୁ କହୁ ତାହା କେବଳ ଆମର କର୍ମର ହିଁ ଫଳ । ନିୟତିକୁ ଏଡ଼ାଇବା କାହାର ସମ୍ଭବ ନୁହେଁ । ସେ ରାଜା ହେଉ କି ଭିକାରୀ, ସେ ଦେବତା ହେଉ କି ରାକ୍ଷସ ସବୁ ନିଜର କର୍ମ ସୂତ୍ରରେ ହିଁ ବନ୍ଧା ।

ଏହାର ଉଦାହରଣ ଆମେ ଆମର ପୁରାଣ ଇତିହାସ ଇତ୍ୟାଦିରୁ ପାଇଥାଉ ।

ପୂର୍ବ ଜନ୍ମରେ ଋଷିଙ୍କୁ ଅବହେଳା କରିଥିବାରୁ ବୈକୁଣ୍ଠ ପୁରର ଜଗୁଆଳି ଜୟ ଓ ବିଜୟଙ୍କୁ ତିନି ଜନ୍ମ ଯାଏ ରାକ୍ଷସ ଯୋନିରେ ଜନ୍ମ ନେବାକୁ ପଡ଼ିଥିଲା । ମା ଦେବକୀଙ୍କୁ ଆଠ ବର୍ଷ ପୁତ୍ର ବିଚ୍ଛେଦ ଭୋଗିବାକୁ ପଡ଼ିଥିଲା । ଏହିପରି ଅନେକ ଅନେକ ଉଦାହରଣ ରହିଛି ଆମ ପୁରାଣ ଓ ଇତିହାସରେ । ଆରେ କନ୍ଦାନାରେ କାନ୍ଦିବୁ, ଯେ ରୋଇବା ଗଛର ଫଳ ସେ ହିଁ ଖାଇବ, ନିଜ ଖୋଳିବା ଗାତରେ ନିଜେ ପଡ଼ିବୁ ଇତ୍ୟାଦି ପ୍ରବାଦ ଏହି କର୍ମ ଫଳକୁ ମୂଳ ଦୁଆ ରୂପେ ରଖି ଗଢିଉଠିଛି ।

ଭାଗ୍ୟବାଦ ଓ କର୍ମବାଦ ଏହି ଦୁଇ ଭାବନା ଆମ ଜନ ମାନସରେ ଦେଖିବାକୁ ମିଳେ । ଆମ କର୍ମ ଆମ ଭାଗ୍ୟ ଗଠନ କରେ ସେହିପରି ଭାଗ୍ୟ ଆମ କର୍ମ ଉପରେ ନିର୍ଭର କରେ । ଅର୍ଥାତ୍ କର୍ମ ଓ ଭାଗ୍ୟ ଏହି ଦୁଇ ବାଦର ମିଶ୍ରିତ ରୂପ ହିଁ ଆମ ପ୍ରାରବ୍ଧ । କାଳ ହିଁ ପ୍ରାରବ୍ଧ କର୍ମର ନିର୍ଣ୍ଣେତା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମର୍ତ୍ତ୍ୟ ମଣ୍ଡଳେ ଜନ୍ମ ହୋଇ ଦେବତା ହେଲେ ହେଁ ମରଇ" ଯେ ଯାହା ଅରଜନ୍ତି ସେ ତାହା ଭୁଞ୍ଜନ୍ତି ପାର୍ଥ ।

ଜଣେ ବିକଳାଙ୍ଗ ହୋଇ ଜନ୍ମ ହେଇଚି ମାନେ ଏହା ତାର ପୂର୍ବ ଜନ୍ମର କର୍ମ ଫଳ । ଜଣେ ଆଜନ୍ମ ଧନୀ ହୋଇ ଜନ୍ମ ହେଇଚି ମାନେ ତାହାବି ତାର ପୂର୍ବ ଜନ୍ମର କର୍ମର ଫଳ । ପୂର୍ବ ଜନ୍ମର କର୍ମ ଅନୁଯାୟୀ ମଣିଷ ଦୁଃଖ କିମ୍ବା ସୁଖ ଅନୁଭବ କରେ । ଅନ୍ୟକୁ ନିନ୍ଦା କିମ୍ବା ଦୋଷ ଦେବା ଆମର ମୂର୍ଖାମି ।

ପ୍ରାରବ୍ଧ ହିଁ ଆମର ଜନ୍ମକୁ ନିର୍ଦ୍ଦେଶ କରିଥାଏ । କରି କରାଏ ଆମ କର୍ମ, ଆମର ପାପ କିବା ଧର୍ମ ।

ଏ ପରିପ୍ରେକ୍ଷୀରେ ଏକ ସୁନ୍ଦର ଗଳ୍ପର ଅବତାରଣା କରାଯାଉ ।

ଥରେ ଦେବର୍ଷି ନାରଦ ଭଗବାନ ବିଷ୍ଣୁଙ୍କୁ ପଚାରିଲେ, “ପ୍ରଭୁ ! ତୁମେ ତ ବିଶ୍ୱପିତା । କେତେକଙ୍କୁ ଆଜନ୍ମ ସୁଖ ଦେଇଥାଅ ଆଉ କେତେକଙ୍କୁ ଦୁଃଖ ହିଁ ଦୁଃଖ ଦେଇଥାଅ କାହିଁକି ?”

ବିଷ୍ଣୁ ଅଳ୍ପ ହସି କହିଲେ, “ମହର୍ଷି ! ଏ ସୃଷ୍ଟିର ରହସ୍ୟ ଗୁଢ଼ । କେହି କାହାକୁ ସୁଖ କିମ୍ବା ଦୁଃଖ ଦେଇପାରିବ ନାହିଁ । ଆମର ଦୁଃଖ ସୁଖ ପାଇଁ ଆମେ ହିଁ କେବଳ ଦାୟୀ ।” ନାରଦ କହିଲେ, “ବୁଝି ପାରିଲି ନାହିଁ ପ୍ରଭୁ !” ତହୁଁ ବିଷ୍ଣୁ କହିଲେ, ବୁଝାଇ ଦେଉଚି । ତୁମେ ଏହିକ୍ଷଣି ମର୍ତ୍ତ୍ୟ ଭୁବନକୁ ଯାଅ । ବନ ମଧ୍ୟରେ ଏବେ ଏକ ଗୋବର ପୋକ ଜନ୍ମ ହେଇଚି । ତାକୁ ଦେଖିକରି ଆସ । ନାରଦ ସେଇଆ କଲେ । ପୋକଟି ନାରଦଙ୍କୁ ଥରେ ଅନାଇ ଦେଲା ଓ ଆଖି ବୁଜିଦେଲା । ନାରଦ କିଛି ବୁଝି ପାରିଲେ ନାହିଁ । ଭଗବାନଙ୍କୁ ଯାଇ କହିଲେ ପ୍ରଭୁ କିଛି ବୁଝି ପାରିଲି ନାହିଁ । ପ୍ରଭୁ ପୁଣି ହସି କହିଲେ ବର୍ତ୍ତମାନ ଅବନ୍ତି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପୁରରେ ଏକ କୃଷକର ଗୁହାଳରେ ଗୋଟିଏ ବାଛୁରୀ ଜନ୍ମ ନେଇଛି । ତାକୁ ଦେଖି ଆସ । ନାରଦ ସେଇଆ କଲେ । ତାଙ୍କୁ ଦେଖିଲା କ୍ଷଣି ବାଛୁରୀଟି ଆଖି ବୁଜିଦେଲ । ନାରଦ ପୁଣି ବିଷ୍ଣୁଙ୍କୁ ପଚାରିଲେ କିଛି ହେଲେ ବୁଝିପାରିଲି ନାହିଁ । ବିଷ୍ଣୁ କହିଲେ କୌଣସି ରାଜ୍ୟରେ ଅବିକା ଜଣେ ରାଜପୁତ୍ର ଜନ୍ମ ନେଇଛନ୍ତି । ତାଙ୍କୁ ଦେଖି ଆସ । ନାରଦ ସେଇଠିକି ଗଲେ । ରାଜପୁତ୍ର ନାରଦଙ୍କୁ ଦେଖିଲା କ୍ଷଣି ଯୋଡ ହସ୍ତ ହୋଇ କହିଲେ ମହର୍ଷି । ମୁଁ ପୂର୍ବ ଜନ୍ମରେ ଆପଣଙ୍କ ଦର୍ଶନ କରି ଯେଉଁ ପୂଣ୍ୟ ଲାଭ କରିଥିଲି କ୍ରମେ କ୍ରମେ ମୋର ଜନ୍ମ ଉନ୍ନତ ଯୋନିରେ ହୋଇଥିଲା । ଆଉ ଏବେ ମୁ ଯେଉଁ ରାଜପୁତ୍ର ଜନ୍ମ ନେଇଛି ଏହା ମଧ୍ୟ ମୋର ପୂର୍ବ ଜନ୍ମର କର୍ମର ଫଳ ଯାହାକୁ ଆପଣ ପ୍ରାରବ୍ଧ କହନ୍ତି ।

ପ୍ରାରବ୍ଧ ହିଁ ଆମକୁ ଉନ୍ନତ ଜନ୍ମ ପ୍ରଦାନ କରିଥାଏ । ତେଣୁ ଆସନ୍ତୁ ଭଲ କର୍ମ କରିବା ଭଲ ଫଳ ପାଇବା ।

ଆନ୍ଧ୍ରପ୍ରଦେଶ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଲେଖକଙ୍କ ଦିନଚର୍ଯ୍ୟା

ମଧୁସ୍ମିତା ସାହୁ



ସଂସାର ଭିତରେ ସର୍ବଶ୍ରେଷ୍ଠ ଲେଖକଙ୍କ ସ୍ଥାନ ଅଟେ। ଦ୍ୱିତୀୟ ଈଶ୍ୱର ସଦୃଶ୍ୟ ଦିବ୍ୟ ଭାବାପନ୍ନ ସୃଷ୍ଟି ସଂରଚନା କରିଥାନ୍ତି । ଈଶ୍ୱରଙ୍କ ସ୍ୱତନ୍ତ୍ର ଅବଦାନ ଓ ବିଶେଷ ଆଶୀର୍ବାଦ ତଥା ପୂର୍ବ ପୁରୁଷମାନଙ୍କର ଶୁଭଦୃଷ୍ଟି ଅନୁସାରେ ଲେଖନୀ ଚାଳନା ସମ୍ଭବ ହୋଇ ପାରିଛି । ଭାବନା, ପରିକଳ୍ପନା, ଆଧାରକୁ ନେଇ ନୂତନ ଚିନ୍ତାଧାରାକୁ ପ୍ରଗତିଶୀଳ କରିବାରେ ଏହି ଲେଖନୀ ପ୍ରକ୍ରିୟା ଏକ ସର୍ବୋତ୍ତମ ସାଧନା ଅଟେ ।

ଲେଖକ ନିଜ ଭାବନାକୁ ଶବ୍ଦ କୁହୁକର ଜାଦୁଗରିରେ ସମଗ୍ର ସତ୍ତାକୁ ବୁଦ୍ଧିମନ୍ତ କରି ଚଳଚଞ୍ଚଳ, ସୌନ୍ଦର୍ଯ୍ୟମୟ ସୁସଜ୍ଜିତ କରି ଗଢିତୋଳିବାରେ ସାମର୍ଥ୍ୟ ପାଇଥାଏ ।

ଦିନଚର୍ଯ୍ୟା

ଲେଖକମାନେ ବ୍ରାହ୍ମମୁହୂର୍ତ୍ତରେ ଶଯ୍ୟାତ୍ୟାଗ କରି ନିତ୍ୟକର୍ମ ସାରି ପ୍ରଥମେ ବିଭୁଙ୍କୁ ବନ୍ଦନା କରି ତାଙ୍କ ଚରଣତଳେ ସର୍ମପିତ ଭାବ ରଖି ନିଜ ଆତ୍ମାକୁ ସତ୍ୟକର୍ମରେ ନିୟୋଜିତ କରି ଦିନଚର୍ଯ୍ୟା ଆରମ୍ଭ ହୋଇଥାଏ ।

ଯୋଗ ଧ୍ୟାନ, ତପସ୍ୟା, ପ୍ରାଣାୟମ ଦ୍ୱାରା ନିଜ ମନକୁ ଶାନ୍ତ, ଆୟତ୍ତ, ସଂଯମ କରି ଚିନ୍ତନ ମନ୍ଥନ କରିବା ହିଁ ଉତ୍ତମ ମାନର କାର୍ଯ୍ୟ ଅଟେ ।

ସୁସ୍ଥ ଶରୀର, ସୁସ୍ଥମନ, ସୁସ୍ଥ ଆତ୍ମା ପ୍ରତ୍ୟେକ କାର୍ଯ୍ୟକୁ ସୁଚାରୁରୂପେ ସମ୍ପାଦନ କରିଥାଏ । କୌଣସି ପ୍ରକାର ମାନସିକ ଦୁଶ୍ଚିନ୍ତା ମନକୁ ନିରାଶ ପଥରେ ଠେଲି ଦେଇ ଦୁର୍ବଳ କରି ପକାଇଥାଏ । ଏଣୁ କରି ନାକାରାତ୍ମକ ଭାବନାକୁ ସଦାସର୍ବଦା ଦୂରେଇ ରଖି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମନକୁ ଆସ୍ତିକ ଭାବନା ଜାଗ୍ରତ ସୃଷ୍ଟି କରିବା ଉଚିତ୍ । ଏଥିପାଇଁ ନିଜକୁ ଠାକୁରଙ୍କ ସମ୍ମୁଖସ୍ଥ ସମର୍ପଣ ଭାବ ରଖି ଭଗବତ୍ ଚିନ୍ତାଧାରା ହେବା ପାଇଁ ସର୍ବ ପ୍ରଥମେ ଭଗବତ ଗୀତାକୁ ଯଥାକାଳେ ଅଧ୍ୟୟନରତ ହେବା ଉଚିତ୍ । ଦ୍ୱନ୍ଦ ଭାବେ ଦୋଳାୟମାନ ଭାବକୁ ତୁରନ୍ତ ସମାଧାନର ସୂତ୍ର ବାହାର କରିଥାଏ । ଏହି ଗୀତା ସାର ମନୁଷ୍ୟର ସମସ୍ତ ବିକାର, ସମସ୍ୟା ଓ ଅହଂକାର ଗର୍ବକୁ ଧ୍ୱଂସ କରିଥାଏ । ଏଣୁ ନିତ୍ୟକର୍ମ ଅନୁଯାୟୀ ଧାରାବାହିକ ଭାଗବତ ଗୀତାକୁ ପଠନ ପ୍ରକ୍ରିୟା ଅଭ୍ୟାସ କରିବା ଉଚିତ୍ ।

ନିଜ ମନକୁ ଆୟତ୍ତ କରି ରଖି ଲୋକମାନଙ୍କୁ ସ୍ନେହ, ଆଦର, ଶ୍ରଦ୍ଧା, ଅନୁରାଗ ଓ ବୟୋଜ୍ୟେଷ୍ଠ ମାନଙ୍କୁ ସମ୍ମାନ ଓ ଭକ୍ତି ଆରାଧନା କରିବା ମହତ୍ୱପୂର୍ଣ୍ଣ କାର୍ଯ୍ୟ ଅଟେ । ଲେଖକ ସବୁବେଳେ ସମାଜ ସୁଧାରକ ହୋଇଥାଏ । ସମାଜର ଦିଗ୍ ଦର୍ଶନ ରୂପେ ଲେଖା ମାଧ୍ୟମରେ ସମାଜକୁ ପରିବର୍ତ୍ତନର ବାର୍ତ୍ତା ଦେଇଥାଏ । ନିଜ ଲେଖା ମାଧ୍ୟମରେ ଶିକ୍ଷଣୀୟ ତଥ୍ୟ ପ୍ରସ୍ତୁତ କରି ସମାଜର ହିତସାଧନ କରାଇବାରେ ଧୂରନ୍ଦର ହୋଇ ପଡିଥାଏ ।

ପ୍ରତ୍ୟେକ ଲେଖାରେ କାୟା ପ୍ରବେଶ କରି ନିଜକୁ ପ୍ରତି ଚରିତ୍ରରେ ଆତ୍ମାକୁ ପ୍ରବେଶ କରିବା ହିଁ ଉତ୍ତମ ଲେଖକ ହୋଇ ପାରିବା । ଲେଖକ ସନ୍ତୁଳିତ ହୋଇ ବାରମ୍ବାର ପ୍ରୟାସ କରିବା ହିଁ ଲେଖକର ଉନ୍ନତ ଘଟିଥାଏ । ଲେଖକର ସାଧନା କରିବାରେ ପ୍ରଥମତଃ ପ୍ରତ୍ୟେକ ଉଚ୍ଚ ଶୈଳୀର ଲେଖା ଗୁଡ଼ିକ ଅଧ୍ୟୟନରତ ହେବା ମୁଖ୍ୟତଃ ଆବଶ୍ୟକ ।

ସମସ୍ତ ବିଜ୍ଞ ପ୍ରାଜ୍ଞ ପୂର୍ବ କାଳଜୟୀ ମହାନ୍ ଲେଖକମାନଙ୍କ ଲେଖା ପୁସ୍ତକ ସବୁ ବାରମ୍ବାର ପଢି ଅଗାଧ ପାଣ୍ଡିତ୍ୟ ଅର୍ଜ୍ଜନ କରିବାରେ ସାମର୍ଥ୍ୟ ହାସଲ କରି ପାରିବା । ଉପନ୍ୟାସ, ନାଟକ, ପ୍ରବନ୍ଧ, କବିତା, ଆଲୋଚନା ଇତ୍ୟାଦି ପଢିବା ଓ ଶୁଣିବା ଫଳରେ ଅନେକ ଭାଷା ଜ୍ଞାନ ପରିମାର୍ଜିତ ହୋଇ ଶବ୍ଦମାନ ସଂଗୃହୀତ ହୋଇ ପାରିଥାଏ ।

ପଢ଼ିବାର ରୁଚି ବଳରେ ଆମକୁ ବିଭିନ୍ନ ଉପସ୍ଥାପନା ଶୈଳୀର ଧାରା ଶିକ୍ଷଣୀୟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କରାଇଥାଏ । ପ୍ରଥମେ ଅନ୍ୟମାନଙ୍କର ଲେଖା ଗୁଡ଼ିକୁ ପଢ଼ିବାରେ ଲେଖା ଜ୍ଞାନ ମାର୍ଜିତ ହୋଇଥାଏ । ନିର୍ଭୁଲ ଭାବେ ଆବୃତ୍ତି କରିବାରେ ସଫଳ ହେବା ସମ୍ଭବ ପର ହୋଇଥାଏ । ପ୍ରତ୍ୟେକ ଶବ୍ଦର ପ୍ରତିଶବ୍ଦ ଜ୍ଞାନ ପ୍ରାପ୍ତ ହୋଇଥାଏ ।

ଲେଖକର ଶାଳୀନତା, ଉଦାରତା, ଦୟାଭାବ, ପ୍ରେମଭାବ, ଭାତୃଚାରା, ଆଚାର, ବ୍ୟବହାର, ମାନବିକତା ଦୃଷ୍ଟିଭଙ୍ଗୀ ଏବଂ ନମ୍ରତା ଭାବ ଇତ୍ୟାଦି ଗୁଣସବୁ ପ୍ରସ୍ଫୁଟିତ ହୋଇ ନିଜ ଲେଖାରେ ନିଜ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରାଇ ପାରିଥାଏ । ସଦାସର୍ବଦା ଶିକ୍ଷଣୀୟ ଭାବ ରଖିବା ଦ୍ୱାରା ଉଚ୍ଚକୋଟୀର ଲେଖକ ହୋଇ କାଳଜୟୀ ସାରସ୍ୱତ ହୋଇ ପାରିବା ।

ମଧୁସ୍ମିତା ସାହୁ
ବ୍ରହ୍ମା ନଗର ପ୍ରଥମ ଗଳି
ବ୍ରହ୍ମପୁର
ଜିଲ୍ଲା-ଗଞ୍ଜାମ, ଓଡ଼ିଶା
ମୋ–୯୩୪୮୨୮୫୪୧୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# Holi ହୋଲି ହୋରି

କୁଞ୍ଜ ବିହାରୀ ନାଏକ



Holy ଶବ୍ଦଟି ଇଂରାଜୀ ଶବ୍ଦ ଅଟେ । ଯାହାର ଅର୍ଥ ପବିତ୍ର । ପବିତ୍ର ଶବ୍ଦର ଅନେକ ପ୍ରତି ଶବ୍ଦ ବି ଅଛି । ଯଥା :- ସ୍ୱଚ୍ଛ, ନିର୍ମଳ, ପରିଷ୍କାର । ତାର more or less synonymous ଶବ୍ଦ ଗୁଡିକ ହେଲା ଶୁଭ, ଭଲ, ସତ୍ୟ ଅମ୍ଲାନ, ସୁନ୍ଦର, ଶିବ, ମଙ୍ଗଳ, ପୁଣ୍ୟ ଇତ୍ୟାଦି । Holyର ନାଟକୀୟ ଓଡ଼ିଆ ଶବ୍ଦ ହୋରି । ବିଭିନ୍ନ ଅବିର ରଙ୍ଗରେ ହୋରି ଖେଳିବା । ଏବେ ଆମେ Holy ଶବ୍ଦ ବ୍ୟବହାର କରୁଛନ୍ତି । ପ୍ରାକୃତିକ ରଙ୍ଗକୁ ଆମେ ବ୍ୟବହାର ନକରି ବଜାରରୁ ରଙ୍ଗ କିଣି ଖେଳୁଛନ୍ତି । ଯାହା ଦେହ ପାଇଁ ଖରାପ । ମଙ୍ଗଳ କାରକ ସବୁଜ ପତ୍ରରେ, ହଳଦିରେ, ଅର୍ଜୁନ ଗଛର ଛାଲିରେ ନାଲି ରଙ୍ଗ ତିଆରି କରି ଖେଳିଲେ ବହୁତ ଉପକାରୀ ହେବ । ଆଉ କିଛି ଲତା ଅଛି ନାଲି ରଙ୍ଗ ତିଆରି ହେଇ ପାରିବ । ଏହାକୁ ଗୁରୁତ୍ୱ ଦେବା ଉଚିତ । Holy ଖେଳରେ ଭାଇଚାରା ସୃଷ୍ଟି ହୁଏ । କେଉଁଠିତ ଗୋଷ୍ଠି ସଂଘର୍ଷ ହେଉଛି । ଗୁରୁଜନ ମାନଙ୍କୁ ପାଦରେ ଅବିର ଦିଆଯାଏ ଏହା ମନେ ରଖିବା ଉଚିତ । ମନରେ ଥିବା ଭେଦକୁ Holy ଖେଳ ଦୂର କରେ । ଏକତା ଭାବ ସୃଷ୍ଟି ହୁଏ । ଆନନ୍ଦ ମିଳେ । ଶରୀର, ମନ, ପବିତ୍ର ହୁଏ । Metaphysics ଦୃଷ୍ଟିରୁ ରଙ୍ଗ ଖେଳିଲେ ଜୀବନରେ ଖୁସି ଆସେ । ତେଣୁ ଆମ ସଂସ୍କୃତି ମହାନ । ପ୍ରଣାମ କରୁଛି ସଂସ୍କୃତିକୁ ମୋର । ଅଷ୍ଟ ପ୍ରହର ନାମ ଯଜ୍ଞ ପୂର୍ଣ୍ଣାହୁତିରେ ମଧ୍ୟ ରଙ୍ଗ ଖେଳିବାର ଢ଼ିଧି ରହିଛି । Holy LOVE କୁ ସୃଷ୍ଟି ଓ ଦୃଢ଼ କରିଥାଏ । ଶୃଙ୍ଖଳା ଶିଖାଇବା ସହିତ ମମତା ଅବିର୍ଭାବ ହୁଏ । ପ୍ରଥମେ ପ୍ରକୃତିରୁ ସୃଷ୍ଟି ହେଇଥିବା ପ୍ରଭୁଙ୍କ ପାଦରେ ଅବିର ଦେଇ, ପିତା ମାତଙ୍କ ଚରଣରେ ଅବିର ଦେଇ ଅନ୍ୟ ମାନଙ୍କ ସଙ୍ଗରେ ରଙ୍ଗ ଖେଳାଯାଏ । ସ୍ତ୍ରୀ ଉକ୍ତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମତରେ ଅବିର ଦେଇ,ନିଜ ସ୍ୱାମୀଙ୍କ ପୟରରେ ପ୍ରଥମେ ଅବିର ଦେଇ ଅନ୍ୟ ସହିତ ରଙ୍ଗ ଖେଳିବା ଉଚିତ । ଯାହା ମୋ ପରିବାରରେ ପ୍ରକୃତି ପ୍ରଭୁଙ୍କ ଦୟାରୁ ଉକ୍ତ ନିୟମରେ ହୁଏ । ଯେଉଁ ମାନେ କରିଥିବେ ଭଲ, ନକରିଥିଲେ ଆଗାମୀ ଦିନରେ କରିବାକୁ ଅନୁରୋଧ କରୁଛି । ରଙ୍ଗ ଖେଳର ବ୍ୟସ୍ତ ଥିଲି, କବିତା, ସଂଗୀତ Holy ଶୀର୍ଷକ କରି ପାରିନାହିଁ । ଲେଖାଟି ଦେଇଛି କେମିତି ଲାଗିଲା ମତ ଦେବେ ।

ଶିକ୍ଷକ ସରକାରୀ ଉଚ୍ଚ ବିଦ୍ୟାଳୟ

ଭେଟିଆ, ଖମାର, ପାଲଲହଡା,

ଅନୁଗୋଳ, ଓଡିଶା

୮୧୪୪୫୨୮୬୦୪, ୮୮୯୫୨୩୫୩୮୩

୯୦୪୦୩୫୬୮୧୯

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ନିର୍ଯାତିତ ଯୁବପୀଢ଼ି ଏବଂ ସମାଜ

ଦେବାଶିଷ ମାଇତି



ଅହମ୍ ତ୍ୱମ୍ ସଃ.... ମୁଁ ତୁମେ ସେ ଅଥବା .. ମୋର ତୁମର ତାହାର... ଅତଏବ ଆଜିଯାଏ ସେଇ ପୁରାତନ ପ୍ରଚଳିତ କଥା ବାର୍ତ୍ତା, ବ୍ୟବହାର ଚାଲିଚଳନ ଯାହା ଶିକ୍ଷ୍ୟା ସମାଜରେ ନିର୍ଯାତିତ.. ଆଜି ଆମେ କେତେ ଶିକ୍ଷିତ ଏଇଥିରୁ ହିଁ ପ୍ରମାଣିତ ଅଟେ.. । ଛୋଟ ପିଲାଟି ଯେତେବେଳେ ବଡ଼ ହୁଏ, ତାର ବାପା ମା ତାକୁ ନେଇ କେତେ ସ୍ୱପ୍ନ ଦେଖନ୍ତି ଆଉ ତାକୁ ବି ଦେଖାଇ ଥାଆନ୍ତି । ତୁ ବଡ଼ ହେଲେ ଡାକ୍ତର ହେବୁ, ଇଞ୍ଜିନିୟର ହେବୁ, କଲେକ୍ଟର ହେବୁ କେତେ କଣ, କିନ୍ତୁ ଯେତେବେଳେ ତାର ସେହି ସମୟ ଆସେ ସେ ବାପାମା'ଙ୍କ ପରାମର୍ଶରେ ହିଁ ସେଇ ଦେଖାଇଥିବା ସ୍ୱପ୍ନରୁ ଗୋଟେ ବାଛି ପଢିବାକୁ ଆରମ୍ଭ କରେ । ଆଉ ଯେତେବେଳେ ସଠିକ୍ ସମୟ ଚାଲିଥାଏ ସେତେବେଳେ ପିଲାଟି ବାଧ୍ୟ ହୋଇ ତାର ମତ ବଦଳାଇ ଦିଏ ଏଇ ସମାଜର ପ୍ରଭାବରେ । ସେଇ ବାପାମା'ଙ୍କ ସ୍ନେହ ଶ୍ରଦ୍ଧା ଭଲପାଇବା ବଦଳରେ ତାକୁ ଘୃଣାର ପାତ୍ର ବନେଇ ଦିଅନ୍ତି ଏଇ ସମାଜ । ଲୋକଙ୍କର କଥା ଏତେ ତଳକୁ ଖସିଯାଏ ଯେ ନିଜ ବାପା ମା ବି ଧିକ୍କାର ମନେ କରନ୍ତି ସେଇ ପିଲାକୁ ନେଇ । ଲୋକଙ୍କ ବାଣୀ... ମୋ ପିଲା ଏଇ ଶ୍ରେଣୀରେ ଟପର୍ ମାର୍କ ରଖିଛି ତୋ ପିଲା ଏତେ କମ୍ ? ମୋ ପିଲା କେବେଠୁ ଚାକିରି କଲାଣି, ଘରକୁ ଟଙ୍କା ଦେଉଛି ତୋ ପିଲା କଣ କରୁଛି.. ? ? ମୋ ପିଲା ଶିକ୍ଷକ ନିଯୁକ୍ତି ପାଇଛି ତୋ ପିଲା ଆଉ କଣ ପଢୁଛି କି ୪ ବର୍ଷ ହେଲାଣି କିଛି ପାଉନି ? ? ଦେଖ ଯାଇ କୋଉଠି ବାଳୁଙ୍ଗାମି କରୁଥିବ, ମଦ ଖାଇ ରାସ୍ତାରେ ପଡ଼ିଥିବ.. ଖାଲି ହଷ୍ଟେଲ ବାହାନାରେ ଯାଇଛି ଯେ କିଛି ତୋତେ ଜଣାଉଛି କି ନାହିଁ ? ? ତୋ ଝିଅ ଦେଖ ଯାଇ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କଉ ଟୋକା ସାଙ୍ଗେ ବୁଲୁଥିଲା ସେ ଜଟିଆ କହୁଥିଲା ସେଦିନ କାଲେ ତୋ ଝିଅ ପାର୍କରେ ବସି ଆଇସକ୍ରିମ ଖାଉଥିଲା କୋଉ ଟୋକା ସହ ? ? ଏମିତି ହଜାରେ ପ୍ରଶ୍ନ ଆସେ ମିଛ-ସତ ଯୋଡ଼ି ନିର୍ଯାତିତ ପିଲାର ବାପା ଉପରେ ଚଢ଼ି ଯାଆନ୍ତି, ଲୋକ ବା କଣ ଜାଣିବେ ଯେ ପିଲାଟିର ଯନ୍ତ୍ରଣା କେତେ.. ! ଘଣ୍ଟା ଘଣ୍ଟା ପାଠ ପଢିଲା ପରେ ବି ସେ ପିଲାଟିର ଯେତିକି ମାର୍କ ଆସିଲା କେତେ ରାତି ଅନିଦ୍ରା ହେଲେ ବି ରୋଜଗାର ପାଇଁ ଚାକିରି ଖଣ୍ଡିକ ନାହିଁ । ମନ ଦୁଃଖରେ ଭାଙ୍ଗିଯାଇ ଯଦି ପରିବାର ଲୋକ ସହ ଟିକେ ମତାନ୍ତର ହେଇଗଲା, ସେଇଟା ତା ଜୀବନର ସର୍ବନାଶ । କାହିଁକି ନା ସେଇ ଛୋଟ କଥାକୁ ନେଇ ପର ଲୋକ ବି ଘର ଲୋକ ସାଙ୍ଗେ ମିଶି ପରିବାର ନଷ୍ଟ କରି ଦିଅନ୍ତି, ସମାଜ ତାକୁ ଭୁଲ୍ ଆଖିରେ ଦେଖି ବହୁତ୍ ନିନ୍ଦା ଅପବାଦ ଆରମ୍ଭ କରିଦିଏ । ସେତେବେଳେ ପିଲାଟି ତା ନିଜ ଜୀବନ ଲଢେଇ ହାରିବା ଆରମ୍ଭ କରେ..। ଏ ସମାଜର ଲୋକୋ ଆଜିବି ସବୁ ଡିଜିଟାଲ ଦୁନିଆ ବିଷୟରେ ଜାଣିଛନ୍ତି, କିନ୍ତୁ କୁହନ୍ତି ଯେତେ ହେଲେ କିଛି ନିୟମ କାନୁନ ଅଛି ଏ ସବୁ ଲୋକୋ ଦେଖାନିଆ ମୋବାଇଲ୍ ରେ ପାଠପଢ଼ା, କମ୍ପ୍ୟୁଟରରେ ପାଠପଢ଼ା, ଆମ ବେଳକୁ ତ ଏମିତି ନ ଥିଲା.. ଆମେ କେମିତି ୩୦ ବର୍ଷ ଚାକିରି କଲୁ, ଆମ ଝିଅ କେମିତି ବିନା ମୋବାଇଲ୍ ରେ କୋଚିଙ୍ଗରେ ଚାକିରି କଲା.. ? ପଛେ ସେ ଲୋକ ମିଛ କହିଥାଉ ଲୋକ ତାକୁ ହିଁ ବିଶ୍ୱାସ କରନ୍ତି, କେହି କେହି କୁହନ୍ତି ଆମେ ପୁଣି ସେଇ ପଖାଳ ଖାଇ ସାଇକେଲ ଚଢ଼ି ଚାକିରି ଜୀବନ ସରିଲୁ ନା ନାହିଁ, ତମ ମାନଙ୍କର ଅସୁବିଧା କେଉଁଠି ଏ କଥା ଗୁଡ଼ିକ ବିଷ ଭଳି ପୁରାଇ ଦିଆ ଯାଏ ନିର୍ଯାତିତ ପିଲାର ବାପାମା'ଙ୍କ କାନରେ । ଶେଷରେ ବାପା ଆସି ଅସହ୍ୟ ହୋଇ କହିଦିଏ କେତେ ବର୍ଷ ପଢ଼ିଲୁଣି କିଛି ନାହିଁ । ପିଲାଟି ଅବିଶ୍ୱାସର ପାତ୍ର ପାଲଟି ଯାଏ । ଶେଷରେ ପିଲାଟି ଅସହ୍ୟ ହୋଇ ବାହାର ରାଜ୍ୟକୁ ଛୋଟ ଗୋଟେ କାମ ଖୋଜିବାକୁ ବାହାରି ପଡ଼େ କାହିଁକି ନା ଘରେ ଆଉ ପଢ଼ିବାକୁ ଟଙ୍କା ଦେବା ତ ଦୂରର କଥା, ତା କଥା ବୁଝିବାକୁ ବି ସିଧା ସିଧା ମନା କରିଦିଅନ୍ତି । ପିଲାଟିର ବିକଳ୍ପ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭବିଷ୍ୟତ କିଛି ନ ଭାବି ତାର ଆଉ କିଛି ରୋଜଗାର ପନ୍ଥା ନ ବାହାର କରି କଥା କହିବା ବି ତା ସାଙ୍ଗେ ବନ୍ଦ୍ କରିଦିଅନ୍ତି ତା ପରିବାର ଲୋକ । ଆଉ ଶେଷରେ ବିବାହ ପରେ ତାକୁ ଗୋଟେ ଦୋଷାରୋପ କରି ଏକା କରି ଦିଆଯାଏ । ଆଉ କୁହାଯାଏ ସେ ପିଲାଟି ଆଉ ଅବସ୍ଥାରେ ନାହିଁ ବାପା ପଇସା ନଷ୍ଟ କରିଲା ଏବେ ନିଜ ସ୍ତ୍ରୀ କଥାରେ ପରିଚାଳିତ । ତା ବାପା ବଡ଼ ଝିଅ ଭାବି ତାକୁ କେତେ କଷ୍ଟ କରି ପଢ଼ାଉଥିଲା ଟୋକାଙ୍କ ପଛରେ ବୁଲି ବୁଲି ମୁଣ୍ଡ ତଳକୁ କରିଦେଲା । ଯଦି ତା ବିବାହ କରିଲୁ ଶେଷରେ ଟିକେ ପଚାରିବ କଣ ଏ ବୁଢ଼ା ବାପା ମା'ଙ୍କୁ ଶାଶୁ ଘରେ ଯାଇ ହାଣ୍ଡି କାଢ଼ି ନେଲା । ଏବେ ଆମେ କଥା ଶୁଣୁ ଅଛୁ । ଆଉ ଶେଷରେ ପିଲାଟି ପାଲଟି ଯାଏ ସମାଜରେ ଗୋଟେ କଳଙ୍କିତ ପୁରୁଷ ଆଉ କଳଙ୍କିତ ନାରୀ ।

ଲୋକଙ୍କ ବାଣୀ ଖାଲି ପରଚର୍ଚ୍ଚାରେ ଲେଖନୀ ମୁନରୁ..

ମଣିଷ ସ୍ଥିତି ଯେ ବିଗିଡ଼ି ଚାଲିଛି,
ଶିକ୍ଷା ଅନୁଷ୍ଠାନ ଭଙ୍ଗା..।
ହେଲେ ଟଙ୍କାରେ ଚାଲିଛି ଦୁନିଆ,
କହିବା ଲୋକ ତ ବାଡ଼ ବତା ନାହିଁ

କିଛି ନ ବୁଝି ନ ଶୁଝି ପର ଚର୍ଚ୍ଚାରେ ଶୁଣାନ୍ତି ଆକାଶ ଛୁଆଁ । ସ୍ୱପ୍ନ ସିନା ବାପା ମା ଦେଖେଇ ଦେଲେ ହେଲେ ପିଲାଟି କାର୍ଯ୍ୟକାରି କରିବାକୁ ଲାଗିଲେ ଏ ସମାଜ ଲୋକମାନେ ଧୈର୍ଯ୍ୟର ସହ ମୁକାବିଲା କରିବାକୁ ଦିଅନ୍ତି ନାହିଁ । ସେ ପ୍ରତ୍ୟକ୍ଷ ଭାବରେ ହେଉ କି ପରୋକ୍ଷ ଭାବରେ । ହଁ ଆଜ୍ଞା ଏଇଟା ସତ୍ୟ । ଯଦି ପିଲାଟି ତା ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାରେ କୌଣସି କାରଣ ବଶତଃ ଅସଫଳ ହେଇଯାଏ, ସେ ହୁଏତ ଆଉ କିଛି ମାର୍ଗ ରୋଜଗାର ପନ୍ଥା ପାଇଁ ସ୍ଥିର କରିପାରେ ହେଲେ ଏ ସମାଜ ଆଉ ସମୟ ଦିଏନି ତା ପଛରେ ଲାଗିପଡ଼େ । କୌଣସି ବୁଲିବା ତ ଦୂରର କଥା ସବୁବେଳେ ନିଜକୁ ଲୁଚାଇ ରଖେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏକା ଏକା ଜୀବନରେ । ନଥାଏ କିଛି ପୂଜା, ନଥାଏ ଭୋଜି, ନଥାଏ କୌଣସି ସମ୍ପର୍କୀୟ, ନଥାଏ ତା ପାଇଁ କୌଣସି ମନ୍ଦିର । ହଁ ଏଇଟା ସତ ଗୋଟେ ସାଇକେଲ ଧରି ଦୁଃଖ ହେଲେ ସବୁଆଡ଼େ ଏକା ହିଁ ବୁଲୁଥାଏ । ବହୁତ୍ ଲାଞ୍ଛନା ଅପବାଦ ତା ପଛରେ ପଡ଼େ ଯେହେତୁ ସେ ଏ ପର୍ଯ୍ୟନ୍ତ ଅସଫଳ..।  ସମ୍ପର୍କୀୟ କୁହନ୍ତି ସେ ପିଲା ଏ ପର୍ଯ୍ୟନ୍ତ କାହା କଥା ମାନିଚି ନା ମାନିବ ,ଏମିତି ବହୁ କୂଟନୀତି କଥା ବାର୍ତ୍ତା ବାପା ମା ଙ୍କୁ ଉପଦେଶ ଦେବାର ଲାଗି ପଡ଼ନ୍ତି....।

ଆମ ସମାଜ ସିନା ବହୁତ୍ ଶିକ୍ଷାର ଅଧିକାରୀ କିନ୍ତୁ ଏ ପର୍ଯ୍ୟନ୍ତ ନିଜକୁ ବଦଳି ପାରି ନାହାନ୍ତି । ସବୁବେଳେ ଅନ୍ୟ ସହ ନିଜକୁ ତୁଳନା କରନ୍ତି, ଆଉ ଇର୍ଷା ମନୋଭାବ ରଖନ୍ତି...।

ବିବାହ ପରେ ତ ପିଲାଟିକୁ ମାଟି କଣ୍ଢେଇ ସଜେଇ ଦିଆ ଯାଇଛି । ଯେମିତି ତାଙ୍କ ପୁଅ ବିବାହ ପରେ ଶଶୁର ଘରକୁ ଥରେ ମାତ୍ର ଯାଇଛି, ତୋର ଏତେ ଥର କଣ ପାଇଁ ? ? ତାଙ୍କ ବୋହୁ ବାପ ଘରେ ବହୁତ୍ ଯୌତୁକ ଦେଇଛନ୍ତି ତୋ ଶଶୁର ଘରେ କାହିଁ.. ? ତାଙ୍କ ପୁଅ ଆଜି ଯାଏ ତା ଘର ଲୋକ କଥା ମାନେ ତୁ ବିବାହ ପରେ ତୋ ସ୍ତ୍ରୀ କଣ ଏତେ ଭଲ ସବୁବେଳେ ତା କଥାରେ ଉଠ ବସ୍ ହେଉଛୁ । ଏମିତି ନିର୍ଯାତନା ପରେ ନିର୍ଯାତନା ଚାଲିଥାଏ । ସତେ କି ଖେଳନା ପାଲଟି ଯାଏ ପିଲାଟି ଆଉ କଉ ଯାଗାରେ ଝିଅଟି ଗୋଟେ ବସ୍ତ୍ର ଭଳି ବ୍ୟବହାର କରାଯାଏ । ଏ ମୋ ଝିଅ ସେ ମୋ ବୋହୂ । ମୋ ଝିଅ ଚାକିରୀ କରିବ କିନ୍ତୁ ବୋହୂ ଚାକିରି କରିବା ଠିକ୍ ନୁହଁ । କାହିଁକି ନା ଆଜି କାଲିକା ଝିଅ ଚାକିରୀ ବାହାନାରେ କୋଉ ଟୋକା ସହ ଭାବ ଯୋଡ଼ିବ । ପଛେ ଝିଅଟି ଖରା ତରାରେ ପଡ଼ି ଯଦି ଖଣ୍ଡେ ଚାକିରି କରିଥିବ ବାପା ମା ଙ୍କୁ କିଛି ସାହାଯ୍ୟ ପାଇଁ ତାହା କିନ୍ତୁ ବିବାହ ପରେ ଅସଫଳ ହୁଏ..।  ଶେଷରେ ଏମାନେ ଛାଡ଼ ପତ୍ର ଦେଇଥାନ୍ତି କିଛି କୁଟିଳ ଲୋକ ପାଇଁ । ତଥାପି ଏ ସମାଜର ଲୋକ ଛାଡନ୍ତି ନାହିଁ । ପୁଅ ଶଶୁର ଘର ଝିଅଙ୍କୁ ଦୋଷୀ, ଆଉ ଝିଅ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶଶୁର ଘର ପୁଅଙ୍କୁ ଦୋଷୀ ସାବ୍ୟସ୍ତ କରି ଦୁଇ ଜଣଙ୍କୁ ସଜେଇ ଦିଅନ୍ତି କଳଙ୍କିତ ପୁରୁଷ ଆଉ ନାରୀ । ସମ୍ମାନ ମଧ୍ୟ ଦେଇଥାନ୍ତି ଚରିତ୍ରହୀନ ଆଉ ଚରିତ୍ରହୀନା । ଏମିତି ଆମ ସମାଜରେ ନିର୍ଯାତିତ ହୋଇଥାଏ ଯୁବ ପୀଢ଼ି ସେ ପ୍ରତ୍ୟକ୍ଷ ହେଉ ବା ପରୋକ୍ଷରେ..।

ସମସ୍ତ ବନ୍ଧୁଙ୍କୁ ଅନୁରୋଧ କେବେ ନିଜ ପିଲାକୁ ଅନ୍ୟ ସହ ତୁଳନା କରାନ୍ତୁ ନାହିଁ ପିଲାଟିର ଶିକ୍ଷ୍ୟା ଠାରୁ ଆରମ୍ଭ କରି ଭବିଷ୍ୟତ ଗଢ଼ିବା ପର୍ଯ୍ୟନ୍ତ ତା ସାଥିରେ ଛିଡ଼ା ହୁଅନ୍ତୁ, ପିଲାଟିକୁ ପ୍ରଶ୍ନ କରିବା ଠାରୁ ତାର ଗତିବିଧିକୁ ଲକ୍ଷ୍ୟ କରି ଭଲ ପାଇବା ଦେଇ ତା ମନ କଥା ବୁଝିବାକୁ ଚେଷ୍ଟା କରନ୍ତୁ, ଦେଖିବେ ସେ ନିଶ୍ଚୟ ସବୁକିଛି ସହଜରେ କହି ପାରିବ ଏବଂ ଉତ୍ତମ ଚିନ୍ତାଧାରା ନେଇ ନିଜ ଭବିଷ୍ୟତ ସଫଳ କରିବାରେ ସକ୍ଷମ ହେବ..। ନିଜ ପରିବାରର ବୁଝାବଣା ଠିକ୍ ସେ କରି ପାରିବ କିନ୍ତୁ ଗୋଟିଏ କଥା ମନେ ରଖିବେ ଏଥିରେ ନିଜ ପରିବାର ବ୍ୟତୀତ କୌଣସି ତୃତୀୟ ବ୍ୟକ୍ତି ନ ଆସିବା ଦରକାର..।

ଦେବାଶିଷ ମାଇତି
ସହିଦ୍ ଇରମ୍
ବାସୁଦେବପୁର, ଭଦ୍ରଖ
୯୮୫୩୫୫୬୩୦୪

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

**Search for Odia e-Patrika or e-Magazine and you will find Aahwaan e-Patrika at the top of the Search Page. We are indeed at Number 1 in Google Search because we deliver every month without fail. Join our Group and Publish your articles.**

Google

odia e patrika

All Videos Images Shopping News ⋮ More Tools

Aahwaan e-Patrika
https://www.aahwaan.com · Translate this page ⋮

Aahwaan e-Patrika : ଓଡ଼ିଆ ଇ-ପତ୍ରିକା, ଇ ...

Aahwaan **e-Patrika** : **e-Patrika**, **Patrika**, Magazine, Online Magazine in **Odia**, First | aahwaan.com.

ସଂଗ୍ରହାଳୟ
Aahwaan e-Patrika : e-Patrika, Patrika, Magazine, Online ...

Google

odia e magazine

All Images Videos Shopping News ⋮ More Tools

Aahwaan e-Patrika
https://www.aahwaan.com · Translate this page ⋮

Aahwaan e-Patrika : ଓଡ଼ିଆ ଇ-ପତ୍ରିକା, ଇ ...

Aahwaan **e**-Patrika : **e**-Patrika, Patrika, **Magazine**, Online **Magazine** in **Odia**, First | aahwaan.com.

ସଂଗ୍ରହାଳୟ · ମତାମତ · ଆହ୍ୱାନ ଇ-ପତ୍ରିକା ସହାୟତା ପୃଷ୍ଠା · ସମ୍ପାଦକ




PODCAST

## Bhagabata Geeta Katha

Available on Spotify and 4 other platforms >
8 episodes

Share Profile page

**Podcast overview**

| Plays | Audience size | Spotify followers |
|---|---|---|
| 20,750 | 40 | 624 |
| All-time | Last 7 days | |

**Latest episode**

Plays

1,924

ଓଡ଼ିଆ ଭାଗବତ ଗୀତା ବ୍ୟାଖ୍ୟା :...



Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଇଚ୍ଛୁକ ବନ୍ଧୁମାନେ, ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର (ଆକୃତି / ଶ୍ରୀଲିପି / ଆଇଲିପ୍ / ଅପ୍ରାନ୍ତ) କିମ୍ବା ମୋବାଇଲରେ ଟାଇପ୍ କରି ଆମ ଇମେଲ୍ ଠିକଣାରେ ପଠାଇ ପାରିବେ । ଛବି, ହାତଲେଖା କିମ୍ବା ଅତ୍ୟଧିକ ବ୍ୟାକରଣତ୍ରୁଟି ଥିବା ଲେଖାକୁ ଗ୍ରହଣ କରାଯିବ ନାହିଁ ।

**ମୋବାଇଲ୍ କିମ୍ବା ହ୍ୱାଟ୍ସଆପ୍ ଦ୍ୱାରା ଲେଖା ପଠାନ୍ତୁ ନାହିଁ ।**

ପ୍ରତ୍ୟେକ ମାସରେ କେବଳ ଗୋଟିଏ ହିଁ ଲେଖା ପଠାଇବେ । ଏକାଧିକ ଲେଖା ପଠାଇଲେ, ଶେଷରେ ପ୍ରାପ୍ତ ହୋଇଥିବା ଲେଖାକୁ ପ୍ରକାଶିତ ପାଇଁ ନିର୍ବାଚିତ କରାଯିବ । ଧାରାବାହିକ ଲେଖା ପ୍ରକାଶନ ହେତୁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲରେ ଟାଇପ୍ କରି ଏକାସଙ୍ଗେ ପଠାଇବେ । ହାତ ଲେଖା କିମ୍ବା ସ୍କାନ୍ ହୋଇଥିବା କିମ୍ବା ପିଡ଼ିଏଫ୍ ଫର୍ମାଟରେ ଥିବା ଲେଖାକୁ ଗ୍ରହଣ କରାଯିବ ନାହିଁ । ପ୍ରତ୍ୟେକ ସଂସ୍କରଣ ନିମନ୍ତେ ମାସର ତିନି ତାରିଖ ସୁଦ୍ଧା ଲେଖା ପଠାଇବେ ଏବଂ ପତ୍ରିକା ପ୍ରକାଶିତ ହେବାପରେ ଆମ ୱେବ୍ସାଇଟରୁ ସଂଗ୍ରହ କରି ପାରିବେ । ଲେଖା ସହ ନିଜର ଛବି ଏବଂ ଠିକଣା ଲେଖି ପଠାଇବେ । ପ୍ରତ୍ୟେକ ଥର ନୂଆ ଛବି ପଠାଇବା ଆବଶ୍ୟକ ନାହିଁ । ପତ୍ରିକା ପ୍ରକାଶିତ ହୋଇଥିବା ଖବର ତୁରନ୍ତ ପାଇବା ପାଇଁ ଆମର ହ୍ୱାଟସଆପ୍ ଗ୍ରୁପ୍ ଯୋଗ ଦିଅନ୍ତୁ । ସହାୟତା ପାଇଁ ଆମ ହ୍ୱାଟ୍ସଆପ୍ ନମ୍ବର ୯୦୪୦୯୮୫୪୬୩ରେ ଯୋଗାଯୋଗ କରି ପାରିବେ ।

**ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।**

ଆମ ଇମେଲ୍ ଠିକଣା :

**aahwaan@gmail.com**

Listen to Odia Podcast Original at https://youtube.com/@drjyotiprasad